ମାର୍ଚ୍ଚ ୨୦୨୧ • ୫୦ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in




New Product
HDPE Pipes
SAVE WATER!
WATER IS LIFE.
Ohm PVC Pipes
Agriculture / Irrigation / Industries / Domestic
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ତୃତୀୟ ବର୍ଷ : ୫ମ ସଂଖ୍ୟା, ମାର୍ଚ୍ଚ ୨୦୨୧ ■ Vol-3, Issue : 5, March 2021



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : ***rebati.rebati2018@gmail.com***
: ***rebati.edit2020@gmail.com***

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**




# ରେବତୀ ପକ୍ଷରୁ ସ

## ଏବେକାର ରେବତୀ ଅଲୋଡ଼ା ହୋଇ ରହିବେ ନାହିଁ



ଫକୀରମୋହନଙ୍କ ରେବତୀ ଭଳି ଏବେକାର ରେବତୀମାନେ ଆଉ ଅଲୋଡ଼ା ହୋଇ ରହିବେ ନାହିଁ । ସେମାନଙ୍କୁ ମିଳିବ ଶିକ୍ଷା, ସୁରକ୍ଷା ଓ ସାମାଜିକ ସମ୍ମାନ । ସେମାନେ ସମାଜକୁ ଦେଖାଇବେ ନୂଆ ରାହା । ଏହି ମହତ ବାର୍ତ୍ତା ଦେଇ ମାସିକ ପାରିବାରିକ ଫିଚର୍‌ଧର୍ମୀ ପତ୍ରିକା 'ରେବତୀ' ଆନୁକୂଲ୍ୟରେ ବାଲେଶ୍ୱର ସହର ଓ.ଟି. ରୋଡ଼ ସ୍ଥିତ ସୁପ୍ରତୀକ କାର୍ଯ୍ୟାଳୟ ପରିସରରେ ଫେବୃଆରୀ ୧୫ ତାରିଖରେ ଏକ ସମୂହ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ଏବଂ ମାର୍ଗଦର୍ଶକ ତଥା ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେଉଁ ଗରିବ ପରିବାର ସେମାନଙ୍କର ଝିଅ କିମ୍ବା ପୁଅକୁ ଆର୍ଥିକ ସମସ୍ୟା କାରଣରୁ ବିବାହ କରାଇବାରେ ଅସମର୍ଥ ହେଉଛନ୍ତି, ସେମାନଙ୍କୁ ଆବଶ୍ୟକ ସହଯୋଗ ଯୋଗାଇ ବିବାହ ବନ୍ଧନରେ ବାନ୍ଧିବା । ଏଥିରେ ବାଲେଶ୍ୱର, ମୟୂରଭଂଜ ଏବଂ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଂଳରୁ ଆସିଥିବା ଆଠଯୋଡ଼ା ବରକନ୍ୟାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ସେମାନେ ମଧ୍ୟ ଏହି ସମୂହ ବିବାହରେ ସାମିଲ ହୋଇ ନିଜକୁ ଧନ୍ୟ ମଣିଥିବା ପ୍ରକାଶ କରିଥିଲେ । 'ରେବତୀ' ପକ୍ଷରୁ ଏହି ବରକନ୍ୟାଙ୍କୁ ଲୁଗାପଟା ଠାରୁ ଅରମ୍ଭ କରି ଆବଶ୍ୟକ ଘରୋଇ ଉପକରଣ, ବିଛଣାସଜ, ଗ୍ୟାସ୍‌ଚୁଲା, ଏପରିକି ମିଠାହାଣ୍ଡି ଯୋଗାଇ ଦିଆ ଯାଇଥିଲା । ଏହି ସମୂହ ବିବାହ ଉତ୍ସବରେ ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ନାୟକ, ବରିଷ୍ଠ ପୋଲିସ ଅଧିକାରୀ ସନ୍ତୋଷ ନାୟକ, ଜିଲ୍ଲା ଓ ଜିଲ୍ଲା ବାହାରର ବହୁ ନିମନ୍ତ୍ରିତ






# ମୂହ ବିବାହ ଉତ୍ସବ



ଅତିଥି ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବରକନ୍ୟାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିବାହ ମଣ୍ଡପରେ ଉଭୟ ବରକନ୍ୟାଙ୍କ ପରିବାର ପକ୍ଷରୁ ସେମାନଙ୍କର ପିତାମାତା ଓ ବନ୍ଧୁବାନ୍ଧବ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ । ଏହି ଶୁଭ ପରିଣୟ କାର୍ଯ୍ୟକ୍ରମକୁ ପାଂଚଜଣ ପୁରୋହିତ ସମାପନ କରିଥିବା ବେଳେ ବାଲେଶ୍ୱର ସହରର ବହୁ ବୁଦ୍ଧିଜୀବୀ, ଲେଖକଲେଖିକା ଏବଂ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇ 'ରେବତୀ'ର ଏହି ମହତ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲ ।

## ବିବାହ ବନ୍ଧନରେ ବାନ୍ଧିହେଲେ ଆଠଯୋଡ଼ା ବରକନ୍ୟା

ସମୂହ ବିବାହ ଉତ୍ସବ ନିମନ୍ତେ ସୁପ୍ରତୀକ କାର୍ଯ୍ୟାଳୟ ପରିସରରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ସମୁଦାୟ ୪ଟି ମଣ୍ଡପରେ ୮ ଯୋଡ଼ା ବରକନ୍ୟା ବସିଥିଲେ । ବୈଦିକ ରୀତିନୀତିରେ ସେମାନଙ୍କର ବିବାହ ସମ୍ପନ୍ନ ହୋଇଥିବା ବେଳେ ଜୀବନସାଥୀ ପାଇ ସମସ୍ତେ ବେଶ୍ ଆନନ୍ଦିତ ଥିଲେ । ବିବାହ ଉତ୍ସବରେ ହାତଗଣ୍ଠି ପଡ଼ିଥିବା ଯୁଗଳବନ୍ଦୀମାନେ ହେଲେ ନୀଳଗିରି ବ୍ଲକ୍ର ରଂଜନ କୁମାର ସିଂଙ୍କ ସହ ସେହି ବ୍ଲକର ଟିକିଲି ସିଂ, ନୀଳଗିରି ବ୍ଲକ୍ର ରାମ ସିଂଙ୍କ ସହ ରେମୁଣା ବ୍ଲକ୍ର ସୁକାନ୍ତ ସିଂ, ନୀଳଗିରି ବ୍ଲକ୍ର ପିଣ୍ଟୁ ସିଂଙ୍କ ସହ ସେହି ବ୍ଲକ୍ର ସସ୍ମିତା ସିଂ, ନୀଳଗିରି ବ୍ଲକ୍ର ବାବୁ ସିଂଙ୍କ ସହ ସେହି ବ୍ଲକ୍ର ଜ୍ୟୋସ୍ନା ସିଂ, ଭଦ୍ରକ ଅଞ୍ଚଳର କାର୍ତ୍ତିକ ସିଂଙ୍କ ସହ ରୂପ୍ସା ଅଞ୍ଚଳର ପୂଜା ସିଂ, ବାଲିଆପାଳ ଗୋବିନ୍ଦପୁର ଅଞ୍ଚଳର ଦିଲ୍ଲୀପ ସାମନ୍ତଙ୍କ ସହ ବସ୍ତା ବ୍ଲକ୍ କଇନଗରୀ ଅଞ୍ଚଳର ଲିପିରାଣୀ ମୈକାପ୍, ରାସଗୋବିନ୍ଦପୁର ଅଞ୍ଚଳର ବୈରାଗୀ ବିନ୍ଧାଣୀଙ୍କ ସହ କୁଳିଅଣା ଅଞ୍ଚଳର ଯଶୋଦା ବିନ୍ଧାଣୀ ଏବଂ ଚିତ୍ରଡ଼ା ଅଞ୍ଚଳର ଦୁଃଖିଆ ବିନ୍ଧାଣୀଙ୍କ ସହ ବାରିପଦାର ରୁପାଲି ହେମ୍ବ୍ରମ୍ ।

### ସୁବାସିନୀ ଜେନା, ସମ୍ପାଦିକା: 'ରେବତୀ'

ସମୂହ ବିବାହ କରିବାକୁ ପିଲାବେଳୁ ଇଚ୍ଛା ରହିଥିଲା । ମୁଁ ଯେତେବେଳେ ଛୋଟ ଥିଲି ମୋ ବାପାମା'ଙ୍କ ପାଖକୁ ସ୍ଥାନୀୟ ଅଞ୍ଚଳରୁ ବହୁ ଗରିବ ଲୋକ ଝିଅ ବିବାହ ପାଇଁ ଆସି ସହାୟତା ନେଉଥିଲେ । ସେବେଠୁ ମୁଁ ଏହା ଦେଖି ଆସୁଥିଲି । ଆଉ ମନରେ କଳ୍ପନା ରଖିଥିଲି ଏହା କରିବାକୁ । ବହୁ ସମୟରେ ମୁଁ ଝିଅ ବିବାହ ପାଇଁ ସହାୟତା କରି ଆସିଛି । ଏଥିପାଇଁ ମୋ ସ୍ୱାମୀ ଇଂ ରବୀନ୍ଦ୍ର କୁମାର ଜେନା ବି ସବୁବେଳେ ସହଯୋଗ କରି ଆସିଛନ୍ତି । ଚଳିତ ବର୍ଷରୁ ଏହି ସମୂହ ବିବାହ କାର୍ଯ୍ୟ ଆରମ୍ଭ ହୋଇଛି 'ରେବତୀ' ପକ୍ଷରୁ । ପ୍ରତିବର୍ଷ ଏହା କରିବାକୁ ନିଷ୍ପତ୍ତି ନେଇଛି ।



# ସୂଚୀପତ୍ର

୩ୟ ବର୍ଷ ୫ମ ସଂଖ୍ୟା । ମାର୍ଚ୍ଚ ୨୦୨୧ ।

# ରେବତୀ
ଆମ ମାଟିର ସ୍ୱର



୪୨


୦୧ ସମ୍ପାଦକୀୟ : ନାରୀ ହିଁ ସନ୍ତାନର... : ସୁବାସିନୀ ଜେନା






୧୨ ମୋ ଶିକ୍ଷକ : କମଳାକାନ୍ତଙ୍କ ... : ମାନସ ରଂଜନ ମହାପାତ୍ର

୧୭ ଅନୁଶୀଳନ : ଅନେକ ଅଳକା : ଡକ୍ଟର ସନ୍ତୋଷ କୁମାର ନାୟକ

୨୫ ଯୁଗଳବନ୍ଦୀ : 'ଛାଇ'ର ଛବି: କିଶୋର ପାଣିଗ୍ରାହୀ

୩୫ ପ୍ରବାସୀ ଓଡ଼ିଆ : ଉତ୍କର୍ଷର ଅସ୍ମିତା ଉତ୍କଳିକା: ଲକ୍ଷ୍ମୀପ୍ରିୟା ଓଝା

୪୨ କଳା-ସଂସ୍କୃତି : ମହକିତ ମୋଗଲତାମସା : ନାରାୟଣ ରାଉତରାୟ

୪୮ ପୁଷ୍ପବିତାନ : କାଞ୍ଚନର କୁହୁ : ଶ୍ୱେତା ରାଉତ

୫୪ ଦ୍ୱି-ପ୍ରଚ୍ଛଦ : ବିଶ୍ୱଜିତା ପଣ୍ଡା
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ବଂଶୀଧର ଚୌଧୁରୀ
: ନିରୁପମା ବେହେରା
୫୮ : ବୀଣାପାଣି ପଣ୍ଡା
: ମୀନକେତନ ପଶାୟତ
୫୯ : ଲିପିରେଖା ଶତପଥୀ
: ରାମଚନ୍ଦ୍ର ଦାଶ
୬୦ କଥା-କାହାଣୀ : ମୋନାଲିସା ମିଶ୍ର
୬୫ ଜୀବନ-ଜୀବିକା : ଦେବଯାନୀ ରାୟ


୧୨



୨୫



୧୭










୭୦ ପର୍ଯ୍ୟଟନ : ମାଧୁରୀ ପଣ୍ଡା
୭୪ ପର୍ବ-ପର୍ବାଣି : ଡକ୍ଟର ଦେବାଶିଷ ପାତ୍ର
୮୦ ପ୍ରଥା-ପରମ୍ପରା : ଜଳଧର ସ୍ୱାଇଁ
୮୪ ନଦନଦୀ : ରଂଜନ ପ୍ରଧାନ
୯୧ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ
୯୪ ସ୍ୱାସ୍ଥ୍ୟ-ଚର୍ଚ୍ଚା : ଡାକ୍ତର ସରୋଜିନୀ ଷଡ଼ଙ୍ଗୀ





## ନିୟମିତ ବିଭାଗ


୯୭ ରୋଷେଇଶାଳ
: ରୋନାଲିସା ପଣ୍ଡା
୯୯ : ସାଗରିକା ପାଣିଗ୍ରାହୀ
୧୦୧ ଫ୍ୟାଶନ୍ : ସ୍ନିଗ୍ଧା ତ୍ରିପାଠୀ
୧୦୩ ଫିଟ୍‌ନେସ୍
: ରିନୀତା ପଟ୍ଟନାୟକ







୧୦୫ ଶେଷପୃଷ୍ଠା : ସୃଜନର ଶତ୍ରୁ : କୃଷ୍ଣ କୁମାର ମହାନ୍ତି




ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ସ୍ମୃତିଲଗ୍ନା ନନ୍ଦ, ଭୁବନେଶ୍ୱର
ଉଚ୍ଚତା : ୫ ଫୁଟ୍ ୬ ଇଞ୍ଚ୍
ଶିକ୍ଷା : ସାମ୍ବାଦିକତାରେ ସ୍ନାତକୋତ୍ତର
ବୃତ୍ତି : ସାମ୍ବାଦିକତା, ଲେଖିକା
ପ୍ରଚ୍ଛଦ ଫଟୋଗ୍ରାଫି : ଅମିତ ତ୍ରିପାଠୀ, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ, ଟ୍ରେଣ୍ଡି ଗ୍ରାଫିକ୍ସ, ସୋନପୁର
ମେକ୍‌ଅପ୍ : ରାଜକିଶୋର, କଷ୍ଟ୍ୟୁମ୍ : ସ୍ମୃତିଲଗ୍ନା ନନ୍ଦ
ସ୍ଥାନ : ଚିନ୍ତାମଣିଶ୍ୱର, ଭୁବନେଶ୍ୱର

**ମଲାଟ କଥା :** ଫାଲ୍‌ଗୁନ ଶୁକ୍ଳ ଦଶମୀ ତିଥି ଠାରୁ ଆରମ୍ଭ ହୋଇଥାଏ ଦୋଳଯାତ୍ରା । ଏହି ପର୍ବର ମୁଖ୍ୟ ଆରାଧ୍ୟ ରାଧା ଓ କୃଷ୍ଣଙ୍କ ନିକଟରେ ଏହି ଦିନ ଠାରୁ 'ଅବିର' ଅର୍ପଣ କରାଯିବାର ପରମ୍ପରା ବହୁ ପ୍ରାଚୀନ । ରାଧାକୃଷ୍ଣ ମନ୍ଦିରଗୁଡ଼ିକ ଏହିଦିନ ଠାରୁ ଉତ୍ସବମୁଖର ହୋଇଉଠେ ପୂର୍ଣ୍ଣିମା ପର୍ଯ୍ୟନ୍ତ । ବୈଷ୍ଣବ ଧର୍ମାବଲମ୍ବୀଙ୍କ ମତାନୁଯାୟୀ ବୃନ୍ଦାବନ ଗୋପୀମାନେ ସେମାନଙ୍କର ପରମାରାଧ୍ୟ ଓ ପରମ ପ୍ରେମିକ ଶ୍ରୀକୃଷ୍ଣଙ୍କ ସହ ଚାଚେରି ଖେଳିଥିଲେ ଓ ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଫୁଲହାରରେ ମଣ୍ଡନ କରିଥିଲେ, ଦୋଳି ଖେଳାଇଥିଲେ ଏବଂ ତାଙ୍କ ସହ ଫଗୁ ଖେଳି ଆମୋଦପ୍ରମୋଦରେ ମଗ୍ନ ଥିଲେ । ସେପରି ଏକ ପ୍ରଥାର ପ୍ରତୀକ ଏଥର ଆମ ପ୍ରଚ୍ଛଦ ।






ମତ-ଅମତ




## ଜନଜାତି ବିଶେଷାଙ୍କ ସଂଗ୍ରହଣୀୟ

● 'ରେବତୀ'ର ସମଗ୍ର ସମ୍ପାଦନା ମଣ୍ଡଳୀଙ୍କୁ ମୋର ଅଭିନନ୍ଦନ । କ୍ୱଚିତ୍ ପତ୍ରିକା ଅଛି ଯାହାର ପ୍ରଚ୍ଛଦରୁ ଶେଷପୃଷ୍ଠା ଯାଏଁ ସମସ୍ତ ପୃଷ୍ଠା ପାଠକକୁ ଧରି ରଖିବ । 'ରେବତୀ'ର ଫେବୃଆରୀ ସଂଖ୍ୟାର ସମସ୍ତ ବିଭାଗ ଖୁବ୍ ଉଚ୍ଚମାନର । ଆରଥର ଠାରୁ ଏଥରର କବିତାଗୁଡ଼ିକର ମାନ ଖୁବ୍ ଭଲ । ସ୍ୱପ୍ନା ମିଶ୍ରଙ୍କ ଗପଟିରେ ଲେଖିକାଙ୍କ କଳା କାରିଗରୀ ଖୁବ୍ ଜଣା ପଡୁଛି । ସଠିକ୍ ଭାଷା ପ୍ରୟୋଗ ସାଙ୍ଗକୁ ପ୍ରକୃତି ବର୍ଣ୍ଣନା, କାହାଣୀର ଅବତାରଣା ସବୁ ଠିକ୍ ଅଛି । କିଛି ମୁଦ୍ରଣ ଜନିତ ଭୁଲ୍ ଅଛି ବୋଧେ । ଗପଟି ପାଇଁ ଲେଖିକାଙ୍କୁ ଅଶେଷ ଅଭିନନ୍ଦନ । ଗୋପୀନାଥ ମହାନ୍ତିଙ୍କ ଚରିତ୍ରଗୁଡ଼ିକ ଅଧିକ ଜୀବନ୍ତ ହୋଇଗଲେ । ପରଜା, ଅମୃତରସନ୍ତାନ ଉପରେ ଆଲୋଚନାରୁ ଅନେକ କିଛି ଜାଣିହେଲା । ଧନ୍ୟବାଦ ପ୍ରାବନ୍ଧିକମାନଙ୍କୁ । ଶେଷରେ ସମ୍ପାଦକୀୟରେ ଯୋଉ ବାର୍‌କୋଡ୍ କଥା କୁହା ହେଇଛି, ସତରେ କେବେ ହେବ, ଅପେକ୍ଷା ରହିଲା । ସତରେ, ଗୁଣଧର୍ମ ବିନା ସାଧନା ସମ୍ଭବ ନୁହେଁ । ରୋଷେଇରେ, ସେମିତି ଏକ ଆଦିବାସୀ ହାଣ୍ଡିଶାଳ ଦେଖେଇବେ ବୋଲି ଆଶା କରିଥିଲି । ତେବେ ଏଇ ସଂଖ୍ୟାଟି ମୋତେ ଏତେ ଭଲ ଲାଗିଲା ଯେ, ଡେରିରେ ହେଲେ ବି ଧନ୍ୟବାଦଟିଏ ଜଣେଇବାକୁ ମନହେଲା ।

**ମୋନାଲିସା ମିଶ୍ର,**
ଏନ୍‌ଆଇଟି ପରିସର, ରାଉରକେଲା

## ନୂଆମୁହଁଙ୍କ କବିତା ଦେଲେ ଭଲ ହୁଅନ୍ତା

● 'ରେବତୀ' ପରିବାରକୁ ଆନ୍ତରିକ ଶୁଭେଚ୍ଛା । ପତ୍ରିକାଟି ପଢ଼ିବାକୁ ଭଲ ଲାଗିଲା । ମୋର ଟିକେ ବ୍ୟକ୍ତିଗତ ଅସନ୍ତୋଷ ରହିଛି । କ୍ଷମା କରିବେ । ବୁଝୁଚି ଆପଣଙ୍କର ପତ୍ରିକା, ଆପଣଙ୍କର ନୀତି, ଆପଣଙ୍କର ଦୂରଦର୍ଶିତାରେ ଚାଲେ । ହେଲେ '୯ ନୂଆ ମୁହଁ'ରେ ଯଦି ମୁହଁଙ୍କ ବଦଳରେ ଗୋଟିଏ ଗୋଟିଏ କବିତା ଦେଇଥାନ୍ତେ, କବିର ଦୃଷ୍ଟିଟି ଜଣା ପଡ଼ିଥାନ୍ତା । ପତ୍ରିକାଟି ଖୋଲିଲେ ସିଧା ଫଟୋ ଆଡ଼କୁ ଆଖି ଚାଲି ଯାଉଚି । ଅବଶ୍ୟ ମୋର । ମୋର ଇଚ୍ଛା ଗୋଟିଏ ପ୍ରକାଶ କଲି । ଭୁଲ୍ ଯଦି ମୋର କ୍ଷମା କରିବେ ।

**ଜୟନ୍ତ ମହାପାତ୍ର,** ତିନିକୋଣିଆ ବଗିଚା, କଟକ

**ଆମ ଉତ୍ତର :** ଆପଣଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ଆମେ ପରେ କେବେ ସେମିତି ଏକ ପ୍ରସଙ୍ଗ କରିବୁ । ଏମିତିରେ କବିତା ପୃଷ୍ଠାରେ ନୂଆଙ୍କ କବିତା ପ୍ରକାଶ ପାଉଛି । '୯ ନୂଆମୁହଁ'ରେ କେବଳ ନବାଗତଙ୍କୁ ଚିହ୍ନାଇବା ଆମର ଲକ୍ଷ୍ୟ ଥିଲା । ଆପଣଙ୍କୁ 'ରେବତୀ' ପଢିଥିବାରୁ ଧନ୍ୟବାଦ ।

## ସ୍ୱରୂପା ସାମନ୍ତଙ୍କ 'ଆବର୍ତ୍ତ' ଗପ ବିମୋହିତ କଲା

● ବର୍ଷଟିଏ ପାଇଁ ପୁଅବୋହୂ ବ୍ରାଜିଲ୍ ଗଲେ । କିନ୍ତୁ ସେମାନେ କଣ ଆଉ ଫେରିବେ ? (ମୁଣ୍ଡ ଉପରେ ଉଡ଼ିଗଲା ଉଡ଼ାଜାହାଜ) ବନ୍ଧୁ କହିଲେ, "ବର୍ଷଟିଏ ପାଇଁ ଯାଇଛନ୍ତି ପରା । ଫେରିବେନି କାହିଁକି ?" "ମୁଁ କଣ ଫେରିଛି ?" ଏହି 'ମୁଁ କଣ ଫେରିଛି ?' ପାଖରେ ଯେ ପାଠକ ଅଟକି ଗଲା ଅନେକ ସମୟ । ସୁଜିତ୍‌ଙ୍କ ସ୍ୱର ସିନା କାନ୍ଦ କାନ୍ଦ ଶୁଭିଲା, ମୁଁ କିନ୍ତୁ ସତରେ କାନ୍ଦୁଥିଲି । ସମୟ ଅନେକ କିଛି ଛଡ଼େଇ ନିଏ ଆଉ ବେଳେବେଳେ ସୁଖରେ ବଂଚିବାର ଲୋଭରେ ଆମେ ପ୍ରକୃତ ଆନନ୍ଦକୁ ଜାଣିଜାଣି ହରେଇ ଦଉ । ଦିନେ ଜିଲ୍ଲାପାଳ ଥିବା ସୁଜିତ ବନ୍ଦୋପାଧ୍ୟାୟ ବି ହରେଇ ଦେଇଛନ୍ତି ସବୁକିଛି । ସମୁଦ୍ର ଭିତରକୁ ପଶି ଯାଉଥିବା ସୁଜିତ୍‌ଙ୍କୁ ବନ୍ଧୁ ସୁଶାନ୍ତ ଫେରେଇ ଆଣୁଥିବା ବେଳେ ତାଙ୍କ ମୁଖ ନିଃସୃତ ସେ କଥା ପଦକ "ଏତେ ରାତି ହେଲାଣି ଆମେ ଘରକୁ ଫେରିବାନି କି ?" ପାଠକ ହୃଦୟକୁ ଚିପୁଡ଼ି ଲୁହ ବାହାର କରିଦିଏ । ସତରେ ବୋଉ ଘରକୁ ଫେରିବାକୁ ଚାହିଁଛନ୍ତି ଯେ- ବାପାଙ୍କ ବାରଣ ସତ୍ୱେ ବିକିଥିବା ଗାଁ ଘରକୁ ?

- ଏକା ଏକା ବନ୍ଦୀ ଜୀବନ ବିତେଇ, ଏବେ ପାଗଳ ପ୍ରାୟ ହୋଇ ସାରିଥିବା ସହରରେ କିଣିଥିବା ଯେ ନୂଆ ଘରକୁ ? ନା ସେ ଘରକୁ, ମାତୃଗର୍ଭକୁ ଆସିବା ଆଗରୁ ଯେଉଁଠି ଥିଲେ । ନିଃସଙ୍ଗତା ସତରେ ଯନ୍ତ୍ରଣାଦାୟକ । ଏଥର ଡିସେମ୍ବର 'ରେବତୀ'ରେ ପ୍ରକାଶିତ ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତଙ୍କ ଗଳ୍ପ 'ଆବର୍ତ୍ତ' ପଢ଼ି ବିମୋହିତ ହେଲି । ମୁଁ ପ୍ରଥମ ଥର ପାଇଁ ଗାଳ୍ପିକାଙ୍କୁ ପଢ଼ିଲି । ଗଳ୍ପରେ ଏକ ଅତି ଚମତ୍କାର ମାର୍ମିକ ଅନ୍ତଃସ୍ୱର ରହିଛି । ସମୁଦ୍ର କୂଳର ଗୋଟିଏ ସଂଧ୍ୟା, ଗୋଟିଏ ବେଞ୍ଚ, ଦୁଇଟି ଚରିତ୍ରଙ୍କ ବାର୍ତ୍ତାଳାପ । ଏହି କିଛି ସମୟର କଥାବାର୍ତ୍ତା ବି ଏକ ସୁନ୍ଦର କାହାଣୀ ହୋଇପାରେ । ଗାଳ୍ପିକାଙ୍କୁ ଶୁଭେଚ୍ଛା । ସଂପାଦକଙ୍କୁ ମଧ୍ୟ ଧନ୍ୟବାଦ ଏମିତି ନୂଆ ନୂଆ ଗପ ଓ ଲେଖକଙ୍କ ସହ ପରିଚିତ କରାଉଥିବାରୁ । ଜମି ନେଇଗଲା 'କ ରୁ କମ୍ପାନୀ', ବଳଦ ନେଇଗଲା 'କ ରୁ କଂସେଇଖାନା' ତଥାପି କବି ସ୍ୱପ୍ନା ମିଶ୍ର ବୁଝେଇଛନ୍ତି 'କ ରୁ କୃଷକ' କେମିତି । ବହୁତ ଭଲ ଲାଗିଲା କବିତାଟି । ମୋର ପ୍ରିୟ ଗାଳ୍ପିକାଙ୍କ ମଧ୍ୟରୁ ଜଣେ ଚିରଶ୍ରୀ ଇନ୍ଦ୍ରସିଂଙ୍କ କବିତା 'ଚାଷୀଗୀତ'ର ପ୍ରତ୍ୟେକ ଧାଡ଼ିରେ ଗୋଟେ ଗୋଟେ ଉପନ୍ୟାସର କଥାବସ୍ତୁ ଥିବାର ଅନୁଭବ କଲି । ସିନ୍ଦୂରା ନ ଫାଟୁଣୁ ହିଡ଼ମୁଣ୍ଡରେ ଉଭା ହେଉଥିବା ଚାଷୀ, ଉଚ୍ଚପିଣ୍ଡାରେ ବସି କାଦୁଅରେ ପାଦ ଛୁଆଁଉ ନଥିବା ସେ ଜ୍ଞାନୀଜନଙ୍କ ପାଇଁ ଅମଳ କରେ ଜହ୍ନରାତି ଓ ସୁଲୁସୁଲିଆ ପବନ । ନବପ୍ରଜନ୍ମର କବି ସ୍ନେହାଶିଷ ମହାନ୍ତି । ତାଙ୍କର ଗୋଟିଏ କବିତା 'ବୋଉ ଅଛି ବୋଲି'କୁ ମୁଁ ସ୍ୱର ଦେଇ ଆବୃତ୍ତି କରିଥିଲି ଓ ତାଙ୍କ ଶବ୍ଦ ପାଇଁ ମୁଁ ବହୁତ ପ୍ରଶଂସା ପାଇଥିଲି । ଏଥିରେ ପ୍ରକାଶିତ 'ଅପମୃତ୍ୟୁ' କବିତା ଶବ୍ଦ ଓ ଭାବ ବହୁତ ଭଲ ଲାଗିଲା ।

**କ୍ଷୀରୋଦ ବିହାରୀ ବିଶ୍ୱାଳ,** ସୋନପୁର

## ସଂପାଦିକା ସୁବାସିନୀ ଜେନାଙ୍କ ସଂପାଦକୀୟରେ ଅଛି ବାସ୍ତବତାର ଝଲକ

● ପ୍ରତ୍ୟେକଥର ପରି 'ରେବତୀ'ର ଫେବୃଆରି ସଂଖ୍ୟା ମନକୁ ଆମୋଦିତ କରିବା ପରି ସମସ୍ତ ଉପାଦେୟ ଲେଖାରେ ପରିପୂର୍ଣ୍ଣା । ଭଉଣୀ ସୁବାସିନୀ ଜେନାଙ୍କ ସମ୍ପାଦକୀୟ ଶତ ପ୍ରତିଶତ ଠିକ୍ ବୋଲି କହିବି କାରଣ ଏହି ନିକଟର ଘଟଣାଟିଏ, ମୋ ଭଣଜା ବୋହୂର ନଅ ବର୍ଷ ପୂର୍ବେ ପ୍ରଥମେ ପୁଅଟିଏ ହୋଇଥିଲା, ଗତବର୍ଷ ସେ ଦ୍ୱିତୀୟଥର ପାଇଁ ଗର୍ଭବତୀ ହେଲା । ସବୁବେଳେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲା ଝିଅଟିଏ ପାଇଁ । ମାତ୍ର ପୁଅଟିଏ ହେଲା । ପୁଣି ପୁଅ ହୋଇଛି ଜାଣିବା ପରେ ସେ ସେହି ହସ୍‌ପିଟାଲ୍‌ରେ ରଡ଼ି କରି କାନ୍ଦିଥିଲା । ତାର କାନ୍ଦିବାର କାରଣ ଏହି ଯେ, ଝିଅମାନେ ବାପା, ମାଆର ଦୁଃଖ ଅଧିକ ବୁଝନ୍ତି । ଅନେକ ଦିନ କାନ୍ଦିବା ପରେ ଧିରେ ଧିରେ ପୁଅକୁ ଆପଣେଇ ନେଇଛି । ପରିବାରରେ ଝିଅର ଆବଶ୍ୟକତା ବଢ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଜନଜାତି ପ୍ରସଙ୍ଗ ଏକ ଆକର୍ଷଣୀୟ ବିଷୟ । ସ୍ୱାଗତିକା ସେଠୀଙ୍କ 'ପ୍ରକୃତି ରାଣୀ କଳାହାଣ୍ଡି' ମୋର ସ୍ମୃତିକୁ ଉଜ୍ଜ୍ୱଳି ଦେଲା, ମୋ ସ୍ୱାମୀଙ୍କର ପ୍ରଥମ ପୋଷ୍ଟିଙ୍ଗ୍ ଭବାନୀପାଟଣାକୁ ହୋଇଥିଲା । ଆମେ ଫୁଲ୍‌ରି ଝରଣ୍ ବୁଲିଥିଲୁ, ଅତି ସୁନ୍ଦର ମନୋରମ ସ୍ଥାନ, ବର୍ଣ୍ଣନାତୀତ ସୌନ୍ଦର୍ଯ୍ୟ, କାଠର ତିଆରି ଗେଷ୍ଟ ହାଉସ୍, ଫୁଲ୍‌ରି ଝରଣ୍ ସୌନ୍ଦର୍ଯ୍ୟର ବଡ଼ ଅଂଶ । କବିତା ବିଭାଗର କିଛି କବିତା ଖୁବ୍ ନିଦା, ହୃଦୟରେ ରେଖାପାତ କଲା ପରି । 'ଶେଷପୃଷ୍ଠା': 'ଲେଖକର ବାର୍‌କୋଡ୍' ସ୍ୱାଗତଯୋଗ୍ୟ ଲେଖା । କବି ହେବାର ମୋହରେ ଅନେକ କବିତା ଲେଖା ଯାଉଥିବା ପରିଲକ୍ଷିତ ହେଉଛି । ପ୍ରକୃତ ପକ୍ଷେ କବିକୁ ଈଶ୍ୱର ଗଢ଼ିଥାନ୍ତି ଏକ ନିଆରା କୃପାର ଅଧିକାରି କରି ।

**ପ୍ରମୀଳା ଶତପଥୀ,** ଆଦ୍ୟମନ୍ଦିର, ବାଲିଆ, ବାଲେଶ୍ୱର

## ନୂଆବର୍ଷରେ ନୂଆପଣକୁ ଆବୋରି ବସିଛି ପ୍ରିୟ ପତ୍ରିକା 'ରେବତୀ'

● ନୂଆବର୍ଷରେ 'ରେବତୀ' ଆବୋରି ବସିଛି ନୂଆପଣକୁ । ସେ ନୂଆପଣକୁ ପାଠକ ଭେଟିବେ ସମ୍ପାଦକୀୟ ଠୁଁ ଆରମ୍ଭ କରି ଅନ୍ୟାନ୍ୟ ଫିଚର୍‌ରେ ମଧ୍ୟ । ନାରୀର ନୂଆପଣ ମାଧ୍ୟମ ଦେଇ ସମ୍ପାଦିକା ମହୋଦୟା ନାରୀର ନୂତନ ପ୍ରତୀକ ଭିତରେ ସ୍ୱପ୍ନ ଦେଖିଛନ୍ତି ନୂଆ ଏକ ଭାରତବର୍ଷର । ସେହିପରି କୃଷ୍ଣ ସାର୍ ଲେଖାଲେଖିରେ ନୂଆପଣର ସ୍ୱର ଓ ସ୍ୱରୂପ କିପରି ହେବା ଉଚିତ ସେଥିପ୍ରତି ଲେଖକମାନଙ୍କ ମନରେ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଛନ୍ତି ତାଙ୍କ ସମ୍ପାଦକୀୟ 'ଶେଷପୃଷ୍ଠା'ରେ । ଗୌତମବୁଦ୍ଧ ଦାସ ସାର୍‌ଙ୍କ ଗପ ଏ ବ୍ୟସ୍ତ ଜୀବନ ଭିତରେ ହଜି ଯାଉଥିବା ସମ୍ପର୍କ, ଅବହେଳିତ ସମ୍ପର୍କର କଥାକୁ ଏକ ନିଆରା ଢଙ୍ଗରେ ତୋଳି ଧରିବାକୁ ବେଶ୍ ସମର୍ଥ ହୋଇପାରିଛି । 'ଦୃଷ୍ଟି ଦଂଶନ' ଉପରେ ଅଛି ନାରୀ ମନର ବିଦ୍ରୋହ, ନାରୀ ମନର ଆର୍ଦ୍ରତା । ଅଜୟ ସ୍ୱାଇଁ ସାର୍‌ଙ୍କ ଦ୍ୱାରା ଉପସ୍ଥାପିତ 'ସ୍ୱପ୍ନ ମଣିଷ ଅଶୋକ' ଯେପରି ଖୁବ୍ ସ୍ପର୍ଶ କଲା, ଠିକ୍ ସେପରି ଆମ ସମୟର ବିଚକ୍ଷଣ ଗାଳ୍ପିକ ଡିଲେଶ୍ୱରଙ୍କ ଗଳ୍ପକୁ ନେଇ ସୁଜିତ ପଣ୍ଡା ସାର୍‌ଙ୍କ ଉପସ୍ଥାପନା ଖୁବ୍ ମୁଗ୍ଧ କଲା । ସେହିପରି କବି ଯୀଶୁକ୍ରୀଷ୍ଟ ଦାସଙ୍କ କବିତା ଉପରେ ଅଗ୍ରଜ କବି ବିରଜା ବଳଙ୍କ ଆଲୋକପାତ ଖୁବ୍ ଭଲ ଲାଗିଲା । ଅଗ୍ରଜମାନେ ଆମକୁ ପଢୁଛନ୍ତି, ଆମ ସୃଷ୍ଟି ପ୍ରତି ସେମାନଙ୍କର ଆନ୍ତରିକତା ଅଛି, ଭଲପାଇବା ଅଛି, କେବଳ ଆମର ସୃଷ୍ଟି ପ୍ରତି ନୁହଁ ଅନୁଜମାଙ୍କର ପ୍ରତିଭାକୁ ଆଜିର ଅଗ୍ରଜମାନେ ଲକ୍ଷ୍ୟ କରି ତାକୁ ଆଲୋଚନା କରୁଛନ୍ତି, ତାହା ହିଁ ଏଥରର 'ରେବତୀ'ଦେଖାଉଛି । ଗଳ୍ପ, କବିତା ଓ ଚିତ୍ରକଳା- ଏ ପ୍ରତିଟି ବିଭାଗରେ ୯ ନୂଆ ମୁହଁକୁ ଖୋଜିବା ଓ ସେମାନଙ୍କ ସୃଷ୍ଟିକୁ ଗଭୀର ମନୋଯୋଗର ସହ ପଢ଼ି ସମ୍ୟକ୍ ଆଲୋଚନା କରିବା ପାଇଁ ଦରକାର ମଧ୍ୟ ଶ୍ରଦ୍ଧା, ଆନ୍ତରିକତା ଓ ଏକାଗ୍ରତା । ସେ ଶ୍ରଦ୍ଧା, ଆନ୍ତରିକତା ଓ ଏକାଗ୍ରତାକୁ ଭେଟିଲି ଏଥର ପ୍ରିୟ ଚିତ୍ତରଂଜନ ଭାଇ, ସରୋଜ ସାର ଓ ମାନମୟୀ ନାନୀଙ୍କ ପାଖେ । ଚିତ୍ତରଂଜନ ଭାଇଙ୍କ କବିତା ପରି ତାଙ୍କର ଆଲେଖ୍ୟରେ ଗୋଟିଏ କଥା ଖୁବ୍ ଭଲ ଲାଗିଲା, ସେ ଆଉ କେଉଁ ଦିଗ ପ୍ରତି ସ୍ରଷ୍ଟା ଦୃଷ୍ଟି ଦେଲେ ତାର ସୃଷ୍ଟି ଆହୁରି ସୁନ୍ଦର ହେବ, ତାହା ମଧ୍ୟ ଲେଖିଛନ୍ତି । ମାନମୟୀ ନାନୀ ପ୍ରତଟି ଚିତ୍ରଶିଳ୍ପୀଙ୍କ ଆଲୋଚନା ବେଳେ ତାଙ୍କର ଗୋଟିଏ ଗୋଟିଏ ଚିତ୍ରକୁ ସ୍ଥାନ ଦେଇ ସେ ପୃଷ୍ଠାକୁ ଆହୁରି ସୁନ୍ଦର କରିଛନ୍ତି । ତାଙ୍କର ଏ ସୁନ୍ଦର ଦୃଷ୍ଟିଭଙ୍ଗୀ ମୋତେ ମୁଗ୍ଧ କଲା । 'କଳିଙ୍ଗ' ଓ 'ଚାରିକାନ୍ଥର ପୃଥିବୀ'- ଏ କବିତା ଦୁଇଟି ବେଶ୍ ସ୍ପର୍ଶ କଲା । ଦେବପୁଷ୍ପ ଦୁଦୁରା ପଢ଼ିଲି ମଧ୍ୟ, କିଛି ନୂଆକଥା ଜାଣିଲି । ଏଥିପାଇଁ ଶ୍ୱେତା ରାଉତଙ୍କୁ ଧନ୍ୟବାଦ । ଅଭିନେତ୍ରୀ ସୂର୍ଯ୍ୟମୟୀଙ୍କ ସାକ୍ଷାତକାର ଭଲ ଲାଗିଲା ।

**ସୁବ୍ରତ କୁମାର ସେନାପତି,** ଓୟୁଏଟି, ଭୁବନେଶ୍ୱର

## ରଞ୍ଜନ ପ୍ରଧାନଙ୍କ ଆଲେଖ୍ୟ 'ନରକିନ୍ନରର ନାୟକ' ପତ୍ରିକାର ବିରଳ ବିଭବ

● 'ରେବତୀ' ଜାନୁଆରୀ-୨୦୨୧ ସଂଖ୍ୟା ମୋତେ ଅପ୍ରମିତ ଖୁସି ପ୍ରଦାନ କରିଛି, ଉଚ୍ଚକୋଟୀର ଫିଚର୍, ଗଳ୍ପ, କବିତା, ସମ୍ପାଦକୀୟ ଓ ଚରିତ ଉପନ୍ୟାସ ମାଧ୍ୟମରେ । ରଂଜନ ପ୍ରଧାନଙ୍କ ଲିଖିତ ମର୍ମସ୍ପର୍ଶୀ ଫିଚର୍ 'ଶତାବ୍ଦୀର ସୂର୍ଯ୍ୟ : ଶାନ୍ତନୁ କୁମାର ଆଚାର୍ଯ୍ୟ' ଭାବବିଭୋର କରିଦେଲା, ପ୍ରଥିତଯଶା କଥାକାର ଓ ଔପନ୍ୟାସିକଙ୍କ ବିଷୟରେ ସବିଶେଷ ବିବରଣୀ ଜାଣି । ସେ ପ୍ରକୃତରେ ନରକିନ୍ନରର ଅଭୁଲା ନାୟକ ଯାହାଙ୍କ ଲେଖକୀୟ ଶୈଳୀ ଓ କଳାଦୃଷ୍ଟି ଓଡ଼ିଆ କଥାସାହିତ୍ୟକୁ ଉଦ୍‌ଭାସିତ କରିବାର ସାମର୍ଥ୍ୟ ରଖିଛି । 'ରେବତୀ'ର ଏ ସଂଖ୍ୟାରେ ବେଶୀ ଦୃଷ୍ଟି ଆକର୍ଷଣ କରେ 'ନଅ ନୂଆମୁହଁ' ଯାହା ପ୍ରସଙ୍ଗ-୧, ପ୍ରସଙ୍ଗ-୨, ପ୍ରସଙ୍ଗ-୩ରେ କବିତା, ଗଳ୍ପ ଓ ଚିତ୍ରକଳାକୁ ନେଇ ପରିପୁଷ୍ଟ ହୋଇଛି । କବିତାରେ ଚିତ୍ତରଂଜନ ନାୟକ, ଗଳ୍ପରେ ସରୋଜ ବଳ, ଚିତ୍ରକଳାରେ ମାନମୟୀ ରଥଙ୍କର ଉପସ୍ଥାପନା ଉଚ୍ଚକୋଟୀର ହୋଇଛି । 'ମୋର ପ୍ରିୟ ନୂଆ ମୁହଁ' ଆଲେଖ୍ୟଟି ମଧ୍ୟ ରୁଚିଶୀଳ । ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ରେଖାଚିତ୍ର' ଧାରାବାହିକ ଅନେକ ଗୁରୁତ୍ୱପୂର୍ଣ୍ଣ ଅଜଣା କଥାକୁ ପାଠକଙ୍କ ସାମ୍ନାରେ ଥୋଇଛି ।

'ସମକାଳର କବିତା' ପୃଷ୍ଠାରେ ୧୧ଜଣ ସୁପରିଚିତ କବିଙ୍କ ଭାବଦ୍ୟୋତକ କବିତା ମୋତେ ମୁଗ୍ଧ କରିଛି । କବିତାଗୁଡ଼ିକରେ ଉତ୍ତର ଆଧୁନିକତାର ସ୍ପର୍ଶ ଓ ମାଦକତା ଭରି ରହିଛି । ସମ୍ପାଦିକା ସୁବାସିନୀ ଜେନା ମହୋଦୟାଙ୍କ ସମ୍ପାଦକୀୟ 'ନାରୀର ନୂଆପଣ'ରେ ନିଆରା ପ୍ରତିଫଳନ ଘଟିଛି ନାରୀର ଲୁକ୍କାୟିତ ରାଶି ରାଶି ପ୍ରତିଭା ଓ ଗୁଣବତ୍ତାକୁ ଉଜ୍ଜୀବିତ କରିବାକୁ । ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା'ର ସମ୍ପାଦକୀୟ 'ଲେଖକର ନୂଆପଣ'ରେ ଅଛି ପରୀକ୍ଷାନିରୀକ୍ଷାର ଦୃଷ୍ଟିକୋଣ, ପାଠକଟେ ଲେଖକର ନୂଆପଣ ବା ନୂଆ ଭାବଧାରାକୁ ଆଗ୍ରହ ସହିତ ଆପଣେଇ ନେବାର ଚିନ୍ତାଧାରା । 'ଦେବପୁଷ୍ପ ଦୁଦୁରା' ଆଲେଖ୍ୟରେ ଶ୍ୱେତା ରାଉତ ସବୁଥର ଭଳି ଏଥର ମଧ୍ୟ ପୁଷ୍ପକଳାର ସୌନ୍ଦର୍ଯ୍ୟକୁ ମହିମାନ୍ୱିତ କରିଛନ୍ତି । ସ୍ୱପ୍ନ ମଣିଷ ଅଶୋକ ପୁହାଣଙ୍କ ସମ୍ପର୍କରେ ବିଶିଷ୍ଟ କବି ଓ ଗାଳ୍ପିକ ଅଜୟ ସ୍ୱାଇଁଙ୍କ ଉପସ୍ଥାପନା ଉଚ୍ଚକୋଟୀର ମନେହୁଏ । ଗୋପବନ୍ଧୁ ଦାସଙ୍କ ଉପରେ ଲିଖିତ ଚରିତ ଉପନ୍ୟାସ ପାଠକଙ୍କୁ ସବୁଥର ପରି 'ଦାସେ ଆପଣେ' ଧାରାବାହିକରେ କବି ଓ ସମାଲୋଚକ ପବିତ୍ର ମୋହନ ଦାଶଙ୍କ ଯାଦୁକରୀ ସ୍ପର୍ଶ ସହ ପରିଚିତ କରାଏ । 'ରେବତୀ'ର ଜାନୁଆରି ସଂଖ୍ୟାଟି ନୂଆବର୍ଷରେ ନୂଆପଣକୁ ମହାର୍ଘ୍ୟ କରିଛି ।

**ସୌଭାଗ୍ୟବନ୍ତ ମହାରଣା,** ସମ୍ବଲପୁର

## ଜନଜାତି ବିଶେଷାଙ୍କ ଜ୍ଞାନୋଦୀପ୍ତ ହୋଇଛି

● 'ରେବତୀ' ଫେବୃଆରୀ ୨୦୨୧ ସଂଖ୍ୟାଟି ପାଠ କରି ଯେତିକି ଆନନ୍ଦିତ ହେଲି ତତୋଧିକ ଜ୍ଞାନୋଦୀପ୍ତ ହେବା ଭଳି ଅନୁଭୂତ ହେଲା । ଏହି ସଂଖ୍ୟାଟି ଆଦିବାସୀ ଜନଜାତି ଉପରେ ଆଧାରିତ ହୋଇଥିବାରୁ ସେମାନଙ୍କ ଜୀବନ ଧାରଣ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିବାକୁ ମିଳିଲା । ପ୍ରଚ୍ଛଦ ଠାରୁ ଆରମ୍ଭ କରି ବିଭିନ୍ନ ଆଲେଖ୍ୟ ବିଭିନ୍ନ ସମ୍ପ୍ରଦାୟର ଆଦିବାସୀ ଜନଜାତିମାନଙ୍କ ଜୀବନଶୈଳୀ ଉପରେ ପର୍ଯ୍ୟବେଶିତ । ସାନ୍ତାଳ, ପରଜା, କନ୍ଧ, ସଉରା ଆଦି ଜନଜାତିମାନଙ୍କର ଜୀବନଯାପନ ପଦ୍ଧତି ସହ ସେମାନଙ୍କର ବିବାହ, ପୂଜାପଦ୍ଧତି, ପର୍ବପର୍ବାଣି ପାଳନ ପ୍ରଥା ପରମ୍ପରାକୁ ବିଭିନ୍ନ ଲେଖକମାନେ ପାଠକ ସମ୍ମୁଖରେ ସୁନ୍ଦର ଏବଂ ବିସ୍ତୃତ ଭାବେ ଉପସ୍ଥାପିତ କରିଛନ୍ତି । ଏସବୁ ପଢ଼ିବା ଅବସରରେ ସ୍ୱୟଂ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ପରିଭ୍ରମଣ କଲା ପରି ଲାଗିଲା ।

କାଳଜୟୀ କଥାକାର ଗୋପୀନାଥ ମହାନ୍ତିଙ୍କ ସ୍ମରଣ ସହ ତାଙ୍କ 'ପରଜା' ଏବଂ 'ଅମୃତର ସନ୍ତାନ'ର ଚର୍ଚ୍ଚା ମାଧ୍ୟମରେ ସେକାଳର ସାହିତ୍ୟ କୃତି ଏବଂ ଆଦିବାସୀ ଜୀବନ ସଂଗ୍ରାମ ସହ ପାଠକମାନଙ୍କୁ ପରିଚିତ କରାଇବା ଅଭିପ୍ରାୟ ସଫଳ ରୂପେ ରୂପାୟିତ ହୋଇପାରିଛି ।

କବିତାଗୁଡ଼ିକ ବେଶ୍ ମନୋଜ୍ଞ ଏବଂ ଉଚ୍ଚକୋଟୀର । ଗଳ୍ପଟି ବି ହୃଦୟସ୍ପର୍ଶୀ ହୋଇଛି । ସର୍ବୋପରି ସମ୍ପାଦିକା ମହାଶୟାଙ୍କର ନାରୀଶକ୍ତିର ଅବତାରଣା ସହ କନ୍ୟାରତ୍ନ ପ୍ରତି ଯତ୍ନବାନ ହେବା ପାଇଁ ପରାମର୍ଶ ଅତୀବ ପ୍ରଶଂସନୀୟ । ସବୁଥର ଭଳି କୃଷ୍ଣ କୁମାର ମହାନ୍ତିଙ୍କର ଲେଖକମାନଙ୍କୁ ପରିଚୟ ପ୍ରଦାନ ଉଦ୍ଦେଶ୍ୟରେ ବାର୍‌କୋଡ୍‌ର ପ୍ରଚଳନ ପ୍ରସ୍ତାବ ତାଙ୍କର ଆଉ ଏକ ଅଭିନବ ପ୍ରୟାସ । ସେଥିରେ ଖୁବ ମାର୍ମିକ ଭାବେ ଉପସ୍ଥାପିତ ପରିଚୟ ଆଶାୟୀ ଲେଖକମାନଙ୍କ ମାନସିକତା ।

'ରେବତୀ'ର ଏପରି ବିବଧ ବିଷୟକୁ ନେଇ ଉପସ୍ଥାପନା ଅଭିନନ୍ଦନୀୟ ।

**ପ୍ରଦ୍ୟୁମ୍ନ ପଟ୍ଟନାୟକ,**
୧୦୧- ପ୍ରକାଶଦୀପ ଟାୱାର୍,
ଜୟଦୁର୍ଗା ନଗର, ଭୁବନେଶ୍ୱର-୭୫୧୦୦୬

## ତ୍ରୁଟି ସଂଶୋଧନ

'ରେବତୀ'ର ଫେବୃଆରୀ-୨୦୨୧ ସଂଖ୍ୟାରେ ଡକ୍ଟର କବିତା ବାରିକଙ୍କ ପ୍ରସ୍ତୁତ ଆଲେଖ୍ୟ 'ଦେଉଳିର ଦମୟନ୍ତୀ' ଏକ ଉପାଦେୟ ପ୍ରତିବେଦନ ଥିଲା । ପାଠକମାନେ ଏହାକୁ ବେଶ୍ ପସନ୍ଦ କରିଛନ୍ତି । କିନ୍ତୁ ଆମେ ଦୁଃଖିତ ଯେ ଏହି ଆଲେଖ୍ୟର ଦ୍ୱିତୀୟ ପାରାଗ୍ରାଫ୍‌ର ପ୍ରଥମଧାଡ଼ିରେ ଥିବା 'ଅସୁରକ୍ଷିତ' ଶବ୍ଦଟିକୁ ବାଦ୍ ଦେଇ 'ଅଧ୍ୟୁଷିତ' ବୋଲି ପଢିବେ । ସେହିପରି ପୃଷ୍ଠା ୮୦ରେ ତାଙ୍କ ବାହାଘର ୧୯୮୧ ବୋଲି ଯାହା ଲେଖାଅଛି ତାହା ୧୯୯୧ ହେବ । ଏ ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖପ୍ରକାଶ କରୁଛୁ ।

# ରେବତୀ ର ନିୟମାବଳୀ

- ‘ରେବତୀ ଆମ ମାଟିର ସ୍ୱର’ ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ‘ରେବତୀ’ କହିରଖୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ ‘ରେବତୀ’ ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ ‘ରେବତୀ’ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- ‘ରେବତୀ’ ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- ‘ବହି-ବିଚାର’ ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଂଡ଼ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- ‘ରୋଷେଇ’, ‘ଘରକରଣା’, ‘ବାଡ଼ିବଗିଚା’ ଓ ‘ସୌନ୍ଦର୍ଯ୍ୟ’ ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- ‘ରେବତୀ’ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ ‘ରେବତୀ’ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା ‘ରେବତୀ’ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ ‘ରେବତୀ’ ଦାୟୀ ରହିବ ନାହିଁ ।
- ‘ରେବତୀ’ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । ‘ରେବତୀ’ ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- ‘ରେବତୀ’ ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd**. ସପକ୍ଷରେ କରାଯିବ ।


ସମ୍ପର୍କ: ସମ୍ପାଦିକା, ‘ରେବତୀ’,
ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.,
ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com
: rebati.edit2020@gmail.com


ରେବତୀ ଆମ ମାଟିର ସ୍ୱର

ସମ୍ପାଦକୀୟ

# ନାରୀ ହିଁ ସନ୍ତାନର ସୁରକ୍ଷା କବଚ

ନାରୀତ୍ୱ ଓ ମାତୃତ୍ୱ ହେଉଛି ସମାଜର ଶ୍ରେଷ୍ଠତମ ଓ ସୁନ୍ଦରତମ ସୃଷ୍ଟି । ସୃଷ୍ଟିଶୀଳତାର ପ୍ରକାଣ୍ଡ ରହସ୍ୟ ଭିତରେ ନାରୀତ୍ୱର ପରାକାଷ୍ଠା ଜାଜ୍ୱଲ୍ୟମାନ । ଏକଥା ଆମେ ସମସ୍ତେ ଜାଣୁ ଯେ ନାରୀତ୍ୱର ବରଦାନ ହିଁ ସକଳ ସୃଷ୍ଟିର ସୂତ୍ର । ନାରୀ ହିଁ ଧାରଣ କରେ । ନାରୀ ହିଁ ସୃଷ୍ଟି କରେ । ନାରୀ ହିଁ ପ୍ରତିପାଳନ କରେ । ସୁତରାଂ ନାରୀତ୍ୱର ଆବଶ୍ୟକତା କେତେବେଳେ ଜରୁରୀ, ତାହା କାହାକୁ ଆଉ ବୁଝେଇବାକୁ ପଡ଼େ ନାହିଁ । ସେହିପରି ନାରୀଟି ଯେତେବେଳେ ସନ୍ତାନସମ୍ଭବା ହୋଇ ମାତୃତ୍ୱ ପ୍ରାପ୍ତିର ଦ୍ୱାର ଦେଶରେ ପହଞ୍ଚେ, ସେ କ୍ଷଣଟି ତା' ଜୀବନର ସବୁଠୁ ବଡ଼ ମହାର୍ଘ ମୁହୂର୍ତ୍ତ ହୋଇଉଠେ । ପ୍ରତ୍ୟେକଟି ନାରୀଜୀବନରେ ଗୁନ୍ଥା ହୋଇଥାଏ ଏ ପ୍ରକାର ଏକ ମହାର୍ଘ କ୍ଷଣର ଅନନ୍ୟ ଅନୁଭବ । ହୁଏତ କ୍ୱଚିତ୍ ନାରୀଙ୍କ ଭାଗ୍ୟରେ ପ୍ରତ୍ୟକ୍ଷ ମାତୃତ୍ୱ ଲାଭର ଅବସର ଆସିନଥାଏ । କିନ୍ତୁ ସେମାନେ ମଧ୍ୟ ସନ୍ତାନର ମାଆ ହେବାର ସାମାନ୍ୟତମ ନିଷ୍ଠାକୁ ହାତଛଡ଼ା କରିନଥାନ୍ତି । ଗର୍ଭରେ ଧାରଣ ନକରି ମଧ୍ୟ ମାଆ ହୋଇଥିବା ଅନେକ ନାରୀଙ୍କର ଦୃଷ୍ଟାନ୍ତ ଆମ ସମାଜରେ ବିରଳ ନୁହଁ । ସୁତରାଂ ସନ୍ତାନ ପ୍ରାପ୍ତି ସହ ମାତୃତ୍ୱର ସେ ଯେଉଁ ବିରଳ ଅନୁଭବ, ଏହା କେବଳ ଜଣେ ନାରୀ ହିଁ ପାଇଥାଏ । ନାରୀ ମନ ଭିତରେ ସନ୍ତାନକୁ ଧାରଣ କରିବାର ଆଗ୍ରହ ସହିତ ଥାଏ ତଜ୍ଜନିତ ସବୁ ପ୍ରକାର ଶାରୀରିକ ପୀଡ଼ା ଓ ଯନ୍ତ୍ରଣାକୁ ସହିଯିବାର ଅଫୁରନ୍ତ ମନୋକାମନା । ନାରୀଟିଏ କଦାଚିତ୍ ମାଗେ ନାହିଁ ସନ୍ତାନ ଧାରଣର ମୂଲ । କଦାଚିତ ସେ କହେ ନାହିଁ, ସନ୍ତାନ ପ୍ରାପ୍ତିର ପଶ୍ଚାତ୍‌ରେ ସେ କେତେ  କେତେ ଦିନ ଭୋଗିଥିବା କଷ୍ଟ ଓ ଯନ୍ତ୍ରଣାର କଥା । ସେ କେବଳ ଆନନ୍ଦରେ ଅଧୀର ହୁଏ । ସେ କେବଳ  ସନ୍ତାନର ସୁରକ୍ଷାରେ ଲାଗିଥାଏ । ନିଜର ସୌନ୍ଦର୍ଯ୍ୟ, ନିଜର ସୁଖସ୍ୱାଚ୍ଛନ୍ଦ୍ୟ, ନିଜର ଭଲମନ୍ଦ କଥାକୁ ପଛ କରି ନାରୀଟିଏ ବାରବାର ନିଜ ସନ୍ତାନର ସୁରକ୍ଷା କବଚ ପାଲଟି ଯାଏ । ସୃଷ୍ଟି ହିଁ ତା' ଭିତରେ ଅଭୂତପୂର୍ବ ଶକ୍ତିସବୁ ଭରି ଦେଇଥାଏ, ସନ୍ତାନକୁ ଧାରଣ କରିବା ଠୁ ଆରମ୍ଭ କରି ଜନ୍ମଦେବା ଓ ବଡ଼ କରିବା ପର୍ଯ୍ୟନ୍ତ ସମୟଖଣ୍ଡରେ ଆସୁଥିବା ଯାବତୀୟ ବାଧା ଓ ବିପତ୍ତିକୁ ସାମ୍ନା କରିବାର । ଯେକୌଣସି ବିପଦକୁ ବରିନେବା ପାଇଁ ସାମାନ୍ୟତମ ଡର ନଥାଏ ଜଣେ ମାଆ ହୋଇଥିବା ନାରୀର । ଏହା ହିଁ ବୋଧେ ଭଗବାନଙ୍କ ସୃଷ୍ଟିର ମହତ୍ତର ପ୍ରାପ୍ତି । ଏ ପ୍ରାପ୍ତି ହିଁ ନାରୀର ।

ଆମ ସଂସାରରେ ମାଆଟିଏ ସନ୍ତାନ ପାଇଁ କେବଳ ବ୍ୟାକୁଳ ହୁଏ ନାହିଁ, ବରଂ ସେ ନିଜକୁ ସମର୍ପି ଦେଇଥାଏ ସନ୍ତାନକୁ ଭଲ ଭାବେ ଗଢ଼ି ତୋଳିବାରେ । ଘରେ ଯେତେବେଳେ ନାରୀଟିଏ ଜନ୍ମ ଦିଏ ସନ୍ତାନକୁ, ନବଜନ୍ମର ଆନନ୍ଦରେ ଘର ପୂରି ଉଠେ । ତା'ପରେ ନବଜାତକଟିର ଲାଳନପାଳନରେ ମାଆଟି ଲାଗିଯାଏ । ଅନାବିଳ ସ୍ନେହ, ମମତା ଆଉ ଅତୁଟ ବନ୍ଧନର ଏକ ଡୋର ବାନ୍ଧି ହୋଇଯାଏ, ମାଆ ଓ ସନ୍ତାନ ଭିତରେ । ମାତୃତ୍ୱ ପାଳିବା ତେଣୁ ମୋଟେ ବି ସହଜ ନୁହେଁ- ଏ କଥା ଆମେ ବେଶ୍ ବୁଝୁ । ନିଜ ସନ୍ତାନର ମାଆ ହେବାର ସେ ଯେଉଁ ଭାଗ୍ୟ ନାରୀଟି ପାଏ, ତାହା ତା'ର ଅନ୍ୟ କୌଣସି ପ୍ରାପ୍ତିଠୁ ବଡ଼ ହୋଇ ଦିଶେ ନାହିଁ । ଯେହେତୁ ତା' ଗର୍ଭରେ ଧାରଣ କରି ତାକୁ ଭ୍ରୁଣରୁ ଆକାର ଦେବା ପର୍ଯ୍ୟନ୍ତ ନାରୀଟି ସବୁକିଛିକୁ ତୁଚ୍ଛ କରିଦେଇ ସେଇ ମହନୀୟ ଅନୁଭବକୁ ଅପେକ୍ଷା କରେ, ସୁତରାଂ ସନ୍ତାନଟି ଭୂମିଷ୍ଠ ହେବା ମାତ୍ରେ ହିଁ ତା' ଆତ୍ମାରେ ଖେଳିଯାଏ ଅପୂର୍ବ ହିଲ୍ଲୋଳ । ସନ୍ତାନଟିର ଭୂମିଷ୍ଠ ମାତ୍ରେ ହିଁ ନାରୀଟିକୁ ମିଳିଯାଏ ଅଚିରେ 'ମାଆ'ର ପରିଚୟ । ଏଇ ପରିଚୟଟି ଯେହେତୁ ସେଇ ନବଜାତକଟି ମାଧ୍ୟମରେ ସେ ପାଏ, ତେଣୁ ଜୀବନରେ ତାକୁ ଜୀବନ ଠୁ ବଳି ଭଲପାଇ ବସେ ସେ । ସନ୍ତାନ ହୋଇ ଉଠେ ତା'ର ସବୁକିଛି । ଆସିବାକୁ ଥିବା ସମସ୍ତ ବିପଦକୁ ମୁଣ୍ଡପାତି ବରିନେବାକୁ ପଣ କରି ବସେ ସେ ।

ଗୋଟିଏ ସର୍ଟ ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଦେଖୁଥିଲି । ଗୋଟେ କୁକୁଡ଼ା ସଦ୍ୟ ଅଣ୍ଡାରୁ ଫୁଟେଇଥିବା ତା'ର ପାଞ୍ଚଟି କୁନିକୁନି ଛୁଆକୁ ନିଜ ପେଟତଳେ ଜାକି ରଖିଥାଏ ଏବଂ ଅନ୍ୟପଟେ ସେ ଯେଉଁ ପାଛିଆଟି ଭିତରେ ଥାଏ, ତା' ଭିତରକୁ ପଶି କୁକୁଡ଼ାଛୁଆକୁ ଖାଇବାର ଉପକ୍ରମ କରୁଥାଏ ଗୋଟେ ସାପ । ସାପଟି ବାରମ୍ବାର କୁକୁଡ଼ା ଛୁଆକୁ ଖାଇବାକୁ ଚେଷ୍ଟା କରୁଥାଏ ସତ କିନ୍ତୁ ମାଆ କୁକୁଡ଼ାଟି ସାପକୁ ଆକ୍ରମଣ କରୁଥାଏ ତା ଥଣ୍ଟରେ । ବଡ଼ ଦୟନୀୟ ସ୍ଥିତି । ସାପ ଫଣା ଟେକି ଯେତେଥର ମାଆ କୁକୁଡ଼ାକୁ ଚୋଟ ମାରିବାକୁ ଚେଷ୍ଟା କରୁଥାଏ, ସେତେଥର ମାଆ କୁକୁଡ଼ା ସାପର ଫଣା ଉପରେ ମାରୁଥାଏ ତା' ଥଣ୍ଟର ପ୍ରହାର । ଏପରି କିଛି ସମୟ ଆକ୍ରମଣ ପ୍ରତି-ଆକ୍ରମଣରେ ସାପଟି ଲହୁଲୁହାଣ ହୋଇ ପଳାଇ ଗଲା । ମାଆ କୁକୁଡ଼ାଟିର ପେଟତଳେ ଥିବା କୁନିକୁନି ଛୁଆ ଗୁଡ଼ିକ କ'ଣ ବୁଝିଥିବେ ଏ ଲଢ଼େଇର ଅର୍ଥ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ମାଆର ଯେଉଁ ରୂପ ହେଉ ନା କାହିଁକି, ସେ ସନ୍ତାନ ପାଇଁ ସବୁ କିଛି କରି ପାରିବ । ଏ ଭିଡ଼ିଓଟିରୁ ଅନ୍ତତଃ ଏତିକି ହୃଦ୍‌ବୋଧ ହେଲା ମୋର ।

ଆମ ମଣିଷ ସମାଜରେ ମଧ୍ୟ ଅନୁରୂପ ଭାବେ ମାଆଟିଏ ସବୁବେଳେ ସନ୍ତାନର ସୁରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରି ଦେଇଥାଏ । ସେଇଥିପାଇଁ ତ ମାଆ ଆଉ ସନ୍ତାନର ଏଇ ନିବିଡ଼ ସମ୍ପର୍କକୁ ଆଉ କୌଣସି ସମ୍ପର୍କ ସହିତ ତୁଳନା କରା ଯାଇପାରିବ ନାହିଁ ।

ଆଜିର ସମୟରେ ନାରୀଟିଏ ବହୁ ଦୃଷ୍ଟିରୁ ସୌନ୍ଦର୍ଯ୍ୟ ପିପାସୁ । ନିଜର ସୌନ୍ଦର୍ଯ୍ୟକୁ ଓ ଶରୀରକୁ ଅକ୍ଷୁର୍ଣ୍ଣ ରଖିବା ସହ ଅଧିକ ସୁନ୍ଦର ଦିଶିବା ପାଇଁ ଆଜିର ନାରୀ ସବୁଠାରୁ ବେଶି ସଚେତନ ଓ ସମ୍ବେଦନଶୀଳ । ଅନେକ କ୍ଷେତ୍ରରେ ଆଜିର ଏଇ ସୌନ୍ଦର୍ଯ୍ୟ-ସଚେତନ ନାରୀଟି ମଧ୍ୟ ମାଆ ହେବା ପରେ ନିଜ ସନ୍ତାନଟି ପାଇଁ ସେସବୁକୁ ଜଳାଞ୍ଜଳି ଦେବାର ଅନେକ ନଜିର୍ ରହିଛି । ପ୍ରଥମଥର ସନ୍ତାନର ମାଆ ହେଉଥିବା ନାରୀଟି ବି ତା'ର ନିଜସ୍ୱ ସୁଖସ୍ୱାଚ୍ଛନ୍ଦ୍ୟକୁ ଭୁଲି ଯାଉଛି । କାରଣ ମାଆ ହେବା ମାତ୍ରେ ତା' ଭିତରର ନାରୀତ୍ୱ ତାକୁ ଅନେକ କ୍ଷେତ୍ରରେ କେବଳ ଅଭିଜ୍ଞ କରି ଦିଏନା, ଅନେକ କିଛି ପରିବର୍ତ୍ତନ ମଧ୍ୟ କରିଦିଏ । ମାଆ ହେବା ପୂର୍ବରୁ ସେ ଯେପରି ସ୍ୱଚ୍ଛନ୍ଦ ଜୀବନ ଅତିବାହିତ କରୁଥିଲା, ସ୍ୱାମୀଙ୍କ ସହ ବୁଲୁଥିଲା, ମନ ମୁତାବକ ଯାହା ଖାଇବାକୁ ଇଚ୍ଛା ହେଲେ ଖାଉଥିଲା, ମନ ହେଲେ ବୁଲିବାକୁ ବାହାରି ଯାଉଥିଲା- ଏମିତି ଅନେକ କଥାରେ କିନ୍ତୁ ଆସେ ଆଶ୍ଚର୍ଯ୍ୟଜନକ ଭାବେ ପରିବର୍ତ୍ତନ । ନିଜର ରୁଚି-ଅଭିରୁଚି, ଖାଦ୍ୟପେୟ, ବୁଲାବୁଲିକୁ ଭୁଲିଯାଏ ସେ । ତାକୁ କେବଳ ଦିଶେ ତା' ସନ୍ତାନର ମୁହଁ । ସେ ମୁହଁର ହସରୁ ସାଉଁଟି ଆଣେ ସେ ପରିତୃପ୍ତିର ପାପୁଲିଏ ଖୁସି । ସନ୍ତାନର ଲାଳନପାଳନ ସହ ତା'ର ସମସ୍ତ କ୍ରିୟାକଳାପରେ ଯୋଡ଼ି ହୋଇଯାଏ ମାଆ । ମାଆ ହିଁ ପାଲଟି ଯାଏ ଶିକ୍ଷକ । ସନ୍ତାନଟି ଯାହା ବି ଶିଖେ, ମାଆ ଠୁ ଶିଖେ । ସୁତରାଂ ମାଆ ହେବାର ଏ ଯେଉଁ ପଦବୀ- ଏହାର ଦାୟିତ୍ୱ ସମ୍ଭାଳିବା ଏଡ଼େ ସହଜ ନୁହେଁ । ଯେତେ ସହଜରେ ଆମେ କହିଦେଉ ଜଣେ ନାରୀର ଦୋଷ ଦୁର୍ବଳତା । ହଜାରେ ଦୋଷ ଦୁର୍ବଳତା ପରେ ବି ନାରୀ କ୍ଷମାର ପାତ୍ରୀ- ଏଇଥିପାଇଁ ଯେ, ସେ ସନ୍ତାନର ମାଆ । ସେ ସନ୍ତାନର ପାଳନକର୍ତ୍ତ୍ରୀ । ଆଗାମୀର ସ୍ରଷ୍ଟା । ସୁସ୍ଥ ସମାଜଟିଏ ଗଢ଼ି ତୋଳବାର ପ୍ରଥମ ଦାୟିତ୍ୱଟି ଏଇ ମାଆ ହିଁ ନିର୍ବାହ କରେ ।

ସମସ୍ତଙ୍କୁ ପବିତ୍ର ଜାଗର ଉତ୍ସବ ଓ ଦୋଳପୂର୍ଣ୍ଣିମାର ଶୁଭେଚ୍ଛା ।




ସମ୍ପାଦିକା

ମୋ ଶିକ୍ଷକ

# କମଳାକାନ୍ତଙ୍କ କୋମଳତା

## କ୍ରାନ୍ତି ଓ କୀର୍ତ୍ତିର କୁଜ୍‌ଝଟୀକା



# ମନେପଡ଼ନ୍ତି ମୋ ସାର୍

**ଶିକ୍ଷକ ଓ ଛାତ୍ରଙ୍କ ସଂପର୍କ ଏକ ପବିତ୍ର ସଂପର୍କ । ଅନେକ ଶିକ୍ଷକ ଅଛନ୍ତି ଯେଉଁମାନେ ଆମ ମନରେ ଚିରଦିନ ବସା ବାନ୍ଧି ରହିଛନ୍ତି । କେବେ ଭୁଲି ହେବନି ସେମାନଙ୍କ ଅବଦାନକୁ । 'ରେବତୀ'ର ପୃଷ୍ଠାରେ କେତେ ଜଣ ବିରଳ ଶିକ୍ଷକଙ୍କ କଥା ଆମେ ପରିଷି ଦେଉଛୁ, ଆପଣମାନଙ୍କ ପାଇଁ । ସେହି କ୍ରମରେ ଏଥର ବିଶିଷ୍ଟ କବି କମଳାକାନ୍ତ ଲେଙ୍କାଙ୍କ ସଂପର୍କରେ ଏକଦା ତାଙ୍କ ଛାତ୍ର ଥିବା ଆମ ସମୟର ସୁଖ୍ୟାତ କବି ମାନସ ରଂଜନ ମହାପାତ୍ରଙ୍କ ପ୍ରତିବେଦନ ।**


**ମାନସ ରଂଜନ ମହାପାତ୍ର**

ଶିଳାଚିନ୍ମୟ, ମଧୁବନ ଷଷ୍ଠ ଗଳି,
ଟିକରପଡ଼ା ରୋଡ୍, ପୁରୀ-୭୫୨୦୦୨
ଫୋନ : ୯୮୯୧୯୪୬୧୭୮


ଫଟୋ ସୌଜନ୍ୟ : ସିତାଂଶୁ ଲେଙ୍କା
କମଳାକାନ୍ତଙ୍କ ତ୍ରୈଳଚିତ୍ର : ନିତ୍ୟାନନ୍ଦ ସାହୁ



▶ ଲେଖକ ମାନସ ରଂଜନ ମହାପାତ୍ର

କଲେଜ୍‌ରେ ସେଦିନ ନୂଆ ଖବର : କେହି ଜଣେ ନୂଆ ଅଧ୍ୟାପକ ଯୋଗ ଦେବେ । ତାଙ୍କ ନାଁ କମଳାକାନ୍ତ ଲେଙ୍କା ।

୧୯୭୮-୭୯ ଶିକ୍ଷାବର୍ଷ । ପୁରୀର ସାମନ୍ତ ଚନ୍ଦ୍ରଶେଖର କଲେଜ୍‌ରେ ମୁଁ ବି.ଏ. ଓଡ଼ିଆ ଅନର୍ସର ଛାତ୍ର । ପୂର୍ବରୁ ବଡ଼ଭାଇ କବି ନୃସିଂହ ଷଡଙ୍ଗୀ ସୂଚନା ଦେଇଥାନ୍ତି ଯେ କମଳାକାନ୍ତ ଲେଙ୍କା ସାମନ୍ତ ଚନ୍ଦ୍ରଶେଖର କଲେଜ୍ ଆସୁଛନ୍ତି ନରସିଂହ ଚୌଧୁରୀ କଲେଜ, ଯାଜପୁରରୁ ବଦଳି ହୋଇ । ମୁଁ ସେତେବେଳେ 'ପ୍ରଜାତନ୍ତ୍ର' ସାହିତ୍ୟ ବିଭାଗ, 'ଧରିତ୍ରୀ' ସାପ୍ତାହିକୀ, 'ଆସନ୍ତାକାଲି'ରେ ପ୍ରକାଶିତ ହୋଇ ତରୁଣ କବି ହିସାବରେ କିଛି ନାଁ କରିଥାଏ । କମଳାକାନ୍ତ ଲେଙ୍କାଙ୍କ କବିତା କିଛି ପଢ଼ିଥାଏ- ସେ ସେତେବେଳର ଜଣାଶୁଣା କବି ।

ସେତେବେଳେ କଲେଜ୍‌ର ୬୮ ଓ ୭୩ ନମ୍ବର ରୁମ୍‌ରେ ଇଂରାଜୀ ଓ ଓଡ଼ିଆ ସାଧାରଣ ଶ୍ରେଣୀ ହେଉଥାଏ । ବି.ଏ.ରେ ଦୁଇଟି ସେକ୍‌ସନ୍, ପ୍ରତି ସେକ୍‌ସନ୍‌ରେ ୧୨୮ ଜଣ ଛାତ୍ରଛାତ୍ରୀ । କେତେବେଳେ 'ଏ' ଓ 'ବି' ଦୁଇ ସେକ୍‌ସନ୍ ଏକାଠି ହୁଏ- ଶିକ୍ଷକ ନଥିଲେ ବା କେହି ବିଶିଷ୍ଟ ଶିକ୍ଷକ ପ୍ରଥମଥର ପାଇଁ ଆସିଲେ । ୨୫୬ ଛାତ୍ରଛାତ୍ରୀ ବସିଲେ ଶ୍ରେଣୀଗୃହଟି ହଲ୍ ପରି ହେଇଯାଏ ।

ସେଦିନ ଆସିଗଲା । ଡକ୍ଟର ନାରାୟଣ ଶତ୍‌ପଥୀ ସେତେବେଳେ କଲେଜ୍‌ର ଅନ୍ୟତମ ବରିଷ୍ଠ ଶିକ୍ଷକ, ଓଡ଼ିଆ ବିଭାଗର ମୁଖ୍ୟ । ସେ ଶ୍ରେଣୀକୁ ଆସିଲେ ତାଙ୍କ ବ୍ୟକ୍ତିତ୍ୱ ଆଗରେ ନଇଁଯାଇ ଆମେ ଠିଆ ହେଇଯାଉ । ଆମକୁ ସେ କମଳାକାନ୍ତ ଲେଙ୍କାଙ୍କ ସହ ପରିଚିତ କରାଇଲେ ।

ଧୋତି, କୁର୍ତ୍ତା ପିନ୍ଧିଥିବା ଜଣେ ପାଞ୍ଚଫୁଟ୍ ସାତ ଆଠ ଇଞ୍ଚର ଲୋକ ଥିଲେ କମଳାକାନ୍ତ ଲେଙ୍କା- ଆମ ନୂଆ ଅଧ୍ୟାପକ । ଶ୍ରେଣୀରେ ତାଙ୍କର ପ୍ରଥମ ପ୍ରଶ୍ନ ଥିଲା- ତୁମ ଭିତରେ ମାନସ ରଂଜନ ମହାପାତ୍ର କିଏ ? ମୁଁ ଠିଆ ହେଲି । ଶ୍ରେଣୀରେ ସମସ୍ତେ ଜଣେ ଅନ୍ୟଜଣକୁ ଚାହୁଁଥାନ୍ତି- କିଛି ବୁଝି ପାରୁ ନଥାନ୍ତି । "କ୍ଲାସ୍ ପରେ ଷ୍ଟାଫ୍ କମନ୍‌ରୁମ୍‌ରେ ମତେ ଦେଖା କରିବ"- ସେ କହିଲେ । କ୍ଲାସ୍ ସରିଲା । ଷ୍ଟାଫ୍ କମନ୍‌ରୁମ୍‌କୁ ଗଲି । ସେ ସମସ୍ତଙ୍କ ଆଗରେ ମୋ ପିଠି ଥାପୁଡ଼ାଇ ଦେଲେ । କଲେଜ୍‌ରେ ସେତେବେଳେ କବି ରତ୍ନାକର ପଣ୍ଡା ବି ଇତିହାସ ଅଧ୍ୟାପକ ଥାଆନ୍ତି । ଓଡ଼ିଆ ବିଭାଗରେ କୈଳାଶ ଚନ୍ଦ୍ର ଟିକାୟତରାୟ ଓ ଶରତ ଚନ୍ଦ୍ର କର ବି । ଅଧ୍ୟକ୍ଷ ଥାଆନ୍ତି ତ୍ରିଲୋଚନ ମିଶ୍ର । ଅଧ୍ୟାପକ ବିଶ୍ୱରଂଜନ ବି ରାଜନୀତି ବିଜ୍ଞାନ ବିଭାଗରେ । "ମାନସକୁ ମୁଁ କବି ଭାବେ ଜାଣେ", କହିଲେ କମଳାକାନ୍ତ । ମୋ ଛାତି କୁଣ୍ଢେମୋଟ ହୋଇଗଲା । ମୋ ଶିକ୍ଷକ ମତେ କବି ହିସାବରେ ଜାଣନ୍ତି । କମ୍ ଗୌରବର କଥା ନୁହଁ ଜଣେ ଛାତ୍ର ପାଇଁ ।

ସେଇଠୁ ଆରମ୍ଭ ହେଲା କବି କମଳାକାନ୍ତ ଲେଙ୍କାଙ୍କ ସାନ୍ନିଧ୍ୟ । କଲେଜ୍‌ରେ ଛାତ୍ର-ଶିକ୍ଷକ । ବାହାରେ ଦୁଇବନ୍ଧୁ । ସେ ରହୁଥିଲେ ମାର୍କେଟ୍ ପାଖ ନୀଳାଚଳ ଲଜିଂରେ । ଆରମ୍ଭରୁ ରହିଲେ ଯେ ଭଡ଼ାଘର ଖୋଜିଲେନି । ସେଇଠି ତିନିଚାରି ବର୍ଷ ରହିଗଲେ । ହୋଟେଲ୍‌ରେ ଖାଆନ୍ତି । ରୁମ୍‌ରେ ଚା' ଜଳଖିଆ । ସେ ଲଜିଂକୁ ଅନେକେ କମଳାକାନ୍ତ ଲେଙ୍କାଙ୍କ ବସାଘର ବୋଲି କହୁଥିଲେ ।

ଧୀରେ ଧୀରେ କମଳାକାନ୍ତ ଲେଙ୍କାଙ୍କ ରୁମ୍‌ଟି ପୁରୀର ସାହିତ୍ୟିକ କେନ୍ଦ୍ର ହେଇଗଲା । ପୁରୀରେ ସେତେବେଳେ ଅନାମ ଆନ୍ଦୋଳନ ଶୀର୍ଷରେ । ଆମେ କିଛି ତରୁଣ କବି ଶନିବାର ସାହିତ୍ୟ ସଂଧ୍ୟା ନାମକ ସାହିତ୍ୟ ସଂସ୍ଥାଟିଏ ନୂଆକରି ଗଢ଼ିଥାଉ- ସ୍ୱପ୍ନ କୁମାର ମହାନ୍ତି, ଯୋଗେଶ ଚନ୍ଦ୍ର ରଥ, ଶୈଳବାଳା ପଲାଇ, ପୃଥ୍ୱୀରାଜ ପରିଡ଼ା ଓ ମୁଁ । ନୂଆକରି ଇଭିନିଂ (ଯାହାକି ସକାଳେ ହେଉଥିଲା) କଲେଜ୍‌ରେ ଆସିଥାନ୍ତି କବି ଶୁଭେନ୍ଦୁ ମୁଣ୍ଡ ।

ଆମେ ପ୍ରତି ଶନିବାର କୋଉଠି ନା କୋଉଠି ଏକାଠି ହେଉଥିଲୁ । କମଳାକାନ୍ତ ବି ବେଳେବେଳେ ଆସୁଥିଲେ । କବି ଦୁର୍ଗା ଚରଣ ପରିଡ଼ା ସେତେବେଳେ ପୁରୀରେ ପ୍ରଶାସନିକ ଅଧିକାରୀ । ଧୀରେ ଧୀରେ କବି ଅଶ୍ୱିନୀ କୁମାର ମିଶ୍ର ବି ପ୍ରଶାସନିକ ସେବାର ପ୍ରୋବେସନ୍ କରିବାକୁ ପୁରୀ ଆସିଲେ ।

କମଳାକାନ୍ତ ଲେଙ୍କା ଆସିବା ଆଗରୁ ପୁରୀର ସାହିତ୍ୟିକ ନେତୃତ୍ୱ କୁମାର ମହାନ୍ତିଙ୍କ ପାଖେ ଥିଲା । ଧୀରେ ଧୀରେ କୁମାର ମହାନ୍ତି ଅପସରିଗଲେ, ସେ କେଶ୍ ଜିଣିଲେ ଓ ଡି.ଏସ୍.ପି. ଭାବେ କୋରାପୁଟ୍‌ରେ ଯୋଗ

ଦେଲେ । ଏବେ କମଳାକାନ୍ତଙ୍କ ରୁମ୍‌ଟି ହେଲା ସାହିତ୍ୟିକ ଆଡ୍ଡା- ସେଠିକୁ ନିୟମିତ ଆସୁଥିଲେ ତରୁଣ ତପନ ମହାନ୍ତି, ନିର୍ମଳ ମିଶ୍ର, ପ୍ରଭାତ ରଥ, ମୁଁ ଓ ଅନ୍ୟ ଅନେକ । ବୋଧହୁଏ ଅଜୟ ପ୍ରଧାନ, ସମରେନ୍ଦ୍ର ନାଥ ମହାପାତ୍ର ଓ ମଂଗଳା ପ୍ରସାଦ ମହାନ୍ତି ବି ଆସୁଥିଲେ ।

ରୁମ୍ ଭିତରେ କମଳାକାନ୍ତଙ୍କ ଛଡ଼ା ଥିଲେ କିଛି ମୂଷା, ପୁଳାଏ ବହିପତ୍ର, ଗୋଟେ ଏୟାର୍ ବ୍ୟାଗ୍ ଓ କିଛି ଲୁଗାପଟା । ସେ ନିୟମିତ ଦାଢ଼ି କାଟୁଥିଲେ । ନିଶ କ୍ଲିନ୍‌ସେଭ୍ କରୁଥିଲେ । ମୁଢ଼ି, ମିକ୍ସଚର୍ ଓ ବିସ୍କୁଟ୍ ନିୟମିତ ରହୁଥିଲା । ଚା' ଦୋକାନୀକୁ କହିଲେ ଆଣି ଦେଇଯାଉଥିଲା । କେବେ ପାଦରେ, କେବେ ରିକ୍ସାରେ ସେ କଲେଜ୍ ଆସୁଥିଲେ । ହେଲେ, ଫେରିଲା ବେଳକୁ ଫେରୁଥିଲେ ଚାଲିଚାଲି କିଛି ଛାତ୍ରଙ୍କ ସହିତ । ପୁରୀରେ ସେତେବେଳେ ହରିହର ବାହିନୀପତି ଓ ହରିହର ମିଶ୍ର ବି ଲେଖକ ଭାବେ ଥିଲେ ଜଣାଶୁଣା । ସର୍ବୋପରି ଥିଲେ ରାଜ କିଶୋର ରାୟ । ମୋର ମନେଅଛି, କମଳାକାନ୍ତ ଲେଙ୍କାଙ୍କ ସହ ଦେଖାହେବା ପାଇଁ କବି ରାଜେଂଦ୍ର କିଶୋର ପଂଡ଼ା ଓ ଫନି ମହାନ୍ତି ଭୁବନେଶ୍ୱରରୁ ନିୟମିତ ଆସୁଥିଲେ ।

ଏଇ ଥିଲା କମଳାକାନ୍ତ ଲେଙ୍କାଙ୍କ ବେପରୁଆ ଜୀବନ । ଯେବେ ଇଚ୍ଛା ହେଲା, ପୁରୀରେ । ଯେବେ ଚାହିଁଲେ, ଭୁବନେଶ୍ୱର ବା କଟକ । ତାଙ୍କୁ ନେଇ ଅନେକ କାହାଣୀ ଥିଲା ।

କମଳାକାନ୍ତ ଲେଙ୍କାଙ୍କ ଅନେକ ବହି ପୁରୀ ଆସିବା ଆଗରୁ ପ୍ରକାଶିତ ହୋଇଥିଲା । 'ଗୀତ ଗାଆନାରେ ପକ୍ଷୀ' ଓ 'କମଳାକାନ୍ତଙ୍କ ଶ୍ରେଷ୍ଠ କବିତା' ସେ ମତେ ଦେଇଥିଲେ । ମତେ ସେ ଅନେକ କବିତା ବହି ଦେଇଥିଲେ । ବହି କିଣିବା ପାଇଁ ମୋ ପାଖେ ସେତେବେଳେ ପଇସା ନଥିଲା ।

ଆମ ଘରେ ଅନେକ ପତ୍ରିକା ଥିଲା । ମୋ ନନା ଲକ୍ଷ୍ମୀଧର ମହାପାତ୍ର ଥିଲେ ପୁରୀର ପ୍ରଥମ ସାପ୍ତାହିକ 'ଜନମତ'ର ସମ୍ପାଦକ । ଦିନେ ମୁଁ ପୁରୁଣା 'ସାମ୍ମୁଖ୍ୟ' ପତ୍ରିକାରୁ ସାରଙ୍କ କବିତାଟିଏ ପାଇଲି । ନେଇ ତାଙ୍କୁ ଦେଲି । ସେ ଏତେ ଖୁସି ହେଇଗଲେ ଯେ ମତେ କୁଣ୍ଢେଇ ପକେଇଲେ । ସେ କବିତାଟି ତାଙ୍କ ପାଖେ ନଥିଲା, କୌଣସି ସଂକଳନରେ ତାକୁ ସେ ଦେଇ ପାରିନଥିଲେ ।

ସେତିକିବେଳେ ଆରମ୍ଭ ହେଲା ନିର୍ମଳ ମିଶ୍ରଙ୍କ 'ଓମ୍ ପ୍ରିଣ୍ଟର୍ସ' । ଦିନେ ଦେଖିଲି, ସାରଙ୍କ ବହିର ଇଂରାଜୀ ଅନୁବାଦ 'What I look like' ଛପୁଛି ସେଠି ।

## ଉଡ଼ିବା ନିଶାରେ ସିଏ

### ମାନସ ରଂଜନ ମହାପାତ୍ର

କାଲି ତୁମେ ଚଢ଼େଇ ଉଡ଼େଇ ଉଡ଼େଇ
ନିଜେ ଉଡ଼ିଗଲ ଚଢ଼େଇ ହେଇ

ଚଲାପଥର ଦେଖାବେଳେ
ସେମିତି କିଛି କହୁ ନଥିଲ ତ
ଅନାୟାସ ବଢ଼ି ଯାଇଥିବା ତୁମ ଟାଆଁସିଆ ବାଳମାନେ
ବେଶି ଧଳା ହୋଇ ଯାଇଥିଲେ ସତ, ହେଲେ
ନରମି ନଥିଲେ ତ
କପ୍ ପରେ କପ୍ ଚା' ପିଇବା ଓ ପିଏଇବାର ତୁମ ଝୁଂକ୍
ଥିଲା ଆଗ ଭଳି
କହୁ ନଥିଲ ତ, ଚିରବସନ୍ତ ସହ ମିଶିଯିବ
ଠିକ୍ କରିଛ ବୋଲି !

ଜାଣ, ମତେ ଝଡ଼କୁ ଆପଣେଇବା ଶିଖେଇଲା କିଏ
ତୁମେ
ତା'ପରେ ଖରାବର୍ଷାକୁ ଖାତିର୍ କଲିନି ମୁଁ
ଭୟ ଥିଲା ଯଦିଓ, ଲୁଟି ଯାଇପାରେ କେବେ ଅଜାଣତେ
ମୋର ଶୈଶବ, ମୋର ଭବିତବ୍ୟ
ଏକୁଟିଆ ରାତିମାନଙ୍କୁ ଆବୋରିନେବା କେତେ ଭଲ
ତୁମେଇ ବୁଝେଇଥିଲ ମତେ
ନିଜ ସହ ସାକ୍ଷାତକାରର ସେ କି ଥିଲା ଆରମ୍ଭ ସତେ !

ଆଜି ତୁମେ ଆକାଶୀ ଚଢ଼େଇ
ଉଡ଼ିଯାଇଛ କୁଆଡ଼େ ଯେ ଫେରୁନ
ମାର୍କେଟ୍ ଛକରେ ସବୁ ସଂଜରେ ମୁଁ
ତୁମେ ଫେରିବ ବୋଲି ଅପେକ୍ଷୁଛି ।

(କମଳାକାନ୍ତଙ୍କୁ ନେଇ ରଚିତ ଏ କବିତାଟି 'ସୁଚରିତା' ଫେବୃଆରୀ ୨୦୦୦ରେ ପ୍ରକାଶିତ ହୋଇଥିଲା)



କମଳାକାନ୍ତ ଲେଙ୍କାଙ୍କର ଅନେକ ପ୍ରିୟ ଛାତ୍ର ଥିଲେ । ନୃସିଂହ ଷଡ଼ଙ୍ଗୀ ଓ ଗୌତମ ଜେନା, କୁଳମଣି ଜେନା, ଓଲେଇ ଚନ୍ଦନପୁରର ନିରୁପମା ରାୟ, ଏମିତି ଅନେକେ । ହେଲେ, ପୁରୀ କଲେଜ୍‌ର କାହିଁକି କେଜାଣି ମୁଁ ତାଙ୍କର ସବୁଠୁ ପ୍ରିୟ ଛାତ୍ର ବୋଲି ନିଜକୁ ମନେ କରୁଥିଲି ।

ମୁଁ ରୋକି ପାରିଲିନି ମନର ଭାବନାକୁ । ସାର୍‌ଙ୍କୁ ପଚାରିଲି ।

"ତୁମେ ପ୍ରଗଳ୍‌ଭ । ଅନେକଙ୍କୁ କହିବ । ବହିଟା ବାହାରୁ । ସମସ୍ତେ ଜାଣିବେ ।" ସେ ବୁଝେଇଲେ । ବହି ପ୍ରକାଶିତ ହେଲା । ନିଜେ ସାର୍ ଓ ଶୁଭେନ୍ଦୁ ମୁଣ୍ଡ ଅନୁବାଦ କରିଥିଲେ । ପାଣ୍ଡୁଲିପି ଦେଖିଥିଲେ ଡକ୍ଟର ହୁମାୟୁନ କବୀର ଓ ଜିତୁ ପଟ୍ଟନାୟକ । ବହିର ପ୍ରଥମ କପିଟି ସାର୍ ମତେ ଉପହାର ଦେଇଥିଲେ । ଲେଖିଥିଲେ- A gift to my young friend and poet Manas Ranjan Mahapatra.

ଏବେ ଲିଟରେଚର୍ ଫେଷ୍ଟିଭାଲ୍ (ସାହିତ୍ୟ ଉତ୍ସବ), ସଂକ୍ଷେପରେ 'ଲିଟ୍‌ଫେଷ୍ଟ୍' ଗୋଟେ ବ୍ୟବସାୟ ହୋଇଯାଇଛି । କିନ୍ତୁ, ସେତେବେଳେ ଓଡ଼ିଶାର, ସମ୍ଭବତଃ ଭାରତର ଏକମାତ୍ର ସାହିତ୍ୟ ଉତ୍ସବ ଥିଲା 'ପ୍ରଜାତନ୍ତ୍ର ବିଷୁବ ମିଳନ' । 'ବିଷୁବ ମିଳନ'ରେ କବିତା ପଢ଼ିବା ଥିଲା ଏକ ମହାର୍ଘ ଭାଗ୍ୟ । ସେଇଠି ସାରା ରାଜ୍ୟର କବି, ଲେଖକ, ଶିଳ୍ପୀ, ବର୍ଷଙ୍କୁ ଥରେ ଏକାଠି ହେଉଥିଲେ ।

ମୁଁ ୧୯୭୬ରେ ପ୍ରଥମଥର ବିଷୁବ ମିଳନ ଯାଇଥିଲି । ଶିଶୁ ସାହିତ୍ୟ ପାଇଁ ଓଡ଼ିଶାର ପ୍ରଥମ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିବା କବି ପ୍ରମିଳା ନାୟକଙ୍କ ସହ । ତା ପରଠୁ ପ୍ରାୟ ସବୁ ବର୍ଷ ମୁଁ ସେଠିକୁ ଯାଉଥିଲି । ଟ୍ରେନ୍‌ରେ ବିନା ଟିକେଟ୍‌ରେ ଯାଇ କଟକରେ ପହଞ୍ଚୁଥିଲି । ମଉସା ଶ୍ରୀ ସୁରେନ୍ଦ୍ର ନାଥ ନାୟକ (ପ୍ରମିଳା ନାୟକଙ୍କ ସ୍ୱାମୀ) ଥିଲେ କଟକ ଷ୍ଟେସନର ହେଡ଼୍‌କ୍ଲର୍କ । ମାଉସୀ ଓ ମୁଁ ବିଷୁବ ମିଳନକୁ ରିକ୍ସାରେ ଯାଉଥିଲୁ । ବିଷୁବ ମିଳନର ପରଦିନ 'ଓଡ଼ିଆ ଯୁବଲେଖକ ସମ୍ମେଳନ'ର ସଭା ଓ କବିତା ପାଠ ଟାଉନ୍‌ହଲ୍‌ରେ ହେଉଥିଲା । ସେସବୁକୁ ଯାଇ ମୁଁ ଫେରି ଆସୁଥିଲି । ମୋର ପ୍ରଥମ କବିତା ୧୯୭୫ରେ 'ମୀନାବଜାର'ରେ ଛପିଥିଲା । ୧୯୭୬ରେ କବିତା ଛପିଲା ପ୍ରଜାତନ୍ତ୍ର ସାହିତ୍ୟ ବିଭାଗରେ । ପୁରୀରେ ସେତେବେଳେ ଯେଉଁ କେତେଜଣ ହାତଗଣତି ଲେଖକଙ୍କୁ ପ୍ରଜାତନ୍ତ୍ର ବିଷୁବ ମିଳନର ନିମନ୍ତ୍ରଣ ମିଳୁଥିଲା, ମୁଁ ଥିଲି ସେଥିରେ ସର୍ବକନିଷ୍ଠ ।



"ପ୍ରଜାତନ୍ତ୍ର ବିଷୁବ ମିଳନକୁ କାଲି ଯିବା ଚାଲ", ଦିନେ କମଳାକାନ୍ତ ସାର୍ ମତେ କହିଲେ । ଏପ୍ରିଲ୍ ମାସ । ୧୯୮୦ ମସିହା । ବି.ଏ.ପରୀକ୍ଷା ସରି ଯାଇଥାଏ ।

"କାଲି ସକାଳେ ପୁରୀ-କଲିକତା ହିଜ୍‌ଲି ଟ୍ରାନ୍ସପୋର୍ଟ ବସ୍‌ରେ ଯିବା", ସେ କହିଲେ ।

ପୁରୀର ବସ୍‌ଷ୍ଟାଣ୍ଡ ସେତେବେଳେ ସହର ମଝିରେ- ବଗଲା ଧର୍ମଶାଳା ପାଖରୁ ବାହାରି ବସ୍ ଡାକ୍ତରଖାନା ଛକ ଆସେ ଓ ସେଇଠୁ ଅଠରନଳା ଦେଇ ଚାରିନଳା, ବାଟମଙ୍ଗଳା, ଭୁବନେଶ୍ୱରରେ ଏ.ଜି.ଛକ ଓ କଟକରେ ଓଏମ୍‌ପି ଛକ । ମୁଁ ସକାଳୁ ପହଞ୍ଚିଲି । ସାଢ଼େ ଛଅଟାରେ ଆମେ ବାହାରି ସାଢ଼େ ନଅଟାରେ ଓଏମ୍‌ପି ଛକରେ ପହଞ୍ଚିଲୁ । ସେଠୁ ରିକ୍ସା କରି ଦଶଟା ବେଳକୁ ପହଞ୍ଚିଗଲୁ ସୁରଜ୍ ଟକିଜ୍‌ରେ । ପ୍ରଜାତନ୍ତ୍ର ବିଷୁବ ମିଳନରେ କମଳାକାନ୍ତ ସାର୍ ମୋର ଓ ତାଙ୍କର କବିତା ମଂଚ ପରିଚାଳନା କରୁଥିବା ସରୋଜ ରଂଜନ ମହାନ୍ତିଙ୍କୁ ଦେଇଦେଲେ । କହିଲେ ବି, 'ଯୁବକବି ମାନସ, ତାଙ୍କୁ ଆଗ ଡାକ - ଆମେ ତ ପୁରୁଣା ଲୋକ ।' ସତକୁ ସତ ମୋ ନାଁ ଆଗରୁ ଡକା ହେଇଗଲା- ମୁଁ ସଗର୍ବରେ କବିତା ପଢ଼ି କରତାଳି ଭିତରେ ମଂଚରୁ ଓହ୍ଲେଇଲି ।

"ତୁମେ ଏବେ ଜଣାଶୁଣା ଯୁବକବି । ଡକ୍ଟର୍ ମହତାବଙ୍କୁ ଭେଟିଛ କେବେ ?"ସାର୍ ପଚାରିଲେ ।

"ହଁ ସାର୍, ଦି'ବର୍ଷ ତଳେ ମୁଁ ଲିଟରାରି ଚମ୍ପିଆନ୍ ହେଇଥିଲି- ସେ ଥିଲେ ପୁରସ୍କାର ବିତରଣ ଉତ୍ସବର ମୁଖ୍ୟ ଅତିଥି । ମତେ ଥଟ୍ଟାରେ କହିଥିଲେ, ସବୁ ପୁରସ୍କାର ତ ମାନସ ରଂଜନ ମହାପାତ୍ର- ଅନ୍ୟମାନଙ୍କୁ କିଛି ଦିଅ ।"

"ତାହେଲେ ଗୋଟାଏ ବେଳକୁ ଯାଅ । କବିତା ପାଠୋତ୍ସବ ଖାଇବା ଲାଗି ଦେଢ଼ଟା ବେଳେ ବ୍ରେକ୍ ହେବ । ତୁମେ ଗୋଟାଏ ବେଳକୁ ଯାଇ ବୁଢ଼ାକୁ ନମସ୍କାର କରିବ । କହିବ, ଆପଣ ମତେ ପୁରୀ କଲେଜ୍‌ରେ ସାହିତ୍ୟ ପାଇଁ ପୁରସ୍କାର ଦେଇଥିଲେ । ଏବେ ମୁଁ 'ପ୍ରଜାତନ୍ତ୍ର' ସାହିତ୍ୟ ବିଭାଗ, 'ଧରିତ୍ରୀ', 'ଆସନ୍ତାକାଲି'ରେ ଛପିଲିଣି । ହେଲେ, 'ଝଂକାର'ରେ ନଛପିଲେ ମୁଁ କି କବି ? ବୁଢ଼ା ପଚାରି ପାରନ୍ତି, "ସମସ୍ତେ କଣ 'ଝଙ୍କାର'ରେ ଛପିବେ ?" ତୁମେ ଚୁପ୍ ରହିବ । ତା'ପରେ ପକେଟ୍‌ରୁ କବିତା କାଢ଼ିବ । ସିଏ ହୁଏତ କହି ପାରନ୍ତି 'ପଢ଼' । ତୁମେ ପଢ଼ିବ । ଥଙ୍ଗେଇବନି । ସେ ହୁଏତ ସରୋଜ ରଂଜନ ମହାନ୍ତିଙ୍କୁ ଡାକିବେ । ତୁମେ କବିତା ପଢ଼ିଲା ପରେ ତାଙ୍କ ହାତକୁ ବଢ଼େଇ ଦେଇଥିବ । ସେ ହୁଏତ ତୁମ କବିତା ସରୋଜ ବାବୁଙ୍କୁ ଦେବେ । ତୁମେ ନମସ୍କାର କରି ଫେରି ଆସିବ । କବିତା କଣ କରିବେ, ତାଙ୍କୁ ପଚାରିବନି । ସମ୍ମାନ ପୁରା ଦେବ, ପ୍ରଶ୍ନ କରିବନି ବା ତର୍କ କରିବନି ।"

ସାର୍‌ଙ୍କ ତାଲିମ୍ ଠିକ୍ କାମ କଲା । କବିତା ପଢ଼ି ମହତାବଙ୍କ ହାତକୁ ଦେଲି । ସେ ସରୋଜ ରଂଜନ ମହାନ୍ତିଙ୍କ ହାତକୁ କବିତାଟି ଦେଲେ । ମୁଁ ପ୍ରଣାମ କରି ଫେରି ଆସିଲି । ବିଷୁବ ମିଳନ କବିତା ପାଠ ପରେ ସାର୍ ମତେ ସାଙ୍ଗରେ ନେଇ ପ୍ରଫେସର୍ କୁଞ୍ଜବିହାରୀ ଦାଶଙ୍କ ଘରକୁ ଗଲେ । ପ୍ରଫେସର୍ ପଢ଼ା । ପ୍ରଫେସର ଦାସ ଥିଲେ ବିଶ୍ୱଭାରତୀରେ ସାର୍‌ଙ୍କ ଶିକ୍ଷକ । କମଳାକାନ୍ତ ସାର୍ ମତେ ଚିହ୍ନେଇ ଦେଲେ: 'ସାର୍ ମାନସ୍ ମୋର ଛାତ୍ର । ଭଲ କବିତା ଲେଖୁଛି । ବିଷୁବ ମିଳନ ଆସିଥିଲା । ତାକୁ ଆଶୀର୍ବାଦ କରନ୍ତୁ- ଭଏ ଲେଖୁ ।' ଡକ୍ଟର ଦାଶଙ୍କ ଆଶୀର୍ବାଦ ନେଇ ଆମେ ଭୁବନେଶ୍ୱର ଫେରିଲୁ ।

ବାଟରେ କମଳାକାନ୍ତ ସାର୍ କହିଲେ, "ବାଣୀବିହାର ଯିବା ଚାଲ । ନିତ୍ୟାନନ୍ଦ

ଶତପଥୀ ବାଣୀବିହାର ସାହିତ୍ୟ ସଂସଦର ବିଷୁବ ଆସରକୁ ଡାକିଥିଲେ । ସେଠି କବିତା ପଢ଼ିବା । କୁଳମଣି ଜେନା ଘରେ ରହିବା । କାଲି ପୁରୀ ଫେରିଯିବା ।"

ଆମେ ଦୁହେଁ ବାଣୀବିହାର ଗଲୁ । ସାର୍ ମୋ କବିତା ଆଗ ଦେଲେ ନିତ୍ୟାନନ୍ଦ ଶତପଥୀଙ୍କ ହାତକୁ । କହିଲେ, "ଇଏ ମାନସ୍, ଭଲ କବିତା ଲେଖୁଛି । ନିତ୍ୟାନନ୍ଦ ସାର୍ ମୋ କବିତା ଆଗରୁ 'ଧରିତ୍ରୀ' ଓ 'ଆସନ୍ତାକାଲି'ରୁ ପଢ଼ିଥିଲେ, ଖୁସି ହେଲେ । ମୁଁ କବିତା ପଢ଼ିଲି । ନିତ୍ୟାନନ୍ଦ ଶତପଥୀ ମଂଚରୁ ଓହ୍ଲାଇବା କ୍ଷଣି ମତେ କୁଣ୍ଢେଇ ପକେଇଲେ । କହିଲେ, "ଭଲ ଲେଖିଛ, ଭଲ ପଢ଼ିଲ ବି, ଲେଖି ଚାଲ ।"

ଆମେ ଦୁହେଁ ତା' ପରଦିନ ପୁରୀ ଫେରି ଆସିଲୁ । ପୁରୀ 'ବିଷୁବ ମିଳନ'ରେ ଯୋଗ ଦେବାକୁ । ମୋର ପୁରୀରୁ ଯିବା ଠାରୁ ଫେରିବା ପର୍ଯ୍ୟନ୍ତ ସବୁ ଖର୍ଚ୍ଚ କରିଥିଲେ କମଳାକାନ୍ତ ସାର୍ ।

୧୯୮୦ ଜୁନ୍ ମାସ । ଖରାବେଳା ମୋ ବଡ଼ ଭଉଣୀ ପ୍ରଭାତ ନଳିନୀ ମତେ ନିଦରୁ ଉଠେଇଲା । କହିଲା, "ଜାଣିଛୁ ତୋ କବିତା 'ଝଂକାର'ରେ ବାହାରିଛି ।"

ମୁଁ ଭାବିଲି, ସେ ମଜା କରୁଛି । ନାନୀ ଓ ମୁଁ ବିଭିନ୍ନ ପତ୍ରପତ୍ରିକାରେ ଛପୁଥିଲୁ । 'ଝଂକାର' ଥିଲା ଓଡ଼ିଆ ସାହିତ୍ୟର ମାନଦଣ୍ଡ । ଆମ ଭିତରୁ ଯିଏ ଆଗ 'ଝଂକାର'ରେ ଛପିବ, ସିଏ ଆଉ ଜଣକୁ ରସଗୋଲା ଖୁଏଇବ, କଥା ଥିଲା । ନାନୀ ମୋ ହାତକୁ 'ଝଂକାର' ବଢ଼େଇ ଦେଲା । ଖୋଲିଲା ବେଳକୁ ସେଥିରେ ମୋର କବିତା ।

ମୋର ଇଚ୍ଛା ହେଉଥିଲା ମୁଁ ଦଉଡ଼ି ଦଉଡ଼ି ନୀଳାଚଳ ଲଜିଂକୁ ଯାଆନ୍ତି । ସାର୍‌ଙ୍କ ପାଦ ଛୁଇଁ 'ଝଂକାର' ଦେଖାନ୍ତି । କହନ୍ତି, ସାର୍, ଆପଣ ମତେ କବି ଭାବେ ଓଡ଼ିଆ ସାହିତ୍ୟ ରାଜ୍ୟରେ ଚିହ୍ନେଇ ଦେଲେ । ଛୁଟିଦିନ, ସାର୍ ଘରକୁ ଯାଇଥିବେ ଭାବି ମନକଥା ମନରେ ରଖିଲି । ହେଲେ ମୋ ମନରେ ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ବଢ଼ିଗଲା ।

କମଳାକାନ୍ତ ଲେଙ୍କା ଓ ମୋର ଗୁରୁଶିଷ୍ୟ ଓ ବଂଧୁ ଭାବେ ଚଳିବାର ୩୦ବର୍ଷର ଇତିହାସ ଗୋଟେ କାହାଣୀ । ଅଗ୍ରଜ ଲେଖକମାନେ ଅନୁଜ ମାନଙ୍କୁ କେମିତି ଆଗକୁ ବଢ଼ିବା ଲାଗି ପ୍ରେରଣା ଦେବା କଥା, ମୁଁ ତାଙ୍କ ଠୁ ଶିଖିଲି ।



୧୯୮୧ରେ ମୁଁ ଜେ. ମହାପାତ୍ର ଆଣ୍ଡ୍ କୋ.ରେ ପ୍ରକାଶିତ ଇଂରାଜୀ ଖବରକାଗଜ 'ନ୍ୟୁଜ୍ ଅଫ୍ ଦି ୱାର୍ଲଡ୍', ମାସିକ ଡାଇଜେଷ୍ଟ୍ 'ଆଲୋକ'ର ସହ ସମ୍ପାଦକ ଭାବେ ଚାକିରି ଆରମ୍ଭ କଲି । ଯେବେ ମାସ ଶେଷ ଆସେ, କଲେଜ୍ ବା ନୀଳାଚଳ ଲଜିଂ ଯାଇ ସାର୍‌ଙ୍କ ସହ ଦେଖା କରେ । ଦୁହେଁ ଗପୁଡ଼ି ଲୋକ ତ, ଗପି ଚାଲୁ, ଉପରବେଳା ସଂଜ ହୁଏ, ରାତି ବଢ଼େ- ମୁଁ ଘରକୁ ଫେରିଆସେ ।

୧୯୮୪ରେ ମୁଁ ଶିକ୍ଷା ବିଭାଗରେ ଚାକିରି କରିବାକୁ ଉମରକୋଟ, କୋରାପୁଟ ଚାଲିଗଲି । ୧୯୮୭ରେ ଗଲି NCERTରେ ଯୋଗ ଦେବାକୁ ଲକ୍ଷ୍ନୌ । ଯିବା ଆଗକୁ ସାର୍‌ଙ୍କ ସହ ଦେଖା ହେଲା ନାହିଁ । ସେ ବଦଳି ହୋଇ ଭଦ୍ରକ ଚାଲି ଯାଇଥିଲେ ।

ମଝିରେ ଯେ କମଳାକାନ୍ତ ସାର୍‌ଙ୍କ କଥା ମନେ ନପଡ଼ିଛି, ତା ନୁହେଁ । ସେତେବେଳେ ମୋବାଇଲ୍‌ର ବ୍ୟବହାର ଆରମ୍ଭ ହେଇନଥାଏ । ଫେସ୍‌ବୁକ୍ ବି । ହ୍ୱାଟ୍ସଆପ୍ କଥା ଛାଡ଼ । ଯେଉଁଠୁ ପତ୍ରିକା ପାଏ, ସାର୍‌ଙ୍କ ଲେଖା ଖୋଜି ହୁଏ । ପତ୍ନୀ ଶୈଳବାଳା ଓଡ଼ିଆ ପତ୍ରିକା ନିୟମିତ ରଖନ୍ତି । ସାର୍‌ଙ୍କୁ ଚିଠି ଲେଖେ । ଚିଠି ମିଳେ କି ନା, ଉତ୍ତର ମିଳେ ନାହିଁ ।



ମଝିରେ 'ଝଂକାର'ରେ ସାର୍‌ଙ୍କ କବିତା ଉପରେ ଭଗବାନ ଜୟସିଂହଙ୍କ ଲେଖା ପଢ଼ିଲି । ସେ କମଳାକାନ୍ତଙ୍କ କବିତାର ଶବ୍ଦ ସବୁ କେବେ କେବେ ବେଖାପ୍ ଲାଗିବା ବିଷୟରେ ଲେଖିଥିଲେ । ସେ କେବେକେବେ ଆଧିଭୌତିକ ସ୍ତରରେ ପହଞ୍ଚିବା ପରେ ତାଙ୍କ ଶବ୍ଦ ସବୁ ହୋଇ ଯାଆନ୍ତି ପରସ୍ପର ଠାରୁ ବିଚ୍ଛିନ୍ନ । କେବେକେବେ ସେ ଚିତ୍ର ଆଙ୍କି ବସନ୍ତି ତ କେବେ ଗୀତ ଗାଇ । ଭଲ ଗୀତର ସେ ନିରୁତା ଶ୍ରୋତା ଥିଲେ । ଘଣ୍ଟା ଘଣ୍ଟା ଧରି ତଲତ୍ ମେହେମୁଦ୍ ବା ମୁକେଶ୍‌ଙ୍କ ଗୀତ ନିଜ ଟୁ-ଇନ୍-ୱାନ୍‌ରୁ ଶୁଣୁଥିଲେ । ଶାସ୍ତ୍ରୀୟ ସଂଗୀତ ବା ଚମ୍ପୂର ସଉକ୍ ବି ତାଙ୍କର ଥିଲା । ସେ ବଇଁଶୀ ବି ଦୁଇତିନିଟା ରଖିଥିଲେ । ନିରୋଳା ମୁହୂର୍ତ୍ତରେ ବସି ବଜାଉଥିବେ- ଏକା ଏକା । ନିଜ ଦୁଃଖ ସେ ଆମକୁ ଜାଣିବାକୁ ଦେଉନଥିଲେ ।

ଯେବେ ଉମରକୋଟ, ଲକ୍ଷ୍ନୌ ବା ଦିଲ୍ଲୀରେ ଏକା ଏକା ରହିଲି, ସାର୍‌ଙ୍କର ସେ ଟୁ-ଇନ୍-ୱାନ୍ କଥା ମନେ ପଡ଼ିଲା । ମୁଁ ଟୁ-ଇନ୍-ୱାନ୍‌ଟିଏ ରଖିଲି । ଏକୁଟିଆ ମୁହୂର୍ତ୍ତରେ ତଲତ୍ ମେହେମୁଦ୍ ବା ଗୁଲାମ୍ ଅଲ୍ଲୀ ବା ଜଗ୍‌ଜିତ୍ ସିଂହ-ଚିତ୍ରା ସିଂହଙ୍କ ଗୀତ ଶୁଣିଲି । ସାର୍‌ଙ୍କୁ ମନେ ପକେଇଲି । 'ସୁନା ଫସଲ' ଠୁ ଆରମ୍ଭ କରି 'ଦୁଃଖ ସହ କଥାବାର୍ତ୍ତା' ଯାଏଁ ମନରେ ଆସିଲେ । ସାର୍ କାବ୍ୟିକ ଆତ୍ମଜୀବନୀ ବି ଲେଖୁଥିଲେ । ପରେ ତାହା 'କବିର ଡାଏରୀ' ଓ 'ଡାଏରୀ କବିତା' ରୂପରେ ବାହାରିଲା ।

୧୯୯୦ରେ ମୁଁ ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ୍‌ରେ ଯୋଗ ଦେଲି । ୧୯୯୬ରେ ଭଦ୍ରକର ଗୋଟିଏ ସଭାରେ ଯୋଗ ଦେବାକୁ ଯାଇଥାଏ । ସଭା ଆରମ୍ଭ ପୂର୍ବରୁ କମଳାକାନ୍ତ ସାର୍ ଆସି ପହଞ୍ଚଲେ ।

"ଏଠି ମୋର କିଛି କାମ ନାହିଁ, ତୁମେ ଆସୁଛ ବୋଲି ଖବର ପାଇଲି । ତୁମକୁ ଦେଖିବାକୁ ଆସିଲି ।" ସେ କହିଲେ ।

ଆମେ ସାମ୍ନା ରାସ୍ତାକଡ଼ ଚାହା ଦୋକାନରେ ଯାଇ ବସିଲୁ । ଅନେକ କଥା ଗପିଲୁ । ସେ ମତେ ଶୁଣିଲେ, ମୁଁ ତାଙ୍କୁ । ବିପୁଳ ଅନୁଭୂତିର ମହାମାନବ ସେ । ସଭା ସମୟ ହେଇଗଲା । ସାର୍ ଗାଆଁରୁ ଆସିଥିଲେ ଖାଲି ମୋ ସହ ଦେଖା ହେବ ବୋଲି । ଫେରିଗଲେ ।

ଫେରିଗଲେ ଯେ ଏଯାଏଁ ଆଉ ଆସି ନାହାନ୍ତି । ପୁରୀର ମାର୍କେଟ୍ ଛକରେ ଏବେ ବି ଆମେ ସବୁ ତାଙ୍କୁ ଖୋଜୁଛୁ । ଉଡ଼ନ୍ତା ଚଢ଼େଇ ସେ, ଉଡ଼ିଉଡ଼ି କେତେଦୂର ଚାଲିଗଲେ କେଜାଣି !

# ଅନେକ ଅଲକା



# ତୁଳନାତ୍ମକ ଆଲୋକରେ 'ବିକଳ ଅନ୍ତର' ଆକାଂକ୍ଷାର କବିତା 'ଅଳକା ସାନ୍ୟାଲ': ଏକ ପ୍ରାୟୋଗିକ ସୂକ୍ଷ୍ମାନୁଶୀଳନ


**ଡକ୍ଟର ସନ୍ତୋଷ କୁମାର ନାୟକ**

ସହକାରୀ ପ୍ରଫେସର ଓ ବିଭାଗ ମୁଖ୍ୟ
ଅଧିସ୍ନାତକ ଓଡ଼ିଆ ବିଭାଗ,
ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ,
ବାଲେଶ୍ୱର,
ସଂପାଦକ: IJLA,ନିୟୁୟର୍କ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ : ୮୩୨୮୯୦୯୧୫୭




▶ଲେଖକ ଡକ୍ଟର ସନ୍ତୋଷ କୁମାର ନାୟକ

ଅନାମ ଗୋଷ୍ଠୀର ସୁନାମଧନ୍ୟ ସ୍ରଷ୍ଟା ହେଉଛନ୍ତି ଡକ୍ଟର ଫନୀ ମହାନ୍ତି (୨୫.୦୧.୧୯୪୪) । ସତୁରୀ ଦଶକରେ ଭୁବନେଶ୍ୱରରୁ ପ୍ରକାଶିତ ସଂଭ୍ରାନ୍ତ ସାହିତ୍ୟ ଓ ସମାଲୋଚନାଧର୍ମୀ ପତ୍ରିକା 'ସଂଯୋଗ'ର ସୁଯୋଗ୍ୟ ସଂପାଦକ ହିସାବରେ ଡକ୍ଟର ମହାନ୍ତିଙ୍କ ଖ୍ୟାତି କିଛି କମ୍ ନୁହେଁ । ସ୍ୱପ୍ନ, ବାସ୍ତବତା, ପ୍ରେମ-ପ୍ରଣୟ, ଭାରତୀୟ ଅଧ୍ୟାତ୍ମବାଦ, ଉପନିଷଦ ଦର୍ଶନ, ବିଷାଦବାଦୀ ଚେତନା, ମିଥ୍ ଓ ବାସ୍ତବତାକୁ ନେଇ ନିଜସ୍ୱ ଶୈଳୀରେ ଲଜିକ୍, ଉପପାଦନ ବା ଅନୁଗମ ଦ୍ୱାରା ଅଧିଷ୍ଠାପନ (Objection and objectification through the method of Induction) ଧାରା ଆପଣେଇବା ଏବଂ ତନ୍ମୟ ମାଧ୍ୟମରେ ମନ୍ମୟ ବକ୍ତବ୍ୟରୁ ମନ୍ମୟ ସିଦ୍ଧାନ୍ତରେ ଉପନୀତ ହେବା କବି ଡକ୍ଟର ମହାନ୍ତିଙ୍କର ଏକ ସ୍ୱାଭାବିକ ସ୍ୱାତନ୍ତ୍ୟ । ଆଲୋଚ୍ୟ 'ଅଳକା ସାନ୍ୟାଲ' କବିତାରେ ମଧ୍ୟ ଉପର୍ଯ୍ୟୁକ୍ତ ବକ୍ତବ୍ୟର ସତ୍ୟତା ଯାଞ୍ଚ୍ କରାଯାଇପାରେ । ଏସବୁ ପଶ୍ଚାତ୍‌ରେ ରାଉତରାୟ ଓ ଗୁରୁପ୍ରସାଦଙ୍କ ଶୈଳୀର ଧାରା ହିଁ ରହିଛି । "ଓଡ଼ିଆ କବିତାରେ ସଚ୍ଚି ରାଉତରାୟ, ଗୁରୁପ୍ରସାଦ ଓ ରମାକାନ୍ତଙ୍କ କାବ୍ୟଚେତନା ଦେଇ ଯେଉଁ ନୂତନ ସେତୁଟି ସୃଷ୍ଟି ହେଲା ଏବଂ ଯେଉଁ ଅଦୃଶ୍ୟ ଦିଗନ୍ତଟି କବିତାର ଦିଗ୍‌ବଳୟରେ କ୍ରମଶଃ ଦୃଷ୍ଟିଗୋଚର ହେଲା କବି ଫନୀ ମହାନ୍ତିଙ୍କ କାବ୍ୟସତ୍ତା ସେଥିରୁ ଉଦ୍‌ଭବ କହିଲେ ଅତ୍ୟୁକ୍ତି ହେବନାହିଁ ।" (୨୦୧୩:୧୮୦) 'ମାନଚିତ୍ର' ସଂକଳନର ଏହି କବିତା କବି ଡକ୍ଟର ମହାନ୍ତିଙ୍କର ପ୍ରାଥମିକ ପ୍ରଚେଷ୍ଟାର ଫଳଶ୍ରୁତି ମାତ୍ର । କବିତାଟି ଖୁବ୍ ସୁଚିନ୍ତିତ, ବୌଦ୍ଧିକତା ଓ ସ୍ନିଗ୍ଧ ଭାବାବେଗର ମଧୁର ସମନ୍ୱୟ ମାତ୍ର । ବର୍ତ୍ତମାନ କବିତାଟିର ମୂଳ ତଥା ଅସଲ ଅଭିପ୍ରାୟ ଜାଣିବା ପାଇଁ ସଚ୍ଚିଦାନନ୍ଦ ଓ ଗୁରୁପ୍ରସାଦଙ୍କ କବିତାଗୁଡ଼ିକ (ଚନ୍ଦ୍ରାବତୀ, ଅଳକା ସାନ୍ୟାଲ, ଅଳକା ସାନ୍ନ୍ୟାଲ)ର ତୁଳନାତ୍ମକ ବିଚାର ଆବଶ୍ୟକ ।

ସେ ଚନ୍ଦ୍ରାବତୀ, ସେ ବି ଅଳକା ସାନ୍ୟାଲ୍, ସେ ବୈଦେହୀ, ସେ ଦ୍ରୌପଦୀ, ସେ ଉର୍ବଶୀ, ସେ ସହପାଠିନୀଟିଏ ନାଳନ୍ଦାର, ସେ ପ୍ରଗଲ୍‌ଭା ନାରୀନେତ୍ରୀଟିଏ, ଅଭିସାରିକାଟିଏ, ନୂଆଖାଲିର ପଠାଣବସ୍ତିର ପୀଡ଼ିତା, ଜର୍ଜରିତା ଜୀବନଟିଏ, ଗଣିକାଟିଏ, ସେ ସାଧାରଣ ନାରୀଟିଏ, ସେ ପ୍ରତିମା, ସେ ମିନତି, ସେ ମୀରା ଆଉ ସେ ମଧ୍ୟ ଅନିମା ବସ୍ତିଆ । ସଚ୍ଚିଦାନନ୍ଦଙ୍କ ଅଳକା ସାନ୍ୟାଲ (୧୯୮୭: ୧୯୯-୨୦୦), ପ୍ରତିମା ନାୟକ (୧୨୮-୨୯), ଚନ୍ଦ୍ରାବତୀ (୧୫୧-୫୩), ଗୁରୁପ୍ରସାଦଙ୍କ ଅଳକା ସାନ୍ୟାଲ୍ (୧୯୭୦: ୧୯-୨୦), 'କାଳପୁରୁଷ'ର ପ୍ରତିମା, ମିନତି, ମୀରା (୫୪), ଅବା ତାଙ୍କ 'ପ୍ରିୟବାନ୍ଧବୀ' (୧୦-୧୩) ଅଥବା ଜୀବନାନନ୍ଦଙ୍କ 'ବନଲତା ସେନ୍' ବା ଯେକୌଣସି ନାରୀଟିଏ ହୋଇପାରେ ଅଳକା ସାନ୍ୟାଲ୍ । ସଚ୍ଚିଦାନନ୍ଦଙ୍କ 'ପାଣ୍ଡୁଲିପି' (୧୯୪୭) ଓ ଗୁରୁପ୍ରସାଦଙ୍କ 'ନୂତନ କବିତା' (୧୯୫୫) ବା ସମୁଦ୍ରସ୍ନାନ (୧୯୭୦)ର ଅଳକା ସାନ୍ୟାଲ୍‌ର ପ୍ରତିବେଦନ ନିହାତି ସ୍ୱତନ୍ତ୍ର ଓ ଭିନ୍ନ ଭିନ୍ନ । ପ୍ରକୃତପକ୍ଷେ କହିବାକୁ ଗଲେ ସଚ୍ଚିଦାନନ୍ଦ ଓ ଗୁରୁପ୍ରସାଦଙ୍କ କବିତାର ଆବେଦନ ପରସ୍ପର ବିରୋଧୀ । ସଚ୍ଚିଦାନନ୍ଦ ତାଙ୍କ ଅଳକା ସାନ୍ୟାଲ୍‌ରେ ନାରୀ ପ୍ରତି Sympathetic ହୋଇଥିଲା ବେଳେ ଗୁରୁପ୍ରସାଦ Antipathic ହୋଇଛନ୍ତି । ସଚ୍ଚିଦାନନ୍ଦ ନାରୀ ଠାରେ ସଂଭ୍ରମତା, ଶାଳୀନତା ଓ ପରାଧୀନତା ଦେଖିଥିଲାବେଳେ ଗୁରୁପ୍ରସାଦ ଦେଖିଛନ୍ତି ଉଗ୍ର ସ୍ୱାଧୀନତା, ସ୍ୱଚ୍ଛନ୍ଦପଣିଆ ଓ ସ୍ୱେଚ୍ଛାଚାରିତା । ସଚ୍ଚିବାବୁଙ୍କ ନାରୀ ମଧ୍ୟଯୁଗୀୟ ଓ ସହନଶୀଳା ମାତ୍ର ଗୁରୁବାବୁଙ୍କ ନାରୀ ଆଧୁନିକ ଓ ପ୍ରତିକ୍ରିୟାଶୀଳା । ସଚ୍ଚିବାବୁ ନିଜ ଲେଖାରେ ମଧ୍ୟ ଖୁବ୍ ଚୁମ୍ବକୀୟ ଓ ଏପିକାଲ୍ ହୋଇଛନ୍ତି ମାତ୍ର ଗୁରୁପ୍ରସାଦ ଅଧିକ ବାସ୍ତବବାଦୀ, ପ୍ରତୀକଧର୍ମୀ ଓ ଅଧିକ ତୀର୍ଯ୍ୟକ୍ ହୋଇପଡ଼ିଛନ୍ତି । ରାଉତରାୟଙ୍କ 'ଅଳକା ସାନ୍ୟାଲ୍' ଓ 'ଚନ୍ଦ୍ରାବତୀ' ଉଭୟ ଲେଖକଙ୍କ ପ୍ରେୟସୀ । କିନ୍ତୁ ଗୁରୁପ୍ରସାଦ ଅଳକା ସାନ୍ୟାଲ୍‌କୁ ନିଜର ପ୍ରେୟସୀ ଦୃଷ୍ଟିରେ ଦେଖିନାହାଁନ୍ତି । ବରଂ ଜଣେ ଅଭିସାରିକା, ସ୍ୱେଚ୍ଛାଚାରୀ, ଉଗ୍ର ଆଧୁନିକ ଓ



ରକ୍ଷଣଶୀଳତାର ନିଗଡ଼ ଭିତରୁ ବାହାରି ଆସିଥିବା ନାରୀଟିଏ ପରି ଦେଖିଛନ୍ତି । ତମାମ୍ କବିତାରେ ଗୁରୁପ୍ରସାଦ ଯେଉଁପରି ଭାବରେ ପ୍ରତୀକ ବ୍ୟବହାର କରି ନିରୁତା ବାସ୍ତବତାକୁ ଆଙ୍କିଛନ୍ତି ସେ ଦୃଷ୍ଟିରୁ ରାଉତରାୟ କିନ୍ତୁ ସଂଭ୍ରାନ୍ତ ପ୍ରତିଭାତ ହୋଇଛନ୍ତି । ଚୁମ୍ବକରେ ସେ ନିଜର ଅଭିବ୍ୟକ୍ତି ରଖିଛନ୍ତି । ଏହି ଦୁଇଟି କବିତାରେ ଆଧୁନିକତାର ଟ୍ରାନ୍ସଫର୍‌ମେସନ୍ କିପରି ହୋଇଛି ସ୍ପଷ୍ଟ ଦେଖାଯାଏ । ଏଥିରୁ ରାଉତାରାୟଙ୍କ ସୌନ୍ଦର୍ଯ୍ୟବାଦୀ ଦୃଷ୍ଟିକୋଣ ଓ ଗୁରୁପ୍ରସାଦ ମହାନ୍ତିଙ୍କ ବାସ୍ତବବାଦୀ ଅଭିରୁଚି ବେଶ୍ ସ୍ପଷ୍ଟ ହୁଏ । ରାଉତରାୟଙ୍କ ଲେଖାରେ ନାରୀ ପ୍ରତି ଅତ୍ୟାଚାର ହୋଇଥିବାର ଦୃଶ୍ୟ ଦେଖା ଯାଇଥିଲା ବେଳେ ମହାନ୍ତିଙ୍କ ଠାରେ ସେକ୍ସ ବା ଆଦିମ ଜାନ୍ତବ କ୍ଷୁଧାକୁ ଅଧିକ ଗୁରୁତ୍ୱ ଦିଆ ଯାଇଛି । ଗୋଟିଏ ପକ୍ଷରେ ଯୌନକ୍ରିୟା ଅତ୍ୟାଚାର ପରି ଉଦ୍‌ଭାସିତ ହୋଇଥିଲା ବେଳେ ଅପର ପକ୍ଷରେ ଏହି କ୍ରିୟା ଏକ ଅସ୍ମିତାର ଅନୁଭବ, ଉଗ୍ର ସ୍ୱାଧୀନତାର ଫଳଶ୍ରୁତି ଓ enjoyment ଦେଖାଉଛି । ସର୍ବୋପରି ନାରୀ ନିଜର ଦେହକୁ ଏଠାରେ ଆବ୍ରୁ ଭିତରେ ନରଖି ଏହାକୁ ଅଧିକରୁ ଅଧିକ ନିଜ ସ୍ୱାର୍ଥହାସଲ ନିମନ୍ତେ ବ୍ୟବହାର କରିଛି । ମହାନ୍ତି ଏଠାରେ ଏକ witness ବା ସେହି ସମାଜର ନାରୀଟିକୁ ଉପଭୋଗ କରିବା ନିମନ୍ତେ ସ୍ୱପ୍ନ ଦେଖୁଥିବା ଜଣେ କାମାନ୍ଧ ପୁରୁଷ ସତ୍ତାର ପ୍ରତିଭୂ । "ତା' ଭିତରେ ତୁମେ ପୁଣି ପ୍ରେମ କର ଗର୍ଭବତୀ ହୁଅ / ସିନେମାର ହ୍ୟାଣ୍ଡ୍‌ବିଲ୍ ମୁଁ ଦେଖିଛି ତୁମର ଦେହରେ / ପବନ ତୁମକୁ ଯେବେ ଆସ୍ତେ ନିଏ ବାଲିରୁ ସାଉଁଟି / ମୁଁ ତୁମକୁ ସ୍ୱପ୍ନ ଦେଖେ ମୋର ଢିଲା ପାଇଜାମା କାମିଜର ଅମରାବତୀରେ ।" (୧୯୭୦:୨୦) ରାଉତରାୟ concrete-universal ଉପରେ ଆସ୍ଥାପ୍ରକଟ କରିଥିଲାବେଳେ ମହାନ୍ତି objective-corelativeକୁ ନେଇଛନ୍ତି ।

ତେବେ ବ୍ଲାଉଜ୍‌ର ବୋତାମ ଦେବା, ସେମିଜ୍‌ରୁ ଚା'ଦାଗ ଧୋଇବା, ସିଗାରେଟ୍ ଧୂଆଁ ଓ ଖାକି ଆଉ ଫିଲ୍‌ଡ଼ଗ୍ରେ ଧୂଳି ବାସ୍ନାହୀନ ଜରିଫୁଲ ଓ କାଗଜଫୁଲରେ ଜମିଯିବା, କାଉ ଆଉ ବାଦୁଡ଼ିର ଚେଁ ଚାଁ ଶବ୍ଦ ମିଶିଯିବା, ରିକ୍‌ସାବାଲା ବାଟ ଭୁଲିବା, କୋଇଲାର ଧୂଆଁ ନିଶ ମୋଡ଼ିଉଠିବା, ଯୋତା ଷ୍ଟ୍ରାପ୍ ଧୀରେ ଖୋଲିବା, ବେଣୀ ଶାଢ଼ୀ ଅସଂଯତ ଅବସ୍ଥାରେ ବିଛଣାରେ ଲୋଟି ପଡ଼ିବା, ଲୁଗାପଟା ଠିକ୍‌ଠାକ୍ କରି ଆସ୍ତେ ଉଠିବା, ସିଗାରେଟ୍ ଧୂଆଁ ନରଗିସ୍ ନେତାଜୀ ଫଟୋରେ ଜମାଟ ହେବା, ଦେହ କାଦୁଅ ପାଲଟି ଯିବା, ନୂଆଖାଲି, ନୂଆଦିଲ୍ଲୀ ଓ 'କଟକର ଗଳିକନ୍ଦି ରାସ୍ତା ରାସ୍ତା ଛକରେ ଛକରେ ଯିବାଆସିବା' ଓ 'ରାତିରେ ପ୍ରସୂତି କଷ୍ଟ ସକାଳର ରୁଗ୍‌ଣ ଜନ୍ମ ନେବା', ପ୍ରେମକରି ଗର୍ଭବତୀ ହେବା ଓ ଢିଲାପାଇଜାମା କମିଜ୍‌ର ଅମରାବତୀରେ ତାକୁ (ଅଳକା ସାନ୍ୟାଲ୍‌କୁ) ସ୍ୱପ୍ନ ଦେଖିବା ପ୍ରଭୃତି ବର୍ଣ୍ଣନା କେବଳ ଷ୍ଵରଘଂ ଓ କେବଳ ଓ ଯୌନଜାନ୍ତବ କାମନାକୁ ହିଁ ନିର୍ଦ୍ଦେଶ କରିଛି । ମାତ୍ର ଏହାର ସ୍ୱରୂପ ଭିନ୍ନ ଭିନ୍ନ । କେଉଁଠି ରାଜନେତା, କେଉଁଠି ରିକ୍‌ସାବାଲା, କେଉଁଠି କୋଇଲାଖଣିର ବା କାରଖାନାର ଶ୍ରମିକ, କଣ୍ଟ୍ରାକ୍‌ଟର୍, ମାଲିକ, କର୍ପୋରେଟର୍, ଟାଉନ୍‌ହଲ୍ ସଭାର ମାନ୍ୟଗଣ୍ୟ ବ୍ୟକ୍ତି ଓ ଅନ୍ୟକେଉଁଠି ସାଧାରଣ ପ୍ରେମିକଟିଏକୁ ବ୍ୟଙ୍ଗବିଦ୍ରୂପ କରାଯାଇଛି । ମାତ୍ର ସର୍ବୋପରି ନାରୀଟିକୁ ଓ ସ୍ୱାଧୀନତାର ମୂଲ୍ୟବୋଧକୁ ଭୁରି ଭୁରି ବ୍ୟଙ୍ଗ କରାଯାଇଛି ମାତ୍ର । ନାରୀ, ତା'ର ଚିରାଚରିତ, ତଥାକଥିତ ସ୍ୱଭାବ, ମାତୃତ୍ୱ, ପ୍ରେମ-ପ୍ରଣୟର ବିଶୁଦ୍ଧତା, ସଂପର୍କ, ରାଜନୀତି, ବ୍ୟକ୍ତି ଚରିତ୍ର, ଆଦର୍ଶ, ସାମାଜିକ ଶୃଙ୍ଖଳା ଓ ସଂରଚନା (structure), ପବିତ୍ରତା, ବିଶୁଦ୍ଧତା ପ୍ରଭୃତିକୁ ଭୀଷଣ ବ୍ୟଙ୍ଗରେ ଶରବିଦ୍ଧ କରିଛନ୍ତି ଗୁରୁପ୍ରସାଦ । "ତା'ପରେ ବା ପୁଣି କେବେ ନୂଆଖାଲି ପଠାଣ ବସ୍ତିରୁ । ଭାରତର ସ୍ୱାଧୀନତା ଦେଲା ପୁଣି ଦ୍ୱିତୀୟ ନିସ୍ତାର" (୧୯୭୦:୨୦), "ସିଗାରେଟ୍ ଧୂଆଁ ହୁଏ ଆହୁରି ଜମାଟ ପୁଣି ନରଗିସ୍ ନେତାଜୀ ଫଟୋରେ" (ତତ୍ରୈବ), "ଭଙ୍ଗା ନୂଆଖାଲି ବା କଲିକତା ନୂଆଦିଲ୍ଲୀ ଆଡ଼େ / କାଉ ଆଉ ବାଦୁଡ଼ିର ଚେଁ ଚାଁ ପୁଣି ଏତେ ଯିବା ଓ ଆସିବା" (ତତ୍ରୈବ), "ସିନେମାର ହ୍ୟାଣ୍ଡ୍‌ବଲ୍ ମୁଁ ଦେଖିଛି ତୁମର ଦେହରେ" (ତତ୍ରୈବ) ଓ "କୋଇଲାର ଧୂଆଁ ପୁଣି ନିଶ ମୋଡ଼ି ମୋଡ଼ି ଉଠେ ରିକ୍‌ସାବାଲା ବାଟଯାଏ ଭୁଲି" (୧୯୭୦:୧୯) ପ୍ରଭୃତି ଧାଡ଼ି ଉପର୍ଯ୍ୟୁକ୍ତ ବକ୍ତବ୍ୟକୁ ସ୍ପଷ୍ଟ କରେ ।

ସଚ୍ଚିଦାନନ୍ଦ କିନ୍ତୁ ଖୋଲାଖୋଲି sex ବା ବଳାତ୍କାର ବା ଆଦିମ ଜାନ୍ତବକ୍ଷୁଧା କଥା କହିନାହାଁନ୍ତି । କେବଳ "ତୁମରି ଧର୍ଷିତ ଛାଇ ଫାଙ୍କିଦେଇ ଦୃଷ୍ଟି ପ୍ରଦୀପରେ" (୧୯୮୭:୧୯୯), ଏବଂ "ପୁରସ୍କାର ଦେଇଥିଲ ମତେ, ଦୁଇଟି କନକ ଶଙ୍ଖ ନଚାଇ ମୋ ବକ୍ଷପାଶେ ସତେ" (ତତ୍ରୈବ) ଦୁଇଟି ନିର୍ଦ୍ଦିଷ୍ଟ ଧାଡ଼ି ଏ ସଂପର୍କରେ ସୂଚନା ମାତ୍ର ଦିଏ । ଜୀବନାନନ୍ଦଙ୍କ କବିତା 'ବନଲତା ସେନ୍' ପରି ଅଳକା ବାରମ୍ବାର ହଜିଯିବା, ଉଭେଇଯିବା ସଚ୍ଚିବାବୁଙ୍କ କବିତାରେ ସୁରକ୍ଷିତ ମାତ୍ର ଗୁରୁପ୍ରସାଦଙ୍କ ଠାରେ ତାହା ଅବର୍ତ୍ତମାନ । ସଚ୍ଚିବାବୁ ଜଣେ ପ୍ରେମିକ ପରି କଳାଘୋଡ଼ାରେ ସବାର ହୋଇ ଅଳେଇଚ ଦ୍ୱୀପ, ଡାଳିମ୍ବ ଦ୍ୱୀପ, ବିଲ, ବାଡ଼, ବନ, ପ୍ରାନ୍ତରରେ ବେଧଡ଼କ ଖୋଜିଛନ୍ତି । ତାଙ୍କରି ଭାଷାରେ- "ତାହାପରେ ନିଜ ପଥେ ତୁମେ ଗଲ, ମୁହିଁ ମୋର ପଥେ, / ସେଦିନୁ ତୁମକୁ ଖୋଜେ ସମୟର ନିରୋଳା ସୈକତେ । କଳିଙ୍ଗ କଟକୁ ଦୂରେ ଅଳେଇଚ ଦ୍ୱୀପର ବନ୍ଦରେ / ତୁମକୁ ମୁଁ ଖୋଜିବୁଲେ ତୁମ କୃଷ୍ଣ କେଶର ଗନ୍ଧରେ । ସୁଦୂର ଡାଳିମ୍ବ ଦ୍ୱୀପେ ଡେଇଁ କାଚ କରତର ବାଡ଼ / ବନ୍ଦିନୀ ତୁମକୁ ଲୋଡ଼େ ଦେବାପାଇଁ ମୁକ୍ତି ଉପହାର । ଖୋଜଇ ପ୍ରାନ୍ତରେ, ବନେ, ଖୋଲି ଦେଖେ ସବୁ କାରାଗାର । ବନ୍ଦିନୀ ମୋ କାହିଁ ଅଛ ? ଖୋଜେ କଳାଘୋଡ଼ାର ସବାର ।" (୧୯୮୭:୨୦୦) ଏହି ଉଦ୍ଧୃତିର ପ୍ରଥମାଂଶରୁ ଯେଝା ଯେଝା ବାଟରେ ଯିବା ଏକପ୍ରକାର ବିଦ୍ରୂପକୁ ସୂଚିତ କଲାବେଳେ ଜୀବନାନନ୍ଦଙ୍କ ପ୍ରଭାବରେ ଅନେକ ସ୍ଥାନରେ ମୌଳିକତା କ୍ଷୁର୍ଣ୍ଣ ହେଲାପରି ମନେହୁଏ । ସେହିପରି 'ଚନ୍ଦ୍ରାବତୀ' କବିତାରେ କବି ରାଉତରାୟ ପ୍ରେମ ଓ ପ୍ରେମର ବିଫଳତାର ସୂଚନା ପ୍ରଦାନ କରିଛନ୍ତି । କବିଙ୍କ ପ୍ରଥମ ପ୍ରେମ ଓ ସେଥିରେ ବିଫଳ ହେବା ଉତ୍ତରର ଏ କାବ୍ୟନାୟିକା ଚନ୍ଦ୍ରାବତୀ ପ୍ରତି ଏକ ସମ୍ବୋଧନ । କବିଙ୍କ ବର୍ଣ୍ଣନା କେତୋଟିରୁ ସେଇ ପ୍ରେମର ସ୍ୱରୂପ ସ୍ପଷ୍ଟ ବାରିହୋଇଯିବ । ଯଥା- "ତୁମେ ପରା ଭଲ ପାଇଥିଲ / ଆକାଶର ନୀଳ, ନୀଳ / ସାମିଆନା ତଳେ,/ ଏଇ ଆକାଶ ପରି ସ୍ୱଚ୍ଛ / ଅଥଚ / ବିବସନ ପ୍ରେମର ହିଲ୍ଲୋଳେ ? ?" (୧୯୮୭-୧୫୧) "ସେଇ ଆକାଶ ଆଜି ଦେଖାଯାଏ / ଠାଏ ଠାଏ,/ ବାତାୟନ ଫାଙ୍କେ / ଖଣ୍ଡିତ, ବିବର୍ଣ୍ଣ ।" (ତତ୍ରୈବ) "ତଥାପି ମୋ ମନେହୁଏ ସବୁକିଛି



ପରିଚୟହୀନ, / ସଂପୂର୍ଣ୍ଣ ଅଜଣା ପ୍ରଥମ ପ୍ରେମର ସେଇ ସାର୍ଥକ ଆକାଶ / ଆଉ ଆଜିର ଏ ଅସଂପୂର୍ଣ୍ଣ, ଖଣ୍ଡିତ ଅଗଣା !" ଅଥବା "ଫେରିଆସ ଗୃହର କପୋତୀ / ସନ୍ଧ୍ୟାଗମେ / ଗୃହର ଚତ୍ୱରେ, / ତୁମେ କିନ୍ତୁ ଚନ୍ଦ୍ରବତୀ / ଛାଡ଼ି ଘର ଛୁଟିଚ ଗଗନେ / ଅତିବେଗେ, ଅତ୍ୟନ୍ତ ସତ୍ୱରେ ।" (୧୯୮୭-୧୯୫୨) ଓ କବିଙ୍କ ଶେଷପ୍ରଶ୍ନ "ତୁମେ କେଉଁଠାରେ ? / ଗୃହରୁ ଆକାଶ ପଥେ / ନାଁ ଆକାଶରୁ ଗୃହରୁ କାରାରେ ?" ପ୍ରେମ-ପ୍ରଣୟ କଥାକୁ ସ୍ୱଷ୍ଟ କରେ । ସେ ଅଳକା ସାନ୍ୟାଲ୍ ହେଉ କି ଚନ୍ଦ୍ରାବତୀ ଉଭୟଠି ଲେଖକ ବା କବି (କାବ୍ୟନାୟକ) ସଂତ୍ରିପ୍ତ ତଥା ବିରହ ଜ୍ୱାଳାଦଗ୍ଧ । ଏଠାରେ ମଧ୍ୟ କବିଙ୍କ ଇରଷ୍ୱଷ୍ୱଷରଷ୍ୱସମ ଆଖି ନିରବି ଯାଇନି । ଏହା କବିର ସ୍ୱଭାବ ଓ ସ୍ୱାତନ୍ତ୍ର୍ୟ । ଠିକ୍ ଯେପରି ଗୁରୁପ୍ରସାଦଙ୍କ ଠାରେ Anti-romantic ଓ ବାସ୍ତବବାଦୀ ଦୃଷ୍ଟି ଅନୁରୂପ ଭାବରେ ରାଉତରାୟଙ୍କର ସଂଭ୍ରାନ୍ତ ଶୈଳୀ ଓ ସୌନ୍ଦର୍ଯ୍ୟମୁଗ୍ଧ ଦୃଷ୍ଟି ଏକ ଏକ ସ୍ୱାତନ୍ତ୍ର୍ୟ ମାତ୍ର ।

ବର୍ତ୍ତମାନ ଫନୀ ମହାନ୍ତିଙ୍କ 'ଅଳକା ସାନ୍ୟାଲ୍' କଥା ବିଚାର କରାଯାଉ । ୧୯୪୬, ଶ୍ରାବଣ ମାସ ସଂଖ୍ୟାରେ 'ଶଙ୍ଖ' ପତ୍ରିକାରେ 'ଚନ୍ଦ୍ରାବତୀ' ଓ ୧୯୪୭ ଫେବୃୟାରୀରେ 'ନବଭାରତ' ପୃଷ୍ଠାରେ 'ଅଳକା ସାନ୍ୟାଲ୍' ସଚ୍ଚିବାବୁଙ୍କ ଦ୍ୱାରା ପ୍ରକାଶ ପାଇବା ପରେ ଗୁରୁପ୍ରସାଦ ମହାନ୍ତି ୧୯୫୫ରେ 'ନୂତନ କବିତା' ପୁସ୍ତକରେ ନିଜର ନଅଗୋଟି କବିତା ମଧ୍ୟରୁ ଗୋଟିଏ କବିତା ଭାବରେ 'ଅଳକା ସାନ୍ୟାଲ୍'କୁ ସ୍ଥାନିତ କରି (ଯାହା ପରବର୍ତ୍ତୀ ପର୍ଯ୍ୟାୟରେ 'ସମୁଦ୍ର ସ୍ନାନ' ସଂକଳନରେ ମଧ୍ୟ ସ୍ଥାନିତ ହୋଇଥିଲା) ସଚ୍ଚିଦାନନ୍ଦଙ୍କ ନାରୀ ପ୍ରତି ଥିବା ଧାରଣାକୁ ଚାଲେଞ୍ଜ୍ କଲେ । ନୂଆ ଧାରା ନୂଆ ଟ୍ରେଣ୍ଡ୍‌ର କଥା କହିଲେ । କିନ୍ତୁ ଫନୀ ମହାନ୍ତି ଏହା ଉତ୍ତରରେ ରଚନା କରିଛନ୍ତି ନିଜର 'ଅଳକା ସାନ୍ୟାଲ୍' । ୧୯୭୩ ମସିହାରେ ପ୍ରକାଶ ପାଏ ତାଙ୍କର କବିତା ସଂକଳନ 'ମାନଚିତ୍ର' । ତହିଁରେ ଏକ କବିତା ହେଉଛି 'ଅଳକା ସାନ୍ୟାଲ୍' । ସୁଜାତା ଶିବେନ୍ ଏକ ସାକ୍ଷାତ୍‌କାରରେ ଡକ୍ଟର ଫନୀ ମହାନ୍ତିଙ୍କୁ ନିଜର ଆଦର୍ଶ ସଂପର୍କରେ ୨୦୧୦ ମସିହାରେ ଯେତେବେଳେ ପଚାରିଥିଲେ "Who is your favourite contemporary writer" ତା'ର ଉତ୍ତରରେ ସେ କହିଥିଲେ- "Late Sachi Routray, Guruprasad Mohanty, Sitakanta Mohapatra, Ramakanta Rath are my favourite contemporary writers." ଯଥାର୍ଥରେ ସେ ଏହି କବିତାଟି ଲେଖିବା ପଛରେ ପ୍ରେରଣା ଭାବରେ ସାଧାସଳଖ ପ୍ରଭାବ ପକାଇଥିବା ଓ ପ୍ରତିକ୍ରିୟା ସୃଷ୍ଟି କରିଥିବା ରାଉତରାୟଙ୍କ 'ଚନ୍ଦ୍ରାବତୀ', 'ଅଳକା ସାନ୍ୟାଲ୍' ଓ ଗୁରୁପ୍ରସାଦଙ୍କ 'ଅଳକା ସାନ୍ୟାଲ୍'କୁ ଗ୍ରହଣ କରିଛନ୍ତି । ଗୁରୁପ୍ରସାଦଙ୍କ ଚାଞ୍ଚଲ୍ୟ ସୃଷ୍ଟିକାରୀ ଦୀର୍ଘ କବିତା 'କାଳପୁରୁଷ' ଓ 'ପ୍ରିୟ ବାନ୍ଧବୀ' କବିତାର ପ୍ରେରଣା ଓ ପୃଷ୍ଠଭୂମି ଏଠାରେ ଅନସ୍ୱୀକାର୍ଯ୍ୟ ।

ଏହି ମର୍ମରେ ସାର୍ ୱାଲ୍‌ଟର୍ ରାଲେ (Sir Walter Raleigh)ଙ୍କ ଅଭିବ୍ୟକ୍ତିର ଗୁରୁତ୍ୱ ଯେତିକି ଟି. ଏସ୍. ଏଲିଅଟ୍‌ଙ୍କ ପ୍ରତ୍ୟୁକ୍ତି ମଧ୍ୟ ତଦନୁସାରୀ ଗୁରୁତ୍ୱପୂର୍ଣ୍ଣ । "No man can walk abroad save on his own shadow" କଥାଟା ଯେତିକି ଠିକ୍ "The progress of an artist is a continual self-sacrifice, a continual extinction of personality" କଥାଟି ମଧ୍ୟ ସେତିକି ଯଥାର୍ଥ । Stylle ପର୍ଯ୍ୟନ୍ତ ରାଲେ (Raleigh)ଙ୍କ କଥାଟାର ଯଥାର୍ଥତା ଯଥେଷ୍ଟ କିନ୍ତୁ ପଚାଶ-ଷାଠିଏ ପରେ ପରେ ଓଡ଼ିଆ କବିତାର ମୁଖ୍ୟଧାରା କଥା କହିଲେ ଅବଶ୍ୟ ଏଲିଅଟ୍‌ଙ୍କ ବକ୍ତବ୍ୟକୁ ଅସ୍ୱୀକାର କରିହେବ ନାହିଁ । ଜଣେ ପରିପକ୍ୱ କବି (A mature poet) ଦ୍ରବକ ବା Catalyst ପରି କାର୍ଯ୍ୟକରେ । ରିଆକ୍‌ସନ୍‌ରେ ଭାଗନେଇ, ଦ୍ରବିତ କରି ପରିଣତି ଆଣିଥିଲେ ମଧ୍ୟ ସେ ନିଜେ ଅପରିବର୍ତ୍ତିତ ରହେ । କବିଟିଏ ନିଜର ସବୁପ୍ରକାର ଲେଖାରେ ବର୍ତ୍ତମାନ ରହିବା ବାଧ୍ୟତାମୂଳକ ନୁହେଁ । ତା'ର ଅବିଦ୍ୟମାନତାରେ ହିଁ ନିଷ୍କଷ ଚେତନା ପ୍ରତିଫଳିତ ହୁଏ । ତା'ର ବିଦ୍ୟମାନତା କେବଳ ଓ କେବଳ କବିତାର ଆରମ୍ଭ ଓ ଶେଷପର୍ଯ୍ୟନ୍ତ । ସେ ଏକ ବାହକ ବା carrier ବା vector ମାତ୍ର । ଚେତନା ଓ ଚିନ୍ତା ପ୍ରଭୃତିର ଚିତ୍ରଣ ବା ରୂପାୟନ ହିଁ ତା'ର ସଂପାଦନା କାର୍ଯ୍ୟ । ଗୁରୁପ୍ରସାଦଙ୍କ କବିତା ଏହାର ପ୍ରକୃଷ୍ଟ ନମୁନା ।

ତେବେ ଏହି ତିନିଗୋଟି 'ଅଳକା ସାନ୍ୟାଲ୍'ରେ ବର୍ଣ୍ଣନା ପ୍ରଥମ ପୁରୁଷରେ ହୋଇଛି । ମାତ୍ର ଗୁରୁପ୍ରସାଦଙ୍କର ଏହି ବର୍ଣ୍ଣନା ସର୍ବନିମ୍ନ । ସର୍ବାଧିକ ଫନୀ ମହାନ୍ତିଙ୍କର । ତିନୋଟି ଯାକ କବିତାରେ 'ମୁଁ' ଅଛି । ମାତ୍ର ଏହି 'ମୁଁ'ଟି କାବ୍ୟନାୟକ, ସମୟର ଏକ ଏକ ଚରିତ୍ରର ପ୍ରତିନିଧି । ସେଇ ଚରିତ୍ରଟି ସାଧାରଣ ମାତ୍ର ନୈର୍ବ୍ୟକ୍ତିକ । ଏହିଠାରେ Concrete ଓ Universal ବା ବିଷୟ-ନିର୍ବିଶେଷ କଥାଟି ଆସେ । ପୁଣି କବିତା ତ୍ରୟୀରେ ରେଫରେନ୍‌ସ ଓ ଲିଙ୍କ୍ ସବୁ ଦେଖିଲେ ଏଠାରେ objective corelativeର ପ୍ରୟୋଗ ସର୍ବାଧିକ ବୋଲି କହିବାର ଆବଶ୍ୟକତା ନାହିଁ । ପ୍ରୟୋଗବାଦୀ ଓଡ଼ିଆ କବିତା ଧାରାରେ ଫନୀ ମହାନ୍ତି ରାଉତରାୟ ବା ଗୁରୁପ୍ରସାଦଙ୍କର ସାର୍ଥକ ଉତ୍ତର ଦାୟାଦ । କାରଣ ଚକ୍ଟରଷ୍ୱସମ ଉରଙ୍ଗସମର ପ୍ରୟୋଗ କରି ଚମତ୍କାରିତା ଆଣିବାରେ କବି ଫନୀ ମହାନ୍ତିଙ୍କ ତାକତ୍ ଅଭ୍ରଂକଷ ।

କବି ଫନୀ ମହାନ୍ତି ପ୍ରଥମ ଧାଡ଼ିରୁ ସଚ୍ଚିଦାନନ୍ଦଙ୍କ କଣ୍ଠସ୍ୱର ଓ ଭାବଧାରା ସହ ନିଜର କଣ୍ଠସ୍ୱର ମିଳାଇ ନେଇଛନ୍ତି । ଯଥାର୍ଥରେ ସେ କହିଛନ୍ତି "ତମେ ମୋର ଚନ୍ଦ୍ରାବତୀ । ତମେ ମୋର ଅଳକା ସାନ୍ୟାଲ୍ ।" ଏହି ଦୁଇଟି ଧାଡ଼ି ବା ବାକ୍ୟରେ ଯେଉଁ ଚନ୍ଦ୍ରାବତୀ ଓ ଅଳକା ସାନ୍ୟାଲ୍ କଥା ସେ କହିଛନ୍ତି, ସେ ଦୁଇଟିଯାକ ସଚ୍ଚିଦାନନ୍ଦଙ୍କ 'ପାଣ୍ଡୁଲିପି' (୧୯୪୭)ର ଚରିତ୍ର । ଦ୍ୱିତୀୟ ପଙ୍କ୍ତିରେ ଫନୀବାବୁ



ଲେଖିଛନ୍ତି- "ମୁଁ ତୁମକୁ ସ୍ୱପ୍ନ ଦେଖେ- ଛାଇଦିନ ଛାଇ ଆଲୁଅରେ ।" ଅନୁଶୀଳନର ବିଷୟ ହେଉଛି ସଚ୍ଚିଦାନନ୍ଦ କେଉଁଠାରେ ସ୍ୱପ୍ନ ଦେଖିବା କଥା କହିନାହାଁନ୍ତି । ବରଂ ଉକ୍ତ ଦୁଇଟି କବିତାରେ ଯଥାକ୍ରମେ ଦୁଇଥର ଓ ତିନିଥର କରି 'ମନେପଡ଼େ' ଶବ୍ଦଟିକୁ ବ୍ୟବହାର କରିଛନ୍ତି । ତା'ଛଡ଼ା ମନେମନେ ଭାବିବା ଓ 'ମନେହୁଏ' ପରି ବିବୃତ୍ତି ସେ ରଖିଛନ୍ତି ମାତ୍ର କେଉଁଠି ହେଲେ ସ୍ୱପ୍ନରେ, ଗାଢ଼ନିଦ କି ଛାଇଦିନ ବା ଛାଇ ଆଲୁଅରେ କିଛି ଚିନ୍ତା କରିବା କଥା କି ଦେଖିବା କଥା କହିନାହାଁନ୍ତି । ସଂଯୋଗ ବଶତଃ ଏହି ଅବିକଳ ପରିପ୍ରକାଶ ବା ବିବୃତ୍ତି ଗୁରୁପ୍ରସାଦଙ୍କ 'କପୋତ କପୋତୀ', 'ପ୍ରିୟବାନ୍ଧବୀ' ଓ 'ଅଳକା ସାନ୍ୟାଲ୍'ରେ ରହିଛି । ଏହି ତିନିଗୋଟି କବିତାରେ ବ୍ୟବହୃତ 'ସ୍ୱପ୍ନ'-ପଙ୍କ୍ତି ଦେଖିଲେ ଫନୀ ମହାନ୍ତିଙ୍କ ୨ୟ ଧାଡ଼ିର ପରସ୍ପର ବିଷୟାଶ୍ରୟ (Objective Corelative) କଥାଟି ସ୍ପଷ୍ଟ ଜଣାପଡ଼ିବ । "ଏ ରାତି ବିଛାଇ ଦିଏ ସ୍ୱପ୍ନ ଆଉ ଯୁଗ ଯୁଗ କଳ୍ପ କଳ୍ପ ତାରା ଆଉ ତାରା / ତୁମରି ଭୁଲତା ତଳେ ମିଶିଯାଏ ଦିଗ୍‌ବଳୟ / ରାଧାନାଥ ରାୟ ଆଉ ସଚ୍ଚିରାଉତରା....." (୧୯୭୦:୦୨) ଏଠାରେ ଗୁରୁପ୍ରସାଦ, ରାଧାନାଥ ଓ ରାଉତରାୟଙ୍କ ଆକାଶରୁ ଖସି ଆସିବା ବା ଭୁଲତା ତଳେ ମିଶିଯିବା, "ଅର୍ଥନୀତି, ରାଜନୀତି ସୋସାଲିଜ୍‌ମ୍ କାଢ଼ିନେବା", "ଭଦ୍ରତାର ଶିଷ୍ଟତାର ଗାନ୍ଧିବାଦ, ସାମ୍ୟବାଦ ଆଉ ପ୍ରେମ କରିବାର ସୀମା" (୧୯୭୦:୦୨) ନିଭିବା, "ସିନିସିଜ୍‌ମ୍ ଧୂପ ଆଉ ହେମପୁଷ୍ପ ସବୁ" ଭୁଲିଯିବା ଓ ପ୍ରେମରେ 'ସତୀତ୍ୱ', 'ଅର୍ଥନୀତି', 'ରାଜନୀତି' ଓ 'ନାରୀ ଜାଗରଣ' ଭୁଲିଯିବା କଥା କହି ରାଧାନାଥ-ମାନସିଂହ-ରାଉତରାୟଙ୍କ ପ୍ରେମ ପ୍ରଣୟର ଟ୍ରେଣ୍ଡ୍‌କୁ ଗତାନୁଗତିକ ବିଶ୍ୱାସର ରାଜନୀତି, ଅର୍ଥନୀତି, ସମାଜନୀତି ପ୍ରଭୃତିକୁ ଭାଙ୍ଗିରୁଜି ଆଧୁନିକ ସମାଜର ନଗ୍ନ ସତ୍ୟକୁ ଛିଡ଼ା କରାଇଛନ୍ତି, ଯେଉଁଠି ବିଶୁଦ୍ଧତା ବୋଲି କିଛିନାହିଁ । ସେହିପରି 'ପ୍ରିୟବାନ୍ଧବୀ'ର "ସ୍ୱପ୍ନଯାଏ ଉଙ୍କିମାରି ଗଳିଗଳି କୋଠା ସନ୍ଧିତଳେ" (୧୯୭୦:୧୨), "ସିଂହଳ ଦ୍ୱୀପର ସ୍ୱପ୍ନ ମୁଁ ଯାଇଛି କିଣିବାକୁ ଯେବେ" (ତତ୍ରୈବ) ଓ "ତୁମେ ଯେବେ ଆସ ଆଜି ବାସ୍ତବ ବା ସ୍ୱପ୍ନ ଆକାରରେ" ପ୍ରଭୃତି expression ରେ ଗୁରୁପ୍ରସାଦଙ୍କ 'ସ୍ୱପ୍ନ' ଗୋଟାଏ ଗୋଟାଏ ଗୁରୁତ୍ୱପୂର୍ଣ୍ଣ, ଅର୍ଥପୂର୍ଣ୍ଣ ଓ ଲଜିକାଲ୍ ଲିଙ୍କ୍ ଦେଖାଏ । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି 'ଅଳକା ସାନ୍ୟାଲ୍'ର ଶେଷଧାଡ଼ି- "ମୁଁ ତୁମକୁ ସ୍ୱପ୍ନ ଦେଖେ ମୋର ଢିଲା ପାଇଜାମା କମିଜର ଅମରାବତୀରେ ।" (୧୯୭୦:୨୦) ଏହି ଲିଙ୍କ୍‌ରୁ ଫନୀ ମହାନ୍ତିଙ୍କ 'ଅଳକା ସାନ୍ୟାଲ୍' କବିତାର ଦ୍ୱିତୀୟ ଧାଡ଼ିର ଉତ୍ପତ୍ତି । ମାତ୍ର ଏହିଠାରେ ଫନୀ ମହାନ୍ତି ନିଜର ମୌଳିକତା ଓ ନିଜସ୍ୱ ବକ୍ତବ୍ୟକୁ ସୁରକ୍ଷିତ ରଖିବା ସ୍ୱରୂପ ଧାଡ଼ିଟିର ଉତ୍ତରାର୍ଦ୍ଧ ଯୋଡ଼ିଛନ୍ତି । ତାହା ହେଉଛି- "ଛାଇ ନିଦ ଛାଇ ଆଲୁଅରେ ।" ଏହାର ଅର୍ଥ ଗୁରୁତ୍ୱପୂର୍ଣ୍ଣ । ଅନୁରୂପ ବର୍ଣ୍ଣନା କବିଙ୍କ ସାହିତ୍ୟ ଅକାଦେମି ପୁରସ୍କାର ପ୍ରାପ୍ତ ପୁସ୍ତକ 'ମୃଗୟା' (୨୦୦୫)ର ପ୍ରଥମ କବିତାର ପ୍ରଥମ ପରିଚ୍ଛେଦ ଶେଷରେ ମଧ୍ୟ ଦେଖାଯାଏ । ତାହା ଏହିପରି- "ଅଘାଟ ଘାଟରେ କେତେ ସହସ୍ରବାର ସ୍ୱପ୍ନ ବା ସ୍ୱପ୍ନଭଂଗ ପୂର୍ବ ମୁହୂର୍ତ୍ତରେ ଭେଟିଥିଲି ।" (୨୦୦୫:୧୩) ଏଥିରୁ କବି କିପରି objective corelativeର ବ୍ୟବହାର ସହ ନିଜର ମୌଳିକତ୍ୱ ରକ୍ଷା କରୁଛନ୍ତି ଦେଖାଯାଉ । କହିବା ବାହୁଲ୍ୟ ଏହା ଏକ ପରିପୃକ୍ତ ବା ପାକଳ ହାତର କବିତାରେ ହିଁ ସମ୍ଭବ ହୋଇପାରେ- ଯତ୍ରତତ୍ର ନୁହେଁ ।

ତେବେ ବର୍ତ୍ତମାନ ଅଳକା ସାନ୍ୟାଲ୍‌କୁ 'ଛାଇ ନିଦ ଛାଇ ଆଲୁଅରେ' ସ୍ୱପ୍ନ ଦେଖିବା କଥାଟିକୁ ବିଚାରଭୁକ୍ତ କରାଯାଉ । ଡକ୍ଟର ସିଗ୍‌ମଣ୍ଡ ଫ୍ରଏଡ୍ ତାଙ୍କ The Interpretation of dreams (୧୮୯୯) ପୁସ୍ତକରେ ଯେଉଁ cognitive theory of dreams aû Biological determinism କଥା କହିଛନ୍ତି ସେଠାରେ ସେ ପ୍ରମାଣିତ କରିଛନ୍ତି ଯେ "there is a psychological technique which makes it possible to interpret dreams" ଓ ଏହି ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥ ସଚେତନ ଜୀବନ ବା "waking life"ରେ ରହିଥାଏ । ବାଇବେଲ୍‌ର Genesis ୪୧ରେ Joseph ମଧ୍ୟ ଫାରୋମାନଙ୍କ (Pharaohs) ସ୍ୱପ୍ନକୁ ବ୍ୟାଖ୍ୟା କରିଛନ୍ତି ଓ ତା'ର ଅର୍ଥ ଆବିଷ୍କାର କରିଛନ୍ତି । କିନ୍ତୁ ଫ୍ରଏଡ଼ ଏହାକୁ ଯୋସେଫ୍‌ଙ୍କ ପରି ରହସ୍ୟମୟୀ ନକରି ତାର୍କିକ ଆଲୋଚନା ପରିସରକୁ ଆଣିଛନ୍ତି । ଏହି ବ୍ୟାଖ୍ୟା ପାଇଁ ବ୍ୟକ୍ତିଟିcomfortable, relaxed I open minded ହେବା ଦରକାର । ଫ୍ରଏଡ଼ ଏହି ଟେକ୍‌ନିକ୍‌ରେ ନିଦ୍ରାକୁ ଗୁରୁତ୍ୱ ଦେଲାବେଳେ "free association" କଥା କହିଛନ୍ତି । ଏହାର ଅର୍ଥ ଘଟଣା ସହ ଅନ୍ୟାନ୍ୟ ଘଟଣାର ମୁକ୍ତଭାବରେ ସଂଯୋଗ ହେବା । ଏହାଦ୍ୱାରା ସମସ୍ତ ଘଟଣା ପରସ୍ପର ସହ ସଂପର୍କାନ୍ୱିତ ବା ସଂଯୁକ୍ତ ହେବାପରି ମଧ୍ୟ ମନେହୁଏ ନାହିଁ । ଦ୍ୱିତୀୟ ପଦ୍ଧତି ହେଉଛି ସ୍ୱପ୍ନର ଅର୍ଥ ନିରୂପଣ (decodfication) । ଫ୍ରଏଡ଼ ଏ ବାବଦରେ କହନ୍ତି- "In effect the real meaning of the dream is encoded into universal symbols and must be decoded to understand it." ଏହି ସ୍ୱପ୍ନର ଦୁଇଟି ଅର୍ଥ ଅଛି । ଯଥା- (କ) ଅଭିବ୍ୟକ୍ତ / ପ୍ରକଟିତ / ବା ପ୍ରଦର୍ଶିତ ଅର୍ଥ (Manifest Meaning) ଓ ଦ୍ୱିତୀୟରେ (ଖ) ସୁପ୍ତ / ଗୁପ୍ତ / ପ୍ରଚ୍ଛନ୍ନ ବା ଅବ୍ୟକ୍ତ ଅର୍ଥ (Latent Meaning) ବା ଅପ୍ରକଟ ତଥା ଅନ୍ତର୍ନିହିତାର୍ଥ । ଏହି ପ୍ରଦର୍ଶିତ ଅର୍ଥ ଓ ଅପ୍ରଦର୍ଶିତ ଅର୍ଥର ସମନ୍ୱିତି କବି ଫନୀ ମହାନ୍ତିଙ୍କ ଏହି ବାକ୍ୟାଂଶରେ ରହିଛି । ପ୍ରଦର୍ଶିତ ଅର୍ଥରେ ସାଧାରଣ ଜ୍ଞାନ, ଜାଗ୍ରତ ସଚେତନତା ନିହିତ ଥାଏ । କିନ୍ତୁ ଅନ୍ତର୍ନିହିତାର୍ଥରେ ଏସବୁ ନଥାଏ । ଏଠାରେ ଥାଏ କେବଳ ସଂଗୁପ୍ତ ଓ ସୁଷୁପ୍ତ ଇଚ୍ଛାର ଅଭିବ୍ୟକ୍ତି । "The manifest meaning can reflect a situation that follows common sense and unfold in a way possible in waking life. Other times it can take its own wild path that follows little or no logical sequence when viewed at surface level. Despite this vast difference, both of these are influenced by the superego, a part of the mind that Freud believes houses the knowledge of the structure of society and what is acceptable in the dreamers culture. The deam takes



place on a stage or backdrop that makes sense and relates to waking life. (Freud, 216-17)." ଫନୀ ମହାନ୍ତିଙ୍କ ଏହି ଧାଡ଼ିଟି ପାଇଁ ଫ୍ରଏଡ଼ଙ୍କ ଦ୍ୱିତୀୟ ଅର୍ଥର ଗୁରୁତ୍ୱ ଅନେକ ରହିଛି । ଏହି ଗୁପ୍ତ ଅର୍ଥରେ ରହସ୍ୟମୟ ଅର୍ଥ ବା ସୁପ୍ତ ଇଚ୍ଛା ନିହିତ ଥାଏ । ବେଳେବେଳେ ସ୍ୱପ୍ନରେ complexity ଆସିଥାଏ ଓ ଏହା ସ୍ୱପ୍ନରେ distortion ବା ବିରୂପଣ ବା ବିକୃତି ମଧ୍ୟ ଆଣିଥାଏ । "Dream distortion is the change that occurs to the unconscious thoughts as the mind translates from the latent meaning into the manifest meaning and finally potrays that as the dream." Exactly ଏଇୟା ହୋଇଛି କବି ଶ୍ରୀ ମହାନ୍ତିଙ୍କ କ୍ଷେତ୍ରରେ । ବାହ୍ୟ ଅର୍ଥରେ ବ୍ୟାଖ୍ୟାରୁ ଗୁହ୍ୟାର୍ଥ ମିଳେ ଓ ଗୁହ୍ୟାର୍ଥର ବ୍ୟାଖ୍ୟାରୁ ବ୍ୟକ୍ତିର ଗୁପ୍ତ ଆକାଂକ୍ଷା ଓ ଅଭୀପ୍ସା ସଂପର୍କରେ ସୂଚନା ମିଳିଥାଏ । "The latent meaning contained a wish of the dreamer and the dreamer uses the dream to fulfil the wish."




(Freud, 155-56) ସ୍ୱପ୍ନର ଖାଲି ଦ୍ୱୈତାର୍ଥ ନଥାଏ ବରଂ ବେଳେବେଳେ ସ୍ୱପ୍ନର ପ୍ରତିଫଳନ ମଧ୍ୟ ଯା'ସହ ରହିଥାଏ । ଏହାକୁ ଫ୍ରଏଡ଼ Secondary Revision ବା ଦ୍ୱିତୀୟକ ଅନୁଶୀଳନ ବୋଲି କହନ୍ତି । ଏହା ମଧ୍ୟ ବ୍ୟକ୍ତି ଅସଚେତନତାମୂଳକ । ବ୍ୟକ୍ତି ସଚେତନ ଭାବରେ ଏହା କରିନଥାଏ । ବରଂ ଏହା ସ୍ୱପ୍ନର ଅର୍ଥକୁ ଆହୁରି କଷ୍ଟକର କରିଦିଏ । ମସ୍ତିଷ୍କ ଓ ମସ୍ତିଷ୍କ ତରଂଗ (ସ୍ପନ୍ଦନ) ସଂପର୍କରେ ସତ୍ୟତମ ଅଧ୍ୟୟନରୁ ଆଉ ଏକ ତତ୍ତ୍ୱ ମଧ୍ୟ ଆସେ । ଏହା ଅନୁସାରେ ବ୍ୟକ୍ତି ଦୁଇପ୍ରକାର ଶୟନ କରେ ବା ନିଦ୍ରା ଯାଏ । ଯଥା– ୧. ଦ୍ରୁତ ଚକ୍ଷୁ ସଂଚଳନ ବା Rapid Eye Movement (REM). ୨. କ୍ଷୀଣ ଚକ୍ଷୁ ସଂଚଳନ ବା Non-Rapid Eye Movement (NREM). ଏକ ପ୍ରାପ୍ତବୟସ୍କ ରାତିରେ ଚାରିଗୋଟି NREM ଓ ଗୋଟିଏ ଜରଗ ଗତ ନିଦ୍ରାଯାଏ । ଏହି ଘଜରଗ ନିଦ୍ରାରେ ସ୍ୱପ୍ନ ଅସ୍ପଷ୍ଟ ତଥା 'ଅଧାଛାଇ ଆଲୁଅ' ବିଶିଷ୍ଟ ହୁଏ । ଏହି ନିଦ୍ରା ଶରୀର ଓ ମସ୍ତିଷ୍କକୁ ଶକ୍ତି ଯୋଗାଏ ପୁନଃସ୍ଫୂର୍ତ୍ତ କରେ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୁରୋମୁଖୀୟ ବା ପୁରୋଲଲାଟୀୟ ପ୍ରାନ୍ତସ୍ଥା (Pre-frontal Cortex) ଏହି ଘଜରଗ ନିଦ୍ରା ବା ଅପର ଭାଷାରେ ଛାଇ-ଆଲୁଅର ସ୍ୱପ୍ନ କାଳରେ ଜାଗ୍ରତ ବା ସକ୍ରିୟ ଥାଏ । ସୂଚନା ଥାଉକି ଏହା ତାର୍କିକ ଚିନ୍ତା ବା ତର୍କସଂଗତ ବିଚାରଧାରା ସହ ସଂପୃକ୍ତ । କିନ୍ତୁ ଜରଗ ନିଦ୍ରା କାଳରେ ଏହା ସକ୍ରିୟ ନଥାଏ । ଏହାର ସକ୍ରିୟତା ଓ ନିଷ୍କ୍ରିୟତା ହିଁ ସ୍ୱପ୍ନଦ୍ରଷ୍ଟାକୁ confuse କରେ ଓ logical sequence ରହେନାହିଁ । Calvin Hallu ପରି ଗବେଷକ ଏହି Cognitive Theory of dreams ଗୁରୁତ୍ୱ ଦିଅନ୍ତି । Phillips, Freud ପ୍ରଭୃତିଙ୍କ ସିଦ୍ଧାନ୍ତ ଅନୁସାରେ ଆମେ'Ego', 'Id' I 'Superego' ସହ ବ୍ୟକ୍ତିର ସ୍ୱପ୍ନ ସଂପର୍କ ସଂଦର୍ଶନ କରୁ । ସେହିପରି Emergency Broadcast System (EBS) ଅନୁସାରେ ଓ Tuft ବିଶ୍ୱବିଦ୍ୟାଳୟର ପ୍ରଫେସର Ernest Hartmanu ଅଧ୍ୟୟନ ଅନୁସାରେ ପ୍ରିୟ ବ୍ୟକ୍ତିକୁ ସଂକଟରେ ପଡ଼ିଥିବାର ସ୍ୱପ୍ନ ଦେଖିବା ପଛରେ ବ୍ୟକ୍ତିର ସଂଘର୍ଷ ରହିବା ସଂଗେ ସଂଗେ ତା'ର ମୁକୁଳିବାର ପ୍ରଚେଷ୍ଟା ଓ ତହିଁର ଯୋଜନା (ପ୍ରାକ୍) ମଧ୍ୟ ନିହିତ ଥାଏ । ଫ୍ରଏଡ଼ ଏଥିପାଇଁ ବ୍ୟକ୍ତିର 'ଇଡ୍'କୁ ସଂପୂର୍ଣ୍ଣ ଦାୟୀ କରିଛନ୍ତି । The Raw, emotional self, natural ଓ untainted by society ବୋଲି ବ୍ୟକ୍ତିକୁ କହନ୍ତି । ମାତ୍ର ଏହା ଛିଦ୍ରଯୁକ୍ତ ତତ୍ତ୍ୱ । କାରଣ ବ୍ୟକ୍ତି ସମାଜ ଦ୍ୱାରା ପ୍ରଭାବିତ, ସମାଜରୁ experience ଆହରଣ କରେ ଓ ପୁଷ୍ଟ ହୁଏ । ଏଣୁ ସ୍ୱପ୍ନର ଆଧାର କେବଳ 'ଓୟ' ନୁହେଁ 'ରଶକ୍ଟ' ମଧ୍ୟ । ତେଣୁ ଫ୍ରଏଡ଼ଙ୍କ ଓୟ, ego  Super ego ତାତ୍ପର୍ଯ୍ୟ ଏଠାରେ ରହିଛି ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ । ପୁଣି Symbolic Representation ସଂପର୍କରେ ନିଜେ ଫ୍ରଏଡ଼ ମଧ୍ୟ ବ୍ୟକ୍ତିର ସ୍ୱତନ୍ତ୍ର ଅଭିଜ୍ଞତା ଉପରେ ଗୁରୁତ୍ୱ ଦେଇଛନ୍ତି ଓ ସେଥିପାଇଁ ସେ accuracy of the 'Key' used to decode ବୋଲି ସୂଚନା ଦେଇ ତଦୁପରେ ଗୁରୁତ୍ୱ ଆରୋପ କରିଛନ୍ତି । କବିଙ୍କ ସ୍ୱପ୍ନର ବର୍ଣ୍ଣନା hypnagogic hallucination ବା hypnagogic state of consciousness ଓ hypnopomic state of minde ମିଶ୍ର ରୂପ ଆଡ଼କୁ ସୂଚିତ କରେ । ଏଥିରେ lucid dreaming ଅଭ୍ୟାସର କଥାଟି ମଧ୍ୟ ଠିକ୍ । କିନ୍ତୁ ଫ୍ରଏଡ଼, ହଲ୍, ଫିଶ୍, ହାଟ୍‌ମ୍ୟାନ ଓ ଫିଲିପ୍ସଙ୍କ ପରି ବିଦ୍ୱାନଙ୍କ ଗବେଷଣାଲବ୍ଧ ଜ୍ଞାନରୁ କବି ଶ୍ରୀ ଫନୀ ମହାନ୍ତି ପୂର୍ବୋକ୍ତ କବିମାନଙ୍କ ସହ ଏକମତ ନଥିବା କଥା ପ୍ରଥମରୁ ସ୍ପଷ୍ଟ କରିଛନ୍ତି । ମାନସିକ ଦ୍ୱନ୍ଦ୍ୱ ଓ ପ୍ରତିକ୍ରିୟାର ଏ କବିତା– ଅଳକା ସାନ୍ୟାଲ୍ । ଏ ଅଳକା କବିଙ୍କରpersonal document ପରି ମନେହେଉଛି । ଧୀରେଧୀରେ କବିତାର ଉଘଇ ପରୀକ୍ଷା କଲେ ବା DNA fingerprinting କଲେ ଜଣାଯିବ ଏହାର ସତ୍ୟାସତ୍ୟ ।

ସଚ୍ଚିବାବୁଙ୍କ ସହ ଅଳକା ସାନ୍ୟାଲ୍‌ର ହଠାତ୍ ଦେଖାହୋଇଥିଲା ବୋଲି କବି ଫନୀ ମହାନ୍ତି କହିଛନ୍ତି । କିନ୍ତୁ ସଚ୍ଚିବାବୁଙ୍କ ସହ ଅଳକା ସାନ୍ୟାଲ୍‌ର ସଂପର୍କ ଜନ୍ମ ଜନ୍ମର, ଯୁଗଯୁଗର । କାରଣ ସଚ୍ଚିବାବୁ ଯେଉଁ ଅଳକା କଥା କହୁଥିଲେ ସେ ହେଉଛି ଇବ୍, ସେ ହେଉଛି ହେଲେନ୍, ସେ ହେଉଛି ଚନ୍ଦ୍ରମୁଖୀ, ସେ ଆମ୍ରପଲ୍ଲୀ, ସେ ଉର୍ବଶୀ, ସେ ଦ୍ରୌପଦୀ, ସେ ହିଁ ବୈଦେହୀ, ସେ ଛାତ୍ରୀଟିଏ, ସେ ପୁତ୍ରୀଟିଏ, ସେ ଭଗିନୀଟିଏ, ସେ ବି ଜନନୀଟିଏ, ସେ ଜାୟାଟିଏ, ସେ ପୁରୁଷର ଛାୟାଟିଏ । ସେ "ମଣିଷର ଆଖିନେଇ" ଦେଖିଛନ୍ତି, ମଣିଷର ଅପମାନ ଛୁଇଁ ଆସିଥିବା ବ୍ୟଥା ତାଙ୍କ ଛାତିକୁ ଛୁଇଁଛି, "ବୁକୁର ସ୍ପନ୍ଦନ ସାଥେ ଶୁଣିଛନ୍ତି କରୁଣ କାହାଣୀ, ଫୁଲର ଫସଲରେ ପଙ୍ଗପାଳ ଭୈରବୀ ରାଗ ତୋଳିଲାବେଳେ କବି ପ୍ରାଣ ଭାଙ୍ଗିପଡ଼ିଛି, ତେଣୁ ସେ ଧରିତ୍ରୀ, ମାଟି ଓ ମଣିଷର କଥା କହିଛନ୍ତି । କବିଙ୍କ 'ମାଟିଆ ବୁରୁଜରେ ଜହ୍ନ' କବିତାଟି ନାରୀର କରୁଣ ପରିଣତି ଓ "ସାଂପ୍ରଦାୟିକ ଦଂଗାହଂଗାମାର କରୁଣ ଚିତ୍ର କବି ଲେଖନୀରେ ପ୍ରକାଶିତ ହୋଇଛି ।" (୧୯୮୫:୧୨୦) ବଂଗଳା ସାହିତ୍ୟରେ ବିଷ୍ଣୁ ଦେ, ବୁଦ୍ଧଦେବ ବସୁ, ସୁଧୀନ୍ଦ୍ରନାଥ ଦତ୍ତ ଓ ଜୀବନାନନ୍ଦ ଦାସ ପ୍ରମୁଖ କବି ରବୀନ୍ଦ୍ରନାଥଙ୍କ ଦ୍ୱାରା ନିର୍ମିତ ସାହିତ୍ୟର ଆବରଣରେ ପ୍ରଭାବିତ ହୋଇ ଉତ୍ତର କାଳରେ ଏହାକୁ ଭାଙ୍ଗିବାକୁ ଚାହିଁଛନ୍ତି । ସେହିପରି ଗୁରୁପ୍ରସାଦ ମଧ୍ୟ ରାଉତରାୟଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି ନିଜ ଲେଖାରେ । ସଚ୍ଚିବାବୁ କେବେ କ'ଣ ଦେଖିଥିଲେ ସେ ସଂପର୍କରେ ସେ ଜାଣନ୍ତିନି ବୋଲି 'ଅଳକା ସାନ୍ୟାଲ୍' କବିତାରେ ଖୋଲାଖୋଲି ଭାବେ କହିଛନ୍ତି । ରାଉତରାୟ କପୋତ କପୋତୀ ହୋଇ ଦୂରକୁ ଉଡ଼ିଯିବା କଥା କହିଲା ବେଳେ ଗୁରୁପ୍ରସାଦଙ୍କ 'କପୋତ କପୋତୀ'ର ଆବେଦନ କେତେ ଅଲଗା ଅନୁମାନ

କରାଯାଇପାରେ । "ଗୁରୁପ୍ରସାଦ ଲକ୍ଷ୍ୟ କରିଛନ୍ତି ପ୍ରେମର କ୍ଷଣିକ ଓ ନଶ୍ୱର ରୂପ ।" (୧୯୮୫: ୩୮) ପୁଣି କବି ଗୁରୁପ୍ରସାଦ ପର୍ସନାଲ ନହୋଇ ୟୁନିଭର୍ସାଲ କଥା କହିଛନ୍ତି- "ଲେଖିବା ଭିତରେ କବି ଭୌଗୋଳିକ ପାର୍ଥକ୍ୟକୁ ଲୋପ କରିବା ପାଇଁ ଚାହିଁବା ସଂଗେସଂଗେ ସ୍ୱୀୟ ଐତିହ୍ୟ ରଚନାରେ ପ୍ରୟାସୀ ହୋଇଛନ୍ତି ।" (୧୯୮୫: ୩୯) କବି ଗୁରୁପ୍ରସାଦ ପୁରାତନ ଧାରା, ଧରା ଓ ଧାରଣାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ସମାଲୋଚକ ପ୍ରଫୁଲ୍ଲ କୁମାର ରଥ ଯଥାର୍ଥରେ କହନ୍ତି- "ପୁରାତନ ଐତିହ୍ୟରେ କବିଙ୍କ ତୃପ୍ତିହୀନତା ତାଙ୍କର ଅଧିକାଂଶ କବିତାରେ ପ୍ରକାଶ ପାଇଛି ।" (୧୯୮୫:୪୦) କବି ଗୁରୁପ୍ରସାଦଙ୍କ 'ଅଳକା ସାନ୍ୟାଲ୍'ର ଶେଷ ଧାଡ଼ିରେ ଯେଉଁ ସ୍ୱପ୍ନ ଦେଖିବା କଥା କହିଛନ୍ତି ସେଇଠାରୁ ଆରମ୍ଭ ହୋଇଛି ଫନୀ ମହାନ୍ତିଙ୍କ 'ଅଳକା ସାନ୍ୟାଲ୍' । ଗୁରୁପ୍ରସାଦଙ୍କ ଏହି କବିତାରେ ପ୍ରେମକଥା ଆଲୋଚନା କଲାବେଳେ ମନେପଡ଼େ D. H. Lawrenceଙ୍କ ଉପନ୍ୟାସ Sons and Lovers, Lady Chatterley's Lover ତଥା Song of a Man who is Loved ପରି କବିତାର ସ୍ୱର । "ସ୍ୱାଭାବିକ ଭାବରେ ଏ ପ୍ରେମର ସ୍ୱରୂପ ଶାଶ୍ୱତ ନୁହେଁ, ଦେହଜ ହେତୁରୁ କ୍ଷଣିକ ।" (୧୯୮୫:୪୦) ଗୁରୁପ୍ରସାଦଙ୍କ 'ଅଳକା ସାନ୍ୟାଲ୍' ଫନୀ ମହାନ୍ତିଙ୍କ କବିତାର ଆଧାର । ଏଣୁ ଏଇଠାରୁ ପ୍ରଫୁଲ୍ଲ କୁମାର ରଥଙ୍କ ବକ୍ତବ୍ୟକୁ ଉଦ୍ଧାର କରାଯିବା ଉଚିତ । "ଏଠାରେ ଅଳକା ପ୍ରତି ପ୍ରେମ, ଯେଉଁଥିପାଇଁ ଏବଂବିଧ ସ୍ୱପ୍ନଦର୍ଶନ, ରୋମାଣ୍ଟିକ୍ ପ୍ରେମ ନୁହେଁ । ଅତୀନ୍ଦ୍ରିୟ ବା ଅମୂର୍ତ୍ତ ରୂପେ ପ୍ରେମକୁ ନ ଦେଖି ମୂର୍ତ୍ତ ତଥା ଶାରୀରିକ ପ୍ରେମକୁ ହିଁ ଲକ୍ଷ୍ୟ କରାଯାଇଅଛି । ଏହି ସ୍ୱପ୍ନ ରୋମାଣ୍ଟିକ୍ କବିର ଅମରାବତୀ ସଂପର୍କୀୟ ସୂକ୍ଷ୍ମ ତୀବ୍ର ଆବେଗ ଓ ଉଚ୍ଛ୍ୱାସପ୍ରବଳ ସ୍ୱପ୍ନରେ ପରିଣତ ହୁଅନ୍ତା ମାତ୍ର "ଢିଲା ପାଇଜାମା କାମିଜ"ର ପ୍ରୟୋଗ ଏହାକୁ ପୃଥିବୀର ବାସ୍ତବତା ଭୁଲିବାକୁ ଦେଇନି । ଯୌବନର ସମସ୍ତ ଆକୁଳତା ଶାନ୍ତି ଖୋଜିଲା ବେଳେ ଢିଲା ପାଇଜାମା ଓ କାମିଜର ଚିତ୍ରକଳ୍ପ ହିଁ କବି ମନରେ ଉଦିତ ହୋଇଅଛି । କବି ଅଳକାର ଦେହରେ ଖୋଜିଛନ୍ତି ଶାନ୍ତି- ଯୌବନର ଶାନ୍ତି ।" (୪୦) କିନ୍ତୁ କବି ଫନୀ ମହାନ୍ତି ଏହାକୁ ସିଧାସଳଖ ଗ୍ରହଣ ନକରି ଏକ ପର୍ସନାଲ ଡକ୍ୟୁମେଣ୍ଟ ଭାବରେ ବାଢ଼ିଛନ୍ତି ।

କବି ଫନୀ ମହାନ୍ତି ଗୁରୁପ୍ରସାଦଂକୁ ଇଂଗିତ କରି ନାରୀର ପ୍ରତିନିଧି ଅଳକା ସାନ୍ୟାଲ ଉଦ୍ଦେଶ୍ୟରେ ଲେଖିଛନ୍ତି- "ତମର ଥରିଲା କଣ୍ଠ ରୂପ ନିଏ କାଉ ଅବା / ବାଦୁଡ଼ି କଣ୍ଠରେ । ତମର ଅଭାବ କ୍ରମେ ଘୋଟିଆସେ / ମିଶନ୍ ରୋଡ୍‌ରେ କିମ୍ବା ଯାଜପୁର ବେପାରୀ ବସ୍ତିରେ । ଫାଜିଲ / ବସନ୍ତ ଆସି ତମ ଶବ ବୋହିନିଏ ଭଂଗା କୋକେଇରେ ।" ଏଠାରେ ଗୁରୁପ୍ରସାଦଙ୍କ କାଉ ଓ ବାଦୁଡ଼ିର ଚେଁ ଚାଁ ଶବ୍ଦ କଥାକୁ ଛାଡ଼ି ବାକି ସବୁ ଫନୀ ବାବୁଙ୍କର ଉକ୍ତ କବିତାର ଉତ୍ତର ବ୍ୟାଖ୍ୟା ବା explanation ଓ narration ମାତ୍ର । ଠିକ୍ ଏହି ଉଦ୍ଧୃତାଂଶ ପୂର୍ବର ଧାଡ଼ି- "ତା'ପରେ ତମର ଦେଖା ହଜିଯାଏ ଆକାଶର ତାରାଙ୍କ ଗହଳେ" ରାଉତରାୟ ଓ ଜୀବନାନନ୍ଦଙ୍କ ଶୈଳୀ (ବନଲତା ସେନ୍ କବିତାର) ମନେପକାଇ ଦିଏ । ଜୀବନାନନ୍ଦଙ୍କ 'ବନଲତା ସେନ୍'ରେ ମଧ୍ୟ ଅତିବାସ୍ତବବାଦର ପ୍ରଭାବ ରହିବା ସହିତ ଫ୍ରଏଡ୍‌ୀୟ ଦୃଷ୍ଟିକୋଣ ରହିଛି । ସୁଲତାନା ଜାହାନ୍ ଯଥାର୍ଥରେ କହନ୍ତି- "In Jibananda's "Banalata Sen" the influence of surrealism and impressionism is revealed very clearly at the very beginning of the poem. Surrealism is vigorous spontaneity wth which thoughts are free from all point of the mind where past and present, death and life, real and imaginary- all opposing forces drop their antipathy. In 'Banalata Sen' the poet's hyperbolic expression of roaming the world for thousands of years or entering ancient India during the reign of Ashoka releases the reader's mind from rationality. Being influenced by Freud, the poet suspends the conscious self that makes known all abstract aspirations and sense of wonder. x x x. The poet abolishes all the barriers between consciousness and the subconscious, inner self and outer reality." (୨୦୧୬: ୮୬) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି- "Quietude, tranquility, and dreamlike ambience characterise the whole poem. In 'Banalata Sen' being fed up with fret and fever of the outside world, the poet escapes into the dream world by the power of subconscious mind." (୨୦୧୬: ୮୭) ସେହି ଏକା କଥା ଫନୀ ମହାନ୍ତିଙ୍କ ଠାରେ ଦେଖାଯାଏ । କବିଙ୍କ Imaginative journey ମଧ୍ୟରେ ଅତିବାସ୍ତବବାଦୀ ଭାବନା ସହ ଏକପ୍ରକାର exotic sensation ମଧ୍ୟ ଦେଖାଯାଏ । ଏଠାରେ Surreal ରୁ ଜରବକ୍ଷ ହେବା ଯେପରି ହଠାତ୍ ରାଉତରାୟଙ୍କ ଠାରେ ମଧ୍ୟ ଠିକ୍ ସେଇଆ । ମାତ୍ର ଫନୀ ମହାନ୍ତିଙ୍କ



ଅଂକୁରଣ ଗୁରୁପ୍ରସାଦଙ୍କ ଠାରୁ ହୋଇଥିବାରୁ ସେ ଜରବକ୍ଷ ରୁ Surreal ହୋଇଥିବାର ଲକ୍ଷ୍ୟ କରିହେବ । ଅବଶ୍ୟ ଏହା କବିଙ୍କ ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ମାତ୍ର । ଆଲୋଚ୍ୟ କବିତା ତ୍ରୟୀରେ ଏହିପରି ଛୋଟବଡ଼ ଅନେକ ବୈଚିତ୍ର୍ୟ ଓ ସ୍ୱାତନ୍ତ୍ର୍ୟ ରହିଛି । ଏହା ହିଁ ପ୍ରତିଟି କବିତାର Coded ପରିଚୟ ।

କାବ୍ୟନାୟକ ସ୍ପଷ୍ଟ କରି ଘୋଷଣା କରିଛନ୍ତି ଯେ ସେହି କାବ୍ୟନାୟିକା ତାଙ୍କର ଚନ୍ଦ୍ରାବତୀ । ପୁଣି ସେ କହନ୍ତି 'ତୁମେ ମୋର ଅଳକା ସାନ୍ୟାଲ୍' । ସଂପୂର୍ଣ୍ଣ କବିତାରେ ଦୁଇଥର ଏହି ଉଦ୍‌ଘୋଷଣା ଦେଖାଯାଏ । ଏହି ସ୍ୱୀକାରୋକ୍ତି ଓ ଘୋଷଣା ଦ୍ୱାରା ଅନ୍ତତଃ ଏଇୟା ସ୍ପଷ୍ଟ ହୁଏ ଯେ, ଲେଖକଙ୍କ ପାଇଁ ଆଗ ଅଳକା ସାନ୍ୟାଲ୍ ନୁହେଁ, ବରଂ ପ୍ରଥମେ ଚନ୍ଦ୍ରାବତୀ ମଡ଼େଲର ପ୍ରେମିକା ଲୋଡ଼ା । କିନ୍ତୁ ଲଜିକ୍ ଦୃଷ୍ଟିରୁ ପ୍ରଥମେ ଚନ୍ଦ୍ରାବତୀ ପ୍ରାୟ ପ୍ରେମ ପ୍ରଣୟ ଉତ୍ତାରେ ସେ ପାଲଟି ଯାଇଛି ଅଳକା ସାନ୍ୟାଲ୍ ଓ ପାଲଟି ଯାଇଛି ଏକ ସଂଧାନର ବସ୍ତୁ । ଚନ୍ଦ୍ରାବତୀ କବିତାରେ ରାଉତରାୟ ଯେଉଁପରି ପ୍ରେମର ଚିତ୍ର ଦେଖାଇଛନ୍ତି ଅନୁରୂପ ପ୍ରେମର କଥା କବି ଫନୀ ମହାନ୍ତିଙ୍କ କାବ୍ୟନାୟକ ସହ ଘଟିଛି । ସେହିପରି ରାଉତରାୟଙ୍କ 'ଅଳକା ସାନ୍ୟାଲ୍'ର ହତାଶ ନାୟକ ପରି ଫନୀ ମହାନ୍ତିଙ୍କ କାବ୍ୟନାୟକ

ପ୍ରେମର ପରିଣତି ହୋଇଛି । ଏଣୁ ଯଥାର୍ଥରେ ସେ କହିଛି- "ମୋ ଆଗରେ ମାଇଲ୍ ମାଇଲ୍ ବ୍ୟଥାର ଜଙ୍ଗଲ ।" କାବ୍ୟନାୟକ ସାମ୍ନାରେ ଅଳକା ସାନ୍ୟାଲ୍‌ର ନିଖୋଜ ହେବା ଓ ଦୁର୍ଘଟଣାର ଶିକାର ହେବା ଘଟଣା ତା'ପାଇଁ ଆଣି ଦେଇଛି ବ୍ୟଥାର ଜଙ୍ଗଲ ଯାହାକୁ ପାରିକରିବା ସହଜ ନୁହେଁ ।

କାବ୍ୟନାୟକ ଚନ୍ଦ୍ରାବତୀ ପରି ପ୍ରେମ କରିଛି । ସେ ପ୍ରଥମ ସାକ୍ଷାତ କରିଥିଲା "ଆଦିବାସୀ ପଡ଼ିଆରେ ଲୁପ୍ କେନ୍ଦ୍ର ଉଦ୍‌ଘାଟନ ବେଳେ ।" ଏହା ପ୍ରଥମ ପ୍ରେମର ପ୍ରଥମ ସାକ୍ଷାତ୍ । ଦ୍ୱିତୀୟ ସାକ୍ଷାତ୍ ତାଙ୍କର ହୋଇଥିଲା ଖଣ୍ଡଗିରି ନିର୍ଜନ ଗୁମ୍ଫାରେ । ସାଧାରଣ ପ୍ରେମ ପରି ଦେହର ଆକର୍ଷଣ ଦେଖାଦେଇଛି । ମନର ଆକର୍ଷଣରେ ଦୁଇ ଦେହ ଏକାଠି ହୋଇଛି । ଏହିପରି ପ୍ରେମର ବୟସ କ୍ରମେ ଅନେକ ଅନେକ ଦେଖାସାକ୍ଷାତ୍ ପରେ ଜାତକ ମେଳନ ହୋଇ ଦିଅଁପୂଜା ହୋଇ ସାମାଜିକ ଭାବରେ ଏକାଠି ହେବାର ସୁଯୋଗ ତିଆରି ହୋଇଛି । ପରେପରେ ସ୍ୱାଭାବିକ ଭାବରେ ଚିଠିଲେଖା, ଦିଆନିଆ ଚାଲିଥିଲା । ସେ ସମୟରେ ସାମାଜିକ ଚିନ୍ତା-ଚେତନା, ରକ୍ଷଣଶୀଳତା ଠିକ୍ ତତଲାବାଲି ପରି କାର୍ଯ୍ୟ କରିଛି । ଏଣୁ ପରସ୍ପର ଖୁବ୍ ସମୟ ପାଖାପାଖି ରହିବାର ପରସ୍ପରକୁ ଅନୁଭବ କରିବାର ସେପରି ବିଶେଷ ସୁଯୋଗ ପାଇପାରି ନଥିଲେ । ଅତ୍ୟନ୍ତ ପ୍ରତୀକାତ୍ମକ ଭାବରେ ଚୁମ୍ବକୀୟ ଶୈଳୀରେ କବି ଡକ୍ଟର ମହାନ୍ତି ଏହି ପ୍ରେମର ଦଲିଲ୍‌ଟିକୁ ଶୁଣାଇଛନ୍ତି ।

କବିତାର ତୃତୀୟ ଅଂଶରେ କବି ସମ୍ଭବତଃ କାବ୍ୟପୁରୁଷର ବିବାହ କଥା କହିଛନ୍ତି । ତିନିବର୍ଷ ପାଇଁ ସେଇ ବନ୍ଧନରେ କାବ୍ୟନାୟକ ଓ କାବ୍ୟନାୟିକା ବାନ୍ଧି ହୋଇ ରହିଥିଲେ । କବିଙ୍କ ଭାଷାରେ- "ତିନୋଟି ବରଷ ପାଇଁ ମୁଁ ତମକୁ ରଖିଥିଲି ଯତନରେ ମୁଦା କୋଠରୀରେ ।" ସାଦାସିଧା କାଗଜରେ ନାଁ ଲେଖି ନିଜ ଗଳାରେ ଅକ୍ଷତ ଭାବରେ ବାନ୍ଧିଥିଲା କାବ୍ୟନାୟକ । କିନ୍ତୁ ଏହିଠାରେ ମିଳିତ ମନର ମିଳନ ବ୍ୟାହତ ହୋଇଥିଲା ନାୟିକାର ସ୍ୱାଧୀନ ମନୋବୃତ୍ତି ଓ ବିମୁକ୍ତିର ଆକାଂକ୍ଷା ହେତୁ । ବିରହ ରାଗିଣୀ ବାଜିଉଠିଲା । କବି ଗାଇଛନ୍ତି- "ଅନ୍ୟ ଦିନ ପରି / ତମର ବି ମନହେଲା ବୁଲିବାକୁ ପୁଙ୍ଗୁଳା ଦେହରେ । ଗୁଡ଼ିପରି / ଉଡ଼ିବାକୁ ନୀଳ ଆକାଶରେ । କଳିଙ୍ଗ କଟକୁ ଅବା / ଅଳେଇଚ ଦ୍ୱୀପର ବନ୍ଦରେ । କଲିକତା ଠାରୁ ନୂଆଦିଲ୍ଲୀ ନଗରୀରେ / ଅବା ତମ ମନହେଲା ଭାସିବାକୁ ନାଆ ପରି ଗୋଆ, ଡିଉ / ଡାମନ୍ ଦ୍ୱୀପରେ । ଅନ୍ୟ କେଉଁ ଇଲାକାରେ । ଅନ୍ୟ କେଉଁ ଅଚିହ୍ନା ଛକରେ ।" (ଅଳକା ସାନ୍ୟାଲ୍) ଅଳେଇଚ ଦ୍ୱୀପ ଠାରୁ ଆରମ୍ଭ କରି କଲିକତା, ନୂଆଦିଲ୍ଲୀ ପରି ମହାନଗରୀ ବୁଲିବାର ସଉକ୍ ଓ ଅଭ୍ୟାସ ଭାଙ୍ଗିଦେଇଛି ସଂପର୍କ, ଭାଙ୍ଗି ଦେଇଛି ହୃଦୟ, ସ୍ୱପ୍ନ, ଅତୀତ ଓ ପ୍ରେମର ସ୍ଥାୟୀତ୍ୱ ଓ ମଧୁର କାଚଘର । ରାଉତରାୟଙ୍କ ପରି ଓ ଜୀବନାନନ୍ଦଙ୍କ ପରି ଡକ୍ଟର ମହାନ୍ତି ମଧ ଖୋଜିଛନ୍ତି । ତାଙ୍କ କାବ୍ୟନାୟକ ଖୋଜିବୁଲିଛି ନିଜର ମନର ରାଣୀକୁ- ତା'ର ଚନ୍ଦ୍ରାବତୀକୁ । ମାତ୍ର ପରିତାପର ବିଷୟ ଯେ, ସେ ଚନ୍ଦ୍ରାବତୀ ଆଜି ଅଳକା ସାନ୍ୟାଲରେ ପରିଣତ ହୋଇଯାଇଛି । ତା'ର ବୁଲିବା ଓ ହଜିବା ସଉକ ଦୂରେଇ ନେଇଛି ତାକୁ କାବ୍ୟନାୟକ ଠାରୁ । କାବ୍ୟପୁରୁଷ ଠାରେ ବିଶ୍ୱାସ, ପ୍ରେମ, ପ୍ରଣୟର ବିମୂଲ୍ୟାୟନ ଘଟିଛି । ନାୟିକାକୁ ଖୋଜିଖୋଜି ସେ ନିରାଶ ହୋଇପଡ଼ିଛି । ଏଣୁ ସେ ଗାଇଉଠିଛି-

"ମୁଁ ତୁମକୁ ପାଉନାହିଁ ଅନ୍ୟମାନେ ପାଇ ବି ନଥିଲେ / ମୁଁ ତୁମକୁ ଦେଖୁନାହିଁ, ଓଡ଼ିଶାର ଗଳି, କନ୍ଦି, ନାଳ, ନର୍ଦ୍ଦମାରେ / ମୁଁ ତୁମକୁ ଦେଖୁନାହିଁ ଅଳକା ଷ୍ଟୋରରେ ଅବା ବନାରସ / ମିଠା ଦୋକାନରେ । ମୁଁ ତୁମକୁ ଦେଖୁନାହିଁ ଗ୍ରନ୍ଥାଳୟେ / ଦଶଟା ବେଳେ ଟାଉନ୍ ବସ୍‌ରେ । ସାଙ୍ଗସାଥୀ ବାନ୍ଧବୀ ମେଳରେ । ରାଜନୀତି ବିଜ୍ଞାନ ବା ଦର୍ଶନ ଶ୍ରେଣୀରେ ।" (ଅଳକା ସାନ୍ୟାଲ୍)

ଏହି କବିତାରେ ପୂର୍ବଜ କବିଦ୍ୱୟଙ୍କ ପ୍ରତି ପ୍ରଗାଢ଼ ଶ୍ରଦ୍ଧା ଓ ସମ୍ମତି ପ୍ରଦର୍ଶନ କରାଯାଇଛି । ଏକ ସମନ୍ୱୟବାଦୀ ସମାଧାନପନ୍ଥୀ ଭାବରେ କବି ମହାନ୍ତି ଏଠାରେ ଉଭା ହୋଇଛନ୍ତି । ଯଥାର୍ଥରେ ସେ ଗୁରୁପ୍ରସାଦ ଦେଖିଥିବା ଅଳକାକୁ ଓଡ଼ିଶାର ପରିସର ଓ ପରିବେଶରୁ କ୍ଷାନ୍ତ ରଖିଛନ୍ତି । ଏହା କବିର ବୌଦ୍ଧିକ ଟକ୍‌ନିକ୍ । ଓଡ଼ିଶାର ଗଳି, କନ୍ଦି, ନାଳ, ନର୍ଦ୍ଦମା, ମିଠା ଦୋକାନ, ବଜାର ପରି ଶସ୍ତା ସ୍ଥାନରେ ତାଙ୍କୁ ନଦେଖି ନିଜ ପ୍ରେମକୁ ପଣ୍ୟ ଓ ସାଧାରଣ ସ୍ତରକୁ ଟାଣିଆଣି ନାହାଁନ୍ତି । ପ୍ରଥମରୁ କଲେଜ ବେଳର ଯୁବସୁଲଭ ପ୍ରେମର କଥା ଏଠାରେ କୁହାଯାଇଛି । ଓଡ଼ିଶାର ଯୁବ ପରିବେଶ, ପରିସର ଓ ଶୈକ୍ଷିକ ବାତାବରଣକୁ ଏପରି ପୂତିଗନ୍ଧମୟ ପ୍ରେମରୁ ଦୂରରେ ରଖିଛନ୍ତି ଲେଖକ । ଯଥାର୍ଥରେ ଟାଉନ୍ ବସ୍, ସାଙ୍ଗସାଥୀ, ବାନ୍ଧବୀ ବା ସ୍ନାତକ ଶ୍ରେଣୀରେ, କଲେଜ କ୍ୟାମ୍ପସ୍ ବା କ୍ଲାସ୍‌ରେ ପାଇନାହାଁନ୍ତି କବି । ଏହା କବିଙ୍କର ଏକ ସୁଚିନ୍ତିତ ପ୍ୟାଟର୍ଣ୍ଣ; ସମାଧାନର ଏକ ପନ୍ଥା ।

କବି ବା କାବ୍ୟନାୟକ ଏଠାରେ ଅଭିନ୍ନ । ପ୍ରଥମ ପୁରୁଷ ବର୍ଣ୍ଣନାରେ ଯଥାର୍ଥରେ ସେ ତୃତୀୟ ପନ୍ଥା ବାଛିନେଇ କହିଛନ୍ତି-

"ତମେ ମୋର କେଶବତୀ / ତମେ ମୋର ପ୍ରେମର ଫସିଲ । / ତମେ ମୋର ସଂକେତର / ଧ୍ରୁବତାରା ସଂପର୍କର ଜାଗ୍ରତ ପ୍ରହରୀ ।" (ଅଳକା ସାନ୍ୟାଲ୍)

ଅଳକା ସାନ୍ୟାଲ୍ କାବ୍ୟନାୟକ ପାଇଁ ପାଲଟିଛି ପ୍ରେମର ଫସିଲ, ଅର୍ଥାତ୍ ସ୍ମୃତିଟିଏ ମାତ୍ର । ଏହି ସ୍ମୃତି ପୁଣି ଜୀବନ୍ତ ହେବାର ନୁହେଁ ଫିନିକ୍‌ସ ପକ୍ଷୀ ପରି (Like a Phoenix Bird) । କାବ୍ୟନାୟକ ସହ ଅଳକା ସାନ୍ୟାଲ୍‌ର ସଂପର୍କ ସତତ ସତର୍କକାରୀ, ଏକ ସଚେତନ ବାଣୀ ମାତ୍ର । ଏହି ସଂପର୍କ କାବ୍ୟପୁରୁଷ ମନରେ ଗଭୀର ରେଖାପାତ କରିଛି ଓ ଉଜ୍ଜ୍ୱଳ ପ୍ରତିଭାତ ହୋଇଛି ଠିକ୍ ଧ୍ରୁବତାରା ପରି । ବିରହୀ ପ୍ରେମିକକୁ ନିର୍ଜନ ବର୍ଷାରାତିର ଗର୍ଜନ ଆହୁରି ଅଧିକ ଅଧିକ ବିବ୍ରତ ଓ ବ୍ୟସ୍ତ କରିଛି । କିନ୍ତୁ ଏହି ନିର୍ଜନତାରେ ମଧ ମନେହୋଇଛି ପ୍ରେମିକା ଆସିବା ପରି, ପ୍ରତୀତ ହୋଇଛି ତା'ର ଉପସ୍ଥିତି ଓ ସୃଷ୍ଟି ହୋଇଛି ତା'ର ଗୁଣୁଗୁଣୁ ଶବ୍ଦର ଭ୍ରମ । ଶେଷରେ ସେ କହିଛି-

"ତମ ପାଇଁ ମୋ ଶେଯରେ / ମୁଠା ମୁଠା ଆକାଂକ୍ଷାର ସ୍ୱର । /ଏ ସହରେ ସତେ ଅବା ମୁଁ ଏକ / ଦୁଃସ୍ଥ ଯାଯାବର ।" (ଅଳକା ସାନ୍ୟାଲ୍)

କାବ୍ୟନାୟକର ଏହି ବିରହ ତଥା ପ୍ରେମ ଓ ସ୍ୱପ୍ନଭଂଗ ପରେ ସମଗ୍ର ସହର ତାକୁ ଅପରିଚିତ ମନେହୋଇଛି । ସମସ୍ତଙ୍କ ଉପରୁ ଉଠିଯାଇଛି ତା'ର ଆସ୍ଥା ଓ ପ୍ରତ୍ୟୟ । ନିଜକୁ ଯଥାର୍ଥରେ ସେ ଏକ 'ଦୁଃସ୍ଥ ଯାଯାବର' ମନେ କରିଛନ୍ତି ।

କବି ବା କାବ୍ୟନାୟକ ଏକ ଶାଶ୍ୱତ ପ୍ରେମିକ ହିସାବରେ ପ୍ରତିକ୍ରିୟା ରଖିଛନ୍ତି । ସେ ଏହାକୁ ସମୀକ୍ଷା କରିନାହାଁନ୍ତି, ପ୍ରତିକ୍ରିୟାଶୀଳ ହୋଇ ମନ୍ଦ ମନ୍ତବ୍ୟ ପ୍ରଦାନ କରିନାହାଁନ୍ତି । ଯଥାର୍ଥରେ ସେ କହିଛନ୍ତି-

"ତମରି ବୟସ ବଢୁ ତମେ ହୁଅ ମୃତ୍ୟୁଞ୍ଜୟୀ
ତମେ ହୁଅ ଅକ୍ଷୟ ଅମର । ତମ ଗୁଣ ଗାନ କରି
ପୃଥିବୀର ଜରାୟୁରୁ ଜନ୍ମ ନେଉ
ଶତଶତ ବିକଳ ଅନ୍ତର ।" (ଅଳକା ସାନ୍ୟାଲ୍)

କାବ୍ୟନାୟକ ସମାଜ ଓ ଯୁବପୀଢ଼ିର ମାନସିକ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଆଖିଆଗରେ ରଖି ପୃଥିବୀର 'ଜରାୟୁରୁ ବିକଳ ଅନ୍ତର' ଜନ୍ମ ନେବାକଥା କହିଛନ୍ତି । ଏହା କାବ୍ୟ ପୁରୁଷର କାମନା । ଏଇଠି ରହିଛି କବିର ସାମାଜିକ ପ୍ରତିବଦ୍ଧତା ବା Social Commitment.

ମୋଟାମୋଟି ଭାବରେ କବି ଡକ୍ଟର ମହାନ୍ତି ପ୍ରଥମରୁ ରାଉତରାୟଙ୍କ ଉପରେ ପ୍ରତ୍ୟୟ ସ୍ଥାପନ କରି ନିଜ ଦୃଷ୍ଟିରେ ନାରୀକୁ ନିଜେ ପ୍ରେମିକ ସାଜି ପ୍ରେମ କରିଥିଲେ । କିନ୍ତୁ ସେ ପ୍ରେମରେ ହାରିଛନ୍ତି, ଅବଶ୍ୟ ଚେତନାଗତ ସ୍ତରରେ ହାରି ମଧ ଜିତିଛନ୍ତି । ତେବେ ଏଇଠି ଉପଲବ୍ଧି କରିଛନ୍ତି ଗୁରୁପ୍ରସାଦଙ୍କ କାବ୍ୟ ଦର୍ଶନକୁ ସାମାଜିକ ବାସ୍ତବତା (Social Realism)କୁ ଓ ନିଜେ ସେଇଠି ରୋକି ନଯାଇ ନାରୀର ଏକ ବିକଳ ଅନ୍ତର ବା ଅଳକା ସାନ୍ୟାଲ୍‌ର ରୂପାନ୍ତରଣ, ଗୁଣାନ୍ତରଣ ଓ ମେଟାମର୍‌ଫସିସ୍‌କୁ ଧ୍ୟାନ ଦେଇଛନ୍ତି । ବିବର୍ତ୍ତନ ଉପରେ ଭରସା ରଖିଛନ୍ତି । ଏହିପରି କବିତାଟି ନିଜର ସ୍ୱାତନ୍ତ୍ର୍ୟ ଜାହିର୍ କରିବାରେ ସଫଳ ହୋଇଛି ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ।



# 'ଛାଇ'ର ଛବି

# କଥାକବିତାର ଯୁଗଳବନ୍ଦୀ


**କିଶୋର ପାଣିଗ୍ରାହୀ**
ବିରୁହାଁ, ଜାହାଙ୍ଗୀର, ଭଦ୍ରକ
ଫୋନ୍: ୭୦୦୮୧୧୭୯୬୪

ଫଟୋ ସୌଜନ୍ୟ : ଲେଖକ

**ସାହିତ୍ୟ, ସଂଗୀତ, ରାଜନୀତି, କ୍ରୀଡ଼ା ଏବଂ ଅଭିନୟ କିମ୍ବା ଚିକିତ୍ସାସେବା କ୍ଷେତ୍ରରେ ଉଭୟେ ପତିପତ୍ନୀଙ୍କ ସମାନ ପାରଦର୍ଶିତା ବେଳେବେଳେ ଚକିତ କରିଥାଏ ଆମକୁ । ସେଭଳି ସଫଳ ଦମ୍ପତିଙ୍କ ଜୀବନ ଓ ସାଧନା ଅନେକଙ୍କ ପଥ ଓ ପୃଥିବୀ । ଚଳିତ ମାସ ଠାରୁ ସମାନ ବୃତ୍ତି-ପ୍ରବୃତ୍ତିର ଦମ୍ପତିଙ୍କୁ ଖୋଜିଲୋଡ଼ି 'ରେବତୀ' ପୃଷ୍ଠାରେ ତୋଳି ଧରିବାର ଏ ପ୍ରୟାସର ନାମ 'ଯୁଗଳବନ୍ଦୀ' । ଏଥର ପବିତ୍ର ପାଣିଗ୍ରାହୀ ଓ ସୁଚିତ୍ରା ପାଣିଗ୍ରାହୀଙ୍କ ଜୀବନ ଓ ସୃଜନର ସତ-କାହାଣୀ ।**



▶ଲେଖକ କିଶୋର ପାଣିଗ୍ରାହୀ



ଜୀବନର ଜଟିଳ ଯାନ୍ତ୍ରିକତା ଓ ଯାବତୀୟ ଜୀବନ-ଜଂଜାଳର ଚିତ୍ରନାଟ୍ୟ ସାଙ୍ଗକୁ ପ୍ରେମ, ନଷ୍ଟାଲ୍‌ଜିଆ, ସଂପର୍କର ସୁକୁମାର ସୁଷମା ତାଙ୍କ ଲେଖାର ଆଧାର । ମାନବୀୟ ସମ୍ପର୍କ ଓ ସମବେଦନା ତାଙ୍କ ଗଳ୍ପର ଭାବଭୂମି । ଆବେଗ ଓ ଆନ୍ତରିକତାର ଉଷ୍ମତାରେ କବିତା ହୋଇଯାନ୍ତି ଗପର ଅନେକ ଧାଡ଼ି । ଆବେଗର ଧାରାବାହିକ ପ୍ରବାହରେ ସୁଖପାଠ୍ୟ ତାଙ୍କର ପ୍ରତିଟି ଗଳ୍ପ । ପରିବର୍ତ୍ତିତ ସମୟରେ ଭଂଗା ଆରିସିରେ ନିଜର ମୁହଁ ପରି ତାଙ୍କୁ ଦେଖାଯାଏ ପରଂପରା ଓ ଚଳଣିର ପ୍ରତିଫଳନ । ବିଚାରରେ ଥାଏ ମୌଳିକତା । "There is an old saying: In history nothing is true but names and dates. In fiction everything is true but names and dates." (**Tom Clancy**) ଅର୍ଥାତ୍, ଇତିହାସରେ ନାମ ଓ ତାରିଖଙ୍କୁ ଛାଡ଼ିଦେବା ପରେ ଆଉ କିଛି ସତ ନୁହଁ, ମାତ୍ର ସାହିତ୍ୟରେ ନାମ ଓ ତାରିଖଙ୍କୁ ବାଦ୍ ଦେଲେ, ଅନ୍ୟସବୁ ନିଚ୍ଛକ ବାସ୍ତବ । କିନ୍ତୁ ତାଙ୍କର ଅନେକ ଗପ ଏହାର ବ୍ୟତିକ୍ରମ । କାରଣ ତାଙ୍କର ଗଳ୍ପର ପାତ୍ର ଓ ସେମାନଙ୍କର ନାମ କାଳ୍ପନିକ ନୁହଁନ୍ତି- ସତସତିକା ଏବଂ ସେମାନେ ଚଳପ୍ରଚଳ ହେଉଥାନ୍ତି ତାଙ୍କ ଚାରିପାଖରେ, ଆମ ଆଖି ଆଗରେ । ସେଥିପାଇଁ ସେ ବାସ୍ତବତାର ବସ୍ତିରୁ ଗଳ୍ପର ଭ୍ରୁଣ ସାଉଁଟି ବିଶୁଦ୍ଧ ଭାବର ଜୀବନ ସିଂଚନରେ ଉଧେଇଥାନ୍ତି ଗଳ୍ପର କଅଁଳ ଚାରା । ସେତେବେଳେ ଭାବିନଥାନ୍ତି, ତାହା କେବେ ଦିନେ ଦ୍ରୁମ ହୋଇ ଅନେକଙ୍କୁ ପରଷିବ ବିମଳ ଆନନ୍ଦ, ଆଶ୍ୱାସ ଓ ଉଶ୍ୱାସର ଶୀତଳ ଛାଇ । ସେ ନୁହଁନ୍ତି ଆଉ କେହି- ଆମ ସମୟର ପ୍ରଥିତଯଶା ବହୁ ପାଠକୀୟ ଶ୍ରଦ୍ଧାର ଅଧିକାରୀ **ପବିତ୍ର ପାଣିଗ୍ରାହୀ** । 'ଛାଇ'ରେ ରହନ୍ତି ପବିତ୍ର ଓ ତାଙ୍କ ଧର୍ମପତ୍ନୀ, ଛାଇ ଓ ଛନ୍ଦର କବି, ଆମ ସମୟର ଅନନ୍ୟ ପ୍ରତିଭା **ସୁଚିତ୍ରା ପାଣିଗ୍ରାହୀ** ।

‘ଛାଇ ଅଣାକାର, ଗୋଟେ ନିଜସ୍ୱ ଅନ୍ଧାର,
ମୁଁ ଏଇ ଅଛି ବୋଲି ମୋ ସ୍ଥିତିର ସ୍ୱାକ୍ଷର,
ଛାଇକୁ ଛାଡ଼ି ଯାଇହେବ ଯେ,
ଜିଇଁ ହେବ ନାହିଁ;
ନିଜ ଠୁ ବାହାରିଯିବା ଓ ନିଜ ଠାରୁ ବାହାରେ ବଂଚିବା
ଏକାକଥା ବୋଲି କହି ହେବ ନାହିଁ ।
ଛାଇଅଙ୍କା ବ୍ୟାକରଣ ଘରକରଣାର
ଛାଇ ସହ ସହବାସ ପରେ ଆହୁରି ସୁନ୍ଦର ।’

- କିଶୋର ପାଣିଗ୍ରାହୀ (‘ଚୋଟ’/ପୃଷ୍ଠା-୨୧)

ବୋଧହୁଏ, ସେଥିପାଇଁ ଛାଇକୁ ହିଁ ଭଲପାଆନ୍ତି, ‘ଛାଇ’ରେ ରହନ୍ତି, ‘ଚନ୍ଦନ ବନର ଛାଇ’ରେ ‘ହାତମୁଠାର ଛବିରେ’ ଆଙ୍କନ୍ତି ଆଗାମୀ କାଲିର ସ୍ୱପ୍ନ, ଓ ‘ସ୍ୱପ୍ନ ଚୋରି’ ହୋଇଗଲା ପରେ ଆଘାତଟି ଆସ୍ତେ ଆସ୍ତେ ଅବବୋଧଟିଏ ପାଲଟି ଯାଏ ଅଭିଜ୍ଞତାରେ, ଅବୁଝା ମନକୁ ବୋଝ ଦେଇ, ବୋଧ ଦେଇ ଆଙ୍କିବାକୁ ପଡେ ଆଗାମୀକୁ ଆହୁରି ଅନେକ ଆକୃତି, ତୋଳିବାକୁ ପଡ଼େ ‘ମିଛଘର’ ଯେଉଁଠି ଖାଲି ‘ଏକା ଏକା ଅରୁନ୍ଧତୀ’ ରହନ୍ତି ନାହିଁ; ରହନ୍ତି ଅନେକ ସ୍ୱପ୍ନ, ଅନେକ ହୃଦୟ, ଅନେକ ମନ ଓ ‘ମନଅନ୍ଧାର’ । ସେ ଅନ୍ଧାର, ସେ ‘ଖରାପ ପାଗ’ ବି ରହିନାହିଁ ଚିରକାଳ, ‘ପାଗ ବଦଳିଚି’ ତାଙ୍କର । ବଦଳେ ଋତୁ, ବଦଳେ ଅବତାର ପ୍ରେମିକର ଦଶ ଦଶ ଥର । ଏକ ଦୀର୍ଘ ‘ହାଇଫେନ୍’ ଛାଡ଼ି ‘କଦମ୍ବ ବନର ସନ୍ୟାସୀ’ଟି ଆଶ୍ୱାସ ଖୋଜେ ‘ଚନ୍ଦନ ବନର ଛାଇ’ କୋଳରେ । ହଁ, ଅନ୍ଧକାର ହିଁ ଶେଷକଥା ନୁହେଁ, ଏକ ଆଲୋକିତ କାକଭୋର୍ ଗର୍ଭିଣୀ ମୁହୂର୍ତ୍ତରେ ସମର୍ପିତ ସବୁ ଅନ୍ଧକାର- ଏହା ହିଁ ମଣିଷ ପାଇଁ ଆଶ୍ୱାସନା ପବିତ୍ର ଓ ସୁଚିତ୍ରାଙ୍କ ଲେଖନୀର । ତେଣୁ ତ ପବିତ୍ର ଲେଖନ୍ତି ‘ବରଂ ଅନ୍ଧାର ଭଲ’, ସେଥିପାଇଁ ତ ସୁଚିତ୍ରା ଜୀବନ ଉପରେ ଆଡ଼ରୁଷା ଦିଅନ୍ତି ନାହିଁ କେବେ । ବରଂ କୁହନ୍ତି ‘ଏତେ ଅଭିମାନ ଭଲ ନୁହେଁ’ ବୋଲି । ଆଖିରେ ଅଙ୍କିତ ସ୍ୱପ୍ନର ସେ ଆକୃତି ‘ଛାଇର ଛବି’ ହେଇ ଚହଲୁଥାଏ ବିଭୋରପଣରେ ‘ଅଫେରା ଜହ୍ନରାତି’ର ଜ୍ୟୋତ୍ସ୍ନାରେ ବିଭୋର ହୁଅନ୍ତି ପବିତ୍ର ନଷ୍ଟାଲ୍‌ଜିଆରେ । ଉଲୁସା ମନର ଦକ୍ଷିଣା ବାଆ ‘ଛୁଇଁଲେ ପ୍ରେମ’ ଚଅଁରି ଯାଏ ମଗଜରେ । କାୟା ଓ ଛାୟାର ଦ୍ୱୈତ ପରି କଥା-କବିତାର ଯୁଗଳବନ୍ଦୀରେ ସୁଚିତ୍ରା ଓ ପବିତ୍ର ପାଣିଗ୍ରାହୀ ଗଢ଼ିଛନ୍ତି ସାରସ୍ୱତ ସଂସାର ‘ଛାଇ’ରେ ।

ଓଡ଼ିଶାର ଲବ୍ଧପ୍ରତିଷ୍ଠ କଥାକାର, କବି, ଔପନ୍ୟାସିକ ପବିତ୍ର ପାଣିଗ୍ରାହୀ

# ପବିତ୍ରାଳାପ

▶କବିତା ଛାଡ଼ି କାହିଁକି ଗପ ଲେଖିଲେ ?

▼କବିତାରେ କହିବାକୁ ଚାହୁଁଥିବା କଥାସବୁ ଯେତେବେଳେ ମନମୁତାବକ କହି ପାରିଲିନି, ଗପ ମୋତେ ବଡ଼ କାନ୍‌ଭାସ୍ ଯୋଗାଇ ଦେଲା ନିଜକୁ ଫିଟାଇ ଦେବାକୁ । ତା’ଛଡ଼ା ସୁଚିତ୍ରା କବିତା ଲେଖୁଥିଲେ । ଆମେ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ନହୋଇ କଥା-କବିତାର ପ୍ରତିସ୍ପର୍ଦ୍ଧୀ ଯୁଗଳବନ୍ଦୀ ହୋଇଗଲୁ ।

▶ହାତ ଧରାଧରି ଚାଲିବାରେ ଜୀବନଯାତ୍ରାର କ୍ଳେଶ ଲାଘବ ହୁଏ । କିନ୍ତୁ ବେଳେବେଳେ ପାଦକୁପାଦ ଛନ୍ଦି ହେଇଯାଏ ବି । ଗପ ଓ କବିତା ସେମିତି କେବେ ଛନ୍ଦି ହୋଇ ଯାଇଛନ୍ତି କି ?

▼ହାତ ଧରାଧରି ହୋଇ ଚାଲିବାରେ ସୁଚିତ୍ରା ମୋର କ୍ଳେଶ ଲାଘବ କରିଛନ୍ତି । ସାହିତ୍ୟସଭା ଆଦିକୁ ବିଶେଷ ନଯାଇ ଘରସଂସାର ସମ୍ଭାଳିଛନ୍ତି, ଦୁର୍ଦ୍ଦିନରେ ମୋତେ ଦମ୍ଭ ଓ ସାହସ ଯୋଗାଇଛନ୍ତି । ମୋର ସଫଳତାରେ ଖୁସି ହୋଇଛନ୍ତି ସେ ଓ ତାଙ୍କ ସଫଳତାରେ ମୁଁ । ତେଣୁ ଗପ ଓ କବିତାର ପାଦ ଛନ୍ଦାଛନ୍ଦି ହେବାର ପ୍ରଶ୍ନ ଉଠୁଚି କେଉଁଠୁ ? ନା ଭାବ, ନା ଚେତନା, ନା ଆଦର୍ଶ ଭିତରେ ଆମ ସର୍ଜନଶୀଳତାରେ କେବେ ସଂଘର୍ଷର ଆଭାସ ଆସିଛି ।

▶କ’ଣ ନଥିଲେ ଗପ ଭଲ ଲାଗେ ନାହିଁ ?

▼ଭଲ କାହାଣୀଟିଏ, ସାବଲୀଳ ଶୈଳୀ, ଟିକିଏ ରହସ୍ୟମୟତା, ଓ ପରିଣତିରେ ଟ୍ୱିଷ୍ଟ୍ ନଥିଲେ ଗପ ଭଲ ଲାଗେନାହିଁ ।



▶ଗପ ଭିତରେ କବିତା ଥିଲେ କେମିତି ଲାଗେ ଓ କବିତା ଭିତରେ ଗପ ଥିଲେ କେମିତି ଲାଗେ ?

▼ଗପ ଭିତରେ କବିତା ଥିଲେ ଭଲ ଲାଗେ । ଯେମିତି ତରୁଣକାନ୍ତି ମିଶ୍ର, ଜଗଦୀଶ, ସରୋଜିନୀ, ପରେଶ, ସଦାନନ୍ଦ, ଅଜୟ ସ୍ୱାଇଁ ଓ ସରୋଜ ବଳ ଇତ୍ୟାଦିଙ୍କ ଗଳ୍ପ । କବିତା ଭିତରେ ଗଳ୍ପ ଥିଲେ ବେଳେବେଳେ କବିତା ଭଲ ଲାଗେ । ହେଲେ ନେଇ ଆଣି ଥୋଇପାରିଲେ ହେଲା- ଯେମିତି ଶ୍ରୀଦେବଙ୍କ କବିତା । ତେବେ କବିତା ଭିତରେ ଗପ କମ୍ ବା ମୋଟେ ନ ରହିଲେ ଭଲ । କବିତାରେ ଗପ ରହିବାର ସୁଯୋଗ ବି ସୀମିତ ।

▶ନୂଆପିଢ଼ିଙ୍କ ଗପରେ କ’ଣ ଅଭାବ ଓ କ’ଣ ନୂଆ କଥା ଦେଖୁଛନ୍ତି ?

▼ନୂଆପିଢ଼ିଙ୍କ ଗଳ୍ପରେ ଅଭାବ କଥା କହିହେବ କି ଏବେ ଠୁ ? ଧୈର୍ଯ୍ୟ, ଅଧ୍ୟବସାୟ ଓ ଅନୁଭୂତିର ଗଭୀରତା ସେମାନଙ୍କୁ ଆହୁରି ଶାଣିତ, ପରିବ୍ୟାପ୍ତ ଓ ଦୀପ୍ତିମାନ କରିବ ସମୟକ୍ରମେ । ନୂଆପିଢ଼ିଙ୍କ ଗପରେ ଏପରି ପ୍ରଚଣ୍ଡ ସାମର୍ଥ୍ୟ ଅଛି ବୋଲି ମୁଁ ବିଶ୍ୱାସ କରେ । ସହଜରେ ପ୍ରସିଦ୍ଧି ଅର୍ଜନ ପାଇଁ ବ୍ୟାକୁଳ ନହୋଇ ନିଷ୍ଠାବାନ ହେବା ଜରୁରୀ । ସେମାନଙ୍କ ଗପରେ ନୂଆକଥାଟି ହେଲା- ସେମାନେ ବଦଳୁଥିବା ସମାଜ ଓ ସ୍ୱରକୁ ପ୍ରତିଫଳିତ କରିବାକୁ ଚେଷ୍ଟା କରୁଛନ୍ତି ଏବଂ ଗପ କହିବାର ନୂଆ ନୂଆ ଢଙ୍ଗର ଅନ୍ୱେଷଣ ଜାରି ରଖିଛନ୍ତି ।

▶ଆପଣଙ୍କ ସୃଜନ ପରିବେଶଟି ବିଷୟରେ କିଛି କହିବେ ?

▼ବାପା କମଳାକାନ୍ତ ଓ ବୋଉ ଉମାମଣି ପାଣିଗ୍ରାହୀ ଥିଲେ ମୂଳରୁ ସାହିତ୍ୟପ୍ରାଣ । ବୂଢ଼ୀ ମା’ ରେବତୀ ପ୍ରତି ରାତିରେ ନାନା ରକମର କାହାଣୀ କହି ମୋ ଭିତରେ ରୋପିଥିଲେ ସାହିତ୍ୟର ମଞ୍ଜି । ପତ୍ନୀ ସୁଚିତ୍ରା ଓ ସାନ ଭିଣୋଇ ତୁହିନାଂଶୁ ରଥ କବିତା ଲେଖୁଥିଲା ବେଳେ ସାନ ଭାଇ ଡାକ୍ତର ଦେବବ୍ରତ ଭଲ ଗପ ଲେଖନ୍ତି । ବଡ଼ପୁଅ ସୌମ୍ୟଶ୍ରୀ ଉଭୟ ଇଂରାଜୀ ଓ ଓଡ଼ିଆରେ ଲେଖାଲେଖି କରୁଥିବା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ପ୍ରତିଭା ମୋର ଶ୍ୱଶୁର ଗୌରଗୋପାଳ ଜେନା ଓ ସାନ ଭଉଣୀର ଶ୍ୱଶୁର ବୈକୁଣ୍ଠନାଥ ରଥ ଥିଲେ ଉଚ୍ଚକୋଟୀର ଲେଖକ । ସୁଚିତ୍ରାଙ୍କ ପିଉସୀ, ସରଳା ମିଶ୍ରଙ୍କ କବିତା ଓ ଆଲେଖ୍ୟ ମଧ୍ୟ ସୁନ୍ଦର । ଅତଏବ, ମୋ ଚାରିକଡ଼େ ରହିଛି ଏକ ସୁନ୍ଦର ସର୍ଜନଶୀଳ ସାରସ୍ୱତ ବାତାବରଣ । ମା’ ସରସ୍ୱତୀ ଓ ମୋ ପରିବେଶର ଏଇ ସ୍ରଷ୍ଟାମାନଙ୍କ ଠାରେ ମୁଁ କୃତଜ୍ଞ ସେଥିପାଇଁ ।

ଏବଂ ସାଂପ୍ରତିକ ଓଡ଼ିଆ କବିତାର ଏକ ଅନନ୍ୟ ଉଚ୍ଚାରଣ କବି ସୁଚିତ୍ରା ପାଣିଗ୍ରାହୀଙ୍କର ଯୁଗଳବନ୍ଦୀ କେବଳ ବୈବାହିକ ଜୀବନ କିମ୍ବା ସାରସ୍ୱତ ସାଧନା ଉପରେ ଆଧାରିତ ନୁହଁ । ଉଭୟଙ୍କର ବୃତ୍ତି ମଧ୍ୟ ଏକ- ଅଧ୍ୟାପନା । ଅର୍ଥାତ୍ ଉଭୟ ସମବୃତ୍ତି ଓ ସମପ୍ରବୃତ୍ତିର ସଂସ୍ଥିତିରେ ଏକ ପବିତ୍ର ବନ୍ଧନ, ଏକାତ୍ମରେ ସଂପର୍କିତ ଦୁଇଟି ଜୀବନ । ସେଥିପାଇଁ ସେମାନଙ୍କ କଥାରେ ଓ କବିତାରେ ଜୀବନ, ସଂପର୍କ, ପ୍ରେମ, ମୋହ, ମୋହମୁକ୍ତି, ଜୀବନ-ଜିଜ୍ଞାସା ବାରିହେଇ ପଡନ୍ତି ପ୍ରଥମେ, ଶବ୍ଦର ପ୍ରତି ଧ୍ୱନ ମୋକ୍ଷମୁଖୀ ହୋଇ ଉଠନ୍ତି ଜୀବନର ଚିରନ୍ତନ ସତ୍ୟ ଓ ସୌନ୍ଦର୍ଯ୍ୟ ଆଡ଼େ ।

ପବିତ୍ର ନିଜ ସଂପର୍କରେ କହନ୍ତି ଯେ ଶୈଶବ, କୈଶୋର, ଯୌବନ ଓ ବୃତ୍ତିଗତ ଜୀବନ ଗ୍ରାମୀଣ ପରିବେଶ ଭିତରେ ବିତିବା ତାଙ୍କ ପାଇଁ ସାହିତ୍ୟ ସର୍ଜନାର ଆଶିଷ । ପ୍ରଶସ୍ତ ଧାନବିଲ, କୁହୁଡ଼ିଘେରା ଜହ୍ନଧୁଆ, ଧୁମାଭ ମାୟାଚ୍ଛନ୍ନ ଗଛବୃଛ, ଝୋଟିଅଙ୍କା କାନ୍ଥ ଓ ଗାଁକୁ ଘେରିଥିବା ତାଳବଣ, କା' ଓ କୁଣ୍ଡୀ ନଈର କୁଳୁକୁଳୁ ଗୀତ ତାଙ୍କ ଭିତରେ ଜଗାଇଥିଲା ସୃଜନସ୍ୱପ୍ନ । ଏମିତିରେ ଦିନଦିନ ବି ବିତି ଯାଇଛି, ଶବ୍ଦଟିଏ ଲେଖିପାରି ନାହାନ୍ତି ସେ । କେବଳ ଏକ ଦିବ୍ୟ ଅସନ୍ତୋଷରେ କୁହୁଳି କୁହୁଳି କାଟିବାକୁ ପଡ଼ିଚି କାଳ । ଗପମାନେ ଗଢ଼ି ହେଉଥାନ୍ତି ଓ ଭାଂଗୁଥାନ୍ତି ବାରମ୍ବାର ତାଙ୍କ ଭିତରେ । ଥରେ ଗପଟିଏ ଧରା ଦେବା ପରେ, ଭୁଲିଯାନ୍ତି ଭୋକଶୋଷ, ଭୁଲିଯାନ୍ତି ଦୈନନ୍ଦିନ ବରାଦ- ଏପରିକି ଶୁଣିବାକୁ ପଡ଼େ ଘରଣୀଙ୍କ ଠାରୁ ଦି'ପଦ, ଯାହା ତାଙ୍କ ଭୁଲାମନର ପରାଭବ ।

## ସୁଚିତ୍ରାଳାପ

**▶ଆପଣଙ୍କ କବିତାର ସରଳ, କୋମଳ ଶବ୍ଦମାନେ ସ୍ୱଚ୍ଛନ୍ଦରେ ଆସନ୍ତି କେମିତି ? କାହାର ପ୍ରଭାବ ?**

▲ମୁଁ ପିଲାବେଳେ ଅନାବନା ଯାହାସବୁ ଲେଖି ଯାଉଥିଲି ତାହା ଯେ କବିତା ହୋଇ ଯାଇଥିଲେ, ମୁଁ ଜାଣିଲି ଅନେକ ପରେ । ମୋର ଜଣେ ଶୁଭାନୁଧ୍ୟାୟିନୀ ସୂର୍ଯ୍ୟକାନ୍ତି ମୋ କବିତାକୁ ମୋତେ ହିଁ ଚିହ୍ନାଇଦେଲେ ପ୍ରଥମେ, ମୋର କିଶୋରୀ ଅବସ୍ଥାରେ । କବିତା ମୋ ଭିତରେ ଥିଲା ଯେ, ମୁଁ ତାକୁ ଚିହ୍ନି ପାରିନଥିଲି । କବିତା ସ୍ୱତଃ ଆସୁଥିଲା ତା ମର୍ଜିରେ । ସେ ଶବ୍ଦରୁ ଫିଟି ପଡୁଥିବା ଦୃଶ୍ୟ, ଅନୁଭବ ଓ ଭାବ ସବୁରେ କାହାର ପ୍ରଭାବ ଥିଲା ବା ଏବେ ଅଛି, ମୁଁ ଠିକ୍ କହି ପାରିବିନି । ବାପାଙ୍କର ସୁନ୍ଦର ଆବୃତ୍ତି ଓ ତାଙ୍କ ସହ ବସି ପଢ଼ିଥିବା ଲାଇବ୍ରେରୀର ବହିମାନଙ୍କ ଭିତରେ ଥିବା ଅନେକ ଅକ୍ଷର, ଚରିତ୍ର, ଚିତ୍ର, ଆବେଗ ଓ ଅନୁଭବର ବି ପ୍ରଭାବ ହେଇପାରେ । ମୋତେ ଘେରି ରହିଥିବା ଗଛଲତା, ଆକାଶ, ମୋତେ ଅକୁଣ୍ଠ ଶ୍ରଦ୍ଧା ଓ ଭଲପାଇବାରେ ବାନ୍ଧି ରଖିଥିବା ମୋ ପ୍ରିୟ ମଣିଷମାନଙ୍କ ସମ୍ପର୍କ- ଏସବୁ ଭିତରେ ମୁଁ ଦେଖିପାରେ ମୋ କବିତାର ଛାଇ, ଯାହାକୁ ହାତ ପାପୁଲିରେ ଧରିରଖୁଚି ଆଜିକାଲି- ଏଇ ବୋଧେ ମୋ ସହଜ, ସ୍ୱଚ୍ଛଳ, କୋମଳ ଶବ୍ଦରେ ଗଢ଼ା କବିତାର ପଦାବଳୀ ।

**▶ବ୍ୟକ୍ତିଗତ ଭାବରେ ମୁଁ ଯାହା ଜାଣେ, ଆପଣଙ୍କ ଜୀବନ ବହୁଧା ବିଭକ୍ତ ଓ ପ୍ରତ୍ୟେକ ଭିନ୍ନଭିନ୍ନ କ୍ଷେତ୍ରରେ ଆପଣଙ୍କର ଭୂମିକା ଭିନ୍ନ ଓ ଆପଣ ସଫଳ ମଧ୍ୟ । ମୁଁ ବେଳେବେଳେ ଆଶ୍ଚର୍ଯ୍ୟ ହୁଏ, ଆପଣ ତୁଲାନ୍ତି କେମିତି ? ଦ୍ୱନ୍ଦ୍ୱ ହୁଏ ନାହିଁ ?**

▲ହଁ, ଏ କଥା ସତ । ଖାଲି ମୁଁ ନୁହେଁ, ପ୍ରତିଟି ମଣିଷ ବହୁଧା ବିଭକ୍ତ ଜୀବନ ଜିଅନ୍ତି । ତେବେ ମୁଁ ମନେକରେ ପ୍ରତିଟି ସମୟରେ ଜୀବନ ପ୍ରତି ଶତପ୍ରତିଶତ ବିଶ୍ୱସ୍ତ ରହି ଯଦି କେହି କାମ କରିପାରିବ, ତେବେ ସେ ସଫଳ ହୋଇପାରିବ । ମୁଁ କେବେ ଜୀବନକୁ ଯୁଦ୍ଧ ବୋଲି ଭାବିନାହିଁ । ବରଂ ସବୁବେଳେ ମନେକରେ, ଜୀବନ ଆମକୁ ଯାହା ଦେଇଚି, କି ବିଷ କି ଜହର- ତାକୁ ଅଳି ଭରି ତୋଳିନେବା ଉଚିତ୍ । ସେଥିପାଇଁ ସମସ୍ତଙ୍କୁ ଲାଗେ ମୁଁ ପ୍ରତିଟି ଭୂମିକାରେ ସଫଳ ଓ ସ୍ୱୟଂସମ୍ପୂର୍ଣ୍ଣା । ତେଣୁ ଭୂମିକା ଭୂମିକା ଭିତରେ ଦ୍ୱନ୍ଦ୍ୱ କାହିଁ ? ବରଂ ଗୋଟିଏ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଥାଏ । ମୁଁ ତ ସ୍ତ୍ରୀଟିଏ- ଯିଏ ଗୋଟେ ହାତରେ ମାଟି ଦରାଣ୍ଡୁଥିବା ବେଳେ ଆର ହାତରେ ଆକାଶକୁ ଆକଳନ କରିପାରେ, ଗୋଟିଏ ଆଖିରେ ଲୁହର ଲହରୀ ଭାଙ୍ଗିଲା ବେଳେ ଆର ଆଖିରେ ସ୍ୱପ୍ନର ନୀଳପ୍ରଜାପତିକୁ ଆଙ୍କି ପାରେ । ଗୋଟିଏ ଜୀବନରେ ସେ କୋଟିଏ ଜୀବନ ଭୋଗିପାରେ ।

**▶କିଛିକାଳ ଗୋଟିଏ କଲେଜ୍‌ରେ ସ୍ୱାମୀ-ସ୍ତ୍ରୀ ଉଭୟ କାର୍ଯ୍ୟ କରିବା ଭିତରେ ଅଧିକ ଆନନ୍ଦ ପାଇଛନ୍ତି ନା ଭିନ୍ନ କଲେଜ୍‌ରେ ଥିବାବେଳେ ଅଧିକ ?**

▲ହଁ, ଆମେ ଦୁହେଁ ପ୍ରାୟ ତିନିବର୍ଷ ଗୋଟିଏ କଲେଜରେ ଅଧ୍ୟାପନା କରିଥିଲୁ । ଏକାଠି ଯିବା, ଗୋଟିଏ ପରିସରରେ ସାରା ସମୟ ବିତେଇବା ବେଶ୍ ଆନନ୍ଦପ୍ରଦ ଥିଲା । କିନ୍ତୁ ବେଳେବେଳେ ଲାଗୁଥିଲା- ଆମେ ପତିପତ୍ନୀ ହେଲେ ମଧ୍ୟ ଉଭୟେ ଉଭୟଙ୍କୁ କିଛିଟା ନିଜସ୍ୱ ସମୟ ଦେବା ଉଚିତ୍; ନିଜ ପରିସୀମାରେ, ନିଜ ଖୁସିରେ ବଂଚିବା ଓ କାମ କରିବା ଦରକାର, ଯଦିଓ ସେ ଓ ମୁଁ କେବେ କାହାରି ବିଚାର ବା କାମରେ ହସ୍ତକ୍ଷେପ କରୁନା । ବରଂ ଦୀର୍ଘ ୩୭ବର୍ଷର ଦାମ୍ପତ୍ୟ ଭିତରେ ଆମ ଭିତରେ ଗୋଟିଏ ନିରବ ବୁଝାମଣା ହୋଇ ସାରିଛି, ନକହି ବି ଆମେ ବୁଝିଯାଉ, ସେ କ'ଣ ଚାହାନ୍ତି ଓ ମୁଁ କ'ଣ । ପରସ୍ପରକୁ ଅଧିକ ଖୁସି ଦେବାରେ ଆମେ ନିଜେ ହିଁ ଆନନ୍ଦ ପାଉ । ସେଥିପାଇଁ ବୋଧହୁଏ ମୁଁ ପୁଣି ମୋ ପୁରୁଣା କଲେଜକୁ ଫେରି ଆସିଲି । ଏବେ ପୁଣି ତାଙ୍କ ସାଙ୍ଗସାଥୀଙ୍କ ଗହଣରୁ ଯେଉଁ ସମୟର କିଛି ଅଂଶ ମୋ ଭାଗରେ ପଡୁଥିଲା, ତାହା ତାଙ୍କର ସାଙ୍ଗମାନେ ଫେରି ପାଇବାରେ ସେମାନେ ଯେତିକି ଖୁସି, ମୁଁ ବି ସେତିକି ଆନନ୍ଦିତ ।

**▶କେବେ ଗଳ୍ପ ଲେଖିବାକୁ ପ୍ରେରଣା ଅନୁଭବ କରିଛନ୍ତି କି ?**

▲ଗପ ଲେଖିଥିବା ଲୋକଟିକୁ ତ ନିତିପ୍ରତି ପାଖରୁ ଦେଖୁଚି, ବୁଝୁଚି, ଭୋଗୁଚି । ତାଙ୍କ ସହ ସଂପର୍କରୁ ଗୋଟିଏ କଥା ଜାଣିଚି- ଗପ ଠାରୁ କବିତା କୋଉ ଭିନ୍ନେ କି ? ପ୍ରତିଟି ସଫଳ ଗପ ଗୋଟେ ଗୋଟେ ସ୍ୱଚ୍ଛଳ କବିତା । ଆଉ ପ୍ରତି କବିତାର ଆତ୍ମାରେ ତ ହଜାରେ ଗପ ବସା ବାନ୍ଧିଥାଏ । ତେଣୁ ସ୍ୱାଭାବିକ ଭାବେ ଗପ ଲେଖିବାକୁ ଇଚ୍ଛା ହୋଇନାହିଁ । ତା'ଛଡ଼ା ସେ ଗପଟିଏ ଲେଖି ସାରିଲା ପରେ ମୋତେ ହିଁ ପଢ଼ିବାକୁ ପଡ଼େ ପ୍ରଥମେ । ତା' ପରେ ତାକୁ ଉତାରିବାକୁ ହୁଏ ସୁନ୍ଦର ଅକ୍ଷରରେ । ଏତେ ସବୁ ଜଂଜାଳ ଭିତରେ ମୁଁ ଗପ ଲେଖିବା କଥା ଭାବି ନାହିଁ । ହଁ, ମୁଁ ପିଲାମାନଙ୍କ ପାଇଁ କିଛି ଗପ ଲେଖିଚି, ଯାହା ପ୍ରକାଶିତ ହୋଇଚି ସଂକଳନ ଆକାରରେ ।

**▶ପବିତ୍ରଙ୍କର କେଉଁ କଥାଟି ଆପଣଙ୍କୁ ବୁଝିବାରେ ଏଯାବତ୍ ବାକି ଅଛି ?**

▲ଦୀର୍ଘବର୍ଷ ଏକାଠି ବିତେଇ ସାରିଲୁଣି । ବେଶି ଦିନ ଆମେ ପରସ୍ପର ଠାରୁ ଅଲଗା ରହିନାହୁଁ ପ୍ରାୟ । ଲାଗେ, ତାଙ୍କୁ ମୁଁ ବୁଝିଚି ବେଶ୍ । ତେବେ ଗୋଟାଏ କଥା ଏଯାଏଁ ମୁଁ ବୁଝିବାକୁ ବାକି ରହି ଯାଇଛି- ସେ କେମିତି ଓ କାହିଁକି ନିଜ ଖିଆଲ୍‌ରେ ଏମିତି ବୁଡ଼ି ରହନ୍ତି ଆଉ ସମସ୍ତଙ୍କୁ ଏତେ ସହଜରେ ଭରସା କରିଯା'ନ୍ତି ?





କୋମଳ, ଭାବ ଛଳଛଳ କବିତା ଲେଖୁଥିବା ଜଣେ ନିରୁତା କବି, ଯେ ଖୋଦ୍ କବିତା ପରି କୋମଳ, ଶାନ୍ତ, ସ୍ନେହୀ ସୁଚିତ୍ରା ପାଣିଗ୍ରହୀ, ଓଡ଼ିଆ ସାହିତ୍ୟର ଏକ ଅନନ୍ୟ ଉଦାହରଣ । ଭାବରେ ଯେତିକି ଅନ୍ତର୍ମୁଖୀ, ଅନୁଭବରେ ସେତିକି ସୂକ୍ଷ୍ମ ଓ ପ୍ରକାଶନରେ ସେମିତି ଅକୃତ୍ରିମ ସେ । ତାଙ୍କର ଭାବଭୂମି ଯେତିକି ସ୍ୱଚ୍ଛ, ପ୍ରକାଶନ ଶୈଳୀ ସେତିକି ସ୍ୱଚ୍ଛନ୍ଦ, ସାବଲୀଳ । ଜୀବନ ଭୋଗିବା ବି ତାଙ୍କର କବିତା ପରି ଅକୃତ୍ରିମ ଓ ନିରାଡ଼ମ୍ବର । ଜଣେ ଶାନ୍ତ, ସରଳ, ସ୍ନେହୀ ମଣିଷ ଭାବରେ ସେ ସାଧାରଣ ସମାଜ ଓ ପାଠକ ମହଲରେ ସମସ୍ତଙ୍କର ଶ୍ରଦ୍ଧା ଓ ଭକ୍ତିର ପାତ୍ରୀ ।

ଲେଖିବେ ଲେଖିବେ ଭାବୁଭାବୁ ସ୍ମୃତିର ଆଙ୍ଗୁଳି ଫାଙ୍କରୁ ଖସିଯାନ୍ତି ବି ଅନେକ ଗପ, ଗପର ମଂଜି ଆଉ ମଂଜ ।

ଏଯାଏଁ ମନମୁତାବକ ଗପ ପରି ଗପଟିଏ ଲେଖିହେଲା ନାହିଁ ବୋଲି ଅବ୍‌ସୋସ୍ ବ୍ୟକ୍ତ କରନ୍ତି ପବିତ୍ର । କିନ୍ତୁ ସତକଥା ହେଲା ନିଜ ମନମତେ ସର୍ବସୌଷ୍ଠବରେ ମଣ୍ଡିତ ଗପଟିଏ ଲେଖିଦେବା ପରେ କଦଳୀଗଛ ପରି ଏକା ସର୍ଜନାରେ ବୁଢ଼ୀ ହୋଇଯାଆନ୍ତା ସୃଜନୀ ? ବରଂ ଏ ଦିବ୍ୟ ଅସନ୍ତୋଷଟି ଚିରଂଜୀବୀ ରହୁ । ତାଙ୍କର ବିଶ୍ୱାସ- ବୈଚିତ୍ର୍ୟମୟ ଜୀବନ ପାଖରୁ ସାଉଁଟି ନେବାକୁ ହେବ ଆହୁରି ଅନ୍ତରଂଗ ଓ ବହୁବର୍ଣ୍ଣୀ ଅନୁଭୂତି, ଆହୁରି ଘନିଷ୍ଠ ଭାବେ ଭୋଗିବାକୁ ଓ ଚିହ୍ନିବାକୁ ହେବ ଦୁର୍ବୋଧ୍ୟ ଜୀବନର ରହସ୍ୟକୁ । ବଦଳୁଥିବା ସମୟର ନିଚ୍ଛକ ସ୍ୱର ତୋଳି ଧରିବାକୁ ହେବ ଗପରେ । କାରଣ ଜୀବନ ହିଁ ପ୍ରଥମ ଶିକ୍ଷା । ଅନ୍ୟସବୁ ଶିକ୍ଷା ତା'ର ପ୍ରସ୍ତୁତି ମାତ୍ର । ତେଣୁ ଜୀବନକୁ ଡକାପଡ଼େ ପ୍ରଥମେ । ଜୀବନକୁ ଖୋଜାଯାଏ, ବୁଝାଯାଏ ପ୍ରଥମେ ।

ଏଇ ଜୀବନର ଖୋଜାଲୋଡ଼ା ଭିତରେ, ବାଟଚଲା ଭିତରେ ପବିତ୍ରଙ୍କର ଭେଟ ହୁଏ ସତୀର୍ଥ ଜଣେ ସହଗାମିନୀଙ୍କ ସହ ଛାତ୍ରାବସ୍ଥାରେ । ସେ ହେଉଛନ୍ତି

ଜୀବନର ଆଦ୍ୟ ତାରୁଣ୍ୟରେ ଯେତେବେଳେ ପାଣି ଲାଗେ ମହୁ ପରି, ପାହାଡ଼ ଦିଶେ ପାହାଚ ପରି, ଆକାଶ ଦିଶେ ଆଉନା ପରି, ଠିକ୍ ସେତିକିବେଳେ ପବିତ୍ରଙ୍କ ସୃଜନଶୀଳତାର ପରିଚୟ କ୍ରମଶଃ ପ୍ରସାରିତ ହେବାକୁ ଲାଗେ ଭଦ୍ରକ ମହାବିଦ୍ୟାଳୟର ପ୍ରାଚୀରପତ୍ର ଓ ମହାବିଦ୍ୟାଳୟ ମୁଖପତ୍ର 'ପଲ୍ଲୀଭାରତୀ'ରୁ । ଅବଶ୍ୟ ତା' ପୂର୍ବରୁ କିଛି ଲେଖା ତାଙ୍କର ଅନ୍ୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ସାରିଥାଏ । ଉଭୟ ସୁଚିତ୍ରା ଓ ପବିତ୍ରଙ୍କ ଲେଖା ନିୟମିତ ପ୍ରକାଶିତ ହେବାକୁ ଲାଗେ । ୧୯୭୭ ରୁ ୧୯୮୧ ମସିହା, ଭଦ୍ରକ ମହାବିଦ୍ୟାଳରେ ଅଧ୍ୟୟନ କାଳରେ ଦୁଇଟି ସୃଜନଶୀଳ ଜୀବନର ପରିଚୟ ଆରମ୍ଭ ହୁଏ । ସେହି ସମୟରେ ତରୁଣ ସାହିତ୍ୟ ସଂସଦ ଗଠନ, 'The Prelude' ଓ 'ଝରଣା' ପ୍ରକାଶନ ହୁଏ, ସଂପାଦନାର ଦାୟିତ୍ୱ ନିଅନ୍ତି ପବିତ୍ର । କଲେଜ୍‌ରେ ବିଭିନ୍ନ ରଚନାତ୍ମକ ପ୍ରତିଯୋଗିତାରେ ମଧ୍ୟ ପବିତ୍ର ଓ ସୁଚିତ୍ରା ଅନେକ କୃତିତ୍ୱର ପ୍ରତିଦ୍ୱନ୍ଦୀ ପ୍ରତିଯୋଗୀ ଭାବେ ସଫଳତା ଅର୍ଜନ କଲେ । କଲେଜ୍ ଭିତରରେ ବକୁଳ ବନର ଚହଲା ଛାଇ ଓ ମୃଦୁମହକ ଏବଂ ଉପକଣ୍ଠରେ ସାଳନ୍ଦୀର ସରୁଧାର, ତା'ର ନିରୋଳା ଗୁଣୁଗୁଣୁ ଗୀତ ସେମାନଙ୍କ ଆଖିରେ ନୂଆ ଚାହାଣୀ ଦେଲା, କଣ୍ଠରେ ନୂଆ ସ୍ୱର ଓ ଚେତନାରେ ନୂଆ

## ସଂକ୍ଷେପରେ ପବିତ୍ର

ପିତା : **କମଳାକାନ୍ତ ପାଣିଗ୍ରାହୀ**
ମାତା : **ଉମାମଣୀ ପାଣିଗ୍ରାହୀ**
ଜନ୍ମ : **୦୫ ଜୁନ୍ ୧୯୬୩, ଏରଡ଼ା, ସାବରଙ୍ଗ, ଭଦ୍ରକ**
ବର୍ତ୍ତମାନର ଠିକଣା: **'ଛାଇ', ଜଗନ୍ନାଥ ବିହାର, ସାଳନ୍ଦୀ ନଗର, ଭଦ୍ରକ**
ବୃତ୍ତି: **ରିଡର୍ ଇତିହାସ ବିଭାଗ, ବିରଞ୍ଚିନାରାୟଣ ମାଧବାର୍ଜୁନ ମହାବିଦ୍ୟାଳୟ, ପାଳିଆବିନ୍ଧା, ଭଦ୍ରକ**
ସମ୍ମାନ ଓ ପୁରସ୍କାର : **ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୨୦୧୫ (ଗଳ୍ପ ପାଇଁ), ରାଜଧାନୀ ପୁସ୍ତକମେଳା ଗଳ୍ପ ପୁରସ୍କାର, ଟାଇମ୍ ପାସ୍ ବେଷ୍ଟ୍ ସେଲର୍ ଆୱାର୍ଡ୍, ଦୁର୍ଗାମାଧବ ମିଶ୍ର ସ୍ମୃତି ଗଳ୍ପ ପୁରସ୍କାର, ଗୋକର୍ଣ୍ଣିକା ରଜତ ଜୟନ୍ତୀ ଗଳ୍ପ ସମ୍ମାନ, ଫକୀରମୋହନ ସାହିତ୍ୟ ସଂସଦ ଗଳ୍ପ ପୁରସ୍କାର, ଚନ୍ଦ୍ରଭାଗା ପୁରସ୍କାର, ଅଖିଳଚକ୍ର ମକର ସମ୍ମାନ, ଅବସର ଗଳ୍ପ ପୁରସ୍କାର, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସ୍ମୃତି ସମ୍ମାନ, ମୁକ୍ତି ଗଳ୍ପ ସମ୍ମାନ, କବି ବିଦ୍ୟୁତ୍ ପ୍ରଭା ସାରସ୍ୱତ ସମ୍ମାନ, ରାଜେନ୍ଦ୍ର ପ୍ରସାଦ ଦାସ ସ୍ମୃତି ପ୍ରତିଭା ସମ୍ମାନ, ବେଳାଭୂମି ସାହିତ୍ୟ ସମ୍ମାନଓ ଆହୁରି ଅନେକ ।**
ପ୍ରକାଶିତ ପୁସ୍ତକ: **(ଗଳ୍ପ ସଂକଳନ) ପ୍ରେମିକର ଦଶାବତାର, ଏକାଏକା ଅରୁନ୍ଧତୀ, ହାଇଫେନ୍, ମନଅନ୍ଧାର, ବରଂ ଅନ୍ଧାର ଭଲ, ଅଫେରା ଜହ୍ନରାତି, ଖରାପ ପାଗ, ଛୁଇଁଲେ ପ୍ରେମ, ମିଛଘର, ଗପର ମୁହଁ, ପାଗ ବଦଳିଛି, ଶ୍ରେଷ୍ଠଗଳ୍ପ ଇତ୍ୟାଦି । (କବିତା ସଂକଳନ) କଦମ୍ବବନର ସନ୍ନ୍ୟାସୀ (ଉପନ୍ୟାସ) ଡଅଁର, ମାନବେତର, ଉଷର ଆକାଶ । (ପ୍ରବନ୍ଧ ସଂକଳନ) ଜଗତୀକରଣ ଓ ଓଡ଼ିଆ ଗଳ୍ପ, ମନୋଜ୍ଞ ମନୋଜ ଓ ଅନ୍ୟାନ୍ୟ, Aspects of History (ଫିଚର୍ ସଂକଳନ) କେତେ କଥା କେତେ ନଥା । (ଜୀବନୀ ପୁସ୍ତକ) ଐତିହାସିକ ମନ୍ମଥନାଥ । (ସଂପାଦିତ ସଂକଳନ) ମୋହ, ମିଛ, ପ୍ରେମିକା, ପ୍ରେମ ଗଳ୍ପ, ଦାମ୍ପତ୍ୟ କଥା, ଗଳ୍ପଝର ଗଳ୍ପଗୁଚ୍ଛ, ଶେଷକଥା ।**

## ସଂକ୍ଷେପରେ ସୁଚିତ୍ରା

ପିତା : **ଗୌରଗୋପାଳ ଜେନା**
ମାତା : **ସୁଷମା ଜେନା**
ଜନ୍ମ : **୦୨/୦୧/୧୯୬୩, ନାମ୍ପୋ, ଜଳେଶ୍ୱର**
ବର୍ତ୍ତମାନର ଠିକଣା : **'ଛାଇ', ଜଗନ୍ନାଥ ବିହାର, ସାଳନ୍ଦୀ ନଗର, ଭଦ୍ରକ**
ବୃତ୍ତି : **ରିଡର୍, ମନସ୍ତତ୍ତ୍ୱ ବିଭାଗ, ମହିଳା ମହାବିଦ୍ୟାଳୟ, ଭଦ୍ରକ**
କବିତା ସଂକଳନ : **'ଛାଇର ଛବି', 'କଥା ଅଛି', 'ଚନ୍ଦନ ବନର ଛାଇ', 'ହାତମୁଠାର ଛବି', 'ଏତେ ଅଭିମାନ ଭଲ ନୁହେଁ', 'ମନ ମୂର୍ଚ୍ଛନା' ଓ 'ଚିରକାଳକୁ'**
ଶିଶୁ ସାହିତ୍ୟ ପୁସ୍ତକ : **'କୁନାକୁନିଙ୍କ ଗୀତ ବହି', 'କୁନାକୁନଙ୍କ ଗପ ବହି', 'ଉଠା ପୁରୀ'**
ଶିଶୁ ମନସ୍ତତ୍ତ୍ୱ ଫିଚର୍ ସଂକଳନ :**'ପିଲା ମନ ବୁଝେ ମା'**
ଅନୁବାଦ : **୧. 'ନୂଆ ଇଲାକାରେ', ମୂଳ ହିନ୍ଦୀ : ଅରୁନ୍ କମଲଙ୍କ 'ନୟି ଇଲାକେ ମେଁ' (କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ)**
**୨. 'ଦୁଷ୍କକ୍ରରେ ସ୍ରଷ୍ଟା', ମୂଳ ହିନ୍ଦୀ: ବୀରେନ୍ ଡଙ୍ଗୱାଲ୍‌ଙ୍କ 'ଦୁଷ୍କକ୍ରମେଁ ସ୍ରଷ୍ଟା' (କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ)**
ସମ୍ମାନ ଓ ସମ୍ବର୍ଦ୍ଧନା: **କାଦମ୍ବିନୀ କବିତା ପୁରସ୍କାର, ରାଜଧାନୀ ପୁସ୍ତକମେଳା କବିତା ପୁରସ୍କାର, କବି ଦୀପକ ମିଶ୍ର ସ୍ମୃତି କବିତା ସମ୍ମାନ, ଧାନଫୁଲ କବିତା ସମ୍ମାନ, ସ୍ମୃତି ସାନ୍ତ୍ୱନା କବିତା ସମ୍ମାନ, ଫକୀର ଚରଣ କବିତା ସମ୍ମାନ, ରତ୍ନମାଳା ସ୍ମୃତି ସମ୍ମାନ, ସମାଜ ଶତବାର୍ଷିକୀ ସାହିତ୍ୟ ସମ୍ମାନ, ମାଳଦା ସାହିତ୍ୟ ସମାଜ ସମ୍ମାନ, ଅଖିଳଚକ୍ର ରବୀନ୍ଦ୍ର ପାଢ଼ୀ କବିତା ସମ୍ମାନ, ଗୋକର୍ଣ୍ଣିକା କବିତା ସମ୍ମାନ ଓ ଅନ୍ୟାନ୍ୟ**

ଖିଅ ଯୋଡ଼ି ଦେଲା । ଏସବୁ ଭିତରେ ସାହିତ୍ୟ ସୃଜନ ସୁଚିତ୍ରା ଓ ପବିତ୍ରଙ୍କ ଭିତରେ ଗୋଟିଏ ଘନିଷ୍ଠତାର ସୂତ୍ର ପାଲଟି ଯାଇ ନଥିଲେ ବି ଜଣେ ଅନ୍ୟ ଜଣକ ସଂପର୍କରେ ଅନୁସନ୍ଧିତ୍ସୁ ହୋଇ ଉଠିବା କିଛି ଆସ୍ୱାଭାବିକ ନଥିଲା । ସୁଚିତ୍ରା ଜାଣିବାକୁ ପାଇଥିଲେ ଯେ ତାଙ୍କ ପିତା, ଗୌରଗୋପାଳ ଜେନା ଓ ପବିତ୍ରଙ୍କ ସାନ ଜେଜେ ଦିବାକର ଉଭୟ ସହାଧ୍ୟାୟୀ ଉତ୍ତମ ବନ୍ଧୁ ଥିଲେ ।

ଭଦ୍ରକ ମହାବିଦ୍ୟାଳୟର ସବୁଜ ବକୁଳ ବନରୁ ଆସି ଉତ୍କଳ ବିଶ୍ୱବିଦ୍ୟାଳୟରେ ବୋଝବୋଝ ଫୁଲଭର୍ତ୍ତି କୃଷ୍ଣଚୂଡ଼ା ଓ ସୁନାରୀଗଛର ପୀତଲୋହିତ ପରିବେଶରେ ପହଂଚନ୍ତି ପବିତ୍ର, ସୁଚିତ୍ରା । ଏ ଦୁଇ ରଙ୍ଗର ଅପୂର୍ବ ସଂଯୋଗ ଯେ ଆଉ ଏକ ସଂଯୋଗର ପ୍ରତିକୀତ ପ୍ରତିଫଳନ ଥିଲା, ଏ କଥା ନା ସୁଚିତ୍ରା ନା ପବିତ୍ର କାହାକୁ ବି ଜଣା ନଥିଲା । ପବିତ୍ର ତାଙ୍କର ସ୍ମୃତି ରୋମନ୍ଥନ କରି ଗୋଟିଏ ଗପର ନାଆଁ ମଧ୍ୟ ରଖିଛନ୍ତି, 'ଦିନ ଥିଲା, ଚାହିଁଦେଲେ କୃଷ୍ଣଚୂଡ଼ା ଗଛରେ ଫୁଲ ଫୁଟି ଉଠୁଥିଲା' । ପ୍ରଥମ ଛାତ୍ରାବାସର ମୁଖପତ୍ର 'ବାଣୀବିଥିକା' ଓ ବିଶ୍ୱବିଦ୍ୟାଳୟ ମୁଖପତ୍ର'ବାଣୀବିକାଶ'ର ସଂପାଦକ ଭାବରେ ପବିତ୍ର ନିଜ ପରାକାଷ୍ଠାର ପରିଚୟ ଦେଇଥିଲେ । ସେହି ସମୟରେ 'ନାବିକ' ବୋଲି ଅନ୍ୟ ଏକ ପତ୍ରିକା ମଧ୍ୟ ସଂପାଦନା କରୁଥିଲେ । ସୁଚିତ୍ରା ଉତ୍କଳ ବିଶ୍ୱବିଦ୍ୟାଳୟର ରମାଦେବୀ ଛାତ୍ରୀନିବାସର ମୁଖପତ୍ର 'ବାଣୀବିଭାସ'ର ସଂପାଦନା କଲେ । ସ୍ନାତକୋତ୍ତର ଶ୍ରେଣୀର ଷଷ୍ଠ ବର୍ଷରେ ସମ୍ପର୍କର ଏ ନିବିଡ଼ତାର ଅନ୍ୟନାମ 'ପ୍ରେମ' ବୋଲି ଉଭୟ ଅନୁଭବ କଲେ ଓ ସେମାନେ ସେଇ ବର୍ଷ (୧୯୮୩ ମସିହା ମେ'ମାସରେ) ବିବାହସୂତ୍ରରେ ସଂପର୍କିତ ହେଲେ । ସେତେବେଳକୁ ସେମାନଙ୍କର ପରୀକ୍ଷା ମଧ୍ୟ ସରିନଥାଏ ।

ନିଯୁକ୍ତିରହିତ ଛାତ୍ରାବସ୍ଥାରେ ପ୍ରେମବିବାହ, ପୁଣି ଆଗରେ ପରୀକ୍ଷା- ଏପରି ଏକ କଠିନ ସମୟକୁ ଅତିକ୍ରମ କରି ସେମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଭୁବନେଶ୍ୱର ଛାଡ଼ିଲେ । ପବିତ୍ର ବାଲିଖଣ୍ଡ କଲେଜ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଭାବରେ ୧୫/୦୮/୧୯୮୪ରେ ଯୋଗ ଦେଲେ ଏବଂ ସେଠାରୁ ଆସି ୧୭/୦୧/ ୧୯୮୫ରେ ବିରଞ୍ଚିନାରାୟଣ ମାଧବାର୍ଜୁନ କଲେଜ୍ ପାଳିଆବିନ୍ଧା, ଭଦ୍ରକରେ ଯୋଗ ଦେଲେ, ଇତିହାସ ବିଭାଗର ଅଧ୍ୟାପକ ଭାବେ । ଇତିମଧ୍ୟରେ ସୁଚିତ୍ରା ବି.ଏଡ୍. କରୁଥିଲେ ଓ ସେଥିରେ ଉତ୍ତୀର୍ଣ୍ଣ ହେବା ପରେ, ୦୨/୦୯/୧୯୮୭ ମସିହାରେ ମହିଳା ମହାବିଦ୍ୟାଳୟ ଭଦ୍ରକରେ ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପିକା ଭାବେ ଯୋଗଦାନ କଲେ । ଏହି ସମୟଟି ସେମାନଙ୍କ ପାଇଁ ଗୋଟିଏ କଠିନ ଲଗ୍ନ ହୋଇଥିଲେ ବି ଜୀବନର ଉପଲବ୍ଧିକୁ ଆହୁରି ଶାଣିତ କରିଥିଲା, ଅଭିଜ୍ଞତାର ଭଣ୍ଡାରକୁ ରତ୍ନଗର୍ଭା କରିଥିଲା ଜୀବନାନୁଭୂତିରେ ।

ଘରୋଇ ମହାବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଯାହା ମିଳେ ଓଡ଼ିଶାରେ, ତାହା ତ ବାଟ ଖର୍ଚ୍ଚକୁ ନିଅଣ୍ଟ । ପୁଣି ଦୁଇଦୁଇଟି ପିଲା- ସେମାନଙ୍କ ପାଠପଢ଼ା, ଘରଭଡ଼ା ଆଉ ବନ୍ଧୁ-ସଂପର୍କକୁ ବଂଚାଇ ରଖିବାର ସୌଜନ୍ୟ, ଆତିଥ୍ୟ ! ଅଧ୍ୟାପକ ଭାବରେ ନିଜର ସାମାଜିକ ଚଳଣି ଓ ସ୍ଥିତିକୁ ବଜାୟ ରଖିବାରେ ଅର୍ଥର ଆବଶ୍ୟକତା ଆମ ସମୟରେ ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତେ ଜାଣନ୍ତି । ଯୌବନ କାଳରେ ଅର୍ଥସଂକଟ ଖାଲି ଅଂଟା ଭାଙ୍ଗି ଦିଏ ନାହିଁ, ମନକୁ ବି ଚୁନା କରିଦିଏ । କ'ଣ କମ୍ କଷ୍ଟ ପାଇଥିବେ ଏ ଦୁହେଁ ! ପବିତ୍ର ପାଣିଗ୍ରାହୀ ଆକାଶବାଣୀ କଟକଙ୍କ ସୌଜନ୍ୟରୁ ପ୍ରସାରିତ ଯୁବବାଣୀର ସାପ୍ତାହିକ ସାହିତ୍ୟ କାର୍ଯ୍ୟକ୍ରମ 'ସୃଜନୀ'ର ଉପସ୍ଥାପକ ଥିଲେ । ଭଦ୍ରକରୁ ପ୍ରକାଶିତ ସମ୍ଭ୍ରାନ୍ତ ଗଳ୍ପପତ୍ରିକା 'ଗଳ୍ପଝର' ସଂପାଦନା ମଧ୍ୟ କରୁଥିଲେ । ପରେପରେ ପୀତାମ୍ବର ସ୍ୱାଇଁଙ୍କ ପ୍ରତିଷ୍ଠିତ ସାପ୍ତାହିକ ସମ୍ବାଦପତ୍ର 'ବିଶେଷ ଖବର'ର ପରିଚାଳକ ହେଲେ । କିନ୍ତୁ ଓଡ଼ିଶାରେ ସାହିତ୍ୟରେ ଗୁଜରାଣ ମେଣ୍ଟେ ନାହିଁ ବରଂ ତା'ର ବିପରୀତ ହିଁ ଘଟେ । ତେଣୁ ସେହି ସମୟରେ ଦୁହେଁ ଟ୍ୟୁସନ୍ କରି କିଛି ମାତ୍ରାରେ ଆବଶ୍ୟକତାମାନଂକୁ ନ୍ୟାୟ ଦେଇଥିଲେ । ଦୁହେଁ ଖୁବ୍ ମେଳାପୀ ହୋଇଥିବାରୁ ଅନେକେ ଆସନ୍ତି ତାଙ୍କ ପାଖକୁ । ଭଦ୍ରକ 'କାନ୍ତକୁଟୀର' (କାନ୍ତକବିଙ୍କ ଘର)କୁ ଲାଗି କ୍ଷମାସାଗର ମଠ । ମଠ ସାମ୍ନାରେ ଚାଳ ଛପରର କୁଡ଼ିଆଟିଏ, ଯେଉଁଠି ରହୁଥିଲେ ପବିତ୍ର-ସୁଚିତ୍ରା, ଅନେକ କାଳ ଯାଏଁ । ଅନେକ ଅପରାହ୍ଣରେ ତାଙ୍କ ଘର ସାମ୍ନାରେ ଗୋଟିଏ ବେଲଗଛ ମୂଳରେ ସାହିତ୍ୟିକଙ୍କର ଭେଟ ହୁଏ । ଖୁବ୍ ସୁନ୍ଦର ସାହିତ୍ୟ ଖଟି ଚାଲେ ସେଠି । ଅନେକ କିଛି ଆଲୋଚନା ହୁଏ, ଅନେକ ନୂଆନୂଆ ସାହିତ୍ୟ କାର୍ଯ୍ୟକ୍ରମର ଯୋଜନା ଓ ଖସଡ଼ା ପ୍ରସ୍ତୁତ ହୁଏ, କାର୍ଯ୍ୟକାରୀ ହୁଏ । ସେ


ସୁଚିତ୍ରା-ପବିତ୍ରଙ୍କ ପରିପୂର୍ଣ୍ଣ କରିବାର

## ଏମାନଙ୍କ ଦୃଷ୍ଟିରେ ସୁଚିତ୍ରା



'ଏକା ସାଙ୍ଗେ ଅନୁଭବ କରୁଥିବା ଦୁଇଟି ଆବେଗକୁ ସୁଚିତ୍ରା କବିତାରେ ବ୍ୟକ୍ତ କରନ୍ତି, । ତାଙ୍କ କବିତାର ଭାଷା କଥା କହିବାର ଭାଷା, କିନ୍ତୁ ଯାହା ବୁଝାଇ ହେବନାହିଁ, ତାହା ହିଁ କହନ୍ତି; ଅନ୍ତର୍ଗତ ଅନୁଭବର କଥା ହିଁ କହନ୍ତି ।'

**କବି ରମାକାନ୍ତ ରଥ**



'ଫୁଲ ଦେଖିଲେ, ମେଘ ଦେଖିଲେ, ରାତିର ଘନଅନ୍ଧାରରେ, ଧୂଧୂ ଖରାବେଳେ, ଏକ ଅଶ୍ରୁତ ଗୀତର ଧୂନ୍ ଶୁଣନ୍ତି, ଏକାଏକା ଗୁଣୁଗୁଣୁ ହୁଅନ୍ତି, ବିମୋହିତ ହୁଅନ୍ତି, ଅନୁଭବର ପରିଧିକୁ ନିଅନ୍ତି, ଆଉ ତା' ପରେ ସେ ନିଆରା ଅନୁଭବଟି ଉତୁରା ପେଜ ପରି ବାହରିଆସେ ସୁଚିତ୍ରଙ୍କ କଲମରୁ ।'

**ଡକ୍ଟର ଶଶଧର ଦାଶ**



'ସେ ଜଣେ ସ୍ରଷ୍ଟା ଓ ପ୍ରତିଭାଦୀପ୍ତ ଆର୍ଟିଷ୍ଟ୍ । ମୃତ୍ୟୁ, ନିଃସଂଗତା, ଏକାକୀତ୍ୱ, ସଂଶୟର ଭିତ୍ତିଭୂମିରୁ ତାଙ୍କ କବିତା ଉତୁରି ଆସିଚି । କବିତାଗୁଡ଼ିକରେ ମାନବିକ ସଂପର୍କର ହସକାନ୍ଦ, ଦୁଃଖ, ଖେଦ, ପ୍ରତ୍ୟାଶା, ଆବେଗ, ଅନୁରାଗ ପ୍ରଭୃତି ସ୍ୱାଭାବିକତାର ପ୍ରକାଶ ଘଟିଛି, ନମନୀୟ ଓ କମନୀୟ ଢଂଗରେ, ଛୁଇଁଲା ଭଳି, ମୟୂରଚନ୍ଦ୍ରିକାରେ ଆଖିପତା ଛୁଇଁଲା ଭଳି, ପ୍ରଥମ ସନ୍ତାନର ମୁହଁକୁ ମା'ଟି ପ୍ରଥମଥର ଦେଖିଲା ଭଳି !ନିତ୍ୟ ଗତିଶୀଳ ଜୀବନଚର୍ଯ୍ୟା ଓ ଅନୁଭୂତିର ପୁଲକ ତାଙ୍କ କବିତାର ଆତ୍ମିକ ବିଭବ ।'

**ଗାଳ୍ପିକ ରଜନୀକାନ୍ତ ମହାନ୍ତି**



'ଆବେଗରେ ଗୁଣୁଗୁଣୁ ହେଉଥିବାରୁ କେତେବେଳେ କେଉଁ ଆବେଗ ତାଙ୍କ ମନରେ ରୂପ ପାଏ, ତା'ର ସ୍ଥିରତା ନାହିଁ । ସ୍ୱତଃସ୍ଫୂର୍ତ୍ତତା ଓ ଆବେଗ ତାଙ୍କ କବିତାର ମର୍ମବାଣୀ ହୋଇଥିବାରୁ କେତେକ କବିତାରେ ଅତିନ୍ଦ୍ରିୟ ଚେତନା ମଧ୍ୟ ପରିଲକ୍ଷିତ ହୁଏ । କେହି ଅଜଣା, ଅଶୁଣା ଓ ରହସ୍ୟମୟ ଅଦେଖା ସତ୍ତା ସହ ମିଳିତ ହେବାର ଅଦମ୍ୟ ପିପାସା ତାଙ୍କୁ କବଳିତ କରି ରଖିଚି । ତେବେ କବିତା କ୍ଷେତ୍ରରେ ସ୍ୱୀୟ, ସରଳ, ସୁବୋଧ୍ୟ ଓ ସାବଲୀଳ ଶୈଳୀ ହେତୁ ସେ ବାରି ହୋଇପଡନ୍ତି ।'

**କବି ପ୍ରଭାତନଳିନୀ ମହାପାତ୍ର**

ଖଟିରେ ଅଂଶୀଦାର ହେବା ବି ଗୋଟେ ସୌଭାଗ୍ୟ ମୋ ପାଇଁ । କେତେ ମୁହଁ, କେତେ ଭାବ, କେତେ ଚିନ୍ତା, ଚେତନାର ଭେଟାଭେଟ ହୁଏ ସେଠି । ପ୍ରାୟ ପ୍ରତି ଅପରାହ୍ଣରେ ସେଠାକୁ ଆସନ୍ତି ଅରୁଣ ଖିଲାର (କବି ବସନ୍ତ ମୁଦୁଲିଙ୍କ ଶ୍ୱଶୁର), ସାଂଗରେ ଆଣନ୍ତି କେବେ ଭଜା ବାଦାମ୍, କେବେ ପକୁଡ଼ି ତ କେବେ ପିଆଜି । କିନ୍ତୁ ଖିଲିପାନ ନିହାତି ଆଣନ୍ତି ସେ । ଆସନ୍ତି ହୃଦାନନ୍ଦ ପାଣିଗ୍ରାହୀ, କବି ଅଶୋକ ମହାନ୍ତି, ଗାଳ୍ପିକ ପଦ୍ମକାନ୍ତ ଧଳ, ଅପୂର୍ବରଂଜନ ରାୟ; ବାଲେଶ୍ୱରରୁ ଆସିଯାନ୍ତି କେବେକେବେ ଶ୍ରୀଦେବ, କୃଷ୍ଣ କୁମାର ମହାନ୍ତି, ନିବାରଣ ଜେନା, ଗଙ୍ଗାଧର ବିଶ୍ୱାଳ, ଯାଯାବର ଓ ଅନ୍ୟମାନେ । ସଂଜିତ୍, ସିତାଂଶୁ, ପ୍ରଭାତନଳିନୀ ମହାପାତ୍ର, ଅଧ୍ୟାପକ ପ୍ରଭାତ ମହାନ୍ତି, ଗାୟତ୍ରୀ ମାଡାମ୍, କବି ଭରତ ବେହେରା ଏବଂ ଆହୁରି ଅନେକ ବି ପହଂଚିଯାନ୍ତି ଅନେକ ବେଳେ । ଭେଟଚୋଟରେ ରାତ୍ରିଯାପନରେ ରହିଯାନ୍ତି କୃଷ୍ଣ ମହାନ୍ତି, ସଦାନନ୍ଦ ତ୍ରିପାଠୀ, ନାରୁ ମହାନ୍ତିଙ୍କ ଭଳି ଅନେକ ବରିଷ୍ଠ ସାହିତ୍ୟିକ । ଆମେ ତା'ପରେ ଏମାନଙ୍କ ସହ ସଂପର୍କିତ ହେଲୁ; ଭଦ୍ରକ କଲେଜରେ ପଢ଼ିବା ବେଳେ- ମୁଁ, ସରୋଜ ବଳ ଓ ବାଦଲ ମହାନ୍ତି; ଆମ ସାଙ୍ଗରେ ବି କଦବା କବି ଚିତ୍ତରଞ୍ଜନ ନାୟକ । ଗୋଲମରିଚ ମିଶା ଲେମ୍ବୁ ଚା', ସମୟ ଅନୁସାରେ ସେଇ ଗଛର ବେଲରେ ତିଆରି ପଣା କି ପକୁଡ଼ି ପର୍ଯ୍ୟନ୍ତ- ସବୁ ଚର୍ଚ୍ଚା ତୁଲାଇ ନିଅନ୍ତି ସୁଚିତ୍ରା ଭାଉଜ । ତାଙ୍କୁ ତ ଦେଖିଲେ ସେତେବେଳେ ମନେ ପଡ଼ିଯାଏ ପୁରାଣର ସେଇ ଅଦ୍ଭୂତ ବରଟି କଥା ଯେ, ସେ ହାତରୁ ଗୋଟିଏ ମାତ୍ର ବି ଚାଉଳ ପଡ଼ିଲେ ଭାତହାଣ୍ଡି ପୂରିଯାଏ ଓ ସମସ୍ତଙ୍କ ପେଟ ଭରିଯାଏ । ଏତେ ଲୋକଙ୍କର ଚର୍ଚ୍ଚା କରିବାରେ କୁଣ୍ଠା ନୁହେଁ ବରଂ ଆନନ୍ଦ ପାଉଥିବା ଅଦ୍ଭୂତ ମହିଳା ସେ ।

ସେ ଚାଳଛପର କୁଡ଼ିଆରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ସାରସ୍ୱତ ସତୀର୍ଥଙ୍କର ପଡ଼ିଚି ପାଦ, ରହିଚି ସେମାନଙ୍କର ସ୍ମୃତି । ସେ କୁଡ଼ିଆ ସରସ୍ୱତୀଙ୍କର ଅନେକ ବରପୁତ୍ରଙ୍କୁ ଦେଇଚି ଆତିଥ୍ୟ, ସ୍ନେହ, ସୌହାର୍ଦ୍ଦ୍ୟ । ସୁଚିତ୍ରା-ପବିତ୍ର ସେଠାରୁ ପାଖରେ ଥିବା ଅନ୍ୟ ଏକ କୋଠାଘରକୁ ଗଲା ପରେ, ସେ କୁଡ଼ିଆ ପକ୍କାଘର ପାଲଟି ଯାଇଚି । ହେଲେ, ମୁଁ ନିଜେ ବି ଅନୁଭବ କରିଚି, ସେ ଘରର ଅଗଣା ପରି ମିଠା ଛାଇ ଆଉ କୋଉ ଅଗଣାରେ ନାହିଁ, କାହିଁ ସେ କୋମଳତା, କୋଳେଇ ନେବା ପରି ନିଜର ନିଜର ଭାବ କାହିଁ ଅନ୍ୟ କେଉଁ ଘରେ !

ନିଜର ସ୍ୱାଭିମାନ, ସ୍ୱାଧୀନ ଚିନ୍ତା ଓ ବେସାଲିସ୍ ମନୋବୃତ୍ତି କାରଣରୁ କିଛିଦିନ ମାତ୍ର ଦୈନିକ 'ପ୍ରଜାତନ୍ତ୍ର'ର ଜିଲ୍ଲା ପ୍ରତିନିଧି ରହିବା ପରେ ସେ ସ୍ୱୟଂ ଦାୟିତ୍ୱରୁ ଅବ୍ୟାହତି ନେଲେ । 'ବସନ୍ତ ମୁଦୁଲି ସ୍ମୃତି ସଂସଦ'ର ପ୍ରତିଷ୍ଠାତା ସଂପାଦକ ଓ ଏବେ ସଭାପତି ଅଛନ୍ତି ପବିତ୍ର । ସେହିପରି 'ସାହିତ୍ୟ ସଂସ୍କୃତି

## ଏମାନଙ୍କ ଦୃଷ୍ଟିରେ ପବିତ୍ର



ଆପଣଙ୍କ ଗଳ୍ପ ସଂକଳନ 'ମନ ଅନ୍ଧାର' ପଢ଼ି ଶେଷ କଲି । ଏ ସଂକଳନର ପ୍ରତ୍ୟେକ ଗଳ୍ପ ସ୍ୱସ୍ୱ ମହିମାରେ ଉଦ୍ଭାସିତ । ଆବେଗ, ହୃଦୟ, ଅନ୍ତରଙ୍ଗତା ଓ ମନସ୍ତତ୍ତ୍ୱ ଇତ୍ୟାଦିକୁ ଏକାଠି କରି ସାଂପ୍ରତିକ ଜୀବନର ବିଭିନ୍ନ ଦିଗରୁ ଏ ଗଳ୍ପମାନେ ଭୂମିଷ୍ଠ । ପ୍ଲଟ୍, ଗପ, ଗପ କହିବା ପାଇଁ ଉପଯୁକ୍ତ ଶବ୍ଦବିନ୍ୟାସ, ପ୍ରବହମାନତା, ପାଠକକୁ ବାନ୍ଧି ରଖିବାର ଆନ୍ତରିକ ପ୍ରୟାସ ପ୍ରାୟତଃ ଆପଣଙ୍କ ଗପମାନଙ୍କରେ ବିଦ୍ୟମାନ ।

**କବି ଦୀପକ ମିଶ୍ର**



ବହୁଦିନ ତଳେ ତମର 'ପାପର ସଂଜ୍ଞା' ଗଳ୍ପଟି ପଢ଼ିଥିଲି । ସେଇ ମୁସଲମାନ ମାଂସକଟାଳିକୁ ନେଇ ଗଳ୍ପ, ଯାହା ମୋତେ ଖୁବ୍ ପ୍ରଭାବିତ କରିଥିଲା ।

**କଥାକାର ଜଗଦୀଶ ମହାନ୍ତି**



ମୁଁ ଜାଣେ, କେତେଦିନ ପରେ ଆପଣ ଖୁବ୍ ଅଲଗା ଧରଣର ଗଳ୍ପ ଲେଖିବେ । ସେଇ ଆସୁଥିବା ଗଳ୍ପଗୁଡ଼ିକୁ ଆଗତୁରା ସ୍ୱାଗତ ଜଣାଉଛି ।

**କବି ରମାକାନ୍ତ ରଥ**



ଗତ କିଛିବର୍ଷ ହେବ ମୁଁ ତୁମ ଗପର ଉତ୍ତରଣ ଲକ୍ଷ୍ୟ କରୁଛି । ଏବେ ଯଥେଷ୍ଟ ପରିପକ୍ୱତା ଓ ଆତ୍ମବିଶ୍ୱାସ ପ୍ରତିଫଳିତ ହେଉଛି ତୁମ ଲେଖାରେ ।

**କଥାକାର ରାମଚନ୍ଦ୍ର ବେହେରା**



'ମେଘମୁକ୍ତି' ଗପଟି ପଢ଼ିବା ପରେ ମୁଁ ବେଶ୍ କିଛି ସମୟ ନିର୍ବାକ ରହିଲି । ଏତେ ଇମୋସନ୍ ଓ ଏତେ ବ୍ୟବସ୍ଥିତ ଷ୍ଟ୍ରକ୍‌ଚର୍ ର ଗପ ! ଅନୁଭୂତି କେତେ ସୁନ୍ଦର ଗପ ଲେଖାଇ ନଦିଏ ସତେ ! ତୁମେ ଯେତେ ଅନ୍ତର୍ମୁଖୀ ଓ ଯେତେ ଆବେଗପ୍ରବଣ- କାଳଜୟୀ ଗପ ଲେଖିବା ନିମନ୍ତେ ତାହା ଯଥେଷ୍ଟରୁ ଯଥେଷ୍ଟ ଅଧିକ ।

**କଥାକାର ସଦାନନ୍ଦ ତ୍ରିପାଠୀ**

# ପିତୃପରିଚୟକୁ ନେଇ ମୁଁ ଗର୍ବ କରେ : ସୌମ୍ୟଶ୍ରୀ

**ପବିତ୍ର ଓ ସୁଚିତ୍ରାଙ୍କ ବଡ଼ପୁଅ ହେଲେ ସୌମ୍ୟଶ୍ରୀ । ସଂପ୍ରତି ସେ ଓଡିଶା ସରକାରଙ୍କର ଜଣେ ପ୍ରାଶାସନିକ ପଦାଧିକାରୀ ଭାବେ ଅବସ୍ଥାପିତ । ତତ୍ ସହ ବାପାମାଆଙ୍କ ସାରସ୍ୱତ ଉତ୍ତରଦାୟାଦ ଭାବେ ସେ ମଧ୍ୟ ଉଭୟ ଓଡ଼ିଆ ଓ ଇଂରାଜୀରେ ଗଳ୍ପ, ଉପନ୍ୟାସ, କବିତା, ସ୍ତମ୍ଭଲେଖ୍ୟ ଆଦି ରଚନା କରନ୍ତି । ବାପାମା'ଙ୍କ ସମ୍ପର୍କରେ ତାଙ୍କ ସହ ଏ ଆଳାପ ।**

**ଜଣେ ପ୍ରଶାସକ ଓ ଲେଖକ ଭାବରେ କହିବେ କି ଆପଣଙ୍କ ପିତାମାତାଙ୍କ ବୃତ୍ତିରେ ନା ଆପଣଙ୍କ ବୃତ୍ତିରେ ସାହିତ୍ୟ ସାଧନା ପାଇଁ ସୁଯୋଗ ଅଧିକ ?**

ସୌମ୍ୟଶ୍ରୀ : ପ୍ରଶାସକ ଭାବେ ସାହିତ୍ୟ ପାଇଁ ସୁଯୋଗ ଥାଇ ପାରେ, କିନ୍ତୁ ସାଧନା ପାଇଁ ସମୟ ଓ ମାନସିକତାର ଅଭାବ ଥାଏ । ମୋର ବାପାମା' ଅଧ୍ୟାପନା ବୃତ୍ତିରେ ଥିବାରୁ ସେମାନେ ହୁଏତ ସାହିତ୍ୟ ସାଧନା ପାଇଁ କିଛି ଅଧିକ ସମୟ ବାହାର କରିପାରୁଛନ୍ତି । ଏ ପ୍ରାଶାସନିକ ସେବାରେ ଥାଇ ପ୍ରତିଦିନ ଭିନ୍ନଭିନ୍ନ ନୂଆ ଚରିତ୍ର ଓ ଘଟଣାମାନଙ୍କୁ ମୁଁ ଭେଟେ, ସେମାନଙ୍କ ସହ ସାମିଲ୍ ହୁଏ ଓ ସେଥିରୁ ଅନେକ ଖୋରାକ ମତେ ମିଳେ ଯେ, ହେଲେ ସେମାନଙ୍କୁ ସାହିତ୍ୟ ପୃଷ୍ଠାରେ ଉତାରିବାକୁ ସମୟ ମିଳେନାହିଁ । ଉଭୟ ଶାରୀରିକ ଓ ମାନସିକ କ୍ଲାନ୍ତି ଇଚ୍ଛାଶକ୍ତିଟିକୁ ବି ଅବସ ରିଦେଇଥା'ନ୍ତି । ନିରୋଳା ସମୟଟିକିଏ ଆମ ପାଇଁ ତ ସ୍ୱପ୍ନ ! ତଥାପି ମୁଁ କହିବି, ଏ ବୃତ୍ତିରେ ସାହିତ୍ୟ ସାଧନାର ସୁଯୋଗ ଅଧିକ । ହେଲେ,ଏତେ ବ୍ୟସ୍ତତା ଭିତତରେ ଏ ସୂକ୍ଷ୍ମ କଳାଟିକୁ ନେଇ ଆଣି ଥୋଇ ପାରିଲେ ହେଲା ।

**ଆପଣ କାହାଦ୍ୱାରା ଅଧିକ ପ୍ରଭାବିତ, ବାପା ନା ମା' ?**

ସୌମ୍ୟଶ୍ରୀ: ସତ କହିବାକୁ ଗଲେ, ମୁଁ କାହାଦ୍ୱାରା ପ୍ରଭାବିତ ନୁହଁ । ହଁ, ମା'ଙ୍କ କବିତା, ବାପାଙ୍କ ଗପ ମୋତେ ଭଲ ଲାଗେ । ଅଜାଙ୍କ ଠାରୁ ଶିଖିଥିବା ଇଂରାଜୀ ମୋତେ ଲେଖିବାରେ ସାହାଯ୍ୟ କରିଛି । ପୁଣି ଆମ ଘରେ ଥିବା ପୁଳାପୁଳା ବହିରୁ କିଛି ପଢ଼ି ମୁଁ ହୁଏତ ଲେଖାଲେଖି ପ୍ରତି ଆକୃଷ୍ଟ ହୋଇଛି । କିନ୍ତୁ ସେମିତି ନିର୍ଦ୍ଦିଷ୍ଟ ଭାବେ ମୋତେ କିଏ ଅନୁପ୍ରାଣିତ



କରିଛନ୍ତି ମୁଁ ଠିକ୍ ଭାବେ କହିପାରିବି ନାହିଁ ।

**ବାପାଙ୍କର କେଉଁ ଗପଟି ଓ ମା'ଙ୍କର କେଉଁ କବିତାଟି ଶ୍ରେଷ୍ଠ ବୋଲି ଆପଣଙ୍କୁ ଲାଗେ ?**

ସୌମ୍ୟଶ୍ରୀ: ବାପା ଓ ମା'ଙ୍କର ସମୁଦାୟ ସୃଷ୍ଟି ମୁଁ ଏଯାଏ ପଢ଼ିସାରିନାହିଁ । ଯେତିକି ପଢ଼ିଚି, ଜଣେ ସମୀକ୍ଷକର ଦୃଷ୍ଟିରେ ଆକଳନ ବି କରିନାହିଁ କେବେ । ତେବେ ବାପାଙ୍କର କେତୋଟି ଗପ ଖୁବ୍ ଭଲ ଲାଗିଛି- ଯେମିତି 'ମେଘମୁକ୍ତି', 'ଆମ ଦେଶର ନାଆଁ ଇଣ୍ଡିଆ', 'ସ୍ୱପ୍ନନୀଡ଼', 'ଖରାପ ପାଗ', 'ଚଢ଼େଇଗଛ' ଇତ୍ୟାଦି । ବାପାଙ୍କ ଗପର ଚରିତ୍ରମାନଙ୍କୁ ପଢ଼ିଲା ବେଳେ ମନେ ପଡ଼ିଯାଏ- ମୁଁ ଏମାନଙ୍କୁ ଆଗରୁ କୋଉଠି ନା କୋଉଠି ମୋ ଜୀବନରେ ଭେଟିଚି, ଏବେ ବି ଭେଟୁଚି ।

ମା'ଙ୍କର 'ଉଠାପୁରୀ' ବୋଲି ଦୀର୍ଘ କାହାଣୀର ପୁସ୍ତକଟି ମତେ ପିଲାବେଳରୁ ଖବ୍ ଭଲ ଲାଗିଚି ।

**ପିତୃପରିଚୟ ଅନେକ ସମୟରେ ସହାୟକ ହୋଇଥିଲାବେଳେ, ଅନେକ କ୍ଷେତ୍ରରେ ଅଡୁଆରେ ପକାଏ ଏବଂ ପ୍ରାଶାସିକ କ୍ଷେତ୍ରରେ ଟିକିଏ ଅଧିକ । କ'ଣ କହିବେ ?**

ସୌମ୍ୟଶ୍ରୀ: ଏ ଧାରଣାଟି ଆପେକ୍ଷିକ ବୋଲି ମୁଁ କହିବି । ପିତୃ ପରିଚୟ ପାଇଁ ମୋତେ ଅଯାଚିତ ସାହାଯ୍ୟ ବି ମିଳିଚି । ପୁଣି ପିତୃ ପରିଚୟ ନେଇ ଆସୁଥିବା କିଛି ଲୋକଙ୍କୁ ମୁଁ ଚାହିଁ ମଧ୍ୟ ସାହାଯ୍ୟ କରିପରିନାହିଁ । ସେସବୁକୁ ତୁଲାଇବାକୁ ପଡ଼େ । କିନ୍ତୁ ପିତୃପରିଚୟକୁ ନେଇ ମୁଁ ଗର୍ବକରେ । ନିଜର ସ୍ୱାଧୀନ ପରିଚୟଟିଏ ତିଆରି କରି ମୁଁ ଖୁସିହୁଏ ଯେ, କିନ୍ତୁ ପିତୃପରିଚୟରେ ମୁଁ ଅଧିକ ଆତ୍ମସନ୍ତୋଷ ଲାଭକରେ ।

**ବାପାଙ୍କ ସଂପର୍କରେ ଦୁଇଧାଡ଼ି ଓ ମା'ଙ୍କ ସଂପର୍କରେ ଦୁଇଧାଡ଼ି କୁହନ୍ତୁ, ଯାହା ସବୁ ପୁଅ/ଝିଅମାନେ ଭାବିବା ଦର୍କାର ।**

ସୌମ୍ୟଶ୍ରୀ: (କ) ବାପା: ସମୁଦ୍ରର ବିଶାଳତା ବି ଲାଗେ ଛୋଟ ତୁମ ଆଗରେ,ଖାଲି ତୁମ ଥିବାପଣ ହିଁ ଯଥେଷ୍ଟ ତୁମକୁ ଅନୁଭବ କରିବାରେ, ତୁମେ ଥିଲେ, କାନ୍ଧ ଉପରେ ଦମ୍ ଥିଲା ପରି ଲାଗେ, ମୁଣ୍ଡ ଉପରର ଆକାଶ ବି ଲାଗେ ନାହିଁ ଭାରିଭାରି । (ଖ) ବୋଉ: ନିଜ ଭାଗର ଖୁସିତକ ହଜମ୍ କରିସାରି, ମୁଁ ଯାହା ସହ ଭାଗ ବସେଇଚି, ସେହି ମୋ ବୋଉ, ଯିଏ ଦୂରରେ ଥାଇ ବି ପ୍ରତିଟି ନିଃଶ୍ୱାସରେ ଟିକିଏ ଟିକିଏ ମୋ ପାଇଁ ବଂଚିଚି- ସେ ମୋ ବୋଉ ।

# ସାହିତ୍ୟ ମୋ ବାପାବୋଉଙ୍କ ସଂପର୍କର ମୂଳ ଭିତ୍ତି : ସତ୍ୟଶ୍ରୀ


**ପବିତ୍ର ଓ ସୁଚିତ୍ରାଙ୍କ ସାନପୁଅ ହେଲେ ସତ୍ୟଶ୍ରୀ । ଜଣେ ସଫ୍ଟ୍‌ୱେର୍ ଇଂଜିନିୟର୍ ଭାବେ ସେ ଏବେ ବାଙ୍ଗାଲୋରରେ ଅବସ୍ଥାପିତ । ବାପାମା'ଙ୍କ ସଂପର୍କରେ ସେ ଭାବନ୍ତି ଏଇପରି:**



'ବାପା ଓ ବୋଉ ଉଭୟ ସାହିତ୍ୟ ରଚନା ଓ ସାହିତ୍ୟ ସମ୍ବନ୍ଧୀୟ କାର୍ଯ୍ୟରେ ବହୁତ ବ୍ୟସ୍ତ ରହୁଥିବାର ମୁଁ ପିଲାବେଳୁ ଦେଖି ଆସୁଚି । ପିଲାବେଳେ, ସେସବୁର ଗୁରୁତ୍ୱ ମୁଁ ବିଶେଷ ବୁଝି ପାରୁନଥିଲି । ବୟସ ବଢ଼ିବା ସଂଗେ ସଂଗେ ମୁଁ ଧିରେଧିରେ ବୁଝିଲି ଯେ ସେମାନେ ସାହିତ୍ୟ ପାଇଁ ଏକ ଉତ୍ସର୍ଗୀକୃତ ମନୋଭାବ ରଖନ୍ତି । ସାହିତ୍ୟ ହିଁ ସେମାନଙ୍କ ସଂପର୍କର ମୂଳଦୁଆ ପକେଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ସାହିତ୍ୟ ତ ସଂପର୍କର କଥା । ସାହିତ୍ୟର ସେ ଧାରା ଆଜି ବି ଜାରି ରହିଛି ।

ସେମାନଙ୍କ ସନ୍ତାନ ଭାବେ ମୁଁ ଗର୍ବ ଅନୁଭବ କରିବା ସ୍ୱାଭାବିକ । ଏହା ଛଡ଼ା ଆମ ଘରର ଚଳଣି ଓ ବାପାବୋଉଙ୍କର ଦାମ୍ପତ୍ୟ ଜୀବନ ସେମିତି କିଛି ଅସାଧାରଣ ନୁହେଁ । ତେବେ, ଏସବୁ ଭିତରେ ଦୁଇଟି ଜିନିଷ ମତେ ପ୍ରଭାବିତ କରିଛି ଏବଂ ମୋ ମତରେ ତାହା ସେମାନଙ୍କ ସମ୍ପର୍କର ମୂଳ ଭିତ୍ତି । ବାପାଙ୍କର ବୋଉ ପ୍ରତି ଥିବା ପ୍ରତିବଦ୍ଧତା ଆଉ ବୋଉର ବାପାଙ୍କ ପ୍ରତି ଥିବା ସହନଶୀଳତା । ତା'ପରେ ସେମାନଙ୍କର ଜୀବନ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ମୋର ଦୈନନ୍ଦିନ ଜୀବନ ଶୈଳୀକୁ ମଧ୍ୟ ପ୍ରଭାବିତ କରିଛି ।

# ବହିର ବଗିଚାରେ ଦୁଇଜଣ ମାଳି



## ଯାହା କହନ୍ତି ପ୍ରିୟଜନ



ଜଣେ ଯଶସ୍ୱୀ କଥାକାର, କବି, ପ୍ରାବନ୍ଧିକ, ପ୍ରାଧ୍ୟାପକ ଓ ସୁବକ୍ତା, ପବିତ୍ର ପାଣିଗ୍ରାହୀ ଓ କବି ସୁଚିତ୍ରା ପାଣିଗ୍ରାହୀଙ୍କ ସହ ମୋର ସଂପର୍କ କବି ବସନ୍ତ ମୁଦୁଲିଙ୍କ ଅକାଳ ବିୟୋଗର ଗୋଟିଏ ବର୍ଷ ପରେ; ଅର୍ଥାତ୍ ୧୯୮୭ରେ । କବିଙ୍କ ସ୍ମୃତିରକ୍ଷା ପାଇଁ ଗଠିତ ହୁଏ 'କବି ବସନ୍ତ ମୁଦୁଲି ସ୍ମୃତି ସଂସଦ' । ପବିତ୍ର ହୁଅନ୍ତି ଏହାର ପ୍ରତିଷ୍ଠାତା ସମ୍ପାଦକ । ପୁଣି ତାର କିଛି ବର୍ଷ ପର ଠାରୁ ଏଯାବତ୍ ସଭାପତି ଦାୟିତ୍ୱ ସମ୍ପାଦନ କରି ଆସୁଛନ୍ତି ସେ । ଦୀର୍ଘ ବର୍ଷର ସଂପର୍କ ଭିତରେ ତାଙ୍କ ସହ ବହୁବାର ମତାନ୍ତର ହୋଇଥିଲେ ହେଁ ମନାନ୍ତର କେବେ ବି ହୋଇନାହିଁ । ସୁଚିତ୍ରା କେବଳ ଜଣେ କବି, ଗୀତକବି, ଶିଶୁ ସାହିତ୍ୟିକା ବା ପ୍ରାଧ୍ୟାପିକା ନୁହଁନ୍ତି, ସେ ଜଣେ ଅତି ସ୍ନେହୀ, କଷ୍ଟସହିଷ୍ଣୁ ସୁଗୃହିଣୀ ବୋଲି ମୋର ହୃଦୟଙ୍ଗମ ହୋଇଛି । ଦୁଃଖରେ ଏ ଦୁହେଁ ଭାଙ୍ଗି ପଡ଼ନ୍ତି ନାହିଁ କି ସୁଖରେ ଆତ୍ମହରା ହୁଅନ୍ତି ନାହିଁ କେବେ । 'କବି ବସନ୍ତ ମୁଦୁଲି ସ୍ମୃତି ସଂସଦ'ର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପବିତ୍ରଙ୍କର ସହଯୋଗ ଅବିସ୍ମରଣୀୟ । ପବିତ୍ରଙ୍କର ଏ ସହଯୋଗର ପଛରେ ସୁଚିତ୍ରାଙ୍କର ଉତ୍ସାହ ଓ ଅନୁପ୍ରେରଣା ମଧ୍ୟ ମୁଁ ଭୁଲି ପାରିବି ନାହିଁ । ପ୍ରତିଭାବାନ ସ୍ରଷ୍ଟା ଭାବରେ ସୁଚିତ୍ରା ଓ ପବିତ୍ରଙ୍କର ଦୀର୍ଘ ବର୍ଷର ନିରବଚ୍ଛିନ୍ନ ସାଧନା ଓ ନିଷ୍ଠା ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଛି । ଦିନେ କଞ୍ଚା ହାତରେ କବିତା ଲେଖୁଥିବା 'କଦମ୍ବ ବନର ସନ୍ନ୍ୟାସୀ' ପବିତ୍ର ଓ ଚନ୍ଦନ ବନର ଛାଇ ଟିକିଏ ଖୋଜୁଥିବା ସୁଚିତ୍ରା ଆଜି ଜଣେ ଜଣେ ପ୍ରତିଷ୍ଠିତ ସାହିତ୍ୟ ସ୍ରଷ୍ଟା । ଏମାନଙ୍କ ଜୀବନର ଉଠାଣି, ଗଡ଼ାଣି ମୁଁ ଖୁବ୍ ପାଖରୁ ଦେଖିଚି ଓ ଅନୁଭବ କରିଛି । ଆଜି ସେହି ସଂଘର୍ଷମୟ ଜୀବନର ସଫଳତା ସେମାନଙ୍କୁ ସ୍ୱପ୍ନବିଭୋର କରିଛି ଓ ସୃଜନ ପଥରେ ଅଜସ୍ର ସଫଳତା ସାଉଣ୍ଟିଛନ୍ତି ସେମାନେ । ମୋର ତାଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଅତୁଟ ରହିବ । ତାଙ୍କର ଚଲାପଥ କୁସୁମିତ ହେଉ ବୋଲି କାମନା କରିଛି ।

**ଅରୁଣ ଖିଲାର,** ସଂଯୋଜକ: ବସନ୍ତ ମୁଦୁଲି ସ୍ମୃତି ସଂସଦ, ଭଦ୍ରକ



କଥାକାର ପବିତ୍ର ପାଣିଗ୍ରାହୀଙ୍କ ସହ ମୋର ପରିଚୟ ଭଦ୍ରକ କଲେଜ୍‌ରେ ପ୍ଲସ୍-ଥ୍ରୀ ପଢ଼ିଲା ବେଳୁ । ସାଳନ୍ଦୀ ନଈକୂଳରେ ଗୋଟେ ଝଙ୍କାଳିଆ ବରଗଛ ତଳେ କ୍ଷମାସାଗର ମଠକୁ ଲାଗି ଦି'ବଖୁରିଆ ଚାଳଘରେ ସେ ରହୁଥାନ୍ତି ସେତେବେଳେ ସପରିବାର । ମୁଁ ସେତେବେଳେ ହାତଲେଖା ପତ୍ରିକା 'ସିନ୍ଦୂରା' ସମ୍ପାଦନା କରୁଥାଏ ଓ ଲେଖାଟିଏ ମାଗିବା ପାଇଁ ଯାଇଥାଏ ତାଙ୍କ ଘରକୁ ହର୍କୁଲେସ୍ ସାଇକେଲ୍ ମାରି । ପବିତ୍ର ଭାଇଙ୍କୁ ଭେଟିବା ପୂର୍ବରୁ ପ୍ରଥମେ ଭେଟ ହେଇଥିଲା କବି ସୁଚିତ୍ରା ପାଣିଗ୍ରାହୀଙ୍କ ସହ । ସେ ଲୁଗା ଶୁଖାଉଥିଲେ । ଭଦ୍ରକ କଲେଜ୍‌ରେ ପଢୁଛି ଓ ପତ୍ରିକା କରୁଛି ଜାଣି ବଡ଼ ଆତ୍ମୀୟତାର ସହ ସେ ମତେ ବସେଇଲେ ଏବଂ ଦୁଇଟା ପାଚିଲା କଦଳୀ ଓ ଆରାରୁଟ୍ ବିସ୍କୁଟ୍ କେଇଫଡ଼ା ଖାଇବାକୁ ଦେଇଥିଲେ । ପରେ ପରେ ପବିତ୍ର ଭାଇ ଆସିଲେ ଓ ତାପରେ ଗପ, କବିତା, ସମ୍ପାଦନାକୁ ନେଇ ସମ୍ପର୍କର ଯୋଉ ବୀଜଟି ସେଦିନ ପୋତା ହୋଇଥିଲା, ତାହା ଭାବ ଓ ଭାଇଚାରାର ରଂଜାରେ ଲଟି ଏବେ ବେଶ୍ ଝଙ୍କାଳିଆ । ଏବେ ସେ ମୋର ଆପଣାର ପବିତ୍ର ଭାଇ ଓ ସୁଚିତ୍ରା ଭାଉଜ । ପାରିବାରିକ ସଂପର୍କ । ଭଦ୍ରକ ଆସିଲେ ମୁଁ ତାଙ୍କୁ ଅବଶ୍ୟ ଭେଟେ, ଭୁବନେଶ୍ୱର ଆସିଲେ ସେ ମୋତେ ନିହାତି ଭେଟନ୍ତି । ମୋର ନିଜର ବଡ଼ଭାଇ ନାହାନ୍ତି, ଯଦି ଥାନ୍ତେ ତେବେ ସେ ପବିତ୍ର ଭାଇଙ୍କର ସମକକ୍ଷ କଦାପି ହେଇ ପାରିନଥାନ୍ତେ, ଏକଥା ମୁଁ ଦାବି କରିପାରେ । ଭଲମନ୍ଦ, ସୁଖଦୁଃଖ, ପାରିବାରିକ- ଦାପ୍ତରିକ, ଜୀବନ-ସୃଜନ-ସବୁ ଚୌହାଦୀରେ ଭାଇ ଭାଉଜଙ୍କ ସକ୍ରିୟ ସହଭାଗିତା ମୋତେ ବିସ୍ମିତ ଓ କୃତଜ୍ଞ କରିଛି । କେବଳ ସେ ଦୁହେଁ ନୁହଁନ୍ତି, ତାଙ୍କର ଦୁଇପୁଅ ଚିଟା ଓ ବୁବୁନ୍ ତଥା ସାନଭାଇ ଗାଳ୍ପିକ ଦେବବ୍ରତ ପାଣିଗ୍ରାହୀ ଓ ସୁଖଦା ଭାଉଜଙ୍କ ସହ ମଧ୍ୟ ବେଶ୍ ଘନିଷ୍ଠତା ରହିଛି । ପାଣିଗ୍ରାହୀ ଦମ୍ପତିଙ୍କ ସହ ମୋର ସାନ୍ନିଧ୍ୟକୁ ବାଦ୍ ଦେଲେ ନିଶ୍ଚିତ ଭାବେ ମୋ ଜୀବନର ଏକ ବୃହତ୍ ଆଲୋକିତ ଅଂଶ ଆଢୁଆଳରେ ରହିଯିବ । ଲେଖାଲେଖିରୁ ଆରମ୍ଭ ହୋଇ ଅନ୍ତରଙ୍ଗ ଆତ୍ମୀୟତାର ସହ ଦୀର୍ଘ ପଚିଶ୍ ବର୍ଷ ଧରି ବର୍‌କରାର୍ ଥିବା ଏକମାତ୍ର ସଂପର୍କ ହେଉଛି ପାଣିଗ୍ରାହୀ ପରିବାର, ଯାହା ବିରଳ ଓ ଉଦାହରଣୀୟ ।

ପବିତ୍ର ଭାଇଙ୍କ 'ଗପ ଭିତରେ କବିତା' ଓ ସୁଚିତ୍ରା ଭାଉଜଙ୍କ 'କବିତା ଭିତରେ ଗପ' ମୋତେ ସବୁବେଳେ ଆକର୍ଷିତ କରି ଆସିଛି । ରସପୂର୍ଣ୍ଣ ଗଭୀର ଜୀବନଦର୍ଶନରେ ଗଢ଼ା ଉଭୟଙ୍କ ସୃଜନ ନିଶ୍ଚିତ ଭାବରେ ଆଲୋଚନାର ଯୋଗ୍ୟ । ଉଭୟେ ଜୀବନକୁ ଯେମିତି ଖୋଲାମେଲା ଭାବେ ବଞ୍ଚନ୍ତି, ତାର ନିଷ୍କପଟ ପ୍ରତିଫଳନ ଦେଖିବାକୁ ମିଳେ ସେମାନଙ୍କ ସାହିତ୍ୟରେ । ମୁଁ ଆଶାବାଦୀ, ତାଙ୍କ ସୃଜନ-ସଂସାରର ଏ ଯୁଗଳଯାତ୍ରା ଶୀର୍ଷକୁ ପହଞ୍ଚିବ ଓ ସେ ଆଗାମୀ ପିଢ଼ି ପାଇଁ ଆଦର୍ଶ ଓ ଉଦାହରଣ ହୋଇ ରହିବେ ।

**ସରୋଜ ବଳ,** ନିର୍ଦ୍ଦେଶକ: ଟାଇମ୍‌ପାସ୍, ଭୁବନେଶ୍ୱର

ପରିଷଦ', ଭଦ୍ରକର ସଂପାଦକ, ସାଳନ୍ଦୀ ବହିମେଳା, ଭଦ୍ରକର ପ୍ରତିଷ୍ଠାତା ସଂପାଦକ ଓ ଏବର ସଭାପତି ଅଛନ୍ତି ସେ । ପବିତ୍ର ବି.ଏନ୍.ଏମ୍. ଏ. କଲେଜ୍‌ର ମୁଖପତ୍ର 'ପ୍ରଭନ'ର ଏକାଧିକ ବାର ସଂପାଦନା କରିଥିବା ବେଳେ ସୁଚିତ୍ରା ଭଦ୍ରକ ମହିଳା ମହାବିଦ୍ୟାଳୟର ମୁଖପତ୍ର 'ଭଦ୍ରାପଲ୍ଲୀ'ର ସଂପାଦନା ଦାୟିତ୍ୱ ବାରମ୍ବାର ତୁଲାଇ ଆସୁଛନ୍ତି ।

କେବଳ ଆର୍ଥିକ ସଂକଟ ନୁହେଁ, ଘରୋଇ ମହାବିଦ୍ୟାଳୟରେ ବୃତ୍ତିଗତ ଜୀବନରେ ସଂଘର୍ଷ ଅତି ଜଟିଳ ଓ କଠୋର ହୋଇଉଠେ ବେଳେବେଳେ । ସୁଚିତ୍ରା ଚାକିରୀ କରିବାର ପ୍ରାୟ ଚଉଦ ବର୍ଷ ପରେ, ୨୦୦୧ରେ ଅନୁଦାନ ପାଇଲେ । କେମିତି କଟିଥିବ ଏ ପନ୍ଦର ବର୍ଷ ! କେମିତି ଯୋଗାଡ଼ ହୋଇଥିବ ବଢ଼ିଲା ପିଲାମାନଙ୍କର ଆବଶ୍ୟକତା ! ସେତେବେଳକୁ ପବିତ୍ର ବି ପାଇପାରି ନାହାନ୍ତି ଅନୁଦାନ । ଗୋଟିଏ ନିର୍ଦ୍ଦିଷ୍ଟ ପଦବୀର ଦୁଇ ଦାବୀଦାରଙ୍କୁ ନେଇ ଦ୍ୱନ୍ଦ୍ୱର ଶିକାର ହେଲେ ସେ । ତେଣୁ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଲା ଆହୁରି ଦଶବର୍ଷ- ୨୦୧୨ ପର୍ଯ୍ୟନ୍ତ । ଏବେ ସେସବୁ ତ ପଛକଥା, ଭୁଲିଯିବାର ବିଷୟ । ଆମେରିକୀୟ କବି **H.W. Longfellowଙ୍କ ଭାଷାରେ,**

"Let the dead past burry, it's dead
Act, act in the living present!
Heart within and God o'erhead.'

ଏବେ ସେ କଠିନ ସମୟ ସ୍ମୃତି ପାଲଟି ଯାଇଛି ତାଙ୍କର, ସ୍ମୃତି ପାଲଟି ଯାଇଛି ତାଙ୍କୁ ଅତି ପାଖରୁ ଚମକେଇଥିବା ପ୍ରିୟ ଚରିତ୍ରମାନଙ୍କର । ବଡ଼ ପୁଅ ସୌମ୍ୟଶ୍ରୀ ଓ ସାନପୁଅ ସତ୍ୟଶ୍ରୀ ବି ଏବେ ବେଶ୍ ବ୍ୟବସ୍ଥିତ । ଉଭୟ ଉଚ୍ଚ ପଦରେ ନିଯୁକ୍ତ ।

ବହୁ କଷ୍ଟ ସହିବା ଭିତରେ ସଂସାରକୁ ସଜାଡ଼ି ରଖିବାରେ କେବେ ହେଳା କରି ନାହାନ୍ତି ସୁଚିତ୍ରା-ପବିତ୍ର । କର୍ମକ୍ଷେତ୍ର, ସଂସାର ଓ ସାହିତ୍ୟକୁ ସମାନ ନ୍ୟାୟ ଦେଇପାରିବାର ସାମର୍ଥ୍ୟ କେବଳ ସେଇମାନଙ୍କର ହିଁ ଥାଏ, ଯେଉଁମାନେ ଦୁଃଖ /କଷ୍ଟକୁ ଜୀବନର ପାଉଣା ବୋଲି ଆକଣ୍ଠ ପାନ କରିବାର ଶକ୍ତି ଓ ସାହସ ରଖନ୍ତି, ଦରଜ ଛପେଇ ହସ ବାଣ୍ଟିବାରେ ବି ଆନନ୍ଦ ପାଆନ୍ତି । ପବିତ୍ର-ସୁଚିତ୍ରା ନୁହନ୍ତି କି ଠିକ୍ ସେଇମିତି ?

କେବଳ ସେତିକି ନୁହେଁ ଆଖପାଖର ପ୍ରିୟ ପରିଚିତମାନଙ୍କର ସୁଖଦୁଃଖରେ ଏ ଦୁହିଁଙ୍କର ଅକୁଣ୍ଠ ସମବେଦନାର ନଜୀର୍ ଅନେକ । ଅନ୍ୟ ସାହିତ୍ୟିକମାନଙ୍କୁ ଏକ ପାରିବାରିକ ଆତ୍ମୀୟତାରେ ବାନ୍ଧି ରଖିବାର ସ୍ନେହ ପ୍ରବଣତା ଟିକକ ତ ସବୁ ସାହିତ୍ୟ ସୃଷ୍ଟିର ବହୁ ଉର୍ଦ୍ଧ୍ୱରେ ! ସୃଜନଶୀଳତା ଓ ମଣିଷପଣିଆ ଯୋଉଠି ଏକାଠି ହୁଅନ୍ତି, ସେଇଠି ତ ସଂପର୍କ ସୁନ୍ଦର, ସୁନ୍ଦର ସମାଜଟିଏ ସମ୍ଭବ ଆଉ ତା ଭିତରେ ଜୀବନ ହୋଇ ଉଠେ ସୁନ୍ଦର, ଦ୍ୱିଗୁଣିତ ହୁଏ ଜିଇଁବାର ଇଚ୍ଛା ।






# ଉତ୍କର୍ଷର ଅସ୍ମିତା
# 'ଉତ୍କଳିକା'





# ଉତ୍କଳିକା ଓଡ଼ିଶା ସେବା ଟ୍ରଷ୍ଟ
# ବରୋଦାର ଓଡ଼ିଆ ସମାଜ

**ଲକ୍ଷ୍ମୀପ୍ରିୟା ଓଝା**
ବି-୪୦୧, ଦି ଆଟ୍ଲାଣ୍ଟି, ଏସ୍ଆର୍‌ପି ଗ୍ରାଉଣ୍ଡ-୯,
ମକରପୁରା ରୋଡ଼, ବରୋଦା-୩୯୦୦୧୦, ଗୁଜରାଟ
ଫୋନ: ୭୪୯୦୯୯୬୮୬୫

ଫଟୋ ସୌଜନ୍ୟ : ଲେଖିକା






▶ଲେଖିକା ଲକ୍ଷ୍ମୀପ୍ରିୟା ଓଝା

ମନ୍ଦିରମାଳିନୀ ଜଗନ୍ନାଥଙ୍କ ଦେଶ ଓଡ଼ିଶାରୁ ଦ୍ୱାରିକାଧିପତି କୃଷ୍ଣଙ୍କ କର୍ମଭୂମି ଗୁଜରାଟର ସଂସ୍କୃତିନଗରୀ ବରୋଦାରେ କିଏ ଭାସ୍କୋଡାଗାମା ହେଇ ପ୍ରଥମ ପଦପାତ କଲେ, କାଳର କରାଳ ଗର୍ଭରେ ସେକଥା ନିଶ୍ଚିହ୍ନ । କିନ୍ତୁ ସେଇ ପଦଚିହ୍ନକୁ ଅନୁସରଣ କରି କେତେ ଯେ ପଥିକ ବରୋଦା ସହରକୁ କର୍ମଭୂମି ରୂପେ ବାଛି ପୁଣି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେଣି, କେତେ ଏଠି ସ୍ଥାୟୀ ବାସିନ୍ଦା ହେଇ ସ୍ୱର୍ଗ ଗମନ କଲେଣି, ନିଶ୍ଚିତ ଭାବରେ ଇତିହାସ ପୃଷ୍ଠାରେ ତାହା ଲିପିବଦ୍ଧ ହେଇ ରହିନାହିଁ । ତେବେ ସେଇ ପାଦଚଲା କଣ୍ଟାଝଣ୍ଟା ପରିପୂର୍ଣ୍ଣ ରାସ୍ତା ମାଟିରୁ ମହରମ, ମହରମରୁ ମସୃଣ କଂକ୍ରିଟ୍ ରାସ୍ତାରେ ପରିଣତ କରି ଗନ୍ତବ୍ୟ ପଥକୁ ସୁଗମ କରିବାରେ ସେଇ ମହାପୁରୁଷମାନଙ୍କର ଅବଦାନ ନିଶ୍ଚିତ ଅବିସ୍ମରଣୀୟ ।

ଜୀବନ ଜୀବିକା ସନ୍ଧାନରେ ମାଆର ପଣତ, ଗାଁର ଧୂଳିମାଟି ରାସ୍ତା, ସବୁଜ କ୍ଷେତ, ପୂଜା ପାର୍ବଣ, ମେଳା ମଉଛବ, ସାଙ୍ଗସାଥି, ଆତ୍ମୀୟସ୍ୱଜନଙ୍କୁ ଛାଡ଼ି ଗୋଡ଼ କାଢ଼ିବାକୁ ପଡ଼େ ସହରକୁ । ସହରରୁ ଅନ୍ୟ ରାଜ୍ୟ ଆଉ ଦେଶକୁ । ବିଦେଶରେ ପହଁଚି ସୁବିଧାଅସୁବିଧା, ଭଲମନ୍ଦକୁ କାନ୍ଧେଇ ଚାଲିଥିବା ବେଳେ ମନ ଖୋଜେ ନିଜ ଭଳି କେହିଜଣେ ଆତ୍ମୀୟ ଥା'ନ୍ତା କି ଏ ବିଦେଶ ମାଟିରେ ଦୁଃଖ ବେଳେ ସାହାରା, ସୁଖ ବେଳେ ଖୁସିର ଫୁଆର ବାଣ୍ଟିବାକୁ । ସେଇଠୁ ଆରମ୍ଭ ହୁଏ ଅନୁସନ୍ଧାନ, ଅନ୍ୱେଷଣ । କେବେ କେବେ ଖୋଜି ଖୋଜି ନୟାନ୍ତ ହେଲେ ମଧ୍ୟ ଧରା ଦିଅନ୍ତିନି ସ୍ୱପ୍ନମାନେ ତ କେବେ ସାମ୍ନାରେ ଅଚାନକ ଆସି ଠିଆ ହୁଅନ୍ତି ଈପ୍‌ସିତ ଇଛାମାନେ । ସେଇ ଲୋଡ଼ାପଣ ବେଳେ ବିଦେଶ ମାଟିରେ ନିଜ ମାଟି (ରାଜ୍ୟ)ର ଅଜଣା ଲୋକଟି ମଧ୍ୟ ଲାଗେ ଖୁବ୍ ଆପଣାର । ତା'ପରେ ଆରମ୍ଭ ହୁଏ ଘରକୁ ଯିବାଆସିବା, ସୁଖଦୁଃଖ ବାଣ୍ଟିବା, ଦେବାନେବା, ସପିଙ୍ଗ୍ କରିବା ବା ବୁଲିବାକୁ ଯିବା ଆଦି ଆଦି । ପର୍ବପର୍ବାଣିରେ ମନେପଡ଼େ ଜନ୍ମଭୂମି । ସ୍ମୃତି ବ୍ୟସ୍ତ ବିବ୍ରତ କରାଏ । ଏକୁଟିଆ ପର୍ବ ପାଳନରେ ମାଟିର ମହକ ବାରି ହୁଏନା । ମନ ଝୁରେ ଗାଁକୁ ଫେରିଯାଇ ପର୍ବପର୍ବାଣି ପାଳନ କରିବାକୁ । ଯାହା ସମ୍ଭବ ହେଇ ପାରେନି ସବୁବେଳେ । ତେଣୁ ମଣିଷ ଉପାୟ ଖୋଜି ବାହାର କରେ । ନିଜ ପରି ମାଟିକୁ ଝୁରୁଥିବା କିଛି ଲୋକଙ୍କୁ ନେଇ ଏକାଠି ନିଜର ପର୍ବପର୍ବାଣି ପାଳନ କରିବାକୁ । ଦୁଇରୁ ଚାରି ଚାରିରୁ ଚାଳିଶ୍, ଚାଳିଶ୍‌ରୁ ଚାରିଶହ, ଏମିତି ବିଦେଶ ମାଟିରେ ନିଜର ମଣିଷମାନଙ୍କୁ ଖୋଜୁଥିବା ମଣିଷମାନଙ୍କର ନୂଆ ନୂଆ ମୁହଁ ଯୋଡ଼ି ହେଇ ଯାଏ । ସେଇଠୁ ସଂଘବଦ୍ଧତାର ଅୟମାରମ୍ଭ ହୁଏ ଆଉ ସବୁ ଭଲ ଥାଇ ବି ବିଦେଶ ମାଟିରେ ଆବଶ୍ୟକ ପଡ଼େ ସଂଗଠନଟିଏ ।

ବଟବୃକ୍ଷର ନଗରୀ ବରୋଦା । ଚବିଶ୍ ଲକ୍ଷ ଲୋକଙ୍କୁ ନେଇ ଗୁଜୁରାଟ୍‌ରେ ତୃତୀୟ



ଜନବହୁଳ ସହର ଇଏ । ଭାରତର ପରିଷ୍କାର ସହର ଭାବରେ ଦଶମ ସ୍ଥାନରେ । କଳା, ସଂସ୍କୃତି, ଐତିହ୍ୟକୁ ଧରି ଏକ ସୁନ୍ଦର, ଶାନ୍ତ, ମାର୍ଜିତ ସହର । ଗାଇକ୍‌ୱାର୍ଡ଼ ରାଜବଂଶର ଛାପ ସମଗ୍ର ସହରରେ ବିଛେଇ ହେଇ ପଡ଼ିଛି ଲକ୍ଷ୍ମୀ ବିଳାସ ପ୍ୟାଲେସ୍, ସାୟଜୀ ଉଦ୍ୟାନ, ଖଣ୍ଡେରାଓ ମାର୍କେଟ୍, ମହାରାଜ ସାୟଜିରାଓ ୟୁନିଭର୍ସିଟି ଆଦି ରୂପରେ । ୧୮୮୧ ମସିହାରେ ବରୋଦା କଲେଜ୍ ନାମରେ ପ୍ରତିଷ୍ଠିତ ଓ ପରେ ୧୯୪୯ ମସିହାରେ ୟୁନିଭର୍ସିଟିରେ ରୂପାନ୍ତରିତ ଏଠିକାର ମହାରାଜ ସାୟଜିରାଓ ୟୁନିଭର୍ସିଟି ୮୯ ଡିପାର୍ଟମେଣ୍ଟ୍ ୨୭୫ ଏକରରେ ପରିବ୍ୟାପ୍ତ ଗୁଜରାଟର ସର୍ବପ୍ରାଚୀନ ଓ ସର୍ବବୃହତ୍ ବିଶ୍ୱବିଦ୍ୟାଳୟ । ଏହି ବିଶ୍ୱବିଦ୍ୟାଳୟରୁ ଶିକ୍ଷାଲାଭ କରି ଓଡ଼ିଶାରେ ଜନ୍ମିତ ପଦ୍ମଭୂଷଣ ଶ୍ୟାମ ପିଟ୍ରୋଡ଼ା, ନୋବେଲ୍ ପୁରସ୍କାର ବିଜେତା ଭେଙ୍କି ରାମକ୍ରିଷ୍ଣନ, ଭାରତରତ୍ନ ବିନୋବା ଭାବେ ଭଳି ଅନେକ ସୁଯୋଗ୍ୟ ସନ୍ତାନ ଭାରତକୁ ମହିମା ମଣ୍ଡିତ କରିଛନ୍ତି । ଦେଶବିଦେଶରୁ ଅନେକ ପ୍ରବାସୀ କାର୍ଯ୍ୟରତ ଏଠି । ସେଇ କ୍ରମରେ ଅନେକ ଓଡ଼ିଆ ବିଭିନ୍ନ ବିଭାଗରେ ଛାତ୍ର ରୂପେ ଅଧ୍ୟୟନରତ ବା ଅଧ୍ୟାପକ ଓ କର୍ମଚାରୀ ରୂପେ ନିଯୁକ୍ତ ହେଇ ଆସିଛନ୍ତି ୟୁନିଭର୍ସିଟି ଆରମ୍ଭରୁ । ଏଇ ୟୁନିଭର୍ସିଟି କ୍ୟାମ୍ପସ୍‌ର ଭିତ୍ତିଭୂମି ସ୍ଥାପନ ହେଇଥିଲା ବରୋଦାରେ ଓଡ଼ିଆ ସମାଜର ।

ଏମ୍.ଏସ୍. ୟୁନିଭର୍ସିଟିର ପ୍ରାକ୍ତନ ପ୍ରଫେସର୍ ଓ ଏଚ୍‌ଓଡି ଏବଂ ବରୋଦା ସ୍ଥିତ ଓଡ଼ିଆ ସମାଜର ପ୍ରଥମ ପ୍ରେସିଡେଣ୍ଟ୍ ପ୍ରଫେସର୍ ଦିଲ୍ଲୀପ କୁମାର ବଶା କୁହନ୍ତି, "ୟୁନିଭର୍‌ସିଟି କ୍ୟାମ୍ପସ୍‌ରେ ସେ ସମୟରେ ପିଏଚ୍‌ଡି କରୁଥିବା ଏବଂ ପରେ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ କୁଳପତି ରୂପେ ଅବସର ଗ୍ରହଣ କରିଥିବା ଡକ୍ଟର ପ୍ରଭାତ କୁମାର ସାହୁ ଓ ସେ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ରହୁଥିଲେ ଏବଂ ଦୁହେଁ ଖୁବ୍ ଘନିଷ୍ଠ ଥିଲେ । ଓଡ଼ିଆ ଆସୋସିଏସନ୍‌ଟିଏ କରିବାକୁ ମନସ୍ଥ କରି ଯେଉଁ ଓଡ଼ିଆମାନଙ୍କର ନାଁ ଜାଣିଥିଲେ ସେମାନଙ୍କ ଠିକଣାରେ ଖଣ୍ଡେ ଖଣ୍ଡେ ପୋଷ୍ଟକାର୍ଡ଼ ଲେଖି ପକେଇ ଦେଲେ । କ୍ୟାମ୍ପସ୍ ଭିତରେ ଥିବା ମୋରେ କ୍ୟାଣ୍ଟିନ୍‌ରେ ସମସ୍ତଙ୍କୁ ଏକତ୍ରିତ ହେବାକୁ ଅନୁରୋଧ କରିଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ନିର୍ଦ୍ଦିଷ୍ଟ ସମୟରେ ସମସ୍ତେ ପହଞ୍ଚିଥିଲେ ।" ଅତଏବ ବିଦେଶ ମାଟିରେ ନିଜର ସଂଗଠନ ପାଇଁ ଲୁକ୍କାୟିତ ଇଚ୍ଛାଟିଏ ଥିଲା ସମସ୍ତଙ୍କ ମନରେ, ଏହା ଏଥିରୁ ଅନୁମେୟ । ଅନେକ ମାନସ ମନ୍ଥନ ପରେ ପରିଶେଷରେ ୧୯୮୦ ମସିହାରେ 'ଉତ୍କଳିକା ଓଡ଼ିଶା ଆସୋସିଏସନ୍' ସ୍ଥାପିତ ହେଲା । ସୋସାଇଟି ଆକ୍ଟ ୧୯୫୬ ଅନୁଯାୟୀ ପଞ୍ଜିକୃତ ହେଲା । ପ୍ରଫେସର୍ ବଶା ସର୍ବସମ୍ମତି କ୍ରମେ ପ୍ରଥମ ପ୍ରେସିଡେଣ୍ଟ୍ ରୂପେ ନିର୍ବାଚିତ ହେଲେ । ଆସୋସିଏସନ୍‌ର କନ୍‌ଷ୍ଟିଚ୍ୟୁସନ୍ ମଧ୍ୟ ସେ ନିଜେ ଲେଖିଥିଲେ । ସେ ସମୟରେ ଯୋଗାଯୋଗର ସୂତ୍ର ନା ଫୋନ୍ ଥିଲା ନା ସୋସିଆଲ୍ ମିଡ଼ିଆ । ଅଫିସ୍ ପରେ ସାଇକେଲ୍ ଧରି ବୁଲି ବୁଲି ଓଡ଼ିଆ ଲୋକଙ୍କୁ ଆସୋସିଏସ୍‌ନ ସମ୍ପର୍କରେ ଅବଗତ କରାଇବା ସତରେ ଖୁବ୍ କଷ୍ଟସାଧ୍ୟ କାମ ଥିଲା । ସେତିକି ଦୃଢ଼ ଇଚ୍ଛାଶକ୍ତି ଏବଂ ଆବେଗ ନଥିଲେ, ଏହା ସମ୍ଭବପର ନଥିଲା । ସେଥିପାଇଁ ପ୍ରଫେସର୍ ଦିଲ୍ଲୀପ କୁମାର ବଶା, ଡକ୍ଟର ପ୍ରଭାତ କୁମାର ସାହୁ, ସ୍ୱର୍ଗତ ବି.ଏସ. ପାତ୍ର, ଶ୍ରୀଯୁକ୍ତ ଏଲ୍.କେ.ମିଶ୍ର ଆଦି ମୁରବୀମାନେ ଧନ୍ୟବାଦାର୍ହ ।

ବହୁ ଉଠାଣି ଗଡ଼ାଣି ଦେଇ ଗତିକରି କୋଡ଼ିଏ ବର୍ଷ ପରେ ୬ ମାର୍ଚ୍ଚ ୨୦୦୦ ମସିହାରେ ଆସୋସିଏସନ୍‌ର ନାମ ବଦଳା ଯାଇ, 'ଉତ୍କଳିକା ଓଡ଼ିଶା ସେବା ଟ୍ରଷ୍ଟ୍' ରଖାଗଲା । ଆସୋସିଏସନ୍ ତ ହେଇଗଲା । କିନ୍ତୁ ଏକାଠି ହେବାକୁ ଘରଟିଏ ନଥିଲା । ମିଟିଙ୍ଗ୍ ହେଉଥିଲା କେତେବେଳେ କାହା ଘରେ ତ ଆଉ କେତେବେଳେ କମାଟିବାଗ କି ଲାଲବାଗ ଗାର୍ଡ଼େନରେ । ସମୟର ଅଭାବ ଠୁ



# ଉତ୍କଳିକାର ଉକ୍ତି



ଜୟ ଜଗନ୍ନାଥ । ଉତ୍କଳର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ବିଦେଶ ମାଟିରେ ଜୀବନ୍ତ ରଖିବା ପାଇଁ ଏବଂ ତାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଗତ ୪୦ବର୍ଷ ଧରି ଗୁଜରାଟର ବରୋଦା ସ୍ଥିତ 'ଉତ୍କଳିକା ଓଡ଼ିଶା ସେବା ଟ୍ରଷ୍ଟ' ସଦାସର୍ବଦା ପ୍ରୟାସରତ । ଏଥି ସହିତ ବିଭିନ୍ନ ସାମାଜିକ କାର୍ଯ୍ୟ କରିବାରେ ଆମର ସକ୍ରିୟ ସଦସ୍ୟମାନେ ସଦାସର୍ବଦା ତତ୍ପର । କରୋନା ମହାମାରୀ ସମୟରେ ବରୋଦା ଏବଂ ତାର ଆଖପାଖ ଅଞ୍ଚଳରେ ଅଟକି ଯାଇଥିବା ଓଡ଼ିଆ ଶ୍ରମିକମାନଙ୍କୁ ଟ୍ରେନ୍ ଯୋଗେ ଘରକୁ ପହଞ୍ଚେଇବା ଆସୋସିଏସନ୍‌ର ବିଶିଷ୍ଟ ଉପଲବ୍ଧି । ଆଶାକରେ ଏ ମହାମାରୀ କବଳରୁ ସମଗ୍ର ବିଶ୍ୱ ଶିଘ୍ର ମୁକ୍ତ ହେବ ଏବଂ ଆମେ ପୁଣି ସକ୍ରିୟ ଭାବେ ଆମର ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଜରି ରଖି ଆସୋସିଏସନ୍‌କୁ ଆଗେଇ ନେବୁ । ବନ୍ଦେ ଉତ୍କଳ ଜନନୀ ।

**ବିଶ୍ୱଜିତ ଭୂୟାଁ**

ପ୍ରେସିଡେଣ୍ଟ୍: 'ଉତ୍କଳିକା ଓଡ଼ିଶା ସେବା ଟ୍ରଷ୍ଟ', ବରୋଦା, ଗୁଜରାଟ



ବରୋଦା ଓଡ଼ିଆ ଆସୋସିଏସନ୍ 'ଉତ୍କଳିକା' ଅନୌପଚାରିକ ରୂପେ ୧୯୭୦ ଦଶକର ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ଭବ ହୋଇଥିଲା । ପ୍ରାୟ ପଚାଶ ବର୍ଷ ପୂର୍ବେ ଓଡ଼ିଶାର ବୁଦ୍ଧିଜୀବୀମାନଙ୍କର ସରକାରୀ ବୃହତ୍ ଶିଳ୍ପ ଉଦ୍ୟୋଗ, ଉଚ୍ଚ ଶିକ୍ଷା ଏବଂ ଗବେଷଣା, ବ୍ୟାଙ୍କ୍ ସେବା, ରକ୍ଷା ବିଭାଗ ତଥା ଭାରତୀୟ ପ୍ରଶାସନିକ ସେବା ଇତ୍ୟାଦି କ୍ଷେତ୍ର ପ୍ରତି ଆକର୍ଷଣ ଯୋଗୁଁ ପ୍ରାୟ ୩୦ରୁ ୪୦ ଜଣ ପାଖାପାଖି ଓଡ଼ିଆ ଯୁବକ ବରୋଦା ସହରରେ କାର୍ଯ୍ୟରତ ଥିଲେ । ବରୋଦା ସହରର ସାମାଜିକ ଏବଂ ସାଂସ୍କୃତିକ ପରିବେଶ ତଥା ଆଧୁନିକତାର ସମାବେଶ ଓଡ଼ିଶାର ବ୍ୟକ୍ତିବିଶେଷଙ୍କ ପ୍ରତି ଆକର୍ଷଣୀୟ ଥିଲା । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସଂସ୍କୃତି ତଥା କଳାତ୍ମକ ବିକାଶର ପରିଚୟ ତଥା ପ୍ରଦର୍ଶନ ପାଇଁ ଉପଯୁକ୍ତ ପରିବେଶର ନିର୍ମାଣ କରାଗଲା । ଓଡ଼ିଆମାନଙ୍କର ସରଳ ଏବଂ ଆତ୍ମୀୟ ବ୍ୟବହାର, ସାମୂହିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ବନ୍ଧ ଏବଂ ସହଯୋଗ ମାଧ୍ୟମରେ ସଂଖ୍ୟା କମ ଥିଲେ ସୁଦ୍ଧା ସ୍ଥାନୀୟ ସମାଜକୁ ଆକର୍ଷିତ କରିବା ନିମିତ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ସହରର ମୁଖ୍ୟ ସଭାଘରମାନଙ୍କରେ ଆୟୋଜନ କରାଗଲା । ଏଥିପ୍ରତି ସହରର ଶିକ୍ଷିତ ଏବଂ ସଭ୍ୟ ନାଗରିକମାନଙ୍କର ସକରାତ୍ମକ ଦୃଷ୍ଟିକୋଣ ଏବଂ ପ୍ରଶଂସା ମଧ୍ୟ ଉପଲବ୍ଧ ହେଲା । ୧୯୮୦ ମସିହାର ପ୍ରାରମ୍ଭିକ ଚରଣରେ 'ଉତ୍କଳିକା'କୁ ସୋସାଇଟି ଆକ୍ଟ ୧୯୫୬ ଅନୁଯାୟୀ ରେଜିଷ୍ଟ୍ରିଭୁକ୍ତ କରାଗଲା । ଏହାର ଶ୍ରେୟ ସଭାପତି ପ୍ରଫେସର ଶ୍ରୀ ଦିଲ୍ଲୀପ କୁମାର ବଶାଙ୍କୁ ମିଳିଥିଲା । ଏହି ପର୍ଯ୍ୟାୟରେ 'ଉତ୍କଳିକା'ର ଗତିବିଧିକୁ ପ୍ରଭାବୀ ରୂପରେ କ୍ରମାନ୍ୱୟରେ କରିବାରେ ସ୍ୱର୍ଗତ ଡକ୍ଟର ବି.ଏସ୍.ପାତ୍ର, ଡକ୍ଟର ଶ୍ରୀମତୀ ସରଳା ପାତ୍ର, ଶ୍ରୀମତୀ ଅନୁପମା ବଶା, ସ୍ୱର୍ଗତ ଶ୍ରୀ ଆର.କେ. ନାୟକ, ଶ୍ରୀ ମିହିର ନାୟକ, ଶ୍ରୀ ଏଚ୍.କେ. ମହାନ୍ତି, ଶ୍ରୀମତୀ ମହାନ୍ତି, ଶ୍ରୀ ଏଚ୍.କେ. ମିଶ୍ର, ଶ୍ରୀ ସନ୍ତୋଷ କୁମାର ଶତପଥି(ଆଇଏଏସ୍) ଇତ୍ୟାଦି ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ବିଭିନ୍ନ ପ୍ରକାର ସାଂସ୍କୃତିକ ସମାରୋହମାନଙ୍କରେ ପ୍ରଦର୍ଶନୀ କଳା ଜନିତ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ତଥା ଗାୟନ, ହସ୍ତଶିଳ୍ପ ପ୍ରଦର୍ଶନ ଇତ୍ୟାଦି ପ୍ରତି ବରୋଦାର ନାଗରିକମାନଙ୍କର ଉତ୍ସାହପ୍ରଦ ସହଯୋଗ ପ୍ରାପ୍ତ ହେଲା । 'ଉତ୍କଳିକା' ମାଧ୍ୟମରେ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି ଯଥା: ଉତ୍କଳଦିବସ, ରଜସଂକ୍ରାନ୍ତି, କୁମାରପୂର୍ଣ୍ଣିମା ଅବସରରେ ଓଡ଼ିଶାର ସୁନାମଧନ୍ୟ କଳାଗୁରୁମାନଙ୍କର ନୃତ୍ୟ ପ୍ରଦର୍ଶନର ଆୟୋଜନ ଅତ୍ୟନ୍ତ ସଫଳ ଥିଲା । ଏଥିସହିତ ଉପଯୁକ୍ତ ସମନ୍ୱୟ ମାଧ୍ୟମରେ ବରୋଦାର ଅନ୍ୟ ସାଂସ୍କୃତିକ ସଂସ୍ଥାମାନଙ୍କ ଦ୍ୱାରା ଓଡ଼ିଶାର କଳାବିତ୍‌ମାନଙ୍କୁ ଆମନ୍ତ୍ରିତ କରାଯିବାରେ ଲାଗିଲା । ଏହି ପର୍ଯ୍ୟାୟରେ 'ଉତ୍କଳିକା' ଦ୍ୱାରା




ସମ୍ବଳର ଅଭାବ ବାଧୁଥିଲା ବେଶୀ ସଦସ୍ୟମାନଙ୍କୁ । ଘରଟିଏ ହେଲେ ସ୍ଥାୟୀ ଠିକଣାଟିଏ ହେବ । ମିଟିଙ୍ଗ୍ କରିବା ସହ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି ପାଳନ କରିବାରେ ସୁବିଧା ହେବ । କେହି ପିଲା ଚାକିରି ଅନ୍ୱେଷଣରେ ଓଡ଼ିଶାରୁ ଆସିଲେ ଅନ୍ତତଃ କିଛିଦିନ ରହିବା ପାଇଁ ଅସୁବିଧାର ସାମ୍ନା କରିବନି ଘରଟିଏ ଥିଲେ । ଏହିସବୁ ଆଭିମୁଖ୍ୟ ନେଇ ଚାଲିଲା ଆସୋସିଏସନ୍‌ର ଘର ଖୋଜା । ଅନେକ ଖୋଜାଖୋଜି ପରେ ଘରଟିଏ ମିଳିଲା ସତ, କିନ୍ତୁ ବାଟ ଓଗାଳିଲା ସମ୍ବଳର ଅଭାବ । ଓଏନ୍‌ଜିସିର ଶ୍ରୀଯୁକ୍ତ ଚିତ୍ତରଞ୍ଜନ ପାତ୍ର କାଳବିଳମ୍ବ ନକରି ନିଜର ଏଫ୍‌ଡି ଭାଙ୍ଗି ନିଅଣ୍ଟ ପଇସା ଦେଇ ତୁରନ୍ତ ଘରଟି କିଣିଦେଲେ । ଅବଶ୍ୟ ପରେ ଆସୋସିଏସନ୍ ଓ ସଦସ୍ୟମାନଙ୍କ ମିଳିତ ଉଦ୍ୟମରେ ତାଙ୍କ ପଇସା ତାଙ୍କୁ ଫେରସ୍ତ ଦେଇଥିଲେ ଯଦିଓ କିଛି ବାକି ରହିଛି ଏ ପର୍ଯ୍ୟନ୍ତ । ସାରା ଜୀବନର ଗଚ୍ଛିତ ସମ୍ପତ୍ତିକୁ ନିଃସ୍ୱାର୍ଥପର ଭାବେ ଉତ୍ସର୍ଗ କରିଦେବା କମ ସାହସ ଓ ସମର୍ପଣର କଥା ନୁହେଁ । ସେଥିପାଇଁ ଆସୋସିଏସନ୍ ତାଙ୍କ ପାଖରେ ଚିରଦିନ ନତମସ୍ତକ ରହିବ ।

ପୂର୍ବରେ ଓଡ଼ିଶା । ପଶ୍ଚିମରେ ଗୁଜରାଟ । ବରୋଦାରୁ ଭୁବନେଶ୍ୱର ୧୬୪୮ କିଲୋମିଟର । ବାଣିଜ୍ୟ ବ୍ୟବସାୟରେ ଧୂରୀଣ ଗୁଜରାଟୀ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ନିଜ ବ୍ୟବସାୟର ପସରା ମେଲେଇ ସ୍ଥାୟୀ ବାସିନ୍ଦା ହେଇ ସାରିଲେଣି କେବେଠୁ । ସେହିଭଳି ବୈଷୟିକ ଦକ୍ଷତାରେ କୁଶଳୀ ଓଡ଼ିଆମାନେ ଗୁଜରାଟ ଆସି ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ହେଇ ନିଜ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରି ପାରିଛନ୍ତି । ପ୍ରଶାସନିକ ସେବା, ଓ.ଏନ୍.ଜି.ସି, ଇଣ୍ଡିଆନ

ଅନେକ ଆମନ୍ତ୍ରିତ କଳାବିତ୍‌ମାନଙ୍କ ସମ୍ମାନିତ କରାଗଲା । ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ଶ୍ରୀମତୀ ସଂଯୁକ୍ତା ପାଣିଗ୍ରାହୀ, ଶ୍ରୀ ରଘୁନାଥ ପାଣିଗ୍ରାହୀ, ଶ୍ରୀମତୀ ପ୍ରତିମା ଦେବୀ, ଗୁରୁ ପଦ୍ମଶ୍ରୀ ଗଙ୍ଗାଧର ପ୍ରଧାନ, ଗୁରୁଶ୍ରୀ ବନମାଳୀ ମହାରଣା, ଶ୍ରୀ ଯତୀନ ଦାସ ଇତ୍ୟାଦି । ୧୯୮୪ ମସିହାରେ ବନ୍ୟା ସମୟରେ, 'ସମାଜ' ରିଲିଫ କୋଷ, କଟକକୁ ସହରବାସୀଙ୍କର ଚାନ୍ଦା ମାଧ୍ୟମରେ ପ୍ରାପ୍ତ ଧନ ରାଶି ଉପଲବ୍ଧ କରାଯାଇଥିଲା । ଏଥିବ୍ୟତିରେକେ ବିଭିନ୍ନ ପ୍ରକାରର ରାଷ୍ଟ୍ରୀୟ, ଅନ୍ତରାଷ୍ଟ୍ରୀୟ ସଂଗୋଷ୍ଠୀମାନଙ୍କରେ ଭାଗ ନେବା ନିମିତ୍ତ ଆସୁଥିବା ଓଡ଼ିଶାର ସୁନାମଧନ୍ୟ ବୈଜ୍ଞାନିକ, ସମାଜସେବୀ, ସାହିତ୍ୟିକ ତଥା ଆଲୋଚକମାନଙ୍କର ଅତିଥି ସତ୍କାର ନିମିତ୍ତ ସମ୍ପର୍କ ସୂତ୍ର କେନ୍ଦ୍ରରୂପେ 'ଉତ୍କଳିକା'ର ଭୂମିକା ପ୍ରମୁଖ ଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର 'ଆନନ୍ଦ' ସ୍ଥିତ ଅମୁଲ୍ ଫାର୍ମ ପରିଦର୍ଶନ ଅବସରରେ ବରୋଦାରେ ସମ୍ବର୍ଦ୍ଧନାର ଆୟୋଜନ କରାଗଲା । ଏହି ଅବସରରେ ଦ୍ୱାରକା ଠାରୁ ପୁରୀ ପର୍ଯ୍ୟନ୍ତ ସିଧାସଳଖ ରେଳ ଯାତ୍ରୀବାହୀ ଯୋଗାଯୋଗ ନିମିତ୍ତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆବେଦନ ପ୍ରସ୍ତୁତ କରାଗଲା । ଫଳସ୍ୱରୂପ ଗୁଜରାଟ ଏବଂ ଓଡ଼ିଶା ମଧ୍ୟରେ ରେଳ ଯୋଗାଯୋଗର ସୂତ୍ରପାତ ହୋଇପାରିଲା । ଆଜିର ଭୂମଣ୍ଡଳୀକୃତ ସମାଜରେ ଓଡ଼ିଆ ଅସ୍ମିତା ତଥା ମୂଳଦ୍ୱର ପ୍ରଗାଢ଼ତାକୁ 'ଉତ୍କଳିକା' ମାଧ୍ୟମରେ ସଫଳତା ପ୍ରାପ୍ତ କରିବାରେ ଅଗ୍ରସର । ଜୟ ଜଗନ୍ନାଥ ।

**ଡକ୍ଟର ପ୍ରଭାତ କୁମାର ସାହୁ**

ଭୂତପୂର୍ବ ସମ୍ପାଦକ: 'ଉତ୍କଳିକା', ଅବସରପ୍ରାପ୍ତ ପ୍ରଫେସର ଏବଂ
ପୂର୍ବ କୁଳପତି ଆଲାହାବାଦ ବିଶ୍ୱବିଦ୍ୟାଳୟ



ପ୍ରଭୁ ଜଗନ୍ନାଥଙ୍କ କୃପାରୁ ନବେ ଦଶକର ଶେଷ ପର୍ଯ୍ୟାୟରେ ବରୋଦା ଓଡ଼ିଆ ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ଉପସଭାପତି ରୂପେ କାର୍ଯ୍ୟ କରିବାର ପ୍ରସ୍ତାବକୁ ମୁଁ ସହର୍ଷେ ସ୍ୱୀକାର କରିଥିଲି । ତାପରେ ସେ ସମୟରେ ରେଲୱେର ଡି.ଆର.ଏମ. (ପରେ ରେଲୱେ ବୋର୍ଡ଼ର ଚେୟାରମ୍ୟାନ୍ ହେଉଥିଲେ) ଶ୍ରୀଯୁକ୍ତ କଲ୍ୟାଣ ଚନ୍ଦ୍ର ଜେନା ସଭାପତି ହେଲେ । ଆସୋସିଏସନ ସଂକ୍ରାନ୍ତୀୟ ମିଟିଙ୍ଗ୍ କରିବାରେ ଥିଲେ ଆମେ ପ୍ରାୟ କମାଟିବାଗ ବା ଜଗନ୍ନାଥ ମନ୍ଦିରରେ କିମ୍ବା କୌଣସି ସଦସ୍ୟଙ୍କ ଘରେ ଏକାଠି ହେଉଥିଲୁ । ଯାହାଦ୍ୱାରା ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲୁ । ଆସୋସିଏସନର ଘରଟିଏ ପାଇଁ ମୋ ମନରେ ଇଚ୍ଛା ବଳବତ୍ତର ହେଲା ଏବଂ ମୁଁ ଘର ଖୋଜିବାରେ ଲାଗି ପଡ଼ିଲି । କେତେବେଳେ ଘର ପସନ୍ଦ ଆସୁ ନଥିଲା ତ କେତେବେଳେ ରାସ୍ତା ରୋକୁଥିଲା ସମ୍ବଳ । ମୋର ଆଭିମୁଖ୍ୟ ଥିଲା ସହର ମଝିରେ, ଜଗନ୍ନାଥ ମନ୍ଦିର ପାଖରେ ଘରଟିଏ ହେଲେ ଲୋକଙ୍କୁ ଯିବା ଆସିବାରେ ସୁବିଧା ହେବ । ଶେଷରେ ଗୋଟେ ପତ୍ରିକାରେ ବିଜ୍ଞାପନ ଦେଖି ବର୍ତ୍ତମାନର ଆସୋସିଏସନ୍ ଘରଟି ସବୁ ଦୃଷ୍ଟିରୁ ପସନ୍ଦ ଆସିଲା । ପଇସା କମ୍ ଥିଲା, ସହର ମଝିରେ ରାସ୍ତା କଡ଼ିଆ ଘର, ତା ସହ ସାମ୍ନାରେ ଖୁବ୍ ଖୋଲା ଜାଗା । ଯେଉଁଠି ପାର୍କିଙ୍ଗ୍ ଓ ଫଙ୍କସନ୍ କରି ହେବ ସୁବିଧାରେ । ପ୍ରେସିଡେଣ୍ଟ ଓ ସେକ୍ରେଟେରୀଙ୍କୁ ଦେଖାଇଲି । ଘରଟି ହାତରୁ ଖସିଗଲେ ଆଉ ଏମିତି ଘର ମିଳିବନି । 'ଉତ୍କଳିକା' ପତ୍ରିକାର ବିଜ୍ଞାପନରୁ ଏକାଠି ହୋଇଥିବା ୨ଲକ୍ଷ ଟଙ୍କା ମଧ୍ୟ ଖର୍ଚ୍ଚ ହେଇଯିବ । ତେଣୁ କାଳ ବିଳମ୍ବ ନକରି ସେ ଟଙ୍କା ଓ ବାକି ଏକ ଲକ୍ଷ ଟଙ୍କା ମୋ ଏଫଡ଼ି ଭାଙ୍ଗି ଦୁଇଦିନ ଭିତରେ କାଗଜପତ୍ର ଯାଞ୍ଚ କରି ଘରଟି କିଣିଦେଲି । ସେଥିପାଇଁ ମୁଁ ଅନେକ ବିରୋଧରେ ସାମ୍ନା ମଧ୍ୟ କଲି । ଏମିତିକି ରେଜିଷ୍ଟ୍ରେସନ୍ ପାଇଁ ମୋ ସହ ଜଣେ ଓଡ଼ିଆ ମଧ୍ୟ ଯାଇନଥିଲେ । ବ୍ରୋକର୍ ଓ ଓକିଲଙ୍କୁ ସାକ୍ଷୀ ରୂପେ ରଖି ଉପସଭାପତି ରୂପେ ଘରଟି ଆସୋସିଏସନ୍ ନାଁରେ ରେଜିଷ୍ଟ୍ରି କଲାବେଳେ ମୋ ଆଖିରୁ ଧାର ଧାର ଲୁହ ବୋହି ଯାଇଥିଲା । ଅବଶ୍ୟ ପରେ ପାଞ୍ଚ ଜଣିଆ କମିଟି ବସି ଅନେକ ଯାଞ୍ଚ ପରେ ମୋ କାମର ପ୍ରଶଂସା କରି, ମୋ ପଇସା ଫେରସ୍ତ କରିଥିଲେ । ପରେ ଘରଟି ରିମଡେଲିଂ କରି ଚେୟାର୍ ଟେବୁଲ୍ ପକେଇଲି । କିଛି ଓଡ଼ିଆ ପତ୍ରିକା ରଖି ଛୋଟ ଲାଇବ୍ରେରୀ କଲି । ଓଡ଼ିଆ ଶ୍ରମିକଙ୍କୁ ସେଇ ଘରେ ବହିପତ୍ର କିଣି ଇଂରାଜୀ ପଢ଼େଇଲି । ତଦ୍ୱାରା କମ୍ପାନୀମାନଙ୍କରେ ସହଜରେ ସେମାନେ କାମ ପାଇ ପାରିବେ ଓ ତାଙ୍କୁ କେହି ଠକି ପାରିବେନି । ବହୁତ ଓଡ଼ିଆଙ୍କୁ ଓଡ଼ିଶାରୁ ନେଇ ମୁଁ ବରୋଦାରେ କାମରେ ଲଗେଇଛି । ନିଜର ଅଏଲ୍, ରେଲ୍‌ୱେ, ବ୍ୟାଙ୍କ୍, ସେନା, ଏମ୍‌ଏସ୍ ୟୁନିଭର୍ସିଟି ଆଦି ବିଭିନ୍ନ ସଂସ୍ଥାରେ ଖୁବ୍ ଉଚ୍ଚ ପଦପଦବୀରେ ଓଡ଼ିଆମାନେ ଅଧିଷ୍ଠିତ ଏଠି । ଅନେକେ ନିଜ ନିଜର କମ୍ପାନୀ ଖୋଲି ଖୁବ୍ ପ୍ରତିଷ୍ଠିତ ମଧ୍ୟ ।

ବରୋଦାର ଗାଇକ୍‌ୱାର୍ଡ଼ ରାଜାଙ୍କର କନ୍ୟା ଓଡ଼ିଶାର କେନ୍ଦ୍ରାପଡ଼ା ଆଳି ରାଜାଙ୍କର ରାଣୀ । ତେଣୁ ଲକ୍ଷ୍ମୀବିଳାଶ ପ୍ୟାଲେସ୍‌ର ରାଜବାଟୀ ପରିସରରେ ଜଗନ୍ନାଥ ମନ୍ଦିରଟିଏ ମଧ୍ୟ ଅଛି । ଓଡ଼ିଆ ପୁରୋହିତଙ୍କ ଦ୍ୱାରା ବିଧିବଦ୍ଧ ଭାବରେ ପୂଜା ପାଉଛନ୍ତି ଆମର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ । ପୂର୍ବରୁ ଏହା ଓଡ଼ିଆମାନଙ୍କର ପେଣ୍ଠସ୍ଥଳୀ ଥିଲା । ରଥଯାତ୍ରା ସହ ଜଗନ୍ନାଥଙ୍କର ଅନ୍ୟ ପର୍ବପର୍ବାଣି ମଧ୍ୟ ପାଳିତ ହୁଏ ଏଠି । ଓଡ଼ିଆ ଶିଳ୍ପୀ ପ୍ରଫୁଲ୍ଲ କୁମାର ମହାରଣାଙ୍କ ଦ୍ୱାରା ସୁନ୍ଦର କାରୁକାର୍ଯ୍ୟରେ ପରିପୂର୍ଣ୍ଣ ମନ୍ଦିରଟି ନିର୍ମିତ ହୋଇଥିଲା । ରାଜବାଟିରେ ରୋଷେଇଆ ଠାରୁ ନେଇ ଅନେକ ଓଡ଼ିଆ କର୍ମଚାରୀ କାର୍ଯ୍ୟରତ । ଇସ୍କନ୍ ମନ୍ଦିରରେ ମଧ୍ୟ ଜଗନ୍ନାଥଙ୍କ ଭବ୍ୟ ମୂର୍ତ୍ତି ସ୍ଥାପିତ ଓ ପୂଜିତ । ରଥଯାତ୍ରା ସମୟରେ ଇସ୍କନ୍ ଦ୍ୱାରା ରିମୋଟ୍‌ରେ ପରିଚାଳିତ ରଥରେ ବସି ତିନି ଠାକୁର ପୁରା ସହରସାରା ପରିଭ୍ରମଣ କରନ୍ତି ଓ ବରୋଦାବାସୀଙ୍କୁ ଦର୍ଶନ ଦିଅନ୍ତି । ଗୁଜରାଟି ଓ ଓଡ଼ିଆ ଉଭୟ ଶାନ୍ତିପ୍ରିୟ, କଳା ଏବଂ ସଂସ୍କୃତିପ୍ରେମୀ । ତେଣୁ ଉଭୟ ରାଜ୍ୟର ଲୋକଙ୍କ ଭିତରେ ଭାବର ଆଦାନପ୍ରଦାନ ଓ ଘନିଷ୍ଠତା ମଧ୍ୟ ଖୁବ୍ ବେଶୀ । ଗୁଜରାଟି ମାନେ ଜଗନ୍ନାଥ ପ୍ରିୟ । ଜଗନ୍ନାଥ ଦେଶର ଲୋକ ବୋଲି ଆମର ସମ୍ମାନ ଖୁବ୍ ବେଶୀ ଏଠି । ତେଣୁ ଯେ ଥରେ ବରୋଦା ଆସେ ସେ ଛାଡ଼ିକି ଯିବାକୁ ଚାହେଁନି । ଅନେକ ଓଡ଼ିଆ ଏଠି ସ୍ଥାୟୀ ଭାବେ ରହି ଆସୁଛନ୍ତି ।

ପିଢ଼ି ପରେ ପିଢ଼ି ଆମେ କେତେବର୍ଷ ଏଠି ରହିଲେ ମଧ୍ୟ ଇଚ୍ଛା ବା ଅନିଚ୍ଛାରେ ଆମର ପରିଚୟ ଓଡ଼ିଆ ହେଇ ରହିବ । ଅନ୍ୟର ସଂସ୍କୃତିକୁ ଆହରଣ କରିବା ସହ ଆମ ସଂସ୍କୃତିକୁ ଜୀବନ୍ତ ରଖି ପର ପିଢ଼ିକୁ ଉତ୍ତରାଧିକାରୀ ସୂତ୍ରରେ ପ୍ରଦାନ କରିଯିବା ଆମର କର୍ତ୍ତବ୍ୟ । ଓଡ଼ିଶା ଠାରୁ ଦୂରରେ ରହୁଥିବାରୁ ଏଠି ଜନ୍ମିତ ବା ପାଳିତ ପିଲାମାନେ ଆମ ସଂସ୍କୃତିକୁ ଠିକ୍ ରୂପେ ଆହରଣ କରି ନପାରିବା ସ୍ୱାଭାବିକ କଥା । ତେଣୁ ସେଇ ଖାଇକୁ ପୂର୍ଣ୍ଣ କରିବା ଆମର ଦାୟିତ୍ୱ । ତତ୍‌ସହ ଆମ ସଂସ୍କୃତିର ପ୍ରଚାର ପ୍ରସାର କରି ଓଡ଼ିଶାର ଗୌରବମୟ ଇତିହାସ, ଜଗନ୍ନାଥ ସଂସ୍କୃତି, ପରମ୍ପରା ଅଣ-ଓଡ଼ିଆଙ୍କ ଲୋକଲୋଚନକୁ ଆଣିବା ମଧ୍ୟ ଆମର ଆଭିମୁଖ୍ୟ । ଏଥିପ୍ରତି ଓଡ଼ିଆ ଆସୋସିଏସନ୍ ଯତ୍ନଶୀଳ ।

୧୯୮୦ ମସିହାରେ ପ୍ରଥମ ସୂର୍ଯ୍ୟ କିରଣ ଦେଖିଥିବା ବରୋଦାର ଓଡ଼ିଆ ଆସୋସିଏସନ୍ ଧୀରେ ଧୀରେ ଦୁଇ ପତ୍ରରୁ ଚାରିପତ୍ର ମେଲେଇ କିଶଳୟରେ ପରିଣତ ହେଲାଣି । ଅନେକ ପୁରୁଣା ଚେହେରା ଛାଡ଼ି ଗଲେଣି କର୍ମସଂସ୍ଥାନର ପୁନର୍ବସତି ଯୋଗୁ । କିନ୍ତୁ ଆସୋସିଏସନ୍ ବଢ଼ି ଚାଲିଛି ଆଗକୁ ଆଗକୁ । ପ୍ରତିବର୍ଷ ଯଥାବିଧି ପାଳିତ ହେଉଥିବା ଉତ୍କଳ ଦିବସରୁ ଏବେ ସରସ୍ୱତୀ ପୂଜା, ଗଣେଶ ପୂଜା, ରଜ, ପିକ୍‌ନିକ୍ ଆଦି ଯୋଡ଼ି ହେଇଗଲାଣି ତାର ବର୍ଷିକିଆ କ୍ୟାଲେଣ୍ଡର୍‌ରେ । ତତ୍‌ସହ କୁମାର ପୂର୍ଣ୍ଣିମା, ହୋଲି, ସାବିତ୍ରୀ,

ବ୍ୟବସ୍ଥା ନହେଲା ପର୍ଯ୍ୟନ୍ତ ସେମାନେ ସେଇ ଘରେ ରହୁଥିଲେ । ଉତ୍କଳ ଦିବସରେ ଓଡ଼ିଶାରୁ ଆସୁଥିବା କଳାକାରମାନେ ମଧ୍ୟ ସେଇ ଘରେ ରହୁଥିଲେ ଓ ଓଡ଼ିଆ ସମାଜର ପ୍ରୋଗ୍ରାମ ପରେ ଓଏନ୍‌ଜିସି ଆଦି ବିଭିନ୍ନ ସଂସ୍ଥାରେ ନିଜର କଳାର ପ୍ରଦର୍ଶନ କରି ଅଧିକା ଦି' ପଇସା ରୋଜଗାର କରି ଖୁସି ମନରେ ଓଡ଼ିଶା ଫେରୁଥିଲେ । ଏସବୁର ସଂଯୋଜନା ମୁଁ କରୁଥିଲି । ସେ ସମୟରେ ମ୍ୟୁନିସିପାଲିଟି କମିଶନର୍ ଶ୍ରୀଯୁକ୍ତ ରବିନାରାୟଣ ଦାସ ମଧ୍ୟ ପ୍ରୋଗ୍ରାମ ପାଇଁ ସଭା ଗୃହ ଆଦି ଦେବାରେ ଅନେକ ସାହାଯ୍ୟ କରୁଥିଲେ । ମୋ ମତରେ, କହିବ ତ ସାହେବ ଭଳି ଇଂରାଜୀ କୁହ ନାଇଁ ତ ସେ ପଖାଳଖିଆ ଇଂରାଜି ଠୁ ଭଲ ଓଡ଼ିଆରେ କୁହ । ତେଣୁ ମୋ ସମୟ ଠୁ ପ୍ରାୟ ଉତ୍କଳ ଦିବସ ଭାଷଣରେ ବକ୍ତାମାନେ ଓଡ଼ିଆରେ କହିବା ଆରମ୍ଭ କରିଥିଲେ । ମୋ ପ୍ରଚେଷ୍ଟାରେ ପ୍ରତିଦିନ 'ସମାଜ' ଅଫିସ୍‌ରୁ ଖବରକାଗଜ ମାଗଣାରେ ଆସୁଥିଲା । ତଦ୍ୱାରା ନବେ ଦଶକରେ ମଧ୍ୟ ଟିଭି ଇଣ୍ଟରନେଟ୍ ନ ଥାଇ ଆମେ ଓଡ଼ିଶା ଖବର ଜାଣି ପାରୁଥିଲୁ । ଓଡ଼ିଆ ସମାଜ ପାଇଁ ଅନେକ କାମ କରିଛି । ଆଜି ବୟସର ସାୟାହ୍ନରେ ପଛକୁ ଚାହିଁଲେ ମୋର ଅନେକ ଭଲ କାମ ଭିତରେ ଓଡ଼ିଆ ଆସୋସିଏସନ୍ ପାଇଁ ଘରଟି ନିଜ ଦମ୍ଭରେ କିଣିବା ଖୁବ୍ ଆତ୍ମସନ୍ତୋଷ ଦିଏ । ଆଜି ବାଲେଶ୍ୱରରେ ବସି ଯେବେ ଶୁଣେ ସେଇ ଖୋଲା ଜାଗାରେ ସରସ୍ୱତୀ ପୂଜା, ଗଣେଶ ପୂଜା ଖୁବ୍ ଧୂମ୍‌ଧାମ୍‌ରେ ହେଉଛି, ଖୁବ୍ ଖୁସି ଲାଗେ । 'ଉତ୍କଳିକା ଓଡ଼ିଶା ସେବା ଟ୍ରଷ୍ଟ' ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟରେ ମନୋନିବେଶ କରି ଉତ୍ତରୋତ୍ତର ଉନ୍ନତି କରୁ, ଏତିକି କାମନା । ଜୟ ଜଗନ୍ନାଥ ।

**ଚିତ୍ତରଞ୍ଜନ ପାତ୍ର**


ଚିଫ୍ ଇଂଜିନିୟର (ରିଟାୟାର୍ଡ଼) ଓଏନ୍‌ଜିସି, ବାଲେଶ୍ୱର, ଫୋନ:୯୪୩୭୪୬୮୫୨୭

ଗୁଜରାଟର ପ୍ରସିଦ୍ଧ ସଂସ୍କାର ନଗରୀ ବରୋଦାରେ, 'ଉତ୍କଳିକା ଓଡ଼ିଶା ଆସୋସିଏସନ' ଗଠନ ହେବାର ୪୦ ବର୍ଷ ବିତିଗଲାଣି । ଏହା ଭିତରେ 'ଉତ୍କଳିକା ଓଡ଼ିଶା ସେବା ଟ୍ରଷ୍ଟ' ଭାବେ ଏହାର ପୁନଃ ନାମକରଣ ମଧ୍ୟ ହେଇ ସାରିଲାଣି । ଆଜି ନିଜର ଅନୁଭୂତି ଲେଖିବା ସମୟରେ ଆସୋସିଏସନ୍‌ର ଅୟମାରମ୍ଭ ଦିନର କଷ୍ଟସାଧ୍ୟ ଅଥଚ ସୁଖଦ ଦିନମାନ ମନେପଡ଼ିଲେ ମନ ସ୍ୱତଃ ଆନନ୍ଦିତ ହୋଇଉଠେ । ସେ ସମୟରେ ନା ଫୋନ୍ ଥିଲା ନା ଇଣ୍ଟରନେଟ୍‌ର ସୁବିଧା । ଖୁବ୍ କମ୍ ଲୋକଙ୍କ ଘରେ ଲ୍ୟାଣ୍ଡ୍‌ଲାଇନ୍ ଥିଲା । ତେଣୁ ଯୋଗାଯୋଗର ଏକମାତ୍ର ସାଧନ ପୋଷ୍ଟ୍ କାର୍ଡ଼ ଦ୍ୱାରା ଚିଠି ବା ପରସ୍ପର ସାକ୍ଷାତ ଯୋଗେ ସମ୍ପର୍କ ରଖି ଆସୋସିଏସନ୍ କାମକୁ ଆଗକୁ ବଢ଼ାଉଥିଲୁ । ଅଫିସ୍ ପରେ ସାଇକେଲ୍ ଧରି ଘର ଘର ବୁଲି ସମ୍ପର୍କ ସାଧନ କରୁଥିଲୁ । ଏହିପରି ସ୍ୱଳ୍ପ ସୁବିଧାକୁ ବ୍ୟବହାର କରି ଆସୋସିଏସନ୍ ଓଡ଼ିଆ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ସଙ୍ଗୀତ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତିକୁ ଗୁଜରାଟି ଲୋକଙ୍କ ପାଖରେ ପହଞ୍ଚେଇ ପାରିଥିଲା । ପ୍ରାରମ୍ଭରେ କେବଳ ପଚାଶ ଜଣ ସଦସ୍ୟଙ୍କୁ ନେଇ ଏହି ଆସୋସିଏସନ ଗଠନ କରା ଯାଇଥିଲା । ସ୍ୱଳ୍ପ ସଂଖ୍ୟାରେ ହେଲେ ମଧ୍ୟ ସଦସ୍ୟମାନଙ୍କର ଆନ୍ତରିକ ଉତ୍ସାହ, ଉଦ୍‌ଯୋଗ ଏବଂ ଓଡ଼ିଶା ସରକାରଙ୍କର ସାଂସ୍କୃତିକ ବିଭାଗର ସହଯୋଗ ଉଲ୍ଲେଖନୀୟ । ଏବେ ସଦସ୍ୟଙ୍କର ସଂଖ୍ୟା ବୃଦ୍ଧି ହେଇ ପ୍ରାୟ ୪୦୦ ଏବଂ ସେମାନଙ୍କ ପରିବାରର ସଦସ୍ୟଙ୍କୁ ମିଶାଇଲେ ପ୍ରାୟ ୧୫୦୦ ଉପରେ । ସେବା ଟ୍ରଷ୍ଟର ୱେବ୍‌ସାଇଟ୍‌କୁ ଅପ୍‌ଟୁଡେଟ୍ କରିବା, ସଦସ୍ୟମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା, ଆର୍ଥିକ, ମାନସିକ, ଶାରୀରିକ ସ୍ତରରେ ଦୁର୍ବଳ ଲୋକଙ୍କୁ ସାହାଯ୍ୟ କରିବା ଓ ସ୍କୁଲ, କଲେଜ ଡ୍ରପ୍‌ଆଉଟ୍ ପିଲାମାନଙ୍କୁ ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ୍ ଦ୍ୱାରା ଆତ୍ମନିର୍ଭରଶୀଳ କରିବା ସହ ଏକାକୀତ୍ୱ ଆଡ଼କୁ ଯାଉଥିବା ନିଃସଙ୍ଗ ମଣିଷଙ୍କୁ ଏକତ୍ରୀକୃତ ଜୀବନ ଆଡ଼କୁ ଆକର୍ଷିତ କରିବାରେ 'ଉତ୍କଳିକା ଓଡ଼ିଶା ସେବା ଟ୍ରଷ୍ଟ' ଆକ୍ସନ ପ୍ଲାନ ପ୍ରସ୍ତୁତ କରି ଭବିଷ୍ୟତରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ଆଶା କରି ଏହାର ଉତ୍ତୋରତ୍ତର ଉନ୍ନତି କାମନା କରୁଛି । ବନ୍ଦେ ଉତ୍କଳ ଜନନୀ ।



**ପ୍ରଫେସର ଦିଲ୍ଲୀପ କୁମାର ବଶା**

ଅବସରପ୍ରାପ୍ତ ପ୍ରଫେସର ଏବଂ ଏଚ୍.ଓ.ଡି,
ମେଟାଲୋଜିକାଲ୍ ଇଞ୍ଜିନିୟରିଂ, ଏମ୍‌ଏସ୍ ୟୁନିଭର୍ସିଟି, ବରୋଦା, ଗୁଜରାଟ,
ଫୋନ : ୮୧୬୦୭୬୮୪୩



ଦଶହରା, ବୋଇତ ବନ୍ଦାଣ ମଧ୍ୟ ପାଳନ କରାଯାଉଛି ଏଠିକାର ଓଡ଼ିଆ ଲୋକଙ୍କ ଦ୍ୱାରା । ତଦ୍ୱାରା ଏ ବିଦେଶ ମାଟିରେ ଆମେ ଆମ ସଂସ୍କୃତିକୁ ବଞ୍ଚେଇ ରଖିବା ସହ ଆମ ପିଲାମାନଙ୍କୁ ଏ ସମ୍ପର୍କରେ ଅବଗତ ମଧ୍ୟ କରେଇ ପାରୁଛୁ ।

ଉତ୍କଳଦିବସ, ରଜପର୍ବ ସମୟରେ କେବେ କେବେ ଏଠିକାର ସ୍ଥାନୀୟ କଳାକାର , କେବେ ସଦସ୍ୟମାନଙ୍କ ଦ୍ୱାରା ତ କେବେ ଓଡ଼ିଶାର ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୁଏ । ଏଥିରେ ପ୍ରତିବର୍ଷ ଓଡ଼ିଶା ଏବଂ ଗୁଜରାଟ ସରକାରଙ୍କ ମନ୍ତ୍ରୀ, ପଦସ୍ଥ କର୍ମଚାରୀ, ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ଅନେକ ପ୍ରଶାସନିକ ଅଧିକାରୀ ଯୋଗ ଦିଅନ୍ତି ।

ଗତବର୍ଷ ରଜରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରଜ ଦୋଳି ଝୁଲଣ ଓ ପୋଡ଼ପିଠା ପ୍ରତିଯୋଗିତା ଏକ ଅଭିନବ ପ୍ରୟାସ ଥିଲା । କେବେ ପୋଡ଼ପିଠା ଖାଇ ନଥିବା ପିଲାମାନେ ଏମିତିକି କେତେକ ବଡ଼ଲୋକ ମଧ୍ୟ ସେଦିନ ପ୍ରଥମଥର ପାଇଁ ପୋଡ଼ପିଠାର ସ୍ୱାଦ ଆସ୍ୱାଦନ କରିଥିଲେ । ପିକ୍‌ନିକ୍ ହେଉ କି ରଜ, ଦଶହରା, ଉତ୍କଳଦିବସ, ଗଣେଶପୂଜା ବା ସରସ୍ୱତୀପୂଜା, ଓଡ଼ିଆ ରୋଷେୟାଙ୍କ ଦ୍ୱାରା ପାରମ୍ପରିକ ଓଡ଼ିଆ ରାନ୍ଧଣା ଭିତରେ ଆସ୍ୱାଦନ କରନ୍ତି ସମସ୍ତେ ମା' ହାତ ରନ୍ଧାକୁ । ଗଣେଶ ପୂଜା, ସରସ୍ୱତୀ ପୂଜାରେ ମହକିଯାଏ ବ୍ରାହ୍ମଣଙ୍କ ଦି'ପଦ ଶ୍ଳୋକରେ । ଭୋଗ ଠୋଲାଟେ ଧରିଲେ ଲାଗେ ସତେକି ଆମେ ସେଇ ୟୁନିଫର୍ମ ପିନ୍ଧା ସ୍କୁଲ୍ ପିଲା ପାଳୁଛୁ ପୂଜା, ସ୍କୁଲ୍ ପଡ଼ିଆରେ । ଅଫିସ୍ ଫାଇଲ୍ ବୋଝରେ ତାଲା ପଡ଼ିଥିବା ମନ ହଠାତ୍ ପାଲଟିଯାଏ ଷୋଳବର୍ଷର କିଶୋର ଓଡ଼ିଆ ପିକ୍‌ନିକ୍‌ରେ । ଉତ୍କଳ ଦିବସରେ ଭାଷଣ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ମନେପକାଉ ଆମ ପୂର୍ବସୂରୀମାନଙ୍କର କଷ୍ଟସାଧ୍ୟ ପ୍ରଚେଷ୍ଟାକୁ । ଯେଉଁମାନଙ୍କ ପାଇଁ ଆମେ ଓଡ଼ିଆ ହେବାର ଗୌରବ ପ୍ରାପ୍ତ କରିଛୁ, ଧନ୍ୟବାଦ

ଅର୍ପଣ କରୁ ମନେମନେ । ବୋଇତ ବନ୍ଦାଣ ସମୟରେ ମନେପଡ଼େ କଟକର ବାଲିଯାତ୍ରା । ରଜରେ ଗାଁଦୋଳି, ବୋଉ ହାତ ପୋଡ଼ପିଠା, କୁମାର ପୂର୍ଣ୍ଣିମାରେ ଚଉରାମୂଳେ ଚାନ୍ଦପୂଜା, ଗାଁଦାଣ୍ଡରେ କବାଡ଼ି, ବୋହୂଚୋରି ଖେଳ, ଦୁର୍ଗାପୂଜାରେ କଟକର ମେଢ଼ବୁଲା, ଭସାଣିଭିଡ଼ ଆଦିକୁ ଉଜ୍ଜୀବିତ କରିରଖିଛୁ ଆମେ ଓଡ଼ିଶାରୁ ଦେଢ଼ ହଜାର ମାଇଲ୍ ଦୂରରେ ଥାଇ ମଧ୍ୟ । ସେଇ ଦିନଗୁଡ଼ିକ ମିଳିତ ଭାବରେ ପାଳନ ଯୋଗୁଁ କିଛି ସମୟ ପାଇଁ ଭୁଲି ହେଇଯାଏ ଆତ୍ମୀୟସ୍ୱଜନ ଆଉ ଅତୀତ ସ୍ମୃତିକୁ ।




ଏସବୁ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦନ କରି ବରୋଦାର 'ଉତ୍କଳିକା ଓଡ଼ିଶା ସେବା ଟ୍ରଷ୍ଟ' ଯେ କେବଳ ବିଦେଶ ମାଟିରେ ଓଡ଼ିଶା ଐତିହ୍ୟ ସଂସ୍କୃତିକୁ ବଜାୟ ରଖିଛି ତାହା ନୁହେଁ, ତା' ସହ ବିଭିନ୍ନ ସମୟରେ ରକ୍ତଦାନ ଶିବିର, ଗରିବ ଲୋକଙ୍କୁ ଖାଦ୍ୟ, କମ୍ବଳ ବଣ୍ଟନ, ଅସହାୟ ଗରିବ ପିଲାଙ୍କୁ ଶିକ୍ଷାଦାନ ପାଇଁ ଆର୍ଥିକ ସାହାଯ୍ୟ, ସ୍ୱଚ୍ଛ ଭାରତ ମିଶନ ଦ୍ୱାରା ସଫାଇ କାର୍ଯ୍ୟ ଆଦି କରି ନିଜ ସାମାଜିକ ଦାୟିତ୍ୱ ମଧ୍ୟ ସମ୍ପାଦନ କରିଛି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ, ସେ ୧୯୯୯ ମହାବାତ୍ୟା ହେଉ କି ନିକଟ ଅତୀତରେ ଓଡ଼ିଶାକୁ ଧ୍ୱସ୍ତବିଧ୍ୱସ୍ତ କରିଥିବା 'ଫନି' ତୋଫାନ ହେଉ, ଓଡ଼ିଶାବାସୀ ଓ ଓଡ଼ିଶା ସରକାରଙ୍କୁ ସହଯୋଗର ହାତ ବଢ଼ାଇଛି ଏହି ଆସୋସିଏସନ୍ । ତତ୍‌ସହ ଏଠିକାର ପ୍ରାକୃତିକ ଦୁର୍ବିପାକ ସମୟରେ ବି ଅଣ୍ଟାଭିଡ଼ି ଠିଆ ହୋଇଛି ।

କରୋନା ମହାମାରୀର ଲକ୍‌ଡାଉନ୍ ସମୟରେ ବରୋଦା ସମେତ ଆଖପାଖ ଜିଲ୍ଲାରେ ଅସଂଗଠିତ କ୍ଷେତ୍ରରେ, ଛୋଟ ଛୋଟ କମ୍ପାନୀରେ କାମ କରୁଥିବା ଅନେକ ଓଡ଼ିଆ ଶ୍ରମିକ ଓଡ଼ିଶା ଫେରି ନପାରି ମାନସିକ ଓ ଆର୍ଥିକ ଅଶାନ୍ତି ଦେଇ ଗତି କରୁଥିଲେ । ଠିକାଦାର ପଇସା ଓ କାମ ଦେବା ବନ୍ଦ କରିଦେଇଥିଲା । ଘରକୁ ଫେରିବାକୁ ଚାହିଁଲେ ମଧ୍ୟ ପ୍ରଥମେ ଲକ୍‌ଡାଉନ୍ ଓ ପରେ ସରକାରଙ୍କର ଗାଇଡ୍‌ଲାଇନ୍ ଅନୁସରଣ କରି ରେଜିଷ୍ଟ୍ରେସନ୍ ଆଦି କରିବାକୁ ତନ୍ମଧ୍ୟରୁ ଅଧିକାଂଶ ଲୋକ ଅନଭିଜ୍ଞ ଥିଲେ । ସେହି ସମୟରେ ଓଡ଼ିଆ ଆସୋସିଏସନ୍‌ର ସଦସ୍ୟମାନେ ଦେବଦୂତ ଭଳି କାମ କରିଥିଲେ । ଗୁଜରାଟର ଆମୋଦ, ଆନନ୍ଦ, ଅଙ୍କଲେଶ୍ୱର, ଭରୁଚ ଆଦି ପନ୍ଦରଟି ଦୂରଦୂରାନ୍ତ ସ୍ଥାନରୁ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଏକାଠି କରି ସେଠିକାର ସ୍ଥାନୀୟ ନେତା ଓ ତହସିଲଦାରଙ୍କ ସହ କଥାବାର୍ତ୍ତା କରି ସେମାନଙ୍କର ମେଡ଼ିକାଲ୍ ଟେଷ୍ଟ୍ ଓ ରେଜିଷ୍ଟ୍ରେସନ୍ ଆଦି କରାଇଥିଲେ । ଅତ୍ୟନ୍ତ ଖରାପ ପରିସ୍ଥିତିରେ ଥିବା ଲୋକମାନଙ୍କର ଖାଇବା ପିଇବାର ବ୍ୟବସ୍ଥା ମଧ୍ୟ କରିଥିଲେ ମାସାଧିକ କାଳ । ଉଭୟ ରାଜ୍ୟର ସରକାର, ବରୋଦା କଲେକ୍ଟର, ଗୁଜୁରାଟ ଷ୍ଟେଟ୍ ଟ୍ରାନ୍ସପୋର୍ଟ, ରେଲ୍‌ୱେ ପୋଲିସ୍ ଆଦିଙ୍କ ସହ ସମନ୍ୱୟ ସ୍ଥାପନ କରି ଶେଷରେ ୧୩୦୫ ଜଣ ଓଡ଼ିଆ ଶ୍ରମିକଙ୍କୁ ଟ୍ରେନ୍ ଯୋଗେ ମଇ ୨୭ ତାରିଖରେ ଓଡ଼ିଶା ପଠାଇଥିଲେ । ଏଥିରେ ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାର ଲୋକ ଥିଲେ ଓ ଶେଷ ଷ୍ଟପେଜ୍ ବାଲେଶ୍ୱର ଥିଲା । ଏହା ଆସୋସିଏସନ୍‌ର ଏକ ଅବିସ୍ମରଣୀୟ କୃତି । ଆସୋସିଏସନ୍ ନଥିଲେ ବିପତ୍ତି ସମୟରେ ଏଭଳି ଏକ ମହତ କାର୍ଯ୍ୟ ଯେ ସମ୍ଭବ ହୋଇନଥାନ୍ତା, ତାହା ସମସ୍ତେ ସ୍ୱୀକାର କରିବେ ।

ଭାଷାସାହିତ୍ୟର ଉତ୍ତରୋତ୍ତର ଉନ୍ନତି ପାଇଁ 'ଉତ୍କଳିକା' ନାମରେ ଏକ ସାହିତ୍ୟଭିତ୍ତିକ ଓଡ଼ିଆ ପତ୍ରିକା ଆସୋସିଏସନ୍ ତରଫରୁ ପ୍ରତିବର୍ଷ ପ୍ରକାଶିତ ହେଉଛି ନିରବଚ୍ଛିନ୍ନ ଭାବେ ୧୯୮୮ ମସିହାରୁ । ତଦ୍ୱାରା ଏଠିଥିବା ଓଡ଼ିଆବାସୀ ଓଡ଼ିଆରେ ଲେଖିବାକୁ ଚେଷ୍ଟା କରି ନିଜ ସୃଜନଶୀଳତାକୁ ଉଜ୍ଜୀବିତ କରି ରଖିଛନ୍ତି । ସଂକଳନରେ ପ୍ରତ୍ୟେକ ସଦସ୍ୟଙ୍କର ନାମ, ଟେଲିଫୋନ୍ ନମ୍ବର ସହ ଏମର୍‌ଜେନ୍ସି ନମ୍ବର ଆଦି ଥିବା ଯୋଗୁଁ ଏହା ଏଠିକାର ଲୋକଙ୍କ ପାଇଁ ଏକ ମିନି ଡାଇରେକ୍‌ଟୋରି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଠି ବ୍ୟବସାୟ କରୁଥିବା ଓଡ଼ିଆ ଏବଂ ଅଣଓଡ଼ିଆମାନେ ପତ୍ରିକା ମାଧ୍ୟମରେ ବିଜ୍ଞାପନ ଦେଇ ନିଜ ବ୍ୟବସାୟର ପ୍ରଚାର ପ୍ରସାର କରୁଛନ୍ତି ।



ଏତିକିରେ ଆସୋସିଏସନ୍‌ର ସଦସ୍ୟମାନେ ଅଟକି ଯାଇ ନାହାଁନ୍ତି । ବରୋଦାରେ ନିଜର ଜଗନ୍ନାଥ ମନ୍ଦିର ନିର୍ମାଣ କରି ଜଗନ୍ନାଥ ସଂସ୍କୃତିକୁ ଆଗକୁ ବଢ଼ାଇବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି । ଏଥିସହ ଆହୁରି ଅଧିକ ସାମାଜିକ କାମ କରିବାର ଲକ୍ଷ୍ୟ ମଧ୍ୟ ଧାର୍ଯ୍ୟ କରିଛନ୍ତି । ଓଡ଼ିଶା ଏବଂ ଗୁଜରାଟର ବିପଦ ସମୟରେ ସହଯୋଗର ହାତ ବଢ଼ାଇବାକୁ ସଦା ତତ୍ପର ।


ଏ ଆଲେଖ୍ୟଟି ପ୍ରସ୍ତୁତ କରିବାରେ ପ୍ରଫେସର୍ ଦିଲ୍ଲୀପ କୁମାର ବଶା, ଡଃ ପ୍ରଭାତ କୁମାର ସାହୁ, ଶ୍ରୀଯୁକ୍ତ ଚିତ୍ତରଞ୍ଜନ ପାତ୍ରଙ୍କର ସହର୍ଷ ସାହାଯ୍ୟ ସହଯୋଗକୁ ନମନ କରୁଛି । ଏ ଆସୋସିଏସନ୍‌କୁ ଗଢ଼ିବାରେ ଆର୍ଥିକ, ମାନସିକ, ଶାରୀରିକ ସାହାଯ୍ୟ ସହଯୋଗ କରିଥିବା ସମସ୍ତ ସଦସ୍ୟ ଏବଂ ବଦାନ୍ୟ ବ୍ୟକ୍ତିଙ୍କର ନାମ ଉଲ୍ଲେଖ କରିବା ସମ୍ଭବପର ନୁହେଁ । ତେଣୁ ସାମଗ୍ରିକ ଭାବେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

# ମହକିତ ମୋଗଲ



# ଭଦ୍ରକର ଲୋକକଳା

# ମୋଗଲତାମସା





ଓଡିଶାରେ ଥିବା ଲୋକକଳା ମଧ୍ୟରୁ ଭଦ୍ରକର ଲୋକକଳା ଭାବେ ‘ମୋଗଲତାମସା’ ଅନ୍ୟତମ । ମୁଁ ଜୀବନରେ ଅନେକ ଲୋକକଳା ଦେଖିଥିଲେ ମଧ୍ୟ ମୋଗଲତାମସା ଦେଖିବାର ସୁଯୋଗ ଘଟିନଥିଲା । ଏବେ କିଛିବର୍ଷ ହେଲା ଓଡିଶାର ବିଭିନ୍ନ ପର୍ବପର୍ବାଣି, ମେଳା ଓ ଯାନିଯାତ୍ରାରେ ସଂସ୍କୃତି ବିଭାଗ ତରଫରୁ ଓଡିଶାରେ ଥିବା, ବିଶେଷ କରି ଭଦ୍ରକ ଜିଲ୍ଲାର ୪ଟି ଅନୁଷ୍ଠାନ ବିଭିନ୍ନ ସ୍ଥାନରେ ମୋଗଲ ତାମସା ପରିବେଷଣ କରିଥାନ୍ତି । କିଛିଦିନ ପୂର୍ବେ ବ୍ୟାସନଗର ପୌରାଞ୍ଚଳର ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ମେଳା ଓ ବ୍ୟାସ ମହୋତ୍ସବରେ ମୋଗଲ ତାମସା ଦେଖିବାର ସୁଯୋଗ ପାଇଲି । ଏହାକୁ ଦେଖିଲା ପରେ ଉପନୀତ ହେଲି ଆମ ଭାଗବତରେ ଥିବା ‘ଯେ ପାଞ୍ଚେ ପର ମନ୍ଦ ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ’ କେତେ ସତ୍ୟ । ସର୍ବୋପରି ମୋଗଲ ତାମସା ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସୂଚାଇ ଦିଏ ଆମେ ଭାରତୀୟ । ଏହି କଥା ଓଡିଶାର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ‘ରେବତୀ’ ପତ୍ରିକାର ନିୟମିତ ଲେଖକ ହିସାବରେ ସହଯୋଗୀ ସଂପାଦକଙ୍କ ସହ ଆଲୋଚନା କରି ତାଙ୍କ ଠାରୁ ସବୁଜ ସଂକେତ ପାଇବା ପରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ତଥ୍ୟ ସଂଗ୍ରହ କରି ଆଲେଖ୍ୟଟିକୁ ଉପସ୍ଥାପନା କରୁଛି ।

**ନାରାୟଣ ରାଉତରାୟ**

ଉପୁଳାଇ, ନଗୁଆଁ, ଯାଜପୁର ରୋଡ୍

ଫୋନ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଲେଖକ





## ସଂକ୍ଷିପ୍ତ ଇତିହାସ

ମୋଗଲ ତାମସା ଏକ ଯାକଜମକପୂର୍ଣ୍ଣ ଲୋକନାଟ୍ୟ ଯେଉଁଥିରେ ମୋଗଲ ଶାସନର ସାମନ୍ତବାଦୀ ଢଙ୍ଗକୁ ତାଚ୍ଛଲ୍ୟ କରାଯାଇଛି । ଆଶ୍ଚର୍ଯ୍ୟଜନକ ଭାବେ ଏହି ବ୍ୟଙ୍ଗାତ୍ମକ ନାଟକ ଭଦ୍ରକ ସହର ଓ ଏହାର ଆଖପାଖ ଗାଁ ମଧ୍ୟରେ ସୀମାବଦ୍ଧ । ପରମ୍ପରାଗତ ଭାବେ ଏହି ନାଟକ ମହା ବିଷୁବ ସଂକ୍ରାନ୍ତି ଭଳି ପବିତ୍ର ଉତ୍ସବରେ ମହାପ୍ରଭୁ ଶିବଙ୍କ ମନ୍ଦିର ପୁରୋଭାଗରେ ମଂଚସ୍ଥ ହୋଇଥାଏ । ଏହି ନାଟକରେ ଉଭୟ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟର ଲୋକେ ଅଂଶ ଗ୍ରହଣ କରିଥାନ୍ତି । ମୋଗଲ ତାମସା ଏକ ବହୁଭାଷୀ ନାଟକ । ଏଥିରେ ପାର୍ସି, ଉର୍ଦ୍ଦୁ, ହିନ୍ଦି, ଓଡିଆ ଓ ବଙ୍ଗଳା ଭାଷାର ସଂଳାପ ତଥା ସଂଗୀତର ଅପୂର୍ବ ସମନ୍ୱୟ ଘଟି ମଂଚସ୍ଥ ବେଳେ ଦର୍ଶକଙ୍କ ମନୋରଂଜନ କରିବା ସଂଗେସଂଗେ ହାସ୍ୟରୋଳ ସୃଷ୍ଟି କରେ । ୧୫୬୮ ମସିହାରେ ତତ୍କାଳୀନ ଉତ୍କଳ ପ୍ରଦେଶ ସ୍ୱାଧୀନତା ହରାଇ ୨୫୦ ବର୍ଷ କାଳ ଆଫ୍‌ଗାନ ଓ ମୁସଲମାନ ମାନଙ୍କ ଶାସନାଧିନ ଥିଲା । ଏହି ସମୟରେ ହିନ୍ଦୁ ମନ୍ଦିରଗୁଡିକୁ ଧ୍ୱଂସ କରାଯାଇ ମସଜିଦ ନିର୍ମାଣ କରାଗଲା । ଷୋଡଶ ଶତାବ୍ଦୀର ଶେଷ ଭାଗରେ ଆକବରଙ୍କ ପ୍ରତିନିଧି ରାଜା ମାନସିଂହ ଆଫଗାନମାନଙ୍କୁ ଯୁଦ୍ଧରେ ପରାସ୍ତ କରିବା ପରେ ସେମାନଙ୍କୁ ବାଲେଶ୍ୱର ଓ ଭଦ୍ରକ ଅଂଚଳରେ ଥଇଥାନ ହେବା ପାଇଁ ଅନୁମତି ଦେଲେ । ଶାସନର ସୁବିଧା ପାଇଁ ସମ୍ରାଟ ଆକବର ଏଠାରେ ମୁସଲମାନ ସଂପ୍ରଦାୟ ଲୋକଙ୍କୁ ବସତି ସ୍ଥାପନ ପାଇଁ ସୁଯୋଗ ଦେଲେ । ୧୫୧୪ ମସିହାରେ ଶ୍ରୀଚୈତନ୍ୟଦେବ ପୁରୀ ଜଗନ୍ନାଥ ଧାମକୁ ପରିଭ୍ରମଣରେ ଗଲାବେଳେ ନଦିଆ ଓ ନବଦ୍ୱୀପର କେତେକ ଶୋଷିତ ଓ ଅତ୍ୟାଚାରିତ ବଙ୍ଗାଳୀ ପରିବାରକୁ ସାଥିରେ ନେଇଥିଲେ । ସେହିମାନେ ପ୍ରାୟତଃ ଉତ୍ତର ଓଡିଶା ତଥା ଭଦ୍ରକ ଅଞ୍ଚଳରେ ଜନବସତି ସ୍ଥାପନ କଲେ । ସେମାନଙ୍କ ମଧ୍ୟରୁ କେତୋଟି ପରିବାର ସାଳନ୍ଦୀ ନଦୀର ପୂର୍ବକୂଳରେ ଥିବା କୁଆଁସ ଗ୍ରାମରେ ସ୍ଥାୟୀ ଭାବେ ବସତି ସ୍ଥାପନ କଲେ । ଏହି ସ୍ଥାନରେ ଶ୍ରୀଚୈତନ୍ୟ କିଛି ସମୟ ପାଇଁ ଅବସ୍ଥାନ କରିଥିଲେ । ୧୭୫୧ ମସିହାରେ ବଙ୍ଗଳାର ଶାସକ ଏହି ଅଞ୍ଚଳକୁ ମରହଟ୍ଟାଙ୍କ ହାତରେ ଟେକିଦେବା ଫଳରେ ଏହା ୧୮୦୩ ମସିହା ପର୍ଯ୍ୟନ୍ତ ମରହଟ୍ଟାଙ୍କ ଶାସନାଧିନ ରହିଲା । ମରହଟ୍ଟାମାନେ ମୂଳତଃ ଶୈବ ଭକ୍ତ ଥିଲେ । ତେଣୁ ସେମାନେ ଅନେକ ଶିବ ମନ୍ଦିର ପ୍ରତିଷ୍ଠା କରିଥିଲେ । ସ୍ଥାନୀୟ ଓଡିଆ ଭାଷା, ଆଫଗାନ ଓ ମୋଗଲ ଶାସକଙ୍କ ଭାଷା ଦ୍ୱାରା ପ୍ରଭାବିତ ହୋଇଥିଲା । ପାର୍ସି, ଉର୍ଦ୍ଦୁ, ହିନ୍ଦି ଓ ବଙ୍ଗଳା ଭାଷା ସହିତ ଏକୀକରଣ ହୋଇଥିଲା । ୧୮ଶ ଶତାବ୍ଦୀରେ ଯେତେବେଳେ ମରହଟ୍ଟାମାନଙ୍କର ଶାସନ ଏହି ଅଞ୍ଚଳରେ ଚାଲିଥିଲା ସେତେବେଳେ ଏହି ଲୋକନାଟ୍ୟ ପ୍ରୋତ୍ସାହନ ପାଇଥିଲା । ଏହି ଶାସନ ଅମଳରେ ହିନ୍ଦୁମାନଙ୍କ ଆଧିପତ୍ୟ ବଜାୟ ରହିଥିଲା ଓ ଏମାନେ ହିନ୍ଦୁ ଦେବାଦେବୀଙ୍କୁ ପୂଜା କରିବା ଓ ମୋଗଲ ଶାସନକୁ ପରିହାସ କରିବାର ସାହସ ପାଇଥିଲେ । ଭଦ୍ରକର ସଙ୍ଗତ ଗ୍ରାମରେ ୧୭୨୮ ମସିହାରେ ସତ୍ୟନାରାୟଣ ଗୋସ୍ୱାମୀ ଓ ସତ୍ୟବତୀଙ୍କ ଔରସରୁ ଜନ୍ମ ଲାଭ କରିଥିବା କବି ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ରଚିତ ୬ଟି ତାମସା ମଧ୍ୟରୁ ମୋଗଲ ତାମସା ଅନ୍ୟତମ ।

## ନାଟକର ବିଷୟବସ୍ତୁ

ମୋଗଲ ସମ୍ରାଟଙ୍କ ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ ମିର୍ଜା ସାହିବ ସାମ୍ରାଜ୍ୟର ରାଜନୈତିକ ଓ ସାମାଜିକ ମୂଳଦୁଆ ପକାଇବା ସଂଗେସଂଗେ ରାଜସ୍ୱ ସଂଗ୍ରହ ପାଇଁ ଦେଶର ବିଭିନ୍ନ ଅଂଚଳ ଗସ୍ତ କଲେ । ସେ ଦକ୍ଷିଣ ଭାରତ ଅଭିମୁଖେ ଗସ୍ତ କଲାବେଳେ ବାଟରେ ମଥୁରା, କାଶୀ, ବନାରସ, ହଜାରୀବାଗ, ମୂର୍ଶିଦାବାଦ, କଲିକତା, ଜଳେଶ୍ୱର, ବାଲେଶ୍ୱର ଦେଇ ଭଦ୍ରକର ଚରମ୍ପା ଠାରେ ପହଞ୍ଚିଲେ । ତାଙ୍କ ସହିତ ଦୁଇ ଜଣ ଚୋପଦାର ଏବଂ କେତେଜଣ ପାରିଷଦ ସହଯାତ୍ରୀ ଥିଲେ । ଏହା ଥିଲା ଏପ୍ରିଲ ଓ ମେ ମାସର ସମୟ । ଏହି ସମୟରେ ଲୋକମାନେ ଭଗବାନ ଶିବଙ୍କ ଘଣ୍ଟ ଯାତ୍ରା ପାଳନ କରୁଥାନ୍ତି । ମିର୍ଜାସାହିବ ତାଙ୍କ ପାରିଷଦଙ୍କ ସହ ଶିବ ମନ୍ଦିର ନିକଟରେ ଅସ୍ଥାୟୀ ଶିବିର ସ୍ଥାପନ କଲେ । ମିର୍ଜାସାହିବଙ୍କ ବିଷୟରେ ଅନେକ କାହାଣୀ ଶୁଣାଯାଏ ଓ ତାହା ମୋଗଲ ତାମସାରେ ସ୍ଥାନିତ ହୋଇଛି । ମୋଗଲ ତାମସା ନାଟକରେ କୌଣସି ନିର୍ଦ୍ଦିଷ୍ଟ କାହାଣୀ ନାହିଁ କିନ୍ତୁ ମିର୍ଜାସାହେବ ମୋଗଲ ତାମସାର ମୁଖ୍ୟ ଚରିତ୍ର । ଏହି ଚରିତ୍ରର କାର୍ଯ୍ୟକଳାପ, ଆଚାର ବ୍ୟବହାର ଦର୍ଶାଇ ଦେବା କବିଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିବା ମନେହୁଏ । ମିର୍ଜାସାହେବଙ୍କ ବିଳାଶବ୍ୟସନ, ଅନ୍ଧ ବୁଝାମଣା, ପାରିଷଦଙ୍କ ଉପରେ ପୂର୍ଣ୍ଣ ନିର୍ଭରଶୀଳତା ଏହି ତାମସାରେ ଚିତ୍ରିତ ହୋଇଛି । ମିର୍ଜାଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଚରିତ୍ର ପାର୍ଶ୍ୱଚରିତ୍ର ଏବଂ ଚରିତ୍ରଗୁଡିକ ଅସମ୍ବନ୍ଧିତ । ନାଟକଟି ମହୁରୀ, ଯୋଡିନାଗରା, ଢୋଲ ଭଳି ବାଦ୍ୟଯନ୍ତ୍ରର ଉଚ୍ଚାଙ୍ଗ ଶବ୍ଦରୁ ଆରମ୍ଭ ହୁଏ । ନିକଟସ୍ଥ ମନ୍ଦିର ଓ ମସ୍‌ଜିଦ୍‌ରୁ ହିନ୍ଦୁ ଓ ମୁସଲମାନ ଭକ୍ତଙ୍କ ବମ୍ ଭୋଳା ଏବଂ ଆଲ୍ଲା ହୋ ଆକବର ପ୍ରାର୍ଥନା ପ୍ରତିଧ୍ୱନିତ ହୋଇ ଉଠେ । ବିଭିନ୍ନ ଚରିତ୍ରଙ୍କ ଦ୍ୱାରା ଉଚ୍ଚାରିତ ସଂଳାପ ସଂଗୀତ ଓ ଅଭିନୀତ ନୃତ୍ୟ

ଦ୍ୱାରା ଦର୍ଶକମାନେ ହାସ୍ୟରସରେ ଆମୋଦିତ ହୋଇଥାନ୍ତି । ସଂଗୀତ ମାଧ୍ୟମରେ ସ୍ଥାନୀୟ ପ୍ରଜାମାନଙ୍କୁ ମୋଗଲ ଶାସକଙ୍କ ବଳିଷ୍ଠ ସାମାଜିକ ଓ ରାଜନୈତିକ ନିୟମକାନୁନ୍ ବିଷୟରେ ଅବଗତ କରାଇବାର ଶୈଳୀ ନାଟକକୁ ଅଧିକ ଚିତ୍ତାକର୍ଷକ କରେ । ମିର୍ଜା ସାହିବ କୌଣସି ସ୍ଥାନରେ ଶିବିର ସ୍ଥାପନା କଲେ ବିଭିନ୍ନ ଲୋକ, ଯଥା: ଫରାସ (ବିଛଣା ପାରିବା ଲୋକ), ଝାଡୁ କୋଷ (ଝାଡୁଦାର), ନାପିତ, ହୁକାବାଲା, ଚଉସ୍ତୀବାଲା (ଜଳ ଯୋଗାଣକାରୀ), ପ୍ରହରୀ, ନୃତ୍ୟସଙ୍ଗୀତ ଓ ମନୋରଞ୍ଜନ କରିବା ପାଇଁ ସୁନ୍ଦରୀ ଯୁବତୀଙ୍କର ସେବା ଆବଶ୍ୟକ ହୋଇଥିଲା । ଏମାନେ ଶିବିରରେ ପହଞ୍ଚି ମିର୍ଜା ସାହିବଙ୍କୁ ନିଜନିଜର ସେବା ପ୍ରଦାନ କରି ବକ୍‌ସିସ୍(ପୁରସ୍କାର) ପାଉଥିଲେ । ଶିବିର ପରିତ୍ୟାଗ କଲାବେଳେ ସେବାକାରୀମାନେ ଶିବଙ୍କ ପ୍ରର୍ଥନା ଗାନ କରିଥାନ୍ତି । ସ୍ଥାନୀୟ ଜମିଦାର ତଥା ସେବା ପ୍ରଦାନକାରୀ ମାନେ ଆବଶ୍ୟକ ଚାଉଳ, ପନିପରିବା, ମାଂସ, ଘିଅ ଇତ୍ୟାଦି ମିର୍ଜାସାହିବ ଶିବିରକୁ ଯୋଗାଇ ଦେଇଥାନ୍ତି । ଫକିର ଓ ଭାଟମାନେ ମୋଗଲ ଶାସନ ଓ ମିର୍ଜାସାହିବଙ୍କ ପ୍ରଶସ୍ତି ଗାନ କରନ୍ତି । ଶେଷରେ ଜଣେ ସୁନ୍ଦରୀ ଗଉଡୁଣୀ କ୍ଷୀର ଓ ଘିଅ ବିକ୍ରି କରିବା ପାଇଁ ଶିବିର ପାଖରେ ପହଞ୍ଚେ । ମିର୍ଜାସାହିବ ସେହି ସୁନ୍ଦରୀ ରମଣୀର ସୌନ୍ଦର୍ଯ୍ୟରେ ବିମୋହିତ ହୋଇପଡନ୍ତି । ରାତିରେ ତାଙ୍କ ଶିବିରରେ ରହି ମନୋରଞ୍ଜନ କରିବାକୁ ପ୍ରସ୍ତାବ ଦିଅନ୍ତି । ହଠାତ୍ ଏହି ସମୟରେ ଦିଲ୍ଲୀରୁ ଜଣେ ଦୂତ ଶିବିରରେ ପହଞ୍ଚି ଏକ ଦୁଃସମ୍ବାଦ ଦିଏ । ମିର୍ଜାସାହିବ ରମଜାନ ମାସର ପ୍ରଥମ ଦିନରେ ମୋଗଲ ସମ୍ରାଟଙ୍କୁ କର ପ୍ରଦାନ କରି ନଥିବାରୁ ତାଙ୍କ ଦିଲ୍ଲୀ ଉଆସ ନିଲାମ ହୋଇ ଯାଇଛି । କେବଳ ସେତିକ ନୁହେଁ ତାଙ୍କ ଉଆସରେ ହଠାତ ନିଆଁ ଲାଗି ଯିବାରୁ ତାଙ୍କ ବେଗମ ଜୀବନ୍ତ ଦଗ୍ଧ ହୋଇ ମୃତ୍ୟୁ ବରଣ କରିଛନ୍ତି । ଏ ସମ୍ବାଦ ଶୁଣି ମିର୍ଜାସାହିବଙ୍କ ବାକ୍‌ରୁଦ୍ଧ ହୋଇଗଲା ତତ୍‌କ୍ଷଣାତ ମିର୍ଜାସାହିବ ଓ ପାରିଷଦଗଣ ଶିବିର ଉଠାଇ ଦିଲ୍ଲୀ ଅଭିମୁଖେ ପ୍ରତ୍ୟାଗମନ କରନ୍ତି । ସୁନ୍ଦରୀ ଗଉଡୁଣୀ ଏକ ଦୁର୍ଯୋଗରୁ ରକ୍ଷା ପାଇଗଲ । ଏହାପରେ ଗଉଡ ଗଉଡୁଣୀ ଓ ଅନ୍ୟ ଗ୍ରାମବାସୀମାନେ ପ୍ରଭୁ ଶିବ ଓ ରାଧାକୃଷ୍ଣଙ୍କ ସ୍ତୋତ୍ର ଗାନ କରି କରି ଘରକୁ ଫେରନ୍ତି । ଗଲାବେଳେ କଥା ହେଉଥାନ୍ତି ଯିଏ ଅନ୍ୟ ପାଇଁ ଗାତ ଖୋଳେ ସିଏ ସେହି ଗାତରେ ପଡେ ।

## କବିଙ୍କ ପରିଚୟ

ମୋଗଲ ତାମସା /ଚଇତି ତାମସାର ସ୍ରଷ୍ଟା ହେଉଛନ୍ତି ବଙ୍ଗୀୟ ବିପ୍ର କବି ସ୍ୱର୍ଗତଃ ବଂଶୀବଲ୍ଲଭ ଗୋସ୍ୱାମୀ । ପିତା ସତ୍ୟନାରାୟଣ ଗୋସ୍ୱାମୀ ଓ ମାତା ସତ୍ୟବତୀ ଗୋସ୍ୱାମୀ । କବିଙ୍କର ଜନ୍ମ ୧୧୩୫ ସାଲ ଅର୍ଥାତ ୧୭୨୮ ମସିହା ସଂଗତ ଗ୍ରାମରେ ବୋଲି ସନ୍ଥିଆ (ନୀଳକଣ୍ଠପୁର) ଗ୍ରାମର ତାଳପତ୍ର ପୋଥିରୁ ଜଣାଯାଏ । ଜନ୍ମଦାତ୍ରୀ ମାଆ ବାଲ୍ୟ ଚପଳତାର ଦୁଷ୍ଟାମୀ ପାଇଁ ମଧ୍ୟାହ୍ନ ଭୋଜନରେ ଭସ୍ମ ମିଶାଇଥିବା ହେତୁ କବି ଗୃହତ୍ୟାଗ କରି ସାଳନ୍ଦୀ ନଦୀ କୂଳରେ ଉତ୍ତର ବାହିନୀ ଗ୍ରାମରେ ଥିବା ଉତ୍ତରେଶ୍ୱର ମହାଦେଙ୍କ ପାଖରେ ଅଧିଆ ପଡି ମହାଦେବଙ୍କ ଆଶୀର୍ବାଦ ଫଳରେ କବି ହେବାର ସୌଭାଗ୍ୟ ଲାଭ କରିଥିଲେ । ତାଙ୍କ ଜନ୍ମସ୍ଥାନ ସଂଗତ ବିଷୟରେ କବି ଶ୍ରୀ ରାଜବଲ୍ଲଭ ମହାନ୍ତି ଆଜକୁ ବହୁଦିନ ତଳେ (ଶ୍ରୀଶ୍ରୀ ଭଦ୍ରକାଳୀ ଜଣାଣ-୧୯୩୦,ପୃଷ୍ଠା-୧୨,ଗୋପୀନାଥ ପ୍ରସ୍) ରେ ଲେଖିଥିଲେ, ଯଥା:

ସଂଗୀତ ବିଦ୍ୟାରୁ ନାମ ଅଟଇ ସଙ୍ଗତ
ନାନକ ଗୁରୁଙ୍କ ଗାଦି ଏଠାରେ ମହତ ।
ରାଜପୁତ କ୍ଷେତ୍ରୀଗଣ ଏଠାରେ ଅଛନ୍ତି
ଅଗ୍ରେ ଚଇତ ତାମସା ଏଠୁ ଉତ୍‌ପତି ।
ବଲ୍ଲଭ ମୂର୍ଖ ମା ଥିଲା ବିଦ୍ୟା ପଢି ନାହିଁ
ଶ୍ରୀହଟ ନାଗର ପୂଜୀ କବି ସେ ବୋଲଇ ।

## ମତ ଓ ମନ୍ତବ୍ୟ



**ମୁଁ ମୋଗଲ ତାମସାକୁ ବିଭିନ୍ନ ସ୍ତରରେ ପହଞ୍ଚାଇବାକୁ ବିଗତ ୪୦ ବର୍ଷ ହେବ ଏଇ କ୍ଷେତ୍ରରେ ରହିଛି । ସରକାରୀ ସ୍ତରରେ ଏ ଲୋକକଳାର ପ୍ରଚାର ଓ ପ୍ରସାର ପାଇଁ କିଛି ସ୍ୱତନ୍ତ୍ର ସୁବିଧା ଏଯାଏଁ ସଂସ୍କୃତି ବିଭାଗ କିମ୍ବା ରାଜ୍ୟ ସରକାର କରି ନାହାନ୍ତି । ଆନ୍ତର୍ଜାତୀୟ ସ୍ତରରେ ଏହାର ପ୍ରଚାର ଓ ପ୍ରସାର ପାଇଁ ଭଦ୍ରକ ଠାରେ ମୋଗଲ ତାମସାର ଏକ ଗବେଷଣା କେନ୍ଦ୍ରର ଆବଶ୍ୟକତା ରହିଛି । ଅନ୍ୟ କଳାକୁ ସଂସ୍କୃତି ବିଭାଗ ଯେପରି ପ୍ରୋତ୍ସାହନ ଦେଉଛି, ମୋଗଲ ତାମସା ବିଶ୍ୱ ଦରବାରରେ ପହଞ୍ଚାଇବାକୁ ହେଲେ ସ୍ୱତନ୍ତ୍ର ଯୋଜନାର ଆବଶ୍ୟକତା ରହିଛି ।**

**ବାଦଲ ସିକ୍‌ଦାର,**
ନିର୍ଦ୍ଦେଶକ 'ସଙ୍କେତ', ଭଦ୍ରକ



**ସଂସ୍କୃତି ବିଭାଗ ମୋଗଲ ତାମସା ପ୍ରଦର୍ଶନ ପାଇଁ ଭଦ୍ରକରେ ଥିବା ଚାରୋଟି ଅନୁଷ୍ଠାନକୁ ବିଭିନ୍ନ ସାଂସ୍କୃତିକ ମହୋତ୍ସବକୁ ପଠାଇଥାନ୍ତି । ଅନୁଷ୍ଠାନକୁ ଯାହା ପାରିଶ୍ରମିକ ଦେଇଥାନ୍ତି ତାହା, ଖର୍ଚ୍ଚରେ ଚାଲିଯାଏ । ସେଥିପାଇଁ ଆମର ଦୁଃଖ ନାହିଁ । ଏକ ପ୍ରାଚୀନ ଲୋକକଳାକୁ ଜନମାନସରୁ ନ ଲିଭିବା ପାଇଁ ଆମେ ପ୍ରଚେଷ୍ଟା କରୁଛୁ । ମୋର ଅନୁରୋଧ ରାଜ୍ୟ ସଂସ୍କୃତି ବିଭାଗ ଆମକୁ ଯାହା ଖର୍ଚ୍ଚ ଦେଉଛି ତାର ପରିମାଣ ବଢାଇବା ଜରୁରୀ ହୋଇ ପଡିଛି ।**

**ବିଜୟ କୁମର ବହଳୀ,**
ବଂଶୀ ବଲ୍ଲଭ, ସାହିତ୍ୟ ସଂସ୍କୃତି, ଗରଦପୁର, ଭଦ୍ରକ



**୨୦୧୧ ମସିହାରେ ୩୧୪ ବ୍ଲକ୍‌ରେ ବ୍ଲକ କଳା ସଂସ୍କୃତି ସଂଘମାନ ସରକାର ଗଠନ କରିଥିଲେ । ଏହି ସଂଘର ସ୍ୱୀକୃତ କଳାକାରମାନେ ସରକାରଙ୍କର ଜନକଲ୍ୟାଣ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥାନ୍ତି । ସେଥିରେ ଆମେ ସୁଯୋଗ ନପାଇବାର କାରଣ ହେଲା ସରକାର ଯେଉଁ ପ୍ରୋତ୍ସାହନ ରାଶି ୧୨୦୦.୦୦ ଟଙ୍କାରୁ ୧୫୦୦.୦୦ଟଙ୍କା ଦେଇଥାନ୍ତି ତାହା ଆମ ପାଇଁ ସମୁଦ୍ରକୁ ଶଙ୍ଖେ ପରି । ଆମ ଦଳର କଳାକାର ସଂଖ୍ୟା ୨୦ ରୁ ୨୫ ଜଣ । ଆମ ପାଇଁ ସରକାର ଅତି କମ୍‌ରେ ପ୍ରୋତ୍ସାହନ ରାଶି ୩୦,୦୦୦.୦୦ଟଙ୍କା କରିବା ଉଚିତ୍ ମନେ କରୁଛି ।**

**ସୁବାସ ମଲ୍ଲିକ,** ଉପସଭାପତି, ଜିଲ୍ଲା କଳାସଂସ୍କୃତି ସଂଘ, ଭଦ୍ରକ

## ମତ ଓ ମନ୍ତବ୍ୟ



ରାଜ୍ୟ ସରକାର ମୋଗଲ ତାମସାକୁ ବିଶ୍ୱ ସ୍ତରରେ ପହଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ସେଥିପାଇଁ ଆମର ସହଯୋଗ ନିହାତି ଆବଶ୍ୟକ । ମୋଗଲ ତାମସା ଓ ଅନ୍ୟାନ୍ୟ ତାମସା ଗୁଡିକୁ ପ୍ରକାଶନ ନିମନ୍ତେ ଚେଷ୍ଟା କରୁଛନ୍ତି । ନିକଟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ମୋର ଥେସିସ୍‌କୁ ଉର୍ଦ୍ଦୁ, ଓଡିଆରେ ପୁସ୍ତକ ଆକାରରେ ପ୍ରକାଶ କରିଛନ୍ତି ।

**ଡକ୍ଟର ବାଇଧର ସାହୁ,** ବଂଶୀ ବଲ୍ଲଭ, ଗିରିଧାରୀ ନାଟ୍ୟ ସଂସଦ, ଭଦ୍ରକ



ଦର୍ଶକଙ୍କ ପାଇଁ ଆମେ ମୋଗଲ ତାମସାର ପାରମ୍ପରିକତା ଓ ମୌଳିକତାକୁ ଭୁଲି ଯାଇଛୁ । ଆଧୁନିକ ଶୈଳୀରେ ପରିବେଷଣ କରୁଛୁ ମୋଗଲ ତାମସା । କିଛି ଦର୍ଶକ ଅଛନ୍ତି ଯେଉଁମାନେ କି ମୋଗଲ ତାମସାର ପାର୍ସୀ ଭାଷାକୁ ଠିକ୍‌ସେ ବୁଝି ପାରନ୍ତି ନାହିଁ, ସେଥିପାଇଁ ଆମେ ଭାଷାକୁ କିଛି ପରିବର୍ତ୍ତନ କରି ପ୍ରଦର୍ଶନ କରୁଛୁ । ସବୁ ପରେ ସଂସ୍କୃତି ବିଭାଗ ଆମର ପାରିଶ୍ରମିକ ବଢାଇଲେ କଳା ବଞ୍ଚିବ ଓ ଆମେ ମଧ୍ୟ ବଞ୍ଚିବୁ ।

**ନରେନ୍ଦ୍ର ପ୍ରସାଦ ପରିଡା,**
ସଂଗୀତ ନାଟକ ଏକାଡେମୀ ପୁରସ୍କୃତ ନିର୍ଦ୍ଦେଶକ, ଭଦ୍ରକ



ନ୍ୟାସ୍‌ନାଲ୍ ସ୍କୁଲ୍ ଅଫ୍ ଡ୍ରାମା, ନୂଆଦିଲ୍ଲୀ ତରଫରୁ ଆୟୋଜିତ ଇଣ୍ଟର୍‌ନ୍ୟାସ୍‌ନାଲ୍ ଥିଏଟର୍ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆର ମହୋତ୍ସବରୁ ମୁଁ ରାଜ୍ୟ ସରକାରଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସେଥିରେ ଯୋଗ ଦେଇ ମୋଗଲ ତାମସା ପରିବେଷଣ କରିଥିଲି । ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ବହୁ ଭାଷାଭାଷୀ ନାଟ୍ୟଦଳ ଯୋଗ ଦେଇଥିଲେ । ବିଚାରକ ମଣ୍ଡଳୀ ଦ୍ୱାରା ଆମ ନାଟକ ପ୍ରଶଂସିତ ହେବା ସଙ୍ଗେ ସଙ୍ଗେ ପୁରସ୍କାର ମଧ ପାଇଲେ । ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ହେଉଥିବା ପ୍ରତିଯୋଗୀତାମୂଳକୁ ନାଟ୍ୟ ଉତ୍ସବରେ ମୋଗଲ ତାମସାକୁ ସାମିଲ କରାଗଲେ ଏହାର ମାନ ବଢି ପାରନ୍ତା ।

**ଗୌରାଙ୍ଗ ବାରିକ,** ନିର୍ଦ୍ଦେଶକ: ବିମଳା ନାଟ୍ୟ ସଂସଦ, କୋରଣ୍ଟ, ଭଦ୍ରକ




ମୋଗଲ ତାମସା ଛାଡି କବି ଆଉ ଛଅ ଗୋଟି ତାମସା ମଧ୍ୟ ଲେଖିଥିଲେ । (୧) ଚଉଡା ତାମସା (୨) ଭିଲ ତାମସା (୩) ରାଧାକୃଷ୍ଣ ତାମସା (୪) ଫକିର ତାମସା (୫) ଲଲିଲ ମିର୍ଜାବାଇ(୬) ଯୋଗୀ ତାମସା । ଏହି ତାମସାଗୁଡିକ ହେଲା ଚଇତି ତାମସା ନାମରେ ଅଭିହିତ । ୧୯୧୧ ମସିହା

'ସାଳନ୍ଦୀ' କାବ୍ୟରେ କବିଶେଖର ଚିନ୍ତାମଣି ମହାନ୍ତି ଲେଖିଛନ୍ତି:

ତୋହ ଜଳ ପିଇ ଶ୍ରୀ ବଂଶୀବଲ୍ଲଭ
ସଂଚିଲେ ସୁକିର୍ତି ମାନବ ଦୁର୍ଲ୍ଲଭ ।
ମୋଗଲ ରାଜତ୍ୱ ସେକାଳର ଦେଶେ
ଥିଲା ପାର୍ସୀ ଭାଷା ଚଳନ ବିଶେଷ ।
ଅଧିକାଂଶ ଗୀତ ଶାନ୍ତ ରସାଶ୍ରୀତ
ସାକ୍ଷୀ ତାର ଯୋଗୀ ଫକିର ସଂଗୀତ ।
ଅଦ୍ୟାପି ଭଦ୍ରକେ ହୁଏ ଅଭିନୟ
ଚୈତ୍ର ମାସ ଶେଷେ ହୁଏ ଅଭିନୟ ।
ଏକଧାରେ ତହିଁ ଅଛି କାନ୍ଦ ରସ
ଡାକନାମ ତାର ଚୈତ ତାମସ ।

ଓଡିଶାର ଭଦ୍ରକ ଏକ ପୁରାତନ ସ୍ଥଳୀ ଅଟେ । ଏହାର ନାମକରଣ ଭଦ୍ରକାଳୀ, ବୌଦ୍ଧ ସନ୍ୟାସୀ ଭୌଦ୍ରକ ଓ ଅପଭ୍ରଷ୍ଟ ବଳଭଦ୍ର କ୍ଷେତ୍ର ଶବ୍ଦରୁ ହୋଇଥିବାର ମତପ୍ରକାଶ ପାଉଛି । ଆଞ୍ଚଳିକ ପର୍ବପର୍ବାଣି ଭଳି ଚଇତ ତାମସା /ମୋଗଲ ତାମସା ଅଭିନୀତ କରା ଯାଇଥାଏ । ପୁରୁଣା ଭଦ୍ରକ କହିଲେ ପୁରୁଣା ବଜାର, ସଂଗତ, ବାଙ୍କା, ଗରଦପୁର, ମିର୍ଜାପୁର, ଶଙ୍କରପୁର, ଭୂୟାଁମହଲା, ଛତାକ ମହଲା, କୁଆଁସ, ଜାନୁଗଞ୍ଜ, ସାହାପୁର, ଏରେଇ(ଚରମ୍ପା), ଏହି ଅଞ୍ଚଳମାନଙ୍କରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି ଦିନରେ ଶିବ ମନ୍ଦିର ସମ୍ମୁଖରେ ଅଭିନୀତ ହେଉଥିଲା । କାଳକ୍ରମେ ଏହା ବନ୍ଦ ହୋଇ ଯାଇଛି । କେବଳ ପରମ୍ପରାକୁ ବଞ୍ଚାଇବାକୁ ଯାଇ ଚରମ୍ପା ବା ଏରେଇ ଗ୍ରାମର କଳାକାରମାନେ ପ୍ରତିବର୍ଷ ସଂକ୍ରାନ୍ତି ଦିନ ଅଦ୍ୟାବଧି ଅଭିନୟ କରୁଛନ୍ତି । ସୌଖୀନ ନାଟ୍ୟ ସଂସ୍ଥା ହିସାବରେ 'ସଙ୍କେତ', 'ବିମଳା ନାଟ୍ୟ ସଂସଦ', 'ବଂଶୀବଲ୍ଲଭ ସାହିତ୍ୟ ସଂସଦ' ଓ ଜାନୁଗଂଜର କଳାକାରମାନେ ମୋଗଲ ତାମସାକୁ ବଞ୍ଚାଇ ରଖିବାର ପ୍ରୟାସ ଜାରି ରଖିଛନ୍ତି । ଏହି ଲୋକନାଟ୍ୟଟି ଏକ ସାଂପ୍ରଦାୟିକ ସଦ୍ଭାବନାର ପ୍ରତୀକ କହିଲେ ଅତ୍ୟୁକ୍ତି ହେବ ନାହିଁ ।

୧୯୬୬ ମସିହାରେ ଡକ୍ଟର କୃଷ୍ଣ ଚନ୍ଦ୍ର ବେହେରାଙ୍କ ଦ୍ୱାରା ସଂଗୃହୀତ ଓ ସଂପାଦିତ ହୋଇ ଗ୍ରନ୍ଥ ଆକାରରେ ମୋଗଲ ତାମସା ପ୍ରକାଶ ଲାଭ

କରି ଥିଲା । ପ୍ରକାଶକ ଥିଲେ ପ୍ରବୋଧାନନ୍ଦ ମହାପାତ୍ର, ଭାଗବତ ପ୍ରେସ୍, ଭଦ୍ରକ । ପରେ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କ ଦ୍ୱାରା ସଂଗୃହୀତ ରାଧାକୃଷ୍ଣ ତାମସା, ଯୋଗୀ ତାମସା ଓଡିଆ ଗବେଷଣା ପରିଷଦର ମୁଖପତ୍ର 'ଏଷଣା'ରେ ପ୍ରକାଶିତ ହୋଇଛି । ଏବେ ପୁଣି ଡକ୍ଟର ଦ୍ୱିଜେନ୍ଦ୍ର କୁମାର ବେହେରାଙ୍କ ଦ୍ୱାରା ସଂଗୃହୀତ ହୋଇ ଭୀଲ ତାମସା ଓ ଚଉଡା ତାମସା ରାଉରକେଲାରୁ ପ୍ରକାଶ ପାଉଥିବା 'ନବପତ୍ର'ରେ ପ୍ରକାଶ ପାଇଛି ।



ବିଗତ ୨୦ ବର୍ଷ ମଧ୍ୟରେ ବିମଳା ନାଟ୍ୟ ସଂସଦ, କୋରଣ୍ଟ, ଭଦ୍ରକ କଳିଙ୍ଗ ବାଲିଯାତ୍ରା ମହୋତ୍ସବ, ବିଜୁ ମଇଦାନ ପାରାଦ୍ୱୀପ, ବାରବାଟି ମହୋତ୍ସ. କଟକ, ସ୍ୱଦେଶୀ ମେଳା, ଭୁବନେଶ୍ୱର ପ୍ରଦର୍ଶନୀ ପଡିଆ, ଜୟୀ ରାଜଗୁରୁ ବଳିଦାନ ଉତ୍ସବ, ଖୋର୍ଧା ଟାଉନହଲ, ଓଡିଶା ସଂଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଜୟଦେବ ଭବନ, ଖଦୀ ବୋର୍ଡ, ଭୁବନେଶ୍ୱର, ଗଣ୍ଡମୁଣ୍ଡା ତୋଷାଳୀ ମହୋତ୍ସବ, ଭୁବନେଶ୍ୱର, ବ୍ରହ୍ମଗିରି ମହୋତ୍ସବ, ପୁରୀ, ଶିଶିର ସରସ ଉତ୍ସବ, ଭୁବନେଶ୍ୱର, ସାତଭଉଣୀ ମକରମେଳା, ଭଦ୍ରକ, ଘୁମୁସର ଲୋକ ଉତ୍ସବ, ବେଲଗୁଣ୍ଠା, ଭଂଜନଗର, ନୟାଗଡ ଜିଲ୍ଲା ମହୋତ୍ସବ, ମହା ବିଷୁବ ମିଳନ, ନରଣପୁର କେନ୍ଦ୍ରାପଡା, ମା ମଙ୍ଗଳା ମହୋତ୍ସବ, କାକଟପୁର, ପୁରୀ, ଶୀତଳଷଷ୍ଠୀ ମହୋତ୍ସବ ଅଭୟମୁଖୀ ଡେଲାଙ୍ଗ, ରଜଉତ୍ସବ, କୋଣାର୍କ, ସି.ଏସ୍ଆଇ.ଆର ଆଇ.ଏମ.ଏମ.ଟି., ଭୁବନେଶ୍ୱର, ଲୋକନାଟ୍ୟ ମହୋତ୍ସବ, ସିଭିକ୍ ସେଣ୍ଟର, ରାଉରକେଲା, ସଂଘ ନାଟକ ଏକାଡେମୀ, ଭୁବନେଶ୍ୱର, ଆମେ ଭଂଜ କଳାକାର, ଉଦଳା ମୟୂରଭଞ୍ଜ, ବେତାଳୀ ଗାଁ ଧୁଷୁରୀ, ଭଦ୍ରକ, ପରମ୍ପରା ବସନ୍ତ ଉତ୍ସବ ରଘୁରାଜପୁର, ପୁରୀ, ପ୍ରାଚୀ ମହୋତ୍ସବ, ନୟାହାଟ, କାକଟପୁର, ଅଶୋକାଷ୍ଟମୀ ମହୋତ୍ସବ, ନିରାକାରପୁର, ଖୋର୍ଦ୍ଧା, କରଂଜିଆ ମହୋତ୍ସବ-୨୦୧୫, ଲୋକନାଟ୍ୟ ମହୋତ୍ସବ, ସଂଗୀତନାଟକ ଏକାଡେମୀ, ଭଂଜକଳା ମଣ୍ଡପ, ଭୁବନେଶ୍ୱର, ତୋଷାଳୀ ମହୋତ୍ସବ, ଜନତା ମଇଦାନ, ଭୁବନେଶ୍ୱର, ଶୀତ ମହୋତ୍ସବ, ଫୁଲବାଣୀ, ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ, କଲିକତା, ବ୍ୟାସଦେବ ମିଳନ ସମିତି, ବାଲିପାଟଣା, ଛାଡଖାଇ ନରସିଂହପୁର ମହୋତ୍ସବ, କଟକ, ବସ୍ତା ଗ୍ରାମୀଣ ମହୋତ୍ସବ, ୧୯ତମ ଭାରତ ରଙ୍ଗ ମହୋତ୍ସବ, ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ଦିଲ୍ଲୀ, ଅଶୋକା ମହୋତ୍ସବ, ନିରାକାରପୁର, ରଜ ମହୋତ୍ସବ ପାରାଦ୍ୱୀପ, ଭଦ୍ରକ ଜିଲ୍ଲା ଲୋକ କଳା ମହୋତ୍ସବ, ନେହେରୁ ଷ୍ଟାଡିୟମ, ଭଦ୍ରକ, ହୋଟେଲ ମେ ଫେୟାର୍, ପୁରୀ, ଟି.ଏସ.ଏଲ.ଏଚ୍ (ଟାଟା), ରଜ ମହୋତ୍ସବ ପାରାଦ୍ୱୀପ, ପଲ୍ଲୀଶ୍ରୀ ମେଳା, କେନ୍ଦ୍ରାପଡା ଜିଲ୍ଲା ମହୋତ୍ସବ, ବାରବାଟୀ ନୃତ୍ୟ ଉତ୍ସବ, କଟକ, ଜାତୀୟ ହସ୍ତତନ୍ତ ମେଳା, ଭୁବନେଶ୍ୱର, ରାଧାକୃଷ୍ଣ ଜୀଉ ମିଳନ ଉତ୍ସବ, ଖଇରା ଆଦି ସ୍ଥାନମାନଙ୍କରେ ଲୋକନାଟ୍ୟ ମୋଗଲ ତାମସାର ପ୍ରଦର୍ଶନ କରିଛନ୍ତି ।

ମୋଗଲ ତାମସାକୁ ଦେଶ ବିଦେଶରେ ଲୋକପ୍ରିୟ କରିବାରେ ଯେଉଁ କତିପୟ ବ୍ୟକ୍ତି ବିଶେଷଙ୍କର ଭୂମିକା ରହିଛି ସେମାନଙ୍କ ମଧ୍ୟରୁ ବିମଳା ନାଟ୍ୟ ସଂସଦ, ଭଦ୍ରକର ନିର୍ଦ୍ଦେଶକ ଗୌରାଙ୍ଗ ବାରିକ ଅନ୍ୟତମ । ନିକଟରେ ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମା, ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ଇଣ୍ଟରନ୍ୟାସନାଲ ଥିଏଟର୍ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆର ଭାରତ ରଙ୍ଗ ମହୋତ୍ସବରୁ ତାଙ୍କ ଗ୍ରୁପ ମୋଗଲ ତାମସା ପରିବେଷଣ କରି ପୁରସ୍କୃତ ହୋଇ ଫେରିଛନ୍ତି । ଏହି ଫେଷ୍ଟିଭାଲ୍ରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଯଥା- ନେପାଳ, ଆଫଗାନୀସ୍ଥାନ, ଇଟାଲୀ, ବାଙ୍ଗଲାଦେଶ, ଇସ୍ରାଏଲ, ଶ୍ରୀଲଙ୍କା ତଥା ଭାରତର ସବୁ ରାଜ୍ୟର ବିଭିନ୍ନ ଗ୍ରୁପ ୨୧ଦିନ ଧରି ବିଭିନ୍ନ ଭାଷାଭାଷୀର ନାଟକ ଓ ଲୋକକଳା ମଞ୍ଚସ୍ଥ କରିଥିଲେ । ଓଡିଶାର ବିଭିନ୍ନ ମହୋତ୍ସବରେ ରାଜ୍ୟ ସରକାରଙ୍କ ଠାରୁ ନିମନ୍ତ୍ରିତ ହୋଇ ସେମାନଙ୍କୁ ଯାହା ପାରିଶ୍ରମିକ ମିଳୁଛି ଅନୁଷ୍ଠାନକୁ ବଂଚାଇବାରେ ବାଧକ ସାଜୁଛି । ଏ ଦିଗରେ ରାଜ୍ୟ ସଂସ୍କୃତି ବିଭାଗ ଦୃଷ୍ଟି ଦେବାକୁ ମୋଗଲ ତାମସା ଅନୁଷ୍ଠାନର କର୍ମକର୍ତ୍ତା ଓ କଳାକାର ନିବେଦନ କରିଛନ୍ତି ।

"Well Wisher"



# କାଞ୍ଚନର କୁହୁ

# ସୁକୁମାରୀ କାଞ୍ଚନ

ଶ୍ୱେତା ରାଉତ

ରାଉତ କମ୍ପ୍ଲେକ୍ସ, କଟକରୋଡ୍
ଭୁବନେଶ୍ୱର-୭୫୧୦୦୬
ଫୋନ-୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଲେଖିକା



▶ଲେଖିକା ଶ୍ୱେତା ରାଉତ

ପ୍ରତ୍ୟେକ ଦେଶରେ ଧର୍ମ ଓ ଆରାଧନା ସହିତ ଫୁଲମାନେ ଜଡ଼ିତ । ପୃଥିବୀସାରା ଲୋକଙ୍କୁ ଫୁଲ ପ୍ରେମ, ସ୍ମରଣ, ସମର୍ପଣର ପ୍ରତୀକ ଭାବେ ଜଣା । ଗୋଟିଏ ଫୁଲ ପ୍ରକୃତିର ସମସ୍ତ ଉପାଦାନ ବା ପଞ୍ଚଭୂତ ଯଥା - ବାୟୁ, ଜଳ, ଅଗ୍ନି, ମୃତ୍ତିକା ଓ ଇଥର ଧାରଣ କରେ । କବି ଲର୍ଡ ଟେନିସ୍‌ଙ୍କ ପଂକ୍ତିରେ ଲୁଚିରହିଛି ଏକ ବିରାଟ ସତ୍ୟ ଯାହା ସେ ତାଙ୍କ ସମ୍ବୋଧନାତ୍ମକ ଢଙ୍ଗରେ ଫୁଲକୁ କହିଛନ୍ତି "ଯଦି ମୁଁ ବୁଝନ୍ତି ତୁମେ ମୂଳ ଓ ସର୍ବେସର୍ବା । ତା'ହେଲେ ମୁଁ ଜାଣିପାରନ୍ତି ମନୁଷ୍ୟ ଓ ଭଗବାନ କ'ଣ" ?

ଆର୍ଯ୍ୟ ପରମ୍ପରା ଅନୁସାରେ, ସୃଷ୍ଟି କର୍ତ୍ତାଙ୍କ ଦ୍ୱାରା ସୃଷ୍ଟ ପ୍ରତ୍ୟେକ ପଦାର୍ଥକୁ ପ୍ରଥମେ ତାଙ୍କୁ ହିଁ ନିବେଦନ କରାଯାଇଥାଏ । ଶାସ୍ତ୍ର ମତରେ ଗଛରେ ଫୁଲ ଯେଭଳି ଫୁଟିଥାନ୍ତି, ପ୍ରଭୁଙ୍କୁ ସେଇଭଳି ସଜେଇବା ଦରକାର । ଫୁଲକୁ ଓଲଟାଇ ଈଶ୍ୱରଙ୍କୁ ଅର୍ପଣ କଲେ ଫଳ କିଛି ମିଳେନାହିଁ ଏବଂ ଫୁଲ ତୋଳିବା ବେଳେ ଗଛକୁ ଲଣ୍ଡାକରି ଫୁଲ ତୋଳାଯାଏ ନାହିଁ । କିଛି ଫୁଲ ପ୍ରକୃତିର ଉପଭୋଗ ପାଇଁ ଗଛରେ ଛାଡ଼ିଦେବା ବିଧେୟ । ଏହାଦ୍ୱାରା ପ୍ରକୃତିରାଣୀ ଅପରୂପା ଶୋଭାରେ ବିମଣ୍ଡିତା ହୋଇଥାଏ । ସୌନ୍ଦର୍ଯ୍ୟ ହିଁ ପରମା ପ୍ରକୃତି । ସେଥିପାଇଁ ମାତୃବନ୍ଦନାରେ ଯଥାର୍ଥରେ କୁହାଯାଇଛି "ଓଁ ସୌନ୍ଦର୍ଯ୍ୟମୟୀ ପରମେ, ଓଁ ଆନନ୍ଦମୟୀ ପରମେ" ଅର୍ଥାତ୍ ସୌନ୍ଦର୍ଯ୍ୟ ହିଁ ଶ୍ରେଷ୍ଠ । ଅନ୍ୟ ଅର୍ଥରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରୁଥିବା ବ୍ୟକ୍ତିତ୍ୱ ହିଁ ଦୁନିଆକୁ ସୁନ୍ଦର ଦେଖାଯାଏ । ଫୁଲମାନଙ୍କଠାରୁ ଏହି ସନ୍ଦେଶ ମିଳେ । ଫୁଲ କେବଳ ଯେ ପୂଜା ପାଇଁ ବ୍ୟବହାର ହୁଏ ତାହା ନୁହେଁ, ଏମିତି ଅନେକ ଫୁଲଅଛି କେହି କେହି ଔଷଧୀୟ ଉପଚାର ପାଇଁ, କେହି କେହି ବାତାବରଣ ଶୁଦ୍ଧ କରିବା ପାଇଁ, କେହି ଅମ୍ଳଜାନ ପାଇଁ ତ କେହି କେହି ଫୁଲ ସୁସ୍ୱାଦୁ ଖାଦ୍ୟ ଭାବରେ ବ୍ୟବହାର ହୋଇଥାନ୍ତି । ପ୍ରକୃତିର ଶୋଭାମଣ୍ଡନ କରୁଥିବା ଏହି ସମସ୍ତ ଫୁଲମାନଙ୍କ ମଧ୍ୟରେ ଖାଦ୍ୟରେ ବ୍ୟବହୃତ ହେଉଥିବା ଏକ ସୁନ୍ଦର ଫୁଲ ହେଉଛି କାଞ୍ଚର 'କାଞ୍ଚନ' ଫୁଲକୁ କିଏ ନ ଜାଣେ । ଏକ ପୁରୁଣା ପ୍ରସିଦ୍ଧ ଗଳ୍ପ ଅନୁଯାୟୀ, ଶାଗ କାଟିବା ବେଳେ କାଞ୍ଚନର ହାତ କଟିବା, ହାତର ରକ୍ତ ପଡ଼ି ଶାଗ ମଧୁର ଓ ସୁସ୍ୱାଦୁ ଲାଗିବା, କାଞ୍ଚନ ମାଂସ ଲୋଭରେ ନିଜ ଭାଇ ଦ୍ୱାରା କାଞ୍ଚନର ହତ୍ୟା ଓ କାଞ୍ଚନ ମାଂସରେ ଉଭୁରି ଉଠିଥିବା 'କାଞ୍ଚନ ଫୁଲ ଗଛ' କଥା ଆମ ଓଡ଼ିଆମାନଙ୍କ ଘରେଘରେ ସମସ୍ତଙ୍କୁ ଜଣା । ଆଜି ଆମେ ସୁକୁମାରୀ କାଞ୍ଚନ ସମ୍ବନ୍ଧରେ ଜାଣିବା ।

## କାଞ୍ଚନର ପ୍ରଜାତି

'କାଞ୍ଚନ' ଏକ ସୁନ୍ଦର ଫୁଲଗଛ  କାଞ୍ଚନର ଛୋଟ ଅଥବା ମଧ୍ୟମ ଉଚ୍ଚତାର ବୃକ୍ଷ ଭାରତବର୍ଷର ପ୍ରାୟ ସବୁଆଡ଼େ ଦେଖିବାକୁ ମିଳେ । ଏହା 'ଲେଗ୍ୟୁମିନୋଏସ୍' (Leguminosae) ଏବଂ "କେସାଲପିନିଓଏଡାଇ' (caesalpiniodpae) ଅନ୍ତର୍ଗତ 'ବାହିନିୟା' ପ୍ରଜାତି ପରି କିନ୍ତୁ ସାମାନ୍ୟ ଭିନ୍ନ 'ଫୁଲବି' ପରିବାର ଅନ୍ତର୍ଭୁକ୍ତ ଅଟେ । ଏହା ଦକ୍ଷିଣ ପୂର୍ବ ଏସିଆରୁ ଭାରତୀୟ ଉପମହାଦ୍ୱୀପ ପର୍ଯ୍ୟନ୍ତ ଚୀନର ଏକ ପ୍ରାନ୍ତର ମୂଳ ନିବାସୀ ଅଟେ । ଏହାକୁ ଦୁଇଟି ପ୍ରଜାତିରେ ନାମକରଣ କରାଯାଇଛି ଯଥା- 'ବାହୁନିଆ ଭେରାଇଗାଟା' ଓ 'ବାହୁନିଆ ପୁୟୁରିଆ' । ବାହୁନିଆ ପ୍ରଜାତିର ଉଭିଦଗୁଡ଼ିକରେ ପତ୍ରଗୁଡ଼ିକର ଅଗ୍ରଭାଗର ମଝିରେଏଭଳି କଟିବା ଭଳି କିମ୍ବା ଚିପି ହେଲାଭଳି ରହିଥାଏ ଯେ ଲାଗେ ଯେମିତି ଦୁଇଟି ପତ୍ର ଯୋଡ଼ିହୋଇ ରହିଛି । ଏଥିପାଇଁ କାଞ୍ଚନର ଏଭଳି ପତ୍ରକୁ ଯୁଗ୍ମପତ୍ର ମଧ୍ୟ କୁହାଯାଏ । ବାହୁନିଆ ଭେରାଇଗାଟାରେ କାଞ୍ଚନ ପତ୍ରର ଅଗ୍ରଭାଗର ଉଭୟ ଅଂଶ ଗୋଲାକାର ଏକ ତୃତୀୟାଂଶ ଦୂରତାରେ ପୃଥକ ରହିଥାଏ । ପତ୍ରର ଶିରାଗୁଡ଼ିକ ୧୩ ରୁ ୧୫ ସେ.ମି. ପର୍ଯ୍ୟନ୍ତ ଓ କଢି ଗୁଡ଼ିକ ଘେରି ହୋଇ ରହିଥାଏ । ଏହାର ଫୁଲଗୁଡ଼ିକ ନାଲି, ଧଳା, ଗୋଲାପି, ହଳଦିଆ ଓ ବାଇଗଣୀ ରଙ୍ଗର ହୋଇଥାଏ । କାଞ୍ଚନକୁ ସଂସ୍କୃତରେ ଦୁଇଟି ବିଭାଗ କରାଯାଇଛି ଯଥା 'କଞ୍ଚନାର' ଓ 'କୋଭିଦାର' । 'କଞ୍ଚନାର' (ବାହୁନିଆ ଭେରାଇଗାଟା) ଓ 'କୋଭିଦାର' (ବାହୁନିଆ ପୁୟୁରିଆ) ପ୍ରଜାତିର ବୋଲି କୁହାଯାଏ । ଆଦିବାସୀ ସମ୍ପ୍ରଦାୟରେ କାଞ୍ଚନର ଏହି ପ୍ରଜାତିକୁ ସେମାନଙ୍କ ଭାଷାରେ (କୋଏନାର ବା କୋଏଲର' କହିଥାନ୍ତି ଯାହା ନିଃସନ୍ଦେହ 'କୋଭିଦାର' ର ଅପଭ୍ରଂଶ ପରି ଲାଗେ । କାଞ୍ଚନର ଲାଲରଙ୍ଗ ଫୁଲକୁ "ବାହୁନିୟା ପରପ୍ୟୁରିଆ', ଧଳାରଙ୍ଗ ଫୁଲକୁ ବାହୁନିଆ ରେସେମୋସା ଓ ହଳଦୀ ରଙ୍ଗର ଫୁଲକୁ 'ବାହୁନିଆ ଟେମେଣ୍ଟୋସାଲିନ୍' କୁହାଯାଏ । ଧଳା, ନାଲି, ହଳଦିଆ ବ୍ୟତୀତ ବାଇଗଣୀ, ଗୋଲାପୀ ଓ ମିଶ୍ରିତ ରଙ୍ଗର କାଞ୍ଚନ ମଧ୍ୟ ଦେଖିବାକୁ ମିଳିଥାଏ ।

ବିହାରର ଜାତୀୟପୁଷ୍ପ କୁହାଯାଉଥିବା 'କାଞ୍ଚନ' ଏକ ସୁନ୍ଦର ଶୋଭାମୟ ଭାରତୀୟ ଫୁଲ । ଏହା କେବଳ ଭାରତୀୟ ଉପମହାଦ୍ୱୀପରେ ଦେଖିବାକୁ ମିଳିଥାଏ । କାଞ୍ଚନ ଜଙ୍ଗଲ ସହିତ ଗାଁଠାରୁ ସହର, ରାସ୍ତା ଘାଟ, ବାଡ଼ି - ବଗିଚା ଓ ପାର୍କିଂ ସ୍ଥାନମାନଙ୍କରେ ମଧ୍ୟ ଦେଖାଯାଇଥାଏ  । ଏ ଗଛ ନିଜେ ନିଜେ ଉଠିଥାଏ  । କାଞ୍ଚନ ନିଜର ସୌନ୍ଦର୍ଯ୍ୟ ଓ ଔଷଧୀୟ ଗୁଣପାଇଁ ସାରା ଭାରତବର୍ଷରେ

ସମସ୍ତଙ୍କର ଏକ ପ୍ରିୟଫୁଲ ହୋଇପାରିଛି । ପ୍ରାଚୀନକାଳରୁ ଭାରତୀୟ ବିଦ୍ୱାନମାନେ ଓ ସାହିତ୍ୟିକମାନେ କାଞ୍ଚନ ବିଷୟରେ ଖୁବ୍ ଲେଖିଛନ୍ତି । ମହର୍ଷି ସୁଶ୍ରୁତ, ଚରକ, ଚକ୍ରପାଣି, ଭାବମିଶ୍ର, ଡଲ୍ଲଡାଚାର୍ଯ୍ୟ, ପ୍ରିୟବ୍ରତଶର୍ମା, ବାଲ୍ମିକି ଏବଂ କାଳୀଦାସଙ୍କ ଭଳି ବିଦ୍ୱାନମାନେ କାଞ୍ଚନର ମହତ୍ତ୍ୱ ଓ ଫୁଲର ସୌନ୍ଦର୍ଯ୍ୟ ସମ୍ବନ୍ଧରେ ମହତ୍ତ୍ୱପୂର୍ଣ୍ଣ ବର୍ଣ୍ଣନା କରିଛନ୍ତି । ସାହିତ୍ୟିକ ଓ କବିମାନେ କୁମାରୀ ଯୁବତୀଙ୍କୁ କାଞ୍ଚନ ଫୁଲ ସହିତ ତୁଳନାକରି ଅନେକ ସ୍ଥାନରେ 'କଚନର କି କଲି ବା କାଞ୍ଚନର କଢ଼ି' ବୋଲି ଲେଖିଛନ୍ତି । ଜାନୁଆରୀ ମାସରେ ପତ୍ରଝଡ଼ା ଦେଇ ଫେବୃୟାରୀରୁ ଅପ୍ରେଲ ଯାଏ ଖୁବ୍ ଫୁଟୁଥିବା କାଞ୍ଚନଗଛର ପତ୍ର ଗୁଡ଼ିକ ୬.୫ ସେ.ମି. ରୁ ୧୫ ସେ.ମି. ଲମ୍ବା ଓ ୭.୫ ସେ.ମି.ରୁ ୧୬.୫ ସେ.ମି. ଚଉଡ଼ା ହୋଇଥାଏ । ପତ୍ରଗୁଡ଼ିକ ୧୬ ସେ.ମି. ଲମ୍ବା ବିଶିଷ୍ଟ ଡଣ୍ଠଳ ବା ଡାଳ ସହାୟତାରେ ଗଛରେ ଝୁଲି ରହିଥାଏ । ପତ୍ରଗୁଡ଼ିକ ହୃଦୟଚିହ୍ନ ବା ଗାଈ ଖୁରା ସଦୃଶ ଦେଖାଯାଏ । ଏହାର ଫୁଲ ଗୁଚ୍ଛା ହୋଇ ଫୁଟେ । କାଞ୍ଚନଫୁଲର ମଝିରେ ୩-୫ଟି ପୁଷ୍ପକେଶର ରହିଥାଏ । ଏହାର ପାଖୁଡା ଗୋଲାକାର ହୋଇ ଅଳ୍ପ ଲମ୍ବା ଓ ନରମ ହୋଇଥାଏ । ଅପ୍ରେଲ-ମେ ମାସ ଆଡ଼କୁ ଫଳ ଧରେ । ଏହା ଚେପ୍ଟା, ଚିକ୍କଣ ଓ ଅଳ୍ପ ମୋଡିହେଲା ଭଳି ହୋଇଥାଏ । ଏଥିରେ ପ୍ରାୟ ୧୦-୧୫ଟି ମଞ୍ଜିଥାଏ ଯାହାକି ଔଷଧୀୟ ବ୍ୟବହାରରେ ଲାଗିଥାଏ । କାଞ୍ଚନକୁ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ସମସ୍ତେ ଜାଣନ୍ତି ।



## କାଞ୍ଚନର ବିଭିନ୍ନ ନାମକରଣ

କାଞ୍ଚନଫୁଲକୁ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମକରଣରେ ଲୋକମାନେ ଜାଣନ୍ତି ଯଥା- ସଂସ୍କୃତରେ 'କାଞ୍ଚନାର, କାଞ୍ଚନାକ, ଗଣ୍ଡାରୀ', ହିନ୍ଦୀରେ 'କଚନାର, କଚନାଲ, ଗୋରିଅଲ', ଇଂରାଜୀରେ 'ମାଉଣ୍ଟେନ୍ ଏବୋନି', ଓଡ଼ିଆରେ 'କାଞ୍ଚନ, ବୋରୋଡା, କାଁଞ୍ଚୋନୀ', ଉର୍ଦ୍ଦୁରେ 'କାଞ୍ଚନାଲ୍', କନ୍ନଡରେ 'କେଁପୁମନ୍ଦରା', ଦେବକନ୍ୟାସୁ', ଗୁଜୁରାଟୀରେ 'ଚମ୍ପାକାଟୀ, କାଞ୍ଚନାର', ତାମିଲ୍‌ରେ 'ସିଗପ୍ପୁ ସୁନ୍ଦରୀଇ', ତେଲଗୁରେ 'ଦେବକାଞ୍ଚନମୁ', ବେଙ୍ଗଲାରେ 'ରକ୍ତକାଞ୍ଚନ, କାଞ୍ଚ', ନେପାଳୀରେ 'କୋଇରାଲୋ, ଟାକୀ', ମରାଠୀରେ 'ରକ୍ତକାଞ୍ଚନ, କୋରଲ, କାଞ୍ଚନ', ମାଲାୟଲମ୍‌ରେ 'ସୁବନ୍ନ ମନ୍ଦରମ୍' ଓ ଆଦିବାସୀ ସମ୍ପ୍ରଦାୟରେ 'କୋଏଲର' ବୋଲି କହିଥାନ୍ତି ।

## କାଞ୍ଚନର ଉତ୍ପତ୍ତି କାହାଣୀ

ପୁରୁଣା କଥାଟିଏ ଅଛି, ଜଣେ କେଳା ସବୁଦିନ ଜଙ୍ଗଲକୁ ଯାଏ । ନାଗସାପକୁ ପ୍ରାର୍ଥନା କରି କିଛି ସମୟ ତା'ସହିତ ଯିବାକୁ ଅନୁମତି ମାଗେ ଏବଂ ସେ ନାଗକୁ ନେଇ ଲୋକମାନଙ୍କ ସମ୍ମୁଖରେ ନଚାଇ ଅର୍ଥ ଉପାର୍ଜନ କରେ ଓ ପ୍ରତିଜ୍ଞା ରକ୍ଷାକରି ନାଗକୁ ଆଣି ପୁଣି ଜଙ୍ଗଲରେ ଛାଡ଼ିଦିଏ । ଏକଦା କେଳା ଜଣକ ଗୋଟେ ନାଗସାପକୁ ଗୁହାରୀ କରି ଘରକୁ ନେଇ ଆସିଥିଲା ଏବଂ ପ୍ରତିଶ୍ରୁତି ଦେଇଥିଲା ନଚାଇ କିଛି ପଇସା ରୋଜଗାର କଲାପରେ ପୁଣି ଜଙ୍ଗଲରେ ଛାଡ଼ିଦେବ । କିନ୍ତୁ ନିଜର ଲୋଭପାଇଁ କେଳାଟି ୨୦ ବର୍ଷ ପର୍ଯ୍ୟନ୍ତ ସେ ନାଗକୁ ଜଙ୍ଗଲରେ ନ ଛାଡ଼ି ପ୍ରତିଦିନ ତାକୁ ନଚାଇ ପଇସା ରୋଜଗାର କରୁଥିଲା ଓ ନଚାଇବା ପରେ ଘର ପାଖରେ ଗୋଟେ ଚଉଁତରାରେ ପେଡ଼ି କରି ସାପକୁ ବନ୍ଧନ କରି କରୁଥିଲା । ନାଗସାପଟି କେଳାର ଗୁଣିମନ୍ତ୍ରରେ ବଶୀଭୂତ ହୋଇ ସବୁଦିନ ସେମିତି ଚୁପ୍‌ଚାପ ରହିଯାଉଥିଲା । ଦିନେ କେଳାଟି ନାଗ ଉପରେ ମନ୍ତ୍ର କରିବା ଭୁଲି ଯାଇଥିଲା ଓ ସେଇଦିନ ନାଗଟି କ୍ରୋଧିତ ହୋଇ କେଳା ଅନୁପସ୍ଥିତିରେ ଅନ୍ତର୍ଦ୍ଧ୍ୟାନ୍ ହୋଇଯାଇଥିଲା । ସେଇ ନାଗଟି ଘରକୁ ଆସିବା ଦିନରୁ କେଳାର ଖୁବ୍ ଉନ୍ନତି ହୋଇଥିଲା । ଧନଧାନ୍ୟ ବଢ଼ିଥିଲା, କେଳା ଧନୀ ହେବା ସହିତ ୩ଟି ଝିଅର ଜନକ ମଧ ହୋଇଥିଲା । ସେଦିନ କେଳା ଚଉଁତରା ପାଖକୁ ଯାଇ ଦେଖେତ ସେଠି ନାଗ ନାହିଁ କି ପେଡ଼ି ବି ନାହିଁ । ସେ ବ୍ୟସ୍ତ ହୋଇ ଚଉଁତରା ଉପରେ ଅତି ଦୁଃଖରେ ବସୁବସୁ କେଳା ଦେହରେ ବିରାଟ ନାଗସାପ ଗୁଡାଇ ହୋଇ କେଳା ସହିତ ଅନ୍ତର୍ଦ୍ଧ୍ୟାନ ହୋଇଗଲା ଓ ସେହି ସ୍ଥାନରେ ସୁନ୍ଦର ଗଛଟିଏ ଉଭୁରି ଉଠିଲା । ଏକଥା ଦେଖିଥିବା ଜଣେ ଗ୍ରାମବାସୀ ଧାଇଁଯାଇ କେଳାର ମଝିଆ ଝିଅକୁ କହିଲା - ମଝିଆ ଝିଅ ଚଉଁତରା ପାଖକୁ ଯାଇ ଗଛଟିକୁ ସ୍ପର୍ଶ କରୁକରୁ ସେଇ ନାଗସାପ ଝିଅଟି ଦେହରେ ଗୁଡ଼ାଇ ହୋଇ ଅନ୍ତର୍ଦ୍ଧ୍ୟାନ ହୋଇଗଲା ଓ ସୁନ୍ଦର ନାଲି ଫୁଲଟିଏ ହୋଇ ଗଛରେ ଫୁଟିଗଲା । ଦୂରରେ ଠିଆହୋଇ ଦେଖୁଥିବା ଗ୍ରାମବାସୀ ଜଣକ ଏକଥା କେଳାର ସାନଝିଅ ଓ ବଡ଼ଝିଅକୁ ଯାଇ କହିଲେ । ଦୁଇ ଭଉଣୀ ଗ୍ରାମବାସୀଙ୍କଠାରୁ ଏଭଳି ଆଶ୍ଚର୍ଯ୍ୟ କଥା ଶୁଣି ବିଶ୍ୱାସ କଲେନାହିଁ ଓ ଦୁହେଁ ସତ୍ୟାସତ୍ୟ ଜାଣିବା ପାଇଁ ଗଛ ପାଖକୁ ଗଲେ ଓ ଗଛକୁ ଜାବୁଡ଼ି ଧରି ଖୁବ୍ ଜୋର୍‌ରେ କାନ୍ଦିଲେ । ଏଥର ବି ନାଗଟି ପୂର୍ବପରି ଦୁଇ ଭଉଣୀଙ୍କୁ ଏକାଠି ଧରି ଅଦୃଶ୍ୟ ହୋଇଗଲା ଓ ଗଛରେ ଦୁଇଟି ସୁନ୍ଦର ଓ ମନୋହର ହଳଦୀରଙ୍ଗ ଓ ଧଳା ରଙ୍ଗର ଫୁଲହୋଇ ଫୁଟିଗଲେ । ଏକଥା ସାରା ଗ୍ରାମରେ ପ୍ରଘଟ ହୋଇଗଲା । ଗ୍ରାମବାସୀମାନେ ସମସ୍ତେ କେଳାର କର୍ତ୍ତୃତ୍ୱ ପାଇଁ ଏସବୁ ହୋଇଛି ବୋଲି ଜାଣପାରିଲେ ଏବଂ ଚଉଁତରା ପାଖକୁ ଯାଇ ନାଗକୁ କ୍ଷମା ପ୍ରାର୍ଥନା କଲେ । ନାଗଟି ଗ୍ରାମବାସୀଙ୍କ ଗୁହାରୀ ଶୁଣି ଦର୍ଶନ ଦେଲା ଓ ସେଠାରେ ଥିବା ଚଉଁତରାକୁ ଉଭାନ କରିଦେଲା । କେବଳ ତିନୋଟି ରଙ୍ଗରେ ଫୁଟିଥିବା ସୁନ୍ଦର ଫୁଲମାନଙ୍କୁ ଧରି ଗଛଟି ଠିଆ ହୋଇଥିଲା । ଗ୍ରାମବାସୀମାନେ ନାଗର ନାମ ଅନୁସାରେ ଫୁଲ ଗଛଟିର



ନାମ 'କାଞ୍ଚନାର ବା କାଞ୍ଚନ' ବୋଲି ଦେଇଥିଲେ ।

ଆମ ଓଡ଼ିଶାରେ ଆଉଗୋଟେ ଖୁବ୍ ଜଣାଶୁଣା କାହାଣୀ ଅଛି 'କାଞ୍ଚନ'କୁ ନେଇ । କାଞ୍ଚନ ଥିଲା ଖୁବ୍ ସୁନ୍ଦର, ସରଳ ଦୁଇ ଭାଇଙ୍କର ଗୋଟିଏ ବୋଲି ଗେହ୍ଲା ଭଉଣୀ । ଭଲ ଘର ଦେଖି ଭଲ ପିଲାଟିଏ ସହିତ ଭାଇମାନେ ତାକୁ ବିବାହ ଦେଇଥିଲେ । ଦିନେ କାଞ୍ଚନ ବାପଘରକୁ ବୁଲି ଆସିଥିଲା । ପନିକିରେ ଶାଗ କାଟୁ କାଟୁ କାଞ୍ଚନର ହାତ କଟିଯାଇଥିଲା । କାଞ୍ଚନ ସେ ରକ୍ତକୁ ଶାଗରେ ମିଶାଇ ଦେଇଥିଲା । ଯେତେବେଳେ ଭାଇମାନଙ୍କୁ ଶାଗଭଜା ଖାଇବାକୁ ଦିଆଗଲା । ଭାଇମାନେ ଖୁବ୍ ସୁସ୍ୱାଦୁ ଶାଗ ହୋଇଛି ବୋଲି କହିଲେ ଓ ବଡ଼ଭାଇ ଶାଗ କିଏ ଭାଜିଛି ବୋଲି ପଚାରିଲେ । କାଞ୍ଚନର ଭାଉଜ କାଞ୍ଚନ ଶାଗ କରିଛି ବୋଲି କହି ହସିହସି ତା'ର ହାତ କଟିବା ଓ ସେ ରକ୍ତକୁ ଶାଗରେ ମିଶାଇଦେବା କଥା କହି ପକାଇଲେ । ବଡ଼ଭାଇ ମନେମନେ ଭାବିବାକୁ ଲାଗିଲେ କାଞ୍ଚନର ଟିକେ ରକ୍ତ ପଡ଼ି ଯଦି ଶାଗ ଏତେ ମିଠା ଲାଗୁଛି ତେବେ କାଞ୍ଚନର ମାଂସ କେତେ ମିଠା ହୋଇନଥିବ । କିଛିଦିନ ପରେ କାଞ୍ଚନ ଶାଶୁଘରୁ ଖବର ଆସିଲା ଯିବାପାଇଁ । ବଡ଼ଭାଇଙ୍କ ମନରେ ଆଗରୁ ଥିଲା କାଞ୍ଚନର ସୁଆଦିଆ ମାଂସ ଖାଇବା କଥା । ତେଣୁ କାଞ୍ଚନକୁ ଏକା ପାଇ ନିଜର ଆଶା ମେଣ୍ଟାଇବାକୁ ସେ କାଞ୍ଚନକୁ ମାରିଦେଲେ ଏବଂ କିଛି ମାଂସ ଘରକୁ ନେଇ ଆଉସବୁ ସେଇ ଜଙ୍ଗଲର ଗୋଟେ ଗାତକରି ପୋତିଦେଲେ । ବହୁଦିନ ପରେ ଶାଶୁଘର ଲୋକେ କାଞ୍ଚନ ନ ଫେରିବାରୁ ସେଇ ରାସ୍ତାଦେଇ କାଞ୍ଚନର ବାପଘରକୁ ଆସୁଥିଲେ କାଞ୍ଚନ ବିଷୟରେ ଜାଣିବାକୁ । ବାଟରେ ଗୋଟେ ସୁନ୍ଦର ଫୁଲବର୍ତ୍ତୀ ଗଛ ଦେଖି ତା' ମୂଳରେ ବିଶ୍ରାମ ନେଲେ । କାଞ୍ଚନର ଅତି ସୁନ୍ଦର ଫୁଲ ଦେଖି ତା'ର ଶ୍ୱଶୁର ତୋଳିବାକୁ ଯାଆନ୍ତେ କାଞ୍ଚନ ଗୀତ ବୋଲିବାକୁ ଲାଗିଲା –

"ଥିରି ଥିରି ଫୁଲ ତୋଳ ହେ ବାପା, ଗଛରୁ ପତର ଝରିବ
ଦଗାଦିଆ ଭାଇ ଦଗାଦେଲେ ମୋତେ, ଶୁଣିଲେ ତ ଛାତି ଥରିବ ।"

ଏକଥା କାଞ୍ଚନର ଶ୍ୱଶୁରଘର ଲୋକେ ତା' ଭାଇମାନଙ୍କୁ କହିଲେ ଓ ସମସ୍ତେ ସେ ଗଛ ପାଖକୁ ଆସି ଫୁଲ ତୋଳିବାରୁ କାଞ୍ଚନ ନିଜ ସମ୍ପର୍କ ଅନୁଯାୟୀ ସମ୍ବୋଧନ କରି ସମସ୍ତଙ୍କୁ ଗୀତଗାଇ ନିଜର ଦୁଃଖ ଜଣାଇଲା ଶେଷରେ ବଡ଼ଭାଇ ଫୁଲ ତୋଳିବାକୁ ଯିବାରୁ କାଞ୍ଚନ ବଡ଼ଭାଇଙ୍କୁ ତାଙ୍କ କର୍ତ୍ତୁତ୍ୱ କହି ଗୀତ ବୋଲିବାରୁ ସମସ୍ତେ ଜାଣିଲେ ଯେ କାଞ୍ଚନର ହତ୍ୟା କରିଛନ୍ତି ତା ବଡ଼ଭାଇ ଓ କାଞ୍ଚନ ମାଂସ ପୋତିଥିବା ସ୍ଥାନରୁ ହିଁ ଉତ୍ପନ୍ନ ହୋଇଛି କାଞ୍ଚନ ଫୁଲଗଛ । ପରିବାର ଲୋକେ ସବୁ ଜାଣିବା ପରେ ମହାଦେବ ଓ ପାର୍ବତୀଙ୍କୁ ସ୍ମରଣ କଲେ କାଞ୍ଚନକୁ ଜୀବିତ କରିବାକୁ ଏବଂ ମହାଦେବ ମଧ୍ୟ ସେମାନଙ୍କ ପ୍ରାର୍ଥନା ସ୍ୱୀକାର କରି କାଞ୍ଚନକୁ ଜୀବଦାନ ଦେଲେ । କାଞ୍ଚନ ଶାଶୁଘରକୁ ଫେରିଗଲା ସତ କାଞ୍ଚନ ଗଛଟି ସେଦିନରୁ ଶୁଶୋଭିତ ହୋଇ ରହିଗଲା ।



## ସ୍ୱାସ୍ଥ୍ୟପାଇଁ କାଞ୍ଚନ

ପ୍ରକୃତି ଆମ ସ୍ୱାସ୍ଥ୍ୟର ଉପକାର ପାଇଁ ଅନେକ ଔଷଧ ଦେଇଛି, ଯାହା ବିଷୟରେ ଯଦି ଆମେ ଜାଣିଯିବା, ତେବେ ଅନେକ ପ୍ରକାର ରୋଗ ନିଜକୁ ମୁକ୍ତ ରଖିପାରିବା । ପ୍ରକୃତିରେ ଥିବା ଅନେକ ପ୍ରକାର ଉପକାରୀ ବୃକ୍ଷ ମଧ୍ୟରେ କାଞ୍ଚନ ଅନ୍ୟତମ । କାଞ୍ଚନ ସାଧାରଣତଃ ଜଙ୍ଗଲ ସ୍ଥାନମାନଙ୍କରେ ଅଧିକ ଦେଖିବାକୁ ମିଳେ । ଆୟୁର୍ବେଦରେ କାଞ୍ଚନ ଛାଲକୁ ବ୍ୟବହାର କରି ଶରୀରରେ ଯେକୌଣସି ସ୍ଥାନରେ ଥିବା ଦରଜ ବା ଯନ୍ତ୍ରଣାକୁ କମ୍ କରିବାକୁ ବ୍ୟବହାର କରାଯାଏ । ଏହା ବ୍ୟତୀତ ରକ୍ତ ସଂକ୍ରମଣ, ତ୍ୱଚା ରୋଗ, କୁଣ୍ଡିଆ, ଯାଦୁ, ଏକ୍‌ଜିମା, ଫୁଲିବା, ବ୍ରଣ ହେବା ଓ ଚର୍ମ କୁଞ୍ଚନ ଦୂର କରିବା ପାଇଁ ବ୍ୟବହୃତ ହୋଇଥାଏ । କାଞ୍ଚନର ଛାଲକୁ ଚୂର୍ଣ୍ଣକରି ୩-୬ ଗ୍ରାମ୍, ଫୁଲର ରସ୍ ୧୦-୨୦ ମିଲିଲିଟର ଓ ଛାଲର କାଢ଼ା ୪୦-୫୦ ମିଲିଲିଟର ମାତ୍ରାରେ ବ୍ୟବହାର କରାଯାଇଥାଏ । କାଞ୍ଚନର ଛାଲକୁ ଚୂର୍ଣ୍ଣ କରି ରଖି ମାସ ସାରା ସକାଳ ସନ୍ଧ୍ୟାରେ ଥଣ୍ଡାପାଣିରେ ୩-୬ ଗ୍ରାମ୍ ଲେଖାଏଁ ପିଇଲେ ଶରୀର ପାଇଁ ଲାଭକାରୀ ହୋଇଥାଏ । ତେବେ ଆସନ୍ତୁ ଜାଣିବା କାଞ୍ଚନ ଫୁଲର ପ୍ରୟୋଗରେ କେମିତି ଆମେ ଉପଶମ ପାଇପାରିବା ।

### ଭୋକ ନ ହେବା

ଯଦି ଆପଣଙ୍କୁ ଭୋକର ସମସ୍ୟା ଅଛି । ଖାଇବାକୁ ଇଚ୍ଛା ଲାଗୁନାହିଁ କିମ୍ବା ଭୋକ ଲାଗୁନାହିଁ ତେବେ ପ୍ରତିଦିନ କାଞ୍ଚନ ଫୁଲକୁ ଘିଅରେ ହାଲୁକା ଭାଜି ଖାଇଲେ ଭୋକ ବଢ଼ିବ ଏବଂ ନିୟମିତ ଠିକ୍ ପରିମାଣରେ ଖାଦ୍ୟ ଖାଇ ପାରିବେ ।

### ଗ୍ୟାସ୍ ସମସ୍ୟା

କାଞ୍ଚନ ଗଛର ଛାଲକୁ କାଢ଼ା ପ୍ରସ୍ତୁତ କରି, ୨୦ ମିଲିଲିଟର କାଢ଼ାରେ ଅଧାଚାମଚ୍ ଜୁଆଣି ମିଶାଇ ପିଇଲେ ପେଟର ସମସ୍ୟା ବା ପେଟ ଫୁଲିବା ଦୂର ହୁଏ ।

### କାଶ ବା ଶ୍ୱାସ

କାଞ୍ଚନ ଛାଲର କାଢ଼ା ସହିତ ମହୁ ମିଶାଇ ଦିନକୁ ତିନିଥର ୨ ଚାମୁଚ୍ ଲେଖାଏଁ ସେବନ କଲେ କାଶ ବା ଶ୍ୱାସରୁ ମୁକ୍ତି ମିଳେ ।

### ଦାନ୍ତ ଦରଜ

କାଞ୍ଚନ ଗଛର ଛାଲକୁ ଜଳାଇ ତା'ର ପାଉଁଶରେ ସକାଳ ଏବଂ ରାତି ଖାଇବା ପରେ ପ୍ରତିଦିନ ଦାନ୍ତ ଘଷିଲେ ଦାନ୍ତ ଦରଜ ଦୂର ହୁଏ । ମାଢ଼ିରୁ ରକ୍ତ ବାହାରିବା ବନ୍ଦ ହୁଏ । କାଞ୍ଚନ ଛାଲକୁ ସିଝାଇଲା ପରେ ଏକ ବୋତଲରେ ରଖି ପ୍ରତିଦିନ ୫୦ ମିଲିଲିଟର ଲେଖାଏଁ ଗରମ କରି କୁଳି କଲେ ଦାନ୍ତ ହଲିବା, ଦାନ୍ତ ଦରଜ, ରକ୍ତ ବାହାରିବା, ମାଢ଼ି ଦରଜ ହେବା ଓ ପାଇରିଆ ଭଲ ହୋଇଥାଏ ।

### କର୍କଟ ରୋଗ

କାଞ୍ଚନ ଗଛ ଛାଲରେ କାଢ଼ା ପ୍ରସ୍ତୁତ କରି ପିଇଲେ ପେଟରେ ହେଉଥିବା ଯେକୌଣସି କ୍ୟାନ୍‌ସର୍ ଭଲ ହୋଇଥାଏ ।

### ପାଇଲସ୍

କାଞ୍ଚନ ଫୁଲକୁ ଚିନି ସହିତ ମିଶାଇ ସର୍ବତ ବନେଇ ସକାଳ-ସନ୍ଧ୍ୟାରେ ପିଇଲେ ଅର୍ଶ ଦୂର ହୁଏ ଏବଂ ପେଟ ସଫା ରୁହେ । କାଞ୍ଚନଫୁଲର ଗୁଲକନ୍ଦକୁ ରାତିରେ ଶୋଇବା ପୂର୍ବରୁ ୨ ଚାମଚ୍ ଲେଖାଏଁ କିଛିଦିନ ନିୟମିତ ପିଇଲେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ ।

### ଥାଇରଏଡ୍

କାଞ୍ଚନ ଫୁଲ ଥାଇରଏଡ୍ ପାଇଁ ସବୁଠୁ ଭଲ ଔଷଧ । ଯଦି ଯକୃତରେ

# କାଞ୍ଚନ : କିଛି ଅଭିମତ



ଏବେ ଏବେ ଚାରିଆଡ଼େ କାଞ୍ଚନ ମେଲିଛି ତା ରଙ୍ଗର ପସରା, ଖେଳୁଛି ସେ ରଙ୍ଗର ମହୋତ୍ସବ। ଉଦ୍ୟାନ ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟ ଉଦ୍ୟାନ ବିଭାଗର ଗବେଷଣାରତ ଛାତ୍ର ଓ ଜଣେ ଲେଖକ ଭାବେ କାଞ୍ଚନ ଫୁଲ ମୋ ପାଇଁ ଖୁବ୍ ସ୍ୱତନ୍ତ୍ର। ତାର ରଙ୍ଗୀନ ପାଖୁଡ଼ା ମୋତେ କେବେ ବିଭୋର କରେ ତ ପୁଣି କେବେ ସେଇ ରଙ୍ଗ ଭିତରେ ମୁଁ ଦେଖେ କେଉଁ କୁନି ଝିଅ ଦେହର ରକ୍ତଛିଟାକୁ। ସେଥିପାଇଁ ମୁଁ ମୋର ଏକ କବିତା 'କାଞ୍ଚନ ନାମକ ଫୁଲ'ରେ ଲେଖିଛି- "ତଳେ ପଡ଼ିଥିବା ଫୁଲ ଦୁଇଟା / ମୋ ହାତ ଆଞ୍ଜୁଳାକୁ ବଢ଼ାଇ ଦେଉଛି ଝିଅ ଏବେ / ହେଲେ ସେ ଜାଣେନା /ମୁଠେଇ ଧରିବାର ଶକ୍ତି ଆଉ ନାହିଁ ମୋ ପାଖେ / ଗୋଟେ ଆହତ ଆଶ୍ଲେଷ, ଅପହୃତ ପ୍ରତିଶ୍ରୁତିର ଗ୍ଲାନିରେ / ମୁଁ ଫାଟି ଯାଉଛି ସରେଇଟିଏ ପରି / ମୋ ହାତ ସାରା ଏବେ ଖାଲି ଗରା ଗରା ରକ୍ତ।" ସାହିତ୍ୟିକ ବିଚାରଭଙ୍ଗୀ ବ୍ୟତିରେକ କାଞ୍ଚନ ଫୁଲ ପ୍ରତି ଏକ ନିଆରା ଆକର୍ଷଣ ଜନ୍ମିବାର ଏକ ବୈଜ୍ଞାନିକ କାରଣ ହେଉଛି- ଏ ଫୁଲର ବିବିଧତା। ଲାଲ, ହଳଦିଆ, ଗୋଲାପି, ଧଳା- ଏପରି ଭିନ୍ନ ଭିନ୍ନ ରଂଗରେ କେବଳ ନୁହଁ ଉଦ୍ଭିଦର ଭିନ୍ନ ଭିନ୍ନ ଶୃଙ୍ଖଳରେ ବି ଦେଖିବାକୁ ମିଳେ ଏ ଫୁଲକୁ। Bauhinia acuminata, Bauhinia galpini, Bauhinia tomentosa ଆଦି କାଞ୍ଚନର ସ୍ପିସିଜ୍ ସବୁ ବୁଦା (Shrubs) ଜାତୀୟ ହୋଇଥିବା ବେଳେ Bauhinia purpurea, Bauhinia variegata ଆଦି ଗଛ (tree) ଜାତୀୟ ଓ Bauhinia diphylla ଓ Baujinia Vahlii ଲତା ଜାତୀୟ ଅଟେ। କାଞ୍ଚନର ଏ ପ୍ରକାରର ବିବିଧତା ତାର ଏକ ନିଆରାପଣ। କାଞ୍ଚନ(Bauhinia)ର ନାମକରଣ ଦୁଇଜଣ ଯାଆଁଳା ବୈଜ୍ଞାନିକ ଭାଇଙ୍କ ନାଁ ଅନୁସାରେ ମଧ୍ୟ ହୋଇଛି। ସେମାନେ ହେଲେ ଜନ୍ ଏବଂ କାସ୍‌ପାର୍ ବାଉହୀନ (John and Caspar Bauhin)। କାଞ୍ଚନ ଫୁଲର ଭିନ୍ନ ଭିନ୍ନ ରଂଗ ଓ ଭିନ୍ନ ଭିନ୍ନ ଆକାର ଆକର୍ଷିତ କରେ ଓ ତାର ପତ୍ର ଓଟର ଖୁରା ପରି ଦେଖାଯାଏ। କିଛି ପ୍ରଜାତିରେ ପତ୍ରଝଡ଼ା ସମୟରେ ଫୁଲ ଫୁଟିବାର ଦେଖାଯାଏପୁଣି କିଛି ପ୍ରଜାତିର ଫୁଲ ମଧ୍ୟ ବାସ୍ନାୟିତ ହୋଇଥାଏ। ଏକ ସୁନ୍ଦର ବଗିଚା ପାଇଁ କଞ୍ଚନ ଫୁଲର ସ୍ଥାନ ସର୍ବଦା ସ୍ୱତନ୍ତ୍ର।


**ସୁବ୍ରତ କୁମାର ସେନାପତି**

ଲେଖକ ଓ ଗବେଷଣାରତ ଛାତ୍ର, ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟଉଦ୍ୟାନ ବିଭାଗ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର




କାଞ୍ଚନ ମୋର ପ୍ରିୟ ଫୁଲ। ଏ ଫୁଲଗଛକୁ ଅଧିକ ଯତ୍ନ ନେବାକୁ ପଡ଼ିନଥାଏ। ଖୁବ୍ ସୁନ୍ଦର ଓ ନରମ ପାଖୁଡ଼ାଯୁକ୍ତ ହୋଇଥାଏ। ମୋ ମାଉସୀ ମତେ କିଛି କାଞ୍ଚନର ମଞ୍ଜି ଦେଇଥିଲେ। ମୁଁ ତାକୁ ଆମ ବାଡ଼ିପଟେ ଏମିତି ପକେଇ ଦେଇଥିଲି। ଆପେ ଆପେ ସେ ଗଛ ଉଠିଥିଲା। ତା ପାଇଁ କିଛି ଯତ୍ନ ନେବାକୁ ପଡ଼ିନି। ଧଳା ରଙ୍ଗର କାଞ୍ଚନ ଫୁଲକୁ ଆମଘରେ ଅନେକ ପ୍ରକାର ରୋଷେଇରେ ବ୍ୟବହାର କରାଯାଏ। ଏହା ବହୁତ ସୁସ୍ୱାଦୁ ହୋଇଥାଏ। ଗୋଲାପି ରଙ୍ଗର କାଞ୍ଚନ ବଗିଚାର ସୌନ୍ଦର୍ଯ୍ୟ ବଢ଼ାଇଥାଏ ଏବଂ ଏୟାରପୋର୍ଟ, ମନ୍ଦିର ପ୍ରାଙ୍ଗଣ, ପାର୍କିଂ ସ୍ଥାନ ଓ ରାସ୍ତାକଡ଼ମାନଙ୍କରେ ଖୁବ୍ ଝଙ୍କାଳିଆ ହୋଇ ପରିବେଶର ଶୋଭା ବଢ଼ାଇ ଥାଏ। ଧଳା କାଞ୍ଚନର ପାଖୁଡ଼ାଗୁଡ଼ିକ ଖୁବ ନରମ ଏବଂ ତୋଳା ହେବା ପରେ ଗୋଟେ ଦିନରେ ମଉଳିଯାଏ। କିନ୍ତୁ ଗୋଲାପୀ କାଞ୍ଚନ ତିନିଚାରି ଦିନ ସତେଜ ରହିଥାଏ।


**ରଞ୍ଜିତ୍ ଲାଲା, ଖୋର୍ଦ୍ଧା, ଭୁବନେଶ୍ୱର**


କୌଣସି ପ୍ରକାର ଅସୁବିଧା ଥାଏ, ତେବେ କାଞ୍ଚନ ଗଛ ମୂଳକୁ କାଢ଼ା ପ୍ରସ୍ତୁତ କରି ପିଇଲେ ଲାଭପ୍ରଦ ହୋଇଥାଏ।

## ରକ୍ତ ଝାଡ଼ା

ମଳ ସହିତ ରକ୍ତ ପଡୁଥିଲେ, କାଞ୍ଚନ ଫୁଲର କାଢ଼ା ସକାଳ -ସନ୍ଧ୍ୟାରେ ସେବନ କରିବା ଉଚିତ୍। ଏହାର ସେବନ ଦ୍ୱାରା ମଳରେ ରକ୍ତ ପଡ଼ିବା ବନ୍ଦ ହୋଇଥାଏ।

## ଆୟୁର୍ବେଦରେ କାଞ୍ଚନ

ଆୟୁର୍ବେଦ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରସ୍ତୁତ 'କାଞ୍ଚନର ଗୁଗୁଳ' ବା ଗୋଲି ଏକ ଆୟୁର୍ବେଦ ଔଷଧ ଯାହକି ଶରୀରରେ ଯେକୌଣସି ଅଙ୍ଗରେ ଗ୍ରନ୍ଥି ତରଳିବା, ରକ୍ତବ୍ୟାଧି, ଚର୍ମରୋଗ ଯେପରିକି - ରିଙ୍ଗ୍‌ୱର୍ମ, କୁଞ୍ଚନ, ଏକ୍‌ଜିମା, ଫୁଲା ଏବଂ ବ୍ରଣ ଇତ୍ୟାଦି ପାଇଁ ବ୍ୟବହୃତ ହୋଇଥାଏ। ଏହି ଗୋଲି ରକ୍ତ-ପରିସ୍ରା ରୋକିବା ପାଇଁ, ଜୀର୍ଣ୍ଣ ହେବାପାଇଁ। ଗଳାରୋଗ ପାଇଁ, ଜ୍ୱର କମିବା ପାଇଁ ବ୍ୟବହାର କରାଯାଇଥାଏ। ଅଲସର ପାଇଁ ମଧ ବ୍ୟବହାର କରାଯାଏ। କାଞ୍ଚନଫୁଲରୁ ତିଆରି ଆୟୁର୍ବେଦରେ କେତୋଟି ଔଷଧ ଅଛି ଯଥା- କାଞ୍ଚନାର ଗୁଗୁଲ, କାଞ୍ଚନାଡ଼ି କ୍ୱାଥ, କାଞ୍ଚନ ଗୁଟିକା, ଗୁଲକାନ୍ କାଞ୍ଚନାର, ପଞ୍ଚାନି ବାଡ଼ି ବଟି, ରକ୍ତ ଶୋଧାନ୍ତକ, ଆଦି ଯେକୌଣସି ପେଟରୋଗ ପାଇଁ ଅତ୍ୟନ୍ତ ଫଳପ୍ରଦ ହୋଇଥାଏ। କାଞ୍ଚନର ଗୋଲି ଆପଣ ଘରେ ମଧ ପ୍ରସ୍ତୁତ କରି ପାରିବେ।

୧୨୦୦ ଗ୍ରାମ୍ କାଞ୍ଚନର ଛାଲକୁ ଏକ ବଡ଼ ପାତ୍ରରେ ୧୦ଲିଟର ପାଣିରେ ଫୁଟାନ୍ତୁ। ଫୁଟିବା ପରେ ପାଣି ଶୁଖିଶୁଖି ଯେତେବେଳେ ଅଢ଼େଇ ଲିଟର ହୋଇଯିବ ଏହାକୁ ଛାଣି ଏଥିରେ ଶୁଦ୍ଧ ଗୁଗୁଳ ୮୦୦ ଗ୍ରାମ୍, ତ୍ରିକଟୁ (ଶୁଣ୍ଠି, ପିପ୍ପଳ, ଗୋଲମରିଚ) ୧୨୦ଗ୍ରାମ୍, ବରୁଣ ଛାଲ ୪୦ ଗ୍ରାମ୍ ତଥା ଛୋଟ ଅଳେଇଚ, ତେଜପତ୍ର ୧୦-୧୦ ଗ୍ରାମ୍ ମିଶାନ୍ତୁ ଏବଂ ଛୋଟ ଛୋଟ ଗୋଲି ବନେଇ ଦିଅନ୍ତୁ। ଏହି ଗୋଲିକୁ ସକାଳ-ସନ୍ଧ୍ୟା ୪ଟି ଲେଖାଏଁ ତ୍ରିଫଳା ଚୂର୍ଣ୍ଣ ସହିତ ପ୍ରତିଦିନ ବ୍ୟବହାର କଲେ ଅଦୃଶ୍ୟତା, ଟିଉମର, ଅଲସର, କୁଷ୍ଠ, କୋଷ୍ଠକାଠିନ୍ୟ ଆଦି ଅନେକ ରୋଗରୁ ତୁରନ୍ତ ଉପଶମ ମିଳେ। 'କଚନାର ବୈଦନାଥ' ଏବଂ 'ପତଞ୍ଜଳି କଚନାର ଗୁଗୁଳ' ଆୟୁର୍ବେଦର ଦୁଇଟି ପ୍ରମୁଖ ଔଷଧ।

## ହୋମିଓପାଥିରେ କାଞ୍ଚନ

ହୋମିଓପାଥିରେ କାଞ୍ଚନର ସବୁଠୁ ଫଳପ୍ରଦ ଔଷଦ ହେଉଛି 'ଭେରାଇଗାଟା ମଦର ଟେକ୍ସଚର' (Varaigeta mother texture) ଯାହା ବିଭିନ୍ନ ପ୍ରକାର ଚର୍ମରୋଗ ଯଥା କୁଣ୍ଡିଆ, ଫୁଲାପଣ, ଏକ୍‌ଜିମା, ବ୍ରଣ, କଳାଦାଗ ଦୂର କରିବା ଓ ତ୍ୱଚାର ଉଜ୍ଜ୍ୱଳତା ପାଇଁ କାଞ୍ଚନର ଛାଲରେ ପ୍ରସ୍ତୁତ ଟନିକ୍ 'କଞ୍ଚନାର କଶାୟ' ୧୦-୨୦ ମିଲିଲିଟର ଲେଖାଏଁ ଦିନକୁ ଦୁଇଥର ଡାକ୍ତରଙ୍କ ପରାମର୍ଶ କ୍ରମେ ନେଲେ ଆରୋଗ୍ୟ ଲାଭ କରି ପାରିବେ। ଏହି ଟନିକ୍ ୨୦୦ ମିଲିଲିଟର ବଟଲ୍‌ରେ ବଜାରରେ ଉପଲବ୍ଧ। କାଞ୍ଚନର ଅନେକ ଔଷଧୀୟ ଗୁଣ ବିଷୟରେ ଜାଣିବା ପରେ ଏବେ ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥା (AIMS) ମଧ ଏହାର ମହତ୍ତ୍ୱକୁ ସ୍ୱୀକାର କରି ଏହା ଉପରେ ଗବେଷଣା କରିବାର ନିଷ୍ପତ୍ତି ନେଇଛି। ଏହି ଗବେଷଣା ଝାଡ଼ଖଣ୍ଡରେ ହେବ। ଏହି ସମ୍ବନ୍ଧରେ ଏମ୍ସ ସେଣ୍ଟ୍ରାଲ୍ କୋଲ୍‌ଫିଲ୍ଡ

ଲିମିଟେଡ୍ ଏବଂ ଡିପାର୍ଟମେଣ୍ଟ୍ ଅଫ୍ ଏନ୍‌ଭାୟାରନ୍‌ମେଣ୍ଟ୍ ଆଣ୍ଡ୍ କ୍ଲାଇମେଟ୍ ଚେଞ୍ଜ୍ (AIMS Central Coalfied Limited and Department of Environment and Climate change) ଝାଡ଼ଖଣ୍ଡ ସରକାରଙ୍କ ଦ୍ୱାରା ଗବେଷଣାର ସମୟସୀମା ୨-୪ ବର୍ଷ ମଧ୍ୟରେ ହେବ ଏବଂ ସେଇ ଲୋକମାନଙ୍କର ରକ୍ତନମୂନା ନେଇ ପରୀକ୍ଷଣ ଓ ଗବେଷଣା କରିବ ଯେଉଁମାନେ ଦୀର୍ଘଦିନ ଧରି କଚନାର ବା କାଞ୍ଚନର ପ୍ରୟୋଗ କରି ଆସିଛନ୍ତି ଏବଂ ସେମାନଙ୍କ ଶରୀରରେ ଥିବା ପ୍ରୋଟିନର ମାତ୍ରା ଉପରେ ମଧ୍ୟ ପରୀକ୍ଷଣ ହେବ । କାଞ୍ଚନ ଉପରେ ଗବେଷଣା କରିବା ପାଇଁ AIMS ୭ କୋଟି ଖର୍ଚ୍ଚ କରିବ ବୋଲି ସୂଚନାରୁ ଜଣାଯାଏ ।

## ପାକଶାଳାରେ କାଞ୍ଚନର ବ୍ୟବହାର

କାଞ୍ଚନଫୁଲ କେବଳ ଯେ ଦେଖିବାକୁ ସୁନ୍ଦର ଓ ମନୋହର ତାହା ନୁହେଁ । କାଞ୍ଚନ ଅନେକ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ବା ବ୍ୟଞ୍ଜନ ପାଇଁ ଖୁବ୍ ପ୍ରିୟ ସମସ୍ତଙ୍କର । କାଞ୍ଚନକୁ ଆମେ ବିଭିନ୍ନ ରୋଷେଇରେ ବ୍ୟବହାର କରି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିପାରିବା । ତେବେ କାଞ୍ଚନରେ ପ୍ରସ୍ତୁତ କେତୋଟି ସୁସ୍ୱାଦୁ ରନ୍ଧନ ସମ୍ବନ୍ଧରେ ଆସନ୍ତୁ ଜାଣିବା ।

### ଧଳା କାଞ୍ଚନ ପିଠଉ ଭଜା

୧ କପ୍ ବତୁରାଇ ରଖିଥିବା ଅରୁଆ ଚାଉଳ, ଅଧା ଚାମଚ୍ ଜୀରା, ଅଧା ଚାମଚ୍ ଶୋରିଷ, ୨ଟି କଞ୍ଚାଲଙ୍କା, ୧ ଇଞ୍ଚ ଅଦା, ଛୋଟ ଅଧା ଚାମଚ୍ ହଳଦୀଗୁଣ୍ଡ, ୪ କୋଲା ରସୁଣ ମିଶାଇ ଏକତ୍ର ବାଟିଦେବା । ପ୍ରସ୍ତୁତ ପିଠଉରେ ସ୍ୱାଦ ଅନୁସାରେ ଲୁଣ ମିଶାଇ ଗୋଳାଇ ଦେବା । ପୂର୍ବରୁ ଧୋଇ ରଖିଥିବା କାଞ୍ଚନ ଫୁଲକୁ ପିଠଉରେ ବୁଡାଇ ପ୍ୟାନ୍‌ରେ ତେଲ ଗରମ କରି କଖାରୁ ଫୁଲ ପିଠଉ ଭଳି କାଞ୍ଚନ ଫୁଲର ପିଠଉକୁ ଭଲଭାବେ ଭାଜିନେବା ।

### ହଳଦିଆ କାଞ୍ଚନର ପକୁଡ଼ି

୩ ଚାମଚ୍ ଚାଉଳଗୁଣ୍ଡ, ଚାରି ଚାମଚ୍ ବେସନ, ଅଧା ଛୋଟ ଚାମଚ୍ ଲଙ୍କା ପାଉଡର, ଅଧା ଚାମଚ୍ ଅଦା, ରସୁଣ ପେଷ୍ଟ, ଚିମୁଟାଏ ଖାଇବା ସୋଢା, ଅଧା ଛୋଟ ଚାମଚ ଜୁଆଣି, ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ପେଷ୍ଟ ତିଆରି କରିବା । ଏହି ପେଷ୍ଟକୁ ୧୦ ମିନିଟ୍ ରଖିଦେବା ପରେ ପ୍ୟାନ୍‌ରେତେଲ ଗରମ କରି ହଳଦିଆ କାଞ୍ଚନ ଫୁଲକୁ ଗୋଳେଇ ରଖିଥିବା ପେଷ୍ଟରେ ବୁଡ଼ାଇ ପକୁଡ଼ି ଛାଣିନେବା ।

### ନାଲି କାଞ୍ଚନଫୁଲର ବରା

ଅଧାକପ୍ ଅରୁଆ ଚାଉଳ, ୨ ଚାମଚ୍ ବୁଟଡାଲି, ୨ ଚାମଚ୍ ମୁଗଡାଲିକୁ ପାଣିରେ ବତୁରାଇ ୪ ଘଣ୍ଟା ରଖିବା ପରେ ଭଲଭାବେ ଧୋଇ ସେଥିରେ ୧ ଇଞ୍ଚ ଅଦା, ୨ଟି କଞ୍ଚାଲଙ୍କା, ଅଧା ଛୋଟ ଚାମଚ୍ ଜୀରା ପକାଇ ଗ୍ରାଇଣ୍ଡରରେ ପେଷ୍ଟ କରିନେବା । ଏହି ପେଷ୍ଟକୁ ଏକ ପାତ୍ରରେ କାଢି ଏଥିରେ ଏକ ଛୋଟ ଚାମଚ୍ ଚିନି, ଅଳ୍ପ ଟିକେ ହଳଦୀଗୁଣ୍ଡ, ଚିମୁଟାଏ ହେଙ୍ଗୁ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ରଖିବା । କାଞ୍ଚନ ଫୁଲର ପାଖୁଡା ସବୁକୁ ଧୋଇ ଏକ ପାତ୍ରରେ ରଖିନେବା । ପ୍ୟାନ୍‌ରେ ତେଲ ଗରମ କରି ପାଖୁଡା ଗୁଡ଼ିକୁ ବାଟି ରଖିଥିବା ପେଷ୍ଟରେ ବୁଡାଇ ବରା ଛାଣିନେବା ।

### ଧଳା କାଞ୍ଚନଫୁଲର ମସଲା

କାଞ୍ଚନ ଫୁଲକୁ ଧୋଇ ତା'ର ପାଖୁଡା ସବୁକୁ ଗୋଟେ ପାତ୍ରରେ ରଖିନେବା । ୧ଟି ପିଆଜ, ୧ଟି ଟମାଟୋ, ୪-୬ କୋଲା ରସୁଣ, ୧-୨ ଇଞ୍ଚ୍ ଅଦା, ଛୋଟ ଖଣ୍ଡେ ଡାଲଚିନି, ୧ଟି ଗୁଜୁରାତି ସବୁକୁ ମିଶାଇ ପ୍ୟାନ୍ ଗରମ କରି ଅଧା ଚାମଚ୍ ରିଫାଇନ୍ ତେଲରେ ୨ ମିନିଟ୍ ଭାଜିନେବା । ଏବେ ଏହାକୁ ହାଲ୍‌କା ଥଣ୍ଡା କରି ପେଷ୍ଟ ବନେଇ ନେବା । ପ୍ୟାନ୍‌ରେ ୨ ଚାମଚ୍ ତେଲ ଗରମ କରି ଏଥିରେ ଅଳ୍ପକିଛି କଟା ପିଆଜ ପକାଇ ଭାଜିନେବା । ପିଆଜ ସୁନେଲି ରଙ୍ଗ ହୋଇ ଆସିଲେ, ବାଟି ରଖିଥିବା ପେଷ୍ଟ ଅଧା ଛୋଟ ଚାମଚ୍ ଲେଖାଏଁ ଜୀରା, ଧନିଆଁ, ଲଙ୍କା, ହଳଦୀ ପାଉଡର ପକାଇ ମସଲାକୁ ୩-୪ ମିନିଟ୍ ଭାଜିନେବା । ଏବେ ଏଥିରେ ଧୋଇ ରଖିଥିବା କଞ୍ଚନଫୁଲ ପାଖୁଡାକୁ ପକାଇ ୨-୩ ମିନିଟ୍ ଭାଜିନେବା ଓ ଅଧାକପ୍ ପାଣି, ସ୍ୱାଦ ଅନୁସାରେ ଲୁଣ ପକାଇ କିଛି ସମୟ ମଧ୍ୟମ ଆଁଚରେ ରାନ୍ଧିବା । ମସଲା ସହିତ ଫୁଲପାଖୁଡା ଗୁଡ଼ିକୁ ଭଲ ଭାବେ ରାନ୍ଧି ହେବାପରେ ପ୍ଲେଟ୍‌କୁ ବାହାର କରି କଟା ଧନିଆଁପତ୍ର ପକାଇ ପରଶିପାରିବା କାଞ୍ଚନଫୁଲର ମସଲା । ଏହାକୁ ଜୀରା ଓ ଶୋରିଷର ପେଷ୍ଟ ଦେଇ ଛତୁ ବେସର ଭଳି ବେସର ଓ ପତ୍ରପୋଡ଼ା ମଧ୍ୟ କରିପାରିବେ । କାଞ୍ଚନଫୁଲକୁ ବିଭିନ୍ନ ରୋଷେଇ, ଯଥା- କାଞ୍ଚନଫୁଲ ପତ୍ରପୋଡ଼ା, କାଞ୍ଚନଫୁଲର ଚକୁଳି, କାଞ୍ଚନଫୁଲ ପରଟା, କାଞ୍ଚନଫୁଲ ଖଟା ଏମିତି ଅନେକ ପ୍ରକାର ରନ୍ଧନରେ ବ୍ୟବହାର କରିପାରିବେ । ଆଲେଖ୍ୟରେ ସବୁ ପ୍ରକାର ରନ୍ଧନକୁ ସ୍ଥାନିତ କରିବା ସମ୍ଭବପର ନୁହେଁ ତେଣୁ ମୁଁ ଅଳ୍ପ କିଛି ରନ୍ଧନ ସମ୍ବନ୍ଧରେ ଲେଖିଛି ।

କାଞ୍ଚନକୁ ନେଇ ଅନେକ କାହାଣୀ ଓ ଚଳଚ୍ଚିତ୍ରମାନ ରହିଛି । ହିନ୍ଦୀ ଚଳଚ୍ଚିତ୍ରରେ ଏକ ଲୋକପ୍ରିୟ ସଂଗୀତ 'କଚ୍ଚି କଲି କଚନାରକି' ଏଥିରୁ ଗୋଟିଏ । ଓଡ଼ିଆରେ କାଞ୍ଚନକୁ ନେଇ ରହିଥିବା କାହାଣୀ ଘରେଘରେ ପରିଚିତ ଯାହା ମୁଁ ଆଲେଖ୍ୟରେ ବର୍ଣ୍ଣନା କରିଛି । କାଞ୍ଚନର ରୂପ ଯେତିକି ମାଧୁର୍ଯ୍ୟମୟ, ଔଷଧୀୟ ଉପଚାର ବିଶେଷକରି ଗ୍ରନ୍ଥି ନାଶକ ଔଷଧ ଭାବେ ବେଶ୍ ଫଳପ୍ରଦ । କାଞ୍ଚନର ସବୁଠୁ ବଡ଼ ବିଶେଷତା ହେଉଛି ଏହି ଫୁଲକୁ ସମସ୍ତେ ଏକ ସୁଆଦିଆ ଖାଦ୍ୟ ଭାବେ ବ୍ୟବହାର କରନ୍ତି । କାଞ୍ଚନ ନିଶ୍ଚିତ ଭାବେ ବନସ୍ପତି ଜଗତରେ ପ୍ରକୃତିକୁ ଏକ ଅନନ୍ୟ ଉପହାର ।






ମଡେଲ୍ : ବିଶ୍ୱଜିତା ପଣ୍ଡା
ଫଟୋଗ୍ରାଫି: ବିଶ୍ୱଜିତ୍ ମାଝୀ
ଉଚ୍ଚତା : ୫ ଫୁଟ୍ ୪ ଇଞ୍ଚ୍
ଶିକ୍ଷା : ବି.ଟେକ୍
ବୃତ୍ତି : ଅଧ୍ୟୟନ
କଷ୍ଟ୍ୟୁମ୍ ଓ ମେକ୍‌ଅପ୍ : ରୋଜି ମଲ୍ଲିକ
ସ୍ଥାନ : ଭୁବନେଶ୍ୱର

ଲେଣ୍ଡର

# ମାର୍ଚ୍ଚ-୨୦୨୧

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

ପର୍ବପର୍ବାଣି

୦୫/୦୩/୨୦୨୧ : ପଞ୍ଚାୟତୀରାଜ ଦିବସ
୧୧/୦୩/୨୦୨୧ : ଶିବରାତ୍ରି (ଜାଗର)
୨୮/୦୩/୨୦୨୧ : ଦୋଳପୂର୍ଣ୍ଣିମା
୨୯/୦୩/୨୦୨୧ : ହୋଲି ଉତ୍ସବ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୧

## ପ୍ରଫୁଲ୍ଲ କୁମାର ମହାନ୍ତି



ବେଦମନ୍ତ୍ରର ଧ୍ୱନିତ ତରଙ୍ଗରେ
ମୋହିତ ଆକାଶରୁ ଝରିଲା ପ୍ରାଣବିନ୍ଦୁ
ଯଜ୍ଞ ନିଆଁର ଲେଲୀହାନ ଜିଭ
ଚାଟିନେଲା ପଞ୍ଚତତ୍ତ୍ୱର ସୂକ୍ଷ୍ମ ସମୀକ୍ଷା
ତାପିତ ପୃଥିବୀ ଦେଲା ରଙ୍ଗବର୍ଣ୍ଣର ବିଭା
ପ୍ରକୃତି ବାଢ଼ିଦେଲା ସୁଷମା ସମ୍ଭାର
ଉଭା ହେଲା ଅଗ୍ନିକନ୍ୟା ପୂର୍ଣ୍ଣଯୌବନ !
ଯଜ୍ଞବେଦୀରେ ପାଦ ଥାପି ଆଖି ମିଟ୍ ମିଟ୍ କଲା
ରୂପଶ୍ରୀ ହେମାଙ୍ଗନା ସୁଠାମ ନାରୀମୂର୍ତ୍ତି
ମଙ୍ଗଳଗାନର କାକଳୀରେ ଚମକି
ଆଖିମେଲି ଦେଲା ପାବକିନୀ:

ମୁଁ କିଏ ? କେଉଁଠି ମୁଁ ?
ଶିରି ଶିରି ଅନ୍ଧାରରେ ଝରାପତ୍ର ଗହଳିରେ
ଲିଭି ଆସୁଥିବା ନିଆଁ ପରି
ଧିମା ଧିମା ଉଦ୍‌ଯାପନୀ ମନ୍ତ୍ର
ଏମାନେ ସବୁ କିଏ ଆନନ୍ଦରୋଳର
ମଶାଲ୍ ଧରି କାହାର ସ୍ୱାଗତ ପାଇଁ
ଜୟଗାନ କରନ୍ତି ସୁନେଲି ଝଲମଲ
ପୋଷାକରେ ଢଳଢଳ ଚାହାଣୀରେ :
ଏସବୁ କଣ ମୋ ପାଇଁ !
ତେବେ ମୁଁ କିଏ କିଏ ମୁଁ
ମନ୍ତ୍ରପୂତା ବିନା ମାତାପିତା
ଏକାକିନୀ ଅଗ୍ନିସୂତା !


ମୁଁ କଣ ପରିଚୟହୀନା
ଅନୁପ୍ରବେଶକାରୀ ଅନାହୁତା
ତେବେ ଏମାନେ କାହିଁକି ମୋର ସ୍ୱାଗତିକାରେ
ବିଭୋର କାହିଁକି ବା ଜୟଜୟକାର !
ଏ କିଏ ଆଗଭର ମୋ ଦିଗରେ
ହସହସ ବାକ୍ୟରେ ରାଜପୋଷାକରେ

ତାଙ୍କର କନ୍ୟା ଡାକରେ କାହିଁକି
ଚମକ ଆସେନାହିଁ ମୋର ରକ୍ତମାଂସରେ
ଦ୍ରୁପଦଙ୍କ ଆଲିଙ୍ଗନରେ କାହିଁକି ଜଡ଼ତା
ଏ କଣ ମୋର ପିତା ଡାକନ୍ତି ଯେ ଦ୍ରୁପଦ ଦୁହିତା !
କିଏ ଏହି ନାରୀ ସୁସଜ୍ଜିତ ରାଣୀ ବେଶେ
ଚୁମନ୍ତି ମୋ ମୁଖସାରା ମାତା ସୋହାଗରେ !
ବାଜା ବଜନ୍ତରୀ ଶଙ୍ଖ ମହୁରୀର
ଛନ୍ଦରେ ଅନ୍ଧାରକୁ ଲାଜେଇ ଦେଇ
ଘେନିଯାନ୍ତି ମତେ ରାଜପ୍ରାସାଦକୁ
କେଉଁ ଅଧିକାରରେ କେଉଁ ସଂପର୍କରେ !

ମୁଁ ଆଜି ଦ୍ରୁପଦନନ୍ଦିନୀ ଦ୍ରୌପଦୀ
ନିଆଁରୁ ମାଟିକୁ ଆସି ମୁଁ ଆଜି ରାଜଜେମା
ମୋର ଆଗେପଛେ ସଖୀ ସହଚରୀ
ହସ ଲହରୀରେ ଫାଟୁଥିବା ବେଳାଭୂମି ପରି
ମୁଁ ଅଚଳ ବେଳାର ଧୈର୍ଯ୍ୟ ନେଇ
ଚାଲିବାକୁ ହେବ ରାଜକୁମାରୀର

ଐଶ୍ୱର୍ଯ୍ୟ ମଣ୍ଡିତ ହୋଇ ରାଜଭବନରେ
ଜାଣିବାକୁ ହେବ କଣ ଘଟୁଛି କେମିତି
ସ୍ମୃତିହୀନ ଆରମ୍ଭକୁ ଭରା ଅନୁଭୂତି ଦେଇ
ପ୍ରାସାଦ ଆଲୋକରେ ମୁହଁ ଅନ୍ଧାରେ ଲୁଚାଇ
ଭେଦିବାକୁ ହେବ ମତେ ଜୀବନ ରହସ୍ୟ ।

♥ ଚିତ୍ରକାବ୍ୟ, ଶିଶୁ ବିହାର,
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୬୨୩



▶ ଡଃ ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି

ସମକାଳୀନ କବିତା

# ପ୍ରେମିକା

## ବଂଶୀଧର ଚୌଧୁରୀ

ପାଦ ଯୋଡ଼ିକ ପହଞ୍ଚି ସାରିଥାଏ ନିଜ ପାଖରେ ।
ବୁଝିବାର ବ୍ୟାପ୍ତିରେ ହଜି ସାରିଥାଏ
ଅମାନିଆ ଅବୁଝା ଅଭ୍ୟାସ ।

ଆଉ କିଛି ଆବିଷ୍କାର କରିବାର ନଥାଏ
ପାହାଡ଼ ଚୂଡ଼ାରେ ଫୁଟି ସାରିଥାଏ ପଦ୍ମ
ସବୁ ମିଛ ହୋଇନଥାନ୍ତି ମିଛ ପରି
ଅତି ଆଶ୍ଚର୍ଯ୍ୟ ସେ ଦୃଶ୍ୟ
ଶରୀରରେ ଶରୀରମାନଙ୍କର ଭିଡ଼ ।

ପବନର ଲଙ୍ଗଳ ମୂନରୁ ଝରି ସାରିଥାଏ ପ୍ରଭାତର ପ୍ରଶ୍ୱାସ
ନିଶାର୍ଦ୍ଧର ନିଃଶ୍ୱାସ
ନା' ଗୁଡ଼ିକ ହଁ'ରେ ହୋଇ ସାରିଥା'ନ୍ତି ବିଲୀନ
ପାପୁଲିରେ ସ୍ପନ୍ଦିତ ହେଉଥାଏ
ହଜି ଯାଇଥିବା ସେ ପୁଲକିତ ସ୍ୱନ
ସାତଗୋଟି ରନ୍ଧ୍ରର ସେ ବଂଶୀଟି ବି ।

ଚାଖି ସାରିଥାଏ ସାପ ପରି ନଗ୍ନ ହେବାର ସ୍ୱାଦ
ପଚମାନ ଖୋଳପାରୁ ବାହାରି ଆସି
ଛୁଇଁ ସାରିଥାଏ ପୂର୍ଣ୍ଣତାର ଜୁଆର
ନଈ ପରି ଭିତରେ ବାହାରେ ।

ଦୁଇଟି ସବୁଜପତ୍ରର ମର୍ମର ଦେଇ ସାରିଥା'ନ୍ତି
ଅନେକ ଚୁମ୍ବନର ଚିହ୍ନ
ହଜି ଯାଇଥାନ୍ତି ପୁରୁଣା କ୍ଷତମାନେ
ପରିବ୍ୟାପ୍ତ ଫୁଲ ଉଦ୍ୟାନରେ ।

ନିରାଶାର କୁହୁଡ଼ି ଗୁମ୍ଫାରୁ ଦେଖି ସାରିଥାଏ
ଆଶାର ଉଦୟ ସୂର୍ଯ୍ୟ
ଶୁଣି ସାରିଥାଏ ନୂଆ ନୂଆ ଉଡୁଥିବା ପକ୍ଷୀର ଡେଣାରେ
ଅକପଟ ହସର ପ୍ରତିଧ୍ୱନି
ନିଜନିଜର ଅର୍ଥ ପ୍ରତିପାଦନ କରୁଥିବା ପ୍ରବଚନରେ
ଜୀବନ ଓ ମୃତ୍ୟୁ ।

♥ ମେଘଡମ୍ବରୁ, କୁରୁଡ଼ା, ବାଲେଶ୍ୱର-୭୫୬୦୫୬
ଫୋନ:୯୯୩୭୪୧୩୫୪୩



# ଏଇବେଳେ

## ନିରୁପମା ବେହେରା



ଠିକ୍ ଏଇବେଳେ ସେ ବେଶି ପାଖକୁ ଆସିବ
ଛାତିରେ ମୁଣ୍ଡ ଗୁଞ୍ଜିବ
ମୁଁ ଉହୁଁ କହି ଘୁଞ୍ଚି ଆସିଲା ବେଳକୁ
ଜାବୁଡ଼ି ଧରିବ ବାହୁରେ
କହିବ, ତୁ ବେଶି ସୁନ୍ଦର ଲାଗୁ
କେଜାଣି କିଆଁ ଏଇବେଳେ

ଏଇବେଳେ ସେ ପାଦ ଆଉଁସି ଦିଏ
ପିଠିସାରା ପାପୁଲିରେ ଛୁଏଁ
ଦୁଇ କାନ୍ଧକୁ ଜାବୁଡ଼ି ଧରେ ନିବିଡ଼ତାରେ
ଟିପରେ ଅଣ୍ଟାପାଖ ଦାବେ

ଏଇବେଳେ ମୋ ଓଠ ପାଇଁ
ତିଆରି କରେ ସେ କଫି
ଚୁଲିରେ ଚଢ଼ାଏ ଭାତହାଣ୍ଡି
ଉଠିବା ଆଗରୁ ଜଳଖିଆ,
ବଢ଼େଇ ଦିଏ ଖୋଜିବା ଆଗରୁ ଗିଲାସେ ପାଣି

ସେ ସବୁ କରିପାରେ ଏଇବେଳେ
ଝିଅର ଗଞ୍ଜି ଚଡ଼ି ସଫା
ଘରଓଳା ବାସନମଜା
ପୂଜାପାଠ, ଭକ୍ତିଅର୍ଘ୍ୟ
ତାକୁ ଖୁବ୍ ଆସେ ଏଇବେଳେ
ଚଉରା ମୂଳେ ଦୀପଜଳା

ସେ ଜାଣେ କେମିତି ଛୁଙ୍କ ଦିଆ ହବ ଡାଲିରେ
କେମିତି ଭାତ ବଢ଼ା ହବ ଥାଳିରେ
ଜଣା ତାକୁ କେଉଁଠି ମୋ ପିଙ୍କିର ଖୁଦଗିନା ?
ଆଉ କଣ କହି ଡାକିଲେ
ପିଙ୍କି ମୋର ଉଡ଼ି ଆସିବ ପୀଢ଼ା

ଏଇବେଳେ ସେ ଜିଦ୍ ଧରେ
ସାଇତି ଦେବାକୁ ତା ତମାମ୍ ପୁରୁଷପଣିଆ
ଘରର କେଉଁ ପରିତ୍ୟକ୍ତ କୋଣରେ,
ଜିଇଁବାକୁ ମୋ ଭାଗର ନାରୀପଣ
ମୋ ବ୍ୟସ୍ତ ବ୍ୟାକୁଳତା,
ମୋ ନିତିଦିନିଆ ଘରଜଞ୍ଜାଳ

ବଦଳରେ ବାସ୍
ମନଭରି ଭୋଗିନେବାକୁ ତାଗିଦ୍ କରେ
ଯେଉଁଟା ସେ କେବେ ପାରିବନି
ଖାସ୍ ଏଇବେଳେ ଏ ସାତଦିନିଆ
ଆମ ସୌଭାଗ୍ୟର ନାରୀପଣ ।

♥ ଏଲ୍ଆଇସି କ୍ୱାର୍ଟର୍, ସିଡ଼ିଏ-୬
କଟକ-୭୫୩୦୧୪
ଫୋନ:୯୪୩୮୩୪୪୬୫୬



# ଦୁଇଟି ସନେଟ୍

**ବୀଣାପାଣି ପଣ୍ଡା**

## ଶେଷଯାତ୍ରା

ଗୋଟିଏ ରାତିର ନିଦ ମାଗୁଛି ମୁଁ ନିଦରେ ଶୋଇବା ପାଇଁ,
ପୃଥିବୀ ପ୍ରଳୟ ହେଲେ ବି ଯେମିତି ସେ ନିଦ ଭାଙ୍ଗିବ ନାହିଁ ।
ଆଖିପତାରେ ମୋ ଜମିଅଛି ଦେଖ କାହିଁ କେତେ ଯୁଗ କ୍ଳାନ୍ତି,
ଚକ୍ରବୃଦ୍ଧି ହାରେ ସୁଧ କଷୁଛି, ମୁଁ ଚାହୁଁଛି ସେଥିରୁ ମୁକ୍ତି ।

ଗୋଟିଏ ଆଞ୍ଜୁଳା ମେଘ ମାଗୁଛି ମୁଁ ମେଘରେ ଭିଜିବା ପାଇଁ,
ଦ୍ରୋଣ ମେଘ ହେଉ ଅବା ପୁଷ୍କର କିଛି ଯାଏ ଆସେ ନାହିଁ ।
ଶୁଖିଲା ଶିରାଳ ହାଡ଼ ମାଳମାଳ ଏ ଦେହ ଦୃଷଦ୍‌ବତୀ,
ତନ୍ୱୀ ଷୋଡ଼ଶୀ ହେବାକୁ ଚାହୁଁଛି ମେଘ ମଞ୍ଜିର ପିନ୍ଧି ।

ଅଳ୍ପ ଟିକିଏ ପ୍ରେମ ମାଗୁଛି ମୁଁ ପ୍ରେମକୁ ଭୋଗିବା ପାଇଁ,
ପ୍ରେମହୀନ ପରେ କାଳ କଟିଗଲା, ଏବେ ନଇଁଲାଣି ଛାଇ ।
ତଥାପି ଚାହୁଁଛି ପ୍ରେମରେ ରହିବି ବାକି ଦୁଇଘଡ଼ି ଦିନ,
ଗଲାବେଳେ ତାର କପାଳେ ଆଙ୍କିବି ଓଠର ଦ୍ୱିତୀୟା ଜହ୍ନ ।

ମିଳି ଯାଆନ୍ତା କି ଆଜି ମତେ ଏକ ଭାଙ୍ଗି ନଥିବା ମନ,
ସେ ମନକୁ ନେଇ କରନ୍ତି ମୁଁ ଶେଷ ଯାତ୍ରାର ଆୟୋଜନ ।

## ଜୀବନ ଜ୍ୟାମିତି

ଯେଉଁଠାରୁ ତୁମ ଦିନର ଆରମ୍ଭ ସେଠୁ ଆରମ୍ଭ ମୋ ରାତି,
ତୁମ କାମନାର ଯଜ୍ଞାନଳରେ ଅନ୍ତିମ ମୁଁ ଆହୂତି ।

ତୁମ ଲକ୍ଷ୍ୟ ସିଦ୍ଧି ମୂଳରେ ଅଛି ମୋ କ୍ରୁଶବିଦ୍ଧ ଅନୁଭୂତି,
ତୁମ ତୂଣୀରର ସବୁ ତୀର ଲାଗି ପାତି ଦେଇଛି ମୁଁ ଛାତି ।

ଯେଉଁଠାରେ ତୁମେ ନୀଡ଼ ବାନ୍ଧିଛ ସେଠି ମୁଁ ଝଡ଼ର ଶିଖା,
ତୁମ ସୀମାନ୍ତର ସୀମାରୁ ଆରମ୍ଭ ମୋ ହ୍ରସ୍ୱ ଜୀବନ ରେଖା ।
ଯେଉଁ ଘାଟେ ତୁମ ମୁକୁଳା ମାଜଣା ନିୟମିତ ସନ୍ଧ୍ୟାସ୍ନାନ,
ସେଇଠି କରେ ମୁଁ ନିଜେ ନିଜ ପାଇଁ ଦଶାହର ତର୍ପଣ ।

ତୁମେ ଯେଉଁଠାରେ ଗୌରବ ଗାଥା ବିଜୟ ବୈଜୟନ୍ତୀ,
ମୁଁ ସେଠି ଏକ ଅଶ୍ରୁ ଆଲେଖ୍ୟ, କରୁଣ କିମ୍ବଦନ୍ତୀ ।
ପ୍ରତି ଶିଳାଲେଖ ଅକ୍ଷରେ ଅକ୍ଷରେ ଉତ୍‌କୀର୍ଣ୍ଣ ତୁମ କୃତି,
ଉଇ ଚରିଥିବା ମୁଁ ଏକ ପ୍ରାଚୀନ ତାଳପତ୍ରର ପୋଥି ।

ସବୁ ଆରମ୍ଭର ଆରମ୍ଭ ତୁମେ, ମୁଁ ସକଳ ଇତିର ଇତି,
କାଳର କୁଟୀଳ ରେଖାରେ ଯୁକ୍ତ ଆମ ଜୀବନ ଜ୍ୟାମିତି ।

ଆଶ୍ରୟ, ଜହ୍ନବଗିଚା, ଯାଜପୁର-୧
ଫୋନ:୯୪୩୮୭୮୯୫୦୫



ଛବି ବୀଣାପାଣି ପଣ୍ଡା



ମଡେଲ : ମମତା ସିଂହଦେଓ

# ଫେରିବାର ବେଳ

## ରାମଚନ୍ଦ୍ର ଦାଶ

କେତେଥର
ସେମାନଙ୍କ ନା କୁ ହଁ
ହଁ କୁ ନା କହିଛି
ମନେନାହିଁ ।

ଏବେ ବି
କିଚିରି ମିଚିରି ଶୁଭୁଛି
ସେମାନଙ୍କ କୋଳାହଳର
କ୍ଷୀଣ ସ୍ୱର ଆଢୁଆଳରୁ ।

ସ୍ୱପ୍ନକୁ କହେନି ସତ
ଗୋଡ଼ ବଢ଼ାଏନା ହଲିଲା ପାଣିକୁ
ଏକଥା ଜାଣି ବି
କାହିଁକି କେଜାଣି
ସେମାନେ ପଡ଼ି ଯାଇଛନ୍ତି
ମୋ ପଛରେ
ଏତେ ଲୋକ ଥାଉଁ ଥାଉଁ
ଦୁନିଆ ଭିତରେ ।

ସେମାନେ ଭାବି ନେଇଛନ୍ତି
ଗଢ଼ି ଆସୁଥିବା ଇତିହାସ
ଗଢ଼ି ହେଉନଥିବା ଘର
ଶ୍ରମରୁ ନିଗୁଡୁଥିବା ଝାଳ
ପରାକ୍ରମର ସାଉଁଟି ଆଣିଥିବା
କାଣ୍ଡ କେଇଖଣ୍ଡ ବି ତାଙ୍କର ।

ସେମାନେ ଥାନ୍ତୁ ସେମିତି ବନସ୍ତରେ
ନିଭୃତ କୋଳାହଳର ରୂପକଥାରେ
କଳା କୌଶଳରେ ଗଢ଼ା
ସୁନ୍ଦର ପୃଥିବୀକୁ ପରଖୁଥାନ୍ତୁ
ନଖ ଦର୍ପଣରେ ।

ପରିସ୍ଥିତିକୁ ବାଣ୍ଟିଦବାକୁ ହବ
ସମୟର ତରାଜୁରେ
ସେମାନେ ନେଇ ଯାଆନ୍ତୁ
ଆଗ ସେମାନଙ୍କ ଭାଗ
ସରିଯାଉ ହାଟରୁ ଗହଳଚହଳ
ଦ୍ୱିପ୍ରହରର ଟାଉଁଟାଉଁଆ ଖରା
ନଇଁପଡୁ ଗଛପତ୍ରରୁ
ମାଛିଅନ୍ଧାର ମାଡ଼ି ଆସୁ
ହାଲିଆ ହେଇ ଶୋଇ ପଡ଼ନ୍ତୁ
ଯୁଝିଯୁଝି ନିଜ ଭିତରେ ।

କେହି ନଥାନ୍ତୁ
ଠିଆ ହବାକୁ ରାସ୍ତାରେ
ନଜର ପକେଇବାକୁ
ନିଦ ମଳମଳ ଆଖି ।
ଶଢଟିଏ ପାଲଟୁନଥିବା
ନିର୍ଲିପ୍ତ ଫେରିବାର ବେଳ
ଚାଲିଯାଉ ବାଟେବାଟେ
କାହାକୁ ଅପେକ୍ଷା ନକରି ।

♥ ଦଶରଥପୁର, ଯାଜପୁର
ଫୋନ:୯୪୩୮୦୬୨୩୮୦



▶ ଫଟୋ ଲିପିରେଖା ଶତପଥି

# ବିଶେଷ ଦ୍ରଷ୍ଟବ୍ୟ

## ଲିପିରେଖା ଶତପଥି

ମୁଁ ଯଦି  କହିବି
ଚାଲ ଆଜି ସାରାରାତି ଗପିବା ।
ତମେ କହିବ
ଈର୍ଷାରେ ଅନ୍ଧାର ଅନିଦ୍ରା ହେବ ।

ଆଜି ସାରାରାତି ସମୁଦ୍ର ବାଲିରେ
ଆଖି ହଜେଇ ଖୋଜିବା ।
ମୁଁ ଯଦି କହିବି ପୁଣି ?
ତମେ କହିବ
ସମୁଦ୍ରରେ ଜହ୍ନ ବୁଡ଼ି ମରିଯିବ ।

ଅନ୍ଧାର ହେଉନ କି ଆଖି ହେଉନ..
କୁହ ପ୍ରିୟତମ, ତମେ ତେବେ କଣ ହେବ ?

ମୋର ନିର୍ଦ୍ଦିଷ୍ଟତା ନାହିଁ
ତମେ ବିଶେଷ ଦ୍ରଷ୍ଟବ୍ୟ ।

ଭାଗ୍ୟରେଖା ପରି ଜାବୁଡ଼ି ଧରିଚ ମୋତେ
ଦୁଇ ପାପୁଲିସାରା ମୋ ପ୍ରାପ୍ତି ଅପ୍ରାପ୍ତିର ଦାଗ ।

କେତେ ଲୋକ ପଚାରି ଗଲେଣି
ତମେ କିଏ ?
ପ୍ରତିଥର ଡିସେମ୍ବର ପରି ସରି ଆସିଲା ବେଳକୁ
ସବୁଥର ତମେ ଜାନୁଆରୀର ଆରମ୍ଭ ।

♥ ବାଲେଶ୍ୱର



▶ ମଡେଲ : ସୋନାଲିସା ପଟେଲ



▶ ଫଟୋ ରାମଚନ୍ଦ୍ର ଦାଶ


କଥା-କାହାଣୀ

## ମୋନାଲିସା ମିଶ୍ର

ଏ-୭, ଏନ୍.ଆଇ.ଟି କ୍ୟାମ୍ପସ୍
ରାଉରକେଲା-୭୬୯୦୦୮
ଫୋନ : ୯୯୩୭୭୩୮୪୭୫୯
ଚିତ୍ର : ସଂଜୟ ରାଉଳ




ଏତେ ରାତିରେ ବାହାର କବାଟ କିଏ ଖୋଲିଲା ?

- କେହି ନୁହେଁ ମୁଁ ।

ଧୀରେ କହିଲା ବନାନୀ ।

- ଏମିତି, ଟିକେ ହେନାର ବାସ୍ନା ନବାକୁ ବାହାରକୁ ଆସିଛି ।

ଚାପା ହସଟିଏ ଶୁଭିଲା ।

ବନାନୀକୁ ଲାଜ ଲାଗିଲା । ନିଜକୁ ନିଜେ ତାଗିଦ୍ କଲା ପରି କହିଲା, ବାଃ, କାରଣ ଦେଖେଇଲୁ ବି ତ କ'ଣ ! ବାସ୍ନା ନବାକୁ ଆସିଛି ରାତିଅଧରେ ପୁଣି ଫୁଲ ନାହିଁ ନା କଢ ନାହିଁ ପତ୍ରଝଡ଼ା ଦୁଇଟି ରୁଗ୍ଣ ହେନା ଡାଳ ପାଖରେ !

ଆଉ କ'ଣ କହିଥାନ୍ତି ଯେ ! ଛାତିଟା ଯେତେବେଳେ ବିଷାକ୍ତ ଗ୍ୟାସ୍ ବଳୟ ଭିତରେ ବନ୍ଦ ହେଲା ପରି ଲାଗୁଛି, ସେତେବେଳେ ଏମିତି ମୁକ୍ତ କରିଦେଲା ପରି ବାସ୍ନା କଥା ମନକୁ ଆସିବନି ତ ଆଉ କ'ଣ !

ଆଉ ପାଦେ ବି ଆଗକୁ ଯାଇ ପାରିଲାନି ବନାନୀ ।

ପୁଣି ଆଉ ଗୋଟିଏ ରାତି ।

ଧୀରେ ଖଟରୁ ଓହ୍ଲେଇଲା ।

ପାଦରୁ ପାଉଁଜି କାଢିଦେଲା, ବେଶୀ ରୁଣୁ ଝୁଣୁ ଶବ୍ଦ କରୁଥିବା ଚୁଡ଼ିମାନଙ୍କୁ ବି କାଢି ରଖିଦେଲା, ଶାଲ୍‌ଟିଏ ଘୋଡ଼େଇ ହେଲା, ବାହାର ଲାଇଟ୍‌ଟି ଅଫ୍ ଅଛି ଜାଣି ନିଶ୍ଚିନ୍ତରେ କବାଟ ଖୋଲିଲା ।

ଗୋଟିଏ ପାହାଚ ତଳକୁ ଓହ୍ଲେଇଛି କି ନାହିଁ, ବାହାର ଲାଇଟ୍‌ଟି ଜଳିଗଲା

- ଏତେ ରାତିରେ ଏମିତି ବାହାରେ ?

- ନାଇଁ, ଇନ୍ଦ୍ରଧନୁ ଦେଖିବା ପାଇଁ ଆସିଥିଲି ।

ଜୋର୍ ଶୁଭିଲା ହସ । ଖୁବ୍ ଲମ୍ବା ଏକ ହସ । ଇସ୍ ! ବୋକୀ, କ'ଣ ଏମିତି କହୁଛୁ ?

ସାଙ୍ଗେ ସାଙ୍ଗେ କଥା ବୁଲେଇ କହିଲା,

- ନାଇଁ ନାଇଁ, ମାନେ ଆଜି କହିଥିଲା ନା ଟି.ଭି.ରେ ଗୋଟେ ଧୂମକେତୁ ପୃଥିବୀର ନିକଟତର ହଉଛି । ଖାଲି ଆଖିକୁ ଦେଖାଯିବ । ସେଇଥିପାଇଁ ଧୂମକେତୁ ଦେଖିବାକୁ ବାହାରକୁ ଆସିଥିଲି ।

ଖୋଜିଲା ଖୋଜିଲା ଆଖିରେ ଆକାଶକୁ ଚାହିଁ ଚାହିଁ ଯେତେ ଅଭିନୟ କରି କହିଲେ ମଧ୍ୟ ସେଇ ହସ ତଥାପି ବନ୍ଦ ହଉନଥିଲା ।

ଲାଜରେ ଘର ଭିତରେ ପଶିଲା, ଆଉ ପୁଣି ନିଜକୁ ନିଜେ ଧିକ୍କାର କଲା, ଏତେ ନର୍ଭସ୍ କ'ଣ ହେଇ ଯାଇଛୁ ? ରାତିଟାରେ କହୁଛୁ ଇନ୍ଦ୍ରଧନୁ ?

### କାହାଣୀ ପଛର କାହାଣୀ

ଗପ ପଛର ପୃଷ୍ଠଭୂମି ଲେଖିବାକୁ ଆଗରୁ କେହିକେବେ କହିନଥିଲେ । ସବୁବେଳେ କିନ୍ତୁ ଭାବେ କିଏ ପଚାରନ୍ତାକି କାହିଁକି ଲେଖିଲି ଏ ଗପ ? କେମିତି ଲେଖିଲି ? କିନ୍ତୁ ନା, କେହି ପଚାରନ୍ତି ନାହିଁ ଏ କଥା । ନିଜେ ଲେଖକ ବି ଭୁଲିଯାଏ ଲେଖିବା ପଛର କାହାଣୀ, ଚରିତ୍ର କି ଦୃଶ୍ୟର କଥା । କିନ୍ତୁ 'ରେବତୀ'ର ସଂପାଦକ ଏଭଳି ଏକ ସୁଯୋଗ ଦେଇଛନ୍ତି, ଯାହାକି ଏଇ ଗପର ଚରିତ୍ରମାନଙ୍କର ଅନ୍ତରର କଥା କହିବାରେ ସମର୍ଥ ହେବ । କାହାଣୀ ପଛର ଭାବ, ଆଦର୍ଶ,ସ୍ୱପ୍ନକୁ ପ୍ରକାଶ କରିବାରେ ସହାୟକ ହେବ ।

ପିଲାଦିନେ ମନରେ ସବୁବେଳେ ଗୋଟେ ପ୍ରଶ୍ନ ଆସୁଥିଲା, ଯୁଦ୍ଧ କାହିଁକି ହୁଏ ? ଇତିହାସ ବହିରେ ସବୁ ଯୁଦ୍ଧର ବର୍ଷମାସ ଦିନ ଘୋଷିଲା ବେଳେ ଭାବୁଥିଲି ଇତିହାସମାନେ କ'ଣ ଖାଲି ଯୁଦ୍ଧ ! ଯୁଦ୍ଧ କ'ଣ ଏକ ଆବଶ୍ୟକତା !

କିନ୍ତୁ ପରେ ପରେ ବୁଝିଗଲି ଯୁଦ୍ଧ ଏକ ରାଜନୀତି, ଏକ ବାଦ୍‌ଶାହୀ ଖେଳ, କ୍ଷମତାଲୋଭୀ ଅନ୍ଧ ସମ୍ରାଟମାନଙ୍କର ଲାଳସାର ପରିଣାମ । ଧର୍ମକୁ ଗୋଟି କରି ଖେଳ ଖେଳୁଥିବା ସ୍ୱାର୍ଥପରମାନଙ୍କର ବିକୃତ ମାନସିକତାର ଫଳ । ତେବେ କାରଣ ଯେତେ ତୁଚ୍ଛ ହେଉ ନା କାହିଁକି, ଯୁଦ୍ଧ ତ ହୁଏ, ଆଉ ହଉଥିବ ବୋଧେ ଏମିତି ମାନବ ସଭ୍ୟତା ଥିଲା ଯାଏଁ ।

କିନ୍ତୁ ଏ ଯୁଦ୍ଧରେ କାହାର କ'ଣ ଲାଭ ହଉଥିବ କେଜାଣି । କିନ୍ତୁ ମୃତ୍ୟୁ ତ ଜଣଙ୍କର ହୁଏ, ସେ ହଉଛି ଗୋଟେ ମାଆ'ର । ପତାକା ଉଡ଼ିଲେ ମରେ, ପତାକା ନଇଁଲେ ବି ମରେ । ଗୋଟେ ମାଆ ଆଉ କୋଉ ମାଆର କୋଳହାନି କେବେ ଚାହେଁନା, ସେ ବିଜିତ ହେଉ କି ପରାଜିତର । ପୁତ୍ର ସିନା ସହିଦ୍ ହେଇ ଅମର ହେଇଯାଏ, କିନ୍ତୁ ମାଆ ମରିଯାଏ ।

ଏମିତି ଏକ କଥାକୁ ନେଇ ସରଳ କବିତାଟିଏ ଲେଖିଥିଲି ବହୁଦିନ ତଳେ । ଏଇ ବାଲେଶ୍ୱରର କିଏ ଜଣେ ପାଠିକା ଖୁବ୍ ଭାବବିହ୍ୱଳ ହୋଇ ଫୋନ୍ କରିଥିଲେ, ସେ ବି ଥିଲେ ଜଣେ ସହିଦ୍‌ଙ୍କର ମା' । ତାଙ୍କ କୋହଭରା କଥା ଶୁଣି ମୁଁ ଖୁବ୍ ଭାବ ପ୍ରବଣ ହେଇ ଯାଇଥିଲି । ଲୁହ ଜକେଇ ଯାଇଥିଲା ଆଖିରେ । ଅଜଣା ପାଠକ ଆଉ ଲେଖକ ଉଭୟେ କାନ୍ଦିଥିଲେ ସେଦିନ ଏକାଠି । ମଜାକ୍ ଲାଗିଥିଲା ଶହୀଦ ଅମର୍‌ହେ..ଉକ୍ତିଟି ସେଦିନ । ଆମ ପାଇଁ ତ ସେ ଏକ ଫୁଲରେ ଭରି ରହିଥିବା ତ୍ରିରଙ୍ଗାରେ ଶୋଭିତ ହେଇଥିବା ଶବ, ଆଉ ଆମେ ତା ପାଇଁ ଏକ ସ୍ଲୋଗାନ ମାତ୍ର, କିନ୍ତୁ ମା'ପାଇଁ ? ତା ପତ୍ନୀ ପାଇଁ ?ସେ ଏକ ଅସରନ୍ତି କୋହ ।

ତେବେ ସେଇ ଶହୀଦ୍ ପତ୍ନୀଟି ପତିର ଅମରତ୍ୱକୁ ଦର୍ଶାଇବା ପାଇଁ କ'ଣ କରିବ ! କାହିଁକି ସେ ବିଧବା ହେବ ? କାହିଁକି ସେ ଓହ୍ଲେଇ ଦେବ ଗଳାରୁ ମଙ୍ଗଳସୂତ୍ର ଯଦି ତା ପତି ଅମର ?

ଏମିତି ଏକ ଚିନ୍ତା ଆସିଲା ମନରେ । ଟିଭିରେ ଗୋଟିଏ ଶହୀଦ୍‌ଙ୍କର ବିଧବା ପତ୍ନୀଙ୍କୁ ଦେଖି । ତାପରେ ଗଢି ହେଇଗଲା କାହାଣୀ । ମନେ ହେଲା ଏମିତି ବି କିଏ ଯୁବକ ଥିବେ ଯିଏ ଶହୀଦ୍‌ଙ୍କର ଅମରତ୍ୱକୁ ନିଜ ପତ୍ନୀର ଗଳାରେ ଦେଖିବାକୁ ଅମଙ୍ଗ ହେବେ ନାହିଁ । ବରଂ ଗର୍ବ କରିବେ । ଏବଂ ଏଇ ମାଧ୍ୟମରେ ଦେଶ ପାଇଁ ଜୀବନ ଦେଇଥିବା ସୈନିକଙ୍କୁ ସମ୍ମାନ ଦେବାର ସୁଯୋଗକୁ ହାତଛଡ଼ା କରିବେ ନାହିଁ ।

ହଁ, ହେଇପାରେ ଇଏ ମୋର ଏକ କାଳ୍ପନିକ କାହାଣୀ, କିନ୍ତୁ କିଏ ଜାଣେ କୋଉଠି ନାକୋଉଠି କେବେ ନା କେବେ ଏ କାହାଣୀ ସତ ହେଇଯିବନି ବୋଲି !

ମୋନାଲିସା ମିଶ୍ର

ଆଉ କ'ଣ କରିବି ଯେ ! ମୁଣ୍ଡ ତ କାମ କରୁନି । ଲାଗୁଛି ଯେମିତି ମୁଣ୍ଡରେ ରକ୍ତ କି ସ୍ନାୟୁ କିଛି ପ୍ରଚଳନ କରୁନି, ବରଂ ଗୋଡ଼ି ମାଟି କି ଗୁଡ଼ାଏ ଜଙ୍କ୍ ଲୁହାଗୁଣ୍ଡ ସବୁ ଖୁନ୍ଦି ହେଇ ରହିଛି ।

ଯାଃ ! ଗଲା ଗୋଟିଏ ରାତି ।

ଆଉ ହାତରେ କେବଳ ତିନୋଟି ରାତି ।

କାଲି ରାତିରେ କିଛି ହେଇ ପାରିବନି, କାରଣ କାଲି ରାତିରେ ଏଇ ଗୋଡ଼େ ଗୋଡ଼େ ଜଗୁଥିବା ଆଉ ଛିଗୁଲେଇ କରି ହସୁଥିବା ନଣନ୍ଦଙ୍କର ସ୍ୱାମୀ ଆସିବେ ।

ତା'ପର ରାତିରେ ଅବଶ୍ୟ ଉଭୟେ ଚାଲିଯିବେ ।

ଆଉ ତା'ପର ରାତି ପରେ ଆଦିତ୍ୟଙ୍କର ନାଇଟ୍ ଡ୍ୟୁଟି ସରିଯିବ । ସେ ଘରେ ରହିବେ । ଯାହା କରିବୁ ଏବେ କର ।

କୋଉ ଦୂର ବିଦେଶକୁ ଗଲା ପରି ନାଇଟ୍ ଡ୍ୟୁଟି ପାଇଁ ଯିବା ଆଗରୁ ଆଦିତ୍ୟ ଖୁବ୍ ଚିନ୍ତିତ ଜଣା ପଡୁଥିଲା । ବୋଧହୁଏ ରାତିରେ ବନାନୀ ଏକା କେମିତି ରହିବ ଭାବି ଭାବି ଖାଲି ଆଗ ପଛ ହଉଥିଲା । ତାଙ୍କୁ ଦମ୍ଭ ଦେବା ପାଇଁ ବନାନୀ କହିଲା,

- ଏତେ କ'ଣ ଭାବୁଛ ମ ! ଗୋଟିଏ ରାତି ମୁଁ ଏକା ଚଳେଇ ଦେଇ ପାରିବିନି ! ମୁଁ ଏତେଟା ଡରକୁଳି ନୁହେଁ, ଦେଖିଲ, ମୋ ମୁହଁ ଦେଖିଲ, ସାହସୀ ଲୋକଟେ ପରି ଦେଖା ଯାଉନି !

ଆହ୍ୱାନ କଲା ପରି ଆଦିତ୍ୟଙ୍କ ଆଗରେ ଝାନ୍ସୀ ରାଣୀ ପରି ଭଙ୍ଗୀ କରି ଠିଆ ହେଇଥିଲା ବନାନୀ ।

ଆଦିତ୍ୟ ହସିଲା, ସେମିତି ଏକ ଥଟ୍ଟା କଲା ପରି ହସ ।

- ହଁ ଦିଶୁଛ ଯେ ସାହସୀ ସାହସୀ, କିନ୍ତୁ ଆମ ଭାରତବାସୀଙ୍କ ଉପରେ ବିଶ୍ୱାସ ନାହିଁନା !

- କାହିଁକି ବିଶ୍ୱାସ ନାହିଁ ? ଭାରତକୁ ନେଇ କିଛି କହିବନି କହୁଛି, ଆମେ ଆମ ଭିତର ଗୁଣକୁ ଚିହ୍ନିନୁ ବା ଚିହ୍ନିକି ବି ଗୁରୁତ୍ୱ ଦଉନା ନିଜକୁ । ଆମେ ଖାଲି ନିନ୍ଦି ଜାଣୁ । ଆମର ଏଇୟା ନାହିଁ, ସେଇୟା ନାହିଁ, କହି କହି ଆମେ ଆମ ନାହିଁ ନାହିଁ ଗୁଡ଼ିକୁ ଆହୁରି ବଢେଇ ଚାଲୁ ସିନା କିଛି ବଦଳେଇବାକୁ ଚେଷ୍ଟା କରୁନା ।

- ହେଲା ବାବା, ମୋର ସେମିତି କିଛି ଉଦ୍ଦେଶ୍ୟ ନଥିଲା । ମୁଁ ଜାଣିଛି ଭାରତ କି ଭାରତବାସୀଙ୍କ ନାମରେ ତମେ କିଛି ବି ନିନ୍ଦା ଶୁଣି ପାରିବନି । ଏବେ ଟିକେ ହାତରୁ ବନ୍ଧୁକଟି କାଢ଼ି ଆଖିରେ ରଖିବ ! ମାରିବ ଗୁଳି ଆଖିରେ ଆଖିରେ !

ହସିଲା ବନାନୀ.. ।

କିନ୍ତୁ ସବୁବେଳେ ଅଧାରେ ଛିଣ୍ଡିଯାଏ ତା' ହସ । ଫିଉଜ୍ ତାର କଟିଗଲା ପରି ସେ ଛିଟିକି ହେଇ ଚାଲିଆସେ ଆଦିତ୍ୟଙ୍କ ଛାତି ପାଖରୁ ।ପୁରୁଣା ସିନ୍ଦୁକ ପରି ବନ୍ଦ ହେଇ ରହିଯାଏ ନିଜ ଭିତରେ ।

- କ'ଣ ପୁଣି କୋଉ ଭାବନା ବନରେ ପଶିଲ ଚପଳ ହରିଣୀ ? ଦିଅ ଦିଅ ମୋ ଫାଇଲ୍‌ଟି ଦିଅ, ପାଣିବୋତଲ ଭରା ହେଇଛି ? ହେଲ୍‌ମେଟ୍‌ଟା କୁଆଡ଼େ ଗଲା ?

- ଏଇ ସବୁ ଏଇଠି ରଖା ହେଇଛି, ବାହାର ଘର ଟେବୁଲ୍ ଉପରେ, ତମେ ତେବେ ଏମିତି ଜଣେ ଭୁଲା ମଣିଷ !

- ନା, ମୁଁ ଜନ୍ମା ନଥିଲି ଏମିତି, କିନ୍ତୁ ତୁମ ପରି ବୁଦ୍ ବୁଦ୍ ସାମ୍ପେନ୍ ଭଳି ରୂପେଲି ନାୟିକା ଯଦି

କାହିଁକି ବିଶ୍ୱାସ ନାହିଁ ? ଭାରତକୁ ନେଇ କିଛି କହିବନି କହୁଛି, ଆମେ ଆମ ଭିତର ଗୁଣକୁ ଚିହ୍ନିନୁ ବା ଚିହ୍ନିକି ବି ଗୁରୁତ୍ୱ ଦଉନା ନିଜକୁ । ଆମେ ଖାଲି ନିନ୍ଦି ଜାଣୁ । ଆମର ଏଇୟା ନାହିଁ, ସେଇୟା ନାହିଁ, କହି କହି ଆମେ ଆମ ନାହିଁ ନାହିଁ ଗୁଡ଼ିକୁ ଆହୁରି ବଢେଇ ଚାଲୁ ସିନା କିଛି ବଦଳେଇବାକୁ ଚେଷ୍ଟା କରୁନା ।

ମତେ ଗ୍ରାସ କରି ଧରିଥିବ ତେବେ ମହା ମହା ମନିଷୀଙ୍କ ବି ତ ମତିଭ୍ରମ ହେଇଯିବ ଆଉ ମୁଁ କିଏ ?

ଆଦିତ୍ୟ ସାମ୍ନାରେ ଲାଜ ଲାଜ ମିଶା ହସରେ କଅଁଳ କଢି ପରି ଢଳ ଢଳ ହଉଥିବା ବନାନୀର ମୁହଁଟି ପଛକୁ ମୁହଁ କରି ବାସିଫୁଲ ପରି ମକଚି ହେଇଗଲା ।

ତରବର ହେଇ ଗାଡ଼ି ଷ୍ଟାର୍ଟ କରୁ କରୁ, ଆଦିତ୍ୟ କହିଲା,

- ଶୁଣ, କବାଟ ଭଲକି ଦେଇଦେବ, ଗୋଟେ ମୁଭି ଦେଖିନବ, ଫୋନ୍‌ଟା ପାଖରେ ରଖିଥିବ, ଶୋଇଯିବ, ନହେଲେ ମୁଁ କେମିତି ଆସିବି ସ୍ୱପ୍ନରେ ?

ଆଦିତ୍ୟ ଯିବା ପରେ ପରେ ସୋଫାରେ ଲଥ୍ ହେଇ ବସିଗଲା ବନାନୀ । ମନକୁ ମନ କହିଲା କେତେ ଦିନ ଆଉ ଏମିତି ମିଛ ସାମ୍ପେନ୍ ହେଇ ବୁଦ୍ ବୁଦ୍ ହଉଥିବୁ ବନାନୀ ? କିଛି ତ କର । ଦେଖ୍ ଶାନ୍ତି ଦୁଇଟି ଉପାୟରେ ମିଳେ, ଯାହା ମନକୁ ବିଚଳିତ କରୁଛି ତାକୁ ଭଲ କରି ହାତରେ ମୁଠେଇ ରଖି ଲୁଚେଇ କରି ରଖ ନହେଲେ ହାତ ଖୋଲିଦିଅ, ଯାଉ ଫିଟିଯାଉ ମୁକ୍ତି ମିଳିଯାଉ ।

ଆଉ ଡେରି ନକରି ଫୋନ୍‌ଟି ଧରିଲା ବନାନୀ । ନାଇଟ୍ ଡ୍ରେସ୍ ଜାଗାରେ ଧଳା ରଙ୍ଗର ଚୁଡ଼ିଦାର୍ କମିଜ୍ ପିନ୍ଧିଲା, କମଳା ସବୁଜ ରଙ୍ଗର ଓଢଣୀଟିକୁ ମୁଣ୍ଡ ସହ ଢାଙ୍କି ହେଇଗଲା । ଆଉ ଟିକେ ବି ଡେରି ନକରି ପର୍ସଟି ଧରି ଘରୁ ବାହାରି ଆସିଲା ।

ଓଃ ! ଆଜି ଯାହା ହଉ, ନା ହେନା ନା ଇନ୍ଦ୍ରଧନୁ କିଛିର ବାହାନା ଦବାକୁ ପଡ଼ିବନି । ରାତି ଦଶ ବି ହେଇନାହିଁ, ଏଇଟା ଗୋଟେ କ'ଣ ରାତି ଏତେ ବଡ଼ ସହରରେ !

ଆଃ ! କି ଭାଗ୍ୟ ! ଘର ଗେଟ୍ ଖୋଲି ଟିକେ ବାଟ ଚାଲିଛି କି ନାହିଁ ମିଳିଗଲା ଅଟୋ । ଘୋଡ଼ିଘାଡ଼ି ହେଇ ବସିଯାଇ ଅଟୋବାଲାକୁ କହିଲା, ଚାଲ୍ ଉପହାର ପାଲେସ୍ ହୋଟେଲ୍ ପାଖକୁ ।

ସେତିକିବେଳକୁ ପଛରୁ ଘଚ୍‌କିନା ବ୍ରେକ୍ ମାରିଲା ଆଦିତ୍ୟର ବାଇକ୍ ।

ଏଁ ! କବାଟରେ ବାହାରୁ ତାଲା ପଡ଼ିଛି କ'ଣ ! ବନାନୀ କ'ଣ ଘରେ ନାହିଁ ? କାହା ଘରକୁ ଗଲାକି ?

କାହା ଘରକୁ ଯିବ ! ଏ ଯାଏଁ ସେ'ତ ପଡ଼ିଶା ଘର ଲୋକଙ୍କୁ ଭଲକି ଦେଖିନି ମଧ୍ୟ, ବାହାଘର ଛଅ ମାସ ହେଇଛି, ଏଇ କ୍ୱାର୍ଟର୍‌କୁ ଆସିବାର ତିନି ମାସ ବି ହେଇନାହିଁ । ତେଣୁ କାହାକୁ ଚିହ୍ନିଛି ଯେ କାହା ଘରକୁ ଯିବ ସେ ? ତେବେ କ'ଣ ମାର୍କେଟ୍‌ରୁ କିଛି ଆଣିବାକୁ ଗଲା ! କିନ୍ତୁ ଏତେ ରାତିରେ ! କିଛି ତ ସେମିତି ଦରକାର ପଡ଼ିନଥିବ । କିଛି ଅସୁବିଧା ହେଲା କି !

ସେ ସାଙ୍ଗେ ସାଙ୍ଗେ ଫୋନ୍ କରିବାକୁ ପକେଟ୍‌ରେ ହାତ ପୂରେଇଲା ଆଉ ତାପରେ ନିଜ ମୁଣ୍ଡକୁ ଠୁକେଇକି କହିଲା, ତରବରରେ ଘରୁ ବାହାରି ଫୋନ୍‌ଟି ଛାଡ଼ି ଦେଇଛୁ ବୋଲି ତ ପୁଣି ଫେରିକି ଆସିଛୁ ଫୋନ୍ ନବା ପାଇଁ, ପୁଣି ପକେଟ୍‌ରେ କ'ଣ ଖୋଜୁଛୁ ଫୋନ୍ !

ତେବେ କ'ଣ କରିବ ?

କିନ୍ତୁ ବନାନୀ ଯାଇଛି କୁଆଡ଼େ ? ହଁ, ସେ ଗାଡ଼ି ରଖିଲା ବେଳକୁ ଘର ଆଗରୁ ଅଟୋଟିଏ ଗଲା ତେବେ କ'ଣ ବନାନୀ ଅଟୋରେ କୁଆଡ଼େ ଗଲା ? କାହିଁକି କୁଆଡ଼େ ? ଏତେ ରାତିରେ କ'ଣ ଏମିତି କାମ ?

ସେ ସାଙ୍ଗେ ସାଙ୍ଗେ ଗାଡ଼ି ଷ୍ଟାର୍ଟ କଲା, ପିଛା କଲା ସେଇ ଅଟୋର । କମ୍ ସେ କମ୍ ବନାନୀ ପାଖରୁ ଚାବିଟି ତ ଆଣିବ !

ଅଟୋର ଟିକେ ପାଖାପାଖି ହେଲାବେଳକୁ ନିଜ ଗାଡ଼ି ଟିକେ ସ୍ଲୋ କଲା ଆଦିତ୍ୟ । କୁଆଡ଼େ ଯାଉଛି ବନାନୀ ? ମୁଖ୍ୟ ମାର୍କେଟ୍ ଛକ ତ ଗଲା, ପୁଣି ଡାହାଣ ପଟକୁ କାହିଁକି ମୋଡ଼ିଲା, ଡାହାଣ ପଟେ ତ କିଛି ମାର୍କେଟ୍ କମ୍ପ୍ଲେକ୍ସ ନାହିଁ । କିଛି ହୋଟେଲ୍

ଅଛି ଆଉ କିଛି ଢାବା, ତାପରେ ଜାତୀୟ ରାଜରାସ୍ତା । ସେପଟକୁ ଯାଉଛି କାହିଁକି ବନାନୀ ?

ମନ ଭିତରେ ଯେତିକି ଯେତିକି ଶଙ୍କା ଉଙ୍କି ମାରୁଥିଲା ତା' ହାତ ବାଇକ୍ ହାଣ୍ଡଲ୍ ଉପରେ ସେତିକି ସେତିକି ଅସ୍ଥିର ହେଇ ଯାଉଥିଲା । ଏଇ ମାତ୍ର ଖୋଲା ପବନରେ ପନ୍ଛୀ ବନ୍ନିଁ..ଉଡ଼ୁତୀ ଫିରୁଁ ମସ୍ତ୍ ଗଗନମେଁ..ଗୀତ ଗାଇ ଗାଇ ମସ୍‌ଗୁଲ୍ ଥିବା ମନଟି ଚିମୁଟା ପରି ଆଁ କରିଥିବା ବାଦଲ ଭିତର ଖଣ୍ଡିତ ଜହ୍ନ ପରି ଚାପି ହେଇଯାଉଛି । ତାକୁ ଆଉ ରାସ୍ତାଘାଟ ଗାଡ଼ିମଟର କିଛି ଦେଖା ଯାଉନି । କେବଳ ଦେଖା ଯାଉଛି ସେଇ କଳା ଅଟୋ ଆଉ ପ୍ରେତ ଆଖି ପରି ଦିଶୁଥିବା ନାଲି ଆଲୁଅରେ ବଡ଼ ବଡ଼ ହେଇ ଦିଶୁଥିବା ଗାଡ଼ିର ନମ୍ବର, ୫୫୦୬ । ହଁ ଏଇ ନମ୍ବର ତ ! ଏଇ ନମ୍ବର୍‌କୁ ସେ ଦେଖି ଆସୁଛି ଘରୁ ଏ ଯାଏଁ ।

ଏଁ ! ଅଟକିଲା ତ ଅଟୋଟି ! ଉପହାର ହୋଟେଲ ସାମ୍ନାରେ ! ଏତେ ରାତିରେ ହୋଟେଲ୍ କାହିଁକି ଯିବ ବନାନୀ ! ଓ ! ଆଦିତ୍ୟକୁ ଲାଗିଲା ତା ହାତରୁ ବୋଧେ ଖସିଯିବ ଗାଡ଼ି ହାଣ୍ଡଲ୍, ସେ ବୋଧେ ଗଡି ପଡ଼ିବ ରାସ୍ତାରେ ! ହଠାତ୍ ବ୍ରେକ୍ ଦେଲା ଆଦିତ୍ୟ । ନିଜକୁ ନିଜେ ଦମ୍ଭ ଦେଲା, ନିଜ ଛାତିରେ ହାତ ମାରି କହିଲା ରହ, ଦେଖ୍, କୁଆଡ଼େ ଯାଉଛି ବନାନୀ, କଣ କରୁଛି ?

ଏଇ ! ଅଟୋରୁ ଓହ୍ଲେଇଲା ବନାନୀ । ନା, ବନାନୀ ତ ହୋଟେଲ ଭିତରକୁ ଗଲାନି ! କିନ୍ତୁ ହୋଟେଲ୍ ପଛପଟ ଗଳି ରାସ୍ତାରେ କାହିଁକି ପଶୁଛି ?

ଆଉ ଏତେ ସସ୍‌ପେନ୍ସ୍ ଭିତରେ ନିଜକୁ ରଖି ପାରିବନି ସେ, ଡାକିଦେବ ପଛରୁ, ବନାନୀ କୁଆଡ଼େ ଯାଉଛ ? ଆସ ଗାଡ଼ିରେ ବସ ନେଇଯିବି । କିଛି କହିବା ଆଗରୁ ନିଜକୁ ଅଟକେଇଲା ଆଦିତ୍ୟ । ଦେଖ୍, କୁଆଡ଼େ ଯାଉଛି ସେ ! ଏତେ ଅଧୀର କ'ଣ !

ଏ ଗଳି ରାସ୍ତାରେ ପୁଣି ଏତେ ସୁନ୍ଦର ରାଧାକୃଷ୍ଣ ମନ୍ଦିରଟିଏ ! ଏ ସହରକୁ ଚିହ୍ନିବାର ବୋଧେ କୋଡ଼ିଏ ବର୍ଷ ଉପରେ ହେବଣି, କିନ୍ତୁ କେବେ ଜାଣିନଥିଲା ଏଠି ଗୋଟେ ଏତେ ସୁନ୍ଦର ମନ୍ଦିର ଅଛି ବୋଲି ! ଏମିତି ହୁଏନା ! ଯେତେ ତମେ ଭାବୁଥିବ ସହରର ସବୁ ଚିହ୍ନିଛ ଚିହ୍ନିଛ ବୋଲି କିଛି ଗୋଟାଏ ଅଚିହ୍ନା ତ ରହି ଯାଇଥିବ ନିଶ୍ଚୟ ।

ଇସ୍ ! ଏତେ ଜୋର୍‌ରେ ଚାଲି ଚାଲି କୁଆଡ଼େ ପଳେଇ ଗଲା ବନାନୀ ? କାଇଁ ଦିଶୁନି ତ ! କ'ଣ ମନ୍ଦିରରେ ପୂଜା କରିବା ପାଇଁ ଏତେ ବାଟ ଧାଇଁ ଆସିଛି ସେ !

କିନ୍ତୁ ମନ୍ଦିର ତ ବନ୍ଦ ! ଏ କଥା କ'ଣ ଜାଣିନଥିବ ବନାନୀ ! ତା'ଛଡ଼ା ଇଏ କୋଉ ପୂଜା କରିବା ସମୟ !

ଆଦିତ୍ୟ ମନ୍ଦିର ହତା ଭିତରେ ପଶିଲା । ବାହାରକୁ ଜଣା ପଡୁନଥିଲେ ବି ବେଶ୍ ବଡ଼ ଚଉତରାଟିଏ ଅଛି । ପୁଣି ଯୋଡ଼ି ହୋଇ ଅଛି ଦୁଇଟି ବର ଅଶ୍ୱତ୍ଥ ଗଛ ।

କିନ୍ତୁ ଭିତର ଗେଟ୍ ବନ୍ଦ । ଚାରିଆଡ଼ ଶୁନ୍‌ଶାନ୍ । ନିରବତାକୁ ଆହୁରି ପ୍ରଗାଢ କରିଦଉଥିବା ଝିଙ୍କାରୀଙ୍କ ଝିଁ-ଝିଁ ସ୍ୱର । କିନ୍ତୁ ବନାନୀ କୋଉଠି ? କ'ଣ ଲୁଚିକି କୋଉଠି ବସିଛି କି ? ଗଛ ଆଢୁଆଳରେ ନା ପାଚେରୀ ତଳେ ! ପାଚେରୀ ଆରପଟକୁ ଉହୁଁକି କରି ଚାହିଁବାକୁ ଗଲାବେଳକୁ ଖପ୍‌କିନା ଡେଇଁ ପଡ଼ିଲା କଳା ବିଲେଇ ଗୋଟେ । ପଛକୁ ଘୁଂଚି ଆସିଲା ଆଦିତ୍ୟ । ଉଃ ! ଚମକି ଯାଇ ବଡ଼ ପାଟିଟେ କରିବା ଆଗରୁ ନିଜକୁ ସମ୍ଭାଳି ନେଲା ।

କିନ୍ତୁ ପାଚେରୀଟି ଯୋଉଠି ସରୁଛି, ସେଇଠି ଲାଗୁଛି କିଏ ଠିଆ ହେଇଛି ! ବନାନୀ ? ହଁ ତ ! ଏଇଟା ବନାନୀର ଶାଗୁଆ କମଳା ଓଢଣୀ ।

କିନ୍ତୁ ତା ପାଖରେ ତ ଆଉ ଜଣେ କିଏ ଠିଆ ହେଇଛି !

କିଏ ! ଇଏ ! ପଛ ପଟୁ ଲାଗୁଛି ଟିକେ ଅଧିକା ବୟସର ଲୋକ ଜଣେ ହେଇଥିବେ ବୋଧେ ।

ବନାନୀ ଏତେ ରାତିରେ, ଏମିତି ନିକାଂଚନ ସ୍ଥାନରେ ଜଣେ ପୁରୁଷ ଲୋକ ଆଗରେ ! ଓ ! ତା ମୁଣ୍ଡଟା ଫାଟି ଯାଉନି ଯାହା । ନା, ତା' ମୁଣ୍ଡ କାଇଁ ଫାଟିବ, ସେ ଫଟେଇବ ମୁଣ୍ଡ ଏ ଲୋକର ! କିଏ ! ତୁ ଏତେ ସାହସ ତୋର, ଏମିତି ରାତିରେ ଏକୁଟିଆ ଜଣେ ବିବାହିତା ମହିଳା ସାଥୀରେ କି କାମ ତୋର ! ରାଗରେ ଆଗକୁ ମାଡ଼ି ଆସୁ ଆସୁ ଅଟକିଗଲା ଆଦିତ୍ୟ ।

ଏ କ'ଣ କରୁଛୁ ତୁ ! ଲୋକଟି ପାଖକୁ ନିଜେ ବନାନୀ ଘରଦ୍ୱାର ଛାଡ଼ି ବାତୁଳୀ ରାଧା ପରି ଧାଇଁ ଆସିଛି । ଆଉ ତୁ ଲୋକଟିକୁ ଆକ୍ରମଣ କରିବାକୁ ବାହାରୁଛୁ କ'ଣ ? ଦେଖ୍ କ'ଣ କରୁଛନ୍ତି ସେମାନେ ।

ଆଦିତ୍ୟ ସେଇ ଯୋଡ଼ି ଗଛ ଆଢୁଆଳରେ ଥାଇ ଧୀରେ ଧୀରେ ଘୁଂଚିଲା ଆଉ ଏକ ଦିଗକୁ ଯେଉଁଠୁ ଉଭୟଙ୍କ ମୁହଁ ପ୍ରାୟତଃ ସ୍ପଷ୍ଟ ଦିଶିଲା । ହଁ, ଲୋକଜଣଙ୍କ ବୟସ୍କ । କିନ୍ତୁ ମୁହଁରେ ତ ହସ ନାହିଁ !

ବନାନୀ ବି ତ ହସୁନି ! ତେବେ କିଛି କହୁଛି । କ'ଣ କହୁଛି ? କ'ଣ ବୋଲି ସମ୍ବୋଧନ କଲା ସେ ସେଇ ଲୋକଟିକୁ !

ଓଃ ! ଏ ବିଲେଇଙ୍କର କ'ଣ ହେଲା ! ଦୁଇଟି ବିଲେଇ ଲାଗିଲେ କଳି । କାଉଁ କାଉଁ ହେଇ କମ୍ପେଇ ଦେଲେ । ଗଲା, କିଛି ଶୁଭିଲାନି କ'ଣ ସେମାନେ କଥା ହେଲେ ।

ବହୁ ସତର୍କତାର ସହ ଟେକା ଫିଙ୍ଗି ସେଇ ବିଲେଇ ଦୁଇଟିକୁ ତଡ଼ିଲା ପରେ ପୁଣି କାନ ଡେରିଲା ଆଦିତ୍ୟ ।

ଏଁ ! ଏ କ'ଣ କରୁଛି ବନାନୀ ! ନିଜ ବେକରୁ ମଙ୍ଗଳସୂତ୍ର କାଇଁ କାଢି ଦେଉଛି !

ଓଃ ! ସେ ଏଇଠି ମୁଣ୍ଡ ବୁଲେଇ ପଡ଼ିଯିବ କି ! ଅଚେତ୍ ହେଇଯିବ କି ! ଛେପ ଢୋକି, ହାତକୁ ମୁଠେଇ, ଗଛଗଣ୍ଡିରେ ଭରା ଦେଇ ନିଜକୁ ସମ୍ଭାଳିଲା ଆଦିତ୍ୟ । ପୁଣି ଚାହିଁଲା କଡ଼େଇ କରି, କିନ୍ତୁ ମନେ ମନେ ଭାବୁଥିଲା ସବୁଆଡ଼ ଅନ୍ଧାର ହେଇ ଯାଆନ୍ତାନି ! ମତେ କିଛି ଦେଖା ଯାଆନ୍ତାନି !

ନା, ମଙ୍ଗଳସୂତ୍ରରୁ ବାହାର କରୁଛି ଗୋଟେ ଲକେଟ୍ । ଏଁ ! ମଙ୍ଗଳସୂତ୍ରରେ ଲକେଟ୍‌ଟିଏ ଥିଲା କି ! କାଇଁ ତାକୁ ତ ଜଣାନଥିଲା !

ଏ କ'ଣ ସେଇ ଲୋକଟିର ହାତ ଧରି ଆଣି ଚଉତରାରେ ବସେଇଲାଣି ବନାନୀ !

ଭଲ ହେଲା ! ଏବେ ସ୍ପଷ୍ଟ ଦେଖାଗଲା ଲୋକଟିର ମୁହଁ । କିନ୍ତୁ ମୁହଁଟି ଏତେ ଉଦାସ୍ କାହିଁକି ? ଦୂରରୁ ଥାଇ ମଧ୍ୟ ଜଣାପଡୁଛି ଆଖିଟି ଛଳ ଛଳ, କପାଳରେ ବୁନ୍ଦା ବୁନ୍ଦା ଝାଳ ।

ତେବେ ଲକେଟ୍ ଭିତରେ କ'ଣ କିଛି ଅଛି କି ? ବନାନୀ ଖୋଲୁଛି କାହିଁକି ?

ଦରଜା ଖୋଲିଲା ପରି ପାନପତ୍ର ଲକେଟ୍‌ଟିକୁ ଖୋଲି ପାପୁଲିରେ ରଖିଲା ବନାନୀ ।

ଗଛ ତଳେ ପଡ଼ିଥିବା ଗୋଟେ ପଥର ଉପରେ ଚଢି, ବେକ ଓଟାରି ଚାହିଁଲା ଆଦିତ୍ୟ ।

ଲକେଟ୍ ଭିତରେ କ'ଣ କାହାର ଫଟୋ ! ସେମିତି ତ ଜଣା ପଡୁଛି ।

ସେ ଆଉ ଟିକେ ପାଖକୁ ଆସି କାନ ଡେରିଲା, ଶୁଣେ କ'ଣ କଥା ହଉଛନ୍ତି ଏମାନେ ।

- ମୁଁ ଜାଣିନଥିଲି ପ୍ରକୃତରେ ମୁଁ ଭିତରେ ଏତେ ଦୁର୍ବଳ ବୋଲି । ଭାବୁଥିଲି ସଂବିତ୍‌ଙ୍କ ପରି ମୁଁ ବି ଏକ ବୀରା ରମଣୀ ।

ସଂବିତ୍ ! ଇଏ କିଏ ! ଏଇଟା କାହାର ନାଆଁ ନେଲା ବନାନୀ ?

ଏବେ ଦି' ପାଦ ପଛକୁ ଘୁଂଚିଗଲା ଆଦିତ୍ୟ, ଲୁଚିଗଲା ଗଛ ଆଢୁଆଳରେ, ବନାନୀ ପଛକୁ ଚାହିଁଛି କି ! ନା ଆକାଶକୁ ! କାନ୍ଦୁଛି କି !

ଏବେ ସେ ଆଉ ଟିକେ କାନ ଡେରିଲା, କ'ଣ କିଛି କହୁଛି ସେଇ ଲୋକ ବୋଧେ । ସେ ପତ୍ରମାନଙ୍କୁ ଅନୁରୋଧ କଲା, ଏ ପତ୍ରମାନେ ! ତମେମାନେ ଟିକେ ହଲିବା ବନ୍ଦ କର । ଦୟାକରି ପବନ ସାଙ୍ଗରେ ଟିକେ ସମୟ ପାଇଁ ବନ୍ଧୁତା କାଟିଦିଅ । ଏବେ ପତ୍ର କ'ଣ ବାୟୁ ଚଳାଚଳ ବି ବନ୍ଦ ହେଇଯାଆନ୍ତା ଯଦି ଭଲ ହୁଅନ୍ତା । ସେମାନେ କ'ଣ କଥା ହଉଛନ୍ତି ସ୍ପଷ୍ଟ ଶୁଣା ଯାଆନ୍ତା ।

- ମୁଁ ଭାବୁଥିଲି, ଦୁଇଟି ନାଆରେ ଗୋଡ଼ ଦେଇ ମଧ୍ୟ ମୁଁ ଭାସି ପାରିବି ।

ଓଃ ! ଏତିକିବେଳକୁ ମାଲ୍‌ଗାଡ଼ିଟିକୁ ବି ଆସିବାକୁ ଥିଲା ! ଘଡ଼ର୍ ଘଡ଼ର୍ ହେଇ ମେଦିନୀ କଂପେଇ ଚାଲିଲା ମାଲ୍‌ଗାଡ଼ି । ମନ୍ଦିର ପଛ ପଟେ ତେବେ ରେଳ ଲାଇନ୍‌ଟିଏ ଯାଇଛି !

ଓଃ ! ଗଳା ଚିପି ଦିଅନ୍ତାକି ଏ ମାଲ୍‌ଗାଡ଼ିର !

କିଛି, ଶୁଭିଲାନି, ମାଲ୍‌ଗାଡ଼ିର ବିକଟାଳ ଶବ୍ଦ ତା' ଛାତି ଉପରେ ଚଢି ଯାଉଥିଲା ।

କିନ୍ତୁ କିଛି କହୁଥିଲା ବନାନୀ, ଆଖି ପୋଛୁଥିଲେ ସେଇ ଲୋକ ।

ଆଦିତ୍ୟକୁ ଇଚ୍ଛା ହଉଥିଲା ପୂରା ଖଣ୍ଡମଣ୍ଡଳଟାକୁ ବାୟୁଶୂନ୍ୟ କରିଦିଅନ୍ତା । କିଛି ବି ଶବ୍ଦ ଶୁଭନ୍ତାନି ।

ଓଃ ! କାନରେ ହାତ ଦେଇ ସେ ବସିଗଲା ଚୁପ୍‌ଚାପ୍ ।

ଆଶ୍ଚର୍ଯ୍ୟ ! ସେ ଦୁଇଜଣ ବି ବସିଥିଲେ ଚୁପ୍‌ଚାପ୍ । ଜଣେ ତଳକୁ ମୁହଁ କରି ଓଢଣୀକୁ ଗୁଡ଼େଇ ଗୁଡ଼େଇ ବିଣ୍ଡୁଳାଟିଏ କରୁଥିଲା ତ ଆର ଜଣଙ୍କ ଆକାଶକୁ ମୁହଁ କରି ରହି ଯାଇଥିଲେ ସେମିତି ।

- ତମ ସ୍ୱାମୀ ଜାଣନ୍ତି, ତମର ପୂର୍ବ ବିବାହ ବିଷୟରେ ?

- ଜାଣନ୍ତି, ତାଙ୍କ ଯୋଗୁଁ ହିଁ ତ ମୁଁ ଏତେ ବଡ଼ ଦୁଃଖକୁ ଭୁଲି ଆଜି ଠିଆ ହେଇ ପାରିଛି । କିନ୍ତୁ ମୁଁ ଅଟକି ଯାଇଛି ସେଇଠି, ସେଇ ମୋର ଗର୍ବ ଗୌରବ ପାଖରେ । ନିଜକୁ ବାହାର କରିପାରୁନି ମୋର ସେଇ ଆଦର୍ଶ ଠାରୁ ନିଜକୁ ।

- ମାନେ ?

ଓଃ ! ଏତେବେଳକୁ ଯାଇଁ ଶବ୍ଦ ସବୁ ବନ୍ଦ୍ ହେଲେ । ଶୋଇ ପଡ଼ିଲେଣି କଳି କରୁଥିବା ବିଲେଇମାନେ, ଦୂରେଇ ଗଲାଣି ମାଲ୍‌ଗାଡ଼ି, ପତ୍ରମାନେ ବି ପବନ ସାଥୀରେ ସନ୍ଧି କରି ଢୁଳେଇ ପଡ଼ିଛନ୍ତି ଯେମିତି । ସ୍ପଷ୍ଟ ଶୁଭୁଥିଲା ବନାନୀର ଉଦାସୀ ସ୍ୱର ।

- ମାନେ, ମୋ'ଠୁ ସିନା ଭଗବାନ ବିବାହର ତିନି ମାସ ହେଇନି ସଂବିତ୍‌ଙ୍କୁ ଛଡ଼େଇ ନେଲେ, କିନ୍ତୁ ସଂବିତ୍‌ଙ୍କ ଅମରତ୍ୱକୁ ଛଡ଼େଇ ନେଇ ପାରିନାହାନ୍ତି ମୋ ଛାତିରୁ । ଏବେ ବି ମୁଁ ମୋ ପତିଙ୍କ ଅମରତ୍ୱରେ ବିଶ୍ୱାସ କରେ । ଜଣେ ଶହୀଦର ପତ୍ନୀ ବୋଲି ସେଦିନର ଗର୍ବ ମୋର ଏବେ ବି କମି ଯାଇନି । ଆପଣ ତ ଜାଣନ୍ତି ସଂବିତ୍‌ଙ୍କ ଦଶାହ ଦିନ ଯିଏ ଯେତେ କହିଲେ ବି ମୁଁ କାଢିନଥିଲି ମଙ୍ଗଳସୂତ୍ର । ଭାବିଥିଲି ମୋ ଦେଶର ଏଇ ବୀର ଆତ୍ମାଙ୍କୁ ସବୁଦିନ ଝୁଲେଇ ରଖିବି ଛାତିରେ, କିନ୍ତୁ..

- ହଁ ମା, ମୁଁ ବି ସମର୍ଥନ କରିଥିଲି ତତେ ସେତେବେଳେ । ପୁଅ ମୋର ଦେଶ ପାଇଁ ଲଢିଥିଲା । ଶତ୍ରୁ ପକ୍ଷର ଅନେକଙ୍କୁ ଧରାଶାୟୀ କରି ଦେଇଥିଲା ବି । ତା'ରି ଯୋଗୁ ଭାରତୀୟ ସେନା



ଆଗେଇ ଯାଇ ପାରିଥିଲେ ଅନେକ ବାଟ । ସେଇ ବୀରର ବାପା ହିସାବରେ ମୁଁ ଯଦି ଗର୍ବ କରୁଛି, ତୁ କାହିଁକି ପତ୍ନୀ ହିସାବରେ ଗର୍ବ ନକରିବୁ ? ଶହୀଦ୍ ତ ଅମର, ତେବେ ତୁ କାହିଁକି ପିନ୍ଧି ରହିବୁନି ତା'ର ସନ୍ତକ ? ତୋର ଏଇ ଯୁକ୍ତିକୁ ମୁଁ ସମର୍ଥନ କରିଥିଲି ସେଦିନ, କିନ୍ତୁ ତୁ ଏବେ ଅନ୍ୟତ୍ର ବିବାହିତା..

- ହଁ, ଜାଣିନଥିଲି ଏଇ ମଙ୍ଗଳସୂତ୍ରଟି ମତେ ଦିନେ ଏମିତି କଳା ନାଗସାପଟିଏ ହେଇ ଦଂଶିବ । ମୋର ପତି ଆଦିତ୍ୟଙ୍କ ନାମରେ ମଙ୍ଗଳସୂତ୍ର ପିନ୍ଧିଥିଲେ ମଧ୍ୟ ସଂବିତ୍‌ଙ୍କ ଫଟୋ ଥିବା ଲକେଟ୍‌ଟି ମୁଁ ଆଜିଯାଏଁ ଲଗେଇ ରଖିଥିଲି । କିନ୍ତୁ ଆଉ ପାରୁନି । ଏକଥା ଜାଣିଲେ କାଳେ ଆଦିତ୍ୟଙ୍କ ମନ ଖରାପ ହେବ ଭାବି ମୁଁ ସନ୍ତୁଳି ଯାଉଛି ଭିତରେ ଭିତରେ । କାଳେ ସିଏ ଭୁଲ୍ ବୁଝିବେ । ସେ ହୁଏତ ବୁଝି ନପାରନ୍ତି ଯେ ମୁଁ ତାଙ୍କର ପତ୍ନୀ ହେଲେ ବି ଜଣେ ଶହୀଦ୍‌ର ଅମରତ୍ୱକୁ ସମ୍ମାନ କରୁଛି ।

- ତୁ ଠିକ୍ କହୁଛୁ ମା, ଆମ ପାଇଁ ସେ ଏକ ଅମର ବୀରପୁରୁଷ । କିନ୍ତୁ ଅନ୍ୟମାନଙ୍କ ପାଇଁ କିଛି ଦିନ ହଟଚମଟ ଖେଳେଇଥିବା ସେ ଏକ ଖବର ମାତ୍ର । ଶହୀଦ୍ ଅମର୍ ରହେ ଧ୍ୱନିଟି ଏବେ ବି ମୋ ରକ୍ତରେ ଫୁଟୁଛି ଟକ୍ ଟକ୍ । କିନ୍ତୁ ଅନ୍ୟମାନଙ୍କ ପାଇଁ ଏ କେବଳ ଏକ ସ୍ଲୋଗାନ୍ । ଏକ ସାମୟିକ ଭାବପ୍ରବଣତା । ଦେଶ ପାଇଁ ପ୍ରାଣ କାନ୍ଦୁନଥିବା ଲୋକଟିଏ ଏ କଥା ବୁଝି ପାରିବନି ।

- ତେଣୁ ବହୁତ ମାନସିକ ପୀଡ଼ାରୁ ରକ୍ଷା ପାଇବା ପାଇଁ ଭାବିଲି ଫେରେଇ ଦିଏ ଲକେଟ୍‌ଟିକୁ ଆପଣଙ୍କୁ । ସେଇଥିପାଇଁ ଡକେଇଲି ଏ ଜାଗାକୁ ।

- ହଁ ଦେଇଦେ ମା, ମତେ ଦେଇଦେ ସେଇ ଲକେଟ୍, ମୁଁ ସାଇତିକି ରଖିବି । ତୁ ତୋର ସୁନାର ସଂସାର ଗଢ୍ । ଥାଉ ଏଇ ଅମର ସନ୍ତକଟି ମୋ ପାଖେ ।

ଲୁହବୋଳା ହାତରେ ଦୁଇଥର ସାଉଁଳି ଆଣି ଲୋକଜଣଙ୍କ ଛାତି ପକେଟ୍‌ରେ ରଖିବାକୁ ଯାଉଥିଲେ ଲକେଟ୍‌ଟିକୁ ପଛରୁ ତାଙ୍କ ହାତକୁ ଅଟକେଇ ଦେଲା ଆଦିତ୍ୟ ।

ଚମକି ଗଲେ ଲୋକଜଣଙ୍କ ।

ସାମ୍ନାରେ ଆଦିତ୍ୟକୁ ଦେଖି ବିଚଳିତ ହେଇଗଲା ବନାନୀ, ସତେ ଯେମିତି ଏଇନା ଭାଙ୍ଗିଯିବ ଟୁକୁଡ଼ା ଟୁକୁଡ଼ା କାଚଖଣ୍ଡ ପରି । ଆଦିତ୍ୟ କେମିତି ଏଠିକୁ ଆସିଲେ ? କିଛି ବି ପଚାରିବା ପାଇଁ ଓଠ ଖୋଲିବାକୁ ଅକ୍ଷମ ହେଉଥିଲା ବନାନୀ ।

ବନାନୀ ମୁହଁକୁ ନଚାହିଁ, ଆଦିତ୍ୟ କହିଲା,

- ମଉସା, ସେଇ ଲକେଟ୍‌ଟି ମତେ ଦିଅନ୍ତୁ ।

ଦୁଇ ଜଣଙ୍କର ସ୍ଥାଣୁ ଅବସ୍ଥା ଦେଖି ଟିକେ ହସିଦେଲା ଆଦିତ୍ୟ, ତାପରେ ବନାନୀକୁ ହାଲୁକା କରିବା ପାଇଁ ତା କାନ୍ଧରେ ହାତ ଦେଇ କହିଲା,

- ତମେ ମତେ ଏତେ ଛୋଟ ଭାବିଲ ? ମୋ ଦେଶ ପାଇଁ ଜୀବନ ଦେଇଥିବା ଜଣେ ଶହୀଦକୁ ସମ୍ମାନ ଦେବାର ଅଧିକାରରୁ ମତେ କାହିଁକି ବଞ୍ଚିତ କରୁଛ ? ମୁଁ କ'ଣ ଏ ଦେଶର ନାଗରିକ ନୁହେଁ ? ଗୋଟିଏ ଶହୀଦ୍ ପ୍ରତ୍ୟେକ ନାଗରିକର ଗର୍ବ । ସେ ସେମିତି ଥାଆନ୍ତୁ ତମ ଛାତି ଲକେଟ୍‌ରେ । ମୁଁ ବି ଗୌରବାନ୍ୱିତ ମୋର ଏଇ ଶହୀଦ୍‌ର ପତ୍ନୀ ପାଇଁ ।

ବନାନୀକୁ ଆଶ୍ଚର୍ଯ୍ୟ ଲାଗୁଥିଲା ତା' ଓଠ ଦୁଇଟି ଏମିତି ବରଫଖଣ୍ଡ ପରି ଜଡ଼ ହେଇଯାଉଛନ୍ତି କ'ଣ ! ସେ କିଛି କାହିଁକି କହିପାରୁନି ଆଦିତ୍ୟଙ୍କୁ ! ତା ମୁଣ୍ଡ ନଇଁ ଆସୁଥିଲା ଆଦିତ୍ୟଙ୍କ ଦେଶପ୍ରାଣ ହୃଦୟ ଆଗରେ ।

ମଙ୍ଗଳସୂତ୍ରରେ ପୁଣି ଲକେଟ୍‌ଟି ଲଗେଇ ଦେଇ ଆଦିତ୍ୟ ଗଳେଇ ଦେଲା ବନାନୀ ବେକରେ ।

ଆଉ ଜୋର୍‌ରେ ଗୋଡ଼ ବାଡ଼େଇ ମାରିଦେଲା ଗୋଟେ ସାଲ୍ୟୁଟ୍ ।

ଲୁହ ଜରଜର ଆଖିରେ ହସିଦେଲେ ସଂବିତ୍‌ର ବାପା ।


ବନାନୀ ବି ହସ ରୋକି ନପାରି କହିଲା,

- ଯା, ତୁମକୁ ମାରି ଆସୁନି ସାଲ୍ୟୁଟ୍ ।

ଉଭୟେ ସାଲ୍ୟୁଟ୍ ମାରି ଠିଆ ହେଇଥିଲେ ସଂବିତ୍‌ର ବାପାଙ୍କ ଆଗରେ ।

ହଠାତ୍ ସେଇ ଯୋଡ଼ି ଗଛର ଦୁଇଟି ଯାଉଁଳି ଡାଳ ପବନରେ ଦୋହଲିବାକୁ ଆରମ୍ଭ କଲେ, ହଲ୍ ଚଲ୍ ଖେଳିଗଲା ପୂରା ପତ୍ରମାନଙ୍କରେ, ଦଳେ ରାତ୍ରିଚର ପକ୍ଷୀ ଗୀତ ଗାଇଲା ପରି ଚିଁ ଚିଁ ହେଇ ଉଡ଼ିଗଲେ ଉପରକୁ ।

କବାଟ ବନ୍ଦ ଥିଲେ ବି ସଂବିତ୍‌ର ବାପାଙ୍କୁ ଦେଖାଗଲା ହସ ହସ ରାଧାକୃଷ୍ଣଙ୍କ ଯୁଗଳ ମୂରତି ।



# ଗାମୁଛାର ଗୁମର

# ଖୋର୍ଦ୍ଧା ଗାମୁଛାର ଗାଥା

**ଦେବଯାନୀ ରାୟ**
ରାମଚନ୍ଦ୍ରପୁର ବଜାର, ଜଟଣୀ, ଖୋର୍ଦ୍ଧା
ଫୋନ : ୯୪୩୭୪୧୩୩୧୪

ଫଟୋ ସୌଜନ୍ୟ : ଲେଖିକା





▲ ଲେଖିକା ଦେବଯାନୀ ରାୟ

'ଗାମୁଛା' ବା 'ଗାମୁଛା' କଥା ଉଠିଲେ ସ୍ୱତଃ ମନ ଭିତରକୁ ପଶି ଆସେ ଖୋର୍ଦ୍ଧାର ପ୍ରସିଦ୍ଧ ନାଲି ଗାମୁଛା କଥା । କିଛି ବର୍ଷ ତଳେ ଅର୍ଥାତ୍ ଆମମାନଙ୍କର ବାପଅଜାଙ୍କ ସମୟରେ ଦେଶର ବିଭିନ୍ନ ପ୍ରାନ୍ତରରେ ଖୋର୍ଦ୍ଧା ଗାମୁଛାର ଚାହିଦା ଥିଲା ଶୀର୍ଷରେ । ବିବାହବ୍ରତ ହେଉ କି ବିଭିନ୍ନ ପର୍ବପର୍ବାଣି ତଥା ନିତିଦିନିଆ ଚଳଣିରେ ମଧ୍ୟ ନାଲି ଗାମୁଛାର ବ୍ୟବହାର ବହୁ ପରିମାଣରେ କରା ଯାଉଥିଲା । ଏହି ପରମ୍ପରା ବର୍ତ୍ତମାନ ମଧ୍ୟ ଅକ୍ଷବହୁତ ରହିଛି । କେବଳ ଚାଷୀ ଓ ଦିନ ମଜୁରିଆ ଯେ ଏହାକୁ ବ୍ୟବହାର କରୁଥିଲେ ତାହା ନୁହେଁ, ଧନୀ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କର ଏହା ଥିଲା ପ୍ରଥମ ପସନ୍ଦ । ଏମିତି କି ଖୋର୍ଦ୍ଧା ଗାମୁଛା ନହେଲେ କୌଣସି କାର୍ଯ୍ୟ ହୋଇ ପାରୁନଥିଲା ।

## ମୂଳ ଉତ୍ପାଦନ ସ୍ଥଳୀ

୧ ଏପ୍ରିଲ୍ ୧୯୯୩ରେ ପୁରୀ ଜିଲ୍ଲାରୁ ବିଭାଜିତ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ଖୋର୍ଦ୍ଧା ଜିଲ୍ଲା । ଏହା ପୂର୍ବ ଓଡ଼ିଶାର ଏକ ମହତ୍ୱପୂର୍ଣ୍ଣ ଜିଲ୍ଲା । ୧୫୬୮ ରୁ ୧୮୦୩ କାଳଖଣ୍ଡରେ ଓଡ଼ିଶାର ରାଜଧାନୀ ଖୋର୍ଦ୍ଧା ହିଁ ଥିଲା । ଖୋର୍ଦ୍ଧାଗଡ଼ ପାଇକ ଆନ୍ଦୋଳନର ମୁଖ୍ୟ ସ୍ଥଳୀ ଥିଲା । ମହାନ କ୍ରାନ୍ତିକାରୀ ନେତା ବକ୍ସି ଜଗବନ୍ଧୁ, ଯାହାଙ୍କୁ ଆମେ ପାଇକ ବକ୍ସି ଭାବେ ଜାଣିଛେ, ତାଙ୍କର କଡ଼ା ବିଦ୍ରୋହ ଇଂରେଜମାନଙ୍କ ବିରୋଧରେ ରହିଥିଲା । ସେଥିପାଇଁ ଇଂରେଜ ମାନେ ଚାହିଁକରି ମଧ୍ୟ ଓଡ଼ିଶାକୁ ନିଜ ଅକ୍ତିଆରରେ ବହୁତ ଦିନ ପର୍ଯ୍ୟନ୍ତ ରଖି ପାରିନଥିଲେ । ଖୋର୍ଦ୍ଧାର ଅନ୍ୟନାମ ପାଇକଗଡ଼ ବା ଖୋର୍ଦ୍ଧାଗଡ଼ ।

୫୦ରୁ ୬୦ବର୍ଷ ତଳେ ଖୋର୍ଦ୍ଧା ସହରର ଗଣପତି ଲାଲ୍ ନାମକ ଜନୈକ ବ୍ୟକ୍ତି ପ୍ରଥମେ ନାଲି ଗାମୁଛାର ବ୍ୟବହାର କରିଥିଲେ । ନାଲି ରଙ୍ଗର ଗୋଡ଼ିକିଆ ସୂତା ବ୍ୟବହାର କରି ନାଲି ଗାମୁଛା ବୁଣିବା କାର୍ଯ୍ୟ ଆରମ୍ଭ କରିଥିଲେ । ଆଉ ସେହି ଗାମୁଛା ଗଣପତି ଗାମୁଛା ଭାବେ ଖ୍ୟାତ । ଏଠାକାର ପାଇକମାନେ ସମରକଳା ଅଭ୍ୟାସ ସମୟରେ ଗୋଟିଏ ଗାମୁଛାକୁ ମୁଣ୍ଡରେ ବାନ୍ଧିବା ସହିତ ଅନ୍ୟଗୋଟିକୁ ଅଣ୍ଟାରେ ଭିଡୁଥିଲେ । ଏହାଦ୍ୱାରା ତାଙ୍କର ଶାରୀରିକ କ୍ଷମତାକୁ ସେମାନେ ତ୍ୱରାନ୍ୱିତ କରୁଥିଲେ । ଖୋର୍ଦ୍ଧାର ପାଇକ ନୃତ୍ୟ ସମୟରେ ଏହି ଗାମଛାର ବ୍ୟବହାର କରାଯିବାର ଦେଖାଯାଏ । କ୍ଷେତରେ ଅକ୍ଳାନ୍ତ ପରିଶ୍ରମ କରୁଥିବା କୃଷକ ଭାଇ ଖରା ଦାଉରୁ ରକ୍ଷା ପାଇଁ ମୁଣ୍ଡରେ ଠେକା ଭାବରେ ଏହି ଗାମୁଛାକୁ ବ୍ୟବହାର କରିଥାନ୍ତି । ପୁଣି ନିଜର ତାକତ ପାଇଁ ଅଣ୍ଟାରେ ଭିଡ଼ିଥାନ୍ତି । ଖୋର୍ଦ୍ଧା ଜିଲ୍ଲାର ବାଜପୁର, ଡାଲତୋଳା, ସଂପୁର, ଆମ୍ବଝର, ଇଟାମାଟି, ଦେଉଳି, ରାଉତପଡ଼ା, ଧଳାପଥର, ସାନପଦର, ଜଟଣୀ ଆଦି ଅଂଚଳରେ ନିଜର କୌଳିକ ବୃତ୍ତି ଭାବେ ଗାମୁଛା ବୁଣା କାର୍ଯ୍ୟକୁ ଗ୍ରହଣ କରି ନିଜର ପେଟପାଟଣା କଥା ବୁଝୁଥିଲେ ଅନେକେ । କେବଳ ବୃତ୍ତି ପାଇଁ ଯେ ଏଠାକାର ବାସିନ୍ଦା ମାନେ ଖୋର୍ଦ୍ଧା ଗାମୁଛା ବୁଣୁଥିଲେ, ତାହା ନୁହେଁ, ଆଉ କେତେକ ଏହାର ଚାହିଦା ଏବଂ ମାନ୍ୟତା ପାଇଁ ବୁଣା କାର୍ଯ୍ୟରେ ମନୋନିବେଶ

କରୁଥିଲେ । ଓଡ଼ିଶାର ବିଭିନ୍ନ ଜାଗାରେ, ଯଥା: ମୟୂରଭଞ୍ଜ, ସୁନ୍ଦରଗଡ଼, ବ୍ରହ୍ମପୁର ଇତ୍ୟାଦି ସ୍ଥାନରେ ତନ୍ତ ମେସିନ୍ ଦ୍ୱାରା ବୁଣାକାର୍ଯ୍ୟ ହେଉଥିଲା । କିନ୍ତୁ ବର୍ତ୍ତମାନ ତାହା ବନ୍ଦ ପଡ଼ିଛି । ମୟୂରଭଞ୍ଜର ରାଜା ନିଜ ରାଣୀଙ୍କ ନାମାନୁସାରେ ତକତ୍‌ପୁର ବୋଲି ଗୋଟିଏ ସ୍ଥାନ ନାମାଙ୍କିତ କରିଥିଲେ । ସେହିଠାରେ ବଡ଼ଧରଣର ଗାମୁଛା ବୁଣା କାରଖାନା ରହିଛି । ପୂର୍ବପରି ନହେଲେ ମଧ୍ୟ ବର୍ତ୍ତମାନ ବି ଖୋର୍ଦ୍ଧା ଗାମୁଛା ତାହାର ସ୍ୱତନ୍ତ୍ର ପରିଚୟ ବଜାରରେ ବଜାୟ ରଖିପାରିଛି ।

## ଖୋର୍ଦ୍ଧା ଗାମୁଛାର ପ୍ରକାର ଭେଦ ଓ ଗୁଣବତ୍ତା

ଗାମୁଛା ଶବ୍ଦଟି ଦୁଇଟି ଶବ୍ଦକୁ ମିଶାଇ ଆସିଛି । ଗା+ମୋଛା=ଗାମୁଛା । 'ଗା'ର ଅର୍ଥ ଦେହ ବା ଗାତ୍ର ଏବଂ 'ମୋଛା'ର ଅର୍ଥ ପୋଛିବା । ଶୁଦ୍ଧ ଓଡ଼ିଆରେ ଏହକୁ ଦେହ ମୁଣ୍ଡ ପୋଛା ଗାମୁଛା ବୋଲି କୁହାଯାଏ । ଖୋର୍ଦ୍ଧା ନାଲି ଗାମୁଛା ଓଡ଼ିଶାର ପାରମ୍ପରିକ ପ୍ରସାଧାନ ଅଟେ । ଦେଶର କୋଣ ଅନୁକୋଣରେ ଏହାର ବ୍ୟବହାର କରାଯାଉଥିଲେ ମଧ୍ୟ ବିଶେଷ କରି ଓଡ଼ିଶାର ଲୋକମାନେ ଏହି ନାଲି ଗାମୁଛାର ବହୁଳ ବ୍ୟବହାର କରିଥାନ୍ତି । ଏହାର ଉତ୍ତମ ଗୁଣବତ୍ତା ପାଇଁ ଏବଂ ଅନ୍ୟସୂତା ଅପେକ୍ଷା ନାଲି ଗାମୁଛାର ଗୋଡ଼ିସୂତା ବ୍ୟବହାର ଏହାକୁ ଅଧିକ ଲୋକପ୍ରିୟ କରାଇଛି । ଏହାର ବ୍ୟବହାର ଶୈଳୀ ପର୍ଯ୍ୟାୟ କ୍ରମେ ଓଡ଼ିଶାବାସୀଙ୍କ ପକ୍ଷେ ବେଶ୍ ଲାଭଦାୟକ ହୋଇ ଆସିଛି । କାନ୍ଧର ଗୋଟିଏ ପାର୍ଶ୍ୱରେ ଗାମୁଛା ପକା ଯାଇଥାଏ । ପ୍ରାତଃ ସମୟରୁ ଅଥବା ଦିନଚର୍ଯ୍ୟା ଆରମ୍ଭର ପ୍ରଥମରୁ ରାତି ଶୋଇବାର ଶେଷ ପର୍ଯ୍ୟନ୍ତ ମନୁଷ୍ୟର ଅତି ଜରୁରୀ ଏବଂ ଆବଶ୍ୟକ ହୋଇଥାଏ ଗାମୁଛା । ଛୋଟରୁ ବଡ଼ ପର୍ଯ୍ୟନ୍ତ ବିଭିନ୍ନ ସାଇଜ୍‌ର ଗାମୁଛା ବୁଣା ଯାଇଥାଏ । ୬ ହାତି ଗାମୁଛାର ଲମ୍ବ ୧୦୮ ସେଣ୍ଟିମିଟର ହୋଇଥିଲା ବେଳେ ଓସାର ୩୫ ସେଣ୍ଟିମିଟର ହୋଇଥାଏ । ସେହିପରି ସାଢ଼େ ୩ ହାତି ଗାମୁଛାର ଲମ୍ବ ୯୫ ସେଣ୍ଟିମିଟର ଓ ଓସାର ୩୨ ସେଣ୍ଟିମିଟର ହୋଇଥାଏ । ବୁଣା କାମ ପାଇଁ ଗୌହାଟିରୁ ବୁଣାକାର ମାନେ ମେସିନ୍ ଆଣିଥାନ୍ତି । ଏଥିପାଇଁ ବୁଣାକାରମାନେ ତାଲିମ୍ ପ୍ରାପ୍ତ ହୋଇଥାନ୍ତି । ଗାମୁଛା ବୁଣା ପାଇଁ ଦରକାର ହେଉଥିବା ଗୋଡ଼ିସୂତା ଆନ୍ଧ୍ର କିମ୍ବା କଲିକତାରୁ ମଗା ଯାଇଥାଏ । ଏହି ସୂତାର ରଙ୍ଗ ଧଳା କିମ୍ବା ମାଟିଆ ଆସିଥାଏ । ପରେ ସେହି ସୂତାକୁ ରନ୍ଧା ଯାଇଥିବା ରଙ୍ଗପାତ୍ରରେ ରଙ୍ଗ ମଡ଼ାଇ ଶୁଖାଇ ଦିଆ ଯାଇଥାଏ । ଯାହାଦ୍ୱାରା ତାହାର ରଙ୍ଗ ଲାଲ୍ ହେବା ସହିତ ବହୁତ ଦିନ ପର୍ଯ୍ୟନ୍ତ ରଙ୍ଗଛାଡ଼ି ନଥାଏ । ତାପରେ ତାହାକୁ ମେସିନ୍ ଦ୍ୱାରା ସୂତା ରିଲ୍‌ରେ ଗୁଡ଼ାଇ ରଖାଯାଏ । ଶେଷରେ ତନ୍ତରେ ସେଟ୍ କରାଯାଇ ନିପୁଣ ବୁଣାକାରମାନେ ଗାମୁଛା ପ୍ରସ୍ତୁତି କାର୍ଯ୍ୟ ସମାପନ କରିଥାନ୍ତି । ଜଣେ ମିସ୍ତ୍ରୀ ଗୋଟିଏ ଦିନରେ ପ୍ରାୟ ୯୦ରୁ ୧୦୦ଟା ଗାମୁଛା ବୁଣିବାର କ୍ଷମତା ରଖିଥାନ୍ତି । ଇଂରାଜୀରେ ଗାମୁଛାକୁ ଟାୱେଲ୍ କୁହା ଯାଉଥିବା ବେଳେ ହିନ୍ଦୀରେ 'ତଉଲିଆ' ଓ ସମ୍ବଲପୁରରେ 'ପଞ୍ଚା' ଏବଂ ଆସାମ୍‌ରେ ଏହାକୁ 'ଗାମୋସାଓ' କୁହା ଯାଇଥାଏ । ଅନ୍ୟାନ୍ୟ ଦେଶମାନଙ୍କରେ ଏହାର ନାମ ଅଲଗା ଅଲଗା ରହିଛି । ଉତ୍ତରପୂର୍ବ ଭାରତରେ ଗାମୁଛାର ଅର୍ଥ ସଂପୂର୍ଣ୍ଣ ଅଲଗା । ସେଠାରେ ଗାମୁଛାକୁ 'ଗାମୋସାଓ' କୁହାଯାଏ । ଏହାର ଅର୍ଥ ଭଗବତ ପୁରାଣ କିମ୍ବା କୌଣସି ଧାର୍ମିକ ଗ୍ରନ୍ଥକୁ ଘୋଡ଼ାଇ ରଖିବା । ଗାମା ଓ ଚାଦରକୁ ମିଶାଇ ଏହି ଶବ୍ଦ ହୋଇଛି । ଗୋଟିଏ ପାଖରେ ଏହା ଦେହ ହାତ ପୋଛାପୋଛି କାମରେ ଲାଗୁଥିବା ବେଳେ ଅନ୍ୟପକ୍ଷରେ ଏହା ସମ୍ମାନର ପ୍ରତୀକ ହୋଇଥାଏ । ଯେକୌଣସି ଆନୁଷ୍ଠାନିକ କାର୍ଯ୍ୟ ତଥା ସଭାସମିତିରେ ଉପାଧି ସ୍ୱରୂପ ଗାମୁଛାକୁ ସମ୍ମାନର ସହ ପ୍ରଦାନ କରାଯାଇଥାଏ । ରାଜନେତା, ଖେଳାଳି, ଡାକ୍ତର, ଶିକ୍ଷକ, ସାହିତ୍ୟିକ, ପ୍ରବର୍ତ୍ତକ ସମସ୍ତଙ୍କୁ ବିଭିନ୍ନ ଉପହାର ସାମଗ୍ରୀ ସହିତ ଗାମୁଛାକୁ ସମ୍ମାନର ସହ ପ୍ରଦାନ କରାଯାଇଥାଏ । ଅବଶ୍ୟ ଏଥିପାଇଁ ସମ୍ବଲପୁରୀ ହ୍ୟାଣ୍ଡଲୁମ୍‌ର ଗାମୁଛାକୁ ବହୁଳ ପ୍ରାଧାନ୍ୟ ଦିଆ ଯାଇଛି । ଯେତେବେଳେ ଜଣେ ଆମକୁ ଗାମୁଛା ଘୋଡ଼ାଇବାର ଦୃଶ୍ୟ ସଭାସମିତିରେ ଦେଖାଯାଏ, ସେତେବେଳେ ବୁଝାଯାଏ କି ଆମକୁ ସମ୍ମାନିତ କରାଯାଉଛି । ତେଣୁ ସେହି ଗାମୁଛାର ଉପଯୁକ୍ତ ମାନ ରକ୍ଷା କରିବା ଉଚିତ । କ୍ଷେତରେ ଝାଳନାଳ ହୋଇ ଅକ୍ଳାନ୍ତ ପରିଶ୍ରମ କରୁଥିବା କୃଷକ ହେଉ କି ଦେଶର ପ୍ରଧାନ ବ୍ୟକ୍ତିତ୍ୱ ସମସ୍ତେ ଏହି ଗାମୁଛାର ମୂଲ୍ୟବୋଧ ଉପଲବ୍ଧି କରିଥାନ୍ତି । 'ଖୋର୍ଦ୍ଧା ଗାମୁଛା' ଓଡ଼ିଆ ଅସ୍ମିତାର ପରିଚାୟକ । ୨୦୨୦ରେ ଦେଶର ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ତାଙ୍କ କାନ୍ଧରେ ଖୋର୍ଦ୍ଧା ଗାମୁଛା ପକାଇ ଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । କେତେବେଳେ ଯୋଗ କରିବା ସମୟରେ ତ ଆଉ କେତେବେଳେ ମଞ୍ଚ ଉପରେ ଭାଷଣ ଦେବା ସମୟରେ ତାଙ୍କୁ ଭିନ୍ନ





ଭିନ୍ନ ଗାମୁଛାକୁ ଭିନ୍ନ ଭିନ୍ନ ଶୈଳୀରେ ବ୍ୟବହାର କରୁଥିବାର ଦେଖିବାକୁ ମିଳେ । ଖୋର୍ଦ୍ଧା ଜିଲ୍ଲାରେ ଏହି ହସ୍ତତନ୍ତ ବହୁଳ ଭାବେ ଉପଲବ୍ଧ ହେଉଥିବାରୁ ଏଠାକାର ବୁଣାକାରମାନେ ଏହି ବୁଣିବା କାର୍ଯ୍ୟ ଖୁବ୍ ସହଜ ଓ ଗର୍ବର ସହ ସମାପନ କରିଥାନ୍ତି । ଖାଲି ଖୋର୍ଦ୍ଧା ଜିଲ୍ଲା ନୁହେଁ ବାହାର ରାଜ୍ୟରୁ ବୁଣାକାର ମିସ୍ତ୍ରୀ ଆସି ଓଡ଼ିଶାରେ କାମ କରୁଛନ୍ତି । କିନ୍ତୁ ବର୍ତ୍ତମାନ ଏହି କାମ ପାଇଁ ପ୍ରବଳ ଜନ ପ୍ରୋତ୍ସାହନ ଏବଂ ସରକାରୀ ସହାୟତାର ଆବଶ୍ୟକତା ରହିଛି ।

## ଖୋର୍ଦ୍ଧା ଗାମୁଛାର ରପ୍ତାନି

ଢେଙ୍କାନାଳ ରୁ ଦିଲ୍ଲୀ, ବ୍ରହ୍ମପୁର ରୁ ଅହମ୍ମଦବାଦ, ଛତିଶଗଡ଼, ବିହାର, ତାମିଲନାଡୁ, ପେଶ୍ଚିମବଙ୍ଗ, ଗୁଜରାଟ- ଏସବୁ ଜାଗାକୁ ଓଡ଼ିଶାରୁ ଖୋର୍ଦ୍ଧା ନାଲି ଗାମୁଛା ରପ୍ତାନି କରା ଯାଉଛି । ବର୍ତ୍ତମାନ ସେଠାକାର ନିଜସ୍ୱ ଗାମୁଛା ପାଇଁ ଓଡ଼ିଶାରୁ ରପ୍ତାନି କରାଯାଉଥିବା ଖୋର୍ଦ୍ଧା ଗାମୁଛାର ମୂଲ୍ୟବୋଧ କମି କମି ଯାଉଥିଲେ ମଧ୍ୟ ନିଜର ଉତ୍କୃଷ୍ଟ ଗୁଣବତ୍ତା ପାଇଁ ଏହି ଗାମୁଛା ଏ ପର୍ଯ୍ୟନ୍ତ ଆଗଧାଡ଼ିରେ ରହିଛି ।

## ବୁଣାକାରଙ୍କ ମତ

ବୁଣାକାରଙ୍କ କହିବା ଅନୁସାରେ ଦେଶର କୋଣ ଅନୁକୋଣରେ ନିଜର ଉତ୍ତମ ଗୁଣବତ୍ତା ପାଇଁ ପୁରାତନ ସମୟରୁ ଆଜି ପର୍ଯ୍ୟନ୍ତ ଖୋର୍ଦ୍ଧା ଗାମୁଛାର ମାନ୍ୟତା ତିଷ୍ଠି ରହିଥିଲେ ମଧ୍ୟ ଧୀରେ ଧୀରେ ଉଚିତ ପାରିଶ୍ରମିକ, କଞ୍ଚାମାଲ୍‌ର ଅଭାବ ବର୍ତ୍ତମାନ ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ପାଇଁ ବାଧକ ସାଜିଛି । ସମୟ କ୍ରମେ ଆଖିକୁ ସୁନ୍ଦର ଦେଖା ଯାଉଥିବା କମ୍ ଦାମ୍‌ର ବିଦେଶୀ ଗାମୁଛା ବଜାରରେ ମିଳୁଥିବାରୁ ଖୋର୍ଦ୍ଧା ଗାମୁଛାର ଚାହିଦା କମିଯିବାରେ ଲାଗିଛି । ଯେହେତୁ ଖୋର୍ଦ୍ଧା ଗାମୁଛା ନିଜର ରୂପ ରଙ୍ଗ ଏବଂ ବୁଣିବାର ଶୈଳୀରେ କୌଣସି ପରିବର୍ତ୍ତନ ଆଣିପାରି ନାହିଁ, ସେଥିପାଇଁ କେତେକ ପୁରୁଖା ଲୋକ, କୃଷକ ଏବଂ ଦିନ ମଜୁରିଆଙ୍କୁ ଛାଡ଼ି ଦେଲେ ଆଜିକାର ଯୁବପିଢ଼ି କୌଣସି ଆଗ୍ରହ ଦେଖାଉନାହାନ୍ତି ଏହି ଗାମୁଛା ପ୍ରତି । ଏମିତିକି ଏହି କ୍ଷେତ୍ରରେ ସରକାର ମଧ୍ୟ କୌଣସି ପଦକ୍ଷେପ ଆଜି ପର୍ଯ୍ୟନ୍ତ ନେଇପାରି ନାହାଁନ୍ତି । ଯଦି ସରକାର ଏଥିପ୍ରତି ଉଚିତ ପଦକ୍ଷେପ ନିଅନ୍ତେ, ତେବେ ଆସାମ ପରି ଓଡ଼ିଶାର ମଧ୍ୟ 'ଖୋର୍ଦ୍ଧା ଗାମୁଛା'ର ମାନ୍ୟତା ଚିରସ୍ଥାୟୀ ହୋଇପାରନ୍ତା ।



ବର୍ତ୍ତମାନ ମହାମାରୀ କରୋନା ଦାଉରୁ ରକ୍ଷା ପାଇବା ନିମନ୍ତେ ଖୋର୍ଦ୍ଧାରେ କେତେଜଣ ମହିଳା ସଂଗଠନର କାର୍ଯ୍ୟକର୍ତ୍ତାମାନେ ନାଲି ଗାମୁଛାରେ ମାସ୍କ ତିଆରି କରି ବଜାରକୁ ବିକ୍ରି ଉଦ୍ଦେଶ୍ୟରେ ଛାଡ଼ିଛନ୍ତି । ଆଉ କେତେକ ବିନା ମୂଲ୍ୟରେ ବିତରଣ କରାଯାଉଛି । ଖୋର୍ଦ୍ଧା ଲୁଙ୍ଗି ଓ ଖୋର୍ଦ୍ଧା ଶାଢ଼ି ବିଷୟରେ ଆପଣମାନେ ଅଳ୍ପ ବହୁତେ ଜାଣିଥିବେ ନିଶ୍ଚୟ । ସମୟ ଥିଲା ଗାମୁଛା ବ୍ୟତୀତ ପୁରୁଷମାନେ ଖୋର୍ଦ୍ଧା ଲୁଙ୍ଗି ଏବଂ ମହିଳାମାନେ ଖୋର୍ଦ୍ଧା ଶାଢ଼ି ବ୍ୟବହାର କରୁଥିଲେ । ବର୍ତ୍ତମାନ ମଧ୍ୟ ସ୍ଥାନେ ସ୍ଥାନେ ଲୋକମାନେ ଏହା ବ୍ୟବହାର କରୁଛନ୍ତି । କିନ୍ତୁ ଆଧୁନିକତାର ମୋହରେ ଏହି ଜିନିଷର ବହୁଳ ବ୍ୟବହାର ତ କମି କମି ଯାଉଛି । ମୂଳକଥା ହେଲା ଯଦି ବୁଣାକାରମାନଙ୍କୁ ଉଚିତ ପାରିଶ୍ରମିକ, ଗାମୁଛା ବୁଣିବା ଶୈଳୀରେ ପରିବର୍ତ୍ତନ ହୁଅନ୍ତା ଏବଂ ସରକାରଙ୍କର ଆର୍ଥିକ ସହାୟତା ଓ ପ୍ରୋତ୍ସାହନ ରହନ୍ତା, ତେବେ ନିଶ୍ଚିତ ଭାବେ ଏହି କାର୍ଯ୍ୟ ତଥା ସଂଗଠନ ଆହୁରି ଆଗକୁ ବଢ଼ି ପାରନ୍ତା । ତଥାପି ଖୋର୍ଦ୍ଧାର ବୁଣାକାରମାନେ ନିଜର ପରମ୍ପରା ଓ ସଂସ୍କୃତିର ଅସ୍ମିତାକୁ ବଞ୍ଚାଇ ରଖିଛନ୍ତି: ଏହା ଭୁଲିଯିବା ଉଚିତ ନୁହେଁ ।

ପ୍ରସଙ୍ଗ ଜନଜାତି

# ଆମ ଜନଜାତି ଆଦିମ ଅଧିବାସୀ

## ୨



ଓଡ଼ିଶା ହେଉଛି ବିଭିନ୍ନ ଜନଜାତିଙ୍କ ଭୂସର୍ଗ । ପ୍ରାୟ ୬୨ ପ୍ରକାର ଜନଜାତି ବସବାସ କରନ୍ତି ଓଡ଼ିଶାରେ । ତନ୍ମଧ୍ୟରୁ ୧୩ ପ୍ରକାର ଆଦିମ ଜନଜାତି ଅଛନ୍ତି । ବଣ୍ଡା, କନ୍ଧ, ସଉରା, ଜୁଆଙ୍ଗ, ଲୋଧା, ମାଙ୍କିଡ଼ିଆ, ଡଙ୍ଗରିଆ ଭଳି ନାନା ପ୍ରକାର ଜନଜାତିର ବାସସ୍ଥଳି ଓଡ଼ିଶା । ସେମାନଙ୍କ ଜୀବନଶୈଳୀର ନାନା ଦିଗକୁ ନେଇ 'ରେବତୀ' ର ଫେବୃଆରୀ ସଂଖ୍ୟାକୁ ଆମେ ଜନଜାତି ବିଶେଷାଙ୍କ କରିଥିଲୁ । ବହୁ ଉପାଦେୟ ଲେଖା ସ୍ଥାନାଭାବରୁ ପ୍ରକାଶ ପାଇପାରିନଥିଲା । ସେସବୁ ଏଇଠି ପ୍ରକାଶ କରୁଛୁ ।

ପରିକଳ୍ପନା : କୃଷ୍ଣ କୁମାର ମହାନ୍ତି
କାଲିଗ୍ରାଫି : ସମରେନ୍ଦ୍ର ବେହେରା
ଚିତ୍ର: ନିତ୍ୟାନନ୍ଦ ସାହୁ

# ଦିଗ୍‌ବଳୟର ଦୃଶ୍ୟ



# ସୁନ୍ଦରୀ ଦାମନଯୋଡ଼ି


**ମାଧୁରୀ ପଣ୍ଡା**

ବି/୨୮୭, ସେକ୍ଟର-୨, ନାଲକୋ ଟାଉନ୍‌ସିପ୍,
ଦାମନଯୋଡ଼ି
କୋରାପୁଟ-୭୬୩୦୦୮
ଫୋନ:୮୮୯୫୧୮୫୪୨୫


ଫଟୋ ସୌଜନ୍ୟ : ଲେଖିକା ଓ ବିଜୟ ଜେନା



▶ଲେଖିକା ମାଧୁରୀ ପଣ୍ଡା

ପ୍ରଥମଥର ପାଇଁ ଯଦି କେହି ଦାମନଯୋଡ଼ିରେ ପାଦଦିଏ ସିଏ ନିଶ୍ଚୟ ବିଭୋର ହେବ ଅପୂର୍ବ ସୌନ୍ଦର୍ଯ୍ୟମୟୀ ନାଲକୋନଗରୀ ଦାମନଯୋଡ଼ିମୀ ଦେଖି । ଫେରବାର ରାସ୍ତା ହିଁ ଭୁଲିବ । ପୁରାପୁରି କାବ୍ରିକ ପରିବେଶ । ଏଠାକାର ସକାଳ କୁହୁଡ଼ିରେ ଭରା । ଫୁଲରେ, ପତରରେ କାକର । ସବୁବେଳେ ଗୋଟିଏ ମେଘିଲମେଘିଲ ପରିବେଶ । ଆକାଶ, ମାଟି ଯେମିତି ଏକାକାର । କବିବନ୍ଧୁ ଆଦିତେଶ୍ୱର କୁହନତି, 'ଯୋଉଠି ଆକାଶ ସରିଛି ସେଇଠି ଦାମନଯୋଡ଼ି' ।




୧୯୮୧ ମସିହା ଜାନୁଆରୀ ୭ରେ ଯେତେବେଳେ ଦାମନଯୋଡ଼ି ସହରଟି ଗଢ଼ି ଉଠିଥିଲା, ସେତେବେଳେ କିଏ ଭାବି ନଥିଲେ ଦିନେ ଏହା ଆଦିବାସୀ ବହୁଳ କୋରାପୁଟ ଜିଲ୍ଲାକୁ ଦେବ ଏସିଆର ବୃହତ୍ତମ ଆଲୁମିନା ରିଫାଇନେରୀର ଖ୍ୟାତି ଓ ପରିଚିତି । ଏଠାରେ ଥିବା ନାଲ୍‌କୋ ଆଲୁମିନା ପ୍ରକଳ୍ପଟି ସାରା ଭାରତବର୍ଷରେ ବୃହତ୍ତମ ଭାବେ ପରିଗଣିତ । ଏଠାରେ ଥିବା ପଞ୍ଚପଟ୍ଟମାଳି ପାହାଡ଼ରେ ଗଚ୍ଛିତ ଥିବା ବକ୍ସାଇଟ୍‌କୁ ଆଧାର କରି ଦାମନଯୋଡ଼ିରେ ଗଢ଼ି ଉଠିଛି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ-ଦାମୋନଯୋଡ଼ି । ଜାତୀୟ ରାଜପଥ ଠାରୁ ୧୧ କି.ମି. ଦୂର ତଥା କୋରାପୁଟ-ରାୟଗଡ଼ା ରେଳମାର୍ଗକୁ ଛୁଇଁଥିବା ଏକ ସୁନ୍ଦର ଶିଳ୍ପନଗରୀ : ଦାମନଯୋଡ଼ି ।

ଆଜି ଯେଉଁଠି ଦାମନଯୋଡ଼ି ନାଲ୍‌କୋ ଗଢ଼ି ଉଠିଛି ସେଇଠି ପୂର୍ବେ ଆଠଟି ଗାଆଁ ଥିଲା । ସେଗୁଡ଼ିକ କଣ୍ଟାଗୁଡ଼ା, ସିନ୍ଧିଘାର, ଗଉଡ଼ଗୁଡ଼ା, ଡୁମୁରି ଗୁଡ଼ା, ଗାଦୀ ପାବିଲୀ, ଅଁଳା ବାଡ଼ି, ଦାମନଯୋଡ଼ି, ଚମ୍ପାପଦର ଇତ୍ୟାଦି । ପରେ ଏସବୁ ଗାଆଁ ଲୋକେ ବାସଚ୍ୟୁତ ହୋଇ ଏବେ ଅଁଳା ବାଡ଼ି ଓ ଚମ୍ପାପଦରରେ ରହୁଛନ୍ତି । ପାହାଡ଼ପର୍ବତ ଘେରା ସବୁଜ ବଳୟ ଭିତରେ ଦାମନଯୋଡ଼ି ଅପୂର୍ବ ସୌନ୍ଦର୍ଯ୍ୟମୟୀ, ବିଦେଶୀ ଶୈଳୀରେ ନିର୍ମିତ ଏକ ଅକଳ୍ପନୀୟ କଳ୍ପନାର ଫଳଶ୍ରୁତି । ଏହି ସହର ବା ଟାଉନ୍‌ଶିପ୍‌ଟି ନାଲ୍‌କୋ ପ୍ରଶାସକଙ୍କ ଦ୍ୱାରା ବେଶ୍ ଯତ୍ନରେ ଗଢା ହୋଇଛି । ଏହାର ପରିବେଶ, ଉଦ୍ୟାନ, ହ୍ରଦ ସବୁକିଛିର ରକ୍ଷଣାବକ୍ଷଣ ନାଲ୍‌କୋ ଦାୟିତ୍ୱରେ । ଦାମନଯୋଡ଼ି ଆଲୁମିନା ରିଫାଇନେରୀ ସମୁଦ୍ର ପତନ ଠାରୁ ୯୫୦ ମିଟର ଉଚ୍ଚ ଏବଂ ଆହୁରି ଉଚ୍ଚତାରେ ରହିଛି ପଞ୍ଚପଟ୍ଟମାଳି ବକ୍ସାଇଟ୍ ଖଣି । ପ୍ରାୟ ୧୭ କିଲୋମିଟର ଦୀର୍ଘ ସଡ଼କପଥ ଦାମନଯୋଡ଼ିରୁ ଉଠିଛି ବକ୍ସାଇଟ୍ ଖଣିକୁ । ଦେଖିଲେ ଲାଗୁଥାଏ ରାସ୍ତା ଯେମିତି ଖଣିକୁ ନୁହେଁ ମେଘବାଦଲର ରାଇଜକୁ ଧିରେ ଧିରେ ଯାଉଛି ।

ଏହି ନବରତ୍ନ କମ୍ପାନୀ ନାଲ୍‌କୋ ଦାମନଯୋଡ଼ିରେ ଭାରତର ପ୍ରାୟ ପ୍ରତ୍ୟେକ ଅଞ୍ଚଳର ଲୋକ କାର୍ଯ୍ୟ କରି ଜୀବିକା ଉପାର୍ଜନର ସୁଯୋଗ ପାଇଛନ୍ତି । ସେଥିପାଇଁ ଶିଳ୍ପନଗରୀ ଦାମନଯୋଡ଼ି ଜାତୀୟ ସଂହତିର ଏକ ସୁନ୍ଦର ଉଦାହରଣ ପାଲଟି ଯାଇଛି ।

ଏ ସହର ତାର ରଙ୍ଗ ବଦଳାଉଥାଏ ପ୍ରତ୍ୟେକ ଋତୁରେ । ବର୍ଷା ଏଠି ଦୀର୍ଘଦିନ ଧରି ରାଜ୍ କରେ । ରାତିଦିନ ଖାଲି ଟପ୍‌ଟପ୍ ଶବ୍ଦ ଶୁଭୁଥାଏ । ଦାମନଯୋଡ଼ିର ଶୀତ ଖୁବ୍ ମନଜିଣା । ଶୀତ ଆସେ ଲମ୍ବା ସମୟ ଧରି ପୂରା ଅକ୍ଟୋବରରୁ ଫେବୃଆରୀ ଯାଏଁ । ଫୁଲରେ ଫୁଲରେ ଦାମନଯୋଡ଼ି ଏ ସମୟରେ ଖୁବ୍ ସୁନ୍ଦର ଲାଗେ । ନଭେମ୍ବର ମାସରେ ଏ ସହର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଏ । ଚାରିଆଡ଼େ ଅଳସୀ ଫୁଲର ରାଜୁତି । ଯେମିତି ଲାଗେ ମାଟିରେ

ମାଟିରେ ଅଳସୀର ଅଭିସାର ।

ନାଲ୍‌କୋର ବାର୍ଷିକ ଆଲୁମିନା ଉତ୍ପାଦନ ୨୦ରୁ ୨୧ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ବକ୍ସାଇଟ୍ ୭୬ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥାଏ । ନାଲ୍‌କୋର କାର୍ଯ୍ୟରତ କର୍ମଚାରୀ ପ୍ରାୟ ୨୫୦୦ ହେବେ । ସେମାନଙ୍କ ପରିବାର ମିଶାଇ ପ୍ରାୟ ସମଗ୍ର ଜନସଂଖ୍ୟା ୩୦,୦୦୦ହେବ ।



ନାଲ୍‌କୋ କେବଳ ଆଲୁମିନା, ବକ୍ସାଇଟ୍ ପାଇଁ ଯେତିକି ଚର୍ଚ୍ଚିତ ନୁହଁ ତାର ଆଖପାଖ ପ୍ରାକୃତିକ ସୌନ୍ଦର୍ଯ୍ୟ, ଦର୍ଶନୀୟ ସ୍ଥାନ ପାଇଁ ବି ସେତିକି ଚର୍ଚ୍ଚାରେ । ଏଠାରେ ରହିଛି ପୌରାଣିକ ଓ ଐତିହାସିକ ପ୍ରସିଦ୍ଧ ବିଭବମୟୀ ଅନେକ ସ୍ଥାନ । ସେମିତି ଏକ ସ୍ଥାନ ହେଲା ନନ୍ଦପୁର । ଦିନେ ଏହି ନନ୍ଦପୁର ଥିଲା ଆମ କୋରାପୁଟ୍‌ର ଏକ ବିସ୍ତୀର୍ଣ୍ଣ ଅଞ୍ଚଳର ରାଜଧାନୀ । ଏଠାରେ ବିକ୍ରମାଦିତ୍ୟ ରାଜାଙ୍କ ବତ୍ରିଶ୍ ସିଂହାସନ ରହିଛି । ନନ୍ଦପୁର ଠାରେ ରାଣୀ ଡୁଡୁମା ବି ଦେଖିବା ଭଳି ଗୋଟିଏ ସୁନ୍ଦର ସ୍ଥାନ । ଯୋଉଠି ଗୋଟିଏ ସୁନ୍ଦର ଜଳପ୍ରପାତ ରହିଛି । ଅନ୍ୟ ଏକ ଦର୍ଶନୀୟ ସୁନ୍ଦର ଜଳପ୍ରପାତ ବା ଜଳଝରଣା କୁହାଯାଇପାରେ ନାଁ ଯାହାର ପୁଞ୍ଜିଶୀଳ । ଆଜି ପୁଞ୍ଜିଶୀଳ ନିଜ ସୌନ୍ଦର୍ଯ୍ୟରେ ପର୍ଯ୍ୟଟକମାନଙ୍କୁ ଟାଣିନେବାରେ ସମର୍ଥ ହୋଇପାରିଛି ।

ଆରମ୍ଭରୁ କହିଛି ସବୁ ଋତୁ ଆକର୍ଷଣୀୟ ଏଠି । ତେବେ ଶୀତ ଟିକେ ନିଆରା । ଡିସେମ୍ବର ଶେଷ ଆଡ଼କୁ ସକାଳୁଆ ଶୀତ ଚାରି ଡିଗ୍ରୀରୁ କମ୍ ହୋଇଯାଏ । ବେଳେବେଳେ ଶୂନ୍ ଡିଗ୍ରୀ । ବିଶ୍ୱାସ ହୁଏନି ରାସ୍ତାକଡ଼ର ଗାଡ଼ି ହେଉ ବା ପଡ଼ିଆର ଘାସ, ପତର ଉପରେ ଧଳା ରଙ୍ଗର ଚାଦର ଘୋଡ଼ାଇ ଦେବା ଭଳି ଘୋଡ଼େଇ ହେଇଯାଏ ବରଫର ଆସ୍ତରଣ । ଏ ବର୍ଷ ଶୀତ ତ ଓଡ଼ିଶାର ସମସ୍ତ ଶୀତର ରେକର୍ଡ଼ ଭାଙ୍ଗିଛି । ସେଥିପାଇଁ ସମସ୍ତେ ସ୍ୱୀକାର କରନ୍ତି ଦାମନଯୋଡ଼ି ଓଡ଼ିଶାର ମନାଲି । ଶୀତ ସହ ଲାଗି ରହିଥାଏ କୁହୁଡ଼ି । ରାସ୍ତା ଘାଟ ଦେଖା ଯାଏନି । ଢେର୍ ସମୟ ଯାଏଁ ଚାଲେ ତାର ରାଜୁତି ।

ଶୀତ ସମୟରେ  ଏଠାକାର ହାଟବଜାରରେ ବି ଗହଳି ଜମେ । ବିଭିନ୍ନ ପ୍ରକାର ଆଞ୍ଚଳିକ ପରିବା ନେଇ ରାସ୍ତାଘାଟରେ ବସିଯାଆନ୍ତି ଆଦିବାସୀ ଭାଇ, ଭଉଣୀମାନେ । ବିଭିନ୍ନ ପ୍ରକାର ମାଟିହାଣ୍ଡିର ପସରା, ଫୁଲଝାଡ଼ୁ, କୁଲା ବାଉଁଶିଆ ସବୁ ଏଠାରେ ବିକ୍ରି ହୁଏ । ବିଭିନ୍ନ ଭାଷା, ବିଭିନ୍ନ ସମ୍ପ୍ରଦାୟର ଲୋକ ଏଠି ଥିବାରୁ ପୂଜା, ପାର୍ବଣ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ସାନ୍ତାଳିମାନଙ୍କ ପର୍ବ, ଆଦିବାସୀମାନଙ୍କ ପୁଷ୍ ପରବ, ମକର ସଂକ୍ରାନ୍ତି, ଖ୍ରୀଷ୍ଟିଆନ୍ ପରିବାରଙ୍କ ବଡ଼ଦିନ ସବୁ ପୂଜା ପରବକୁ ଏଠାରେ ସମ୍ମାନ ଦିଆ ଯାଇଛି ।





ଏଠି ସାବେରୀ ଲେକ୍‌ରେ ଡଙ୍ଗା ଭାସେ, ଚର୍ଚ୍ଚରେ ଘଣ୍ଟା ବାଜେ, ମସ୍‌ଜିଦ୍‌ରେ ଆଜାନ୍ ହୁଏ, ଘର ଆଗରେ ଝୋଟି ଚିତା ପଡ଼େ । ମନ୍ଦିରରୁ ଘଣ୍ଟାଧ୍ୱନି ସହ ପହିଲି ଭୋଗର ବାସ୍ନା ଆସେ । ଗୋଟେ ଭାଇଚାରାର ଚିତ୍ର ଏଠି ଦେଖିବାକୁ ମିଳେ ।

ଜୀବନ ଏଠି ଧୀରସ୍ଥିର ପୁଣି ଚଳଚଞ୍ଚଳ ବି । ଗୋଟିଏ ଭଲପାଇବାର ସୂତ୍ରରେ ସମସ୍ତେ ବାନ୍ଧିହୋଇ ରହିଛନ୍ତି ।

ଦାମନଯୋଡ଼ିରୁ ମାତ୍ର ୫୦ କିଲୋମିଟର ଦୂରରେ ଓଡ଼ିଶାର ଉଚ୍ଚତମ ଶୃଙ୍ଗ, କୋରାପୁଟ୍‌ର ମୁକୁଟ ଗିରିରାଜ ଦେଓମାଳି ଅବସ୍ଥିତ । ଅନେକ ଦେଖିବାଭଳି ସ୍ଥାନ ଦାମନଯୋଡ଼ିର ଆଖପାଖରେ ରହିଛି । ଦୁଧାରି ଜଳପ୍ରପାତ, ପ୍ରାଚୀନ ଇଟାନିର୍ମିତ ମନ୍ଦିର, ପୁଞ୍ଜିଶୀଳ ଝରଣା, କୁଟୁଣି ପଦର ପ୍ରାଚୀନ ଶୈବପୀଠ, ନନ୍ଦପୁର ବତ୍ରିସ ସିଂହାସନ, ଶାବର ଶ୍ରୀକ୍ଷେତ୍ର ଇତ୍ୟାଦି । ଏସବୁ ଦେଖିବା, ବୁଲିବା ଓ ରହିବା ପାଇଁ ସେମିଳିଗୁଡ଼ା ଓ ଦାମନଯୋଡ଼ିରେ ଅଛି ଛୋଟବଡ଼ ଅନେକ ହୋଟେଲ୍, ଲଜିଂ, ସାଙ୍ଗକୁ ଟ୍ୟାକ୍ସି ଓ ଟ୍ରାଭେଲ୍ ସର୍ଭିସ୍ ।

ଦାମନଯୋଡ଼ି ସହରରେ ଅନେକ ସୁନ୍ଦର ମନ୍ଦିର, ମସ୍‌ଜିଦ୍, ଗିର୍ଜା ସମେତ ଆକର୍ଷଣୀୟ ସାଇ ମନ୍ଦିର ଓ ହନୁମାନ ବାଟିକା ରହିଛି ଯାହା ଏହି ଶିଳ୍ପନଗରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି । ସହରରେ ଥିବା ଏହି ହନୁମାନ ବାଟିକା ବିଶ୍ୱର ଦ୍ୱିତୀୟ ଦୀର୍ଘ ବୃହତ୍ତମ ଷ୍ଟାଚ୍ୟୁ । ଯାହାର ଉଚ୍ଚତା ୧୦୮ ଫୁଟ୍ ୯ ଇଞ୍ଚ୍ । ଦୂର ଦୂରରୁ ଏହି ହନୁମାନ ବାଟିକା ଓ ସାଇମନ୍ଦିର ଦେଖିବାକୁ ପର୍ଯ୍ୟଟକ ଆସିବାର ଦେଖାଯାଏ । ଦାମନଯୋଡ଼ିର ଗ୍ରାମ ଦେବତୀ ମାଁ କଣ୍ଟା ବାଉଁଶୁଣୀ ଆମ ଭରସା ଓ ବିଶ୍ୱାସର ପ୍ରତୀକ । ଏଠାରେ ପ୍ରତ୍ୟେକ ସ୍ଥାନରେ ଆକର୍ଷଣ ରହିଛି । ବିଭିନ୍ନ ମହାପୁରୁଷ ତଥା ସ୍ୱାଧୀନତା ସଂଗ୍ରାମୀମାନଙ୍କ ମୂର୍ତ୍ତି ସବୁ ଏଠାରେ ପାର୍କ ଓ ଛକମାନଙ୍କରେ ସ୍ଥାପିତ ହୋଇ ଲୋକଙ୍କୁ ଜାତୀୟ ଭାବନାରେ ବାନ୍ଧି ରଖିଛି । ସହରର କେନ୍ଦ୍ରସ୍ଥଳରେ ଥିବା ସାବେରୀ ଲେକ୍ ଓ ଡାଇନୋସର୍ ମୂର୍ତ୍ତି ସଂଲଗ୍ନ ପାର୍କ ସବୁ ଋତୁର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିଛି ।

କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟ, ଆଲୁମିନାର କଥା ନୁହଁ, ଭାଷା ସାହିତ୍ୟ ପାଇଁ ବି ଦାମନଯୋଡ଼ିର ନାଁ ଅଛି । ଏଠାରେ ଅନୁଷ୍ଠିତ ହେଇଥିବା ବର୍ଷା ସାହିତ୍ୟ ଅନୁଷ୍ଠାନରେ ପ୍ରତ୍ୟେକ ବର୍ଷ ଅନେକ ସାରସ୍ୱତ



ସାଧକ ଏ ମାଟିରେ ପାଦ ଦେଇ ଏ ମାଟିକୁ ଧନ୍ୟ କରିଛନ୍ତି । କବି ରମାକାନ୍ତ ରଥ, ମନୋଜ ଦାସ, ଗୌରହରି ଦାସ, ଡାକ୍ତର କବି ପ୍ରସାଦ ମିଶ୍ର, ଆଦିକନ୍ଦ ସାହୁ, ଡକ୍ଟର ନିତ୍ୟାନନ୍ଦ ଶତପଥୀ, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ପ୍ରଫେସର ଗୋପାଳକୃଷ୍ଣ ରଥ, ଶ୍ରୀମତୀ ମନୋରମା ମହାପାତ୍ର ଆହୁରି ଅନେକ ଏ ମାଟିରେ ପାଦ ଦେଇଛନ୍ତି । ମନୋରଞ୍ଜନ କ୍ଷେତ୍ରରେ ବି ଏ ମାଟିରୁ ହିଁ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ପାଦ ଦେଇଛନ୍ତି ଅଭିନେତ୍ରୀ ସୂର୍ଯ୍ୟମୟୀ, ଜ୍ୟୋତିର୍ମୟୀ ବଳ ଇତ୍ୟାଦି ।



ତେବେ ନାଲ୍‌କୋ ଗୋଟିଏ ପବ୍ଲିକ୍ ସେକ୍ଟର୍ କମ୍ପାନୀ ହୋଇଥିବାରୁ ଏହାର ଲାଭାଂଶରେ ରହିଛି ସ୍ଥାନୀୟ ଅଞ୍ଚଳର ବିକାଶର ଭାଗ । ଆଗକୁ ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟାର ସମାଧାନ ପାଇଁ ଅନେକ ପଦକ୍ଷେପ ନିଆଯିବ ବୋଲି କହନ୍ତି ନାଲ୍‌କୋର ପୂର୍ବ ସିଏମ୍‌ଡି । ନାଲ୍‌କୋ / ମିଲିଅନ୍ ଟନ୍ ନିଉ ରିଫାଇନାରୀ ଯଥାଶୀଘ୍ର ତାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବ । ୨୦୨୨ ସୁଦ୍ଧା ତାର ଉତ୍ପାଦନ ଆରମ୍ଭ ହେବ । ପ୍ରକୃତି, ପୂଜା, ପର୍ବପର୍ବାଣି, ଭାଇଚାରା ସବୁ ରଙ୍ଗରେ ଦାମନଯୋଡ଼ି ସମସ୍ତଙ୍କ ମନକୁ ଛୁଇଁଯିବ । ଶାନ୍ତ ପରିବେଶ ମଣ୍ଡିତ ଏ ସ୍ଥାନକୁ ଆପଣ ଥରେ ଆସନ୍ତୁ, ଭୁଲିଯିବେ ଫେରିବାର କଥା ।





ବଡ଼ଯାତ୍ରାର ଗୁମାର

# ବଡ଼ଯାତ୍ରା
## ମାଲକାନାଗିରି ଆଦିବାସୀଙ୍କ ଗଣପର୍ବ


**ଡକ୍ଟର ଦେବାଶିଷ ପାତ୍ର**

ଆସୋସିଏଟ୍ ପ୍ରଫେସର, ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୭୫୬୦୮୯
ଫୋନ: ୭୯୭୮୯୦୩୩୪୫


ଫଟୋ ସୌଜନ୍ୟ : ଲେଖକ



ପୂର୍ବଘାଟ ପର୍ବତମାଳାର ପାଦଦେଶରେ ଥିବା ପୌରାଣିକ ମାଲ୍ୟବନ୍ତଗିରି ତଥା ଆଜିର ମାଲକାନାଗିରି ଅତୀତରେ ଥିଲା ଅନେକ ମୁନିଋଷିଙ୍କ ସାଧାନାର ଆମରତୀର୍ଥ । ଆକାଶଚୁମ୍ବୀ ଗିରିମାଳା, ଗହଗହ ଅରଣ୍ୟମଣ୍ଡିତ ବିଶାଳ ପଟ୍ଟଭୂମି, ତମସାତଟର ଶାନ୍ତି ପରିବେଶ ସହିତ ଜନଜାତିଙ୍କ ସାଂସ୍କୃତିକ ବିଭବ ପାଇଁ ଏହି ଅଞ୍ଚଳ ଖ୍ୟାତ । ବଳରାମ ଦାସଙ୍କ ରଚିତ ରାମାୟଣର ଏହି ମାଲ୍ୟବନ୍ତ ଲୋକଦୃଷ୍ଟିରେ ମାଲକାନାଗିରି । ଯାହାର ଦୁଇ ପାର୍ଶ୍ୱରେ ବହି ଯାଉଛି ଅନେକ ସ୍ମୃତି ବିଜଡ଼ିତ ଶାବେରୀ ଓ ସିଲେରୁ ପରି ଦୁଇ ନଦୀ । ପ୍ରବେଶ ପଥରେ ସପ୍ତଧାରାର ସ୍ୱାଗତ ଗୀତିକା ତ' ପାଦଦେଶରେ ଶାବେରୀ ଓ ସିଲେରୁର ମିଳନସ୍ଥଳ । ଦଣ୍ଡକାରଣ୍ୟର ଅଂଶ ବିଶଷ ଥିବା ଏହି ମାଲ୍ୟବନ୍ତ ଇତିହାସ ପୃଷ୍ଠାରେ 'ଓଡ୍‌ଡାଡି' ମଣ୍ଡଳ ଓ 'କଦମ୍ବଗିରି' ଭାବରେ ପରଚିତ । ତେବେ ଏହି ଭୂମିର ସ୍ୱତନ୍ତ୍ର ପରିଚୟ ରହିଛି ବଣ୍ଡା, ଡିଡାୟୀ, କୋୟା ପରି ଅନେକ ଜନଜାତିକୁ ନେଇ । ଏହି ମାଟିର ବଣ୍ଡା, ଗଦବାଙ୍କ ପାଇଁ ଧାନର ଉଦ୍ଭବସ୍ଥଳ ପାଲଟି ଥିଲା ଏହି ଭୂଇଁ । ପ୍ରକୃତରେ ମାଲକାନାଗିରି କଳା, ସଂସ୍କୃତି ଓ ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ଜନଜାତିଙ୍କ ଆଦିଭୂମି ଯାହା ନିଜର ସ୍ୱତନ୍ତ୍ର ପରିଚୟ ଦାବି କରେ 'ବଡ଼ଯାତ୍ରା' ପାଇଁ ।

ମାଲକାନାଗିରି ସହର ଠାରୁ ୭୦ କି.ମି. ଦକ୍ଷିଣପୂର୍ବ ଦିଗକୁ ଗଲେ ମାନ୍ୟମ୍‌କୋଣ୍ଡା ଗାଁ । ଏହି ଗାଁ ଠାରୁ ପୂର୍ବ ଦିଗକୁ ଗଲେ ପଡ଼େ ଅରଣ୍ୟବେଷ୍ଟିତ ଏକ ପାହାଡ଼ । ଏହି ପାହାଡ଼ର ଶୀର୍ଷରେ ରହିଛି 'ବଡ଼ଯାତ୍ରା' ଦେବତାଙ୍କ ପୀଠ । ସେଠାରେ ଅବସ୍ଥାପିତ ଦେବତା ହେଉଛନ୍ତି କାନାମ୍‌ରାଜ (ଶ୍ରୀକୃଷ୍ଣ), ବାଲାରାଜ (ଅର୍ଜୁନ) ଓ ପୋତିରାଜ (ଭୀମ) । ପାହାଡ଼ର ପାଦଦେଶରେ ରହିଛି ମୁତ୍ୟାଲାମ୍ମାଙ୍କ ପୀଠ ଯିଏକି ଉପରୋକ୍ତ ଦେବତାମାନଙ୍କ ଶକ୍ତି ଭାବରେ ପୂଜିତ । କିମ୍ବଦନ୍ତୀ ଅନୁଯାୟୀ ମା' ମୁତ୍ୟାଲାମ୍ମା ହେଉଛନ୍ତି ଦେବୀ ଦ୍ରୌପଦୀ । ତେବେ ଅତୀତରେ ମାଲ୍ୟବନ୍ତ ତନ୍ତ୍ର । ଜିମ୍ବଦନ୍ତୀ ଅନୁଯାୟୀ ମା' ମୁତ୍ୟାଲାମ୍ମା ହେଉଛନ୍ତି ଦେବୀ ଦ୍ରୌପଦୀ । ତେବେ ଅତୀତରେ ମାଲ୍ୟବନ୍ତ ତନ୍ତ୍ର ସାଧନାର ପୀଠ ହୋଇଥିବା କାରଣରୁ କେହି କେହି ମୁତ୍ୟାଲାମ୍ମାଙ୍କ ପୀଠକୁ ତନ୍ତ୍ର ପୀଠ ଭାବରେ ବିବେଚନା କରିଥାନ୍ତି । ଏହି ଯାତ୍ରା ପ୍ରତି ଗୋଟିଏ ବର୍ଷ ଅନ୍ତରରେ ପାଳନ କରାଯାଉଥିବା ବେଳେ ଦୀର୍ଘ ଯାତ୍ରାପଥ ଅତିକ୍ରମ କରିଥାନ୍ତି ଦେବ-ଦେବୀ । ବଡ଼ଯାତ୍ରା ମାନ୍ୟମକୋଣ୍ଡା ମୂଳପୀଠରୁ ଆରମ୍ଭ ହୋଇ ସତୁରୀ କି.ମି.ର ରାସ୍ତା ପାରିହୋଇ ମାଲକାନାଗିରିର ମାଉଳିମା'ପୀଠରେ ସମାପ୍ତ ହୋଇଥାଏ । ଦୀର୍ଘ ରାସ୍ତା ଅତିକ୍ରମ କରୁଥିବା କାରଣରୁ ଏହି ବଡ଼ଯାତ୍ରାର ସ୍ୱତନ୍ତ୍ର ମାନ୍ୟତା ରହିଛି ।

### ବଡ଼ଯାତ୍ରାର ପ୍ରସ୍ତୁତି ପର୍ବ ଓ ଦେବ-ଦେବୀଙ୍କ ନବକଳେବର

ବଡ଼ଯାତ୍ରା ଆରମ୍ଭ ହେବାର ଏକମାସ ପୂର୍ବରୁ ମାଘ ପୂର୍ଣ୍ଣମୀର ପରବର୍ତ୍ତୀ ବୁଧବାର ଠାରୁ ହିଁ ପ୍ରତିମା ନିର୍ମାଣ ଓ ଅନ୍ୟାନ୍ୟ ବିଧି ପାଳନ କରାଯାଇଥାଏ । ମାଲକାନାଗିରି ଠାରେ ଅବସ୍ଥିତ ମାଉଳିମା' ମନ୍ଦିର ପୂଜକ ଦଳ ମାନ୍ୟମ୍‌କୋଣ୍ଡାରେ ପହଞ୍ଚିଲା ପରେ ମୁତ୍ୟାଲାମ୍ମାଙ୍କ ମନ୍ଦିର ନିକଟରେ ଏକ ଅସ୍ଥାୟୀ ଆଶୟସ୍ଥଳ ନିର୍ମାଣ କରାଯାଏ । ଏହାକୁ 'ବାଲ୍‌ସା' କୁହାଯାଏ । ଏହି ଅବସରରେ ମୂମେନ୍‌କୋଣ୍ଡା ଗାଁର ମୁଖିଆଙ୍କୁ ବରଣ କରାଯାଇଥାଏ । ବଲ୍ସା ଛପର ତିଆରି ପାଇଁ ଜଙ୍ଗଲରୁ ବାଉଁଶ, ତାଳବରଡ଼ା ଆଦି ସଂଗୃହୀତ ହୋଇଥାଏ । ଏଠାରେ ଦର୍ଶନାର୍ଥୀଙ୍କ ଦର୍ଶନ ପାଇଁ ଏକ ଛାମୁଣ୍ଡିଆ ମଧ୍ୟ ନିର୍ମାଣ କରାଯାଏ । ଏହିଠାରେ ନୂଆ ରାଶି ଓଟୋଳରୁ ତେଲ ପ୍ରସ୍ତୁତ କରାଯାଇ ସେଥିରେ ହଳଦୀ, କର୍ପୂର ଆଦି ମିଶାଯାଇ ଏକ ବହଳିଆ ପ୍ରଲେପ ତିଆରି ହୁଏ । ଏହି ତୈଳ



▶ ଲେଖକ ଡକ୍ଟର ଦେବାଶିଷ ପାତ୍ର



'ନାଲ୍‌ଗୁ' ତିନିଠାକୁରଙ୍କ ନିର୍ମାଣ ପରେ ସ୍ନାନ ସମୟରେ ବ୍ୟବହୃତ ହୁଏ ।

ବଲ୍ସା ଛପର ନିର୍ମାଣ ଓ ଅନ୍ୟାନ୍ୟ ପ୍ରସ୍ତୁତି ପରେ ତିନି ଠାକୁରଙ୍କ ମୂର୍ତ୍ତି ନିର୍ମାଣ ପାଇଁ ପୂଜକମାନେ ନବମୀ ତିଥିରେ ଜଙ୍ଗଲରୁ ବାଉଁଶ ସଂଗ୍ରହ ଉଦ୍ଦେଶ୍ୟରେ ଯାତ୍ରା କରନ୍ତି । ନିର୍ଦ୍ଦିଷ୍ଟ ସ୍ଥାନରେ ତିନୋଟି ବାଉଁଶ ଗଜା ଦେଖି ସେଠାରେ ପୂଜାର୍ଚ୍ଚନା କରାଯିବା ସହିତ ବନଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବଳୀ ଅର୍ପଣ କରାଯାଏ ।

ବାଉଁଶ ଗଜା ବା ପିଲ ସଂଗ୍ରହ କରୁଥିବା ପୂଜାରୀ ନିକଟସ୍ଥ ଏକ ପଥରକୁଣ୍ଡ (ବଣ୍ଡରାଇ)ରେ ସ୍ନାନ କରି ବାଉଁଶ ଗଜାକୁ କାଟି ତାକୁ ପାଟକନାରେ ଗୁଡ଼ାଇ ମାନ୍ୟମକୋଣ୍ଡା ନେଇ ଆସନ୍ତି । ଏହାକୁ 'ବାଉଁଶମରା' କୁହାଯାଏ । ବାଉଁଶଗଜାକୁ ଶୋଭାଯାତ୍ରାରେ ଆଣିଲା ବେଳେ ପାରମ୍ପରିକ ନୃତ୍ୟଗୀତ ପରିବେଷଣ ହୋଇଥାଏ । ଶେଷରେ ପାଟକନାରେ ଥିବା ବାଉଁଶ ଗଜାକୁ 'ବାଲ୍‌ସା ଛପର'ରେ ରଖାଯାଏ ।

'ବାଉଁଶ ମରା'ପରେ 'ଡଙ୍ଗାମରା' କାର୍ଯ୍ୟ ହୋଇଥାଏ । ବଡ଼ ଠାକୁରଙ୍କ ପୂଜାରୀମାନେ ଠାକୁରଙ୍କ ନୌବିହାର ଓ ସ୍ନାନଯାତ୍ରା ପାଇଁ ୩ଟି ନୂତନ ଡଙ୍ଗା ନିର୍ମାଣ କରାଇଥାନ୍ତି । ଏହି ଡଙ୍ଗା ମହୁଲ ଗଛର କାଠରେ ତିଆରି ହେବା ସହ ପୂଜାରୀଙ୍କ ଦ୍ୱାରା ପୂଜା କରାଯାଇ ଶୁଦ୍ଧପୂତ କରାଯାଇଥାଏ ।

ଏହାପରେ ଏକାଦଶୀ ତିଥିରେ ପ୍ରତିମା ନିର୍ମାଣ ପାଇଁ 'ଜାଲଚିରା' ପର୍ବ ଅନୁଷ୍ଠିତ ହୁଏ । ମୂର୍ତ୍ତି ନିର୍ମାଣରେ ବ୍ୟବହୃତ ହେବାକୁ ଥିବା ମୟୂରପୁଚ୍ଛଗୁଡ଼ିକୁ ନୂଆ ହାଣ୍ଡିରେ ଗରମ ପାଣି କରି ତାହାର ତଳ ଭାଗକୁ ବୁଡ଼ାଇ ମନ୍ତ୍ରପାଠ କରାଯିବା ସହ ତାକୁ ଶୁଖାଇ ଦିଆଯାଏ । ଜନଶ୍ରୁତି ଅଛି ଏହି ପୁଚ୍ଛଗୁଡ଼ିକ ମାନ୍ୟମକୋଣ୍ଡା ପାହାଡ଼ରୁ ସେବାୟତମାନେ ସଂଗ୍ରହ କରିଥାନ୍ତି । ସେମାନଙ୍କ ଦ୍ୱାରା ମନ୍ତ୍ରପୂଜ ଚାଉଳ ଜଙ୍ଗଲରେ ବୁଣା ଯାଇଥିଲା ବେଳେ ମୟୂରମାନେ ସେସବୁ ଖାଇ ପୁଚ୍ଛ ଝାଡ଼ି ଦେଇ ଯାଆନ୍ତି ଓ ସେସବୁ ପୁଚ୍ଛ ସଂଗୃହୀତ ହୁଏ । ସଂପ୍ରତି ମୟୂରପୁଚ୍ଛ ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଇ ସେବାୟତମାନଙ୍କୁ ଅର୍ପଣ କରା ଯାଇଥାଏ ।

ପ୍ରତିମା ନିର୍ମାଣ ପାଇଁ ବାଉଁଶଗୁଡ଼ିକ ସାନବଡ଼ କ୍ରମରେ କଟାଯାଇଥାଏ । ସବୁଠାରୁ ବଡ଼ କାବାମରାଜ, ପୋତରାଜ ତାଙ୍କଠୁ ସାନ ଏବଂ ବାଲାରାଜ ସବୁଠାରୁ ସାନ ହୋଇଥାନ୍ତି । ଫାଲ୍‌ଗୁନ କୃଷ୍ଣ ଦ୍ୱାଦଶୀ ତିଥିରେ କାମନାରାଜ, ତ୍ରୟୋଦଶୀ ତିଥିରେ ପୋତିରାଜ ଏବଂ ଚତୁର୍ଦ୍ଦଶୀ ତିଥିରେ ବାଲରାଜଙ୍କ ପ୍ରତିମା ନିର୍ମାଣ କରାଯାଏ । ବାଉଁଶକଟା ପରେ ବିଧି ଅନୁସାରେ ସେଥିରେ ଲୁହାର ବଳା (ଗୋଲୁସୁ) ଲଗାଯାଇ ମୟୂରପୁଚ୍ଛରେ ସଜାଇ ଦିଆଯାଏ ।

## ମାଉଳି ମା'ପୀଠରେ ସ୍ୱାଗତ ପାଇଁ ପ୍ରସ୍ତୁତ

ତିନି ଠାକୁରଙ୍କ ପ୍ରତିମା ନିର୍ମାଣ ସରିବା ପରେ ମାଲକାନାଗିରି ସ୍ଥିତି





ମାଉଳିମା’ ମନ୍ଦିର ତରଫରୁ ତିନି ଠାକୁରଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୁଏ । ବଡ଼ଯାତ୍ରାକୁ ନିର୍ବିଘ୍ନରେ କରିବା ପାଇଁ ମାଉଳିମା’ ମନ୍ଦିରରେ ପୂଜା କରାଯାଇ ବଳୀ ଅର୍ପଣ କରାଯାଏ । ବଳୀଭାତ ପ୍ରସ୍ତୁତ କରି ମନ୍ତ୍ରପୂତ କରି ଭୂତ, ପ୍ରେତ ଉଦ୍ଦେଶ୍ୟରେ କାଳିଆ ଭଙ୍ଗା ଠାରେ ବିଞ୍ଚି ଦିଆ ଯାଇଥାଏ । ମନ୍ଦିର ତରଫରୁ ଦିଶାରୀ ବଳୀଭାବ ଛିଞ୍ଚି ସହରକୁ ଚାରିଦିଗରୁ ବ୍ରଜବନ୍ଧନୀ କରିଥାନ୍ତି । ସତ୍ୟମ୍‌ଗୁଡ଼ା, ନୂଆଗୁଡ଼ା, ପଧାନୀଗୁଡ଼ା ଓ ମୋଇ ପୂର୍ବତନ ନିକଟରେ ମନ୍ତ୍ରପୂତ କାଳୀ ପୋତି ଏହି ବନ୍ଧନୀ କରାଯାଇଥାଏ ।

ଏହି ବଳୀଭାତ ସିଞ୍ଚନ ପ୍ରକ୍ରିୟାରେ ମାଉଳିମାଙ୍କ ପୀଠରୁ ପୂଜାରୀ, ଦିଶାରୀ, ପେଦା, ଓ୍ୱାଡ଼େ, ତୋଲିଆ, ମହୁରିଆ, ନାଇକ, ପେଦାମାନଙ୍କର ଏକ ଦଳ ଆମନ୍ତ୍ରଣ କରିବା ଉଦ୍ଦେଶ୍ୟରେ ମାନ୍ୟମ୍‌କୋଣ୍ଡା ଉଦ୍ଦେଶ୍ୟରେ ବାହାରନ୍ତି । ସେମାନେ ସାଥିରେ ନେଇଥାନ୍ତି ଏକ ସୁସଜ୍ଜିତ ବିମାନ ଏବଂ ଅନ୍ୟ ଦେବଦେବୀଙ୍କ ପ୍ରତୀକ ଭାବରେ ସୁସଜ୍ଜିତ ବାଉଁଶ ଲାଠି ଓ ପତାକା କାନ୍ଧରେ ବୋହି ଚାଲନ୍ତି । ଏହି ଯିବା ସମୟରେ ସେମାନେ ବିଭିନ୍ନ ଗାଁରେ ରାତ୍ରିଯାପନ କରିଥାନ୍ତି । ଏହି ଦଳ ମାନ୍ୟମକୋଣ୍ଡାରେ ପହଞ୍ଚିଲା ପରେ ଶୁକ୍ଳ ପଞ୍ଚମୀ ତିଥିରେ ତିନି ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା ଓ ସ୍ନାନ ବିଧି କରାଯାଏ ।

## ତାଡ଼କାରେଭ’ର ସ୍ନାନ ଓ ନୌବିହାର

ପଞ୍ଚମୀ ତିଥିରେ ନୂତନ ନିର୍ମିତ ଠାକୁରଙ୍କ ଠାରେ ପ୍ରାଣପ୍ରତିଷ୍ଠା ପରେ ସ୍ନାନ ଓ ନୌବିହାର ପର୍ବ ଅନୁଷ୍ଠିତ ହୁଏ । ଏହା ସହିତ ପୁରୁଣା ମୂର୍ତ୍ତିକୁ ବିସର୍ଜନ କରାଯାଏ । ଷଷ୍ଠୀ ତିଥିରେ ତିନି ଠାକୁରଙ୍କ ସହିତ ପୁରୁଣା ମୂର୍ତ୍ତିକୁ ପୋଲରୁ ନିକଟରୁ ଡଙ୍ଗାରେ ବସାଇ ସିଲେରୁ ନଦୀ ପାର କରାଯାଇ ଆନ୍ଧ୍ରପ୍ରଦେଶର ବଡ଼ ପୋଲରୁ ଘାଟକୁ ନିଆଯାଏ । ସେଠାରେ ‘ତାଡ଼କାରେଭ’ ନାମକ ଏକ ବଡ଼ ପଥରକୁଣ୍ଡର ପାଣିରେ ନବ ନିର୍ମିତ ଠାକୁରଙ୍କୁ ପୂର୍ବପ୍ରସ୍ତୁତ ତେଲହଳଦୀ ‘ନାଲ୍‌ଗୁ’ ଲଗାଇ ସ୍ନାନରୀତି ସମାପନ ହୁଏ । ଏହାପରେ ପୁରୁଣା ମୂର୍ତ୍ତିକୁ ଏଠାରେ ଜଳରେ ବିସର୍ଜନ କଲା ପରେ ତିନି ଠାକୁରଙ୍କ ନୌ-ବିହାର ଅନୁଷ୍ଠିତ ହୁଏ । ଏହି ନୌବିହାର ସ୍ଥଳରେ ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ଛତିଶଗଡ଼ ଅଞ୍ଚଳର ଆଦିବାସୀ ଓ ଅଣ ଆଦିବାସୀ ଭକ୍ତ ବହୁ ସଂଖ୍ୟାରେ ଯୋଗ ଦିଅନ୍ତି । ଦୀର୍ଘ ସମୟ ଧରି ତିନି ଠାକୁରଙ୍କ ପୂଜାର୍ଚ୍ଚନା ଚାଲେ । ଏହାପରେ ଆନ୍ଧ୍ରପୋଲୁରୁ ଠାରୁ ଓଡ଼ିଶାର ପୋଲୁରୁ ଘାଟକୁ ଅଣାଯାଇ ଏହିଠାରୁ ଏକ ବିଶାଳ ଶୋଭାଯାତ୍ରାରେ ତିନି ଠାକୁରଙ୍କୁ ନୃତ୍ୟ-ବାଦ୍ୟର ତାଳେ ତାଳେ ମାନ୍ୟମ୍‌କୋଣ୍ଡା ଅଣାଯାଏ ।



କିମ୍ବଦନ୍ତୀ ଅନୁଯାୟୀ ତ୍ରେତୟାଯୁଗର ରାମ, ଲକ୍ଷ୍ମଣ-ତାଡ଼କା ଅସୁରୁଣୀକୁ ବଧ କରି ସାରିଲା ପରେ ପୋଲୁରୁ ସ୍ଥିତ ପଥରକୁଣ୍ଡରେ ସ୍ନାନ କରିଥିଲେ । ସେବେଠୁ ତାହା ତାଡ଼କାରେଭ ଭାବରେ ଖ୍ୟାତ । ଲୋକ ବିଶ୍ୱାସ ଅଛି ତିନି ଠାକୁରଙ୍କ ସ୍ନାନ ପରେ କୁଣ୍ଡରେ ଥିବା ସୁବର୍ଣ୍ଣଚିତା ମାଛଟିଏ ଯାହାକୁ ଦର୍ଶନ ଦିଏ ତାହାର ଭାଗ୍ୟ ବଦଳି ଯାଏ ।

## ମୁତ୍ୟାଲାମ୍ମାଙ୍କ ସହ ଭେଟ ଓ ଯାତ୍ରାରମ୍ଭ

ତିନି ଠାକୁରଙ୍କୁ ମାନ୍ୟମକୋଣ୍ଡା ଆଣିଲା ପରେ ବାଲସାଛପର ଘରେ ସ୍ଥାପନ କରାଯାଇ



ଦେବୀ ମୁତ୍ୟଲାମ୍ମାଙ୍କୁ ପାର୍ଶ୍ୱଦେବୀ ଭାବେ ସ୍ଥାପନ କରାଯାଏ । ଏଠାରେ ଦେବ-ଦେବୀଙ୍କୁ ପୂଜାର୍ଚ୍ଚନା କଲାପରେ ପ୍ରଥମ ଛାଗବଳୀ ମୁତ୍ୟାଲାମ୍ମାଙ୍କ ଠାରେ ଅର୍ପିତ ହୁଏ । ଏହାପରେ ଭକ୍ତମାନେ ଆଣିଥିବା ଅନ୍ୟାନ୍ୟ ଭୋଗ ଅର୍ପଣ କରାଯାଏ । ସେହିଦିନ ଅନ୍ୟ ଗାଁରୁ ଦେବ-ଦେବୀଙ୍କ ପ୍ରତୀକ ଭାବରେ ବାଉଁଶ ଲାଠିକୁ କାନ୍ଧରେ ବୋହି ଭକ୍ତମାନେ ମାନ୍ୟମକୋଣ୍ଡାରେ ଏକତ୍ରିତ ହୁଅନ୍ତି । ତେବେ ମଙ୍ଗଳବାର ଦିନ ଏହି ଛତିଶଗଡ଼ର ସୁକୁମା ରାଜାଙ୍କ ପ୍ରତିନିଧି ଦେବ-ଦେବୀଙ୍କୁ ବଡ଼ଯାତ୍ରାରେ ମାଲକାନାଗିରି ଯିବା ପାଇଁ ଆମନ୍ତ୍ରଣ ଦେଲା ପରେ ବୁଧବାର ସକାଳୁ ମାଲନାକାଗିରି ଉଦ୍ଦେଶ୍ୟରେ ଯାତ୍ରାରମ୍ଭ ହୁଏ ।

ତିନିଠାକୁରଙ୍କୁ ବିମାନରେ ବସାଇ ଯାତ୍ରାରେ ନେଲା ବେଳେ ତିନୋଟି ପାରା ଆସି ସେହି ବିମାନରେ ଶୀର୍ଷ ଭାଗରେ ବସନ୍ତି । ଏହି ଅଲୌକିକତାକୁ ଦେଖିବା ପାଇଁ ଅନେକ ଲୋକଙ୍କର ସମାଗମ ହୁଏ । ତେବେ ଆଶ୍ଚର୍ଯ୍ୟର କଥା ବଡ଼ଯାତ୍ରାର ଶେଷ ପର୍ଯ୍ୟନ୍ତ ପାରାମାନେ ବିମାନରେ ମାଲକାନାଗିରି ପର୍ଯ୍ୟନ୍ତ ଯାଇଥାନ୍ତି । ପୂଜାରୀ, ଦେବା, ମୁଖିଆ, ୱାର୍ଡ଼, ଦିଶାରୀ, ଗୁରୁମାଇ, ସିରୁଆ, ଗୁଣିଆ ଆଦି ଏହି ଶୋଭାଯାତ୍ରାରେ ଗଲାବେଳେ କାଳିସୀ ଲାଗିଥିବା ବ୍ୟକ୍ତି ନାଚିନାଚି ଚାଲନ୍ତି । ଆଦିବାସୀ ପାରମ୍ପରିକ ବାଦ୍ୟ ଢୋଲ, ମହୁରୀ ଆଦି ବାଜୁଥାଏ, ପ୍ରତି ପାହୁଣ୍ଡ ଶୁତ୍ୟାଲାମ୍ମାଙ୍କ ଉଦ୍ଦେଶ୍ୟରେ ବଳି ଅର୍ପଣ କରାଯାଏ ।

ଯାତ୍ରା ମଝିରେ କାଲିମେଳା ପୋଟେରୁ, ଶିଖପାଲ୍ଲୀ, ତମସା ଆଦି ଗାଁମାନଙ୍କରେ ବଡ଼ ଠାକୁରଙ୍କ ରହଣୀ ହୁଏ । ଏହିସବୁ ଗାଁମାନଙ୍କରେ ଠାକୁରଙ୍କ ରହିବା ପାଇଁ ଛପର ଘର କରା ଯାଇଥାଏ । ପାଖଆଖ ଅଞ୍ଚଳରେ ଥିବା ଗାଁ ସମୂହରୁ ଭକ୍ତମାନେ ଆସି ବଳି ଅର୍ପଣ କରିବା ସହ ନୃତ୍ୟ ଓ ବାଦ୍ୟରେ ଠାକୁରଙ୍କୁ ସ୍ୱାଗତ କରିଥାନ୍ତି । ଶେଷରେ ମାଲକାନାଗିରି ସହରକୁ ପ୍ରବେଶ ପୂର୍ବରୁ ଦକ୍ଷିଣ ଦିଗରେ ଥିବା 'କନ୍ୟା ମାଝିବନ୍ଧ' ଠାରେ ଶନିବାର ଦିନ ପହଞ୍ଚନ୍ତି । ଏଠାରେ ସୁକୁମା ରାଜପରିବାରର ପ୍ରଦତ୍ତ ଭୋଗ ଓ ବଳି ଅର୍ପଣ କରାଗଲା ପରେ ଏକ ବିଶାଳ ଶୋଭାଯାତ୍ରାରେ ତିନିଠାକୁରଙ୍କୁ 'ମାଣ୍ଡିଆ ଭଙ୍ଗା' ଓ ପରେ 'ମାଉଳି ମା'ଙ୍କ ପୀଠକୁ ନିଆ ଯାଇଥାଏ ।

ମାଉଳି ମା'ଙ୍କ ପୀଠରେ ଠାକୁରଙ୍କ ଅବସ୍ଥାନ କାଳରେ ଜିଲ୍ଲାର ସମସ୍ତ ଆଦିବାସୀ ଗାଁରୁ ପ୍ରତୀକ ଭାବରେ ବାଉଁଶ ଲାଠି ଆସିବା ସହ ସମସ୍ତଙ୍କର ମହାମିଳନ ହୁଏ । କାଳେସୀମାନେ ଜିଭରେ କଣ୍ଟା ଫୋଡ଼ିବା ସହ ଲୌହ କଣ୍ଟା ଶରୀରରେ ଫୋଡ଼ିବା, ଦେହରେ ଚାବୁକ୍ ମାରିବା, ମୟୂରପୁଚ୍ଛ ଧରି ନାଚିବା ଦେଖିବାକୁ ମିଳେ ।



# ଢେମ୍‌ସାର ଢେଉରେ ଢେଉରେ



# କୋରାପୁଟ୍‌ର ଲୋକନୃତ୍ୟ
# ଢେମ୍‌ସା

**ଜଳଧର ସ୍ୱାଇଁ**
ଜୟଶ୍ରୀ ନିବାସ, ପୂଜାରୀପୁଟ ରୋଡ଼,
କୋରାପୁଟ-୭୬୪୦୨୦
ଫୋନ: ୯୮୬୧୫୫୩୫୩୯

ଫଟୋ ସୌଜନ୍ୟ : ଗୁଗୁଲ୍



ଲୋକ ଜୀବନର ଏକ ଅପରିହାର୍ଯ୍ୟ ଅଂଶ : ଲୋକନୃତ୍ୟ । ଅବିଭକ୍ତ କୋରାପୁଟ ଜିଲ୍ଲାର ସର୍ବାଧିକ ଲୋକପ୍ରିୟ ଲୋକନୃତ୍ୟ କହିଲେ ଢେମ୍‌ସା ହିଁ ବୁଝାଏ ।

ବାହୁରେ ବାହୁ ଛନ୍ଦି, ପାଦରେ ପାଦ ମିଳାଇ, ପରସ୍ପରର କଟି ବେଷ୍ଟନ ପୂର୍ବକ ଉଚ୍ଚତା କ୍ରମରେ ସଜେଇ ହୋଇ ଶିଙ୍କୁଳି ପରି ଛନ୍ଦି ହୋଇ, ସ୍ତ୍ରୀ ପୁରୁଷ ନିର୍ବିଶେଷରେ, ବୟସର ବାଛବିଚାର ନରଖି, ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାୟ ସବୁ ଗୋଷ୍ଠୀ ବା ସଂପ୍ରଦାୟର ଆଦିବାସୀ ଲୋକମାନେ, ଏକ ଅତୁଟ ବଂଧନରେ ନିଜକୁ ବାନ୍ଧି ରଖିବାର ବଳିଷ୍ଠ ମାନସିକତାର ପ୍ରତିଫଳନ ତଥା ଧାର୍ମିକ ପ୍ରେରଣାର ଅନୁରଣନ ପାଇଁ, ସୁଶୃଙ୍ଖଳିତ ଶୈଳୀରେ ଡାଂପ, ମହୁରୀ, ଢୋଲ, ଧୂମ୍‌ସା ବା ନାଗରା ଆଦି ବାଦ୍ୟ ଯନ୍ତ୍ରର ତାଳେ ତାଳେ, ଧାଙ୍ଗେଡ଼ିମାନଙ୍କ ହୁଳହୁଳି ଶବ୍ଦ ସହିତ ଧାଙ୍ଗଡ଼ାମାନଙ୍କ ମୁଖବାଦ୍ୟର ମିଳନ ଘଟାଇ ବହୁବିଧ ଛନ୍ଦରେ ପ୍ରାଣରେ ପୁଲକ ଓ ମନରେ ଅନୁରାଗ ଭରିଦେବା ପାଇଁ ଯେଉଁ ଦଳଗତ ନୃତ୍ୟ ପରିବେଷଣ କରିଥାନ୍ତି, ତାହା ହିଁ କାହିଁ କେଉଁ କାଳରୁ ପରିଚିତ ହୋଇ ଆସିଛି ଢେମ୍‌ସା ନାଚ ଭାବରେ । ଅନ୍ୟ ଅର୍ଥରେ କହିବାକୁ ଗଲେ ଏ ଅଂଚଳର ଲୋକଜୀବନର ଉଚ୍ଛ୍ୱସିତ ପରିପ୍ରକାଶକୁ ହିଁ ଆମେ ଲକ୍ଷ୍ୟ କରି ପାରିଥାଉ ଏଇ ଢେମ୍‌ସା ନୃତ୍ୟର ପରିବେଷଣ ଶୈଳୀରେ । ଏହି ନୃତ୍ୟ ଏ ଅଞ୍ଚଳର ଜନଜୀବନର ବାସ୍ତବ ସ୍ୱରୂପ ଯେପରି ପ୍ରତିଫଳିତ କରାଇ ପାରିଛି, ସେହିପରି ସ୍ୱତଃସ୍ଫୂର୍ତ୍ତ ଆବେଗ ମାଧ୍ୟମରେ ହିଁ ଆତ୍ମ ପ୍ରକାଶ କରି ଏମାନଙ୍କ ଜୀବନକୁ ସ୍ୱଚ୍ଛନ୍ଦ, ସରଳ, ମୁକ୍ତ ଏବଂ ରସଦୀପ୍ତ କରାଇବାରେ ସହାୟକ ହୋଇପାରିଛି ।

ପ୍ରକୃତିତତ୍ତ୍ୱବିତ୍‌ମାନେ କହନ୍ତି ଯେବେ ଠୁ ମଣିଷ ଏଇ ସୃଷ୍ଟିରେ ପାଦ ଦେଇଛି ସେବେ ଠୁଁ ସେ ପ୍ରକୃତି ସହିତ ସଂପର୍କ ସ୍ଥାପନ କରିବା ଆରମ୍ଭ କରିଛି ଏବଂ ପ୍ରକୃତି ହିଁ ତା ଭିତରେ ଭରି ଦେଇଛି ହାସ୍ୟପୁଲକ, ରୋମାଞ୍ଚ, ଭୟ ଓ ବିଷାଦର ବିହ୍ୱଳିତ ଭାବ । ଏଇ ପୃଥିବୀର ଆଲୋକ ଅଂଧାର, ନଦୀ-ନିର୍ଝର, ମନନ-କାନ୍ତାର ଓ ପଶୁପକ୍ଷୀ ସହ ସଂପର୍କ ସ୍ଥାପନ କଲାପରେ, ଆପଣା କଣ୍ଠରେ ଭାଷା ନଥାଇବି ମଣିଷ ଠିକ୍ ସେଇମାନଙ୍କ ଅନୁକରଣରେ ନିଜକୁ ବ୍ୟକ୍ତ କରିବାର ପ୍ରୟାସ କରି ଅଙ୍ଗ ଚାଳନା ମାଧ୍ୟମରେ ବିଭିନ୍ନ ମୁଦ୍ରାର ଆଶ୍ରୟ ନେଇଛି ଏବଂ ଏଇଠୁ ଏମିତି ଏକ କଳାତ୍ମକ ଶୈଳୀରେ ଆରମ୍ଭ ହୋଇଥିବା ଆଦି ମାନବ ଗୋଷ୍ଠୀର ଅଭିବ୍ୟକ୍ତି ପ୍ରକ୍ରିୟାଟି ହିଁ ତାକୁ ଯେମିତି ଆଜିର ଲୋକ ନୃତ୍ୟ ପାଖରେ ଆଣି ପହଂଚେଇ ଦେଇଛି, ସେମିତି ତାରି ସହିତ ତାଳ ଦେଇ ସାମାଜିକ ଓ ସାଂସ୍କୃତିକ ଜୀବନର ଅଭିବୃଦ୍ଧି ଘଟାଇବାରେ ସକ୍ଷମ ହୋଇପାରିଛି । ଲୋକନୃତ୍ୟର ଆଦ୍ୟସୃଷ୍ଟି ସଂପର୍କିତ କୌଣସି ଇତିହାସ ଆମ ପାଖରେ ନଥିବାରୁ ଏ ପ୍ରକାର ସଂଭାବନାପୂର୍ଣ୍ଣ ତଥ୍ୟଟିକୁ ମାନି ନେବାରେ ଆମର ଦ୍ୱିଧା ନାହିଁ ।



▶ଲେଖକ ଜଳଧର ସ୍ୱାଇଁ

ଏଇ ମର୍ମରେ ବିଚାର କଲେ ଦେଖାଯାଏ ଢେମ୍‌ସା ସେମିତି ଏକ ନୃତ୍ୟ ଯାହାର ଆରମ୍ଭ ହୋଇଛି ସେବେଠୁ, ଯେବେଠୁ ଏଇ ଅରଣ୍ୟବାସୀ ଆଦିମ ମଣିଷ ଦଳଗତ ଜୀବନ ଜିଇଁବା ଆରମ୍ଭ କରିଛି ଓ ବିପଦ ଆପଦରୁ ମୁକ୍ତି ପାଇବା ପାଇଁ ତଥା ନିଜକୁ ନିର୍ଭୟ କରିବା ପାଇଁ ଦଳବଦ୍ଧ ଭାବେ ହାତ ଧରାଧରି ହୋଇ ଏକାଠି ବାଟ ଚାଲିବା ଆରମ୍ଭ କରିଛି । ଆରମ୍ଭ କରିଛି ତାର ଖାଦ୍ୟ ଅନ୍ୱେଷଣ ପ୍ରକ୍ରିୟା ଢେମ୍‌ସା ଏ ଅଂଚଳର ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ଏକ ସ୍ୱତନ୍ତ୍ର ନୃତ୍ୟ ପ୍ରକ୍ରିୟା ହେଲେ ବି ଏହାର ପ୍ରଭାବରୁ ସମଗ୍ର ଭାରତବର୍ଷ ସମେତ ପୃଥିବୀର ଅନ୍ୟଦଳ ଗୋଷ୍ଠୀଙ୍କ ନୃତ୍ୟ ପ୍ରକ୍ରିୟା ବି ମୁକ୍ତ ନୁହେଁ ବୋଲି ଗବେଷକମାନେ ଅନୁସନ୍ଧାନ କରି ଜାଣିବାକୁ ପାଇଛନ୍ତି । ସେମାନେ କହନ୍ତି ପ୍ରାଚୀନ ଗ୍ରୀକ୍‌ର ଲୋକନୃତ୍ୟ 'କରୋସେ'ରେ ମଧ୍ୟ ଏହି ଢେମ୍‌ସା ନୃତ୍ୟର ପ୍ରଭାବ ପରିଲକ୍ଷିତ ହୋଇଥାଏ ।

ଢେମ୍‌ସା ଏକ ପ୍ରାଚୀନ ନୃତ୍ୟ ଓ ଏହା ସାମାଜିକ ଜୀବନର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଏହାର ପ୍ରମାଣ ଆମକୁ ମିଳିଥାଏ, ଏହା ପରିବେଷଣ ଶୈଳୀରୁ । ଦଳଦଳ ଆଦିବାସୀ ସ୍ତ୍ରୀ ପୁରୁଷମାନେ ବାଦ୍ୟକାର ଓ ବାଟକଢ଼ା ବା ନୃତ୍ୟ ନିର୍ଦ୍ଦେଶକଙ୍କ ଅଙ୍ଗଭଙ୍ଗୀ ଏବଂ ପଦପୀଚ୍‌କୁ ଅନୁସରଣ କରି ମଣ୍ଡଳାକାରରେ ନୃତ୍ୟ କରିଥାନ୍ତି । ନୃତ୍ୟ ସମୟରେ ସ୍ତ୍ରୀମାନେ ହୁଳହୁଳି ପରି ଆକର୍ଷଣୀୟ ମୁଖବାଦ୍ୟ ସୃଷ୍ଟି କରୁଥିବା ବେଳେ ପୁରୁଷମାନେ ଆହୁରି ଆକର୍ଷଣୀୟ ଢଙ୍ଗରେ ମୁଖବାଦ୍ୟ ପରିବେଷଣ କରିଥାନ୍ତି । ଏହି ସାମୂହିକ ମୁଖବାଦ୍ୟ ସୃଷ୍ଟି କରିବା ଓ ସମୂହ ନୃତ୍ୟ କରିବା ସୂଚେଇ ଦିଏ ଏକଦା ଆଦିବାସୀ ମଣିଷ ଅରଣ୍ୟ ପାର୍ବତ୍ୟ ମୂଳକରେ ନିଶ୍ଚିତ ବିପଦ ଏଡ଼େଇବା ପାଇଁ ତଥା ନିଜର ସାମୂହିକ ଶକ୍ତି ପ୍ରଦର୍ଶନ ପାଇଁ ଏ ପ୍ରକ୍ରିୟାକୁ ଆପଣେଇ ନେଇଥିଲା । ପୁନଶ୍ଚ ଯେଉଁ ପ୍ରକୃତିଠୁଁ ସେ ବଂଚିବାର ଉପାଦାନ ପାଉଥିଲା– ତା ପାଖରେ କୃତଜ୍ଞତା ଜଣେଇବା ପାଇଁ ସେ ନାଚୁଥିଲା ଓ ଗାଉଥିଲା ।

ଭାଷାବିଜ୍ଞାନୀ ତଥା ଗବେଷକମାନେ ଢେମ୍‌ସା ଶବ୍ଦଟି ଧୂମ୍‌ସା ଶବ୍ଦରୁ ସୃଷ୍ଟ ବୋଲି କହୁଥିବା ବେଳେ ପରଜା ଆଦିବାସୀମାନେ କହନ୍ତି– ଧର୍ମ ଦେବତା ଓ ଧରତିନୀ ମାତାର ଖୁସି ପାଇଁ ସେମାନେ ଡୁଙ୍ଗ୍‌ଡୁଙ୍ଗା ବଜାଇ ଦୀର୍ଘ ସମୟ ଧରି ଯେଉଁ ଧାର୍ମିକ ଶବ୍ଦ ସୃଷ୍ଟି କରନ୍ତି ତାହା ହିଁ ହେଉଛି ଢେମ୍‌ସା । ଅନ୍ୟ ପକ୍ଷରେ ଢେମ୍‌ସା ବାଦ୍ୟଟିଏ ନୃତ୍ୟର ମୁଖ୍ୟ ବାଦ୍ୟଯନ୍ତ୍ର ହୋଇଥିବାରୁ ଏହାକୁ ସେହି ବାଦ୍ୟଯନ୍ତ୍ରର ନାମ ଅନୁସାରେ ନାମିତ କରାଯାଇଥିବା କଥାକୁ ଅନ୍ୟ ଗୋଷ୍ଠୀର ଆଦିବାସୀମାନେ ଅସ୍ୱୀକାର କରିନଥାନ୍ତି ।

କୋରାପୁଟ ଜିଲ୍ଲାର ବିଭିନ୍ନ ଆଦିବାସୀ ଗୋଷ୍ଠୀର ଯେମିତି ସ୍ୱତନ୍ତ୍ର ଧର୍ମ ଧାରଣା ଓ ବିଶ୍ୱାସମାନ ରହିଛି, ସେମିତି ଢେମ୍‌ସା ଏ ଅଂଚଳର ସବୁ ଗୋଷ୍ଠୀର ପ୍ରିୟ ନୃତ୍ୟ ହୋଇଥିଲେ ବି ଏହାର ପରିବେଷଣ ଶୈଳୀରେ ବିଭିନ୍ନ ଗୋଷ୍ଠୀ ଗତ ସ୍ୱତନ୍ତ୍ରର ଛାପ ରହିଥିବା ସହଜରେ ବାରିହୋଇ ପଡ଼େ । ସେଇ ଏକା ନୃତ୍ୟକୁ ପରିବେଷଣ କରିବା ପାଇଁ ପ୍ରତ୍ୟେକ ଗୋଷ୍ଠୀର ନିଜସ୍ୱ ନୃତ୍ୟ ଓ ସଂଗୀତର ସ୍ୱତନ୍ତ୍ର ଧାରା ରହିଛି । ମାତ୍ର ସାମଗ୍ରିକ ଭାବେ ଦେଖିଲେ ସବୁ ଆଦିବାସୀ ଗୋଷ୍ଠୀର ନୃତ୍ୟ ଗୀତ ପରିବେଷଣ ପ୍ରଥା ପରଂପରା ଏକାପରି ମନେ ହୋଇଥାଏ । ବିଭିନ୍ନ ଗୋଷ୍ଠୀର ଲୋକେ ଏହି ଢେମ୍‌ସା ନୃତ୍ୟ ପରିବେଷଣ ସମୟରେ ନିଜ ନିଜ ଗୋଷ୍ଠୀର ପାରମ୍ପରିକ ବେଶପୋଷାକ ପରିଧାନ କରିଥାନ୍ତି । ସେମାନଙ୍କ ବ୍ୟବହୃତ ବାଦ୍ୟଯନ୍ତ୍ରରେ ମଧ୍ୟ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ ।



ହେଲେ ହେଁ ଏ ଜିଲ୍ଲାର ଏମିତି କେଉ ଆଦିବାସୀ ପଲ୍ଲୀ ନାହିଁ କିମ୍ବା ଏମିତି କୌଣସି ଆଦିବାସୀ ଗୋଷ୍ଠୀର ମଣିଷ ନାହାନ୍ତି ଯେଉଁଠି ଢେମ୍‌ସା ନୃତ୍ୟ ପରିବେଷଣ ହୁଏ ନାହିଁ ବୋଲି କୁହାଯାଇ ପାରିବ । ବିଶେଷ କରି କନ୍ଧ, ପରଜା, ଭୂମିଆ, ଭତରା, ଗାଦବା, ମାଟିଆ, ବଣ୍ଡା ପ୍ରଭୃତି ଆଦିବାସୀ ଗୋଷ୍ଠୀ ଯେଉଁସବୁ ଗ୍ରାମରେ ବସବାସ କରନ୍ତି, ସେଇସବୁ ଗ୍ରାମରେ ବର୍ଷର ଅଧିକାଂଶ ସମୟରେ ଢେମ୍‌ସା ନୃତ୍ୟ ବାଦ୍ୟର ସ୍ୱର ଝଙ୍କାର ଶୁଣିବାକୁ ମିଳିଥାଏ । ଏମାନଙ୍କ କୌଣସି ପର୍ବପର୍ବାଣି ଢେମ୍‌ସା ବିନା ଆରମ୍ଭ ହୁଏ ନାହିଁ ।

ଢେମ୍‌ସା ଗାଦବା ର ଅତିପ୍ରିୟ ନୃତ୍ୟ । ସେ ସାଇ ଲୋଡ଼ି ସୁରରେ ଲହୁରା ଢେମ୍‌ସା ନାଚେ । ପାଳନ କରେ ପୁଷ୍ ପରବ, ଚଇତ ପରବ, ଗତର ପରବ ଆଦି କେତେ ସବୁ ଗୋଷ୍ଠୀଗତ ଉତ୍ସବ । ବାଦ୍ୟ ଯନ୍ତ୍ରଭାବେ ଢୋଲ, ଟାମକ, ମହୁରୀକୁ ବ୍ୟବହାର କରେ । ଗାଦବା ସ୍ତ୍ରୀ ଲୋକମାନେ ଅର୍ଦ୍ଧବୃତ୍ତାକାରରେ ସଜେଇ ହୋଇ ପରସ୍ପର ବାହୁରେ ବାହୁକୁଛନ୍ଦି, ଅଣ୍ଟାର ପଛକୁ ରଖି ନୃତ୍ୟ କରନ୍ତି । ଏମାନେ ଦଉଡ଼ାଣି ଓ ଝୁଲାଣି ଢେମ୍‌ସା ନାଚରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିପାରନ୍ତି । ପରଜାର ରିଂଜୋଡ଼ି କିନ୍ତୁ ଏମାନଙ୍କଠୁ ନିଆରା, ଭାରି ମନଲୋଭା ଓ ଆକର୍ଷଣୀୟ ହୋଇଥାଏ ଏ ନୃତ୍ୟ । ପୁଷ୍ ପରବ, ଚଇତି ପରବ, ନୂଆଖାଇ, ଦଶହରା, ଦିଆଲି ଆଦି ପରମ ଅବସରରେ, ଧାଙ୍ଗଡ଼ା, ଧାଙ୍ଗିଡ଼ି ଏକତ୍ର ହୋଇ ଗୀତର ସୁରେ ସୁରେ ଓ ବାଦ୍ୟର ତାଳେ ତାଳେ ଏମାନେ ଝୁମି ଝୁମି ନାଚନ୍ତି । ଡୁଙ୍ଗ୍ ଡୁଙ୍ଗାର ତାଳେ ତାଳେ ପାଦକୁ ପାଦ ମିଳାଇ, ଖଡ୍ଡୁରେ ଖଡ୍ଡୁ ପିଟି ଏମାନେ ନାଚନ୍ତି ଖଡ୍ଡୁମାରା ଢେମ୍‌ସା ଓ ଝାଡ୍ଡୁମାରା



ଢେମ୍‌ସା ଆଦି ଆହୁରି ଅନେକ ପ୍ରକାରର ଢେମ୍‌ସା ନାଚରେ ରାତି ମୁଖରିତ ହୁଏ । ଏମାନଙ୍କ ବିଶ୍ୱାସ ଗ୍ରାମଦେବତା ତାଙ୍କ ନୃତ୍ୟରେ ସନ୍ତୁଷ୍ଟ ହେଲେ ସେମାନଙ୍କ ସାରା ବର୍ଷ ସୁଖମୟ ହେବ । ଗ୍ରାମକୁ ଆପଦବିପଦ ପଡ଼ିବ ନାହିଁ । କନ୍ଧ ଯୁବକଯୁବତୀଙ୍କ ଢେମ୍‌ସା ନାଚରେ ଥାଏ ସେମାନଙ୍କ ପାରଂପରିକ ଦେବତା ବିଶ୍ୱାସ, ପ୍ରେମପ୍ରଣୟକୁ ନେଇ ରସସିକ୍ତ ହୋଇ ଉଠେ ସେମାନଙ୍କ ନୃତ୍ୟ ସଂଗୀତ । ଧରଣୀ ଦେବତାକୁ ବଳି ଦେଇ ପୂଜା କଲାବେଳେ ଏମାନେ ଶିରା ଢେମ୍‌ସା ନାଚନ୍ତି । ରାତିରେ ଧାଙ୍ଗଡ଼ା ଧାଙ୍ଗେଡ଼ି ବସାରେ ଏମାନେ ଏକତ୍ର ହୋଇ ନାଚ ଗୀତରେ ମାତନ୍ତି । ଏମାନେ ବିଶ୍ୱାସ କରନ୍ତି ସେମାନଙ୍କ ନୃତ୍ୟରେ ସନ୍ତୁଷ୍ଟ ହେଲେ ମାଟି ଦେବତା ସେମାନଙ୍କୁ ଅଧିକ ଫସଲ ଦେବ ଓ ରୋଗ ବଇରାଗରୁ ସେମାନେ ରକ୍ଷା ପାଇବେ ।



ଏଇ ନୃତ୍ୟ ଗୀତ ଭିତରେ ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ଯେପରି ନିଜ ନିଜ ସଂସ୍କୃତିକୁ ମୂର୍ତ୍ତିମନ୍ତ କରିଥାନ୍ତି ସେମିତି ସେମାନଙ୍କ ପ୍ରାଣ ପ୍ରବାହର ପରିପ୍ରକାଶ ଘଟାଇଥାନ୍ତି । ପ୍ରକୃତି କୋଳରେ କାହିଁ କେଉଁ କାଳରୁ ନିରାପଦଭାବେ ଜୀବନ ଜିଇଁବାର ଏବଂ ଅଭାବ ଅଭିଯୋଗ ଠୁ ଦୂରରେ ରହୁଥିବା ଏଇ ଆଦିବାସୀ ମଣିଷ ଆଜି ପ୍ରକୃତି ଠୁଁ ବେଶ୍ କିଛି ଦୂରକୁ ଚାଲିଗଲାଣି । କ୍ରମେ ଭୁଲିବାକୁ ବସିଲାଣି ତାର ଅତି ପ୍ରିୟ ଢେମ୍‌ସା ନୃତ୍ୟକୁ । ଏବେ ନାଚଗୀତ କି ପର୍ବପର୍ବାଣି ପାଇଁ ତା ହାତରେ ସମୟ ନାହିଁ । ଜଙ୍ଗଲ ହଜି ଗଲାଣି । ପାହାଡ଼ରେ କନ୍ଦା ନାହିଁ, କି ଡଙ୍ଗରରେ ଜହ୍ନା, ମାଣ୍ଡିଆ, କାଙ୍ଗୁ, କନ୍ଦା କିଛି ବି ସହଜ ଉପଲବ୍ଧ ହେଉନାହିଁ । ଅଭାବର ଅଠାକାଠିରେ ପଡ଼ି ଛଟପଟ ହେଉଥିବା ଏଇ ମଣିଷମାନଙ୍କ ନିଜସ୍ୱ ସ୍ଥିତି ସହିତ ନିଜ ସଂସ୍କୃତି ଓ ସାମାଜିକ ରୀତିନୀତିକୁ ମନେ ପକାଇ ଦେବା ଓ ସାଇତି ରଖିବା ପାଇଁ ସଂପ୍ରତି ଚାଲିଥିବା ପ୍ରୟାସ ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ମନେହୁଏ ।



## ଗୋଷ୍ଠୀତତ୍ତ୍ୱ

ଏ ଜିଲ୍ଲାର ଆଦିବାସୀମାନଙ୍କର ଜୀବନ ଜିଇଁବା ଧାରାର ଅନୁଧ୍ୟାନରୁ ଜଣାଯାଏ, ଏମାନେ ସାମାଜିକ ଜୀବନ ଜିଇଁବା ଆରମ୍ଭ କରିବା ଦିନ ଠୁ ନୃତ୍ୟ ସଂଗୀତକୁ ଯେମିତି ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରି ନେଇଛନ୍ତି, ସେମିତି ସଂଘବଦ୍ଧତା ବା ଗୋଷ୍ଠୀ ଜୀବନ ଜିଇଁବା ଉପରେ ଆସ୍ଥା ଓ ବିଶ୍ୱାସ ରଖି ଆସିଛନ୍ତି । ଖାଦ୍ୟ ଅନ୍ୱେଷଣ, ଶିକାର, କୃଷି ଆଦି କର୍ମ କ୍ଷେତ୍ରରେ ଏମାନେ ଏଇ ଗୋଷ୍ଠୀ ଜୀବନ ଜିଇଁବା ପରମ୍ପରାକୁ ପ୍ରୟୋଗ କରି ଯେମିତି ଉପକୃତ ହୋଇଛନ୍ତି, ସେମିତି ସାଂସ୍କୃତିକ ଜୀବନ ବା ପୂଜାପାର୍ବଣମାନଙ୍କରେ ପ୍ରୟୋଗ କରିବା ସଂଗେ ସଂଗେ ଶ୍ରମଭାବ ଲାଘବ କରିବା ପାଇଁ, ସୁଖ ଶରଧା ବାଣ୍ଟିବା ପାଇଁ, ଭଲ ପାଇବାର ବିହ୍ୱଳିତ ଭାବ ପ୍ରକାଶ କରିବ ପାଇଁ ମଧ୍ୟ ଏହି ଗୋଷ୍ଠୀତତ୍ତ୍ୱ ସଂଘବଦ୍ଧ ଜୀବନ ଶୈଳୀ ପ୍ରୟୋଗ କରିବାକୁ ଭୁଲିଯାଇ ନାହାନ୍ତି । ସେମାନେ ସବୁବେଳେ ବ୍ୟକ୍ତିଗତ ଚିନ୍ତନ ବା ସଂକୀର୍ଣ୍ଣତା ଠାରୁ ଅନେକ ଦୂରରେ ରହି ସମୂହ ଭିତରେ ନିଜକୁ ବାଣ୍ଟିଦେବା ପାଇଁ ବ୍ୟାକୁଳିତ ହୋଇ ଉଠିଛନ୍ତି ଓ ସେମାନଙ୍କ ବ୍ୟାକୁଳତର ପରିପ୍ରକାଶ ଘଟିଛି ସାମାଜିକ ଜୀବନର ଉତ୍ସବମୁଖର ବେଳମାନଙ୍କରେ । ସେଇଠି ସେମାନେ ନିଜ ସମାଜର ବିଶ୍ୱାସକୁ ନେଇ ଦେବୀ ଦେବତାଙ୍କୁ ପୂଜା ଦେଲାବେଳେ ହେଉକି, ବିବାହ ଉତ୍ସବରେ ହେଉ ଅଥବା କୃଷି ଭିତ୍ତିକ କୌଣସି ପର୍ବପର୍ବାଣି ପାଳନ ଅବସରରେ ହେଉ, ସେ ସବୁରେ ସମ୍ମିଳିତ ଭାବେ ଗୀତ ଗାଇ ଢେମ୍‌ସା ନାଚିଛନ୍ତି, ସାଇ ଲୋଡ଼ି ଗାଇଛନ୍ତି । ହର୍ଷ ବିଷାଦ ବାଣ୍ଟିଛନ୍ତି । ପୁନଶ୍ଚ ସେମାନଙ୍କ ଜୀବନ ଯୌବନର ଉଦ୍ଦାମତାକୁ ପରିପ୍ରକାଶ କରିବାକୁ ଧାଙ୍ଗଡ଼ା ବା ଧାଙ୍ଗିଡ଼ି ବସାରେ ଢେମ୍‌ସା ନାଚୁ ନାଚୁ ଆଦିବାସୀ ଯୁବକଟିଏ ତା ଜୀବନ ସାଥୀକୁ ଖୋଜି ପାଇଛି ଓ ଆଦିବାସୀ ଯୁବତୀଟିଏ ବି ତା ମନର ମଣିଷକୁ ଆପଣେଇ ନେଇ ସଂସାର ବାନ୍ଧିଛି । ଢେମ୍‌ସାର ସାମାଜିକ ଗୁରୁତ୍ୱ କେତେ ବେଶି ତାହା ଆମେ ଏଇ ନୃତ୍ୟରେ ବହୁବିଧ ନାମକରଣରୁ ସହଜରେ ଅନୁମାନ କରି ନେଇପାରିବା । ଢେମ୍‌ସା ନୃତ୍ୟ ବହୁ ଭାଷାଭାଷୀ ଏ ଅଞ୍ଚଳର ଜନ ଗୋଷ୍ଠୀକୁ ଏକତ୍ର ପ୍ରେମ ଫାଶରେ ବାନ୍ଧି ଦେଇ ପରସ୍ପର ମଧ୍ୟରେ ସଂପର୍କଓ ସଂହତିକୁ ଦୃଢ଼ କରିବାର ଏକ ସୁନ୍ଦର ମାଧ୍ୟମ ପାଲଟି ଯାଇଛି ।



ଏଇ ଢେମ୍‌ସା ନାଚ ଓ ଗୀତ ଭିତରେ ଆଦିବାସୀ ମଣିଷ ପ୍ରାଣର ଅଫୁରନ୍ତ ପରିପ୍ରକାଶ ଯେପରି ଘଟିଥାଏ ସେପରି ସେମାନଙ୍କ ସଂସ୍କୃତି ମଧ୍ୟ ଋଦ୍ଧିମନ୍ତ ହୋଇଥାଏ । ପ୍ରକୃତି କୋଳରେ ସ୍ୱଭାବ ସୁଲଭ ଢଙ୍ଗରେ କ୍ରମ ବର୍ଦ୍ଧମାନ ଏଇ ସଂସ୍କୃତିକୁ ଆମେ ଏଯାବତ୍ ଅସଜଡ଼ା ଓ ଅଯତ୍ନ ବର୍ଦ୍ଧିତ ଭାବି ଉପେକ୍ଷା କରି ଆସିଛୁ । ଏହାର ଧାର୍ମିକ, ମାର୍ମିକ ତଥା ସାମାଜିକ ଗୁରୁତ୍ୱକୁ ନେଇ ଏହାର କିପରି ବିକାଶ ଘଟିବ, ଏହା କିପରି ନିଜର ପ୍ରଥା ପରଂପରା ତଥା ନୃତ୍ୟ, ବାଦ୍ୟ, ସଂଗୀତ ଶୈଳୀ ଦ୍ୱାରା ସାରା ବିଶ୍ୱରେ ନିଜକୁ ପ୍ରତିଷ୍ଠିତ କରି ପାରିବ ସେ ଦିଗରେ ଏଯାବତ୍ ଚେଷ୍ଟା ହୋଇ ନଥିଲେ ବି ଏବେ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ଏହା ଆଲୋଚନା, ପର୍ଯ୍ୟାଲୋଚନା ମାଧ୍ୟମରେ ଯଥାର୍ଥ ଭାବରେ ବିକାଶ ଲାଭ କରୁ ।

# 'ପ୍ରାଚୀ'ର



# ପ୍ରାଚୀନତା



# ପ୍ରାଚୀ ନଈ: ବିଶ୍ୱର ବିଶାଳ ମୁକ୍ତାକାଶ ସଂଗ୍ରହାଳୟ


**ରଂଜନ ପ୍ରଧାନ**

ଜିଲ୍ଲା ପ୍ରତିନିଧି: 'ସମ୍ବାଦ', କନ୍ଧମାଳ(ଫୁଲବାଣୀ)
ଫୋନ : ୯୪୩୭୨୧୩୮୫୪

ଫଟୋ ସୌଜନ୍ୟ : ଲେଖକ


ସେଦିନ ଆମର ଗନ୍ତବ୍ୟ ସ୍ଥଳ ଥିଲା ପ୍ରାଚୀ ନଦୀର ମୁହାଁଣ ଏବଂ ସମୁଦ୍ର ମଧ୍ୟରେ ଥିବା ପ୍ରାଚୀ ଉପତ୍ୟକାର ଅନ୍ତିମ ଶୈବକ୍ଷେତ୍ର ବେଲେଶ୍ୱର । ମୋ 'ପ୍ରାଚୀ ଯାତ୍ରା'ରେ ସେଦିନର ସାଥୀ ଥିଲେ ପ୍ରସନ୍ନ କୁମାର ବେହେରା । ଏ ହଲେ ଅସ୍ତରଙ୍ଗ ଅଞ୍ଚଳର ଜଣେ ଟାଣୁଆ ଶ୍ରମିକ ନେତା ତଥା ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ସଂଘର ରାଜ୍ୟ ସଭାପତି ମଧ୍ୟ ।

ଅସ୍ତରଙ୍ଗ ବ୍ଲକର ଶିଶୁଅ ଗ୍ରାମ ପଞ୍ଚାୟତର କେଉଟଜଙ୍ଗାରେ ପହଞ୍ଚି ପ୍ରାଚୀ ଓ ଏହାର ଉପନଦୀ କାଦୁଆର ମିଳନ ସ୍ଥଳରେ ଘଡ଼ିଏ ବିଶ୍ରାମ ନେଲୁ । ପ୍ରାଚୀ ଓ କାଦୁଆ ନଦୀର ସଙ୍ଗମସ୍ଥଳର ଦୃଶ୍ୟ ପ୍ରକୃତରେ ମନମୁଗ୍ଧକର ଥିଲା । ଆମ ଗହଣରେ ପ୍ରସନ୍ନ ବାବୁଙ୍କ ସମେତ ତାଙ୍କର କେତେଜଣ ବନ୍ଧୁ ଓ ବୟସ୍କ ବ୍ୟକ୍ତି ଥା'ନ୍ତି । ସେମାନେ କେଲୁଣୀ ମୁହାଁଣ ଓ ବେଲେଶ୍ୱର ଶୈବପୀଠ ସମ୍ପର୍କରେ ଅନେକ ଲୋକକାହାଣୀ, କିମ୍ବଦନ୍ତୀ ମୋତେ ଶୁଣାଉଥାନ୍ତି ।

କେଉଟଜଙ୍ଗାରେ କିଛି ସମୟ ବିଶ୍ରାମ କରିବା ପରେ ଆମେ ବାହାରିଲୁ କେଲୁଣୀ ମୁହାଁଣ ଆଡେ । କେଲୁଣୀ ମୁହାଁଣରେ ସମୁଦ୍ର ଦେବୀ କେଲୁଣୀ ଠାକୁରାଣୀଙ୍କୁ ଦର୍ଶନ କରି ସେଠାରୁ ଏକ ଛୋଟ ଡଙ୍ଗା ଯୋଗେ ପ୍ରାଚୀ ନଦୀ ମୁହାଁଣ ଦେଇ କ୍ରମେ ସମୁଦ୍ର ଭିତରକୁ ପ୍ରବେଶ କଲୁ ।

ପ୍ରାଚୀ ମୁହାଁଣରେ ସମୁଦ୍ର ଭିତରେ ଏକ ବାଲୁକା ଟାପୁରେ ପୂଜା ପାଉଥା'ନ୍ତି ପ୍ରାଚୀ ଉପତ୍ୟକାର ଅନ୍ତିମ ଅଷ୍ଟଶମ୍ଭୁ ବେଲେଶ୍ୱର ମହାଦେବ । ଦୀର୍ଘ ସମୟର ନୌକା ଯାତ୍ରା ପରେ ଆମେ ପହଞ୍ଚିଲୁ ବେଲେଶ୍ୱର ଶୈବ କ୍ଷେତ୍ରରେ । ପ୍ରାଚୀ ନଦୀର ମିଳନ ସ୍ଥଳ ଓ ସମୁଦ୍ର ମଧ୍ୟରେ ମନୋରମ ପରିବେଶ ମଧ୍ୟରେ ବେଲେଶ୍ୱର ଶୈବପୀଠଟିର ପ୍ରାକୃତିକ ଶୋଭା ମନରେ ରୋମାଞ୍ଚ ସୃଷ୍ଟି କରୁଥାଏ । ଝାଉଁବଣ, ନଡ଼ିଆ ଜଙ୍ଗଲ ମଧ୍ୟରେ କେତୋଟି ମନ୍ଦିର ଖୁବ୍ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ । ଚାରିପଟେ ଦିଗନ୍ତବିସ୍ତାରୀ ନୀଳ ସମୁଦ୍ର । ଆଖି ପାଉ ନଥାଏ ।

କେଲୁଣୀ ମୁହାଁଣର ଉତ୍ତର ପଟେ କେଉଟଜଙ୍ଗା ଗ୍ରାମ ଥିଲା ବେଳେ ଦକ୍ଷିଣରେ ତଣ୍ଡାହରା ଗ୍ରାମ ଅବସ୍ଥିତ । ଆମ ପ୍ରାଚୀ ଯାତ୍ରାର ପ୍ରଥମ ଦିନରେ କେଉଟଜଙ୍ଗା ପଟେ ଡଙ୍ଗା ପାର୍‌ହୋଇ ବେଲେଶ୍ୱର ପୀଠରେ ପହଞ୍ଚିଥିଲୁ । ଏହା ପରଦିନ ଆମେ ତଣ୍ଡାହରା ପଟୁ ପ୍ରାଚୀ ନଦୀ ମୁହାଁଣର ଦକ୍ଷିଣରେ ଅବସ୍ଥିତ ଚିତ୍ରେଶ୍ୱରୀ ବନ୍ଦର, କୁରୁମ ବୌଦ୍ଧବିହାର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲିଥିଲୁ । ଏ ଦୁଇ ଦିନିଆ ପ୍ରାଚୀ ଯାତ୍ରା ଥିଲା ଖୁବ୍ ସ୍ମରଣୀୟ ଓ ଅଭୁଲା । ଯଦିଓ ପ୍ରାଚୀ ନଦୀ ଉପତ୍ୟକାରେ ଥିବା ମନ୍ଦିର, ମଠ ଓ ପ୍ରାଚୀନ ମୂର୍ତ୍ତି ସମ୍ପର୍କିତ ଅଧ୍ୟୟନ ପାଇଁ ବହୁବାର ପ୍ରାଚୀ ନଈ କୂଳେ କୂଳେ ବୁଲିଛି, ତଥାପି ଏ ଦୁଇଦିନିଆ ଯାତ୍ରା ଥିଲା ନିଆରା ଓ ଦୁଃସାହସିକ ।

ବର୍ଷାଦିନେ ଭୟଙ୍କର ସମୁଦ୍ର ଦେଇ ବେଲେଶ୍ୱର ପୀଠକୁ ଯିବା ସମ୍ଭବ ହୋଇ ନଥାଏ । ଏଠାକୁ କେଉଟଜଙ୍ଗା କେଲୁଣୀ ମୁହାଁଣ ଦେଇ କିମ୍ବା ବେଳାଙ୍ଗ ଗ୍ରାମ ଦେଇ ଡଙ୍ଗାରେ ପାର୍ ହୋଇ ଯିବାକୁ ପଡ଼ିଥାଏ । ପ୍ରାଚୀନ ଭଗ୍ନ ମନ୍ଦିର ଉପରେ ବେଲେଶ୍ୱରଙ୍କ ନୂତନ ମନ୍ଦିର ନିର୍ମିତ ହୋଇଛି । ଏଠାରେ ଅନେକ ପ୍ରାଚୀନ ମୂର୍ତ୍ତି ଏଣେତେଣେ ପଡ଼ିଥିବାର ଦେଖିଲୁ । ବେଲେଶ୍ୱର ମନ୍ଦିର ବ୍ୟତୀତ ଏଠାରେ ହରଚଣ୍ଡୀ ଏବଂ ଦଶଭୁଜୀ ମହିଷାମର୍ଦ୍ଦିନୀ ଦୁର୍ଗା ମନ୍ଦିର ଅବସ୍ଥିତ ।

ପ୍ରାଚୀ ନଦୀ କଟକ ଜିଲ୍ଲାର ବାରଙ୍ଗ, କଣ୍ଟାପଡ଼ା, ନିଆଳି, ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା, ବାଲିପାଟଣା ଏବଂ ପୁରୀ ଜିଲ୍ଲାର ନିମାପଡ଼ା, କାକଟପୁର, ଗୋପ, ଅସ୍ତରଙ୍ଗ ଆଦି ବ୍ଲକ୍ ଅଞ୍ଚଳ ଦେଇ ପ୍ରବାହିତ ହେଲା ପରେ ଶେଷରେ ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଶିଶୁଅ ପଞ୍ଚାୟତର କେଉଟଜଙ୍ଗା, ବେଳାଙ୍ଗ ଓ ତଣ୍ଡାହରା ଗ୍ରାମ ସନ୍ନିକଟ କେଲୁଣୀ ମୁହାଁଣ ନିକଟରେ ବଙ୍ଗୋପସାଗରରେ ମିଳିତ ହୋଇଛି ।

ଡଙ୍ଗାରେ ପ୍ରାଚୀ ନଦୀର ମୁହାଁଣ ପଥ ଦେଇ ବେଲେଶ୍ୱର ପୀଠରୁ ଫେରି କେଉଟଜଙ୍ଗାରେ ମଧ୍ୟାହ୍ନ ଭୋଜନ ସାରିଲୁ । ସେଦିନର ମଧ୍ୟାହ୍ନ ଭୋଜନରେ ପ୍ରସନ୍ନ ବାବୁଙ୍କ ଦ୍ୱାରା ଆୟୋଜିତ ଖଏଙ୍ଗା ମାଛର ଝୋଳ ମୋ' ଜୀବନକାଳ ମଧ୍ୟରେ ଭୁଲି ପାରିବି ନାହିଁ । ଗରମ ଗରମ ଖଏଙ୍ଗା ମାଛ ଭଜା ଆମ ଭୋକକୁ ବହୁଗୁଣିତ କରିଦେଇଥିଲା ।



▲ ଲେଖକ ରଂଜନ ପ୍ରଧାନ

ଏହାପରେ ଅପରାହ୍ନରେ ପ୍ରସନ୍ନ ବାବୁଙ୍କୁ ଧରି ଆମେ ବାହାରିଲୁ ଗୋମୁଖ କେଶବ ଅଭିମୁଖେ । ଗୋମୁଖ କେଶବ ପ୍ରାଚୀ ଉପତ୍ୟକାର ଶେଷତମ ବିଷ୍ଣୁ କ୍ଷେତ୍ର । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଅନା ପଞ୍ଚାୟତ ଅନ୍ତର୍ଗତ ଡାଲୁଅକଣି ଗ୍ରାମରେ ଏବଂ ପ୍ରାଚୀ ନଦୀ ମୁହାଁଣ ନିକଟସ୍ଥ ସମୁଦ୍ର କୂଳରେ ଗୋମୁଖ କେଶବ ମନ୍ଦିର ଅବସ୍ଥିତ ।

ଅସ୍ତରଙ୍ଗ ବଜାର ଠାରୁ ବାର କିଲୋମିଟର ଦୂରରେ ପ୍ରାଚୀ ନଦୀର ଉପନଦୀ ସୁନ୍ଦରାଧାର ଓ କାଦୁଆ ନଦୀ ପାର ହୋଇ ଡାଲୁଅକଣିରେ ପହଞ୍ଚି ଗୋମୁଖ କେଶବଙ୍କ ଦର୍ଶନ ଲାଭ କଲୁ । ଗୋମୁଖ କେଶବଙ୍କ ପ୍ରାଚୀନ ମନ୍ଦିରଟି ଧ୍ୱଂସପ୍ରାପ୍ତ । ନୂତନ ମନ୍ଦିରରେ ଗୋମୁଖ କେଶବ ଉପାସିତ । ପ୍ରାଚୀ ଉପତ୍ୟକାର ଏହା ଏକ ପ୍ରମୁଖ ବିଷ୍ଣୁକ୍ଷେତ୍ର । ଗୋମୁଖଧାରୀ ବିଷ୍ଣୁ (ଗୋମୁଖ କେଶବ) ଏଠାକାର ମୁଖ୍ୟ ଉପାସ୍ୟ ଦେବତା ।

ଗୋମୁଖ କେଶବ ଦର୍ଶନ ସାରି ଆମେ ପହଞ୍ଚିଲୁ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ଡାଲୁଅକଣିସ୍ଥିତ ବାସଭବନରେ । ସୁରେନ୍ଦ୍ର ବାବୁ ସବୁବେଳେ ଭୁବନେଶ୍ୱରରେ ରହନ୍ତି । ମାତ୍ର ବେଳେବେଳେ ନିଜ ଗାଁକୁ ଯାଇଥାନ୍ତି । ସୌଭାଗ୍ୟବଶତଃ, ସେଦିନ ସେ ନିଜ ଗାଁରେ ଥିଲେ । ବୟସାଧିକ୍ୟ କାରଣରୁ ଯଦିଓ ସୁରେନ୍ଦ୍ର ବାବୁ ସେତେ ମାତ୍ରାରେ ଚଳଚଞ୍ଚଳ ନଥିଲେ, ତଥାପି ପ୍ରାଚୀ ନଦୀ ପ୍ରତି ତାଙ୍କର ଗଭୀର ଆଗ୍ରହ ମୋତେ ଖୁବ୍ ପ୍ରଭାବିତ କରିଥିଲା । ତାଙ୍କ ସହ ପ୍ରାଚୀ ନଦୀ ସମ୍ପର୍କରେ ଅନେକ କଥା ଆଲୋଚନା କରିବା ପରେ ଆମର ସେଦିନର ପ୍ରାଚୀ ଯାତ୍ରା ଶେଷ ହୋଇଥିଲା ।

ଏହା ପରଦିନ ଆମର ଯାତ୍ରା ଥିଲା କୋଣାର୍କ, କୁରୁମ ବୌଦ୍ଧବିହାର ଓ ଚିତ୍ରେଶ୍ୱରୀ ଅଭିମୁଖେ । ପୁରୀ ଜିଲ୍ଲା କାକଟପୁର ବ୍ଲକ କୁରୁଜଙ୍ଗ ପଞ୍ଚାୟତ ଅନ୍ତର୍ଗତ କୁରୁମ ଗାଁ ଏକ ବୌଦ୍ଧ ଉପାସନାସ୍ଥଳ ଭାବେ ସାରା ଓଡ଼ିଶାରେ ପରିଚିତ । ପ୍ରାଚୀ ନଦୀର ଅନ୍ୟତମ ଶାଖା କାଦୁଆ ନଦୀ କୂଳରେ ଏବଂ ଅର୍କକ୍ଷେତ୍ର କୋଣାର୍କର ଐଶାନ୍ୟ କୋଣରେ ଏହି ବୌଦ୍ଧବିହାର ଭୌମକର ଶାସନ କାଳରେ ଗଢ଼ି ଉଠିଥିଲା । ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଖନନ ପରେ ଏଠାରୁ ଏକ ବୌଦ୍ଧ ମହାବିହାର ଆବିଷ୍କୃତ ହୋଇଛି ।

ସପ୍ତମ ଶତାବ୍ଦୀରେ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ କୁରୁମ ବୌଦ୍ଧ ବିହାର ପରିଦର୍ଶନ କରିଥିଲେ । ତାଙ୍କ ବର୍ଣ୍ଣନାନୁସାରେ, ଓଡ୍ର ଦେଶର ପୂର୍ବ-ଦକ୍ଷିଣ ଦିଗରେ ସମୁଦ୍ର କୂଳରେ ଏହି ନଗରୀ ଅବସ୍ଥିତ ଥିଲା । ସେତେବେଳେ ଏହାର ନାମ ଚେଳିତୋଳ ବା ଚରିତ୍ର ନଗର ରହିଥିଲା । ଏହା ବନ୍ଦର ନଗରୀ ଭାବେ ପ୍ରସିଦ୍ଧିଲାଭ କରିଥିଲା । ଏହି ନଗରୀ ମହାଯାନପନ୍ଥୀ ବୌଦ୍ଧମାନଙ୍କର ପୀଠ ଥିଲା ।

୧୯୬୯ ମସିହାରୁ କୁରୁମ ବୌଦ୍ଧ ବିହାରର ଭୂଖନନ ଓ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଆରମ୍ଭ ହୋଇଥିଲା । ପ୍ରାଥମିକ ଖନନ ବେଳେ ଏଠାରୁ ଭୂମିସ୍ପର୍ଶ ମୁଦ୍ରାର ୭ ଫୁଟ ଉଚ୍ଚତାବିଶିଷ୍ଟ ବୁଦ୍ଧ ମୂର୍ତ୍ତି, ଲଳିତାସନର ଅବଲୋକିତେଶ୍ୱର (ପଦ୍ମପାଣି), ଯମ, ତ୍ରିବିକ୍ରମ ବିଷ୍ଣୁ ମୂର୍ତ୍ତି, ଟେରାକୋଟା ସିଲ୍, ଲିପି ଖୋଦିତ ମୋହର ମିଳିବା ପରେ ଏହା ଏକ ବୌଦ୍ଧ କ୍ଷେତ୍ର ଥିବାର ପ୍ରମାଣ ମିଳିଲା । ମାତ୍ର ଏହା ପୂର୍ବରୁ ସ୍ଥାନୀୟ ଲୋକେ ଏହିସବୁ ମୂର୍ତ୍ତିକୁ ପୂଜା କରି ଏହାକୁ 'ଯମଧର୍ମ ପୀଠ' ଭାବେ ନାମିତ କରି ସାରିଥିଲେ ।

୧୯୭୪-୭୫ ମସିହାରେ ଦ୍ୱିତୀୟ ପର୍ଯ୍ୟାୟ ଖନନ ବେଳେ ଏକ ମିଟର ଉଚ୍ଚତାବିଶିଷ୍ଟ ପ୍ରାଚୀନ ଇଟା ନିର୍ମିତ ୨୯ ମିଟର ଲମ୍ବର କାନ୍ଥ ବିଶିଷ୍ଟ ପ୍ରକୋଷ୍ଠ ଆବିଷ୍କୃତ ହେଲା । ଏହାପରେ ୧୯୭୬-୭୭ ମସିହାରେ ତୃତୀୟ ପର୍ଯ୍ୟାୟ ଖନନ ବେଳେ ପୂର୍ବ ଓ ଦକ୍ଷିଣ ପାର୍ଶ୍ୱରେ ୧୦ ମିଟର ଲମ୍ବ ଓ ପ୍ରସ୍ଥ ବିଶିଷ୍ଟ ବର୍ଗାକାର ପ୍ରକୋଷ୍ଠର ସନ୍ଧାନ ମିଳିଥିଲା ।

କୁରୁମ ବୌଦ୍ଧ ବିହାରର ଚାରି କିଲୋମିଟର ଦୂରରେ ପ୍ରାଚୀ ନଦୀର ଶାଖା କାଦୁଆ ନଈ କୂଳରେ ଚିତ୍ରେଶ୍ୱର ଠାରେ ପ୍ରାଚୀନ ବତୀଖୁଣ୍ଟ ତଥା ଉତ୍ପଳେଶ୍ୱର ଓ ଚିତ୍ରେଶ୍ୱରୀଙ୍କ ମନ୍ଦିର ଅବସ୍ଥିତ । ଏହି ଚିତ୍ରେଶ୍ୱରୀ ଅତୀତରେ ପ୍ରାଚୀନ ଉତ୍କଳର ଏକ ବନ୍ଦର ଥିଲା ।

କୁରୁମ ବୌଦ୍ଧ ବିହାର ପରିଦର୍ଶନ ସାରି ଆମେ ପହଞ୍ଚିଲୁ ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଅବଦାନ ପଞ୍ଚାୟତ ଅନ୍ତର୍ଗତ ଚିତ୍ରେଶ୍ୱରୀ ଗାଁର ପ୍ରସିଦ୍ଧ ଚିତ୍ରେଶ୍ୱରୀ ଦେବୀ ପୀଠରେ । କାଦୁଆ ନଦୀ କୂଳରେ ଉତ୍ପଳେଶ୍ୱରଙ୍କ ପ୍ରାଚୀନ ମନ୍ଦିର ଥିଲା । ପ୍ରାଚୀନ ମନ୍ଦିରର ବାଡ଼ (ପାଭାଗ ଓ ନିମ୍ନ ଜଂଘ)ର ଭଗ୍ନ ଅଂଶ ଏବେ ବି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ଏହାର ପ୍ରତ୍ନତାତ୍ତ୍ୱିକ ଖନନ କରାଗଲେ କିମ୍ବା ପୁନରୁଦ୍ଧାର କରାଗଲେ ଓଡ଼ିଶାର ଏକ ପ୍ରାଚୀନ ଭାସ୍କର୍ଯ୍ୟ କଳା ପୁନର୍ଜୀବନ ପାଇପାରନ୍ତା ।

ବର୍ତ୍ତମାନ ଏହି ଭଗ୍ନ ପ୍ରାଚୀନ ମନ୍ଦିରରେ ମହାଦେବ ଉତ୍ପଳେଶ୍ୱର ପୂଜା ପାଉଛନ୍ତି । ଏହାର ସମ୍ମୁଖ ଭାଗରେ ଚିତ୍ରେଶ୍ୱରୀଙ୍କର ଏକ ନୂତନ ମନ୍ଦିର ନିର୍ମାଣ ହୋଇଛି । ଏଠାରେ ଚତୁର୍ଭୁଜା ପାର୍ବତୀ ଚିତ୍ରେଶ୍ୱରୀ ଭାବେ ଉପାସିତ ।



ଚିତ୍ରେଶ୍ୱରୀଙ୍କ ମୂର୍ତ୍ତିର ନିମ୍ନ ଅଂଶରେ ଏକ ଧାଡ଼ିବିଶିଷ୍ଟ ଶିଳାଲେଖ ରହିଛି ।

ପ୍ରାଚୀ ଉପତ୍ୟକାରେ ଥିବା ଗୋଲରାଗଡ଼ (ଚିତ୍ରେଶ୍ୱରୀ) ଏକଦା ପ୍ରାଚୀନ ନୌବାଣିଜ୍ୟ କାରବାରର ପେଣ୍ଠସ୍ଥଳୀ ଥିଲା । ଏହା ଅତୀତର ଏକ ପ୍ରାଚୀନ ବନ୍ଦର ଥିଲା । ଏଠାରେ ପୁରୁଣା ବତୀଘର ମଧ୍ୟ ଅଛି । ଚିତ୍ରେଶ୍ୱରୀର ସାମାନ୍ୟ ଆଗକୁ ପ୍ରାଚୀ ଓ କାଦୁଆ ମିଳିତ ହୋଇ ସମୁଦ୍ରରେ ପଡ଼ିଛନ୍ତି । ଏହା ପ୍ରସିଦ୍ଧ କେଲୁଣୀ ମୁହାଁଣ ।


ଚିତ୍ରେଶ୍ୱରୀ ଠାରୁ ମାତ୍ର ଚାରି କିଲୋମିଟର ଦୂରରେ କୁରୁମ ବୁଦ୍ଧ ବିହାର ଅବସ୍ଥିତ । କୁରୁମ ଓ ଚିତ୍ରେଶ୍ୱରୀ ମଧ୍ୟରେ ଥିବା ଅଞ୍ଚଳ ଅତୀତରେ ବନ୍ଦର ସହର ଥିଲା । ଏହା ଏକ ବନ୍ଦର ଥିଲା ବୋଲି ଚିତ୍ରେଶ୍ୱରୀ ଠାରେ ଥିବା ପ୍ରାଚୀନ ବତୀଖୁଣ୍ଟ ପ୍ରମାଣିତ କରେ । ହୁଏନ୍‌ସାଂଙ୍କ ବର୍ଣ୍ଣିତ 'ଚେଲିତୋଲ' ହିଁ ଏହି 'ଚିତ୍ରେଶ୍ୱରୀ' ବୋଲି ଗବେଷକମାନେ ଯୁକ୍ତି ଉପସ୍ଥାପନ କରିଥାନ୍ତି ।

କୁରୁମ ବୌଦ୍ଧବିହାର ଓ ଚିତ୍ରେଶ୍ୱରୀରୁ ପ୍ରାଚୀ ନଦୀର ଘଟଣାବହୁଳ ଯାତ୍ରା ସମ୍ପର୍କରେ ଅଧ୍ୟୟନ ପରେ ଶେଷରେ ଆମେ ପହଞ୍ଚିଲୁ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ।

ପ୍ରାଚୀ ନଦୀର ପ୍ରମୁଖ ଶାଖା ନଦୀ ଚନ୍ଦ୍ରଭାଗା ମୁହାଁଣରେ 'କନ୍ନଗର' (କବଭଭବଶବକ୍ସ) ବା 'କୋଣନଗର' ବା କୋଣାର୍କ ମଧ୍ୟ ଏକ ପ୍ରାଚୀନ ବନ୍ଦର ଭାବେ ଖ୍ୟାତି ଅର୍ଜନ କରିଥିଲା । ତ୍ରୟୋଦଶ ଶତାବ୍ଦୀ ବେଳକୁ 'କୋଣାର୍କ' ସୂର୍ଯ୍ୟ ମନ୍ଦିର ପାଇଁ ବିଶ୍ୱପ୍ରସିଦ୍ଧ ହୋଇପାରିଲା । ମାତ୍ର ଏହାପୂର୍ବରୁ କୋନ୍ନଗର ଏକ ପ୍ରାଚୀନ ବନ୍ଦର ଭାବେ ଖ୍ୟାତିଲାଭ କରିଥିଲା ।

ପୁରୀ ଜିଲ୍ଲା ଗୋପ ବ୍ଲକ ସୋରଭା ପଞ୍ଚାୟତ ଅନ୍ତର୍ଗତ ଓଟାଙ୍ଗ ଗ୍ରାମ ନିକଟରେ ପ୍ରାଚୀନଦୀର ଶାଖା କାଦୁଆ ନଦୀରୁ ଏକ ଶାଖା ନଦୀ ବାହାରି କୋଣାର୍କ ଆଡକୁ ଗତି କରିଛି । ଏହି ଶାଖା ନଦୀର ନାମ 'ଚନ୍ଦ୍ରଭାଗା' ନଦୀ ବା 'ପଥରଭସା ନଦୀ' । ଚନ୍ଦ୍ରଭାଗା ନଦୀର ମୁହାଁଣରେ ହିଁ ଅର୍କକ୍ଷେତ୍ର କୋଣାର୍କ ଅବସ୍ଥିତ ।

ମୋ'ର ଏହି ପ୍ରାଚୀ ଯାତ୍ରା କେବଳ ଏହି ଦୁଇ ଦିନର ନ ଥିଲା । ବର୍ଷବର୍ଷ କାଳ ମୁଁ ପ୍ରାଚୀ ଧାରେ ଧାରେ ବୁଲିଛି । ପ୍ରାଚୀ ନଦୀ ଓ ଏହାର ମୂର୍ତ୍ତିକଳାକୁ ନେଇ ମୁଁ ସ୍ୱତନ୍ତ୍ର ଅଧ୍ୟୟନ କରିଛି ।



## ପ୍ରାଚୀ ନଦୀର ଉତ୍ପତ୍ତି ଓ ବିଲୟ

ପ୍ରାଚୀ ନଦୀର ଉତ୍ପତ୍ତି ସ୍ଥଳକୁ ନେଇ ନାନା ମୁନିଙ୍କର ନାନା ମତ ରହିଛି । କେହି କେହି କୁହନ୍ତି, ପ୍ରାଚୀ ମହାନଦୀର ଏକ ଶାଖାନଦୀ ଓ ଏହା ନରାଜ ନିକଟସ୍ଥ ଡାକଅମ୍ୱାଠାରୁ ମହାନଦୀରୁ ବାହାରିଛି । ଆଉ କାହାର ମତ, ଏହା ମହାନଦୀର ବାଙ୍କୀ ମୁହାଁଣରୁ ଜାତ । ପୁଣି କେହି କୁହନ୍ତି, ବାରଙ୍ଗ ନିକଟରେ ପୁରୀ କେନାଲ ଓ ପ୍ରାଚୀ ନଦୀର ଉତ୍ପତ୍ତି ସ୍ଥଳ ଏକ । ପୁଣି କେହି କୁହନ୍ତି, ପ୍ରାଚୀ କଟକ-ଭୁବନେଶ୍ୱର ମଧ୍ୟରେ ଫୁଲନଖରା ଲକ୍ଷେଶ୍ୱର ଗଣ୍ଡରୁ ଉତ୍ପତ୍ତି ଲାଭ କରିଛି । ପୁଣି କେହି କୁହନ୍ତି କାଠଯୋଡ଼ି, କୁଆଖାଇ, ଦେବୀ, କୁଶଭଦ୍ରା ଭଳି ନଦୀମାନେ ପ୍ରାଚୀନ ପ୍ରାଚୀ ନଦୀରୁ ସୃଷ୍ଟି ହୋଇଛନ୍ତି ।

ଅତୀତରେ ମହାନଦୀ ହିଁ ପ୍ରାଚୀ ନଦୀ ଭାବେ ପରିଚିତ ଥିଲା ବୋଲି ଅନେକ ମତ ଦିଅନ୍ତି । କାଠଯୋଡ଼ି ଓ ବିଲୁଆଖାଇ (ଦେବୀ) ନଦୀରେ ମହାନଦୀର ଜଳ ବହୁଳ ମାତ୍ରାରେ ନିଷ୍କାସନ ହେବାରୁ ପ୍ରାଚୀ କ୍ରମଶଃ ପତଳା ହେବାକୁ ଲାଗିଲା । ପ୍ରାଚୀ ଦୁର୍ବଳ ହେବାରୁ କାଠଯୋଡ଼ି, ଦେବୀ, କୁଶଭଦ୍ରା, କୁଆଖାଇ ଭଳି ନଦୀ ପ୍ରଭାବଶାଳୀ ହୋଇ ପଡ଼ିଲେ ।

ଦୁଇଟି କାଠକୁ ଯୋଡ଼ି ନଦୀ ପାର୍ ହେଉଥିବାରୁ ଏହାର ନାମ 'କାଠଯୋଡ଼ି' ହୋଇଥିଲା । ସେହିଭଳି ସ୍ୱଚ୍ଛ ପାଣିରେ କୁଆ ଗାଧୋଉ ଥିବାରୁ ଏହାର ନାମ 'କୁଆଖାଇ' ଏବଂ ପତଳା ଧାରରେ ବିଲୁଆ ପାର୍ ହୋଇ ପାରୁଥିବାରୁ ଏହାର ନାମ 'ବିଲୁଆଖାଇ' ହୋଇଥିଲା । ବିଲୁଆଖାଇ ପରବର୍ତ୍ତୀ କାଳରେ ବିଶାଳ ଦେବୀ ନଦୀ ପାଲଟିଛି । କୁହାଯାଏ, ପ୍ରାଚୀ ନଦୀ ହିଁ ଏ ସମସ୍ତ ନଦୀର ଜନ୍ମଦାତ୍ରୀ ।

ମହାନଦୀର ସମସ୍ତ ଜଳ ପ୍ରାଚୀ ନଦୀ ଦେଇ ସମୁଦ୍ରକୁ ନିର୍ଗତ ହେଉଥିଲା । ଏଣୁ ମହାନଦୀର ପ୍ରକୃତ ମୁହାଁଣ ପ୍ରାଚୀ ମୁହାଁଣ (କେଲୁଣୀ) ଥିଲା । ପ୍ରାଚୀ ମୁହାଁଣ ଦେଇ ପର୍ଯ୍ୟାପ୍ତ ଜଳ ସମୁଦ୍ରକୁ ନିର୍ଗମନ ହେବା ଫଳରେ ସାମୁଦ୍ରିକ ବାଣିଜ୍ୟ କାରବାର ପାଇଁ ସୁବିଧା ହେଉଥିଲା । ମାତ୍ର ଆଜି ପ୍ରାଚୀ ଶୁଷ୍କ ହୋଇ ଯାଇଥିବା ବେଳେ ଏହାର ମୁହାଁଣ ପୋତି ହୋଇ ସଂକୁଚିତ ହୋଇ ପଡ଼ିଛି ।

ଐତିହାସିକ ଡବ୍ଲ୍ୟୁ.ଡବ୍ଲ୍ୟୁ. ହଣ୍ଟରଙ୍କ ଅନୁସାରେ, ମହାନଦୀ ତ୍ରିକୋଣଭୂମି ଅଞ୍ଚଳ ଅତି ନରମ ଓ କୋମଳ ମୃତ୍ତିକାକୁ ନେଇ ଗଠିତ ହୋଇଥିବାରୁ ମହାନଦୀ ବାରମ୍ୱାର ନିଜର ଗତିପଥ ବଦଳାଇବା ଫଳରେ ଏଭଳି ପରିବର୍ତ୍ତନ ସମ୍ଭବ ହୋଇଛି । ଉଦାହରଣ ସ୍ୱରୂପ, ଆଜି ଅସ୍ତରଙ୍ଗର ନୂଆଗଡ଼ (ନଗର) ଅଞ୍ଚଳରେ ଦେବୀ ନଦୀର ଯେଉଁ ବିଶାଳ ମୁହାଁଣ ସୃଷ୍ଟି ହୋଇଛି, ପ୍ରାଚୀ ନଦୀର ପ୍ରଚଣ୍ଡ ପ୍ରଭାବ ସମୟରେ ତାହା ଏଭଳି ନଥିଲା । ପ୍ରାଚୀ ନଦୀର ମୁହାଁଣ ହିଁ ସେତେବେଳେ ମହାନଦୀର ମୁଖ୍ୟ ମୁହାଁଣ ଥିଲା ।

ପ୍ରାଚୀ ନଦୀର ଉତ୍ପତ୍ତି ସ୍ଥଳ ସମସ୍ତଙ୍କ ପାଇଁ ଏକ ପ୍ରହେଳିକା ପାଲଟିଛି । ଇତିହାସ ମଧ୍ୟ ଏ ନେଇ ନିରବ । ତେବେ ଡାକଅମ୍ୱା କିମ୍ବା ବାଙ୍କୀ ମୁହାଁଣ ନିକଟରେ ପ୍ରାଚୀ ନଦୀର ସ୍ଥିତି ଆଦୌ ଥିବା ଭଳି ମନେହୁଏ ନାହିଁ । ଫୁଲନଖରା ଲକ୍ଷେଶ୍ୱର ଶିବ ମନ୍ଦିର ସନ୍ନିକଟ ଗଂଭାରିଗଣ୍ଡ ନିକଟରୁ ପ୍ରାଚୀ ଧାର ଦୃଶ୍ୟମାନ ହୋଇଥାଏ । ମାତ୍ର କଟକ ଭୁବନେଶ୍ୱର ମଧ୍ୟ ଦେଇ ଜାତୀୟ ରାଜପଥ ଯିବା ଫଳରେ ପ୍ରାଚୀ ନଦୀ ଅବରୋଧ ହୋଇଗଲା ଏବଂ ଫୁଲନଖରା ପରିବର୍ତ୍ତେ କିଛିଦୂର ଆଗକୁ ଏହା ଦୃଶ୍ୟମାନ ହୋଇଥାଏ ।

ଉପରମୁଣ୍ଡରେ ପ୍ରାଚୀ 'ସୋଲନଦୀ' ଭାବେ ପରିଚିତ । ପ୍ରକୃତପକ୍ଷେ, କଟକ ଜିଲ୍ଲାର ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ଗଙ୍ଗେଶ୍ୱରଗଡ଼ ଠାରୁ ପ୍ରାଚୀ ଏକ ନଦୀର ରୂପ ଧାରଣ କରି କଟକ ସଦର, ବାଲିଅନ୍ତା, ବାଲିପାଟଣା, କଣ୍ଟାପଡ଼ା, ନିଆଳି, ନିମାପଡ଼ା, କାକଟପୁର ଓ ଅସ୍ତରଙ୍ଗ ଆଦି ବ୍ଲକ୍ ଅଞ୍ଚଳ ଦେଇ ପ୍ରବାହିତ ହେବା ପରେ ଅସ୍ତରଙ୍ଗ ବ୍ଲକ୍‌ର କେଉଟଜଙ୍ଗା ଏବଂ ଅପରପାର୍ଶ୍ୱରେ ଥିବା ଅସ୍ତରଙ୍ଗ

ବ୍ଲକର ତଣ୍ଡାହାର, ଛେନୁଆ, ଉଦୟକଣି ନିକଟସ୍ଥ କେଳୁଣୀ ମୁହାଁଣରେ ବଙ୍ଗୋପସାଗରରେ ମିଳିତ ହୋଇଛି ।

ପ୍ରାଚୀ ନଦୀର ଉତ୍ତରରେ ଦେବୀ ନଦୀ ଓ ଦକ୍ଷିଣରେ କୁଶଭଦ୍ରା ନଦୀ ପ୍ରାଚୀ ସହ ସମାନ୍ତରାଳ ଭାବେ ପ୍ରବାହିତ ହୋଇଛନ୍ତି । ଦେବୀ ଓ କୁଶଭଦ୍ରା ନଦୀର ଅନେକ ଧାର ପ୍ରାଚୀ ସହ ସଂଯୋଗ ହେବା ଫଳରେ ବର୍ଷାଦିନେ ଏହି ତିନୋଟି ନଦୀର ଜଳ ଏକତ୍ର ପ୍ରବାହିତ ହୋଇଥାଏ । ଯାହା ବି ହେଉ, ପ୍ରାଚୀ ନଦୀ ବିଷୟରେ ଏତିକି କୁହାଯାଇପାରିବ, ଏହା ଏକ ସ୍ୱୟଂସମ୍ପୂର୍ଣ୍ଣ ନଦୀ । ଏହା ଅନ୍ୟ କେଉଁ ନଦୀର ଉପନଦୀ କି କାହାର ଶାଖା ନଦୀ ନୁହେଁ । ଏହି ନଦୀଟି ଦୀର୍ଘ ପଥ ପ୍ରବାହିତ ହେବା ପରେ ସିଧା ସମୁଦ୍ରରେ ପଡ଼ିଛି ।

ପ୍ରାଚୀର ପରିଚୟ କ'ଣ ଏକ ଛୋଟ ନଈ ? ନା, ଆଉ ଅଧିକ କିଛି ? ପ୍ରାଚୀ ନଦୀର ଦୈର୍ଘ୍ୟ ମାତ୍ର ୧ ୨ ୦ କିଲୋମିଟର । ହୋଇପାରେ, ପ୍ରାଚୀ ଏକ ଛୋଟିଆ ନଈ; ମାତ୍ର ଏହାର କୂଳେ କୂଳେ ଦଣ୍ଡାୟମାନ ଅସଂଖ୍ୟ ମନ୍ଦିର, ମଠ, ଉପାସନା ପୀଠ, ରାଶି ରାଶି ପଥରର ପ୍ରାଚୀନ ମୂର୍ତ୍ତି, କାରୁକୀର୍ତ୍ତି, ଶିଳ୍ପଭାସ୍କର୍ଯ୍ୟ; ସଦା ଏହି ନାତିଦୀର୍ଘ ନଦୀଟିର ସାଂସ୍କୃତିକ ସଂଭ୍ରାନ୍ତପଣର ମନ୍ତ୍ର ଗୁଣୁଗୁଣାଉଥିବ ।

ପ୍ରାଚୀ ଉପତ୍ୟକାର ପ୍ରତିଟି ଇଞ୍ଚ୍ ମାଟି ଉପରେ ଖୋଦିତ ହୋଇଛି ଶିଳାର ଗୋଟିଏ ଗୋଟିଏ ପ୍ରାଚୀନ କାବ୍ୟ ସ୍ଥାପତ୍ୟ । ମନେହୁଏ, ପ୍ରାଚୀ ଯେପରି ଏକ ନଦୀ ନୁହେଁ; ବରଂ ଏକ ବିଶାଳ ମୁକ୍ତାକାଶ ସଂଗ୍ରହାଳୟ । ଏକ ଶିଳାତୀର୍ଥ । ପ୍ରାଚୀ ନଦୀରେ ଏହି 'ଶିଳାଯାତ୍ରା' ଅତୀବ ରୋମାଞ୍ଚକର ଓ ଦୁଃସାହସିକ ।

ପ୍ରାଚୀକୁ ଏକ ନଦୀ ସମ୍ବୋଧନ କରିବା ଅପେକ୍ଷା ଏକ ସଂଗ୍ରହାଳୟ ବୁଝିଲେ ଠିକ୍ ହେବ । ଏହି ମୁକ୍ତାକାଶ ପ୍ରାଚୀ ସଂଗ୍ରହାଳୟରେ ରହିଛି ଅନେକ ଗ୍ୟାଲେରୀ, ଅନେକ ଶିଳା ସଂଗ୍ରହ । ପ୍ରାଚୀ ଉପତ୍ୟକା ଯେମିତି ଶିଳାମୟ । ଯେଉଁଠି ଦୃଷ୍ଟି ନିକ୍ଷେପ କଲେ, ପାଣି ବଦଳରେ ଖାଲି ରାଶି ରାଶି ଶିଳାର ଭାସ୍କର୍ଯ୍ୟ ନଜରକୁ ଆସେ । ପୃଥିବୀରେ ଏଭଳି ମୁକ୍ତାକାଶ ସଂଗ୍ରହାଳୟ ବିରଳ । ପ୍ରାଚୀ ଉପତ୍ୟକାର ଏହି ବିଶାଳ ମୁକ୍ତାକାଶ ସଂଗ୍ରହାଳୟକୁ ଥରେ ବୁଲିଗଲେ ଫେରିବା ଏତେ ସହଜ ହୁଏନା । ମନ ଲାଖିଯାଏ, ଶିଳାକାବ୍ୟର ପୃଷ୍ଠାରେ ପୃଷ୍ଠାରେ ।

## ପ୍ରାଚୀନଦୀ କୂଳର ପ୍ରସିଦ୍ଧ ମନ୍ଦିର ଓ ମଠ

କଟକ-ଭୁବନେଶ୍ୱର ମଧ୍ୟରେ ଥିବା ଫୁଲନଖରା ସ୍ଥିତ ଲକ୍ଷେଶ୍ୱର ଶିବ ମନ୍ଦିର ନିକଟସ୍ଥ ଗମ୍ଭାରିଗଣ୍ଡରୁ ପ୍ରାଚୀ ଉତ୍ପତ୍ତିଲାଭ କରିଛି ବୋଲି କେତେକ ବିଶ୍ୱାସ କରନ୍ତି । ଲକ୍ଷେଶ୍ୱର ଶିବ ମନ୍ଦିର ପ୍ରାଚୀଯାତ୍ରାର ଆଦ୍ୟ ଶୈବପୀଠ ବୋଲି କୁହାଯାଏ । ଏଠାରେ ମହାଦେବ ଲକ୍ଷେଶ୍ୱର ପୂଜା ପାଇଥାନ୍ତି ।

ଏହା ପର ଠୁ ପ୍ରାଚୀ ନଈ କୂଳେ କୂଳେ ଅନେକ ମନ୍ଦିର ଓ ଉପାସନା ସ୍ଥଳ ଦୃଶ୍ୟମାନ ହୋଇଥାଏ । ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଭିଙ୍ଗାରପୁର ଗାଁରେ ମହାଦେବ ବକ୍ରେଶ୍ୱର ମନ୍ଦିର ଅବସ୍ଥିତ । ଏହି ଶୈବପୀଠଟି ପ୍ରାଚୀ ନଦୀର ଦକ୍ଷିଣ ଏବଂ କୁଶଭଦ୍ରା ନଦୀର ଉତ୍ତର ତୀରରେ ଅବସ୍ଥିତ । ସମସ୍ତ ମନ୍ଦିର ପିଢ଼ ଶୈଳୀର ଓ ଗଙ୍ଗବଂଶୀ ଶାସକଙ୍କ କାଳରେ ନିର୍ମିତ ।

କଟକ ଜିଲ୍ଲା ବାରଙ୍ଗ ବ୍ଲକ କୁରାଙ୍ଗଶାସନ ପଞ୍ଚାୟତ ଅନ୍ତର୍ଗତ ଗଙ୍ଗେଶ୍ୱରଗଡ଼ ଗାଁରେ ଗଙ୍ଗମଣି ମହାଦେବଙ୍କ ପୀଠ ଅବସ୍ଥିତ । ସେହିଭଳି ବାଗଲପୁର ଗାଁରେ ରହିଛି ଦକ୍ଷିଣେଶ୍ୱର ଶୈବକ୍ଷେତ୍ର । କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ଅଁଲୋ ଗ୍ରାମରେ 'ଷୋଳପୁଅମା' ମନ୍ଦିର (ଛାତଘର)ରେ ଅନେକ ଦେବଦେବୀ ପୂଜା ପାଉଛନ୍ତି । ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ପରିବାସୁଦେବପୁର ଗ୍ରାମରେ ପ୍ରାଚୀ ନଦୀର ଦକ୍ଷିଣ ଏବଂ କୁଶଭଦ୍ରା ନଦୀର ଉତ୍ତର ପାର୍ଶ୍ୱରେ ନୃସିଂହନାଥଙ୍କ ମନ୍ଦିର ଅବସ୍ଥିତ । ଏହା ଏକ ବିଷ୍ଣୁ ଉପାସନା ପୀଠ ।

ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁର ଗାଁରେ, ଜୟଦେବ ପୀଠ



କେନ୍ଦୁଲି ସନ୍ନିକଟ ପ୍ରାଚୀ ନଦୀର ଦକ୍ଷିଣ ପାର୍ଶ୍ୱରେ ଆଖଣ୍ଡଳେଶ୍ୱର ଶିବ ମନ୍ଦିର ଅବସ୍ଥିତ । ଏହି ମନ୍ଦିରଟି ଗଙ୍ଗ ରାଜବଂଶୀ ରାଜତ୍ୱର ଶେଷ ସମୟରେ ନିର୍ମିତ ବୋଲି ଅନୁମାନ କରାଯାଏ । ମନ୍ଦିରଟି ଉତ୍କଳୀୟ ରେଖ ଦେଉଳ ଶୈଳୀର ଓ ପଂଚରଥ ପର୍ଯ୍ୟାୟର ।

ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ୍ ଜୟଦେବ ଗ୍ରାମ ପଂଚାୟତ ଅନ୍ତର୍ଗତ କେନ୍ଦୁଲି (କେନ୍ଦୁବିଲ୍ୱ) ଗ୍ରାମଟି ଗୀତଗୋବିନ୍ଦ ରଚୟିତା ପ୍ରସିଦ୍ଧ ସଂସ୍କୃତ କବି ଜୟଦେବଙ୍କ ଜନ୍ମପୀଠ ଭାବେ ପରିଚିତ । ଏହି ପୀଠଟି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂଗୃହୀତ । କେନ୍ଦୁଲି ପ୍ରାଚୀ ନଦୀର ଦକ୍ଷିଣ ତୀରରେ ଅବସ୍ଥିତ ।



କଟକ ଜିଲ୍ଲାର ନିଆଳି ବ୍ଲକ ଅନ୍ତର୍ଗତ ଅଡ଼ଶପୁର ଗ୍ରାମଟି ଐତିହାସିକ ଦୃଷ୍ଟିରୁ ବେଶ ଗୁରୁତ୍ୱପୂର୍ଣ୍ଣ । ଅଡ଼ଶପୁରରେ ରହିଛି ମାଧବାନନ୍ଦ ମନ୍ଦିର, ସ୍ୱପ୍ନେଶ୍ୱର ମନ୍ଦିର, ବରାହ-ନୃସିଂହ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ନାରାୟଣୀ (ବୁଢ଼ି ଠାକୁରାଣୀ) ମନ୍ଦିର ।

କଟକ ଜିଲ୍ଲା ନିଆଳି ବ୍ଲକ ଅଁଳ ପଞ୍ଚାୟତ ଅନ୍ତର୍ଗତ କପିଳେଶ୍ୱରପୁର ଗାଁରେ ଏବଂ ପ୍ରାଚୀ ନଦୀର ପୂର୍ବ ତଟରେ କପିଳମୁନି ଆଶ୍ରମ ଅବସ୍ଥିତ । ଏହାକୁ ମଧ୍ୟ ଅନ୍ଧ କପିଳମୁନି ଆଶ୍ରମ କୁହା ଯାଇଥାଏ । ସେହିଭଳି ଜାମୁଗୋରଡ଼ି ଗାଁରେ ରହିଛି ଗୋକର୍ଣ୍ଣେଶ୍ୱର ମନ୍ଦିର ।

ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ଅମଣାକୁଦ ପଞ୍ଚାୟତ ଅନ୍ତର୍ଗତ କୁଦପାଟଣା ଗ୍ରାମରେ ବାରଭୁଜା (ବାରଭୁଜୀ) ଦୁର୍ଗା ମନ୍ଦିର ପ୍ରାଚୀ ନଦୀର ଉତ୍ତର ତୀରରେ ଅବସ୍ଥିତ । ଏଠାକାର ଆରାଧ୍ୟ ଦେବୀ ହେଉଛନ୍ତି ବାରଭୁଜା ଦୁର୍ଗା (ବାରଭୁଜୀ) । ସେହିଭଳି ଏଠାରେ ଭାବକୁଣ୍ଡଳେଶ୍ୱର, ବାଲୁଙ୍କେଶ୍ୱର ଶିବ ମନ୍ଦିର ମଧ୍ୟ ଅବସ୍ଥିତ । ସେହିପରି ଦେଉଳିଧରପୁର ପଞ୍ଚାୟତ ଅନ୍ତର୍ଗତ ଭଅଁରାନିଜିଗଡ଼ ଗାଁରେ କୁଶଭଦ୍ରା ନଦୀର ଦକ୍ଷିଣ ଏବଂ ପ୍ରାଚୀ ନଦୀର ଉତ୍ତର ପାର୍ଶ୍ୱରେ ମଧୁକେଶ୍ୱର ମନ୍ଦିର ଅବସ୍ଥିତ ।

କଟକ ଜିଲ୍ଲା ନିଆଳି ବ୍ଲକ ସଦର ମହକୁମାରେ ପ୍ରାଚୀ ନଦୀର ଉତ୍ତର ପାର୍ଶ୍ୱରେ ରହିଛି ପ୍ରସିଦ୍ଧ ଶୈବ କ୍ଷେତ୍ର ଶୋଭନେଶ୍ୱର ମନ୍ଦିର । 'ପ୍ରାଚୀ ମାହାତ୍ମ୍ୟ' ଅନୁସାରେ, ଶିବ ଏଠାରେ ପ୍ରାଚୀନଦୀରେ ସ୍ନାନ କରି ବ୍ରହ୍ମ ଅଭିଶାପ ମୁକ୍ତ ହୋଇଥିଲେ । ଶିବ ଶୋଭନ ରୂପ ଧାରଣ କରିଥିବାରୁ ଶୋଭନେଶ୍ୱର ଭାବେ ଉପାସିତ । ନିଆଳିରେ ମହାଦେବ ଶୋଭନେଶ୍ୱରଙ୍କ ସମେତ ବ୍ରହ୍ମା, ବିଷ୍ଣୁ ଓ ଶାକ୍ତ ଉପାସନାର ଏକ ମିଶ୍ର ପ୍ରଭାବ ପରିଲକ୍ଷିତ ହୋଇଥାଏ ।

କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ମାଧବ ଗାଁରେ ମାଧବାନନ୍ଦ ମନ୍ଦିର (ନାରାୟଣ ମାଧବ) ଅବସ୍ଥିତ । ଏହା ପ୍ରାଚୀ ଉପତ୍ୟକାର ସବୁଠୁ ବୃହତ୍ ଓ ଆକର୍ଷଣୀୟ ସ୍ଥାପତ୍ୟଭରା ବିଷ୍ଣୁ ମନ୍ଦିର । ସେହିପରି ଷଡ଼ାଂଶ ଗ୍ରାମରେ ତ୍ରିଲୋଚନେଶ୍ୱର ଶିବମନ୍ଦିର ଦେବୀ ଓ ପ୍ରାଚୀ ଉପତ୍ୟକାର ମଧ୍ୟ ସ୍ଥଳରେ ଅବସ୍ଥିତ । ନିଆଳି ବ୍ଲକ୍ କୃଷ୍ଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ପିତାପଡ଼ା ଗାଁରେ ଅଙ୍ଗେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ । ଅଙ୍ଗେଶ୍ୱର ଶିବ ମନ୍ଦିର ବେଢ଼ାର ଗୋଟିଏ ପାର୍ଶ୍ୱରେ ଏକ ଛୋଟ ପଞ୍ଚରଥ ବିଶିଷ୍ଟ କ୍ଷୁଦ୍ର ପିଢ଼ ଦେଉଳରେ ଜଗଦମ୍ବିକା ପୂଜା ପାଉଛନ୍ତି ।

ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ତୁଳସୀପୁର ପଂଚାୟତ ଅନ୍ତର୍ଗତ ଅମରେଶ୍ୱର ଗାଁଟି ପ୍ରାଚୀ ନଦୀ ଉପତ୍ୟକାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ପ୍ରାଚୀ ନଦୀର ଦକ୍ଷିଣ ତୀରରେ ଏହି ପୀଠ ଅବସ୍ଥିତ । ଏଠାରେ ମହାଦେବ ଅମରେଶ୍ୱରଙ୍କ ମନ୍ଦିର ସମେତ ଲକ୍ଷ୍ମୀ ନୃସିଂହ ମନ୍ଦିର, ଚର୍ଚ୍ଚିକା ମନ୍ଦିର ଏବଂ ଅନେକ ପ୍ରାଚୀନ ମୂର୍ତ୍ତି, ସ୍ଥାପତ୍ୟ ଦେଖିବାକୁ ମିଳେ ।

ପ୍ରାଚୀ ଉପତ୍ୟକାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହେଉଛି ଚୌରାଶି ଗ୍ରାମ । ଏହା ଗୋ-ତୀର୍ଥ ନାମରେ ପରିଚିତ । ଏଠାରେ ମାତଙ୍ଗ ଋଷିଙ୍କ ଆଶ୍ରମ କ୍ଷେତ୍ରରେ ସର ନଦୀ, ଲଳିତା ନଦୀ ଓ ପ୍ରାଚୀ ନଦୀ ମିଳିତ ହୋଇ ତ୍ରିବେଣୀ ତୀର୍ଥ (ଗୋ ତୀର୍ଥ) ଭାବେ ପରିଚିତ । ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତ ଅନ୍ତର୍ଗତ ଚୌରାସି ଗ୍ରାମ (ଗୋ ତୀର୍ଥ)ରେ ଲକ୍ଷ୍ମୀ ନାରାୟଣ ମନ୍ଦିର, ଲଳିତ ମାଧବ (ନୀଳ ମାଧବ), ଜାଗୁଳେଇ ମନ୍ଦିର, ବରାହୀ ମନ୍ଦିର, ବଜ୍ରଘଣ୍ଟା ମନ୍ଦିର, ଅମରେଶ୍ୱର ମନ୍ଦିର, ଲକ୍ଷ୍ମୀ ନୃସିଂହ ମନ୍ଦିର ଅବସ୍ଥିତ ।

ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ସୁହାଗପୁର ପଞ୍ଚାୟତ ଅନ୍ତର୍ଗତ ପାଣିଛତ୍ର ଗାଁରେ ରାମେଶ୍ୱର ମନ୍ଦିର (ନଟାବୁଢ଼ ରାମେଶ୍ୱର) ଅବସ୍ଥିତ । ମନ୍ଦିରଟିରେ ବିମାନ, ଜଗମୋହନ ଓ ନାଟମଣ୍ଡପ ଅଛି । ବିମାନଟି ଉତ୍କଳୀୟ ରେଖ ଶୈଳୀର । ପୁରୀ ଜିଲ୍ଲା ଗୋପ ବ୍ଲକ ଧୁମାଳ ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମରେ ଏବଂ ପ୍ରାଚୀ ନଦୀର ଦକ୍ଷିଣ ତୀରରେ ମାଧବାନନ୍ଦ ମନ୍ଦିର ଏବଂ ଚର୍ଚ୍ଚିକା ମନ୍ଦିର ଅବସ୍ଥିତ । ପୁରୀ ଜିଲ୍ଲା କାକଟପୁର ବ୍ଲକ ସଦର ମହକୁମାରେ ତଥା ପ୍ରାଚୀ ନଦୀର ପୂର୍ବ ତୀରରେ ମଙ୍ଗଳା ମନ୍ଦିର ଅବସ୍ଥିତ । ମା' ମଙ୍ଗଳା ଏଠାରେ ମୁଖ୍ୟ ଉପାସ୍ୟ ଦେବୀ । କଳାମୁଗୁନି ପଥରରେ ନିର୍ମିତ ଦେବୀ ମଙ୍ଗଳା ଚତୁର୍ଭୁଜା ଏବଂ ପଦ୍ମାସନ ଉପରେ ଲଳିତାସନରେ ଉପବିଷ୍ଟ ।

ପ୍ରାଚୀ ନଦୀର ଦକ୍ଷିଣ ତୀରରେ ଏବଂ କାକଟପୁରରେ ପ୍ରସିଦ୍ଧ ବିଶ୍ୱାମିତ୍ର ମଠ ଅବସ୍ଥିତ । ଏଠାରେ ଅନନ୍ତ ମାଧବ ମୁଖ୍ୟ ଉପାସ୍ୟ ଦେବତା । ସେହିଭଳି କାକଟପୁରରେ ଦହିଖିଆ ସୋମେଶ୍ୱର ଶିବ ମନ୍ଦିର ଅବସ୍ଥିତ । ମଙ୍ଗଳା ମନ୍ଦିର ନିକଟରେ ଦେବୀ କାକଟେଇ ଅବସ୍ଥାପିତ । କାକଟେଇ କାକଟପୁରର ଗ୍ରାମ ଦେବୀ ଭାବେ ପୂଜିତ । କାକଟେଇଙ୍କ ନାମାନୁସାରେ କାକଟପୁର ଗ୍ରାମର ସୃଷ୍ଟି ହୋଇଛି ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦରାପଟି ପଞ୍ଚାୟତ ଅନ୍ତର୍ଗତ ଜିଉଁଟି ଗ୍ରାମରେ ଈଶ୍ୱରନାଥ ଶିବ ମନ୍ଦିର ଅବସ୍ଥିତ । ପ୍ରାଚୀ ଉପତ୍ୟକାର ପ୍ରାଚୀନ ଇଟା ନିର୍ମିତ ମନ୍ଦିରମାନଙ୍କ ମଧ୍ୟରୁ ଜିଉଁଟି ଈଶ୍ୱରନାଥ ମନ୍ଦିର ଅନ୍ୟତମ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସଦର ମହକୁମାସ୍ଥ ଅସ୍ତରଙ୍ଗ ଗ୍ରାମରେ ଭଉଁରିଆ ନଦୀ କୂଳରେ ଆରାଧ୍ୟ ଦେବୀ ମା' ଭଗବତୀ ଉପାସିତ । ମୂର୍ତ୍ତିଟି ପ୍ରକୃତରେ ବୌଦ୍ଧ ଦେବୀ ମରିଚୀଙ୍କର । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମୁଦ୍‌ଗଲ ଗ୍ରାମରେ ଥିବା ମୁଦ୍‌ଗଲ ଋଷିଙ୍କ ଆଶ୍ରମ ମଧ୍ୟରେ ମୁଦ୍‌ଗଲ ମାଧବ ଉପାସିତ । ପୁରୀ ଜିଲ୍ଲା କାକଟପୁର ବ୍ଲକ ନାସିକେଶ୍ୱର ପଞ୍ଚାୟତର ନାସିକେଶ୍ୱର ଗ୍ରାମରେ ନୃତ୍ୟେଶ୍ୱର ଶିବମନ୍ଦିର ଅବସ୍ଥିତ ।

# ହସଖୁସିର ପରିବାର - ୨୧

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

**ସମସ୍ୟା: ୧**

ମୁଁ ଭଲପାଇ ବାହା ହେଇଛି । ତଥାପି ବାହାଘର ବେଳେ କିଛି ଟଙ୍କା ମୋ ବାପା ମୋତେ ଯୌତୁକ ଆକାରରେ ଦେଇଥିଲେ । କିନ୍ତୁ ସେଥିରେ ମୋ ଶାଶୁଘର ଲୋକମାନେ ଖୁସି ନୁହଁନ୍ତି । ସେମାନେ ସବୁବେଳେ ମୋତେ ଆହୁରି ଅଧିକ ଟଙ୍କା ଅବା ଜିନିଷପତ୍ର ଆଣିବାକୁ ପ୍ରତ୍ୟେକ୍ଷରେ ଅବା ପରୋକ୍ଷରେ କହିଥାନ୍ତି । ଯଦି ମୁଁ ତାଙ୍କ କଥା ନ ଶୁଣେ ତେବେ ବହୁତ କଥା କୁହନ୍ତି । ମୁଁ ମୋ ସ୍ୱାମୀଙ୍କୁ ଏକଥା କହିଲେ ସେ କୁହନ୍ତି ତୁମେ କିପରି ଏସବୁ ସାମ୍ନା କରିବ ତୁମେ ବୁଝ । ମୋତେ କିଛି କୁହନାହିଁ । ମୁଁ ବହୁତ ବ୍ୟସ୍ତତାରେ ଅଛି, ମୋର ମାନସିକ ସ୍ଥିତି ଠିକ୍ ନାହିଁ ଇତ୍ୟାଦି । ମୋ ସ୍ୱାମୀ ବାହାଘର ବେଳେ କାମ କରୁଥିଲେ କିନ୍ତୁ ପ୍ରାୟ ବର୍ଷକ ପରେ ସେ ଅଫିସରେ ପାଟିତୁଣ୍ଡ କରି କାମ ଛାଡିଦେଲେ । ଏବେ ସେ କିଛି କାମ କରୁ ନାହାନ୍ତି । ଚାକିରି କଥା କହିଲେ ସବୁବେଳେ କହୁଛନ୍ତି ମୁଁ ଚାକିରି ଖୋଜୁଛି କିନ୍ତୁ ମୋତେ ନ ମିଳିଲେ କଣ କାହାର ଗୋଡହାତ ଧରିବି । ଆମ ବାହାଘରକୁ ପ୍ରାୟ ଛଅ ବର୍ଷ ହେଇ ଗଲାଣି । ମୋର ଦୁଇଟି ଝିଅ । ମୁଁ ପ୍ରାଇଭେଟ୍‌ରେ ଚାକିରି କରିଛି । ଆଗକୁ ପିଲା ଦୁଇଜଣ ପାଠ ପଢିବେ । ତେଣୁ ମୋର ମଧ୍ୟ ଘରର ଏପରି ପରିସ୍ଥିତିରେ ମାନସିକ ସ୍ଥିତି ଠିକ୍ ରହୁନି । ଭାବିଲେ ବି କିଛି ଉପାୟ ପାଉନି କଣ କରିବି । ଦୟାକରି ସମାଧାନର ରାସ୍ତା ବତାନ୍ତୁ ।

**ପ୍ରତିମା ମହାନ୍ତି,** ଯାଜପୁର

**ସମାଧାନର ସୂତ୍ର:**

ଆପଣଙ୍କ ପରିବାରରେ ଯାହା ଘଟୁଛି ତାହା ଏବେ ଅନେକ ପରିବାରରେ ଦେଖା ଯାଉଛି । ବିଶେଷକରି ଯେଉଁମାନେ ଭଲପାଇ ବାହା ହେଇଛନ୍ତି । ସେମାନଙ୍କ କ୍ଷେତ୍ରରେ ଏହିଭଳି ସମସ୍ୟାମାନ ଦେଖା ଯାଉଛି । ପରସ୍ପରକୁ ଭଲ ପାଇବା ଏବଂ ବାହାହେଇ ଘର ସଂସାର କରିବା ସଂପୂର୍ଣ୍ଣ ଭାବରେ ପୃଥକ୍ । ଆପଣଙ୍କ ସ୍ୱାମୀ ପରିବାର ପ୍ରତି ନିଜର ଦାୟିତ୍ୱ ବିଷୟରେ ସଚେତନ ହେବା କଥା ତଥା ନିଷ୍ଠାର ସହିତ ରୋଜଗାର ପାଇଁ ବାଟଟିଏ ଖୋଜିବା ଦରକାର । ଚାକିରି ହେଉ ଅବା ବ୍ୟବସାୟ ଯାହା ସମ୍ଭବ ତାହା ସେ କଲେ ହିଁ ଆପଣଙ୍କ ପରିବାରର ସମସ୍ୟାର ସମାଧାନ ହେଇପାରିବ । ଶାଶୁଶ୍ୱଶୁରଙ୍କ କଥାରେ ଆପଣ ବିବ୍ରତ ନ ହେଇ ସ୍ୱାମୀଙ୍କୁ କିପରି କର୍ମସଂସ୍ଥାନରେ ସାହାଯ୍ୟ କରିବେ ସେ ବିଷୟରେ ଧ୍ୟାନ ଦିଅନ୍ତୁ । ତାଙ୍କର ଦୋଷ ବାହାର କରିବା ପରିବର୍ତ୍ତେ ସେ କେଉଁ କାମ କଲେ ତାଙ୍କର ରୋଜଗାର ହେବ ସେ ବିଷୟରେ ତାଙ୍କୁ ପରାମର୍ଶ ଦିଅନ୍ତୁ ଏବଂ ସହଯୋଗ କରନ୍ତୁ । ସକାରାତ୍ମକ ମନୋଭାବ ଓ ଦୃଢ ଆତ୍ମବିଶ୍ୱାସ ବଳରେ ହିଁ ସବୁ ସମସ୍ୟାର ସମାଧାନ ହେଇ ପାରିବ । ସେଥିପାଇଁ ନିଜ ମନକୁ ଶାନ୍ତ ରଖି ସତ୍ ବିଚାର କଲେ ହିଁ ଆପଣଙ୍କୁ ଉଚିତ ବାଟ ମିଳିଯିବ । ଏହି ବିଷୟରେ ଆପଣ ନିଜର ଶୁଭେଚ୍ଛୁ ଅବା ନିଜ ଲୋକମାନଙ୍କ ସହିତ ମନଖୋଲି ଆଲୋଚନା କଲେ ବି ନିଶ୍ଚିତ ଭାବରେ କିଛି ସମାଧାନର ସୂତ୍ର ବାହାରି ପାରିବ । ଏହିପରି ସମସ୍ୟାଗୁଡିକର ସମାଧାନ ରାତାରାତି ହୁଏ ନାହିଁ । ନିଷ୍ଠାର ସହିତ ଏହି ଦିଗରେ ଚେଷ୍ଟା କଲେ ନିଶ୍ଚିତ ସୁଫଳ ମିଳିବ । ମନେ ରଖିଥିବେ ପରିସ୍ଥିତି ଯାହା ବି ହେଉନା କାହିଁକି ମନରେ ବିରକ୍ତ ଭାବ ଆଣିବେ ନାହିଁ କିମ୍ବା ମତାନ୍ତର ହେଲେ ବି ଯୁକ୍ତିତର୍କ କରିବେ ନାହିଁ । ଏହି ବିଷୟରେ ଆପଣ ଟିକେ ନିଜ ସହିତ ଗଭୀର ଭାବରେ ଆଲୋଚନା କଲେ ନିଜେ ହିଁ ସବୁ କିଛି ବୁଝି ପାରିବେ ।

**ସମସ୍ୟା: ୨**

ମୁଁ ଏକ ସରକାରୀ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଭାବେ କାମ କରୁଛି । ମୋର ବୟସ ୩୪ ବର୍ଷ । ମୋର ସ୍ୱାମୀ କିଛି ଚାକିରି କରନ୍ତି ନାହିଁ । ଆମେ ଦୁହେଁ ପରସ୍ପରକୁ ଭଲପାଇ ବାହା ହୋଇଥିଲୁ । ଏମ.ଏ ପାସ କଲା ପରେ ଅନେକ



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।
**www.drhpdas.com**


**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ଚାକିରି ପାଇଁ ଇଣ୍ଟରଭିୟୁ ଦେଇ ବି ସେ ସଫଳ ହେଲେ ନାହିଁ । ଏଣୁ ଚାକିରି ଖୋଜିବା ବନ୍ଦ କରିଦେଲେ । ବେଳେବେଳେ ସ୍କୁଲ୍ ପିଲାଙ୍କୁ ଟ୍ୟୁସନ୍ କରୁଥିଲେ କିନ୍ତୁ ତାହା ବି ନିୟମିତ ରୂପେ ନୁହେଁ । କିଛି ବର୍ଷ ପୂର୍ବେ ବ୍ୟବସାୟ କରିବା ପାଇଁ ସ୍ଥିର କରିଲେ । କିନ୍ତୁ କରିବେ କରିବେ ବୋଲି ଅବହେଳାରେ ରହିଗଲେ । ସେ ନିଜେ କିଛି କାମ କରୁ ନ ଥିବାରୁ ମନରେ ତାଙ୍କର ଅଯଥା ଚିନ୍ତା ଭରି ରହିଥିଲା । ଶାଶୁ ବି ମୋ ଉପରେ ସବୁବେଳେ ଅସନ୍ତୁଷ୍ଟ ହୁଅନ୍ତି । ଛୋଟ ଛୋଟ କଥାରେ ବି ମୋ ଉପରେ ବିରକ୍ତ ହୁଅନ୍ତି । ଏହି କଥା ଦେଖି ମୋ ସ୍ୱାମୀ କିଛି କହନ୍ତି ନାହିଁ । ବରଂ ସେ ମଧ୍ୟ ମୋର ଦୋଷ କାଢନ୍ତି । ମୁଁ ସ୍କୁଲ କାମ ସହିତ ଘରେ ମଧ୍ୟ ସବୁ କାମ କରେ । ଶାଶୁଙ୍କୁ ଖୁସି କରିବା ପାଇଁ ସବୁ ପ୍ରକାର ଚେଷ୍ଟା କରେ । ମୋର ଦିଅର ବାହାଘର ପରେ ଶାଶୁ ସାନଯା'ଙ୍କୁ ପ୍ରଶଂସା କରିବା ଆରମ୍ଭ କଲେ । ଏହି ସବୁ କଥା ଦେଖି ମୋର ମନରେ ବହୁତ କଷ୍ଟ ହେଲା । ଭାବିଥିଲି ସ୍ୱାମୀଙ୍କୁ କହିଲେ ସେ ମତେ କିଛି ସହଯୋଗ କରିବେ । କିନ୍ତୁ ସେ ତାଙ୍କ ମାଆଙ୍କ ସପକ୍ଷ ନେଇ ମତେ ଚୁପ ରହିବାକୁ କହିଲେ । ମତାନ୍ତର ଧୀରେ ଧୀରେ ମନାନ୍ତରରେ ପରିଣତ ହେଲା । ମୋର ଝିଅକୁ ୫ବର୍ଷ । ଘରର ଏହି ସବୁ ଅଶାନ୍ତିର ପ୍ରଭାବ ଝିଅ ଉପରେ ବି ପଡିଲା । ଏଣୁ ବାଧ୍ୟ ହେଇ ମୁଁ ୬ମାସ ହେବ ସ୍କୁଲ ପାଖରେ ଘରଟିଏ ଭଡା ନେଇ ରହୁଛି । ତଥାପି ବି ସ୍ୱାମୀଙ୍କର ବ୍ୟବହାରରେ କିଛି ପରିବର୍ତ୍ତନ ହେଉ ନାହିଁ । ସେ ମୋ ପାଖେ ରହୁଥିଲେ ବି କିଛି ସାହାଯ୍ୟ କରୁନାହାନ୍ତି । ଦିନକୁ ଦିନ ମୋର ଅଶାନ୍ତି ବଢିବାକୁ ଲାଗିଛି ।ଏ ସବୁ ଦେଖି ମୁଁ ମୋର ମାନସିକ ଭାରସାମ୍ୟ ହରାଇ ବସୁଛି । ଏପରି ପରିସ୍ଥିତିରେ ମୁଁ କଣ କରିବି ମୋତେ ବାଟ ବତାନ୍ତୁ ।

**ରୋଜାଲିନ ଗୌଡ,** ଭୁବନେଶ୍ୱର

### ସମାଧାନର ସୂତ୍ର

ଆପଣ ଯେଉଁ ସମସ୍ୟା ବିଷୟରେ ଲେଖିଛନ୍ତି ତାହାର ସମାଧାନ କେବଳ ଆପଣଙ୍କ ଉପରେ ହିଁ ନିର୍ଭର କରେ । ଆପଣଙ୍କ ସ୍ୱାମୀଙ୍କୁ ବାହାଘର ପୂର୍ବରୁ ଆପଣ ଭଲ ଭାବରେ ଜାଣିଛନ୍ତି । ଏଣୁ ଭଲପାଇ ବାହା ହେଇଥିଲେ । ଏବେ ତାଙ୍କର ମନୋଭାବ ଓ ବ୍ୟବହାରରେ ପରିବର୍ତ୍ତନ ଦେଖି ଆପଣ ଯନ୍ତ୍ରଣା ପାଉଛନ୍ତି । ତାଙ୍କ ଠାରୁ ଯାହା ଆଶା କରିଥିଲେ ତାହା ପାଉ ନାହାନ୍ତି । ବାରମ୍ବାର ତାଙ୍କୁ ବୁଝାଇଲେ ବି ସେ ବୁଝୁ ନାହାନ୍ତି । ଏପରିକି ଆପଣ ଶାଶୁଘର ଛାଡି ଭଡା ଘର ନେଇ ଅଲଗା ରହୁଛନ୍ତି । ଏହା ପ୍ରମାଣ କରୁଛି ଯେ ତାଙ୍କର ମନୋଭାବ ଓ ଚଳିଚଳଣରେ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରିବା ମୂର୍ଖାମି ହେବ । ଆପଣ ସରକାରୀ ସ୍କୁଲରେ ଚାକିରି କରିଛନ୍ତି । ସ୍ୱାମୀଙ୍କର ଚାକିରି ନ ଥିଲେ ବି ଆପଣ ନିଜର ପରିବାର ଚଳାଇବାକୁ ସମର୍ଥ । ସିଏ ଯେପରି ତାଙ୍କୁ ସେହିପରି ଗ୍ରହଣ କରିନେଇ ଆପଣ ନିଜ କାମରେ ମନ ଦେବାଟା ବୁଦ୍ଧିମାନର କାମ ହେବ । ସ୍କୁଲରେ ପିଲାମାନଙ୍କୁ ପାଠ ପଢାଇବାର ଦାୟିତ୍ୱ ଓ ଘରେ ନିଜ ଝିଅର ଦାୟିତ୍ୱ ନେବା ହିଁ ଆପଣଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଶାଶୁଘରେ ଆପଣଙ୍କୁ କିଏ କଣ କହିଲା ଅବା ସ୍ୱାମୀ ଆପଣଙ୍କୁ ମିଛ କହିଲେ ସେ ସବୁରେ ଆପଣ ଧ୍ୟାନ ଦିଅନ୍ତୁ ନାହିଁ । ଯେହେତୁ ଆପଣ ନିଜେ ଭଲପାଇ ବାହା ହେଇଛନ୍ତି । ତେଣୁ ଏ ବିଷୟରେ ଆପଣ ଆଉ କାହାକୁ କିଛି କହି ପାରିବେ ନାହିଁ । ଆପଣଙ୍କ ପରିବାରର ସମସ୍ୟା ବିଷୟରେ ଆପଣ ସ୍କୁଲ୍‌ରେ ଅବା ନିଜ ସାଙ୍ଗସାଥୀ ତଥା ପଡିଶା ଘରେ ଜଣାନ୍ତୁ ନାହିଁ । ସେଥିରେ ପରିସ୍ଥିତି ଆହୁରି ଜଟିଳ ହେବ । ନିଜ ମୁଣ୍ଡକୁ ଥଣ୍ଡା ରଖିଲେ ଆପଣ ନିଜର ଦାୟିତ୍ୱ ଭଲ ଭାବରେ ତୁଲାଇ ପାରିବେ ।

### ସମସ୍ୟା: ୩

ମୁଁ ଏକ ସରକାରୀ ସଂସ୍ଥାରେ ଚାକିରି କରେ । ମୋର ଚାକିରିଟି ସଂପୂର୍ଣ୍ଣ ରୂପେ ଦାୟିତ୍ୱ ଭରା । ସର୍ବଦା ସର୍ବସାଧାରଣଙ୍କ ସମସ୍ୟା ସହ ସଂପୃକ୍ତି । କିନ୍ତୁ ସବୁବେଳେ ସମସ୍ତଙ୍କ ସମସ୍ୟା ଦୂର କରିବା ମୋ ପକ୍ଷେ ସମ୍ଭବ ହୁଏନି । ସମସ୍ତେ ଚାହାନ୍ତି ମୁଁ ତାଙ୍କ କାର୍ଯ୍ୟକୁ ଯେପରି ହେଲେ କରେ । ହେଲେ ଅନେକ ନୀତି ନିୟମରେ ବନ୍ଧା ଥିବାରୁ ଏହା ଆଦୌ ସମ୍ଭବ ହୁଏନାହିଁ । ମୋତେ ମୋର କାର୍ଯ୍ୟସ୍ଥଳର ମାନସମ୍ମାନକୁ ବି ଦେଖିବାକୁ ପଡେ । ଏତଦ୍ ବ୍ୟତୀତ ଉପରିସ୍ଥ ହାକିମଙ୍କ ଆଦେଶ ମଧ ସବୁ ସମୟରେ ପାଳନ କରିବା ଅସମ୍ଭବ ହେଇପଡେ । ଏ ସବୁକୁ ଛାଡିଲେ ସରକାରଙ୍କର ଭିଜିଲାନ୍ସ ବିଭାଗର ସନ୍ଦେହ ଘେରରେ ରହିବା ଦ୍ୱାରା ମଧ ମୁଁ ସର୍ବଦା ଚିନ୍ତିତ । ଅନେକ ମାନସିକ ଅଶାନ୍ତି



▼ସସ୍ମିତା ସୁନାମୁଦିଙ୍କ ହସଖୁସିର ପରିବାର

ଭିତରେ ମୋତେ ରହିବାକୁ ପଡୁଛି । ପାରିବାରିକ ସମସ୍ୟା ପ୍ରାୟ ଠିକ୍ ସେହିପରି । ମୋ ସ୍ତ୍ରୀ ବି ଚାକିରୀ କରୁଛନ୍ତି । ପୁଅ ଓ ଝିଅ ଦୁହେଁ କଲେଜରେ ପଢୁଛନ୍ତି । ସମସ୍ତଙ୍କର ନିଜ ନିଜର ସମସ୍ୟା ରହିଛି । ସମସ୍ତେ ନିଜ ନିଜ ସମସ୍ୟାକୁ ନେଇ ବିବ୍ରତ । ଇଚ୍ଛା କରି ମଧ୍ୟ ଆମେମାନେ କେବେହେଲେ ଏକାଠି ବସି ମନଖୋଲା କଥା ହେଇପାରୁନୁ । ଅନେକ ସମୟରେ ଏପରି କିଛି ନା କିଛି ଘଟୁଛି ଯେ ଆମେ ପରସ୍ପର ଭିତରେ କୌଣସି ଘଟଣାକୁ ନେଇ ଆଲୋଚନା କରିବା ଅବା ସୁଖ ଦୁଃଖ ହେବା ବଦଳରେ ଅଯଥାରେ ପାଟିତୁଣ୍ଡ ହେଇଯାଉଛି । ଏଥିପାଇଁ ସବୁବେଳେ ବହୁତ ଅଶାନ୍ତିରେ ଆମର ଦିନ କଟୁଛି । କଣ କଲେ ମାନସିକ ଶାନ୍ତି ପାଇପାରିବି ।

**◣ଦୁର୍ଗାମାଧବ ପଣ୍ଡା, ବ୍ରହ୍ମପୁର**

### ସମାଧାନର ସୂତ୍ର

ଆପଣଙ୍କ ପ୍ରଶ୍ନରୁ ଜଣାପଡୁଛି ଯେ ଆପଣଙ୍କର ଉଭୟ ଘରେ ଓ କାର୍ଯ୍ୟକ୍ଷେତ୍ରରେ କିଛି ନା କିଛି ଅସୁବିଧା ରହିଛି । ଯାହାକି ଆପଣଙ୍କ ମନରେ ଅଶାନ୍ତି ସୃଷ୍ଟି କରୁଛି । ଆମେ ପ୍ରଥମେ ଆପଣଙ୍କର କାର୍ଯ୍ୟକ୍ଷେତ୍ର କଥା ଆଲୋଚନା କରିବା । କାର୍ଯ୍ୟକ୍ଷେତ୍ରରେ ଯେ ଅନ୍ୟମାନେ ଆପଣଙ୍କ ମନ ମୁତାବକ ହେବେ, ତାହା ଭାବିବା ସଂପୂର୍ଣ୍ଣ ଭୁଲ । ଆପଣଙ୍କର ସହକର୍ମୀ ହୁଅନ୍ତୁ ଅବା ଉପର ଅଫିସର୍, ସମସ୍ତେ ନିଜ ନିଜର ସ୍ୱାର୍ଥ ଅନୁଯାୟୀ କାମ କରିବେ । ସ୍ୱାର୍ଥ ହାସଲ ପାଇଁ ବେଳେବେଳେ ସେମାନେ ଆପଣଙ୍କ ସହିତ ଭଲ ସମ୍ପର୍କ ରଖି ପାରନ୍ତି କିନ୍ତୁ ନିଜର ସ୍ୱାର୍ଥରେ ଆଞ୍ଚ୍ ଆସିଲେ କେହି କାହାର ନୁହଁନ୍ତି । ଏହି ସତ୍ୟକୁ ଆପଣଙ୍କୁ ଗ୍ରହଣ କରିବାକୁ ହେବ । ଆପଣଙ୍କୁ ଅଧୈର୍ଯ୍ୟ ନ ହେଇ ଆତ୍ମବିଶ୍ୱାସର ସହିତ କାର୍ଯ୍ୟ କରିବାକୁ ହେବ । ଏତିକି ମନେ ରଖିବେ ଯେକୌଣସି ପରିସ୍ଥିତିରେ ବି ଆପଣ କାହାରି କଥାରେ ପ୍ରଭାବିତ ହେଇ ନୀତିନିୟମକୁ ଉଲଘଂନ କରିବେ ନାହିଁ । ସବୁବେଳେ ଆପଣଙ୍କର ଯାହା ଦାୟିତ୍ୱ ସେହି ଅନୁସାରେ କାମ କରିବେ । ଅଫିସ୍‌ର ନୀତିନିୟମ ମାନିବେ । ଆପଣଙ୍କ ଉପରେ କେହି ଅସନ୍ତୁଷ୍ଟ ହେଲେ ଆପଣ ବିଚଳିତ ହେବେ ନାହିଁ । ସବୁ ଅଫିସ୍‌ରେ ଏଭଳି ପରିସ୍ଥିତି ଦେଖା ଦେଇଥାଏ । ସମସ୍ତଙ୍କୁ ଖୁସି କରିବାକୁ ଚେଷ୍ଟା କରିଲେ ତାହା ସମ୍ଭବ ହେବ ନାହିଁ କିନ୍ତୁ ଆପଣ ଯଦି ନୀତିନିୟମରେ ରହିବେ ତେବେ କେହି ଆପଣଙ୍କର କ୍ଷତି କରିପାରିବେ ନାହିଁ । ଆପଣ ଖୁସି ହେବା ଦରକାର ଯେ ଆପଣଙ୍କର ପତ୍ନୀ ବି ଚାକିରି କରୁଛନ୍ତି । ତେଣୁ ସବୁ ସମୟରେ ଆପଣଙ୍କ ପରିବାରର ଆର୍ଥିକ ଅବସ୍ଥା ଠିକ୍ ରହିବ । ପୁଅ ଝିଅ କଲେଜରେ ପଢୁଛନ୍ତି । ତେଣୁ ଆପଣ ଅଫିସର ଅଶାନ୍ତିକୁ କେବେ ଘରକୁ ଆଣିବେ ନାହିଁ । ସେହିପରି ଘରର ଅଶାନ୍ତିକୁ କେବେ ଅଫିସକୁ ନେବେ ନାହିଁ । ଘରକୁ ଆସିଲା ପରେ ଆପଣ ପୁଅଝିଅ ତଥା ପତ୍ନୀଙ୍କୁ  ସମୟ ଦେବା ଜରୁରୀ । ପୁଅଝିଅଙ୍କ ସହିତ ବସି ତାଙ୍କର ପାଠପଢା ତଥା ଭବିଷ୍ୟତ ବିଷୟରେ ଆଲୋଚନା କରିବା ଆବଶ୍ୟକ । ତାହାଦ୍ୱାରା ଆପଣ ଜଣେ ବାପା ହିସାବରେ ନିଜର ଦାୟିତ୍ୱ ତୁଲାଉଛନ୍ତି ବୋଲି ଆପଣଙ୍କର ପିଲାମାନେ ବୁଝିପାରିବେ ଓ ଖୁସି ହେବେ । ଆପଣଙ୍କ ପତ୍ନୀଙ୍କର ବି ଆପଣଙ୍କ ଭଳି ଅଫିସରେ କିଛି ସମସ୍ୟା ଥାଇପାରେ । ତେଣୁ ଆପଣ ଘରେ ଥିଲା ବେଳେ ତାଙ୍କ ସହିତ ଅଫିସ ବିଷୟରେ କଥା ହେବେ ନାହିଁ । ନିଜ ପରିବାର ଓ ନିଜର ବ୍ୟକ୍ତିଗତ ଜୀବନ ହିଁ ସବୁଠାରୁ ଅଧିକ ଜରୁରୀ । ନିଜ ପରିବାର ସହିତ ମିଶି ଖାଇ ପାରିଲେ ମଧ ତାହା ଅନେକ ଆନନ୍ଦ ଯୋଗାଇ ଦେବ । ଏହା ଆପଣଙ୍କର ଆତ୍ମବିଶ୍ୱାସ ତଥା ଆତ୍ମବଳ ବଢାଇ ପାରିବ । ଆମେ ଯାହା ଚାହିଁବା ତାହା ଯେ ପାଇପାରିବା ତାହା ସମ୍ଭବ ନୁହେଁ କିନ୍ତୁ ଯାହା ପାଇବା ତାହାକୁ ଆନନ୍ଦର ସହିତ ଗ୍ରହଣ କରିବା ନିହାତି ଆବଶ୍ୟକ । ଏହି ଅନୁସାରେ କାମ କରି ପାରିଲେ ନିଶ୍ଚିତ ରୂପେ ସବୁ ଅସୁବିଧା ଦୁର ହୋଇଯିବ । ଭାବୁଛି ଆପଣ ମୋ କଥାକୁ ବୁଝି ପାରିବେ ।



▼ମୋନାଲିସା ରଥଙ୍କ ହସଖୁସିର ପରିବାର

# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# କିଶୋରୀମାନଙ୍କର କର୍କଟରୋଗ



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୭୫୩୦୧୨
ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍

ଆମେ ସମସ୍ତେ ଜାଣୁ କର୍କଟରୋଗ ସାଧାରଣତଃ ବୟସ୍କା ମହିଳାମାନଙ୍କୁ ହୋଇଥାଏ କିନ୍ତୁ କିଶୋରୀ ଝିଅମାନଙ୍କର ଅଳ୍ପ ବୟସରେ ମଧ୍ୟ କର୍କଟରୋଗ ହୋଇଥାଏ । ଏତେ ଅଳ୍ପ ବୟସରେ କର୍କଟରୋଗ ହେଲେ ରୋଗୀ ଠାରୁ ଆରମ୍ଭ କରି ପରିବାରର ସମସ୍ତଙ୍କୁ ଭୟ, ଆତଙ୍କ ତଥା ନିରାଶାରେ ମ୍ରିୟମାଣ କରିଦିଏ । ଏହି ରୋଗର ଚିହ୍ନଟ ମାତ୍ରକେ ତୁରନ୍ତ ଏହାର ଚିକିତ୍ସା କରିବା ଜରୁରୀ । କୈଶୋରାବସ୍ଥା ବା ଆଡୋଲେସେନ୍ସ ହେଉଛି ଶୈଶବ ଓ ଯୌବନ ମଧ୍ୟରେ ଏକ ସୁରମ୍ୟ ସେତୁ । ଏହି ବର୍ଦ୍ଧନଶୀଳ ବୟସରେ ଶାରୀରିକ, ମାନସିକ, ଜୈବିକ ଓ ଅନ୍ତଃସ୍ରାବୀ ରସର ଅଭିବୃଦ୍ଧି ଘଟିଥାଏ । ଏଥିରେ ଗୋଟିଏ କୋମଳମତୀ ଶିଶୁକନ୍ୟା, ଏକ ଲାସ୍ୟମୟୀ କିଶୋରୀ ଓ ଏକ ଦାୟିତ୍ୱବାନ ଯୁବତୀରେ ପରିଣତ ହୋଇଯାଏ । ଏଥିରେ ଝିଅ ନିଜର ପଢ଼ାପଢ଼ି ଓ ସାମାଜିକ ଦାୟିତ୍ୱ ସହ ଏକ କଳ୍ପନା ରାଜ୍ୟରେ ବିଚରଣ କରେ, କିନ୍ତୁ ବେଳେବେଳେ ଏ ସମସ୍ତ ସୁଖମୟ ଜୀବନରେ ଯବନିକା ପଡ଼ିଯାଏ, ଯେତେବେଳେ ସେଇ କିଶୋରୀ ମାନେ, ସବୁଠାରୁ ବଡ଼ ରୋଗ କର୍କଟ ରୋଗରେ ଆକ୍ରାନ୍ତ ହୋଇପଡ଼ନ୍ତି ଏବଂ ଅନନ୍ତ ଆକାଶର ସ୍ୱପ୍ନ ରାଜ୍ୟରୁ ଖସିପଡ଼ନ୍ତି ସମୁଦ୍ରର ଅତଳ ଗହ୍ୱରକୁ ।

●ପ୍ରତିବର୍ଷ ଯୁକ୍ତରାଷ୍ଟ୍ର ଆମେରିକାରେ ୧୫-୧୯ ବର୍ଷ ମଧ୍ୟରେ ପ୍ରାୟ ୫୦୦୦ କିଶୋର ଓ କିଶୋରୀ ମାନେ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାନ୍ତି ।

●ସମସ୍ତ କର୍କଟ ରୋଗ ମଧ୍ୟରୁ ଶତକଡ଼ା ୧ ପ୍ରତିଶତ କର୍କଟ ରୋଗ ଏଇ ବୟସରେ ହୋଇଥାଏ ।


●ପ୍ରତିବର୍ଷ ୬୦୦ କିଶୋର ବା କିଶୋରୀ କର୍କଟ ରୋଗ ଯୋଗୁଁ ମୃତ୍ୟୁବରଣ କରିଥାନ୍ତି ।


●ଦୁର୍ଘଟଣା, ଆତ୍ମହତ୍ୟା ଓ ଅପମୃତ୍ୟୁ ଛଡ଼ା କର୍କଟରୋଗ ଯୋଗୁଁ ମୃତ୍ୟୁବରଣ ହେଉଛି ଏ ବୟସରେ ମୃତ୍ୟୁର ଚତୁର୍ଥ ମୁଖ୍ୟ କାରଣ ।

●ଏଇ ବୟସରେ ଯୁବକ ଓ ଯୁବତୀ ସମପରିମାଣରେ କର୍କଟ ରୋଗରେ ଆକ୍ରାନ୍ତ ହୁଅନ୍ତି, କିନ୍ତୁ ଯୁବତୀମାନେ ଯୁବକମାନଙ୍କ ଅପେକ୍ଷା ବେଶୀ ବର୍ଷ ବଂଚନ୍ତି ।

କର୍କଟ ରୋଗ ଚିହ୍ନଟ ହେବାର ୫ବର୍ଷ ପରେ ଶତକଡ଼ା ୮୦ ପ୍ରତିଶତ ଯୁବକ ବଂଚିଥିବା ବେଳେ ସେହି ସମୟ ପରେ ଶତକଡ଼ା ୮୫ ପ୍ରତିଶତ ଯୁବତୀ ବଂଚିଥାନ୍ତି । ତେବେ ଆରୋଗ୍ୟ ହେବା ପାଇଁ କେଉଁ ଅଙ୍ଗପ୍ରତ୍ୟଙ୍ଗରେ କର୍କଟ ରୋଗ ହୋଇଛି ତାହା ଜାଣିବା ଖୁବ୍ ଜରୁରୀ ।

ଯୁବାବୟସରେ କର୍କଟ ରୋଗ ହେବାର କାରଣ ଓ ରିସ୍କ ଫେକ୍ଟରସ୍- ଜୀବନଶୈଳୀ ସହ ସଂପର୍କିତ ରିସ୍କଫେକ୍ଟର୍ ମଧ୍ୟରୁ ଧୂମପାନ, ମୋଟାପଣ ବା ଅତ୍ୟଧିକ ଓଜନ ବୃଦ୍ଧି, ବାସୀଖାଦ୍ୟ, ଜଙ୍କ୍‌ଫୁଡ୍, ଅଖାଦ୍ୟ ଭୋଜନ, ବ୍ୟାୟାମର ଅଭାବ ଏବଂ ଅତ୍ୟଧିକ ମଦ୍ୟପାନ । ଏହାଛଡ଼ା ବାୟୁ ପ୍ରଦୂଷଣ, ସିଟିସ୍କାନ୍ ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କଲାବେଳେ ତେଜଷ୍କ୍ରିୟ ରଶ୍ମୀର ବିକୀରଣ ଯୋଗୁଁ ମଧ୍ୟ କର୍କଟ ରୋଗ ହୋଇଥାଏ । ଏହି ବୟସରେ ଜିନ୍ ବା ଡିନ୍ଏ ର ମ୍ୟୁଟେସନ୍ ହୋଇ କର୍କଟ ରୋଗ ହୋଇଥାଏ । ଆଉ କେତେ ଗୁଡ଼ିଏ






କର୍କଟ ରୋଗ, ବଂଶଗତ ଭାବରେ ଅଳ୍ପବୟସରେ ଦେଖା ଦେଇଥାଏ ।

ଯେଉଁ ଯୁବତୀମାନେ ଅନେକ ସମୟ ଧରି ଖରା ପୁଅନ୍ତି ବା ସିଧାସଳଖ ସୂର୍ଯ୍ୟକିରଣ ତଳେ ବସନ୍ତି (ସନ୍ ଟ୍ୟାନ୍) ସେଥିରୁ ଅଲଟ୍ରା ଭାୟୋଲେଟ୍ ରଶ୍ମି ବିକିରଣ ହୋଇ କର୍କଟ ରୋଗ ହୋଇଥାଏ । ପିଲାଦିନେ ରକ୍ତ କର୍କଟରୋଗ ପାଇଁ କେମୋଥେରାପି ବା' ରେଡିଓଥେରାପି ପାଉଥିଲେ, ଦ୍ୱିତୀୟଥର ପାଇଁ ମଧ୍ୟ କର୍କଟ ରୋଗ ହେବାର ମାତ୍ରା ଅଧିକ । ଏଚ୍.ଆଇ.ଭି. ସଂକ୍ରମଣ ଯୋଗୁଁ ନନ୍‌ହଜକିନ୍ସ ଲିମ୍ଫୋମା ହେବାର ଜଟିଳତା ଅଧିକଥାଏ ।

## ଯୁବା ବୟସରେ କେଉଁ କର୍କଟ ରୋଗ ହୁଏ

●**ଲିମ୍ଫୋମା:** ଏହା ଲିମ୍ଫନୋଡ୍, ଟନ୍ସିଲ୍ ଓ ଥାଇମସ୍ ଗ୍ଲାଣ୍ଡରେ ହୁଏ ଏବଂ ଦୁଇ ପ୍ରକାରର ହୋଇଥାଏ, ଯଥା: ହଜକିନ୍ସ ଓ ନନ୍ ହଜକିନ୍ସ ଲିମ୍ଫୋମା ।

●**ରକ୍ତ କର୍କଟ ରୋଗ (ଲିକ୍ୟୁମିଆ):** ଏହା ଶୈଶବ ଓ ଯୁବାବସ୍ଥାରେ ସବୁଠାରୁ ସାଧାରଣ କର୍କଟ ରୋଗ, ଯାହା ରକ୍ତ ଓ ଅସ୍ଥିମଜ୍ଜାରେ ହୋଇଥାଏ । ଆକ୍ୟୁଟ୍ ଲିମ୍ଫାଟିକ୍ ଲିକ୍ୟୁମିଆ ଓ ଆକ୍ୟୁଟ୍ ମାଇଲୋ ସାଇଟିକ୍ ଲିକ୍ୟୁମିଆରେ କ୍ରମାଗତ ଜ୍ୱର ହେବା ସହ, ଦୁର୍ବଳ ଲାଗିଥାଏ ଏବଂ ଓଜନ କମିଯାଏ, ତେଣୁ ଏହି ରୋଗର ଖୁବ୍ ଶୀଘ୍ର ଚିକିତ୍ସା କରିବା ଜରୁରୀ । ଏହାଛଡ଼ା ଥାଇରଏଡ୍ କ୍ୟାନ୍ସର୍ (ଗଳଗଣ୍ଡ କର୍କଟ ରୋଗ) ମସ୍ତିଷ୍କ ଓ ସୁଷୁମ୍ନାକାଣ୍ଡର ଟ୍ୟୁମର୍ ମଧ୍ୟ ଏ ବୟସରେ ହୋଇଥାଏ । ହାଡ଼ କର୍କଟ ରୋଗ (ସାର୍କୋମା), ମେଲା ନୋମା (ଚର୍ମ କର୍କଟ ରୋଗ), ଡିମ୍ବ କୋଷ କର୍କଟ ରୋଗ (ଜର୍ମ ସେଲ୍ ଟ୍ୟୁମର୍) ଏବଂ କେତେକ ସ୍ଥଳରେ ସ୍ତନ କର୍କଟ ରୋଗ ମଧ୍ୟ ସେମାନଙ୍କୁ ହୋଇଥାଏ ।

## ପ୍ରତିଷେଧକ ବ୍ୟବସ୍ଥା


ଜୀବନଶୈଳୀ ବଦଳାଇବା ପାଇଁ ଅଳ୍ପବୟସରେ ଆଦୌ ଧୂମପାନ କରିବା ଉଚିତ୍ ନୁହେଁ । ପ୍ରଖର ସୂର୍ଯ୍ୟ କିରଣ ଠାରୁ ଦୂରେଇ ରହିବା ଭଲ । ଆହୁରି ମଧ୍ୟ ଏ ବୟସରେ କିଛି ଯୌନ ସଂକ୍ରାନ୍ତୀୟ ରୋଗ ଯଥା ଏଚ୍.ଆଇ.ଭି ଏବଂ ହ୍ୟୁମାନ୍ ପାପିଲୋମା ଭୂତାଣୁ ସଂକ୍ରମଣ ଠାରୁ ଦୂରେଇ ରହିବା ଉଚିତ୍ । ଜଙ୍କଫୁଡ୍ ବା ଫାଷ୍ଟଫୁଡ୍ ନଖାଇ ସୁସ୍ଥ ଖାଦ୍ୟ, ବ୍ୟାୟାମ ତଥା ସୁସ୍ଥ ଜୀବନଶୈଳୀ ଆପଣେଇବା ଖୁବ୍ ଜରୁରୀ । ଜରାୟୁଗ୍ରୀବା କର୍କଟରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଅଳ୍ପ ବୟସର ଝିଅମାନଙ୍କୁ ପ୍ରତିଷେଧକ ଟୀକା ଦେବା ଜରୁରୀ । ସାଧାରଣତଃ ୭ରୁ ୨୫ ବର୍ଷ ମଧ୍ୟରେ ବା ସ୍ଥଳ ବିଶେଷରେ ୩୫ବର୍ଷ ବୟସ ପର୍ଯ୍ୟନ୍ତ ଏ ତିନୋଟି ଟୀକା ନେବା ଉଚିତ୍ । ୦ ସମୟରେ ପ୍ରଥମ ଟୀକା, ଏକ ମାସ ପରେ ଦ୍ୱିତୀୟ ଟୀକା ଓ ୬ ମାସ ପରେ ତୃତୀୟ ଟୀକା ନେବା ଜରୁରୀ ।

## ଯୁବା ବୟସରେ କର୍କଟ ରୋଗ ଚିହ୍ନଟରେ ବିଳମ୍ବ

ଏ ବୟସରେ ଅନେକେ ପ୍ରାୟ ସୁସ୍ଥ ସବଳ ଥା'ନ୍ତି ଏବଂ ନିଜକୁ ଫିଟ୍ ବୋଲି ଭାବନ୍ତି ମଧ୍ୟ, ତେଣୁ ସାମାନ୍ୟ ଦେହ ଖରାପ ହେଲେ ସେମାନେ ଡାକ୍ତରଙ୍କୁ ଦେଖାଇବାକୁ ଯାଆନ୍ତି ନାହିଁ । ଅତିରିକ୍ତ ଦେହ ଖରାପ ହେଲେ ହିଁ ସେମାନେ ଡାକ୍ତରଙ୍କ ପାଖକୁ ଯାଆନ୍ତି । କିଶୋରୀ ମାନେ ପ୍ରଥମେ ପାଠପଢ଼ା, ନିଜ ହବି, ସାଙ୍ଗସାଥୀ ବା ପାର୍ଟି, ପିକ୍‌ନିକ୍ ଓ ଏଣ୍ଟରଟେନ୍‌ମେଣ୍ଟକୁ ଗୁରୁତ୍ୱ ଦିଅନ୍ତି ଏବଂ ପରେ ସ୍ୱାସ୍ଥ୍ୟକୁ ଦେଖନ୍ତି, ଫଳରେ ଡାକ୍ତରଙ୍କୁ ଦେଖାଇବା ଗୌଣ ହୋଇପଡ଼େ । ଡାକ୍ତରଙ୍କୁ ଦେଖାଇଲେ ମଧ୍ୟ ଏ ବୟସରେ କର୍କଟ ରୋଗ କମ୍ ହେଉଥିବାରୁ ଚିହ୍ନଟ ହେବାରେ ଡେରି ହୋଇଯାଏ । ତେଣୁ ଯେକୌଣସି ବୟସରେ କର୍କଟ ରୋଗର ପ୍ରାଥମିକ ଲକ୍ଷଣକୁ ଅନୁଧ୍ୟାନ କରିବା ଉଚିତ୍, ତେବେ ଯେଉଁ ମାନଙ୍କର ପରିବାରରେ ଆଗରୁ କର୍କଟରୋଗ ଦେଖା ଦେଇଥାଏ ସେମାନେ ସତର୍କ ହେବା ନିହାତି ଜରୁରୀ ।

## ଅଳ୍ପ ବୟସରେ କର୍କଟରୋଗର କିଛି ଲକ୍ଷଣ

ଏଇ ବୟସରେ ସମସ୍ତେ ନିମ୍ନଲିଖିତ ସାଧାରଣ ଲକ୍ଷଣଗୁଡ଼ିକ ଜାଣିବା ଉଚିତ୍, ଯଥା: ବେକରେ ବା ପେଟରେ ଫୁଲା, ଅତିରିକ୍ତ ଦୁର୍ବଳ ବା କ୍ଳାନ୍ତ ଲାଗିବା, ଦେହର ଚାରିଆଡ଼େ ମନକୁ ମନ ଫାଟି ରକ୍ତ ବୋହିବା, ଦେହର କୌଣସି ସ୍ଥାନରେ କଷ୍ଟ ହେବା, ଆଖିର ଦୃଷ୍ଟିଶକ୍ତିରେ ପରିବର୍ତ୍ତନ, ଅତିରିକ୍ତ




ଓଜନ କମିଯିବା, ଭୋକ ନ ଲାଗିବା, ଚର୍ମରେ ନୂଆ ତିଳ ବା' ଭାତୁଡି ହେବା କିମ୍ବା ଆଗରୁ ଥିବା ତିଳ ଚିହ୍ନ ବଢ଼ିଯିବା ଇତ୍ୟାଦି । ସ୍ତନରେ ଆବୁ ବା' ଅର୍ବୁଦ ହେବା ଏବଂ ପେଟ ଫୁଲି ସେଥିରେ ଅତିରିକ୍ତ ଯନ୍ତ୍ରଣା ହେବା ଇତ୍ୟାଦି ।

## ଚିକିତ୍ସା

କର୍କଟ ରୋଗର ଚିହ୍ନଟ ହେବା ସଙ୍ଗେ ସଙ୍ଗେ ହିଁ ଡାକ୍ତରଙ୍କ ପରାମର୍ଶ ସହ ଔଷଧ ସେବନ, ଅସ୍ତ୍ରୋପଚାର, କେମୋଥେରାପି, ରେଡ଼ିଓ ଥେରାପି, ଇମ୍ୟୁନୋ ଥେରାପି, ଷ୍ଟେମ୍‌ସେଲ୍ ଇମ୍ପ୍ଲାଣ୍ଟ ଚିକିତ୍ସା ସହ ସୁଷମ ଖାଦ୍ୟ ଖୁବ୍ ଜରୁରୀ । ଏହାଛଡ଼ା କିଶୋରୀମାନେ ତୁରନ୍ତ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ସହ ପରାମର୍ଶ କରିନେବା ଉଚିତ୍ । ଯୁବା ବୟସରେ କର୍କଟ ରୋଗ କେବଳ ଏକ ଗୁରୁତ୍ୱର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ଏହା ଏକାଧାରରେ ଏକ ପାରିବାରିକ, ଅର୍ଥନୈତିକ, ମାନସିକ ତଥା ସାମାଜିକ ସମସ୍ୟା । ତେଣୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ ଓ ଚିକିତ୍ସା ପାଇଁ ସମସ୍ତେ ଆଗେଇ ଆସିବା ଜରୁରୀ ।


ରୋଷେଇଶାଳି-୧
ଓଡ଼ିଆ ଘରର ବ୍ୟଞ୍ଜନ

# ରୋନାଲିସାଙ୍କ ରୋଷେଇ




**ରୋନାଲିସା ପଣ୍ଡା**

ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧

ଫୋନ: ୭୦୦୮୪୮୬୬୩୮


ଫଟୋ ସୌଜନ୍ୟ : ଲେଖିକା

## ହେଲ୍‌ଦି ପାସ୍ତା



**ଆବଶ୍ୟକ ସାମଗ୍ରୀ :** ପାସ୍ତା ୨୦୦ଗ୍ରାମ୍, କଟା ଗାଜର, ମଟରଛୁଇଁ, ବିନ୍, ବର୍ନ, କ୍ୟାପ୍‌ସିକମ୍, ପିଆଜ ଯଥାକ୍ରମେ ୨୦୦ଗ୍ରାମ, ବଟର୍ ୨୫ ଗ୍ରାମ, ଅଟା ୪ ଚାମଚ, ଲୁଣ, ଗୋଲମରିଚ ଗୁଣ୍ଡ, ଓରେଗନୋ ପାଉଡ଼ର ସ୍ୱାଦ ଅନୁସାରେ, କ୍ଷୀର-୧୫୦ମିଲି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାସ୍ତାକୁ ପାଣିରେ ସିଝାଇ ଦିଅନ୍ତୁ । ଏଥିରେ ଟିକେ ଲୁଣ ଓ ତେଲ ପକେଇଲେ ଭଲ । ପାସ୍ତା ସିଝିଗଲେ ତାକୁ ଥଣ୍ଡା ପାଣିରେ ଧୋଇ ଛାଣି ରଖନ୍ତୁ । ପିଆଜ ଓ ସିମଳା ଲଙ୍କାକୁ ଛାଡ଼ି ଅନ୍ୟ ପରିବା ସବୁକୁ ଟିକେ ଲୁଣ ଦେଇ ଦରସିଝା କରିଦିଅନ୍ତୁ । ଗୋଟେ ନନ୍‌ଷ୍ଟିକ୍ ପ୍ୟାନ୍ ଗ୍ୟାସ୍‌ରେ ବସେଇ ବଟର୍ ପକାନ୍ତୁ । ଏବେ ଅଟାକୁ ପକାଇ ଭାଜନ୍ତୁ । ଏହାପରେ କ୍ଷୀର ଅଳ୍ପ ଅଳ୍ପ ଦେଇ ତାକୁ ଘାଣ୍ଟନ୍ତୁ ଗ୍ୟାସ୍ ସିମ୍‌ରେ ହିଁ ରଖନ୍ତୁ ଓ ଲୁଣ, ଗୋଲମରିଚ ଗୁଣ୍ଡ ଓ ଓରେଗାନୋ ଦିଅନ୍ତୁ । ଏହାପରେ ଏଥିରେ ସିଝା ପାସ୍ତା ଓ ପରିବା ପକାଇ ଘୋଡ଼ାଇ ଦିଅନ୍ତୁ । ଅନ୍ୟ ଏକ କରେଇରେ ଟିକେ ବଟର୍ ପକାଇ ସେଥିରେ ପିଆଜ ଓ ସିମଳା ଲଙ୍କା ପକାଇ ଭାଜନ୍ତୁ ଓ ତାକୁ ପାସ୍ତାରେ ପକାଇ ଗରମ ଗରମ ପରଷନ୍ତୁ ।

## ଗାଜର ହାଲୁଆ



**ଆବଶ୍ୟକ ସାମଗ୍ରୀ :** ଗାଜର୍ ୫୦୦ ଗ୍ରାମ୍, ଚିନି ୧ କପ୍, ଅଳେଇଚ ଗୁଣ୍ଡ ୧ ଚାମଚ୍, କାଜୁ କିସ୍‌ମିସ୍ ୧କପ୍, ଘିଅ ୫ ଚାମଚ୍, ଲୁଣ ୧ଚାମଚ୍, ୨ କପ୍ କ୍ଷୀର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗାଜର୍‌କୁ ଭଲ ଭାବରେ ଧୋଇ ପୋଛି ତାକୁ କଦୁକଶ୍‌ରେ କୋରି ଦିଅନ୍ତୁ । ଗୋଟେ ପ୍ରେସର୍ କୁକର୍‌ରେ ଗାଜର୍ କୋରା ଓ ଲୁଣ ଦେଇ ୫ ମିନିଟ୍ ପାଇଁ ଗ୍ୟାସ୍ ଚୁଲାରେ ବସାନ୍ତୁ । ଅନ୍ୟ ଏକ କରେଇରେ ଘିଅ ପକେଇ ଗ୍ୟାସ୍ ଚୁଲାରେ ବସାନ୍ତୁ । ସେଥିରେ ସିଝା ଗାଜର ପକାଇ ଭାଜନ୍ତୁ । ସେଥିରେ ଚିନି ଅଳେଇଚ ଗୁଣ୍ଡ ପକାନ୍ତୁ । ପାଣି ମରିଗଲେ ସେଥିରେ ୨ କପ୍ ସିଝା କ୍ଷୀର ପକାଇ ପୁଣି ଶୁଖିବା ଯାଏଁ ଭାଜନ୍ତୁ କାଜୁ କିସ୍‌ମିସ୍ ହାଲୁଆରେ ପକାନ୍ତୁ । ଗରମ୍ ଗରମ୍ ସର୍ଭ କରନ୍ତୁ ଗାଜର୍ ହାଲୁଆ ।

## ପନିର୍ ମଞ୍ଚୁରିଆନ୍

**ଆବଶ୍ୟକ ସାମଗ୍ରୀ :** ପନିର୍ ୨୦୦ଗ୍ରାମ, କଟା ପିଆଜ ୧କପ୍, କଟା ଅଦା ରସୁଣ ୧/୨କପ୍, ଟମାଟୋ ସସ୍, ଚିଲି ସସ୍, ସୋୟା ଶସ୍ ଯଥାକ୍ରମେ ୨ ଚାମଚ୍ ଲେଖାଏଁ । କର୍ନଫ୍ଲୋର୍ ପାଉଡ଼ର୍ ୫୦ଗ୍ରାମ୍ । ତେଲ ୧୦୦ ଗ୍ରାମ, ଲୁଣ ସ୍ୱାଦ ଅନୁସାରେ । ଅଦା-ରସୁଣ ବଟା ୧ ଚାମଚ୍ । ଗୋଲମରିଚ ଗୁଣ୍ଡ ୧ ଚାମଚ୍ ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିର୍‌କୁ କ୍ୟୁବ୍ ସାଇଜ୍‌ରେ କାଟି ଦିଅନ୍ତୁ । ଲୁଣ ୪ ଚାମଚ୍ କର୍ନଫ୍ଲୋର୍, ଗୋଲ୍ ମରିଚ ଗୁଣ୍ଡ ଓ ଅଦା ରସୁଣ ବଟା ଦେଇ ମାରିନେଟ୍ କରି ୧୫ ମିନିଟ୍ ରଖନ୍ତୁ । ଅଳ୍ପ ତେଲ ଗରମ କରି ସେଥିରେ ପନିର୍ ପକାଇ ଭାଜନ୍ତୁ । ଗୋଟେ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରି ସେଥିରେ କଟା ପିଆଜ, କଟା ରସୁଣ ଦେଇ ଭାଜନ୍ତୁ, ସେଥିରେ ୨ କପ୍ ପାଣି ପକାନ୍ତୁ । ପାଣି ଫୁଟିଲେ ସେଥିରେ ସବୁ ସସ୍ ପକାନ୍ତୁ । ଗୋଲମରିଚ ଗୁଣ୍ଡ ଓ ଲୁଣ ପକାନ୍ତୁ । ଏହାପରେ ପନିର୍ ପକାଇ ଆଞ୍ଚ କମ କରି ଦିଅନ୍ତୁ । କର୍ନଫ୍ଲୋର୍‌କୁ ଅଳ୍ପ ପାଣି ମିଶାଇ ସେଇ ପ୍ୟାନ୍‌ରେ ପକାନ୍ତୁ । ଶୀତ ସନ୍ଧ୍ୟାରେ ଗରମାଗରମ୍ ଖାଆନ୍ତୁ ।

## ଖଟାମିଠା ସୁପ୍

**ଆବଶ୍ୟକ ସାମଗ୍ରୀ :** ମକାମଞ୍ଜି ଅଧକପ୍, କଟା ଅଦା ରସୁଣ ୧/୨ଚାମଚ, କ୍ୟାପସିକମ କଟା, ପିଆଜ କଟା ୧/୨କପ୍, ସୋୟା ଶସ୍, ଚିଲି ଶସ୍, ଟମାଟୋ ଶସ୍ ୪ ଚାମଚ୍ ।

**ପ୍ରସ୍ତୁତି ପ୍ରଣାଳୀ:** ଗୋଟେ ପ୍ୟାନ୍‌ରେ ବଟର୍ ପକାନ୍ତୁ ଓ କଟା ପିଆଜ, ଅଦା ରସୁଣ ପକାନ୍ତୁ । ସେଥିରେ କ୍ୟାପ୍‌ସିକମ୍ କଟା ପକାଇ ୨ କପ୍ ପାଣି ପକାନ୍ତୁ । ସେଥିରେ ମକ୍କା ମଞ୍ଜି ଓ ସବୁ ସସ୍ ପକାନ୍ତୁ । ପାଣି ଫୁଟିଗଲେ ଚିନି, ଲୁଣ ଓ ଗୋଲମରିଚ ଗୁଣ୍ଡ ପକାଇ ଭଲ ଭାବରେ ଫୁଟାଇ ଦିଅନ୍ତୁ । ଆଞ୍ଚ ପୁରା କମ୍ କରନ୍ତୁ । ଅନ୍ୟ ଏକ ପାତ୍ରରେ କର୍ନଫ୍ଲୋର୍ ଗୁଣ୍ଡ ଓ ପାଣି ମିଶାଇ ଫୁଟୁଥିବା ପାଣିରେ ପକାନ୍ତୁ । ଶେଷରେ ଲେମ୍ବୁ ରସ ଓ ଧନିଆ ପତ୍ର ପକାଇ ଗରମ ଗରମ ପରଷନ୍ତୁ ।



# ମନଲୋଭା ବ୍ୟଞ୍ଜନ



# ଦୁଇଟି ସ୍ପେଶାଲ୍ ଖାଦ୍ୟ



**ସାଗରିକା ପାଣିଗ୍ରାହୀ**
ମାର୍ଫତ: ଶରତ ଚନ୍ଦ୍ର ପାଣିଗ୍ରାହୀ, ଜୟପୁର କିଲ୍ଲା,
ଡେଲ୍ଟା ଗଳି, ପିପିଲି, ପୁରୀ-୭୫୨୧୦୪
ଫୋନ: ୮୯୮୪୧୫୨୦୩୦

ଫଟୋ ସୌଜନ୍ୟ : ଲେଖିକା

## ମାଟିହାଣ୍ଡି ଆଚାରି ଚିକେନ୍



**ଆବଶ୍ୟକ ସାମଗ୍ରୀ :** ୫୦୦ ଗ୍ରାମ ଚିକେନ୍, ୪ଟି ବଡ଼ କଟା ପିଆଜ, ଦହି ୨୦୦ଗ୍ରାମ, ୪ଟି ଟମଟୋର ପ୍ୟୁରି, ଆବଶ୍ୟକ ଅନୁଯାୟୀ ଲୁଣ, ହଳଦୀ ଓ ଲଙ୍କାଗୁଣ୍ଡ, ଗରମ ମସଲା, ଚିକେନ୍ ମସଲା, ୨ ଚାମଚ ଲେମ୍ବୁରସ, ଅଦାରସୁଣ ବଟା, ଶୁଖିଲା ଲଙ୍କା, କଟା ଧଣିଆପତ୍ର, ଗୋଟା ଧଣିଆପତ୍ର, ଗୋଲମରିଚ, ଜିରା ଓ ଡାଲଚିନିକୁ ଗ୍ରାଇଡିଙ୍ଗ୍ କରି ମସଲା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନ୍‌କୁ ଭଲଭାବରେ ଧୋଇ ରଖି ଦିଅନ୍ତୁ । ଗୋଟେ ପ୍ୟାନ୍‌ରେ ଗୋଟା ଧଣିଆ, ଗୋଲମରିଚ, ଜିରା ଓ ଡାଲ୍‌ଚିନିକୁ ଭାଜି ଦିଅନ୍ତୁ । ଥଣ୍ଡା ହେଲା ପରେ ସବୁକୁ ଗ୍ରାଇଡିଙ୍ଗ୍ କରି ଏକ ଶୁଖିଲା ଆଚାରି ମସଲା ପ୍ରସ୍ତୁତ କରନ୍ତୁ । ତାପରେ ଚିକେନ୍‌ରେ ୨୦୦ଗ୍ରାମ ଦହି, ଆବଶ୍ୟକ ମୁତାବକ ଲୁଣ, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ୨ ଚାମଚ ଅଦା ରସୁଣ ବଟା ଏବଂ ଗ୍ରାଇଣ୍ଡିଙ୍ଗ୍ ହୋଇଥିବା ଆଚାରି ମସଲାରୁ ଦୁଇ ଚାମଚ ମିଶାଇ ଗୋଳେଇକି ଘୋଡ଼ାଇ ଅଧଘଣ୍ଟା ପାଇଁ ରଖି ଦିଅନ୍ତୁ । ୪ଟି ବଡ଼ ପିଆଜ ଏବଂ ୪ଟି ଟମାଟୋକୁ କାଟି ଦିଅନ୍ତୁ । କଟା ଟମାଟୋର ଏକ ପ୍ୟୁରି ପ୍ରସ୍ତୁତ କରନ୍ତୁ । ମାଟି ହାଣ୍ଡିରେ ୨୦୦ ଗ୍ରାମ ସୋରିଷ ତେଲ ଗରମ କରନ୍ତୁ । ସେଥିରେ ଜିରା, ଗୋଟା ମସଲା ପକାଇ ଦିଅନ୍ତୁ, ଏବଂ ପିଆଜକୁ ଭାଜନ୍ତୁ । ପିଆଜ ଅଳ୍ପ ଭାଜି ହୋଇଗଲା ପରେ ସେଥିରେ ୨ ଚାମଚ ଅଦା ରସୁଣ ବଟା ପକାନ୍ତୁ ଏବଂ ଟମାଟୋର ପ୍ୟୁରି ପକାଇ ଭଲରେ ମସଲାକୁ କଷି ଦିଅନ୍ତୁ । ତାପରେ ଚିକେନ୍‌କୁ ପକାଇ ଦିଅନ୍ତୁ । ସେଥିରେ ଚିକେନ୍ ମସଲା, ଆବଶ୍ୟକ ଅନୁଯାୟୀ ଲୁଣ ପକାଇ କଷି ଦିଅନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ପକାଇ ଘୋଡ଼ାଇ ଦିଅନ୍ତୁ ୨୦ମିନିଟ୍ ପାଇଁ । ତାପରେ ସେଥିରେ ଗରମ ମସଲା ପକାନ୍ତୁ, କଟା ଧଣିଆପତ୍ର, ୨ ଚାମୁଚ୍ ଲେମ୍ବୁରସ ଏବଂ ପୂର୍ବରୁ ପ୍ରସ୍ତୁତ ଆଚାରି ମସଲାରୁ ୨ ଚାମୁଚ୍ ପକାଇ ଦିଅନ୍ତୁ । ଚିକେନ୍‌କୁ ଆଉ ୧୦ ମିନିଟ ଘୋଡ଼ାଇ ରୋଷେଇ କରନ୍ତୁ । ତାପରେ ସେଥିରେ ଫୁଟଣ, ଭୃଷଙ୍ଗ ପତ୍ର, ଶୁଖିଲା ଲଙ୍କା ଛୁଙ୍କ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆମର ସ୍ୱାଦିଷ୍ଟ ମାଟିହାଣ୍ଡି ଆଚାରୀ ଚିକେନ୍ । ଆପଣ ଚାହିଁଲେ ଆଳୁ ମଧ୍ୟ ପକାଇ ପାରିବେ ।

## ପତ୍ରପୋଡ଼ା ଚିକେନ୍



**ଆବଶ୍ୟକ ସାମଗ୍ରୀ :** ୫୦୦ ଗ୍ରାମ ଚିକେନ୍, ଚାରି ଚାମୁଚ ସୋରିଷ, ଜିରା ଓ ଶୁଖିଲା ଲଙ୍କା ବଟା, ଦୁଇଟି କଟା ପିଆଜ, ଦୁଇଟି କଟା ରସୁଣ, ଦୁଇଟି କଟା କଞ୍ଚା ଟମାଟୋ, ଲୁଣ, ହଳଦୀ, ଲଙ୍କାଗୁଣ୍ଡ, ସୋରିଷ ତେଲ, କଟା କଞ୍ଚାଲଙ୍କା, କଟା ଧଣିଆ ପତ୍ର, ଲେମ୍ବୁରସ ।

**ପ୍ରସ୍ତୁତି ପ୍ରଣାଳୀ:** ଚିକେନ୍‌କୁ ଭଲ ଭାବରେ ଧୋଇ ରଖି ଦିଅନ୍ତୁ । ସୋରିଷ, ଜିରା ଓ ଶୁଖିଲା ଲଙ୍କାକୁ ବାଟି ସେଥିରେ ମିଶାଇ ଦିଅନ୍ତୁ । ସେଥିରେ ହଳଦୀଗୁଣ୍ଡ, ଆବଶ୍ୟକ ଅନୁସାରେ ଲୁଣ, ଆବଶ୍ୟକ ଅନୁସାରେ ଲଙ୍କାଗୁଣ୍ଡ, କଟା ରସୁଣ, କଟା ପିଆଜ, କଟା ଟମାଟର, କଟା ଲଙ୍କା, କଟା ଧଣିଆପତ୍ର, ଚାରି ଚାମଚ ସୋରିଷ ତେଲ ମିଶାଇ ଦିଅନ୍ତୁ । ଆବଶ୍ୟକ ଅନୁଯାୟୀ ଲେମ୍ବୁ ରସ ମିଶାନ୍ତୁ । ତାପରେ ସବୁକୁ ଗୋଳାଇ ଦିଅନ୍ତୁ । ଗୋଟିଏ କଦଳୀ ପତ୍ର ନିଅନ୍ତୁ, କଦଳୀ ପତ୍ରରେ ସୋରିଷ ତେଲ ଲଗାଇ ତାକୁ ଗ୍ୟାସରେ ଅଳ୍ପ ସେକି ଦିଅନ୍ତୁ । ଏମିତି କଲେ କଦଳୀ ପତ୍ର ଆଉ ଫାଟିବନି । କଦଳୀ ପତ୍ରରେ ଗୋଳା ଯାଇଥିବା ଚିକେନକୁ ରଖି ତାକୁ ମୋଡ଼ିକି ସୂତାରେ ଗୁଡ଼ାଇ ଗୁଡ଼ାଇ ବାନ୍ଧି ଦିଅନ୍ତୁ । ପ୍ୟାନ୍‌ରେ ଅଳ୍ପ ସୋରିଷ ତେଲ ନିଅନ୍ତୁ । ମିଡ଼ିୟମ ଫ୍ଲେମ୍‌ରେ ଗ୍ୟାସ୍ ଲଗାଇ ତେଲକୁ ଗରମ ହେବାକୁ ଦିଅନ୍ତୁ । ସେଥିରେ କଦଳୀପତ୍ର ପୁଡ଼ିଆକୁ ରଖି ଘୋଡ଼ାଇ ଦିଅନ୍ତୁ ୧୫ ମିନିଟ୍ ପାଇଁ । ୧୫ ମିନିଟ୍ ପରେ ତାଙ୍କୁଣି ଉଠେଇକି କଦଳୀ ପତ୍ର ପୁଡ଼ିଆକୁ ଓଲଟାଇ ଦେଇ ପୁଣି ଘୋଡ଼ାଇ ଦିଅନ୍ତୁ ୧୫ ମିନିଟ ପାଇଁ । ତାପରେ ତାକୁ ପ୍ଲେଟ୍‌ରେ ଆଣି ଥଣ୍ଡା କରନ୍ତୁ । ଏବେ ପ୍ରସ୍ତୁତ ଆପଣଙ୍କ ପତ୍ରପୋଡ଼ା ଚିକେନ୍ ।

# ରିସାଇକିଲ୍ ଫ୍ୟାଶନ୍



# ନୂଆପିଢିଙ୍କ ଷ୍ଟାଇଲ୍




**ସ୍ନିଗ୍ଧା ତ୍ରିପାଠୀ**
ବିଶ୍ରାନ୍ତଓ୍ୱାଡ଼ି, ପୁନେ, ମହାରାଷ୍ଟ୍ର
ଫୋନ : ୯୩୦୯୧୧୯୬୨୫


ଫଟୋ ସୌଜନ୍ୟ : ଲେଖିକା



ବର୍ତ୍ତମାନ ଫ୍ୟାଶନ୍ ପ୍ରିୟ ସମସ୍ତେ । ନୂଆ ନୂଆ ପୋଷାକ କିଣିବା ଏବଂ ନୂଅ ଷ୍ଟାଇଲ୍‌କୁ ଆପଣାଇବାରେ ବ୍ୟସ୍ତ ଆମ ନୂଆପିଢି । ତେବେ ଥରେ ଦୁଇଥର ପିନ୍ଧିଲା ପରେ ଯେତେବେଳେ ଫ୍ୟାଶନ୍‌ରେ ପରିବର୍ତ୍ତନ ଆସେ ସେଇ ପୋଷାକ ଆଉ ପିନ୍ଧିବାକୁ ଭଲ ଲାଗିନଥାଏ । ହେଲେ ସେଇ ପୋଷାକକୁ ମଧ୍ୟ ଛାଡ଼ି ହୋଇନଥାଏ । ତେବେ ଏପରି ସ୍ଥଳେ 'ରିସାଇକିଲ୍' ନାମକ ଏକ ଷ୍ଟାଇଲ୍ ଫ୍ୟାଶନ୍ ଜଗତକୁ ହାଲ୍ ରେ ପ୍ରବେଶ କରିଛି । ଏଥିରେ ରିସାଇକିଲ୍ ମାଧ୍ୟମରେ ନିଜର ସାଧାସିଧା ପୋଷାକକୁ ଏକ ଭିନ୍ନ ଓ ନୂଆ ଲୁକ୍ ଦେଇ ହୁଏ । ଏଣୁ ପ୍ରଚଳିତ ଟ୍ରେଣ୍ଡ୍‌କୁ ଅପ୍‌ଡେଟ୍ କରିହେବ ଏହା ଦ୍ୱାରା । ତେବେ ଆଉ ଡେରି କାହିଁକି, ଆସନ୍ତୁ ଜାଣିବା ରିସାଇକିଲ୍ ଫ୍ୟାଶନ୍ ବିଷୟରେ ।

**ରିସାଇକିଲ୍ ଫ୍ୟାଶନ୍ କ'ଣ :** ଯଦି ଆପଣ ଗୋଟିଏ ପ୍ରକାରର ପୋଷାକ ପିନ୍ଧି ବୋର୍ ହେଲେଣି, ତେବେ ଚାଲିଥିବା ଟ୍ରେଣ୍ଡ୍‌କୁ ଅପ୍‌ଡେଟ୍ କରି ଫ୍ୟାଶନ୍‌ର ପରିଧିକୁ ବୃଦ୍ଧି କରି ପାରିବେ । ନିଜକୁ ଅପ୍‌ଡେଟ୍ କରିବାକୁ ଚାହୁଁଛନ୍ତି ଯଦି ତେବେ ସେହି ପୁରୁଣା ପୋଷାକକୁ ନୂଆ ଲୁକ୍ ଦେଇ ପାରିବେ । ଅର୍ଥାତ୍ ନିଜର ପୁରୁଣା ଜିନ୍ସ୍‌କୁ କାଟି ଆପଣ ସେହି ଜିନ୍ସ୍‌ରେ ଜ୍ୟାକେଟ୍, ଡଙ୍ଗାରିଜ୍ କିମ୍ବା ଫ୍ରକ୍ ମଧ୍ୟ କରି ଟ୍ରେଣ୍ଡ୍‌କୁ ଅପ୍‌ଡେଟ୍ କରିପାରିବେ । ଏହାକୁ ରିସାଇକିଲ୍ ଫ୍ୟାଶନ୍ କୁହାଯାଉଛି ।

**ଟି-ଶାର୍ଟକୁ ଦିଅନ୍ତୁ ନୂଆ ଲୁକ୍ :** ଯଦି ଆପଣଙ୍କ ପାଖେ ପ୍ଲେନ୍ ଟି-ଶାର୍ଟ ଅଛି ଏବଂ ଆପଣ ପିନ୍ଧି ପିନ୍ଧି ବୋର୍ ହୋଇଗଲେଣି, ତେବେ ଏହି ଟି-ଶାର୍ଟ ଉପରେ ଆପଣ ଆପଣଙ୍କ ପସନ୍ଦର ଲଗୋ ଲଗାଇ ପାରିବେ । କିମ୍ବା ଏହାର ହାତ କିମ୍ବା ବେକ ସ୍ଥାନକୁ କାଟି ଭିନ୍ନ ଶେପ୍ ଦେଇ ଏଥିରେ ଛୋଟ ଛୋଟ ଫ୍ଲାଓ୍ୱାର୍ ଲଗାଇ ସମ୍ପୂର୍ଣ୍ଣ ଲୁକ୍ ପରିବର୍ତ୍ତନ କରି ପାରିବେ ।

**ଲଙ୍ଗ୍ ଟି-ସର୍ଟରେ ସ୍କର୍ଟ୍ :** ଆଜ୍ଞା ହଁ ଯଦି ଆପଣ ଟି-ଶାର୍ଟ ପିନ୍ଧି ବୋର୍ ହୋଇ ଗଲେଣି, ତେବେ ଏହାକୁ କାଟି ସ୍କର୍ଟ୍ କରି ପାରିବେ । ବିଶ୍ୱାସ କରନ୍ତୁ ଆପଣଙ୍କ ଛଡ଼ା ଆଉ କେହି ବି ଜାଣି ପାରିବେ ନାହିଁ ଯେ ଏହା ରିସାଇକିଲ୍ ସ୍କର୍ଟ୍ ବୋଲି ।

**ପୁରୁଣା ଲେଗିନ୍ସ୍‌ରେ କରନ୍ତୁ ସ୍ରଗ୍ କିମ୍ବା କ୍ରପ୍ ଟପ୍ :** ଆପଣଙ୍କ ପାଖେ ପୁରୁଣା ଲେଗିନ୍ସ୍ ଥିଲେ ତାହାକୁ ଆପଣ ଅନ୍ୟ ଉପାୟରେ ବ୍ୟବହାର କରି ପାରିବେ । ଏଥିରେ ଆପଣ ସ୍ରଗ୍ କିମ୍ବା କ୍ରପ୍ ଟପ୍ କରି ନୂଆ ଲୁକ୍ ଦେଇ ପାରିବେ । ଲେଗିନ୍ସ୍‌ର ସିଟ୍ ପାଖକୁ ରାଉଣ୍ଡ୍ ଶେପ୍‌ରେ କାଟି ତାକୁ ନେକ୍ କରି ଦୁଇ ଗୋଡ଼କୁ ଟିକେ ସର୍ଟ କରି କାଟି ହାତ କରି ପାରିବେ । ଏହାପରେ କ୍ରପ୍ ଟପ୍ ହେଲା ପରେ ଏହାକୁ ଯେକୌଣସି ଜିନ୍ସ୍ କିମ୍ବା ସ୍କର୍ଟ୍ ସହ ପିନ୍ଧି ପାରିବେ ।

**ଶାଢ଼ିକୁ କରନ୍ତୁ ଗାଉନ୍ :** ଯଦି ଆପଣଙ୍କ ପାଖରେ ବର୍ଡ଼ର୍ ଏବଂ ହେଭିଓ୍ୱାର୍କ ର ଶାଢ଼ି ଅଛି, ତେବେ ତାହାକୁ ରିସାଇକିଲ୍ କରି ଗାଉନ୍ କରି ପାରିବେ । ଏହା ଜଣା ମଧ୍ୟ ପଡ଼ିବନି ଶାଢ଼ିରେ କରିଛନ୍ତି କି ମାର୍କେଟ୍‌ରୁ କିଣିଛନ୍ତି ।

**ଜିନ୍ସ୍‌କୁ ଦିଅନ୍ତୁ ଟ୍ରେଣ୍ଡି ଲୁକ୍ :** ଜିନ୍ସ୍‌ର ବ୍ୟବହାର ବହୁଳ କିନ୍ତୁ ସେହି ସମାନ ଜିନ୍ସ୍ ପିନ୍ଧି ପିନ୍ଧି ଯଦି କିଛି ନୂଆ ପିନ୍ଧିବାକୁ ଚାହୁଁଥାନ୍ତି ତେବେ ଡେରି କାହିଁକି ସେଥିରେ ଆପଣ ଫ୍ରକ୍, ଡଙ୍ଗାରିଜ୍, ଟପ୍, ସ୍କର୍ଟ୍ କରି ମଧ୍ୟ ଷ୍ଟାଇଲ୍‌ରେ ପରିବର୍ତ୍ତନ କରିପାରିବେ । ଏପରିକି ଜିନ୍ସ୍‌ରେ ନିଜର ପସନ୍ଦଯୋଗ୍ୟ ବ୍ୟାଗ୍ କିମ୍ବା ସ୍ଲିଙ୍ଗ୍ ବ୍ୟାଗ୍ କରି ନିଜେ ବ୍ୟବହାର କରିପାରିବେ । ସର୍ଟ୍ସ୍‌ରେ ଧଳାର ଲେସ୍ ବ୍ୟବହାର କରି ମଧ୍ୟ ନିଜକୁ ଭିନ୍ନ ଭାବେ ଗଢ଼ି ତୋଳି ପାରିବେ ।









## ଆମ ଡିଜାଇନର୍ କୁହନ୍ତି

ଆଜିକାଲି ରିସାଇକିଲ୍ ଟ୍ରେଣ୍ଡ୍ ଅଧିକ ଚାଲିଛି । କମ୍ ପଇସାରେ ନୂଆ ଲୁକ୍ । ପୁରୁଣା କପଡ଼ା ପିନ୍ଧି ବୋର୍ ହେଲେ ତାକୁ ନ ଫୋପାଡ଼ି ସେଥିରେ ନୂଆ ଟ୍ରେଣ୍ଡି ଲୁକ୍ ମିଳି ପାରୁଛି । ଅନାର୍‌କଲି ଡ୍ରେସ୍‌ରେ ସ୍କର୍ଟ୍ ଟପ୍ ହୋଇପାରୁଛି ତ ଜିନ୍ସ୍‌ରେ ଗାଉନ୍ ହେଉ କିମ୍ବା ସ୍କର୍ଟ୍ ହେଉ ଅବା ଫ୍ରକ୍ । ଲେଗିନ୍ସ୍‌ରେ ସ୍ରଗ୍ କିମ୍ବା କ୍ରପ୍ ଟପ୍ ତ କୁର୍ତ୍ତିରେ ଓପନ୍ ଜ୍ୟାକେଟ୍ । ଏସବୁ ପୋଷାକ ରିସାଇକିଲ୍ ହୋଇ ଫ୍ୟାଶନ୍ ପ୍ରେମୀଙ୍କ ମନ କିଣିଛି । ଏହାକୁ ଅନେକେ ପସନ୍ଦ ମଧ୍ୟ କରୁଛନ୍ତି । କମ୍ ଖର୍ଚ୍ଚରେ ହେଉଥିବାରୁ ଏହାର ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି । ଡ୍ରେସ୍ ମଧ୍ୟ ବୋର୍ ଲାଗୁ ନାହିଁ ।

**ମାଧବୀ ରବି ଧୁମ୍‌ନେ,** ଡିଜାଇନର୍, ପୁନେ

ଫିଟ୍‌ନେସ୍

# ସୁଷମ ଶରୀରର ସୂତ୍ର



# ମେଦ ବହୁଳତା:
## କାରଣ, ପରିଣାମ ଓ ନିରାକରଣ




**ରିନୀତା ପଟ୍ଟନାୟକ**
ମସ୍କ୍ୟୁଲାର୍ ଜିମ୍, ଅନୁଗୋଳ
ଫୋନ: ୮୯୦୮୧୫୯୨୩୪


ଫଟୋ ସୌଜନ୍ୟ : ଲେଖିକା

**ସ୍ୱାସ୍ଥ୍ୟ ହିଁ ସମ୍ପଦ । ଏକଥା ଆମେ ସମସ୍ତେ ଜାଣୁ । କିନ୍ତୁ ସ୍ୱାସ୍ଥ୍ୟ ଅପେକ୍ଷା ଆମେ ସମ୍ପଦକୁ ଅଧିକ ମହତ୍ୱ ଦେଉଛୁ ଏବେ । ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଓ ମହତ୍ୱକୁ ଅନୁଭବ କରି 'ରେବତୀ' ଏଣିକି ଏ ନୂଆ ବିଭାଗ ଆରମ୍ଭ କରିଛି । ଫିଟ୍‌ନେସ୍ ଏକ୍ସପର୍ଟ ରିନୀତା ପଟ୍ଟନାୟକ ଆପଣମାନଙ୍କୁ କହୁଛନ୍ତି ଶରୀରକୁ ଫିଟ୍ ରଖିବାର ନାନା ଟିପ୍‌ସ୍ ।**

ଆଜିର ଅଧ୍ୟାୟରେ ଆମେ ଆଲୋଚନା କରିବା ମେଦ ବହୁଳତା ବିଷୟରେ । କୌଣସି ବ୍ୟକ୍ତି ମେଦ ବହୁଳତାର ଶିକାର ହୁଅନ୍ତୁ ବା ନ ହୁଅନ୍ତୁ, କିନ୍ତୁ ଏହାର କାରଣ, ପରିଣାମ ଓ ନିରାକରଣ ବିଷୟରେ ଜାଣି ରଖିବା ସମସ୍ତଙ୍କ ପାଇଁ ନିତାନ୍ତ ଆବଶ୍ୟକ । କାରଣ କିଛିକାଂଶରେ ଏହି ରୋଗରେ ଆକ୍ରାନ୍ତ ହେବା ଓ ଧିରେ ଧିରେ ରୋଗ ବଢ଼ି ଚାଲିବାର କାରଣ ହେଉଛି ଆମମାନଙ୍କର ଅସଚେତନତା ଓ ଅସାବଧାନତା ।

ତେଣୁ ସମସ୍ତଙ୍କୁ ଅନୁରୋଧ ଲେଖାଟିକୁ ଏକାଗ୍ରତାର ସହିତ ଶେଷ ପର୍ଯ୍ୟନ୍ତ ପଢ଼ନ୍ତୁ । ମେଦ ବହୁଳତା ବର୍ତ୍ତମାନ ସମୟର ଏକ ଜଣାଶୁଣା ସ୍ୱାସ୍ଥ୍ୟଗତ ସମସ୍ୟା । ଆମ ଦେଶରେ ପିଲା ଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ, ସ୍ତ୍ରୀ, ପୁରୁଷ ପ୍ରାୟତଃ ୫% ଜନସାଧାରଣ ଏହି ରୋଗରେ ଆକ୍ରାନ୍ତ । ଆସନ୍ତୁ ପ୍ରଥମେ ଜାଣିବା, ଏହି ରୋଗରେ ଆକ୍ରାନ୍ତ ହେବାର କାରଣ କଣ ।

### କାରଣ : ଏହି ରୋଗରେ ଆକ୍ରାନ୍ତ ହେବାର ଅନେକ କାରଣ ଥାଏ

(କ)ମାତ୍ରାଧିକ ପରିମାଣର ଖାଦ୍ୟ ଓ ଶାରୀରିକ ପରିଶ୍ରମର ଅଭାବ- ସମୟ ସମୟରେ ଆମେ ଦରକାର ଠାରୁ ଅଧିକ ପରିମାଣର ଖାଦ୍ୟ ଖାଇଥାଉ, ଅଥଚ ସେହି ଅନୁପାତରେ ଶାରୀରିକ ପରିଶ୍ରମ କରି ନଥାଉ, ଯାହାଫଳରେ ଆମେ ଗ୍ରହଣ କରୁଥିବା କ୍ୟାଲୋରୀ ଓ ବ୍ୟବହାର କରୁଥିବା କ୍ୟାଲୋରୀ ମଧ୍ୟରେ ପାର୍ଥକ୍ୟ ଦେଖାଦିଏ । ଏହି ଅବ୍ୟବହୃତ କ୍ୟାଲୋରୀ ହିଁ ମେଦ ବହୁଳତା ବା ମୋଟାପଣର କାରଣ ହୋଇଥାଏ ।

(ଖ) **ଅତ୍ୟଧିକ ଚିନ୍ତା ଓ ଅନିଦ୍ରତା :** ଅନେକ ସମୟରେ ଆମେ ନିଜର ପାରିବାରିକ, ବ୍ୟବସାୟିକ ତଥା ପାରିପାର୍ଶ୍ୱିକ ସମସ୍ୟାକୁ ନେଇ ବିଭିନ୍ନ ପ୍ରକାରର ଚିନ୍ତା ବା ଅବସାଦରେ ଘେରି ହୋଇ ରହିଥାଉ, ଯାହା ଆମ ଜୀବନଶୈଳୀ ଉପରେ ଅନେକ ପ୍ରଭାବ ପକାଇଥାଏ । ଏଥିଯୋଗୁଁ ଆମେ କେବେ କେବେ ଠିକ୍ ଭାବରେ ଖାଦ୍ୟ ଖାଇ ପାରି ନଥାଉ ଓ କେବେ କେବେ ଶୋଇ ବି ପାରିନଥାଉ । ଆଉ ଏସବୁର ପରବର୍ତ୍ତୀ ପରିଣାମ ହୋଇଥାଏ ମେଦ ବହୁଳତା ।

(ଗ) **କୌଣସି ଔଷଧ ସେବନ କରିଥିବା ହେତୁ :** କେବେ କୌଣସି ପ୍ରକାରର ରୋଗ ପାଇଁ ଆମେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହାର ପାର୍ଶ୍ୱ ପ୍ରଭାବ ଯୋଗୁଁ ଶରୀରର ଓଜନ ବଢ଼ିବା ବା ମେଦବହୁଳତା ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଥାଏ ।

(ଘ) **କେତେକ ନିର୍ଦ୍ଦିଷ୍ଟ ରୋଗ ବା ହର୍‌ମୋନ୍ ଇନ୍‌ବାଲାନ୍ସ:** କେତେକ ପ୍ରକାର ରୋଗ ଯାହାକି ଶରୀରର ହର୍‌ମୋନ୍‌କୁ ଇନ୍‌ବାଲାନ୍ସ ବା ଅସନ୍ତୁଳନ କରିଥାଏ ଯଥା: ହାଇପୋଥାଏରଏଡ୍, ପଲିସିଷ୍ଟିକ୍ ଓଭାରି ସିନ୍‌ଡ୍ରମ୍ ଆଦି । ଏହା ଯୋଗୁଁ ହର୍‌ମୋନ୍ ଇନ୍‌ବାଲାନ୍ସ ବା ଅସନ୍ତୁଳନ ଭଳି ସମସ୍ୟା ଉପୁଜିଥାଏ ଓ ଏହା ମେଦ ବହୁଳତାର ଆଉ ଏକ ମୁଖ୍ୟ କାରଣ ।

(ଙ) **ବଂଶଗତ ସ୍ୱାସ୍ଥ୍ୟ ସମସ୍ୟା:** ଅନେକ ସମୟରେ ମେଦ ବହୁଳତା ବଂଶଗତ ମଧ୍ୟ ହୋଇଥାଏ । କେତେକ ଲୋକଙ୍କ କ୍ଷେତ୍ରରେ ସେମାନଙ୍କର ଜିନ୍ ପାଇଁ ସହଜ ହୋଇ ନଥାଏ ଶରୀରର ଓଜନ କମାଇବା ।

ଏସବୁ ବ୍ୟତୀତ ପାରିପାର୍ଶ୍ୱିକ ପରିବେଶ, ପରିସ୍ଥିତି, ନିଶା ସେବନ, ବୟସ ବୃଦ୍ଧି ଓ ଡିପ୍ରେସନ୍ ଇତ୍ୟାଦି ମଧ୍ୟ ମେଦ ବହୁଳତାର କାରଣ ହୋଇଥାଏ ।

ଅଳ୍ପବୟସ୍କ ପିଲାମାନଙ୍କ କ୍ଷେତ୍ରରେ ମଧ୍ୟ ମେଦ ବହୁଳତା ବା ମୋଟାପଣ ଦେଖା ଦେଇଥାଏ ଓ ଏହାର ମୁଖ୍ୟ କାରଣ ଆଜିକାଲିର ଜୀବନଶୈଳୀ । ଯଥା: ନିୟମିତ ଜଙ୍କ୍‌ଫୁଡ୍ ସେବନ, ବିଭିନ୍ନ ପ୍ରକାର ହାନିକାରକ ଅଥଚ ସ୍ୱାଦିଷ୍ଟ ପାନୀୟ ସେବନ, ଅନିୟମିତ ଜୀବନଚର୍ଯ୍ୟା ଇତ୍ୟାଦି । ସମୟ ସମୟରେ ଅଳ୍ପବୟସ୍କ ପିଲାମାନଙ୍କ କ୍ଷେତ୍ରରେ ମେଦ ବହୁଳତାର କାରଣ ବଂଶଗତ ମଧ୍ୟ ହୋଇଥାଏ ।

ମହିଳାମାନଙ୍କ କ୍ଷେତ୍ରରେ ଏହା ଦେଖା ଦେଇଥାଏ କେବେ କେବେ ଗର୍ଭ ଧାରଣ ସମୟରେ ତ କେବେ ପିଲା ଜନ୍ମ ହେବା ପରେ ଓ ବୟସ୍କ ମହିଳାମାନଙ୍କ କ୍ଷେତ୍ରରେ ମାସିକ ରକ୍ତସ୍ରାବ ବନ୍ଦ ହେବା ପରେ ବା ମେନୋପଜ୍ ପରେ ମେଦ ବହୁଳତା ଭଳି ସମସ୍ୟା ବୃଦ୍ଧି ପାଇଥାଏ । ସାଧାରଣ ଜୀବନ ଶୈଳୀରେ ସାମାନ୍ୟ ତାରତମ୍ୟ ଦେଖା ଦେଲେ ଅଥବା ନିୟମିତ ଶୃଙ୍ଖଳିତ ଜୀବନଧାରା ଅବଲମ୍ବନ ନହେଲେ ମେଦ ବହୁଳତାର ଶୀକାର ହେବା ସହିତ ଅନେକ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ । ତେବେ ଆମେ ଆଗାମୀ ସଂଖ୍ୟାରେ ଆଲୋଚନା କରିବା ମେଦ ବହୁଳତାର ପରିଣାମ କ'ଣ, ଏହା କେତେ ଭୟାବହ ହୋଇଥାଏ ଓ ଏହାର ନିରାକରଣ ବିଷୟରେ ।











# ସୃଜନର ଶତ୍ରୁ

ସର୍ଜନଶୀଳ କାର୍ଯ୍ୟରେ ସର୍ବଦା ଆମେ ଅନ୍ୟମାନଙ୍କର ଉତ୍ସାହ ଓ ପ୍ରଶଂସାକୁ ଅପେକ୍ଷା ରଖିଥାଉ । ଲେଖାଲେଖି ଭଳି ଏକ ସଂପୂର୍ଣ୍ଣ ସର୍ଜନାତ୍ମକ କାର୍ଯ୍ୟରେ ଆମେ ଯେଉଁମାନେ ଲିପ୍ତ ରହୁ ଓ ସମୟ ସମୟରେ ଗଳ୍ପ, କବିତା, ଉପନ୍ୟାସ ବା ଅନ୍ୟାନ୍ୟ ଲେଖାମାନ ପରିପ୍ରକାଶ କରୁ, ସେସବୁକୁ ପାଠ କରୁଥିବା ଏକ ବୃହତ୍ ପାଠକଗୋଷ୍ଠୀ ସେସବୁର ମୂଲ୍ୟାୟନ କରିଥାନ୍ତି । ତଦନୁସାରେ ସେମାନଙ୍କର ରାୟ ମଧ୍ୟ ଆମକୁ ଜଣାନ୍ତି । ଅଧିକତର ପାଠକପାଠିକା ପଢ଼ିଥିବା ଲେଖାଟିକୁ ତାରିଫ୍ କରିଥାନ୍ତି । ଲେଖାର ସ୍ରଷ୍ଟାଙ୍କୁ ଫୋନ୍ ମାଧ୍ୟମରେ ହେଉ ଅବା ସାକ୍ଷାତରେ କିମ୍ବା ପତ୍ର ମାଧ୍ୟମରେ ନିଜର ମତଟିକୁ ଉପସ୍ଥାପିତ କରିଥାନ୍ତି । ପାଠକର ଧର୍ମ ନିଭାଇବା ସମୟରେ ପାଠକଟି କଦାଚିତ୍ ବୋଧେ ପଢ଼ିଥିବା ଲେଖାର ସ୍ରଷ୍ଟାଙ୍କୁ ନିଜର ମତ ମାଧ୍ୟମରେ ଦୁଃଖ ଦେବାକୁ ଚାହେଁନାହିଁ । ଅଧିକତର ପାଠକଙ୍କ ମନୋଭାବ ଏୟା ଯେ, କାହିଁକି ଜଣେ ଲେଖକର ମନକୁ ଅଯଥାରେ ଦୁଃଖିତ କରାଇବା ! ଟିକିଏ ପ୍ରଶଂସାରେ ଯଦି ଜଣେ ଖୁସି ହେଉଛି, ନିଜ ଭିତରେ ପ୍ରେରଣା ଅନୁଭବ କରୁଛି, ତେବେ ସେତିକି ପ୍ରଶଂସା କରିଦେଲେ କ୍ଷତି କ'ଣ ? ଏପରି ଭାବନାରେ ଥାଇ ଆମର ଅନେକ ପାଠକପାଠିକା ପଢୁଥିବା ଲେଖାର ସ୍ରଷ୍ଟାଙ୍କୁ କେବଳ ପ୍ରଶଂସା କରିବାର ଦେଖା ଯାଇଥାଏ । ଏହା ଫଳରେ ହୁଏ କ'ଣ ? ଲେଖକଟି ପ୍ରେରଣା ପାଇ ଆଗକୁ ଆଗକୁ ଲେଖି ଚାଲେ । ନିଜ ଲେଖାର ଦୋଷ ଦୁର୍ବଳତା ଲୁଚିଯାଏ, ଏଇ ଅହେତୁକ ପ୍ରଶଂସାବାଣୀ ପଶ୍ଚାତ୍‌ରେ । ସେ ଜାଣିପାରେ ନାହିଁ, ସେ ଯାହା ଲେଖୁଛି ଭଲ ଲେଖୁଛି ତ !

ନିକଟରେ ଏକ ନାଟକ ପୁସ୍ତକର ଅନାବରଣ ଉତ୍ସବକୁ ଶ୍ରୋତା ହୋଇ ଯିବାର ସୁଯୋଗ ମିଳିଥିଲା । ନବପିଢ଼ି ନାରୀ-ନାଟ୍ୟକାର ମୀନାକୁମାରୀ ସାମଲଙ୍କ ରଚିତ ଏଗାର ଖଣ୍ଡ ନାଟକକୁ ନେଇ ରଚିତ ପୁସ୍ତକର ଲୋକାର୍ପଣ ଉତ୍ସବରେ ନିଜେ ଲେଖିକା ତାଙ୍କ ବକ୍ତବ୍ୟରେ କହିଥିବା ଗୋଟିଏ ବାକ୍ୟ ମୋତେ ଗଭୀର ଭାବରେ ରେଖାପାତ କରିଥିଲା । ଜଣେ ନୂଆପିଢ଼ିର ନାଟକ ଲେଖିକା ହୋଇ ମଧ୍ୟ କଥାଟି ସେ ଯାହା କହିଥିଲେ ତା ହେଲା: "ଲେଖାଲେଖି କ୍ଷେତ୍ରରେ ଶତ୍ରୁ ରହିବା ଜରୁରୀ । କାରଣ ଶତ୍ରୁ ହିଁ ଅସଲ ମିତ୍ର । ସେ ତା'ର ସମାଲୋଚନା ମାଧ୍ୟମରେ ଲେଖକକୁ ସଜାଡ଼ିଥାଏ ।" ଏ ପ୍ରକାର ଏକ କଥା ବଡ଼ବଡ଼ ଲେଖକମାନେ ମଧ୍ୟ ନିଜ ଭିତରେ ଥାପନା କରି ପାରିନଥାନ୍ତି, ଯାହା ମୀନାକୁମାରୀ ଭଳି ଜଣେ ନୂଆ ଲେଖିକା ନିଜ ଭିତରେ ଥାପନା କରିସାରିଲେଣି । ଏଇ କାରଣରୁ କଥାଟି ମୋ ଭିତରେ ରେଖାପାତ କରିଥିଲା ।

ସାହିତ୍ୟର ସର୍ଜନାକାରମାନେ ସର୍ବଦା ପ୍ରଶଂସା ପିପାସୁ ହେଲେ ସାହିତ୍ୟର ବିନାଶ ଅବଶ୍ୟମ୍ଭାବୀ- ଏ କଥାକୁ ବୋଧେ ମୋ ସହ ଅନେକେ ମାନିବେ । ଉତ୍ତମ ସାହିତ୍ୟ ସେତେବେଳେ ସମ୍ଭବ, ଯେବେ ସାହିତ୍ୟ ଭିତରେ ସମାଲୋଚନା ଥିବ । 'ସମାଲୋଚନା' ସାହିତ୍ୟର ବାଧକ ନୁହେଁ । ଏହା ସାହିତ୍ୟର ପ୍ରଗତିରେ ଏକ ବୁଷ୍ଟର୍ ପରି କାର୍ଯ୍ୟ କରେ । ମାତ୍ର ଅତ୍ୟନ୍ତ ପରିତାପର କଥା ଯେ, ଆଜିର ସମୟରେ ସମକାଳ ସାହିତ୍ୟ ସତେ ଯେପରି 'ସମାଲୋଚନା' ବହିର୍ଭୂତ ହୋଇ ସାରିଛି । ଓଡ଼ିଆ ସାହିତ୍ୟକୁ ଦେଖିଲେ ବେଶ୍ ବୁଝିହୁଏ ଯେ, ଆଜିର ସମୟରେ ସମାଲୋଚନା କଥାଟି କେତେ ଅଚଳ ହୋଇପଡ଼ିଛି । ଏହାର ଏକମାତ୍ର କାରଣ, ଆମେ ଆଉ ଆମ ଲେଖାର ଦୋଷ ଦୁର୍ବଳତା ଶୁଣିବାକୁ ପ୍ରସ୍ତୁତ ନୋହୁଁ । ଆମର ମାନସିକତା କେବଳ ପ୍ରଶଂସା ଶୁଣିବା ପାଇଁ ପ୍ରସ୍ତୁତ । ସେ ମିଛ ପ୍ରଶଂସା ହେଉ ପଛକେ, ଆମେ ଖୁସି ହେଇଉଠୁ । କିନ୍ତୁ ପରୋକ୍ଷରେ ଏହା ଯେ ସାମୂହିକ ଭାବେ ସାହିତ୍ୟର କେତେ କ୍ଷତି କରେ, ଆମେ କେବେ ଭାବୁନା । ସମାଲୋଚନା ସାହିତ୍ୟ ବୋଲି ଯେଉଁ କଥାଟି କିଛି ଦଶକ ପୂର୍ବ ପର୍ଯ୍ୟନ୍ତ ଏକ ବୃହତ୍ତର ଦିଗ ଥିଲା ଆମ ସାହିତ୍ୟର, ଆଜିର ସମୟରେ ତାହା କେବଳ ଧ୍ୱସ୍ତବିଧ୍ୱସ୍ତ ନୁହେଁ, ଦିଶାହରା ମଧ୍ୟ ।


ମୂଳକଥାକୁ ଫେରିବି । ସୃଜନର ଶତ୍ରୁ କଥାଟି ମୋ ମନକୁ ପୂର୍ବରୁ ବହୁବାର ଆସିଛି । କାରଣ କେବଳ ସାହିତ୍ୟ ନୁହେଁ, ଜୀବନର ପ୍ରତିଟି କ୍ଷେତ୍ରରେ ଶତ୍ରୁର ଏକ ବିଶେଷ ଭୂମିକା ଥାଏ । ଜୀବନଯାତ୍ରାରେ ଯେପରି ଆମେ ବହୁ ବାଧାବିଘ୍ନକୁ ସାମ୍ନା କରିଥାଉ, ଠିକ୍ ସେହିପରି ବହୁ ମିତ୍ରଙ୍କ ପରି ଶତ୍ରୁଙ୍କୁ ମଧ୍ୟ ପାଇଥାଉ । ସ୍ଥଳ ବିଶେଷରେ ଏମାନଙ୍କର ଭୂମିକା ଅନିଷ୍ଟକାରକ ହେଉଥାଇପାରେ, ମାତ୍ର 'ଶୁଦ୍ଧ ଶତ୍ରୁତା'ର ଏକ ବିଶେଷ ଭୂମିକା ରହିଛି- ଏ କଥା ସ୍ୱୀକାର କରିବାକୁ ପଡ଼ିବ । ଶତ୍ରୁ ଅଛି ବୋଲି ତ ଆମେ ସତର୍କ । ଶତ୍ରୁ ଅଛି ବୋଲି ତ ଆମର ଶକ୍ତି ଅଛି । ଶତ୍ରୁ ଅଛି ବୋଲି ତ ଆମେ ଆମର ସାମର୍ଥ୍ୟକୁ ବାରମ୍ବାର ପରୀକ୍ଷା କରାଇବାରେ ତତ୍ପର ଅଛୁ । ଶତ୍ରୁ ଅଛି ବୋଲି ତ ଆମେ ସଜାଗ ଅଛୁ । ସତର୍କ ରହିବା, ସଜାଗ ରହିବା, କ୍ରିୟାଶୀଳ ରହିବା, ଶକ୍ତିଶାଳୀ ହେବା, ସାମର୍ଥ୍ୟବାନ ହେବା, ସଫଳତା ପାଇବା- ଏସବୁ କେବଳ ଶତ୍ରୁ ପାଇଁ ସମ୍ଭବ । ଶତ୍ରୁହୀନ ଜୀବନ, ଜୀବନ ନୁହେଁ । ସେ ବଞ୍ଚିବାର ବି ମୂଲ୍ୟ ନଥାଏ । ସୁତରାଂ, ସାହିତ୍ୟରେ ମଧ୍ୟ 'ଶତ୍ରୁ'ର ଆବିର୍ଭାବ ଅବଶ୍ୟମ୍ଭାବୀ । ଶତ୍ରୁକୁ ସକରାତ୍ମକ ବିଚାରରେ ଗ୍ରହଣ କରି ସର୍ଜନାର ଦିଗନ୍ତକୁ ବିସ୍ତାରିତ କଲେ, ଦିନେନା ଦିନେ ହୃଦ୍‌ବୋଧ ହେବ ଯେ, ଶତ୍ରୁ ହିଁ ପରମ ମିତ୍ର । ଆଉ ମିତ୍ର ଭାବେ ଯେଉଁ ସତ୍ତାଟି ଆମକୁ ଅହରହ ପ୍ରଶଂସାବାଣୀ ଶୁଣାଇ ଶୂନ୍ୟେ ଶୂନ୍ୟ ଅଧିଷ୍ଠିତ କରାଇ ରଖେ, ପ୍ରକୃତରେ ସେ ଆମର ମିତ୍ର ନୁହେଁ । ମିତ୍ରପଣର ମଧୁରତମ ଅନୁଭବ ଯେତେବେଳେ 'ଶତ୍ରୁତା'ର ସମାଲୋଚନାରୁ ଆଘ୍ରାଣ କରିହେବ, ସେତେବେଳେ ଯାଇଁ ଆମେ ବୁଝିବା ଯେ, ଆମ ଭିତରେ ଥିବା ସର୍ଜନ-ସତ୍ତାଟି ଜାଗରିତ ଅଛି । ଅନ୍ୟଥା ଆମେ ମୃତବତ୍ ଏକ ଅର୍ଥହୀନ ସାରସ୍ୱତ ଧାଁଦୌଡ଼ରେ ହିଁ କେବଳ ଅଣନିଃଶ୍ୱାସୀ ହୋଇ ହୃଦୟକୁ ଦୁର୍ବଳ କରୁଥିବା, ଅନ୍ୟ କିଛି ନୁହେଁ ।

ନିଜ ଲେଖାଲେଖିରେ 'ଶତ୍ରୁ' ବୋଲି ଭାବନ୍ତୁ ନାହିଁ ସେହି ବ୍ୟକ୍ତିଟିକୁ, ଯିଏ ଆପଣଙ୍କୁ ଆପଣଙ୍କର ଦୋଷ ଦୁର୍ବଳତା ଦେଖାଇଲା । ସେ ହିଁ ଆପଣଙ୍କୁ ଏକାନ୍ତରେ ଭଲପାଏ । ସେ ହିଁ ଆପଣଙ୍କ ସର୍ଜନାକୁ ଆଦର କରେ । ନହେଲେ ତା'ର କୋଉ ଭାସି ଯାଉଛି, ସେ ସଜାଡ଼ିବ ଆପଣଙ୍କ ସର୍ଜନା ପୃଥିବୀକୁ ! ଥରେ ଗଭୀର ଭାବେ ଚିନ୍ତା କରନ୍ତୁ, ବେଶ୍ ବୁଝି ପାରିବେ । ଲେଖାଟିଏ ପଢ଼ି ଭୁଲ୍‌ତ୍ରୁଟି କହୁଥିବା ବ୍ୟକ୍ତିଙ୍କ ସଂଖ୍ୟା କମ୍ । କାରଣ ସେମାନଙ୍କୁ ଆଦର ମିଳେନା । ସେମାନଙ୍କୁ ଆମେ ସମ୍ମାନ କରୁନା । ପ୍ରକୃତରେ ସେଇମାନେ ହିଁ ଆଦରର ହକ୍‌ଦାର୍ । ସେମାନେ ହିଁ ସମ୍ମାନନୀୟ । ବହୁଳ ସଂଖ୍ୟକ 'ଲାଇକ୍' ବା 'କମେଣ୍ଟ୍' ପାଇ ଯାଉଥିବା ଏ କାଳଖଣ୍ଡରେ ଆମେ ସୋସିଆଲ୍ ମିଡ଼ିଆର ଫାଶରେ ଛନ୍ଦି ହୋଇଛୁ । ତେଣୁ ଆମର ସ୍ୱଭାବ ମଧ୍ୟ 'ବହୁଳତା'କୁ ଆବୋରିଛି । କିନ୍ତୁ ବହୁମତ ସବୁବେଳେ ହୁଏତ ରାଜନୀତିର ପଶାପାଲିକୁ ଓଲଟପାଲଟ କରିଦେଇ ପାରେ । ମାତ୍ର 'ବହୁମତ' ପାଇଥିବା ଏକ ଲେଖା ଯେ କମ୍ ମତ ପାଇଥିବା ଏକ ଲେଖାଠୁଁ ଉତ୍କୃଷ୍ଟ, ଏହା ଭାବିବା ଭୁଲ୍ । ଆଜରି ଫେସ୍‌ବୁକ୍ ଯୁଗରେ ହୁଏତ ଏଇଟା ଏକ ଭେଳିକି, ମାତ୍ର ଯୁଗ ଯୁଗ ଧରି ଏହା ସତ୍ୟ ଯେ, ସଂଖ୍ୟାରୁ ଆକଳନ ହୁଏନା ଉତ୍କର୍ଷତା ।

ସାହିତ୍ୟ ଓ ସୃଜନର ଶତ୍ରୁ ଭାବରେ ସତରେ ଆମ ସାମ୍ନାରେ ଯେଉଁ ବ୍ୟକ୍ତି ଛିଡ଼ା ହୋଇଥାଏ, ସେ ଆମର ମିତ୍ର : ଆସନ୍ତୁ ଏଇ ମନ୍ତ୍ର ନେଇ ସାହିତ୍ୟର ଆରାଧନାରେ ନିଜକୁ ଉତ୍ସର୍ଗ କରିବା ।




HIGHLAND
A Highland Group Entity
HIGHLAND
Highland Ajisen
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
sales@highlandmarine.in, + 91 - 9861201752
www.highlandmarine.in

The REBATI AMA MATIRA SWARA • March 2021 Vol - 3 Issue - 5 • R.N.I. REGD. No. : ODIODI/2018/78444 • Postal Regn. No - Balasore (Orissa)/ 02/2020-2022 • Rs. 50
Total Page : 108

SUPRATIK
Life Style



MULTI FACILITY GYM



SWIMMING POOL



ROOFTOP GARDEN



BANQUET HALL



Contact For Booking
Call : 73810 36677 & 9040021003

SUPRATIK INFRAVENTURES

BRANCH OFFICE :
OT Road, Near Laxmi Narayan Temple, Balasore

Email : contactus@supratikgroup.com
Website : www.supratikgroup.com

Associate editor : **Krushna Kumar Mohanty**

Editor : **Subasini Jena**